
'ବର୍ଡର ୨'
ଆସିଲା ବରୁଣଙ୍କ ଲୁକ୍
▶ପୃଷ୍ଠା ୧୧ ଦେଖନ୍ତୁ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-135 ◆TUESDAY ◆11 NOVEMBER 2025 ◆PAGE-12 ◆₹ 6.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୧୩୫ ◆ମଙ୍ଗଳବାର ◆୧୧ ନଭେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


# ବିସ୍ଫୋରଣରେ ଥରିଲା ଦିଲ୍ଲୀ; ୮ ମୃତ

## ଲାଲ୍‌କିଲ୍ଲା ନିକଟରେ ଭୟଙ୍କର କାର୍ ଧମାକା



■ ନୂଆଦିଲ୍ଲୀ, ୧୦।୧୧ (ଏଜେନ୍ସି): ଆଜି ସନ୍ଧ୍ୟାରେ ଶକ୍ତିଶାଳୀ ବୋମା ବିସ୍ଫୋରଣରେ ଥରହର ହୋଇଛି ଜାତୀୟ ରାଜଧାନୀ ନୂଆଦିଲ୍ଲୀ। ଏହି ବିସ୍ଫୋରଣରେ ୮ ଜଣ ବ୍ୟକ୍ତି ପ୍ରାଣ ହରାଇଛନ୍ତି ଏବଂ ଆହୁରି ୧୭ ଜଣ ବ୍ୟକ୍ତି ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଅନେକଙ୍କ ଅବସ୍ଥା ଗୁରୁତର ରହିଛି। ସେମାନଙ୍କୁ ବିଭିନ୍ନ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଆସନ୍ତାକାଲି ବିହାର ବିଧାନସଭାର ଅନ୍ତିମ ପର୍ଯ୍ୟାୟ ନିର୍ବାଚନ ହେବାକୁ ଯାଉଛି ଏବଂ ସମଗ୍ର ଦେଶବାସୀଙ୍କ ନଜର ବିହାର ଉପରେ ଥିବା ବେଳେ ଦିଲ୍ଲୀରେ ଏଭଳି ବିସ୍ଫୋରଣ ସମଗ୍ର ଦେଶକୁ ସ୍ତବ୍ଧ କରିଦେଇଛି। ତେବେ ଏହି ବିସ୍ଫୋରଣ ପଛରେ କିଏ ଅଛନ୍ତି, ତାହା ଜଣାପଡ଼ି ନାହିଁ। ଦିଲ୍ଲୀ ସମେତ ବିଭିନ୍ନ ସ୍ଥାନରେ ଆତଙ୍କବାଦୀ ଆକ୍ରମଣ ପାଇଁ ଯୋଜନା ଚଳାଇଥିବା ୪ ଜଣ ଡାକ୍ତରଙ୍କ ସମେତ ୮ ଜଣଙ୍କୁ ଗିରଫ କରାଯିବା ପରେ ଏହି ବିସ୍ଫୋରଣ ଘଟିଛି। ବିସ୍ଫୋରଣ ପରେ ଦିଲ୍ଲୀ ସମେତ ମୁମ୍ବଇ, ଚେନ୍ନଇ, ଉତ୍ତରପ୍ରଦେଶ, ହରିଆଣା, ଉତ୍ତରାଖଣ୍ଡ ଏବଂ ମହାରାଷ୍ଟ୍ରରେ ହାଇ ଆଲର୍ଟ ଜାରି କରାଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏକ ଉଚ୍ଚସ୍ତରୀୟ ବୈଠକରେ ପରିସ୍ଥିତିର ସମୀକ୍ଷା କରିଛନ୍ତି। ସୁରକ୍ଷା ଏଜେନ୍ସିଗୁଡ଼ିକୁ ସତର୍କ କରିଦିଆଯାଇଛି। ରାଜଧାନୀ ଦିଲ୍ଲୀର ସୁରକ୍ଷାକୁ କଡ଼ାକଡ଼ି କରିଦିଆଯାଇଛି।

ସୂଚନା ଅନୁଯାୟୀ ଲାଲକିଲ୍ଲା ମେଟ୍ରୋ ଷ୍ଟେସନ୍ ନିକଟସ୍ଥ ଟ୍ରାଫିକ ସିଗନାଲ ୀରେ ଏକ ହୁଣ୍ଡାଇ ଆଇ-୨୦ କାର୍‌ରେ ଆଜି ସନ୍ଧ୍ୟାରେ ବଡ଼ଧରଣର ବିସ୍ଫୋରଣ ହୋଇଥିଲା। ବିସ୍ଫୋରଣ ଯୋଗୁଁ ନିଆଁ ବ୍ୟାପି ଆଖପାଖରେ ଥିବା ଅନ୍ୟ ଗାଡ଼ିକୁ କବଳିତ କରି ନେଇଥିଲା। ଦମକଳ ବାହିନୀ ସେଠାରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ସୁରକ୍ଷାବାହିନୀ, ଏନ୍‌ଆଇଏ ଏବଂ ଫୋରେନ୍‌ସିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ୀଲେ ।ଅଞ୍ଚଳକୁ ସମ୍ପୂର୍ଣ୍ଣ ସିଲ୍ କରି ତଦନ୍ତ ଆରମ୍ଭ କରାଯାଉଛି। ଏ ପର୍ଯ୍ୟନ୍ତ ବିସ୍ଫୋରଣର କାରଣ ଜଣାପଡ଼ି ନାହିଁ। କିନ୍ତୁ ଜମ୍ମୁ-କଶ୍ମୀରରୁ ବିସ୍ଫୋରକ ▶ପୃଷ୍ଠା-୭

ଜଳିଗଲା ୮ଟି କାର୍; ୨୨ଟି ଗାଡ଼ି କ୍ଷତିଗ୍ରସ୍ତ
ଘଟଣାସ୍ଥଳରେ ଏନ୍‌ଆଇଏ, ଏନ୍‌ଏସ୍‌ଜି ଫୋରେନ୍‌ସିକ୍ ଟିମ୍
ହାଇଆଲର୍ଟରେ ଦେଶର ପ୍ରମୁଖ ମେଟ୍ରୋ ସହର



### ସବୁ ଦିଗର ଯାଞ୍ଚ ହେବ: ଶାହା

ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ବିସ୍ଫୋରଣକୁ ନେଇ ଗଭୀର ଶୋକ ପ୍ରକାଶ କରିଛନ୍ତି। ଜୀବନହାନୀର କଷ୍ଟକୁ ଶବ୍ଦର ପ୍ରକାଶ କରିହେବ ନାହିଁ ବୋଲି କହିଛନ୍ତି। ସେ ବିସ୍ଫୋରଣ ସ୍ଥଳକୁ ଗସ୍ତ କରିବା ସହିତ ହସ୍ପିଟାଲ ଯାଇ ଆହତଙ୍କ ସହ କଥା ହୋଇଛନ୍ତି। ପ୍ରମୁଖ ଏଜେନ୍ସିଗୁଡ଼ିକ ମାମଲାର ତଦନ୍ତ ଆରମ୍ଭ କରିଦେଇଛନ୍ତି। ଶାହା ଦିଲ୍ଲୀ ପୁଲିସ ମୁଖ୍ୟ ଏବଂ ସ୍ପେସିଆଲ ବ୍ରାଞ୍ଚର ପ୍ରଭାରୀଙ୍କ ସହ ଆଲୋଚନା କରିଛନ୍ତି। ବିସ୍ଫୋରଣର ପ୍ରତ୍ୟେକ ସମ୍ଭାବନାକୁ ଧ୍ୟାନରେ ରଖି ଯାଞ୍ଚ କରାଯିବ ବୋଲି ଶାହା କହିଛନ୍ତି। ସବୁ ବିକଳ୍ପ ଯାଞ୍ଚ କରାଯିବ ଏବଂ ଫଳାଫଳକୁ ଜନତାଙ୍କ ସାମ୍ନାରେ ରଖାଯିବ।

### ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ମୋହନ ଓ ନବୀନଙ୍କ ଶୋକ

ଦିଲ୍ଲୀ ବିସ୍ଫୋରଣକୁ ନେଇ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଗଭୀର ଶୋକ ପ୍ରକାଶ କରିବା ସହ ମୃତକଙ୍କ ପରିବାର ପ୍ରତି ଗଭୀର ସମବେଦନା ଜଣାଇ ଆହତଙ୍କ ଆଶୁଆରୋଗ୍ୟ କାମନା କରିଛନ୍ତି। ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ଆହତଙ୍କୁ ଅଧିକାରୀମାନେ ସହାୟତା ପ୍ରଦାନ କରୁଛନ୍ତି। ସେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ▶ପୃଷ୍ଠା-୭

## ଆତଙ୍କବାଦର ନୂଆ ଚେହେରା
# ବିସ୍ଫୋରକ, ରାଇଫଲ ସହ ୪ ଡାକ୍ତର ଗିରଫ

■ ନୂଆଦିଲ୍ଲୀ, ୧୦।୧୧ (ଏଜେନ୍ସି): ଏକ ଉଦ୍‌ବେଗଜନକ ଘଟଣା କ୍ରମେ ଆତଙ୍କବାଦୀ ଆକ୍ରମଣ ପାଇଁ ଯୋଜନା ଚଳାଇଥିବା ୪ ଜଣ ଡାକ୍ତର ଧରାପଡ଼ିଛନ୍ତି। ସେମାନଙ୍କ ନିକଟରୁ ୨୯୦୦ କିଲୋ ବିସ୍ଫୋରକ ସହିତ ଏକେ-୪୭ ରାଇଫଲ ଏବଂ କିଛି ବିଷାକ୍ତ ରସାୟନ ସାମଗ୍ରୀ ଜବତ କରାଯାଇଛି। ରାଜଧାନୀ ଦିଲ୍ଲୀ ସମେତ ଉତ୍ତର ଭାରତରେ ବଡ଼ ଧରଣର ଆତଙ୍କବାଦୀ ଆକ୍ରମଣ ପାଇଁ ଚାଲିଥିଲା ଯୋଜନା। ଠିକ୍ ସମୟରେ ପୁଲିସ ସେମାନଙ୍କୁ ଧରିବା ପରେ ଏକ ବଡ଼ ଧରଣର ଆକ୍ରମଣ ଯୋଜନାକୁ ପଣ୍ଡ କରିଦେଇଛି ଜମ୍ମୁ-କଶ୍ମୀର ପୁଲିସ। ଏହି ୪ ଜଣ ଡାକ୍ତରଙ୍କୁ ଜମ୍ମୁ-କଶ୍ମୀର, ଉତ୍ତର ପ୍ରଦେଶ, ହରିଆଣା ଏବଂ ଗୁଜରାଟରୁ ଗିରଫ କରାଯାଇଛି। କଶ୍ମୀର ୀରେ ଧରାପଡ଼ିଥିବା ଜଣେ ଡାକ୍ତରଙ୍କ ସୂଚନା ଆଧାରରେ ପୁଲିସ ବିଭିନ୍ନ ସ୍ଥାନରେ ଚଢ଼ଉ କରି ସେମାନଙ୍କୁ ଗିରଫ କରିଛି। ଗିରଫଙ୍କ ମଧ୍ୟରେ ଉତ୍ତର ପ୍ରଦେଶର ଜଣେ ମହିଳା ଡାକ୍ତର ମଧ୍ୟ ଅଛନ୍ତି। ତାଙ୍କ କାରରେ ରାଇଫଲ ଓ ବିସ୍ଫୋରକ ସାମଗ୍ରୀ ଥିଲା। ଏହି ଘଟଣାରେ ମୋଟ୍ ୮ ଜଣଙ୍କୁ ଗିରଫ କରାଯାଇଥିବା ଜଣାପଡ଼ିଛି। ସେମାନେ ପାକିସ୍ତାନୀ ଆତଙ୍କବାଦୀଙ୍କ ଇସାରାରେ କାମ କରୁଥିଲେ।

ଗିରଫ ଡାକ୍ତରମାନେ ହେଲେ ଆଦିଲ ଅହମଦ, ମୁଜାମ୍ମିଲ ସକିଲ, ସାହିନ ସହିଦ ଓ ଅହମଦ ସୟଦ। ପାକିସ୍ତାନ ସମର୍ଥିତ ଆତଙ୍କବାଦୀ ସଂଗଠନ ଜୈସ-ଇ- ମହମ୍ମଦ ଓ ଗଜବତ-ଅଲ- ହିନ୍ଦ ସହିତ ସେମାନଙ୍କର ସଂପର୍କ ରହିଛି। ଜମ୍ମୁ-କଶ୍ମୀର, ଉତ୍ତର ▶ପୃଷ୍ଠା-୭

ଆକ୍ରମଣ ପାଇଁ ଚାଲିଥିଲା ଯୋଜନା; ପଣ୍ଡ କଲା କଶ୍ମୀର ପୁଲିସ
ଟାର୍ଗେଟରେ ଥିଲା ଦିଲ୍ଲୀ ସମେତ ଉତ୍ତର ଭାରତ



## ବିହାରରେ ବିଧାନସଭା ନିର୍ବାଚନ
# ଶେଷ ପର୍ଯ୍ୟାୟ ମତଦାନ ଆଜି

■ ପାଟନା, ୧୦।୧୧ (ଏଜେନ୍ସି): ବିହାର ନିର୍ବାଚନ ପାଇଁ ମଙ୍ଗଳବାର ଅନ୍ତିମ ପର୍ଯ୍ୟାୟ ମତଦାନ ହେବାକୁ ଯାଉଛି। ସକାଳ ୭ଟାରୁ ଏହି ମତଦାନ ପ୍ରକ୍ରିୟା ଆରମ୍ଭ ହୋଇ ସନ୍ଧ୍ୟା ୫ଟାରେ ଶେଷ ହେବ। ଏହି ପର୍ଯ୍ୟାୟରେ ୨୦ ଜିଲ୍ଲାର ୩.୭ କୋଟି ଭୋଟର ୧୨୨ ଆସନର ପ୍ରାର୍ଥୀଙ୍କ ଭାଗ୍ୟ ସ୍ଥିର କରିବେ। ୨୪୩ ଆସନ ବିଶିଷ୍ଟ ବିହାରରେ କିଏ ପରବର୍ତ୍ତୀ ସରକାର ଗଠନ କରୁଛି ତାହା ଏହି ପର୍ଯ୍ୟାୟ ନିର୍ବାଚନରୁ ସ୍ଥିର ହେବ ବୋଲି କୁହାଯାଉଛି। ଏହି ପର୍ଯ୍ୟାୟରେ ମୋଟ ୧୩୦୨ ପ୍ରାର୍ଥୀ ମୈଦାନକୁ ଓହ୍ଲାଇଛନ୍ତି। ଏମାନଙ୍କ ମଧ୍ୟରେ ୧୩୬ ମହିଳା ସାମିଲ ଅଛନ୍ତି। ଶାନ୍ତିପୂର୍ଣ୍ଣ ନିର୍ବାଚନ କରିବା ପାଇଁ ୪ ଲକ୍ଷରୁ ଊର୍ଦ୍ଧ୍ୱ ସୁରକ୍ଷାବାହିନୀ ନିୟୋଜିତ କରାଯାଇଛି। ୪୫, ୩୯୯ ବୁଥ୍ ପ୍ରତିଷ୍ଠା ହୋଇଛି। ଏହି ପର୍ଯ୍ୟାୟରେ ମୁସଲିମ ବହୁଳ ସୀମାଞ୍ଚଳ ସବୁଠୁ ଗୁରୁତ୍ୱପୂର୍ଣ୍ଣ ନିର୍ବାଚନୀ କ୍ଷେତ୍ର ପାଲଟି ଯାଇଛି। ପୂର୍ଣ୍ଣିଆ, ଅରରିଆ, କଟିହାର ଏବଂ କିଶନଗଞ୍ଜର ୨୪ ▶ପୃଷ୍ଠା-୭

ସୀମାଞ୍ଚଳ ଉପରେ ନଜର
୧୨୨ ଆସନରେ ପ୍ରାର୍ଥୀଙ୍କ ଭାଗ୍ୟ ସ୍ଥିର କରିବେ ୩.୭ କୋଟି ଭୋଟର




### ଆଜି ନୂଆପଡ଼ା ଭୋଟ

■ ନୂଆପଡ଼ା, ୧୦।୧୧ (ସମିସ): ନୂଆପଡ଼ା ଉପନିର୍ବାଚନ ପାଇଁ ଆସନ୍ତାକାଲି ଭୋଟଗ୍ରହଣ ହେବ। ଏଥିପାଇଁ ପ୍ରଶାସନ ପକ୍ଷରୁ ସବୁପ୍ରକାର ପ୍ରସ୍ତୁତି ଶେଷ ହୋଇଛି। ସୋମବାର ସନ୍ଧ୍ୟା ସୁଦ୍ଧା ସମସ୍ତ ପୋଲିଂ ଷ୍ଟେସନରେ ପୋଲିଂ ଟିମ ନିଜ ନିଜ ସ୍ଥାନରେ ପହଞ୍ଚିସାରିଛନ୍ତି। ମତଦାନ ପ୍ରକ୍ରିୟାକୁ ସୁରୁଖୁରରେ ସମ୍ପନ୍ନ କରିବା ପାଇଁ ୧୫୮୪ ଜଣ ପୋଲିଂ କର୍ମଚାରୀ ନିୟୋଜିତ ଥିବାବେଳେ ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ୧୨୩୧ ପୁଲିସ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି। ନୂଆପଡ଼ା ଜିଲ୍ଲାର ଦୁଇଟି ବ୍ଲକ ନୂଆପଡ଼ା ଏବଂ କୋମନା, ଦୁଇଟି ଏନ୍‌ଏସି ଖରିଆରରୋଡ ଏବଂ ନୂଆପଡାରେ ଭୋଟ ଗ୍ରହଣ ହେବ। ଏଥିରେ ମୋଟ ୨ଲକ୍ଷ ୫୪ହଜାର ଭୋଟର ମତଦାନ କରିବେ। ଏଥିରେ ୧ଲକ୍ଷ ୨୪ହଜାର ୫୪୪ଜଣ ପୁରୁଷ ▶ପୃଷ୍ଠା-୭

## ୨୭ରୁ ବିଧାନସଭା ଶୀତ ଅଧିବେଶନ
# ସମ୍ବୋଧିତ କରିବେ ରାଷ୍ଟ୍ରପତି

■ ଭୁବନେଶ୍ୱର, ୧୦।୧୧ (ସମିସ): ଆସନ୍ତା ୨୭ ତାରିଖରୁ ସପ୍ତଦଶ ବିଧାନସଭାର ପଞ୍ଚମ ଅର୍ଥାତ୍ ଶୀତକାଳୀନ ଅଧିବେଶନ ଆରମ୍ଭ ହେବ। ଏନେଇ ବିଧାନସଭା ସଚିବାଳୟ ପକ୍ଷରୁ ବିଧିବଦ୍ଧ କାର୍ଯ୍ୟସାରଣୀ ପ୍ରକାଶ ପାଇଛି। ଅଧିବେଶନର ପ୍ରଥମ ଦିନରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ବିଧାନସଭାକୁ ସମ୍ବୋଧିତ କରିବେ। ▶ପୃଷ୍ଠା-୭



୨୯ଟି କାର୍ଯ୍ୟଦିବସ
୨୮ରେ ଅତିରିକ୍ତ ବଜେଟ ଉପସ୍ଥାପନ

## ସିଇସିଙ୍କ ହସ୍ତକ୍ଷେପ ଲୋଡ଼ିଲେ ନବୀନ
# ନିରବ ଅବଧିରେ ଆଚରଣ ବିଧି ଉଲ୍ଲଙ୍ଘନ

■ ଭୁବନେଶ୍ୱର, ୧୦।୧୧ (ସମିସ): ନୂଆପଡ଼ା ଉପନିର୍ବାଚନରେ ନିର୍ବାଚନ ଆଚରଣ ବିଧିର ଖୋଲା ଉଲ୍ଲଙ୍ଘନ ନେଇ ଗଭୀର ଉଦବେଗ ପ୍ରକାଶ କରିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ଭୋଟଗ୍ରହଣର ୩୬ ଘଣ୍ଟା ପୂର୍ବରୁ ଧାର୍ଯ୍ୟ ସାଇଲେନ୍ସ ପିରିୟଡ (ନିରବ ଅବଧି)ରେ ଏପରି ଅନେକ କାର୍ଯ୍ୟକଳାପ ଦେଖିବାକୁ ମିଳୁଛି, ଯାହା ନିର୍ବାଚନ ଆଚରଣ ବିଧିକୁ ଖୋଲାଖୋଲି ଉଲ୍ଲଙ୍ଘନ କରୁଛି। ପୁଲିସ ଏବଂ ସ୍ଥାନୀୟ ପ୍ରଶାସନ ଶାସକ ଦଳର ସ୍ୱାର୍ଥ ପୂରଣ ଦିଗରେ ପୂରା ଜୋରରେ ଲାଗିପଡ଼ିଛି। ମୁକ୍ତ ଓ ଅବାଧ ନିର୍ବାଚନ ▶ପୃଷ୍ଠା-୭

ବିଶ୍ୱସନୀୟତା ରକ୍ଷା ପାଇଁ ନିଅନ୍ତୁ ତୁରନ୍ତ ପଦକ୍ଷେପ
କଡ଼ାକଡ଼ି ଲାଗୁ ହେଉ ୩୬ ଘଣ୍ଟାର ନିରବ ଅବଧି



## ଅପମିଶ୍ରିତ ତିରୁପତି ଲଡୁ ମାମଲା: ବଡ଼ ସୂଚନା ଦେଲା ସିବିଆଇ
# ନକଲି ଘିଅ ଦେଇଥିଲା ଉତ୍ତରାଖଣ୍ଡ କମ୍ପାନୀ

■ ତିରୁପତି, ୧୦।୧୧ (ଏଜେନ୍ସି): ତିରୁମାଲା ତିରୁପତି ଦେବସ୍ଥାନମ (ଟିଟିଡି)ରେ ଅପମିଶ୍ରିତ ପ୍ରସାଦ ମାମଲାକୁ ନେଇ ଚାଞ୍ଚଲ୍ୟକର ସୂଚନା ସାମ୍ନାକୁ ଆସିଛି। ମନ୍ଦିରକୁ ଘିଅ ଯୋଗାଣ କରୁଥିବା ଉତ୍ତରାଖଣ୍ଡ ଡାଏରୀ କମ୍ପାନୀର କଳାକାରନାମାର ଗୁମର ଖୋଲି ଯାଇଛି। ଏହି କମ୍ପାନୀ ୨୦୧୯ରୁ ୨୦୨୪ ମଧ୍ୟରେ ୬୮ ଲକ୍ଷ କେଜି ଅପମିଶ୍ରିତ ଘିଅ ମନ୍ଦିରକୁ ଯୋଗାଣ କରିଥିଲା। ଏହି ବାବଦରୁ ୨୫୦ କୋଟି ଟଙ୍କା ଲାଭ କରିଥିଲା। ସିବିଆଇ ଏବଂ ଆନ୍ଧ୍ର ପ୍ରଦେଶ ଖାଦ୍ୟ ସୁରକ୍ଷା ବିଭାଗ ପକ୍ଷରୁ ହୋଇଥିବା ଯାଞ୍ଚରୁ ଏହା ଜଣାପଡ଼ିଛି।

ଯାଞ୍ଚ ରିପୋର୍ଟ ଅନୁଯାୟୀ ଏହି ଘିଅ ଯୋଗାଣ କରୁଥିବା ଡାଏରୀ କମ୍ପାନୀର ସବୁ କାଗଜପତ୍ର ନକଲି ଥିଲା। ଏହି କମ୍ପାନୀ କେବେ ବି କ୍ଷୀର ଏବଂ ▶ପୃଷ୍ଠା-୭



୬୮ ଲକ୍ଷ କେଜି ଘିଅ ବିକି ଆୟ କରିଥିଲା ୨୫୦ କୋଟି ଟଙ୍କା
ନକଲି ଥିଲା କମ୍ପାନୀର ସବୁ କାଗଜପତ୍ର
ଧରାପଡ଼ିବା ସତ୍ତ୍ୱେ ନୂଆ କମ୍ପାନୀ ଗଠନ କରି ଚାଲିଥିଲା ଯୋଗାଣ

# ବିରାଦରୀ ପ୍ରୀତି: ବରିଷ୍ଠ ସୁରକ୍ଷିତ; କନିଷ୍ଠଙ୍କୁ ବଳି

■ ଭୁବନେଶ୍ୱର, ୧୦।୧୧ (ସମିସ): ଅପରେସନ ସିନ୍ଦୂର ପରେ ପୁରୀରେ ମହାପ୍ରଭୁଙ୍କ ରଥଯାତ୍ରା ଥିଲା ଦେଶର ସବୁଠାରୁ ବଡ଼ ଧାର୍ମିକ ଉତ୍ସବ। ରଥଯାତ୍ରାରେ ୧୫ ଲକ୍ଷ ଲୋକଙ୍କ ସମାଗମ ହେବା ଆକଳନ ହୋଇଥିଲା ଓ ଏହାକୁ କୃତ୍ରିମ ବୁଦ୍ଧିମତ୍ତା (ଏଆଇ) କ୍ୟାମେରାରେ ପରିଚାଳନା ପାଇଁ ସରକାର ଯୋଜନା କରିଥିଲେ। ତୁହାକୁ ତୁହା ବୈଠକ ବସିଲା, ସରକାର ଘନଘନ ବିବୃତି ଦେଲେ। ମୁଖ୍ୟମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀ, ଆଇନମନ୍ତ୍ରୀ ଠାରୁ ଆରମ୍ଭ କରି ପୁଲିସ ଡ଼ିଜିଙ୍କ ପର୍ଯ୍ୟନ୍ତ ରଥଯାତ୍ରାକୁ ଐତିହାସିକ କରାଯିବ ବୋଲି ଘୋଷଣା କଲେ। ସତରେ ଚଳିତ ବର୍ଷ ରଥଯାତ୍ରା ଐତିହାସିକ ହେଲା। ରଥଯାତ୍ରା ଦିନ ମହାପ୍ରଭୁ ଜଗନ୍ନାଥଙ୍କ ରଥ ଗଡ଼ିଲା ନାହିଁ। କେବଳ ବିଧି ଦୃଷ୍ଟିରୁ ରାତିରେ ଆଲୁଅ ଲଗାଇ କେଇ ହାତ ରଥ ଟଣାଗଲା। ରଥଯାତ୍ରାରେ ଠେଲାପେଲାରେ ଶହଶହ ଭକ୍ତ ଆହତ ହେଲେ; ଦଳାଚକଟାରେ ୩ ଜଣଙ୍କ ମୃତ୍ୟୁ ହେଲା। ସରକାର ଉନ୍ନୟନ କମିଶନରଙ୍କୁ ଘଟଣାର ତଦନ୍ତ ନିମନ୍ତେ ନିର୍ଦ୍ଦେଶ ଦେଲେ ଓ ତଦନ୍ତ ରିପୋର୍ଟ ଆଧାରରେ ୭ ଜଣ କନିଷ୍ଠ ପୁଲିସ କର୍ମଚାରୀଙ୍କୁ ଦାୟୀ କରି କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ ଦେଲେ। ରଥଯାତ୍ରା ପରିଚାଳନା ପାଇଁ ▶ପୃଷ୍ଠା-୭

ସିସିଟିଭି ଲଗାଇବା ଦାୟିତ୍ୱରେ ଥିବା ପୁଲିସ ଏଡିଜିଙ୍କୁ କାହିଁକି ଅନୁକମ୍ପା

ରଥଯାତ୍ରା ମହାବିଭ୍ରାଟ
ଲୋକ ମଲେ ବାବୁଙ୍କର କି ଯାଏ?

୫ ମେଗାପିକ୍ସଲ ପରିବର୍ତ୍ତେ କାହିଁକି ଲାଗିଲା ୨ ମେଗାପିକ୍ସଲ କ୍ୟାମେରା
୨୮୨ ବଦଳରେ ୧୭୦ଟି କ୍ୟାମେରା ଲଗାଇବା ପଛରେ କାହା ହାତ
ସିସିଟିଭି ଲଗାଇବା ନିମନ୍ତେ ସମ୍ପୃକ୍ତ ଠିକା ସଂସ୍ଥାକୁ କାହିଁକି ବଛାଗଲା
ଠିକା ସଂସ୍ଥା ବାଛିଥିବା ତତ୍କାଳୀନ ଏଡିଜି (ମୁଖ୍ୟାଳୟ)ଙ୍କ ଭୂମିକାକୁ ନେଇ ପ୍ରଶ୍ନ
୨୦ ଆଇପିଏସ୍, ୪୫୦ ଓପିଏସ୍ ପାହ୍ୟା ଅଧିକାରୀ କ'ଣ ଦୋଷମୁକ୍ତ
ରିପୋର୍ଟରେ ଶ୍ରୀମନ୍ଦିର ପ୍ରଶାସନର ଭୂମିକାକୁ ନେଇ ରହସ୍ୟମୟ ନିରବତା



ଅଭିଯୋଗ ଶୁଣାଣି ଓ ସମାଧାନ ଶିବିର

# ଲୋକଙ୍କ ଅଭିଯୋଗ ଶୁଣିଲେ ଜିଲ୍ଲାପାଳ, ଏସ୍‌ପି

**ଲାଞ୍ଜିଗଡ଼, ୧୦ ।୧୧(ସମିସ)**



ଲାଞ୍ଜିଗଡ଼ ବ୍ଲକ ମୁଖ୍ୟାଳୟ ବିଶ୍ୱନାଥପୁରସ୍ଥିତ ବ୍ଲକ ସମ୍ମିଳନୀ କକ୍ଷରେ ଆଜି କଳାହାଣ୍ଡି ଜିଲ୍ଲାପାଳ ଓ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ସଚିନ ପାୱାର ପ୍ରକାଶ, ଜିଲ୍ଲା ଆରକ୍ଷୀ ଅଧିକ୍ଷକ ନାଗରାଜ ଦେବରକୋଣ୍ଡା ଯୋଗଦେଇ ଲୋକଙ୍କ ଅଭିଯୋଗର ଶୁଣାଣି କରିଥିଲେ । ଏଥିରେ ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ତଥା ନୂତନ ଲାଞ୍ଜିଗଡ଼ ବିଡିଓ ଭାବେ ଦାୟିତ୍ୱ ନେଇଥିବା ଅନିମେଶ ପ୍ରଧାନ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଦୟାମୟ ପାଢ଼ୀ, ଅତିରିକ୍ତ ମୁଖ୍ୟ ଉନ୍ନୟନ ଅଧିକାରୀ ଦୁର୍ଯ୍ୟୋଧନ ଭୋଇ, ଜିଲ୍ଲା ଶିକ୍ଷାଧିକାରୀ ରାଧାକାନ୍ତ ଛତ୍ରୀ, ସମ୍ପୃକ୍ତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ପ୍ରଦ୍ୟୁମ୍ନ ଦାସ, କେସିଙ୍ଗା ଉପଖଣ୍ଡ ପୁଲିସ ଅଧିକାରୀ ସମ୍ବିତ କୁମାର ମାଝୀଙ୍କ ସହିତ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ଯୋଗଦେଇ ଥିଲେ । ସେହିପରି ଲାଞ୍ଜିଗଡ଼ ବ୍ଲକ ଅଧ୍ୟକ୍ଷା କମଳା ପାତ୍ର, ଉପାଧ୍ୟକ୍ଷ ସଞ୍ଜୀବ କୁମାର ନାୟକ, ବିଡିଓ ଶଶାଙ୍କ ପାତ୍ର, ତହସିଲଦାର ବନମାଳୀ ମେହେର, ସହକାରୀ ନିର୍ବାହୀ ଅଧିକାରୀ ସୁବାସ ବେହେରା, ବ୍ଲକ ଯୋଗାଣ ଅଧିକାରୀ ଦିଲୀପ ନାୟକଙ୍କ ସହିତ ସମସ୍ତ ବ୍ଲକସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ । ଏହି ଅବସରରେ ଲୋକେ ବ୍ଲକର ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟଜଳ, ଗମନାଗମନ, ଟେଲିସେବା, ଭତ୍ତା, ଆବାସ ଯୋଜନା ସମ୍ପର୍କିତ ବିଭିନ୍ନ ଅଭିଯୋଗ ଦାଖଲ କରିଥିଲେ । ବ୍ଲକ ଅଞ୍ଚଳର ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ଅନିୟମିତତା, ବିଳମ୍ବିତ କାର୍ଯ୍ୟ, ରକ୍ଷଣାବେକ୍ଷଣରେ ଅବହେଳା ସମ୍ପର୍କରେ ଅଭିଯୋଗ ହୋଇଥିଲା । ଗ୍ରାମାଞ୍ଚଳରେ ଦେଶୀ ଓ ବିଦେଶୀ ମଦ କୁଟୀରଶିଳ୍ପ ପାଲଟିଥିବା ନେଇ ଲୋକେ ଅଭିଯୋଗ କରିଥିଲେ । ସେହିପରି କାର୍ଯ୍ୟକ୍ଷେତ୍ରରେ ସାମ୍ବାଦିକଙ୍କୁ ସୁରକ୍ଷା ଯୋଗାଇଦେବା ଓ ପୁଲିସ-ଗଣମାଧ୍ୟମ ପ୍ରତିନିଧିଙ୍କ ମଧ୍ୟରେ ଉତ୍ତମ ସମ୍ପର୍କ ରକ୍ଷା କରିବା ଉପରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା । ସାମ୍ବାଦିକ କୈଳାସ ସାହୁ ଓ ସୁଶୀଳ କୁମାର ବାଗଙ୍କ ନେତୃତ୍ୱରେ ସାମ୍ବାଦିକମାନେ ତାଙ୍କୁ ସାକ୍ଷାତ କରି ଏ ସମ୍ପର୍କରେ ଆଲୋଚନା କରିଥିଲେ । ଶିବିରରେ ୨୬ଟି ପଞ୍ଚାୟତରୁ ୧୦୭ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା । ସେଥିମଧ୍ୟରୁ ୮୧ ବ୍ୟକ୍ତିଗତ, ୨୪ଟି ସାମୂହିକ, ହୋଇଥିବା ବେଳେ ୧୮ଟି ଅଭିଯୋଗର ସମାଧାନ ହୋଇଥିଲା ।

## ମୁକ୍ତିଲାଭ ହେଲା ସମ୍ବଲପୁରୀ ଗୀତ 'ସୁଇଟ୍ ଭାଞ୍ଜି'

**ଲାଞ୍ଜିଗଡ଼, ୧୦ ।୧୧(ସମିସ):** ସମ୍ବଲପୁରୀ ସଙ୍ଗୀତ ଜଗତରେ ପ୍ରଥମ ଥର ପାଇଁ ଭାଣିଜି ମାନଙ୍କ ପାଇଁ ଗୀତ ଟିଏ ହୋଇଛି । ଏହି ଗୀତକୁ ଲେଖିଛନ୍ତି କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ଗୋବର୍ଦ୍ଧନପୁର ପଞ୍ଚାୟତ ସ୍ଥିତ ପାଣିମୁଣ୍ଡା ଗାଁର ସନ୍ୟାସୀ ଠେଲାଙ୍କ ପୁଅ ବି.ଥୟରାମ୍ ଠେଲା । ଏହି ଗୀତରେ ବଲାଙ୍ଗିର ସିକୁଆଁର ବି.କାର୍ତ୍ତିକ କଣ୍ଠଦାନ କରିଥିବାବେଳେ ଏଥିରେ ମ୍ୟୁଜିକ୍ ନିର୍ଦ୍ଦେଶନା ଦେଇଛନ୍ତି ହମିତ୍ ସାଗର ଓ ବି.କାର୍ତ୍ତିକ ଗୀତକୁ ପ୍ରଯୋଜନା କରିଛନ୍ତି ଟି.ବିଜୟ ଠେଲା ଓ ସୀମା ଠେଲା । ଗୀତଟି ତୃପ୍ତିମୟୀ ମ୍ୟୁଜିକ୍ ୟୁଟ୍ୟୁବ୍ ଚ୍ୟାନାଲରେ ଶୁଭମୁକ୍ତି ହୋଇଛି । ସମ୍ବଲପୁରୀ ଜଗତରେ ପ୍ରଥମ ଥର ପାଇଁ ମାମୁଁ ନିଜ ଭାଣିଜିକୁ କେତେ ଆଦର କରନ୍ତି ତାହାକୁ ନେଇଁ ବର୍ଣ୍ଣନା କରି ବି.ଥୟରାମ ଠେଲା ଅତି ସୁନ୍ଦର ଭାବେ ଗୀତ ଲେଖିଥିବା ବେଳେ ପୂର୍ବରୁ ସେ ଆଉ ଏକ 'ଲାଗିଗଲା ପ୍ରେମକେ' ନଜର ଗୀତ ଲେଖି ସୁପରିଚିତ ହୋଇ ଖୁସି ସାଉଁଟିଛନ୍ତି ।

## 'ସର୍ବୋତ୍ତମ ପ୍ରତିଭା ସମ୍ମାନ' ପାଇଲେ ସୁରେଶ ଚୌଧୁରୀ

**କର୍ଲାମୁଣ୍ଡା, ୧୦ ।୧୧(ସମିସ):** ଜଗତସିଂହପୁରସ୍ଥିତ ସଂସ୍କୃତି ଭବନ ଠାରେ ଅନୁଷ୍ଠିତ ଉତ୍କଳ କେଶରୀ ହରେକୃଷ୍ଣ ମହତାବଙ୍କ ଜନ୍ମତିଥି ପାଳନ ଅବସରରେ କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ ଜୋନ୍-୨ ର ଜିଲ୍ଲା ପରିଷଦ ସଦସ୍ୟ ତଥା କଳାହାଣ୍ଡି ଦିବ୍ୟାଙ୍ଗ ମଞ୍ଚର ସଭାପତି ସୁରେଶ ଚୌଧୁରୀଙ୍କୁ ସର୍ବୋତ୍ତମ ପ୍ରତିଭା ସମ୍ମାନରେ ସମ୍ମାନିତ କରାଯାଇଛି । ସ୍ୱେଚ୍ଛାସେବୀ ଅନୁଷ୍ଠାନ ସର୍ବୋତ୍ତମ ସୋସିଆଲ ଅର୍ଗାନାଇଜେସନ ଏବଂ କେନ୍ଦ୍ର ସଂସ୍କୃତି ବିଭାଗ ସହଯୋଗର ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପୂର୍ବତନ ଭୁବନେଶ୍ୱର ସାଂସଦ ଡ. ପ୍ରଶନ୍ନ ପାଟଶାଣି ଉପସ୍ଥିତ ରହି ଶ୍ରୀ ଚୌଧୁରୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ ।



## ପ୍ରଥମ ଶମ୍ଭୁ ମେମୋରିଆଲ ଦିବାରାତ୍ର ଅନ୍ତଃଜିଲ୍ଲା କ୍ରିକେଟ ପ୍ରତିଯୋଗିତା

**ଭବାନୀପାଟଣା, ୧୦ ।୧୧(ସମିସ):** କ୍ରିକେଟ୍ କ୍ଲବ 'ଅଲ ଷ୍ଟାର କ୍ରିକେଟ କ୍ଲବ' ଆୟୋଜିତ ପ୍ରଥମ ଶମ୍ଭୁ ମେମୋରିଆଲ ଦିବାରାତ୍ର ଅନ୍ତଃଜିଲ୍ଲା କ୍ରିକେଟ ପ୍ରତିଯୋଗିତା ସ୍ଥାନୀୟ ଲାଲ ବହାଦୁର ଶାସ୍ତ୍ରୀ ଖେଳ ପଡ଼ିଆଠାରେ ଉଦ୍‌ଘାଟିତ ହୋଇଯାଇଛି । ବିରାଟ ଶୋଭାଯାତ୍ରାରେ ଘୁମୁରା ଏବଂ ପ୍ରତିଯୋଗିତାର ବିଜେତା ଓ ଉପବିଜେତା କପ୍ ରଖାଯାଇଥିବା ଏକଗାଡ଼ି ସହ ଆୟୋଜକ ଦଳର ସମସ୍ତ



କର୍ମକର୍ତ୍ତାଙ୍କ ସହ ମା' ମାଣିକେଶ୍ୱରୀଙ୍କ ମନ୍ଦିରରୁ ମଶାଲ ରାଲି ସହ ଷ୍ଟାଚ୍ୟୁ ଛକ, ମାଣିକେଶ୍ୱରୀ ଛକଦେଇ ଲାଲ ବହାଦୁର ଶାସ୍ତ୍ରୀ ଖେଳ ପଡ଼ିଆ ଠାରେ ପହଞ୍ଚିଥିଲେ । ଏହି ରାଲିରେ ଆୟୋଜକ ଦଳର ସଭାପତି କୁନାଲ ବେହେରା, ସମ୍ପାଦକ ପ୍ରଶାନ୍ତ ମିଶ୍ର, ଉପସଭାପତି ନିହାର ମିଶ୍ର, କଳାହାଣ୍ଡି ବ୍ୟାଡମିଣ୍ଟନ ସଂଘର ସଭାପତି ପ୍ରଦୀପ କୁମାର ଦାସ, ଯୁବ ସମାଜସେବୀ ଚିତ୍ତରଞ୍ଜନ ପାତ୍ର ଏବଂ ଶୈଳେଶ କୁମାରଙ୍କ ସମେତ ଆୟୋଜକ ଦଳର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ । ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବରେ କଳାହାଣ୍ଡି ମହାରାଜା ଅନନ୍ତ ପ୍ରତାପ ଦେଓ ଉପସ୍ଥିତ ରହିଥିବାବେଳେ ସମ୍ମାନିତ ଅତିଥି ଭାବରେ ଜିଲ୍ଲା କ୍ରୀଡ଼ା ଅଧିକାରୀ ରମେଶ ଚନ୍ଦ୍ର ପାଢ଼ୀ, ପ୍ରଗତି ଶିକ୍ଷା ଅନୁଷ୍ଠାନର ଅଧ୍ୟକ୍ଷ ଅଜୟ ପଣ୍ଡା ଏବଂ କଳାହାଣ୍ଡି ବ୍ୟାଡ଼ମିଣ୍ଟନ ସଂଘର ସଭାପତି ପ୍ରଦୀପ କୁମାର ଦାସ ମଞ୍ଚାସୀନ ଥିଲେ । ସୁଧାଂଶୁ ନାଏକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ଓ ସ୍ୱର୍ଗତ ଶମ୍ଭୁ ଚନ୍ଦନଙ୍କ ଧର୍ମପତ୍ନୀଙ୍କ ଦ୍ୱାରା ମୁଖ୍ୟ ଅତିଥି କଳାହାଣ୍ଡି ମହାରାଜାଙ୍କ ଅନୁମୋଦନ କ୍ରମେ ସମ୍ମାନିତ ଅତିଥିମାନଙ୍କ ଉପସ୍ଥିତିରେ ପ୍ରତିଯୋଗିତାଟିକୁ ଉଦ୍‌ଘାଟନ କରାଯାଇଥିଲା । ମଞ୍ଚରେ ଉପସ୍ଥିତି ସମସ୍ତ ଅତିଥି ସ୍ୱର୍ଗତ ଶମ୍ଭୁ ଚନ୍ଦନଙ୍କ ଅମର ଆତ୍ମା ପାଇଁ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା । ଉଦ୍‌ଘାଟନୀ ଦିବସର ପ୍ରଥମ ମ୍ୟାଚରେ ସନସାଇନ କ୍ରିକେଟ କ୍ଲବ୍ ଏବଂ କଳାହାଣ୍ଡି ଟାଇଗର ମଧ୍ୟରେ ପ୍ରତିଯୋଗିତା ହୋଇଥିବାବେଳେ ଦ୍ୱିତୀୟ ମ୍ୟାଚରେ ୟୁନିକ ୧୧, ମଦନପୁର ରାମପୁର ଏବଂ କ ବ୍ଲାଷ୍ଟର ରାୟଗଡ଼ା ମଧ୍ୟରେ ପ୍ରତିଯୋଗିତା ହୋଇଥିଲା ଓ ଆଗାମୀ ସେମିଫାଇନାଲ ଏବଂ ଫାଇନାଲ ମ୍ୟାଚ ଆସନ୍ତା ୧୬ ତାରିଖରୁ ୧୮ ତାରିଖ ପର୍ଯ୍ୟନ୍ତ ରାତ୍ର ସମୟରେ ହେବ । ଆୟୋଜକ ଦଳର ଅନ୍ୟମାନଙ୍କ ମଧ୍ୟରୁ ସମ୍ପାଦକ ପ୍ରଶାନ୍ତ ମିଶ୍ର, କୋଷାଧ୍ୟକ୍ଷ ମୋହିତ ପଣ୍ଡା, ଯୁଗ୍ମ ସମ୍ପାଦକ ପିଣ୍ଟୁ ମିଶ୍ର, ସେଖ ଅର୍ସଦ, ସମ୍ବିତ ବେହେରା, ମାନସ ବଡ଼ଜେନା, ଚିତ୍ତରଞ୍ଜନ ବେହେରା, ମନୋଜ ସିଂ, ସତୀଶ ବେହେରା, ନିଲୁ ପଣ୍ଡା, ଆଦିଲ, ରବୀନ୍ଦ୍ର, ମୁନା, ବୁଟ, ସାଗର, ସୋନୁ, ଶିବ, ଜିମୁତ, ବାପି, ରାଜେଶ, ଲିଙ୍ଗ, ସନ୍ତୋଷ, ବଣ୍ଟି, ଅଶୋକ ଏବଂ ଅନ୍ୟାନ୍ୟ ସଦସ୍ୟଗଣ ସହଯୋଗ କରିଥିଲେ ।

ଅସାମାଜିକ ବ୍ୟକ୍ତିଙ୍କ ଆଡ୍ଡାସ୍ଥଳ ପାଲଟିଛି ସ୍କୁଲ ପରିସର

## ଶୀଘ୍ର ଫାଟକ ଲଗାଇବାକୁ ଗ୍ରାମବାସୀଙ୍କ ଦାବି

**କେସିଙ୍ଗା, ୧୦ ।୧୧(ସମିସ):** କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ଲକ କିକିଆ କ୍ଲଷ୍ଟର କୁଣ୍ଡାବନ୍ଧ ସରକାରୀ ପ୍ରାଥମିକ



ବିଦ୍ୟାଳୟରେ ମୁଖ୍ୟ ଗେଟ ନାହିଁ । ଫଳରେ ମୁଖ୍ୟ ଗେଟ ନ ଥିବା ଯୋଗୁଁ ସନ୍ଧ୍ୟା ହେଲେ ଅସାମାଜିକ ବ୍ୟକ୍ତିଙ୍କ ମଦ ମାଂସର ଆସର ଜମୁଥିବାର ଗ୍ରାମବାସୀ ଅଭିଯୋଗ କରିଛନ୍ତି । ସମୟ ବିଭିନ୍ନ ସମୟରେ ପାଠପଢ଼ା ଚାଲିଥିବାବେଳେ ମଦ୍ୟପମାନେ ସ୍କୁଲ ପରିସରକୁ ଚାଲି ଆସୁଛନ୍ତି । ସୂଚନା ଥାଉକି ଏହି ସ୍କୁଲ ନିର୍ମାଣ ହୋଇ ଦୀର୍ଘ ବର୍ଷ ହୋଉଥିଲେ ସୁଦ୍ଧା ଆଜିପର୍ଯ୍ୟନ୍ତ ସ୍କୁଲ ମୁଖ୍ୟ ଗେଟ ଲାଗିପାରି ନାହିଁ । ତେଣୁ ଅଞ୍ଚଳବାସୀଙ୍କ ମଧ୍ୟରେ ଦିନକୁ ଦିନ ଅସନ୍ତୋଷ ବଢ଼ିବାରେ ଲାଗିଛି । ଯଥାଶୀଘ୍ର ବିଦ୍ୟାଳୟର ମୁଖ୍ୟଗେଟ ଲଗାଇବା ପାଇଁ ଗ୍ରାମବାସୀ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ନିକଟରେ ଦାବି କରିଛନ୍ତି ।

## କୁମ୍ଭାର ସମାଜର ନୂତନ କର୍ମକର୍ତ୍ତା ନିର୍ବାଚିତ



**କର୍ଲାମୁଣ୍ଡା, ୧୦ ।୧୧(ସମିସ):** କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ ଅଧୀନ ତେରେସିଂହା ଗ୍ରାମର କୁମ୍ଭାର (କୁରାଳ) ସମାଜର ନୂତନ କର୍ମକର୍ତ୍ତା ନିର୍ବାଚନ ହୋଇଯାଇଛି । ଏଥିରେ ଗ୍ରାମ୍ୟ କୁମ୍ଭାର ସମାଜର ଉପସଭାପତି ଭୁବନେ ରଣା ସଭାପତିତ୍ୱ କରିଥିଲେ ଓ ଉକ୍ତ ସଭାରେ ଅତିଥି ଭାବେ କର୍ଲାମୁଣ୍ଡା ବ୍ଲକ ସଭାପତି ମୁରଲୀଧର ରଣା ଯୋଗଦେଇ ଥିଲେ । ଅନୁଷ୍ଠିତ ସଭାରେ ସର୍ବସମ୍ମତିକ୍ରମେ ସମାଜର ନୂତନ ସଭାପତି ଭାବେ ଚର୍ତୁଭୁଜ ରଣା, ଉପସଭାପତି ପର୍ଶୁରାମ ରଣା, ସମ୍ପାଦକ ମନୋଜ ରଣା, ସହସମ୍ପାଦକ ସୁଶାନ୍ତ ରଣା ଓ କୋଷାଧ୍ୟକ୍ଷ ଭାବେ ଜନକ ରଣା ମନୋନୀତ ହୋଇଛନ୍ତି । ଏଥିରେ କୁମ୍ଭାର ସମାଜର ଲତାବନ ରଣା, ତ୍ରିନାଥ ରଣା, କୃଷ୍ଣଚନ୍ଦ୍ର ରଣା, ଗୌରାଙ୍ଗ ରଣା, ଗୌରଚନ୍ଦ୍ର ରଣା, ରୋହିତ ରଣା, ଦେବେନ୍ଦ୍ର ରଣା, ବୁଲୁ ରଣା, କଣ୍ଠରଣା, ଟଙ୍କଧର ରଣା, ଦୁର୍ବାସା ରଣା, ସରୋଜ ରଣା, ରଶ୍ମୀରଞ୍ଜନ ରଣା, ରଙ୍ଗାଧର ରଣା, ପୁରନ୍ଦର ରଣା, ତପନ ରଣା, ଟିକେରାମ ରଣା, ପିତାମ୍ବର ରଣା, ଅଚ୍ୟୁତ ରଣା, ଶିବ ରଣାଙ୍କ ସମେତ ଅନେକ ସଦସ୍ୟ ଯୋଗଦେଇ ଥିଲେ ।

## ବାଞ୍ଜିପଦରରେ କ୍ଷେତ୍ର ଦିବସ ପାଳିତ

**କର୍ଲାମୁଣ୍ଡା, ୧୦ ।୧୧(ସମିସ):** କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ ଶ୍ରୀଅନ୍ନ ଅଭିଯାନ ପ୍ରକଳ୍ପର କାର୍ଯ୍ୟକାରୀ ସଂସ୍ଥା ଇଣ୍ଡୋ ଗ୍ଲୋବାଲ ସୋସିଆଲ ସର୍ଭିସ ଷୋସାଇଟି ଓ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପକ୍ଷରୁ ରାଜପୁର ପଞ୍ଚାୟତ ବାଞ୍ଜିପଦରଠାରେ ସୋମବାର କ୍ଷେତ୍ର ଦିବସ ପାଳନ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ କର୍ଲାମୁଣ୍ଡା କ.ଜୋନ ଜିଲ୍ଲା ପରିଷଦ ସଭ୍ୟ ମହେନ୍ଦ୍ର ରଣା, ସମ୍ମାନିତ ଅତିଥି ଭାବେ କୃଷି ବିଭାଗ ଭାରପ୍ରାପ୍ତ ଓଭରସିଅର ଲୋକନାଥ ନାଗ, ମାଣ୍ଡିଆଚାଷୀ ବଇଦାର ରଣା, ଜୟଦ୍ରଥ ରଣା, ଜଗଦୀଶ ପ୍ରସାଦ ରଣା, ପ୍ରଦୀପ କୁମାର ସାହୁ ପ୍ରମୁଖ ଯୋଗଦେଇ ଥିଲେ । ଶ୍ରୀଅନ୍ନ ଅଭିଯାନ ପ୍ରକଳ୍ପ ର ସିଆରପି ଭାନୁମତି ପ୍ରଧାନ, ଧୁରାବନ ବାଗ, ଜୀବର୍ଦ୍ଧନ ସାହୁ, ବାଲ୍ମିକି ଛତ୍ରିଆ, ପ୍ରବୀଣ ଭୋଇ, ହିସାବରକ୍ଷକ ମଧୁସୂଦନ ସାହୁ ଓ ଦେବାଶିଷ ନାଗଙ୍କ ସମେତ ଗ୍ରାମର ସମସ୍ତ ଚାଷୀ ସହଯୋଗ କରିଥିଲେ ।




ମହିଳାଙ୍କ ବିଦ୍ୟୁତ୍ ଆଘାତ

## ମାନବାଧୀକାର କମିଶନରେ ଅଭିଯୋଗ

**ଭବାନୀପାଟଣା, ୧୦ ।୧୧ (ସମିସ):** ଥୁଆମୂଳ ରାମପୁର ବ୍ଲକ କାଣିଗୁମା ପଞ୍ଚାୟତ ଧୁଲିଗୁଡ଼ା ଗାଆଁର ମହିଳା ଶକୁନ୍ତଳା ନାଏକ ଚୋରା ବିଦ୍ୟୁତ୍ ସଂଯୋଗ ହୋଇଥିବା ବାରହା ଫାଶରେ ଲାଗି ଗୁରୁତର ଆଘାତପ୍ରାପ୍ତ ସମ୍ବନ୍ଧରେ ଖବର 'ସକାଳ'ରେ ପ୍ରକାଶ ହେବାପରେ ସ୍ଥାନୀୟ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଅନ୍ତୋଦୟର ଅଧ୍ୟକ୍ଷ ଦିଲୀପ କୁମାର ଦାସ ଜାତୀୟ ମାନବ ଅଧିକାର କମିଶନଙ୍କ ନିକଟରେ ଅଭିଯୋଗ ଦାଖଲ କରିଛନ୍ତି । ପୀଡ଼ିତାଙ୍କ ପରିବାରକୁ ୫ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ କରିବାକୁ ନିବେଦନ କରିବା ସହିତ ଜଙ୍ଗଲ ବିଭାଗ ଓ ବିଦ୍ୟୁତ୍ ବିଭାଗ ଏବଂ ଟାଟାପାୱାରର ଅଧିକାରୀ ମାନଙ୍କ ବିରୁଦ୍ଧରେ ଫୌଜଦାରୀ ମକଦ୍ଦମା କରି ସେମାନଙ୍କୁ ତୁରନ୍ତ ଗିରଫ କରିବାକୁ ଦାବି ଉପସ୍ଥାପନ କରିଛନ୍ତି । ଅଧିକାରୀମାନେ ଶିକାରୀମାନଙ୍କ ସହିତ ସଲାସୁତ୍ରରାରେ ବେଆଇନ ଶିକାରକୁ ପ୍ରୋତ୍ସାହନ ଦେଉଥିବାରୁ ମଣିଷ ଜୀବନ ବିପଦରେ ପଡୁଥିବାରୁ ଏହା ମାନବ ଅଧିକାର ଉଲ୍ଲଙ୍ଘନ କରୁଥିବା ଅଭିଯୋଗରେ ଦର୍ଶାଇଛନ୍ତି । ଦିଲୀପ କୁମାର ଦାସଙ୍କ ଅଭିଯୋଗକୁ ମାନବାଧିକାର କମିଶନ ପଞ୍ଜୀକରଣ କରିଛନ୍ତି ।

## ଜିଲ୍ଲାସ୍ତରୀୟ ଚେସ୍ ପ୍ରତିଯୋଗିତା ପ୍ରସ୍ତୁତି ବୈଠକ

**ଭବାନୀପାଟଣା, ୧୦ ।୧୧(ସମିସ):** ସ୍ଥାନୀୟ ତାରିଣୀ ମନ୍ଦିର ରୋଡ୍‌ସ୍ଥିତ ବିବେକ କନ୍‌ଫରେନ୍ସ ହଲଠାରେ ୪ର୍ଥ କଳାହାଣ୍ଡି ଜିଲ୍ଲାସ୍ତରୀୟ ଚେସ୍ ପ୍ରତିଯୋଗିତା ପାଇଁ ଏକ ପ୍ରସ୍ତୁତି ବୈଠକ କଳାହାଣ୍ଡି ଚେସ୍ ଏକାଡେମୀ ତରଫରୁ ଅନୁଷ୍ଠିତ ହୋଇଯାଇଛି । ଚଳିତ ୨୯ ଓ ୩୦ରେ ଅନୁଷ୍ଠିତ ହେବାକୁ ଥିବା ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ଶତାଧିକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିବେ ଏବଂ ୩୦ ନଭେମ୍ବରରେ ପ୍ରତିଯୋଗିତାରେ ଚାମ୍ପିଅନ ହୋଇଥିବା ଉଭୟ ଛାତ୍ରଛାତ୍ରୀଙ୍କୁ ଗୋଟିଏ ଗୋଟିଏ ସାଇକେଲ ପୁରସ୍କାର ସ୍ୱରୂପ ପ୍ରଦାନ କରାଯିବ । ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ ଇଚ୍ଛୁକ ଛାତ୍ରଛାତ୍ରୀ ନଭେମ୍ବର ୨୮ ସୁଧା ନିଜର ନାମ ପଞ୍ଜିକରଣ କରିପାରିବେ ବୋଲି ଏକାଡେମୀର ପ୍ରତିଷ୍ଠାତା ଶିବରାମ ନାୟକ ସୂଚନା ଦେଇଛନ୍ତି । ପ୍ରତିଯୋଗିତାର ଭାଉଚର ସିନିଅର ନେସନାଲ ଅରବିଟର ରବୀନ୍ଦ୍ର କୁମାର ସାହୁଙ୍କ ଦ୍ୱାରା ଉନ୍ମୋଚନ ହୋଇଥିଲା । ଏକାଡେମୀ ଅଧ୍ୟକ୍ଷ ଶିବରାମ ନାୟକ ସଭା ପରିଚାଳନା କରିଥିବାବେଳେ, ଆର୍‌କେ ସାଇକେଲର ମୁଖ୍ୟ ରୁପେଶ ଅଗ୍ରୱାଲ, ଦୁଷ୍ମନ୍ତ କୁମାର ପ୍ରଧାନ, ସମାଜସେବୀ ପ୍ରସନ୍ନ ପଟ୍ଟନାୟକ, ରବି ନାରାୟଣ ସାହୁ, ଆଶିଷ ତାଣ୍ଡି, ବିକାଶ ତାଣ୍ଡି, ସରିତା ବାଗେଲ ସେମେତ ଏକାଡେମୀର ବହୁ ବରିଷ୍ଠ ସଦସ୍ୟ ଉପସ୍ଥିତ ଥିଲେ ।




## ସୀମାନ୍ତ ନୂଆପଡ଼ାରେ ହଜିବାକୁ ଯାଉଛି ଓଡ଼ିଆ ଅସ୍ମିତା

**ସିନାପାଲି, ୧୦ ।୧୧ (ସମିସ):** ଓଡ଼ିଶା ମାନଚିତ୍ରରେ ନୂଆପଡ଼ା ଏକ ଛୋଟ ଜିଲ୍ଲା ହୋଇଥିଲେ ମଧ୍ୟ ତାହାର ସ୍ୱତନ୍ତ୍ରତା ରହିଛି । ୫ଟି ବ୍ଲକ ଓ ଦୁଇଟି ବିଜ୍ଞାପିତ ଅଞ୍ଚଳକୁ ନେଇ ଗଠିତ ଏହି ଜିଲ୍ଲା ପଡ଼ୋଶୀ ଛତିଶଗଡ଼ ରାଜ୍ୟକୁ ଲାଗି ରହିଛି । ନୂଆପଡ଼ା ନିର୍ବାଚନମଣ୍ଡଳୀରେ କିନ୍ତୁ ଭିନ୍ନତା ଦେଖିବାକୁ ମିଳେ । ସତେ ଯେମିତି ଏଠାରେ ଓଡ଼ିଆ ଅସ୍ମିତା ବଳି ପଡ଼ିଛି । କିଛିବର୍ଷ ହେଲା ଓଡ଼ିଆ ଭାଷାର ସ୍ଥିତିକୁ ନେଇ ଉଭୟ ସରକାରୀ ଓ ବେସରକାରୀସ୍ତରରେ ଉଦ୍‌ବେଗ ପ୍ରକାଶ ପାଇ ଆସୁଛି । ବିଶେଷକରି ବର୍ତ୍ତମାନ ର ପିଢ଼ି ଓଡ଼ିଆ ଭାଷାକୁ ଯେପରି ହତାଦର ନ କରିବ ସେ ନେଇ ସଚେତନତା ସୃଷ୍ଟି ପାଇଁ ପଦକ୍ଷେପ ନିଆଯାଇଛି । ଗତ ୨୦୧୮ ରେ ସେତେବେଳର ନବୀନ ସରକାର ନାମ ଫଳକ ଓଡ଼ିଆ ଭାଷାରେ ଲେଖିବାକୁ ନୀୟମ କରିଥିଲେ । ସେହିପରି ଓଡ଼ିଆ ଅସ୍ମିତାକୁ ଆରମ୍ଭ ରୁ ପ୍ରାଧାନ୍ୟ ଦେଇଥିବା ବର୍ତ୍ତମାନ ର ବିଜେପି ସରକାର ଏ ଦିଗରେ ଅଧିକ ତତ୍ପର ବୋଲି ଡିଣ୍ଡିମ ପିଟୁଛନ୍ତି । କିନ୍ତୁ ବାସ୍ତବରେ ଅନେକ ସ୍ଥଳରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି । ଉପନିର୍ବାଚନ ପାଇଁ ନୂଆପଡ଼ା ଏବେ ସାରା ରାଜ୍ୟର ଦୃଷ୍ଟିରେ ରହିଥିବା ବେଳେ ଏଠିକାର ଅଧିକାଂଶ ଦୋକାନର ନାମ ଫଳକ ଓଡ଼ିଆ ଭାଷାର ଚିହ୍ନବର୍ଣ୍ଣ ନାହିଁ । ଜିଲ୍ଲାର ସୀମାରେ ଲୋକଙ୍କ ଭାଷା ଓ ବ୍ୟବହାର କୁ ଦେଖିଲେ ଓଡ଼ିଆ ଭିତରେ ଥିବା ଭଳି ମନେ ହୁଏ ନାହିଁ । ଉପ ନିର୍ବାଚନ ଲାଗି ଏଠାରେ ଡେରା ପକାଇଥିବା ତୁଙ୍ଗ ନେତାମାନେ ଏ କଥା ଭଲ ଭାବରେ ହୃଦୟଙ୍ଗମ କରି ପାରିଥିବେ । ଏ ପରୀପ୍ରେକ୍ଷୀରେ କହିବା କଥା ହେଲା ନୂଆପଡ଼ା ଭଳି ସୀମାବର୍ତ୍ତି ଜିଲ୍ଲାମାନଙ୍କ ରେ ଓଡିଆ ଭାଷାର ଶ୍ରୀ ବୃଦ୍ଧି ପାଇଁ ସରକାର ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରିବା ସହ ଭାଷା ସାହିତ୍ୟ ର ବିକାଶ ନିମନ୍ତେ କାର୍ଯ୍ୟର୍ କରୁଥିବା ବ୍ୟକ୍ତି ଓ ଅନୁଷ୍ଠାନକୁ ଉତ୍ସାହିତ କଲେ ଓଡିଆ ଅସ୍ମିତା ବଞ୍ଚି ରହିବ ବୋଲି ବୁଦ୍ଧିଜୀବି, ସାହିତ୍ୟ ଅନୁରାଗୀ ମହଲ ରେ ମତ ପ୍ରକାଶ ପାଇଛି । ନୂଆପଡ଼ା ଜିଲ୍ଲାର ୫ଟି ବ୍ଲକ ମଧ୍ୟରୁ କୋମନା ଓ ନୂଆପଡ଼ା ବ୍ଲକରେ ବିଶେଷ ଭାବରେ ଛତିଶଗଡ଼ ଭାଷାଭାଷୀରେ କଥାବାର୍ତ୍ତା ହେଉଥିବା ଦେଖିବାକୁ ମିଳୁଥିବାବେଳେ ଖରିଆରରୋଡ ସହରର ଅନେକ ଦୋକାନ ବଜାର ଗୁଡିକରେ ହିନ୍ଦୀ ଭାଷାରେ ନାମ ଫଳକ ଦେଖିବାକୁ ମିଳିଥାଏ । ଯେଉଁଠି ଦେଖିଲେ ଓଡ଼ିଆ ଅସ୍ମିତାର ଅସଲ ଚିତ୍ର ବାରି ହୋଇପଡୁଛି । ନୂଆପଡ଼ା ଉପ ନିର୍ବାଚନ ସମୟରେ ବିଭିନ୍ନ ରାଜନୈତିକ ଦଳ ପ୍ରଚାରରେ ଆସିଥିଲେ । ଭୋଟର ମାନଙ୍କ ନିକଟତର ହେବା ଲାଗି ଅଣ୍ଟା ଭିଡିଥିଲେ । ହେଲେ ଅନେକ ନେତା ଛତିଶଗଡ଼ି ଭାଷା କୁ ବୁଝି ପାରୁ ନ ଥିବା ଭଳିମନେ ହେଉଥିଲା । ନିକଟରେ ରହିଥିବା ସ୍ଥାନୀୟ କିଛି କର୍ମୀ ସେମାନଙ୍କୁ କହୁଥିବା କଥାର ଅନୁବାଦ କରି କହିବାକୁ ପଡୁଥିଲା । ଯାହାବି ହେଉ ଭାଷାକୁ ବଞ୍ଚାଇବା ଦିଗରେ ସ୍ୱତନ୍ତ୍ର ଆଇନ ଆଣିବା ସହ ସୀମାରେ ଭାଷା ସୁରକ୍ଷା କୁ ସୁରକ୍ଷିତ ରଖିଲେ ଓଡ଼ିଆ ଅସ୍ମିତାର ପରିଚୟ ରହିବ ।

ଡକାୟତି ଯୋଜନା ପଣ୍ଡ

# ମାରଣାସ୍ତ୍ର ଜବତ; ୫ କୋର୍ଟଚାଲାଣ




**ଭବାନୀପାଟଣା, ୧୦ ।୧୧(ସମିସ)**

କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ସହର ଉପକଣ୍ଠରେ ଥିବା କୃଷି ମହାବିଦ୍ୟାଳୟ ସମ୍ମୁଖରେ ଥିବା ଏକ ପୁରୁଣା ଗୋଦାମନିକଟରେ ରବିବାର ବିଳମ୍ବିତ ରାତିରେ ୫ ଜଣ ଦୁର୍ବୃତ୍ତ ଡକାୟତି ପାଇଁ ଯୋଜନା କରୁଥିବାବେଳେ ଟାଉନଥାନା ପୁଲିସ ହାବୁଡ଼ରେ ପଡ଼ି ଧରା ପଡ଼ିଛନ୍ତି । ରାତିରେ ଉକ୍ତ ରାସ୍ତାରେ ଯାଉଥିବା ଯାତ୍ରୀଙ୍କୁ ଖଣ୍ଡା ଭୁଜାଲି ଦେଖାଇ ଭୟଭୀତ କରି ଡକାୟତି ପାଇଁ ସେମାନେ ପ୍ରସ୍ତୁତ ହୋଇ ରହିଥିଲେ ବୋଲି ପୁଲିସ କହିଛି । ଟାଉନ ଥାନା ପୁଲିସ ତଥା ଦୀପ୍ତି ବାରିକ ଖବରପାଇ ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ୫ଜଣଙ୍କୁ କାବୁ କରିଥିଲେ । ଏହି ସମୟରେ ପୁଲିସ ସେମାନଙ୍କଠାରୁ ଚୁରା, ଭୁଜାଲି କାତି ଓ ଖଣ୍ଡା ଭଳି ବିଭିନ୍ନ ମାରଣାସ୍ତ୍ର ଜବତ କରିଛି । ପୁଲିସର ସନ୍ଦେହ ଦୃଢ ହେବା କାରଣରୁ ଥାନାକୁ ଆଣି ପଚାରାଉଚୁରା କରିଥିଲା । ଏହି ୫ ଅଭିଯୁକ୍ତଙ୍କ ସୋମବାର ଅପରାହ୍ନରେ ଗିରଫ କରି କୋର୍ଟ ଚାଲାଣ କରିଛି । ସେମାନେ ହେଲେ କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ସହରର ଲକ୍ଷ୍ମଣ ରାଉତ, ଜୁନାଗଡ଼ର ଘନଶ୍ୟାମ ଦଣ୍ଡସେନା ଓ ଶରତ ଚନ୍ଦ୍ର ମେହେର ହୋଇଥିବାବେଳେ ଅନ୍ୟ ୨ ଜଣ ଅଭିଯୁକ୍ତ ଝାଡଖଣ୍ଡ ରାଜ୍ୟ ଧାନବାଦର ବିନୟ କୁମାର ଓ ଆଶୁତୋଷ କୁମାର ବୋଲି ପୋଲିସ ଠାରୁ ସୂଚନା ମିଳିଛି । ଏନେଇ ଭବାନୀପାଟଣା ଟାଉନଥାନାରେ ଏକ ମାମଲା ରୁଜୁ ହୋଇଛି ।

## ମା' ମାଉଳି ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ



**ଗୋଲାମୁଣ୍ଡା, ୧୦ ।୧୧ (ସମିସ):** କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଚପରିଆ ବିଶିବର୍ଣ୍ଣ ଖେଳପଡ଼ିଆଠାରେ ସୋମବାର ମା ମାଉଳି ଫୁଟବଲ କ୍ଲବ୍ ପକ୍ଷରୁ ଏକ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି । ମୁଖ୍ୟଅତିଥି ଭାବେ ସମାଜସେବୀ ଘାସିରାମ ସୁନାନୀ, ବିଶିଷ୍ଟ ଅତିଥି ସମାଜସେବୀ ଦୟାନିଧି ବାଗ, ନୀଳାମ୍ବର ହରପାଲ, ଆଇଆର୍‌ବି ଯବାନ ନୃପରାଜ ଭୋଇ, ବିଶିଷ୍ଟ କଳାକାର ଜିତେନ୍ଦ୍ର ମହାନନ୍ଦ ଉଦ୍‌ଘାଟନ କରିଥିଲେ । ଏହି ପ୍ରତିଯୋଗିତାରେ ୮ଟି ଦଳ ଅଂଶଗ୍ରହଣ କରିବାର ନିୟମ ଥିବାବେଳେ ପ୍ରଥମ ଦିନରେ କଣ୍ଟାମାଳ ଓ ବରଗାଁ ମଧ୍ୟରେ ଖେଳ ପ୍ରତିଯୋଗିତା ହୋଇଥିଲା । କଣ୍ଟାମାଳ ଦଳ ବରଗାଁ ଦଳ ମଧ୍ୟରେ ଶେଷ ପର୍ଯ୍ୟାୟରେ ୧-୧ ଗୋଲରେ ସମାନ୍ତର ଥିବାବେଳେ କଣ୍ଟାମାଳ ଦଳ ବିଜୟୀ ହୋଇ ସେମିଫାଇନାଲରେ ପଦାର୍ପଣ କରିଥିଲା । ମନ୍ମଥ ସିଂ, ଭିକାରି ଭୋଇ ଓ ରୋମାଞ୍ଚଳ ଭୋଇ ଖେଳ ପରିଚାଳନା କରିଥିଲେ । ଫୁଟବଲ୍ ଟୁର୍ଣ୍ଣାମେଣ୍ଟର କମିଟିର ସଭାପତି ଲବଣୀ ଚନ୍ଦନ, ଉପସଭାପତି ବେଦାନ୍ତ ମାଝୀ, ସମ୍ପାଦକ ଟୁନା ଦାସ, ସହସମ୍ପାଦକ ବୃନ୍ଦା ଭୋଇ, ମାନସ ଦାସ, କୋଷାଧ୍ୟକ୍ଷ ବେଦବର ମାଝୀ ସହଯୋଗ କରିଥିଲେ ।

BEST OFFER
SALE
Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.
9437015112

### ବାହାଘରକୁ ଯିବା ହେଲା କାଳ

# ବାଇକ୍ ଦୁର୍ଘଟଣାରେ ଜଣଙ୍କ ମୃତ୍ୟୁ



**ବେଲପଡ଼ା, ୧୦।୧୧ (ସମିସ):** ବଲାଙ୍ଗୀର ଜିଲ୍ଲା ବେଲପଡ଼ା ଥାନା ମାଳିଝର ଛକ ନିକଟରେ ୨ଟି ବାଇକ୍ ମଧ୍ୟରେ ମହାଁମୁହିଁ ଧକ୍କା ହୋଇଛି। ଏହାଫଳରେ ଜଣେ ବାଇକ ଆରୋହୀଙ୍କ ମୃତ୍ୟୁ ଘଟିଛି। ଅନ୍ୟ ଜଣେ ଗୁରୁତର ଅଛନ୍ତି। ମୃତକ ହେଉଛନ୍ତି ରାଇପୁର ବାସିନ୍ଦା ସମ୍ରାଟ ବାଗ। ସେହିଭଳି ଆହତ ଜଣକ ହେଉଛନ୍ତି ମଣ୍ଡଳ ଗାଁର ଧନୁ ତାଣ୍ଡି। ସେ ଗୁରୁତର ଥିବାରୁ ତାଙ୍କୁ ବଲାଙ୍ଗୀର ଭୀମ ଭୋଇ ମେଡିକାଲରେ ଭର୍ତ୍ତି କରାଯାଇଛି। ବେଲପଡ଼ା ଥାନା ମଣ୍ଡଳ ଗାଁର ଦୁଇ ଭାଇ ଧନୁ ଏବଂ ହନୁ ତାଣ୍ଡି ବାଗଉଡ଼ାର ଗାଁକୁ ବିହାଘର ଯାଇଥିଲେ। ଧନୁ ନିଜ ସଢୁ ସମ୍ରାଟ ଏବଂ ଭାଇ ହନୁ ସହ ମିଶି କୌଣସି କାମ ପାଇଁ କପାଣି ଗାଁକୁ ଯାଇଥିଲେ। ସେଠାରୁ ଘରକୁ ଫେରୁଥିବା ବେଳେ ମାଳିଝର ଛକ ନିକଟରେ ଏକ ବାଇକ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଘଟଣା ସ୍ଥଳରେ ବାଇକ ଚାଳକ ସମ୍ରାଟଙ୍କ ମୃତ୍ୟୁ ଘଟିଥିଲା। ଧନୁ ଗୁରୁତର ଭାବେ ଆହତ ହୋଇଥିଲେ। ଉଭୟଙ୍କୁ ସ୍ଥାନୀୟ ଲୋକ ଉଦ୍ଧାର କରି ପ୍ରଥମେ ପାଟଣାଗଡ଼ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ପରେ ବଲାଙ୍ଗୀର ସ୍ଥାନନ୍ତର କରାଯାଥିଲ। ବେଲପଡ଼ା ପୁଲିସ ପହଞ୍ଚି ତଦନ୍ତ କରିଛି।

# ବଙ୍ଗୋମୁଣ୍ଡା ବ୍ଲକ୍ କନିଷ୍ଠଯନ୍ତ୍ରୀ ଗିରଫ



**ବଲାଙ୍ଗିର, ୧୦।୧୧(ସମିସ):** ସରକାରୀ ଅର୍ଥ ହଡପ ଅଭିଯୋଗରେ ବଙ୍ଗୋମୁଣ୍ଡା ବ୍ଲକ କନିଷ୍ଠ ଯନ୍ତ୍ରୀ ଜନାରାୟଣ ବାଗ ଗିରଫ ହୋଇଛନ୍ତି। ୨୦୨୩-୨୪, ୨୦୨୪-୨୫ ଆର୍ଥିକ ବର୍ଷରେ ବଙ୍ଗୋମୁଣ୍ଡା ବ୍ଲକରେ ମନରେଗା ଯୋଜନାରେ ପ୍ରାୟ ୨୨ ଲକ୍ଷ ଟଙ୍କା ହଡ଼ପ ହୋଇଛି। ଏହି ଅଭିଯୋଗ ସ୍ପଷ୍ଟ ହେବା ପରେ ଭିଜିଲାନ୍ସ କନିଷ୍ଠ ଯନ୍ତ୍ରୀ ଶ୍ରୀ ବାଗଙ୍କୁ ଗିରଫ କରିଛି। ଏହି ଆର୍ଥିକ ବର୍ଷରେ ୫ଟି ପୋଖରୀ କାମ କରାଯାଇଥିବା ଦର୍ଶାଇ ଏହି ଟଙ୍କା ହଡ଼ପ କରିଆଯାଇଥିବ ଭିଜିଲାନ୍ସ ଅଧିକାରୀ ତଦନ୍ତରୁ ଜାଣିବାକୁ ପାଇଛନ୍ତି। ବଲାଙ୍ଗିର ଜିଲ୍ଲା ବଙ୍ଗୋମୁଣ୍ଡା ବ୍ଲକ ବେଲପଡ଼ା ପଞ୍ଚାୟତରେ ୨୦୨୩-୨୪, ୨୦୨୪-୨୫ ଆର୍ଥିକ ବର୍ଷରେ ମନରେଗା ଯୋଜନାରେ ଅନିୟମିତତା କରାଯାଇଥିବା ଅଭିଯୋଗ ହୋଇଥିଲା। ଏନେଇ ଭିଜିଲାନ୍ସ ପାଖରେ ଅଭିଯୋଗ ହେବା ପରେ ଘଟଣାର ତଦନ୍ତ କରାଯାଇଥିଲା। ତଦନ୍ତ ପରେ ଅନିୟମିତତା ସ୍ପଷ୍ଟ ହେବା ସହ ଏକ ବଡ଼ ଧରଣର ଦୁର୍ନୀତି ସାମ୍ନାକୁ ଆସିଥିଲା। ଏହି ୨ ଆର୍ଥିକ ବର୍ଷରେ ହୋଇଥିବା ୫ଟି ପୋଖରୀ କାମରୁ କେବଳ ଗୋଟିଏ କାମ କରାଯାଇଥିବା ବେଳେ ବାକି କେବଳ କାଗଜପତ୍ରରେ କରି ୨୨ ଲକ୍ଷ ୧୬ ହଜାର ୭୨ ଟଙ୍କା ହଡ଼ପ ହୋଇଥିବା ଜଣାପଡ଼ିଛି। ଏନେଇ ଭିଜିଲାନ୍ସ ମାମଲା ରୁଜୁ କରି ପଞ୍ଚାୟତ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ଶ୍ରୀ ବାଗଙ୍କୁ ଗିରଫ କରିଛି।

- ମହଙ୍ଗା ପଡ଼ିଲା ମନରେଗା ଟଙ୍କା ହେର୍‌ଫେର୍
- କାମ ନ କରି ୪ଟି ପୋଖରୀର ଫଲ୍ସ ବିଲ୍
- ୨୨ ଲକ୍ଷ ୧୬ ହଜାର ୭୨ ଟଙ୍କା ହଡ଼ପ

# ଝାରତରଭାରେ ଜନଶୁଣାଣି ଶିବିର

**ତରଭା, ୧୦।୧୧(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ତରଭା ବ୍ଲକ ଝାରତରଭା ପଞ୍ଚାୟତରେ ସୋମବାର ପଞ୍ଚାୟତସ୍ତରୀୟ ଜନ ଅଭିଯୋଗ ଶୁଣାଣି କରାଯାଇଛି। ସରପଞ୍ଚ ସୌଦାମିନୀ ସାଙ୍କ ଅଧ୍ୟକ୍ଷତାରେ ଏହି ଜନଶୁଣାଣି ହୋଇଥିଲା। ଏଥିରେ ବିଡିଓ ଗଙ୍ଗାରାମ ବୁଡେକ, ଅତିରିକ୍ତ ତହସିଲଦାର ଦୀପ୍ତିମୟୀ ଭୁଏଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଯୋଗ ଦେଇ ଅଭିଯୋଗର ଶୁଣାଣି କରିଥିଲେ। ଭିନ୍ନକ୍ଷମ କାର୍ଡ ପାଇଁ ଅଙ୍କିତା ମହାନନ୍ଦ ଅଭିଯୋଗ କରିଥିଲେ। ପିଇଓ ଶଙ୍କର ବଡ଼ିଆ, ୱାର୍ଡସଭ୍ୟ ସଭ୍ୟା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ବଲାଙ୍ଗିର ଜିଲ୍ଲାସ୍ତରୀୟ ଗଣ୍ଡାବଜା ମହୋତ୍ସବ

# କମ୍ପିଲା କୋଶଳ କଳାମଣ୍ଡଳ ପଡ଼ିଆ




**ବଲାଙ୍ଗିର, ୧୦।୧୧ (ସମିସ)**

ଗଣ୍ଡାବଜାକୁ ପ୍ରୋତ୍ସାହନ, ସମ୍ମାନ ଏବଂ ଏହାର ସୁରକ୍ଷାକୁ ଏକ ଗଣ୍ଡାବଜା ମହୋତ୍ସବ-୨୦୨୫ ପାଳିତ ହୋଇଛି। ସ୍ଥାନୀୟ କୋଶଳ କଳାମଣ୍ଡଳ ପଡ଼ିଆରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଡ. ନିଳାଞ୍ଚଳ ନନ୍ଦଙ୍କ ଆବାହକତ୍ୱ ଏବଂ ତରଣୀସେନ ଦୀପ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ବଲାଙ୍ଗିର ସିଡିଓ ତରଣୀ ସୁନା, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଡେପୁଟି କମିଶନର (ଭାରତ ସରକାର) ଡ. ବାସୁଦେବ ସୁନାନି, ସ୍ୱତନ୍ତ୍ର ଅତିଥି ଭାବେ ପଦ୍ମଶ୍ରୀ ଡ. ଜିତେନ୍ଦ୍ର ହରିପାଲ, ଡିସିଓ ରଶ୍ମି ରଞ୍ଜନ ମିଶ୍ର, ବରିଷ୍ଠ କଣ୍ଠଶିଳ୍ପୀ ନବୀନ କୁଅଁର, ବିଜୟ ବାରିକ, ବାସୁଦେବ ମୁଗ୍ରୀ, ଦଣ୍ଡଢୋଲ ବାଦକ ମଗଶିର ନନ୍ଦ ପ୍ରମୁଖ ଯୋଗ ଦେଇ ଗଣ୍ଡାବଜାର ସ୍ଥିତି ଏବଂ ବୈଜ୍ଞାନିକ ଦିଗ ଉପରେ ମତବ୍ୟକ୍ତ କରିଥିଲେ। ମଞ୍ଚରେ ଗଣ୍ଡାବଜାକୁ ପୂଜା କରାଯାଇଥିଲା। ୩୦ଟି ଗଣ୍ଡାବଜା ଦଳ ସହର ପରିକ୍ରମା କରିଥିଲେ। ଗଣ୍ଡାବଜା ଉପରେ ନେପାଳ ଚନ୍ଦ୍ର ବାଗଙ୍କ ସଂଯୋଜନାରେ ୧୫ ଜଣ କବି କବିତା ପାଠ କରିଥିଲେ। ଦିଲୀପ ଦୀପଙ୍କ ସଂଯୋଜନାରେ ୪୨ଟି ଗଣ୍ଡାବଜା ଦଳ ମଞ୍ଚରେ କଳା ପ୍ରଦର୍ଶନ କରିଥିଲେ। ଏହି ଅବସରରେ ସମସ୍ତ କଳାକାରଙ୍କୁ ସମ୍ମାନ ପ୍ରଦାନ କରାଯାଇଥିଲା। କଣ୍ଠଶିଳ୍ପୀ ଜନ୍ମ ବାରିକ, ଗବେଷକ ଅଶୋକ ଦୀପ ଏବଂ ଗବେଷକ ବିପିନ ବିହାରୀ ବାରିକଙ୍କ ତତ୍ତ୍ୱାବଧାନରେ କଳା ସଂସ୍କୃତି ଓ ସାମାଜିକ କ୍ଷେତ୍ରର ବହୁ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ସମେତ ବରିଷ୍ଠ କଣ୍ଠଶିଳ୍ପୀ ବିଳମ୍ବ କୁମ୍ଭାର, ଦିଲୀପ ବାଗ, କିଶୋର ବାଗ, ଅର୍ଜୁନ ମୁଗ୍ରୀ, ଭରତ ନାଗ, ଲକ୍ଷ୍ମୀକାନ୍ତ ନାଗ, ଟିକୁ ନନ୍ଦ, ଲକ୍ଷ୍ମଣ ନନ୍ଦ, କୀର୍ତ୍ତନ ଦୀପ, ଶମ୍ଭୁ ନାଗ, ସୀତାରାମ କୁମ୍ଭାର, ଜ୍ୟୋତିଷ ମୁଗ୍ରୀ, ସୂର୍ଯ୍ୟମଣି ସୁନା, ନାଟ୍ୟକାର ପ୍ରକାଶ ଚନ୍ଦ୍ର ଥନାପତି, ସମ୍ବାଦିକ ସନ୍ଦୀପ କୁଅଁର, ଅଭିନେତା ହିମାଂଶୁ ଖମାରୀ, ବିନୋଦ କାଲସାଏ, ଲଳିତ ପୂଜାରୀ, ପଞ୍ଚାନନ ସେଠ, ଏନ୍‌ଏଫ୍‌ଆଇଡି ର ପ୍ରଭାତ ମହାନନ୍ଦ, ସବିତା ନନ୍ଦ, ରୁପାଲି ମହାନନ୍ଦ, ଡ. ବାସିନ୍ତି ନନ୍ଦ, ଜପ ମୁଗ୍ରୀ, ସୁରେଶ ବାରିକ, ନବୀନ ବେହେରା, ନିହାଲ ସିଂ, ରାଜେନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

- ଗଣ୍ଡାବଜାର ସ୍ଥିତି ଏବଂ ବୈଜ୍ଞାନିକ ଦିଗ ଉପରେ ସରଗରମ ଆଲୋଚନା
- ମଞ୍ଚରେ ଗଣ୍ଡାବଜାର ପୂଜାର୍ଚ୍ଚନା ହେଲା
- ସହର ପରିକ୍ରମା କଲା ୩୦ ଗଣ୍ଡାବଜା ଦଳ
- ଗଣ୍ଡାବଜା ଉପରେ କବିତା ପଢ଼ିଲେ ୧୫ କବି
- ମଞ୍ଚରେ କଳା ପ୍ରଦର୍ଶନ କଲେ ୪୨ ଗଣ୍ଡାବଜା ଦଳ

# ୨ କ୍ୱିଣ୍ଟାଲ ଗଞ୍ଜେଇ ଜବତ; ୨ ଗିରଫ



**ଡୁଙ୍ଗୁରିପାଲି, ୧୦।୧୧(ସମିସ):** ସୁବର୍ଣ୍ଣପୁର ଜିଲ୍ଲାର ଡୁଙ୍ଗୁରିପାଲି ଥାନା ଅଞ୍ଚଳରେ ବିପୁଳ ପରିମାଣର ଗଞ୍ଜେଇ ଜବତ ହୋଇଥିବା ବେଳେ ୨ ଜଣଙ୍କୁ ପୁଲିସ ଗିରଫ କରିଛି। ଦୁଇ ଅଭିଯୁକ୍ତମାନେ ହେଲେ ଉତ୍ତର ପ୍ରଦେଶର ହସଙ୍ଗପୁର ଗ୍ରାମର ସୁରେନ୍ଦର ବିଶ୍ୱକର୍ମା (୩୦), ଦୀପାଂଶୁ ସିଂ( ୨୪)। ସୂଚନାନୁଯାୟୀ, ଗଞ୍ଜେଇ ଭର୍ତ୍ତି ବୋଲେରୋ ଭ୍ୟାନ୍(ୟୁପି ୭୧ସି ୨୯୭୧) ବୌଦ୍ଧ ଜିଲ୍ଲାରୁ ଉତ୍ତରପ୍ରଦେଶ ରାଜ୍ୟ ଅଭିମୁଖେ ଯାଉଥିଲା। ଡୁଙ୍ଗୁରିପାଲି ଥାନା ପୁଲିସ ପାଟ୍ରୋଲିଂ କରୁଥିବା ବେଳେ ଟେରୁପାଲି-ଅଙ୍ଗନଦୀ ପୋଲ ନିକଟରେ ବୋଲେରୋ ଗାଡ଼ିକୁ ଅଟକାଇ ଯାଞ୍ଚ କରିବାରେ ସେଥିରୁ ୧୨୫ ପ୍ୟାକେଟ୍ ଦୁଇ କୁଇଣ୍ଟାଲରୁ ଉର୍ଦ୍ଧ୍ୱ ଗଞ୍ଜେଇ ଜବତ କରିଥିଲା। ଏହି ଘଟଣାରେ ଦୁଇ ଜଣଙ୍କୁ ଗିରଫ କରିଛି। ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଗଞ୍ଜେଇ ଓଜନ କଲାପରେ ଉକ୍ତ ୧୨୫ଟି ପକେଟ୍‌ରେ ମୋଟ ୨ କ୍ୱିଣ୍ଟାଲ ୪୯ କେଜି ୬୧୦ ଗ୍ରାମ ବୋଲି ଜଣାପଡ଼ିଛି। ସରକାରୀ ମୂଲ୍ୟାଙ୍କନ ଅନୁଯାୟୀ ଜବତ ଗଞ୍ଜେଇର ବଜାର ମୂଲ୍ୟ ୨.୫ କୋଟିରୁ ଅଧିକ ହେବ ବୋଲି ପୁଲିସ କହିଛି। ଦୁଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ପୁଲିସ ସୂଚାଇଛି।

### କମ୍ପିଲା କୋଶଳ କଳାମଣ୍ଡଳ ପଡ଼ିଆ

# କାରାଗାରରେ କୃଷ୍ଣ ଜନ୍ମ

**ବିନିକା, ୧୦।୧୧(ସମିସ):** ବିନିକା କଂସାରିପଡ଼ା ବ୍ରଜବିହାରୀ ନୃତ୍ୟକଳା ପରିଷଦ ପକ୍ଷରୁ ଚାଲିଥିବା ୨୪୨ତମ ଗୋକୁଲାଷ୍ଟମୀ ଯାତ୍ରାର ଦ୍ୱିତୀୟ ସନ୍ଧ୍ୟାରେ କାରାଗାରରେ କୃଷ୍ଣ ଜନ୍ମ ମଞ୍ଚସ୍ଥ ହୋଇଥିଲା। ଏହି ଅବସରରେ କଂସର ଅତ୍ୟାଚାରରେ ଚିନ୍ତିତ ଦେବଗଣ ଓ ପୃଥିବୀ ଦେବୀ ବ୍ରହ୍ମାଙ୍କଠାରେ ଶରଣାପନ୍ନ, ବ୍ରହ୍ମା ସମସ୍ତଙ୍କୁ ଧରି ବିଷ୍ଣୁଙ୍କଠାରେ ଗୁହାରି କରିବା, ସ୍ୱୟଂ ଭଗବାନ ଗୋପୀ, ଗୋପାଳଙ୍କୁ ମର୍ତ୍ତ୍ୟପୁର ଯାଇ ଗୋପୀ ଗୋପାଳ ବେଶରେ ଜନ୍ମ, ତ୍ରିଭୁବନ ବିଜୟୀ କଂସ ମଥୁରା ନଗରୀକୁ ଫେରି ବିବାହ ବନ୍ଧନରେ ବାନ୍ଧି ହୋଇଥିବା ଦେବକୀ ବସୁଦେବଙ୍କୁ ଛାଡିଯିବା ବାଟରେ ଦୈବବାଣୀ ହେବା, କଂସ ମଥୁରା ଫେରି କାରାଗୃହରେ ଦେବକୀ-ବସୁଦେବକୁ ରଖି ନିଜେ ସିଂସହାନ ଆହୋରଣ, ଦେବକୀଙ୍କ ଗର୍ଭରୁ ଜନ୍ମିତ ୬ ଶିଶୁ ସନ୍ତାନଙ୍କୁ କଂସ ଦର୍ପଣ ସିଲାରେ କଚାଡି ମାରିବା, ଅଷ୍ଟମ ଗର୍ଭ ସନ୍ତାନ ଜନ୍ମ ନେବା ପରେ କାରାଗୃହ ଆଲୋକମୟ ହେବା, ଶିକୁଳି ଆପେ ଆପେ ଖୋଲିଯିବା, ବସୁଦେବ ସନ୍ତାନକୁ ଧରି ଗୋପପୁର ଗମନ ଓ ସେଠାରେ ଜନ୍ମିତ ଶିଶୁ କନ୍ୟାକୁ ଧରି କାରାଗୃହ ପ୍ରତ୍ୟାବର୍ତ୍ତନ, କଂସ ଜାଣିବା ପରେ ଦେବକୀ ହାତରୁ ଶିଶୁକନ୍ୟାକୁ ଛଡାଇ ଆଣି ଦର୍ପଣ ଶିଳାରେ କଚାଡ଼ିବା, କନ୍ୟାଟି ଯୋଗମାୟା ରୂପରେ ଆକାଶକୁ ଯାଇ କୃଷ୍ଣଙ୍କ ଜନ୍ମ ନେଇ ଶୂନ୍ୟବାଣୀ କରିବା ଆଦି ଦୃଶ୍ୟ ମୁକ୍ତାକାଶ ମଞ୍ଚରେ କଳାକାରମାନଙ୍କ ଦ୍ୱାରା ପ୍ରଦର୍ଶିତ ହୋଇଥିଲା। ଏହି ଯାତ୍ରାରେ ଉଗ୍ରସେନ ଭୂମିକାରେ ସୀତାରାମ ମାହାଣା, ନାରାୟଣ ସୁହାନ ଦାସ, ଦେବକୀ-ବିଶ୍ୱଜିତ ମାହାଣା, ବସୁଦେବ- ବିଶ୍ୱନାଥ ମାହାରଣା, କଂସ-ରାମଚନ୍ଦ୍ର ଦାସ, ମନ୍ତ୍ରୀ ସଞ୍ଜୟ ସାହୁ, ପୃଥି ଦେବୀ ଅଂଶୁମାନ ମାହାଣା, ବ୍ରହ୍ମା ମୁକୁନ୍ଦ ସାହୁ, ଇନ୍ଦ୍ର ଅଶ୍ୱିନୀ ସାହୁ, ବରୁଣ ପରେଶ ମାହାନା, ନାରଦ ସ୍ୱାଗତ ମାହାନା, କୃଷ୍ଣ ଶ୍ରୀମାନ ସାହୁ, ଯୋଗମାୟା ଶ୍ରୀତମ ସାହୁ, ପ୍ରହରୀ ବିବେକ ସାହୁ, ବଜରଙ୍ଗ କୁଷ୍ଟା ପ୍ରମୁଖ ଚିତାକର୍ଷକ ଅଭିନୟ କରିଥିଲେ।



Government of India
**Ministry of Environment, Forest & Climate Change**
Regional Office, Bhubaneswar, Odisha

**Online Proposal No.:**
**FP/OR/RAIL/438606/2023**

**Dated: 24/01/2025**

**To,**
**The Addl. Chief Secretary,**
**Forest, Environment & CC Deptt.,**
**Government of Odisha,**
**Bhubaneswar – 751 001**

Subject: Diversion of 4.519 ha of forest land for construction of proposed Rail Corridor in village Kadei under Tangi Choudwar Tahasil of Cuttack District in Cuttack Forest Division by M/s My Home Industries Pvt. Ltd.

Sir/Madam,

I am directed to refer to State Govt. letter No.FE-DIV-FLD-0106-2023-25213/FE&CC dated 05.12.2023, No.26151/FE&CC dated 30.12.2024, No.2072/FE&CC dated 21.01.2025 and Online Proposal No.FP/OR/RAIL/438606/2023 on the above mentioned subject seeking prior approval of the Ministry of Environment, Forest & Climate Change under Section 2 of Van (Sanrakshan Evam Samvardhan) Adhiniyam, 1980.

2. After due consideration of the proposal of the State Government, the Ministry of Environment, Forest & Climate Change hereby conveys 'Stage-I/in-principle' approval for diversion of 4.519 ha of forest land for construction of proposed Rail Corridor in village Kadei under Tangi Choudwar Tahasilof Cuttack District in Cuttack Forest Division by M/s My Home Industries Pvt. Ltd., subject to the fulfillment of the following conditions.

**1. General Conditions**

| S. No | Conditions |
|---|---|
| 1.1 | The legal status of forest land proposed for diversion shall remain unchanged. |
| 1.2 | The user agency shall transfer online, the Net Present Value (NPV) of 4.519 ha forest land being diverted under this proposal, as per the Orders of Hon'ble Supreme Court of India dated 28.03.2008, 24.04.2008 and 09.05.2008 in Writ Petition (Civil) No.202/1995 and the guidelines issued by this Ministry vide its letter No.5-3/2011-FC (Vol-I) dated 06.01.2022, and 22.03.2022. The requisite funds shall be transferred through online portal in CAMPA account of the State concerned. |
| 1.3 | The non forest land of 4.654 ha identified in village Chhotapadagon under Tangi Choudwar Tahasil of Cuttack District under Cuttack Forest Division for raising compensatory afforestation shall be transferred and mutated in the name of Forest Department and notified as RF/PF prior to Stage-II approval. |
| 1.4 | The user agency shall transfer the cost of raising and maintaining the CA/Addl. CA at the current wage rate in consultation with State Forest Department in the account of CAMPA of the concerned State through online portal. The Scheme may include appropriate provision for anticipated cost increase for works scheduled for subsequent years. |
| 1.5 | Compensatory afforestation shall be raised over 4.654 ha identified in village Chhotapadagon under Tangi Choudwar Tahasil of Cuttack District under Cuttack Forest Division within two years from the date of Stage-II Clearance and maintained thereafter by the State Forest Department as per approved plan/scheme and maintained thereafter, at the cost of user agency. |
| 1.6 | Addl. Compensatory afforestation shall be raised over 5.2 ha of degraded forest land identified in Kaliamba PRF of Dalijoda Range under Cuttack Forest Division within two years from the date of Stage-II Clearance and maintained thereafter by the State Forest Department as per approved plan/scheme and maintained thereafter, at the cost of user agency. |
| 1.7 | The species to be planted in the CA scheme shall be of native species of the area. At least 18 month old seedlings should be planted. Intensive monitoring of the plantation needs to be done and documented using Geo tagging so that the increase of canopy density and survival and growth of plantation can be evaluated at regular intervals. |
| 1.8 | A Site Specific Wildlife Conservation Plan shall be prepared and duly approved by Chief Wildlife Warden, Odisha shall be implemented at project cost. The fund for implementation of Site Specific Wildlife Conservation shall be deposited by the user agency after duly vetted by Regional Office, MoEF&CC, Bhubaneswar. |
| 1.9 | At the time of payment of Net Present Value (NPV) at the then prevailing rate, the user agency shall furnish an undertaking to pay the additional amount of NPV, if so determined, as per the final decision of the Hon'ble Supreme Court of India. |
| 1.10 | The KML files of the area to be diverted and the CA areas shall be uploaded on the e-Green watch portal with all requisite details before issuing working permission towards linear projects or submitting compliance report for seeking Stage-II approval, as the case may be. |
| 1.11 | All the funds received from the user agency under the project shall be transferred/ deposited in CAMPA account only through e-portal (https://parivesh.nic.in/). Amount deposited through other mode will not be accepted as compliance of the Stage-I clearance. |
| 1.12 | The compliance report of the Stage-I approval shall be uploaded on e-portal (https://parivesh.nic.in/). |
| 1.13 | The complete compliance of the FRA, 2006 shall be ensured by way of prescribed certificate from the concerned District Collector. |
| 1.14 | The boundary of the proposed forest land for diversion, shall be demarcated on ground at the project cost, by erecting four feet high reinforced cement concrete pillars, each inscribed with its serial number, distance from pillar to pillar and GPS co-ordinates. |
| 1.15 | The user agency shall obtain Environment Clearance as per the provisions of the Environmental (Protection) Act, 1986, if applicable. |
| 1.16 | Speed regulating signage will be erected along the railway line at regular intervals in Protected Areas/Forest Areas. |
| 1.17 | The State Govt. shall ensure controlled speed limit of 20 Km/Hr, if the trains passing through the forest portion to enable the trains drivers to react to the sudden appearance of the wild animals on the track. As and when required speed of train shall be regulated in consultation with CWLWL of the State Govt. There should be regular communication with the local forest department to know the presence/movement of elephant near the track. |
| 1.18 | The designing of culverts/bridges, if any over the natural streams/rivers/canals should be done in such a manner that it does not hamper the natural course of water, does not give rise to water logging, and also does not hamper movement of wild animals including elephant. |
| 1.19 | The reclamation of quarry, if any, should be done under the supervision of the State Forest Department. The quarry shall be reclaimed and afforested completely before the project is closed |
| 1.20 | The user agency shall take up Avenue Plantation on either side of alignment of the track at its own cost in consultation with the DFO. |
| 1.21 | The user agency shall explore the possibility of successful transplantation of maximum number of trees identified to be felled and shall ensure that any tree felling shall be done only when it is unavoidable and that too under strict supervision of the State Forest Department. |
| 1.22 | No labour camp shall be established on the forest land and the user agency shall provide fuels preferably alternate fuels to the labourers and the staff working at the site so as to avoid any damage and pressure on the nearby forest areas. |
| 1.23 | No additional or new path will be constructed inside the forest area for any activity related to the project work. |
| 1.24 | The user agency while executing works, shall not fell any tree or damage forest growth in the surrounding forest area in any manner. |
| 1.25 | The layout plan of the proposed forest land shall not be changed without the prior approval of Ministry of Environment, Forest & Climate Change. |
| 1.26 | The forest land shall not be used for any purpose other than that specified in the proposal. |
| 1.27 | The forest land proposed to be diverted shall under no circumstances be transferred to any other user agency, department or person without the prior approval of Ministry of Environment, Forest & Climate Change. |
| 1.28 | No damage to the flora and fauna of the adjoining area shall be caused. |
| 1.29 | The concerned Divisional Forest Officer, will monitor and take necessary mitigative measures to ensure that there is no adverse impact on the forests in the surrounding area. |
| 1.30 | The user agency shall submit annual self monitoring report on compliance of stipulated conditions to the Nodal Officer (FCA) of the State and concerned Regional Office of this Ministry by the end of March every year. |
| 1.31 | Any other conditions that the Ministry of Environment, Forests & Climate Change may impose from time to time in the interest of afforestation, conservation and management of flora and fauna in the area, shall be complied by the user agency. |
| 1.32 | The State Govt. and user agency shall ensure compliance to provisions of the all Acts, Rules, Regulations, Guidelines, NGT Order (s) & Hon'ble Court Order (s) pertaining to this project, if any, for the time being in force, as applicable to the project. |
| 1.33 | Violation of any of these conditions will amount to violation of Van (Sanrakshan Evam Samvardhan) Adhiniyam, 1980 and action would be taken as prescribed in Para 1.16 of Consolidated Guidelines and Clarification issued under Van (Sanrakshan Evam Samvardhan) Adhiniyam, 1980 and Van (Sanrakshan Evam Samvardhan) Rules, 2023 vide Ministry's letter dated 29.12.2023. |

**2. Standard conditions**
**3. Specific Conditions**

3. After receipt of the report on compliance to the conditions stipulated above, from the State Government of Odisha, final/Stage-II approval for diversion of the said forest land under Section 2 of Van (Sanrakshan Evam Samvardhan) Adhiniyam, 1980 will be issued by this Ministry. Transfer of forest land to user agency should not be effected by the State Government of Odisha till final/Stage-II approval for its diversion is issued by the Ministry of Environment, Forest & Climate Change.

4. "The State Govt. or a Senior Office not below the Rank of a Divisional Forest Officer, having jurisdiction over the forest land proposed to be diverted, duly authorized in this behalf by the State Govt. can pass an order for tree cutting and commencement of work of a linear project in forest land for a period of one year ("working permission" means permission granted to linear project before final approval to mobilize the resources to commence the preliminary project work other than black topping, concretization, laying of railway tracks, charging of transmission lines, etc.). Such order shall be passed only after full realization of funds for compensatory afforestation, Net Present Value (NPV), Wildlife conservation Plan, plantation of dwarf species of medicinal plants, and all other compensatory levies, specified in the Stage-I (in-principle) approval from the User Agency, and where ever applicable, transfer and mutation of nonforest/ revenue forest land in favour of State Forest Department, declaration of PF/RF and compliance of other statues including ST&OTFD (Recognition of Forest Rights) Act, 2006" as stipulated in Para 11.1 of Chapter-11 of Consolidated Guidelines and Clarification issued under Van (Sanrakshan Evam Samvardhan) Adhiniyam, 1980 and Van (Sanrakshan Evam Samvardhan) Rules, 2023 vide Ministry's letter dated 29.12.2023.

**Copy To**

1. The Inspector General of Forests (ROHQ), Ministry of Environment, Forest & Climate Change, Indira Paryavaran Bhawan, Jor Bagh Road, Aliganj, New Delhi – 110003.
2. The PCCF & Nodal Officer (FCA), Forest Department, Govt. of Odisha, Aranya Bhawan, Chandrasekharpur, Bhubaneswar-751023.
3. The Deputy General Manager (Projects), M/s My Home Industries Pvt. Ltd., 9th Floor, Block-3, My Home Hub, Madhapur, Hyderbad-500081, Telangana.

**Your's faithfully**
**(Dr. Padma Mahanti)**
**Dy. Inspector General of Forests (C)**

### କୋଶଳ ପ୍ରବାହର ରୌପ୍ୟ ଜୟନ୍ତୀ ସମାରୋହ

# ଅନୁସନ୍ଧାନମୂଳକ ସାମ୍ବାଦିକତା ପାଇଁ ପରାମର୍ଶ

**ବଲାଙ୍ଗିର, ୧୦।୧୧(ସମିସ):** ବଲାଙ୍ଗିର ମାଟିର ସମ୍ବାଦପତ୍ର 'କୋଶଳ ପ୍ରବାହ'ର ରୌପ୍ୟ ଜୟନ୍ତୀ ସମାରୋହ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଟାଉନ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ 'କୋଶଳ ପ୍ରବାହ'ର ସମ୍ପାଦକ ଆନନ୍ଦ ଚନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ନରସିଂହ ମିଶ୍ର ଯୋଗ ଦେଇଥିଲେ। ସମ୍ବାଦପତ୍ର ଅନୁସନ୍ଧାନମୂଳକ ସମ୍ବାଦ ପରିବେଷଣ ପ୍ରତି ଆଗ୍ରହ ପ୍ରକାଶ କଲେ ଅନେକ ସମସ୍ୟାରୁ ମୁକ୍ତି ମିଳିପାରିବ ବୋଲି ମତବ୍ୟକ୍ତ କରିଥିଲେ। ଖଡ଼ିଆଳର ସ୍ତମ୍ଭକାର ତଥା ଅବସରପ୍ରାପ୍ତ ଆୟକର କମିଶନର ଶ୍ରୀକାନ୍ତ ଚାଟାର୍ଜୀ ମୁଖ୍ୟବକ୍ତା ଭାବରେ ଯୋଗଦେଇ 'ଅନ୍ଧ ପ୍ରଥା ପରମ୍ପରା ଓ ଆମ ସମାଜ' ଶୀର୍ଷକ ଉପରେ ଅଭିଭାଷଣ ପ୍ରଦାନ କରିଥିଲେ। ବଲାଙ୍ଗିର ସଦର ବ୍ଲକ ଅଧ୍ୟକ୍ଷା ସରିତା ବାଗ, ବିଜେପିର ବରିଷ୍ଠ ନେତା ଗୋପାଳଜୀ ପାଣିଗ୍ରାହୀ ଏବଂ ପ୍ରଧାନ ଶିକ୍ଷକ ନରେନ୍ଦ୍ରନାଥ ମିଶ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସବିତା ମହରା ସଭା ସଞ୍ଚାଳନା କରିଥିଲେ। ସାମ୍ବାଦିକ ରାଜେଶ ଦଣ୍ଡସେନା ଅତିଥିମାନଙ୍କୁ ମଞ୍ଚକୁ ଆମନ୍ତ୍ରଣ କରିଥିବା ବେଳେ ସାମ୍ବାଦିକ ଦେବାଶିଷ ମିଶ୍ର ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। 'କୋଶଳ ପ୍ରବାହ'ର ପରିଚାଳନା ସମ୍ପାଦକ ଶମ୍ଭୁନାଥ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ରୌପ୍ୟ ଜୟନ୍ତୀ ସମାରୋହ ଆୟୋଜନ ଅବସରରେ ମୁଖ୍ୟବକ୍ତା ଶ୍ରୀକାନ୍ତ ଚାଟାର୍ଜୀଙ୍କୁ 'କୋଶଳ ପ୍ରବାହ ସମ୍ମାନ-୨୦୨୫' ପ୍ରଦାନ କରାଯାଇଥିଲା। ଖଡ଼ିଆଳର କବି ସୁଶାନ୍ତ ବିଶି 'କବି ଛନ୍ଦାଚରଣ ସମ୍ମାନ' ପାଇଥିବା ବେଳେ କବି ନବୀନ ବିଶ୍ୱବନ୍ଧୁଙ୍କୁ 'କବି ଚତୁର୍ଭୁଜ ସାଆନ୍ତ ସମ୍ମାନ' ପ୍ରଦାନ କରାଯାଇଥିଲା। ବଲାଙ୍ଗିର ଗୌରବ ସମ୍ମାନ ଗ୍ରହଣ କରିଥିଲେ ଡା. ବେଣୁଧର ପାଣ୍ଡେ। 'ସଫଳ ଚାଷୀ ସମ୍ମାନ' ସଞ୍ଜୟ ପଧାନ, 'ସଫଳ ମହିଳା ସମ୍ମାନ' ଅଖିଳ ଭାରତୀୟ ମାରୱାଡ଼ି ମହିଳା ସମ୍ମେଳନର ପ୍ରାନ୍ତୀୟ ଅଧ୍ୟକ୍ଷା ବବିତା ଅଗ୍ରୱାଲ, 'ସଫଳ ଉଦ୍ୟୋଗୀ ସମ୍ମାନ' ଶାମୁକା ଷ୍ଟିଲ୍ ସେଣ୍ଟରର ସତ୍ୱାଧିକାରୀ କିଶୋର ରଥ, 'ସଫଳ ନାରୀନେତ୍ର ସମ୍ମାନ' ସୁନୀତା ସାହୁ, 'ସଫଳ ସାମାଜିକ କର୍ମୀ ସମ୍ମାନ' ଦିନେଶ ନାଗ, 'ସମାଜସେବୀ ସମ୍ମାନ' ଶମ୍ଭୁ ନାଗ ଓ ବନମାଳୀ ନାଏକ ଏବଂ 'ଯୁବନେତା ସମ୍ମାନ' ଗୁଣସୁଗର ମାଝୀ ଗ୍ରହଣ କରିଥିଲେ। ରୌପ୍ୟ ଜୟନ୍ତୀ ସମାରୋହ ଉପଲକ୍ଷେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା ଛାତ୍ରଛାତ୍ରୀ ଅତିଥିମାନଙ୍କଠାରୁ ପୁରସ୍କାର ଗ୍ରହଣ କରିଥିଲେ। ଓଡ଼ିଶାର ବିଭିନ୍ନ ସ୍ଥାନରୁ ଆସିଥିବା 'କୋଶଳ ପ୍ରବାହ'ର ସାମ୍ବାଦିକମାନଙ୍କୁ ମଧ୍ୟ ରୌପ୍ୟ ଜୟନ୍ତୀ ସ୍ମାରକୀ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ପ୍ରଶାସନିକ ଅଧିକାରୀ ଶ୍ୟାମପ୍ରସାଦ ଗୁରୁ, ସିନିଅର କ୍ୟାମେରା ମେନ୍ ଧନମତ ପାଣିଗ୍ରାହୀ, ଜୁନିଅର କ୍ୟାମେରା ମ୍ୟାନ୍ ଦେବେନ୍ଦ୍ର ଲେଙ୍କା, ସାମ୍ବାଦିକ ବିମଳେନ୍ଦୁ ସାହୁ, ପ୍ରଦୀପ ସାହୁ, ଅକ୍ଷୟ ପିଡ଼ିସିକା ପ୍ରମୁଖ ସହଯୋଗ କରିଥିଲେ।




### ରାଘବପାଲିରେ କ୍ରିକେଟ ପ୍ରତିଯୋଗିତା ଉଦ୍‌ଘାଟିତ

# ସେମିରେ ବନ୍ଧପଡ଼ା କ୍ରିକେଟ ଟିମ୍



**ବଲାଙ୍ଗିର, ୧୦।୧୧(ସମିସ):** ବଲାଙ୍ଗିର ଜିଲ୍ଲା ପୁଇଁନ୍ତଲା ବ୍ଲକ ରାଘବପାଲି ଗ୍ରାମ ଖେଳ ପଡ଼ିଆରେ ରାମଜୀ କ୍ରିକେଟ କ୍ଲବ୍ ତରଫରୁ ୫ ଦିବସୀୟ କ୍ରିକେଟ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଛି। ଉଦ୍‌ଘାଟନୀ ଉତ୍ସବରେ ଅନ୍ତର୍ଜାତୀୟ କରାଟେ କୋଚ୍ ଅସୀମ ଭୋଇ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ। ପ୍ରଥମ ଦିବସରେ ବନ୍ଧପଡ଼ା ସହ କୁରେଲବାହାଲି ଓ ସର୍ଗିପାଲି ସହ ମଲମୁଣ୍ଡା ମଧ୍ୟରେ ମ୍ୟାଚ ହୋଇଥିଲା। ବନ୍ଧପଡ଼ା କ୍ରିକେଟ ଟିମ୍ ସେମି ଫାଇନାଲକୁ ପ୍ରବେଶ କରିଛି।

### ପୁଣି ଚରମ୍ପାରୁ ଲୁଟ୍

# ଶିଶୁକୁ ଖୁଆଇବା ବେଳେ ନେଇଗଲେ ୧୦ ଭରି ସୁନା

ଭଦ୍ରକ,୧୦ ।୧୧(ସମିସ)

କୌଣସି ଉତ୍ସବରେ ଯୋଗଦେଇ ଜଣେ ମହିଳା ଫେରୁଥିବାବେଳେ ରାସ୍ତାରେ ଛୋଟଛୁଆକୁ ଖାଇବାକୁ ଦେଉଥିଲେ। ଏହି ସମୟରେ ତାଙ୍କଠାରୁ ୧୦ ଭରି ଓଜନର ସୁନା ଓ ରୁପା ଅଳଙ୍କାର ଭର୍ତ୍ତି ବ୍ୟାଗ୍‌କୁ ଲୁଟିନେଲେ ଦୁର୍ବୃତ୍ତ। ସୂଚନା ଅନୁଯାୟୀ, ଜଗତସିଂପୁର ଅଞ୍ଚଳର ପଦ୍ମଲୋଚନ ସ୍ୱାଇଁ ଓ ତାଙ୍କ ପତ୍ନୀ ଚିନ୍ମୟୀ ସାହୁ ବାଲେଶ୍ୱରରେ ଏକ ଘରୋଇ କମ୍ପାନୀରେ କାମ କରନ୍ତି। କୌଣସି ଘରୋଇ କାର୍ଯ୍ୟକ୍ରମ ପାଇଁ ସେ କଟକ ଯାଇଥିଲେ। ସେଠାରୁ ବାଇକ୍ ଯୋଗେ ଫେରିବାବେଳେ ଚିନ୍ମୟୀ ତାଙ୍କ ଛୁଆକୁ ୧୬ ନମ୍ବର ଜାତୀୟ ରାଜପଥର ଭଦ୍ରକ ସହରାଞ୍ଚଳ ଥାନା ଅଧୀନ ଚରମ୍ପା ସର୍ଭିସ୍‌ରୋଡ କଡରେ ଥିବା କପିଳା ସାହୁଙ୍କ ଜଳଖିଆ ଦୋକାନରେ ପୂର୍ବାହ୍ନ



ସାଢ଼େ ୧୧ଟା ବେଳେ ଖୁଆଇବା ପାଇଁ ଅଟକିଥିଲେ। ପିଲାକୁ ଖୁଆଇବା ବେଳେ ଚିନ୍ମୟୀଙ୍କ ଭ୍ୟାନିଟି ବ୍ୟାଗରେ ଥିବା ୧୦ ଭରି ଓଜନର ସୁନା ଓ ରୁପା ଗହଣା ନେଇ ଲୁଟେରା ଚମ୍ପଟ ମାରିଥିଲା। ତେବେ ସେ ଏ ନେଇ ସଙ୍ଗେ ସଙ୍ଗେ ଭଦ୍ରକ ଟାଉନ ପୁଲିସକୁ ଜଣାଇବା ପରେ ପୁଲିସର ୨ଟି ଟିମ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ, ନିକଟରେ ଗତ ଅକ୍ଟୋବର ମାସ ୧୦ ତାରିଖ ଦିନ ଭଦ୍ରକ ଟାଉନ ଥାନା ଅନ୍ତର୍ଗତ ଚରମ୍ପାର ଷ୍ଟେସନ ରୋଡ୍‌ରୁ ୪ ଲକ୍ଷ ୬୦ ହଜାର ଟଙ୍କା ଲୁଟ୍ ହୋଇଥିଲା। ତେବେ ପୁଲିସ ଉକ୍ତ ଲୁଟ୍ ଟଙ୍କାରୁ ୪ଲକ୍ଷ ୧୦ହଜାର ଟଙ୍କା ଜବତ କରି ଟଙ୍କାର ମାଲିକ ଗୌରହରି ମହାନ୍ତିଙ୍କୁ ଫେରାଇ ଦେଇଥିଲେ।

# ଅନ୍ୟ ପାଇଁ ପ୍ରେରଣା ପାଲଟିଛନ୍ତି ଦୀପକ

ଜୀବନର କେତେ ରଙ୍ଗ

ଭୁବନେଶ୍ୱର, ୧୦।୧୧(ସମିସ): ସବୁଦିନ ଭଳି ସେଦିନ ବି ବସ୍ ଚଢ଼ି ସ୍ୱପ୍ନ ଖୋଜିବାକୁ ଯାଇଥିଲେ। ହେଲେ ନିୟତିର ନିୟମ ଆଗରେ ସବୁ କିଛି ଯେମିତି ଓଲଟପାଲଟ ହେଇଗଲା। ଆଖି ପିଛୁଳାକେ ସୁସ୍ଥ ସବଳ ମଣିଷର ପରିଚୟ ବଦଳିଗଲା। ଭାଗ୍ୟକୁ ନା ଆଉ କାହାକୁ ଦୋଷ ଦେବା ଆଗରୁ ସବୁ କଷ୍ଟ ଯନ୍ତ୍ରଣା ନିଜକୁ ଭୋଗିବାକୁ ପଡ଼ିଥିଲା।



ଏ ହେଉଛନ୍ତି ଦୀପକ କୁମାର ଦାସ। ଭଦ୍ରକ ଜିଲ୍ଲାର ଭଣ୍ଡାରିପୋଖରୀ ଅନ୍ତର୍ଗତ ଠଙ୍ଗା ଗ୍ରାମରେ ତାଙ୍କ ଘର। ସମୟର ପଶାପାଲି ଖେଳରେ ସିନା ନିଜ ଗୋଡ଼ ହରାଇ ବସିଛନ୍ତି ହେଲେ ଦୃଢ଼ ଇଚ୍ଛା ଶକ୍ତି ଆଜି ବି ତାଙ୍କୁ ବାଟ ଚଲାଇବାରେ ସାହାଯ୍ୟ କରୁଛି। ଘରର ବଡ଼ ପୁଅ ହିସାବରେ ଯେଉଁ ଦାୟିତ୍ୱର ଦାୟାଦ ସେ ପାଲଟି ଥାଆନ୍ତେ ସେଥିରୁ ସେ ଓହରି ଯାଇ ନାହାନ୍ତି କି ହାର ମାନିନାହାନ୍ତି। ହଁ ୟା ଭିତରେ ସ୍ୱପ୍ନ ବଦଳିଛି, ସାହାରା ବଦଳିଛି ହେଲେ ସଂଘର୍ଷର ସ୍ରୋତରେ ନିଜେ ନିଜ ଜୀବନର ଆହୁଲା ମାରି ଆଗେଇ ଚାଲିଛନ୍ତି ଦୀପକ। ସମ୍ଭବତଃ ଅନ୍ୟମାନଙ୍କ ପାଇଁ ପ୍ରେରଣାର ପ୍ରଦୀପ ପାଲଟିଛନ୍ତି।

ସେଦିନର ଦୁର୍ଘଟଣା ତାଙ୍କ ଜୀବନର ଏକ ଭିନ୍ନ ମୋଡ଼ ଆଣି ଦେଇଥିଲା। ଦ୍ୱାଦଶରେ ପଢୁଥିବାବେଳେ ବସ୍ ଯୋଗେ ପରୀକ୍ଷା ଦେବାକୁ ଘରୁ କଲେଜ ବାହାରିଥିଲେ। ହେଲେ ସେଦିନର ଦୁର୍ଘଟଣା ଯୋଗୁଁ ତାଙ୍କ ଗୋଡ଼ରେ ଗଭୀର ଭାବେ ଆଘାତ ଦେଇଥିଲା। ଫଳରେ ତାଙ୍କୁ ଏକ ପାର୍ଶ୍ୱ ଗୋଡ଼ ହରାଇବାକୁ ପଡ଼ିଥିବାବେଳେ ଅନ୍ୟ ପାର୍ଶ୍ୱର ଚାଲିବା ଶକ୍ତି ମଧ ଚାଲିଗଲା। ସେପଟେ ଘରର ଆର୍ଥିକ ସ୍ଥିତି ଠିକ୍ ନଥାଏ। ହେଲେ ପାଠପଢ଼ିବାର ତାଙ୍କ ଇଚ୍ଛା ସେଇଠି ଅଟକି ଯାଇ ନଥିଲା। ଅପରେସନରେ ଗୋଡ଼ କଟାଯିବାର ୪ ବର୍ଷ ପର୍ଯ୍ୟନ୍ତ ସେ ଶଯ୍ୟାଶାୟୀ ଥିଲେ। ପରେ ଟିକେ ସୁସ୍ଥ ହେବା ପରେ ପୁଣି ପାଠପଢ଼ିବାକୁ ମନସ୍ଥ କଲେ। ଯାଜପୁର ଏକ କଲେଜରେ ନିଜର ସ୍ନାତକ ସାରି ଏବେ ଓଡ଼ିଆରେ ସ୍ନାତକୋତ୍ତର ରାଜଧାନୀ ମହାବିଦ୍ୟାଳୟରେ କରୁଛନ୍ତି। ସେଥିପାଇଁ ତାଙ୍କୁ ପ୍ରତିଦିନ ଭଦ୍ରକରୁ ଭୁବନେଶ୍ୱର ବସ ଯୋଗେ ଯିବା ଆସିବା କରିବାକୁ ପଡ଼ିଥାଏ। ସକାଳ ୫ଟାରୁ ଘରୁ ବାହାରିଲେ ରାତି ୯ଟାରେ ନିଜର କ୍ଲାସ କିମ୍ବା ପରୀକ୍ଷା ସାରି ଫେରିଥାନ୍ତି। ଏଥିପାଇଁ ତାଙ୍କୁ ଅଧ୍ୟାପକଙ୍କଠାରୁ ଆରମ୍ଭକରି ସହପାଠୀମାନେ ମଧ ସାହାଯ୍ୟ କରନ୍ତି। କେତେବେଳେ ପାଠପଢ଼ା ଏବଂ ନୋଟ୍‌ସ୍ ତିଆରିରେ ମଧ ଗାଇଡ୍ କରିଥାନ୍ତି। ତେଣୁ ଭବିଷ୍ୟତରେ ସେ ଆହୁରି ପାଠପଢ଼ି ଘରର ଆର୍ଥିକ ସମସ୍ୟା ଦୂର କରିବା ସହ ପରିବାର ଦାୟିତ୍ୱ ନେବାକୁ ଚାହୁଁଛନ୍ତି। ଆଗକୁ ଅଧ୍ୟାପକ ହେବାର ଲକ୍ଷ୍ୟ ମଧ ରଖିଛନ୍ତି। ଏଥିପାଇଁ ତାଙ୍କୁ ସମସ୍ତଙ୍କ ସହାୟତା ଓ ଆଶୀର୍ବାଦ ଆବଶ୍ୟକ ବୋଲି କୁହନ୍ତି। ହେଲେ ନିଜ ସ୍ୱପ୍ନ ବିଷୟରେ ସେ ଉତ୍ତର ଦେଇଥିଲେ ସଙ୍ଗୀତ କଳାକାର ହେବାର ସେ ପିଲାବେଳୁ ସ୍ୱପ୍ନ ଦେଖିଥିଲେ। ଯାହା ଆଜି ବି ତାଙ୍କ ମନରେ ସାଇତା ହୋଇ ରହିଛି। ସମୟ ମିଳିଲେ ସେ ଏକୁଟିଆ ବସି ସଙ୍ଗୀତ ଅଭ୍ୟାସ କରନ୍ତି ତ କେତେବେଳେ ସାମାଜିକ ଗଣମାଧ୍ୟମରେ ସଙ୍ଗୀତ ପ୍ରତିଭା ଦେଖାଇ ଲୋକଙ୍କ ଆଦର ସାଉଁଟିଥାନ୍ତି।

## ବିଦ୍ୟୁତ୍ ଆଘାତରେ ଶ୍ରମିକଙ୍କ ମୃତ୍ୟୁ

ବାସୁଦେବପୁର,୧୦ ।୧୧(ସମିସ): ଚିଙ୍ଗୁଡ଼ି ପ୍ଲାଣ୍ଟରେ କାମ କରୁଥିବା ସମୟରେ ବିଦ୍ୟୁତ ଆଘାତରେ ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ ଗୋପବନ୍ଧୁନଗରର ରବୀନ୍ଦ୍ର ରାଉତଙ୍କ ପୁଅ ଗୋବିନ୍ଦ । ବିନୋବାଭାବେ ନଗରଠାରେ ଥିବା ଏକ ଘରୋଇ ଚିଙ୍ଗୁଡ଼ି ପୋଖରୀରେ ସେ ଶ୍ରମିକ ଭାବରେ କାମ କରୁଥିଲେ । ଏହି ସମୟରେ ସେ ବିଦ୍ୟୁତ ସଂସ୍ପର୍ଶରେ ଆସି ଚେତାଶୂନ୍ୟ ହୋଇପଡ଼ିଥିଲେ । କିଛି ସମୟ ପରେ ପ୍ଲାଣ୍ଟରେ ଅନ୍ୟ ଜଣେ ଶ୍ରମିକ ପହଂଚିବା ପରେ ଘଟଣା ସମ୍ପର୍କରେ ଜାଣିବାକୁ ପାଇଥିଲେ । ଚିକିତ୍ସା ପାଇଁ ତାଙ୍କୁ ବାସୁଦେବପୁର ଡାକ୍ତରଖାନାକୁ ଆଣିଥିବାବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ।

## ଶିକ୍ଷାବିତ୍‌ଙ୍କ ପରଲୋକ

ଧାମନଗର,୧୦ ।୧୧(ସମିସ): ଧାମନଗର ବ୍ଲକ ରାଧାବଲ୍ଲଭପୁର ପଂଚାୟତ ଷୋଳଗାଁର କଳା ଓ ଆଦର୍ଶ ଶିକ୍ଷକ ଚୈତନ୍ୟ ଚରଣ ଲେଙ୍କାଙ୍କ (୮୪) ବର୍ଷରେ ବାର୍ଦ୍ଧକ୍ୟ ଜନିତ କାରଣରୁ



ପରଲୋକ ଘଟିଛି । ସେ ସ୍ୱଭାବରେ ଜଣେ ଶାନ୍ତ, ସରଳ, ନମ୍ର ବ୍ୟକ୍ତିତ୍ୱ ସହିତ ଜଣେ ଆଦର୍ଶ ଓ ଛାତ୍ର ବତ୍ସଳ ଶିକ୍ଷକ ଭାବରେ ବହୁ ପରିଚିତ ଥିଲେ । ଶିକ୍ଷକତା ସହିତ ସାହିତ୍ୟ ଓ କଳା ଜଗତରେ ନିଜର ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଥିଲେ । ଯାଜପୁର ଦଶାଶ୍ୱମେଧ ଘାଟରେ ଶେଷକୃତ୍ୟ ସଂପନ୍ନ କରାଯାଇଛି । ବଡ ପୁଅ ଶିକ୍ଷକ ସୁବ୍ରତ ଲେଙ୍କା ମୁଖାଗ୍ନି ଦେଇଥିଲେ । ତାଙ୍କ ବିୟୋଗରେ ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ଟୁନିବାଳା ବିଶ୍ୱାଳ, ସରପଂଚ ପ୍ରିତମ ଦାସ, ସମିତିସଭ୍ୟ ସୂର୍ଯ୍ୟକାନ୍ତ ନାୟକ ପ୍ରମୁଖ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହି ଶୋକବ୍ୟକ୍ତ କରିଛନ୍ତ ।

### ● ପାଳବାଡ଼ିରୁ ଆମଦାନୀ ବିଳମ୍ବ

# ପଞ୍ଚୁକ ପରେ ବି ପରିବା ଦର ଆକାଶ ଛୁଆଁ



ବାରିକପୁର,୧୦ ।୧୧(ସମିସ): ଗତ ଜୁନ-ଜୁଲାଇରୁ ଅକ୍ଟୋବର ନଭେମ୍ବର ମାସ ଯାଏଁ ପ୍ରାୟତଃ ବର୍ଷା ଲାଗି ରହିଥିଲା । ତେଣୁ ବର୍ଷା ଦିନିଆ ପନିପରିବାକୁ ଛାଡିଦେଲେ ଶୀତ ଦିନିଆ ପରିବା ଚାଷ ପାଇଁ ବିଳମ୍ବ ଦେଖାଦେଇଛି । ଫଳରେ ପଞ୍ଚୁକ ପରେ ବି ବଜାରରରେ ପରିବାଦର ସୁଦ୍ଧା ଆକାଶ ଛୁଆଁ ରହିଛି। ଭଣ୍ଡାରିପୋଖରୀ ବ୍ଲକର ପଞ୍ଚୁକ ପୂର୍ବରୁ ସବୁଜ ପନିପରିବା ଦର ଯେତିକି ରହିଥିଲା ବ୍ରତ ଶେଷ ହେବା ପରେ ମଧ୍ୟ ମୂଲ୍ୟ ଅପରିବର୍ତ୍ତିତ ରହିଛି। ଏପରିକି କେତେକ ପରିବା ଦର ବୃଦ୍ଧି ମଧ ପାଇଛି। ମଞ୍ଜୁରୀରୋଡ଼, କୁଲଣା, ମାଳଦା, ଖୋଳାମୁହଁ, ବାରିକପୁର, ସରସଦା ପ୍ରମୁଖ ସ୍ଥାନରେ ଏବେବି ପରିବା ଦର ଆକାଶ ଛୁଆଁ ରହିଛି। ବର୍ଷା ଲାଗି ରହିବା କାରଣରୁ ବୈତରଣୀ ଓ ଗେଙ୍ଗୁଟି ନଦୀ ସଂଲଗ୍ନ ସ୍ଥାନରେ ରହିଥିବା ପାଳବାଡ଼ିରେ ପନି ପରିବା ଚାଷ ହୋଇପାରିନଥିଲା । ସପ୍ତାହେ କିମ୍ବା ଦୁଇ ସପ୍ତାହ ପୂର୍ବରୁ ସେଥିରେ ଚାରା ଲାଗିଥିବା ବେଳେ ଚାଷୀ ମାନେ ଏବେ ସେଗୁଡିକର ବେଉଷଣ କରୁଛନ୍ତି । ତେଣୁ ପାଳରୁ ପନିପରିବା ଆମଦାନୀ ହେବା ଆଉ ମାସେ ଲାଗିବ ବୋଲି ବିଭିନ୍ନ ଅଂଚଳର ଚାଷୀ ମାନେ କହିଛନ୍ତି। ତେଣୁ ଏପରିସ୍ଥଳେ ବାହାରୁ ଆସୁଥିବା ପରିବାର ମୂଲ୍ୟ କମ ହେଉନାହିଁ। କେବଳ କଖାରୁ, ଅମୃତଭଣ୍ଡା ଓ ପୋଇକୁ ଛାଡି ଦେଲେ ଅନ୍ୟ ସମସ୍ତ ସାମଗ୍ରୀ କିଣିବା ସାଧାରଣ ଖାଉଟିଙ୍କ ପାଇଁ କଷ୍ଟକର ହୋଇ ପଡୁଛି। ବଜାରରେ ବାଇଗଣ କେଜି ପ୍ରତି ୬୦ରୁ ୭୦ଟଙ୍କା ବିକ୍ରି ହେଉଥିବା ବେଳେ ଫୁଲକୋବି ୮୦, ବନ୍ଧା ୫୦, ସଜନା କେଜି ପ୍ରତି ୧୦୦, ଗାଜର ୬୦, ଭେଣ୍ଡି ୬୦, ଝୁଡ଼ଙ୍ଗ ୬୦, ବିମସ ୬୦ ଓ କଲରା କେଜି ପ୍ରତି ୮୦ଟଙ୍କାରେ ବିକ୍ରି ହେଉଛି । ଜଣେ ସାଧାରଣ ଲୋକ ୧୦୦/୨୦୦ଟଙ୍କା ନେଇ ବଜାରକୁ ଗଲେ ସମସ୍ତ ପରିବା ଏକାଥରେ କ୍ରୟ କରିବା ସମ୍ଭବ ହେଉନାହିଁ। ତେଣୁ ସ୍ଥାନୀୟ ଅଞ୍ଚଳର ପରିବା ୍ୱଜାର ଗୁଡ଼ିକୁ ନ ଆସିବା ଯାଏଁ ଲୋକେ ବର୍ଦ୍ଧିତ ମୂଲ୍ୟର ଶିକାର ହେବେ ।

# 'ମା, ମାଟି ଓ ମଣିଷଙ୍କ ସେବା ଏନ୍‌ଏସ୍‌ଏସ୍‌ର ମୂଳ ମନ୍ତ୍ର'




ଅସୁରାଳି,୧୦ ।୧୧(ସମିସ): ସାରଦା ଦେବୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଜାତୀୟ ସେବା ଯୋଜନା ଅଧୀନରେ ଚାଲିଥିବା ସ୍ୱତନ୍ତ୍ର ସେବା ଶିବିରର ୫ମ ଦିନର ପ୍ରଥମ ଅଧିବେଶନ ଉତ୍ସାହ ଓ ଉଦ୍ଦୀପନାରେ ଅନୁଷ୍ଠିତ ହେଲା । ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଲାୟନସ କ୍ଲବର ପି.ଡି.ଜି. ପ୍ରକାଶ କୁମାର ଜେନା ଓ ମୁଖ୍ୟବକ୍ତା ଭାବେ ବରିଷ୍ଠ ସାମ୍ବାଦିକ ପ୍ରଦୀପ ମହାପାତ୍ର ଉପସ୍ଥିତ ଥିଲେ । ପ୍ରଦୀପ ମହାପାତ୍ର ତାଙ୍କ ଉଦ୍‌ବୋଧନରେ ଶିବିରାର୍ଥୀ ଛାତ୍ରଛାତ୍ରୀଙ୍କୁ ଦେଶସେବା ପ୍ରତି ନିବେଶିତ ହେବାକୁ ଆହ୍ୱାନ କରି କହିଥିଲେ, 'ମା, ମାଟି ଓ ମଣିଷଙ୍କ ସେବା ହେଉଛି ଏନ୍‌ଏସ୍‌ଏସ୍‌ର ମୂଳ ମନ୍ତ୍ର ।' ପ୍ରକାଶ କୁମାର ଜେନା ମଧ ତାଙ୍କ ଅଭିଭାଷଣରେ ଯୁବପିଢ଼ିକୁ ସାମାଜିକ ଦାୟିତ୍ୱ ବୋଧ ଓ ନୈତିକ ମୂଲ୍ୟବୋଧ ଉନ୍ନତ କରିବା ପାଇଁ ପ୍ରେରିତ କରିଥିଲେ । ଅପରାହ୍ନ ଅଧିବେଶନରେ ପ୍ରାକ୍ତନ ଅଧକ୍ଷ ବିଶ୍ୱମ୍ଭର ଦାସ, ଧୂଷୁରୀ ପ୍ରେସ ୟୁନିଅନ କୋଷାଧକ୍ଷ ରତିକାନ୍ତ ନାୟକ ଓ ଅଧାପକ ଶ୍ରୀଧର ସାହୁ ଯୋଗ ଦେଇ ସାଂସ୍କୃତିକ କାର୍ଯ୍ୟକ୍ରମ ଉପଭୋଗ କରିଥିଲେ। ସେମାନେ ନୈତିକ ଶିକ୍ଷା ମାଧମରେ ସେବା ଓ ଏକତାର ମୂଲ୍ୟ ବିକାଶ ଉପରେ ଜୋର ଦେଇଥିଲେ। ସମଗ୍ର କାର୍ଯ୍ୟକ୍ରମକୁ ଅଧାପକ ପ୍ରଭାତ ଧଳ ଦକ୍ଷତାର ସହିତ ପରିଚାଳନା କରିଥିଲେ। ଶିବିର ମାଧମରେ ଛାତ୍ରଛାତ୍ରୀମାନେ ନିଜ ଜୀବନରେ ଏକ ଉତମ ନାଗରିକ ଭାବେ ଗଢିଉଠିବା ପାଇଁ ନୈତିକ ଓ ସାମାଜିକ ଶିକ୍ଷା ଅନୁଭବ କରୁଛନ୍ତି ।

# ଶ୍ରୀଜଗନ୍ନାଥ ମହୋତ୍ସବର ତୃତୀୟ ସନ୍ଧ୍ୟା

ଅସୁରାଳି,୧୦ ।୧୧(ସମିସ): ବିଶ୍ୱର ସକଳ ଧର୍ମଶାସ୍ତ୍ରର ସାରତତ୍ୱ ଶ୍ରୀଜଗନ୍ନାଥ ସଂସ୍କୃତିରେ ଅନୁଭବନୀୟ, ଅଥଚ ଏହି ସଂସ୍କୃତି କୈଣସି ଧର୍ମଧାରାରେ ସୀମାବଦ୍ଧ ନୁହେଁ। ଜଗନ୍ନାଥ ସଂସ୍କୃତିରେ କୌଣସି ପ୍ରକାର ଅଂଚଳିକ ସଂକୀର୍ଣ୍ଣତା ନାହିଁ। ଏହା ଅତୀତ, ବର୍ତମାନ ଓ ଭବିଷ୍ୟତର ସଂଯୋଗକାରୀ ସେତୁ। ପରିବର୍ତ୍ତିତ ସ୍ଥିତିରେ ଏହାର ବାହ୍ୟ ରୂପର ପରିବର୍ତନ ଘଟିଥିଲେ ହେଁ ମୂଳତତ୍ୱ ଅପରିବର୍ତିତ ରହିଛି। ପରିଣାମ ସ୍ୱରୂପ ବିଶ୍ୱର ସକଳ ସଂସ୍କୃତି ମଧ୍ୟରେ ଏହା ସମନ୍ୱୟ ପ୍ରତିଷ୍ଠା କରିପାରିଛି। ଜଗନ୍ନାଥ ସଂସ୍କୃତି ସମସ୍ତ ଜାତି, ଧର୍ମ, ପ୍ରଥା, ପରମ୍ପରା ଓ ସଂସ୍କୃତିକୁ ପ୍ରଶୟ ଦେଇଛି। ନିଜେ ବଂଚିବା ଓ ଅନ୍ୟକୁ ବଂଚାଇବା ଏହାର ମୌଳିକ ନୀତି। ଏହି ସଂସ୍କୃତିରେ ଏକତା, ସମାନତା, ଶାନ୍ତିପୂର୍ଣ୍ଣ ସହାବସ୍ଥାନ ଓ ଭ୍ରାତୃତ୍ୱର ବାଣୀ ଅତି ସୁସ୍ପଷ୍ଟ। ଚତୁର୍ଦ୍ଧା ମୂର୍ତିଙ୍କର ଚାରିଗୋଟି ବର୍ଣ୍ଣ ସମଗ୍ର ମାନବ ଜାତିର ବିଭିନ୍ନ ରଙ୍ଗର ନିଦର୍ଶନ।




ଏହି ଜଗନ୍ନାଥ ସଂସ୍କୃତି ର ପ୍ରଚାର ପ୍ରସାର ଘଟାଉଛି ଗୋବିନ୍ଦପୁର ରେ ଚାଲୁଥିବା ୧୩୩ ତମ ଜଗନ୍ନାଥ ମହୋତ୍ସବ। ଉକ୍ତ ମହୋତ୍ସବ ର ତୃତୀୟ ସନ୍ଧ୍ୟାରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ ତଥା ଜଗନ୍ନାଥ ପ୍ରେମୀ ପହଂଚି ଜଗନ୍ନାଥ ସଂସ୍କୃତି ର ନିଦର୍ଶନ ଓ ସାର ତତ୍ୱ କୁ ବ୍ୟାଖ୍ୟା କରିଥିଲେ। ଏହି ପରିପ୍ରେକ୍ଷୀରେ ସୃଷ୍ଟି ହୋଇଥିବା ସଭାରେ ସଭାପତିତ୍ୱ ସାମ୍ବାଦିକ ସନ୍ତୋଷ ଦାସ କରିଥିଲେ । ସଭା ସଂଚାଳନ କରିଥିଲେ ଧୂଷୁରୀ ପ୍ରେସ୍ ୟୁନିଅନ କୋଷାଧକ୍ଷ ରତିକାନ୍ତ ନାୟକ। ମୁଖ୍ୟ ଅତିଥି ଭାବେ ସଙ୍ଗୀତ ନିର୍ଦ୍ଦେଶନା ସୁବାଷ ରାଓ ଯୋଗଦେଇ ଥିଲେ ଓ ସମ୍ମାନିତ ଅତିଥି ଭାବେ ସଙ୍ଗୀତ ନିର୍ଦ୍ଦେଶକ ରାମନାରାୟଣ ମହାନ୍ତି, ହାସ୍ୟ ଅଭିନେତା ବିପିନ ନନ୍ଦ ସାହୁ, ସଙ୍ଗୀତକାର ମନୋଜ ପଣ୍ଡା, କବି ଜଗନ୍ନାଥ କର, ଅଧାପକ ଶ୍ରୀଧର ସାହୁ, ଅଧାପକ ପ୍ରଭାତ ଧଳ , କୃଷକ ନେତା ଶ୍ୟାମସୁନ୍ଦର ସେଠୀ ପ୍ରମୂଖ ଯୋଗଦେଇ ଥିଲେ। ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା ମହାପ୍ରଭୁ ଜଗନ୍ନାଥ ଙ୍କ ଫଟୋଚିତ୍ର ଉପରେ ମାଲ୍ୟାର୍ପଣ ଓ ପ୍ରଦୀପ ପ୍ରଜ୍ୱଳନ ସହିତ । ପରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମ ର ମୁଖ୍ୟ ଆକର୍ଷଣ ଥିଲା ଉତ୍କଳ ମ୍ୟୁଜିକ୍ ବିଶ୍ୱ ଗ୍ରୁପ ନିଜର କଳା ନୈପୁଣ୍ୟତା ଦେଖାଇ ଉପସ୍ଥିତ ଦର୍ଶକ ତଥା ଶ୍ରଦ୍ଧାଳୁ ଙ୍କ ମନ ମୋହିଥିଲେ! ଭିନ୍ନ ଭିନ୍ନ ଜଗନ୍ନାଥ ଭଜନ ରେ ସଙ୍ଗୀତ ପରିବେଷଣ ହୋଇଥିଲା ଯାହା ସମ୍ପୂର୍ଣ୍ଣ ପରିବେଶ କୁ ଆଧ୍ୟାତ୍ମିକତା ର ପାବନ ପୀୟୂଷ ରେ ରସାମୃତ କରିଥିଲା । ଶେଷରେ ସନ୍ତୋଷ ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

## ଦୁଇ ଗାଡ଼ି ମୁହାଁମୁହିଁ; ଯୁବକ ମୃତ

ଧାମନଗର,୧୦ ।୧୧(ସମିସ):ଧାମନଗର ଥାନା ମହୁରା ଛକ ନିକଟରେ ରବିବାର ରାତିରେ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତ ଯୁବକ ନିର୍ଗୁଣ୍ଡି ପଞ୍ଚାୟତ ଶିବବିନ୍ଧା ଗାଁର ମୁକ୍ତିକାନ୍ତ ସାମଲଙ୍କ ପୁଅ ଧନଞ୍ଜୟ ସାମଲ (୩୦) । ଏକ ଟାଟା ମେଜିକ ଗାଡ଼ି ଧାମନଗର ଛକ ଆଡ଼କୁ ଆସୁଥିଲା। ସେହି ସମୟରେ ଧନଞ୍ଜୟ ବୁଲେଟ୍ ନେଇ ଆସୁଥିବା ବେଳେ ମହୁରା ଛକ ନିକଟରେ ଧକ୍କା ହୋଇଥିଲା। ଫଳରେ ଧନଞ୍ଜୟ ରାସ୍ତା ପାର୍ଶ୍ୱରେ ଛିଟିକି ପଡ଼ି କଟା ଗଛରେ ପିଟି ହୋଇଯାଇଥିଲେ। ଫଳରେ ସେ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ତୁରନ୍ତ ଦମକଳ ବାହିନୀକୁ ସୂଚନା ଦେଇଥିଲେ। ଦମକଳ ବାହିନୀ ପହଞ୍ଚି ଧନଞ୍ଜୟଙ୍କୁ ଗୁରୁତର ଅବସ୍ଥାରେ ଧାମନଗର ମେଡିକାଲକୁ ନେଇଥିଲେ। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଧାମନଗର ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଘଟଣା ସ୍ଥଳରୁ ଟାଟା ମେଜିକ ଫେରାର ହୋଇଯାଇଥିବା ଜଣାଯାଇଛି।

## ବୈତରଣୀଶ୍ୱରୀ ପାଲା କମିଟିର ୫୦ ବର୍ଷ ପୂର୍ତ୍ତି



ଦୋବଲ,୧୦ ।୧୧(ସମିସ):ଦୋବଲ ନିକଟସ୍ଥ ସୋହଡ଼ା ପଞ୍ଚାୟତ ଷେଣ୍ଢପୁର ଠାରେ ବୈତରଣୀଶ୍ୱରୀ ପାଲା କମିଟିର ୫୦ ବର୍ଷ ପୂର୍ତ୍ତି ଏବଂ ରାସ ପୂର୍ଣ୍ଣିମା ଓ ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଆୟୋଜିତ ସଭାରେ କମିଟିର ସଭାପତି ଦଶରଥ ଗାହଣଙ୍କ ସଭାପତିତ୍ୱ କରିଥିଲେ। ସମାଜସେବୀ ପ୍ରମୋଦ କୁମାର ସୂତାର ସଂଯୋଜନା କରିଥିଲେ। ଅତିଥି ଭାବେ ସୁବାସ ଚନ୍ଦ୍ର ମଲ୍ଲିକ, ଦାମୋଦର ସୁତାର, ବାବୁଲି ବାଭି, ରମେଶ ଚନ୍ଦ୍ର ଦତ୍ତ, ଆନନ୍ଦ ଚନ୍ଦ୍ର ଦାସ, ଶିଶିର ମିଶ୍ର, ବିଷ୍ଣୁ ମୋହନ ମିଶ୍ର ଯୋଗଦେଇ ଥିଲେ। ସମ୍ପାଦକ ଗଗନ ବିହାରୀ ସାହୁ ଉଦ୍ଦେଶ୍ୟ ଜ୍ଞାପନ କରିଥିବା ବେଳେ ଭରତ ଚନ୍ଦ୍ର ତରାଇ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଆଖପାଖ ଅଞ୍ଚଳର ପାହଡ଼ପୁର, ସୋଧ, ପିତେଇପୁର, ରାମେଶ୍ୱରପୁର, ଭଗବାନପୁର, ପଳିକିରି, ବିରୁହଁ, ମୁଁହାଣପଡା, ବଡଲାଙ୍ଗ ଓ କଟିକଟା ପୁରାତନ ପାଲା କମିଟିକୁ ସମ୍ବର୍ଦ୍ଧନା କରାଯାଇଥିଲା ଏହି ଅବସରରେ ସେଠାରେ ମାଳିକାଚାର୍ଯ୍ୟ ବିଭୁତି ଭୂଷଣ ପାଳଙ୍କ ଦ୍ୱାରା ପ୍ରବଚନ ଏବଂ ଗାୟକ ପ୍ରବୀର ସନାତନ ଦାସ ଓ ଗାୟକ ପିୟୁଷ ସତ୍ୟନାରାୟଣ ଜେନାଙ୍କ ଦ୍ୱାରା ବାଦିପାଲା ପରିବେଷଣ ସହିତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଚାଲିଛି। ପୂର୍ବତନ ସରପଞ୍ଚ ଭରତ ତରାଇ ଧନ୍ୟବାଦ ଅର୍ପଣ କରିଥିଲେ।

# 'ସାଂସ୍କୃତିକ ଜାଗରଣ ଭଦ୍ରକ ଭୂଖଣ୍ଡର ଅସ୍ମିତା'

ଭଦ୍ରକ,୧୦ ।୧୧(ସମିସ)

ଭାରତ ବର୍ଷ ତଥା ସମଗ୍ର ଓଡ଼ିଶା ରାଜ୍ୟରେ ଭଦ୍ରକ ଜିଲ୍ଲାର ସ୍ଥାନ ସ୍ୱତନ୍ତ୍ର। ଭାରତର ସ୍ୱାଧୀନତା ସଂଗ୍ରାମରେ ଏହି ମାଟିର ମଣିଷମାନେ ଯୋଗଦେଇ ଯେପରି ଅଦମ୍ୟ ସାହସ ପ୍ରଦର୍ଶନ କରି ବଳିଦାନ ଦେଇଛନ୍ତି। ସେପରି ଏହି ମାଟି ସଂସ୍କୃତି, ସାହିତ୍ୟ, ଐତିହ୍ୟର ଗୌରବ ଗୀତିକା ଗାଉଛି। ଏହି ମାଟିର ମଣିଷ ଉତ୍କଳ କେଶରୀ ହରେକୃଷ୍ଣ ମହତାବ ନୂତନ ଓଡ଼ିଶା ଗଠନରେ ଯେପରି ନେତୃତ୍ୱ ନେଇଥିଲେ ସେପରି ଏହି ମାଟିର ଅମର କବି କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ କାଳଜୟୀ ରଚନା ବନ୍ଦେ ଉତ୍କଳ ଜନନୀ....ଆମ ରାଜ୍ୟର ଜାତୀୟ ସଂଗୀତ ହୋଇ ଆମ ମାଟିର ଅସ୍ମିତାକୁ ଊର୍ଦ୍ଧ୍ୱକୁ ଟେକି ଧରିଛି। ଏଣୁ ଭାରତର ସ୍ୱାଧୀନତା ସଂଗ୍ରାମ ତଥା ସାଂସ୍କୃତିକ ଜାଗରଣ ଏହି ଭୂମିର ଅସ୍ମିତା ବୋଲି ଭଦ୍ରକ ମହୋତ୍ସବ ଓ ପୁସ୍ତକ ମେଳା ଟ୍ରଷ୍ଟ ଆନୁକୂଲ୍ୟରେ ଭଦ୍ରକ ସହର ମନମୋହନ ସଂଗୀତ ପରିଷଦ ପଡ଼ିଆଠାରେ ତ୍ରୟୋଦଶ ଭଦ୍ରକ ମହୋତ୍ସବ ଓ ପୁସ୍ତକ ମେଳା ଉଦଘାଟନ ଉତ୍ସବରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଟ୍ରଷ୍ଟର ସଭାପତି ଇଂ. ଅଭୟ ସୂତାରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସାରସ୍ୱତ ସମାରୋହକୁ ଭଦ୍ରକ ଜିଲ୍ଲାପାଳ ଦିଲୀପ ରାଉତରାଏ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ ଏବଂ ପୁସ୍ତକର ଉପାଦେୟତା ଉପରେ ଆଲୋକପାତ କରିଥିଲେ। ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ ମୁଖ୍ୟ ବକ୍ତା, ଚରମ୍ପା ଆଇ.ଟି.ଆଇ. ଅଧକ୍ଷା ତଥା 'ନୂଆ ଯୁଗର ନୂଆ ସକାଳ' ସମ୍ପାଦିକା କବୟିତ୍ରୀ ଅବନ୍ତୀ ମଲ୍ଲିକ, ରୋଟାରିୟାନ ଶିଶିର କୁମାର ମିଶ୍ର, ଅଧାପକ ରୋଟାରିୟାନ ଶେଖ୍ ନାଶିର ବକ୍ସ, କବୟିତ୍ରୀ ନିରୁପମା ମିଶ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ମହୋତ୍ସବ ଆବାହକ ଅଧାପକ ନୀହାର ରଞ୍ଜନ କର ସ୍ୱାଗତ ଭାଷଣ ତଥା ଅତିଥି ପରିଚୟ ଦେଇଥିବା ବେଳେ ମହୋତ୍ସବ ଓ ପୁସ୍ତକ ମେଳାର ସମ୍ପାଦକ ରବିନାରାୟଣ ଖିଲାର ସମ୍ପାଦକୀୟ ବକ୍ତବ୍ୟ ପ୍ରଦାନ କରିଥିଲେ ଓ ଡା. ଅନିଲ କୁମାର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ କବୟିତ୍ରୀ ନିରୁପମା ମିଶ୍ରଙ୍କ କବିତା ପୁସ୍ତକ 'ଅସ୍ତରାଗ' ଲୋକାର୍ପିତ ହୋଇଥିଲା। ସହ ସମ୍ପାଦିକା କଳ୍ପନା ଜେନା ଅତିଥି ମାନଙ୍କୁ ମଂଚ ନିମନ୍ତ୍ରଣ କରିଥିବାବେଳେ ସାଂସ୍କୃତିକ ସମ୍ପାଦକ ରାମନାରାୟଣ ମହାନ୍ତି ସ୍ୱାଗତ ଭାଷଣ ସଂଗୀତ ପରିବେଷଣ କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ଡ.ଜାନକୀ ପାଢ଼ୀ ଓ ଅଧକ୍ଷା ଦିପ୍ତୀମୟୀ ସାହୁ, କବୟିତ୍ରୀ ତଥା ଶିକ୍ଷୟିତ୍ରୀ ମନୋରମା ରାୟ, କବୟିତ୍ରୀ ସଂଯୁକ୍ତା ବଳ ମମତା ଦାଶ ଓଡ଼ିଶା ଜାତୀୟ ସଂଗୀତ ପରିବେଷଣ କରିଥିଲେ ।, ସୁଶ୍ରୀ ଅଞ୍ଜନା ମିଶ୍ର, କବୟିତ୍ରୀ ଚୈତାଳି ଖିଲାର, ଆଡଭୋକେଟ୍ ଅଞ୍ଜୁବାଳା ରାଉତ, ସୁପ୍ରଭା ମିଶ୍ର, ସୁମିତ୍ରା ପାଣି, ଶଶିକଳା ମିଶ୍ର ଙ୍କ ପ୍ରମୁଖ ମଞ୍ଚ ଓ ମହୋତ୍ସବ ପରିଚାଳନା କରିଥିଲେ । ବ୍ରହ୍ମପୁର ଉଚ୍ଚ ବିଦ୍ୟାଳୟ ର ଛାତ୍ରୀ, ଉତ୍ସବ ଡ୍ୟାନ୍ସ ଗ୍ରୁପର କଳାକାର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ନଭେମ୍ବର ୧୦ରୁ ୨୩ ପର୍ଯ୍ୟନ୍ତ ୧୪ଦିନ ଧରି ଅନୁଷ୍ଠିତ ଉକ୍ତ ସାରସ୍ୱତ ଓ ସାଂସ୍କୃତିକ ସମାବେଶରେ ଓଡ଼ିଶା ସଂସ୍କୃତି ବିଭାଗ ଓ ଭଦ୍ରକ ଜିଲ୍ଲାର ବହୁ କଳାକାର ଓ ପୁସ୍ତକ ପ୍ରକାଶକ ଅଂଶଗ୍ରହଣ କରିବେ ବୋଲି ମହୋତ୍ସବ କମିଟିର ମିଡିଆ ସେଲ୍ ଅଧକ୍ଷ ପ୍ରମୋଦ ରାୟ ପ୍ରକାଶ କରିଛନ୍ତି ।



### ତ୍ରୟୋଦଶ ଭଦ୍ରକ ମହୋତ୍ସବ ଓ ପୁସ୍ତକ ମେଳା ଉଦ୍‌ଘାଟିତ

# ସ୍ଥାନ ଚିହ୍ନଟ ପରେ ବି ବୈଦ୍ୟୁତିକ ଶ୍ମଶାନରେ ବିଳମ୍ବ

ବ୍ରହ୍ମପୁର,୧୦।୧୧(ସମିସ)



ଚିକିତ୍ସିତ ଅବସ୍ଥାରେ ମୃତ୍ୟୁବରଣ କରୁଥିବା ଗାଈ ଓ ଷଣ୍ଢମାନଙ୍କୁ ବ୍ରହ୍ମପୁର ପ୍ରାଣୀ ଚିକିତ୍ସାଳୟ ପରିସରରେ ପୋତା ଯାଉଛି। ବ୍ରହ୍ମପୁର ମହାନଗର ନିଗମର କର୍ମଚାରୀମାନେ ଏଭଳି କାର୍ଯ୍ୟ କରିଥିବା ଜଣାପଡିଛି। ଏହା ଦ୍ୱାରା ଚିକିତ୍ସାଳୟ ପରିସର ପୁରା ଦୁର୍ଗନ୍ଧମୟ ହୋଇପଡିଛି। ଯାହାକୁ ନେଇ ଚିକିତ୍ସାଳୟରେ କାର୍ଯ୍ୟରତ ଡାକ୍ତର, କର୍ମଚାରୀଙ୍କ ସମେତ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ମୃତ ଗାଈ ଓ ଷଣ୍ଢକୁ ଅନ୍ୟ କୌଣସି ସ୍ଥାନରେ ପୋତିବାକୁ ବାରମ୍ବାର ବ୍ରହ୍ମପୁର ମହାନଗର ନିଗମର କର୍ମଚାରୀଙ୍କୁ ଅନୁରୋଧ କରାଯାଇଥିବା ବେଳେ ସେମାନେ ଶୁଣୁନଥିବା ଅଭିଯୋଗ ହୋଇଛି। ପ୍ରତ୍ୟେକ ଦିନ ରେଫ୍ଟ ଗ୍ୟାରେଜ ନିକଟରେ ଥିବା ପ୍ରାଣୀ ଚିକିତ୍ସା କେନ୍ଦ୍ରକୁ ଗୃହପାଳିତ ପଶୁ ଓ ପକ୍ଷୀକୁ ନେଇ ଶତାଧିକ ପଶୁପ୍ରେମୀ ଆସିଥାନ୍ତି। ସେହିପରି ଚିକିତ୍ସାଳୟରେ ସକାଳରୁ ସନ୍ଧ୍ୟା ପର୍ଯ୍ୟନ୍ତ ଡାକ୍ତର ଓ କର୍ମଚାରୀ ଅସୁସ୍ଥ ପଶୁପକ୍ଷୀଙ୍କୁ ଚିକିତ୍ସା ଏବଂ ସେବା କରିଥାଆନ୍ତି। ଅନ୍ୟପକ୍ଷରେ ସହରର ବିଭିନ୍ନ ସ୍ଥାନରେ ଦୁର୍ଘଟଣାରେ ଶିକାର ହୋଇଥିବା ଗାଈ ଓ ଷଣ୍ଢକୁ କିଛି ପଶୁପ୍ରେମୀ ଚିକିତ୍ସା ନିମନ୍ତେ ପ୍ରାଣୀ ଚିକିତ୍ସାଳୟରେ ଭର୍ତ୍ତି କରିଥାନ୍ତି। ସେମାନଙ୍କ ମଧ୍ୟରେ ଗାଈ ଓ ଷଣ୍ଢ ମାନଙ୍କ ଚିକିତ୍ସାଧୀନ ସମୟରେ ମୃତ୍ୟୁ ଘଟିଥାଏ। ନିୟମ ଅନୁସାରେ ଏଭଳି ମୃତ ପଶୁର ବିଧିବଦ୍ଧ ଭାବେ ବ୍ରହ୍ମପୁର ମହାନଗର ନିଗମ ପକ୍ଷରୁ ଅନ୍ତିମସଂସ୍କାର କରିବା ନିୟମ ରହିଛି। ସହରରେ କୌଣସି ଶ୍ମଶାନ ଏଭଳି କାର୍ଯ୍ୟ କରିବାକୁ ଥିବା ବେଳେ ତାହା ହେଉନଥିବା ଅଭିଯୋଗ ହୋଇଛି। ସେହିପରି ଏଭଳି ମୃତଗାଈ ଓ ଷଣ୍ଢର ସମେତ ବୁଲାକୁକୁର, ପଶୁପକ୍ଷୀ ଆଦିଙ୍କ ଶବ ବୈଦ୍ୟୁତିକ ଶ୍ମଶାନରେ ଦାହ କରିବାକୁ ପ୍ରାଣୀପାଳନ ଓ ପ୍ରାଣୀ ଚିକିତ୍ସାଳୟ ନିର୍ଦ୍ଦେଶାଳୟ ବ୍ରହ୍ମପୁର ମହାନଗର ନିଗମକୁ ୫୦ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ଗତ ବର୍ଷ ସେପ୍ଟେମ୍ବର ମାସ ଏହି ରାଶି ଘୋଷଣା କରାଯାଇଛି। ସହରର ଗୋଷାଣୀନୂଆଗାଁ ସ୍ଥିତ ଶ୍ମଶାନରେ ବୈଦ୍ୟୁତିକ ଯନ୍ତ୍ରାଂଶ ଜରିଯାରେ ଶବଦାହ କରିବାକୁ ସ୍ଥାନ ଚିହ୍ନଟ ହୋଇଛି। କିନ୍ତୁ ଏ ପର୍ଯ୍ୟନ୍ତ ଶବ ଦାହ ନିମନ୍ତେ ବୈଦ୍ୟୁତିକ ଶ୍ମଶାନ ହୋଇପାରିଲା ନାହିଁ। ଫଳରେ ବ୍ରହ୍ମପୁର ପ୍ରାଣୀ ଚିକିତ୍ସାଳୟରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁବରଣ କରିଥିବା ଗାଈ ଓ ଷଣ୍ଢକୁ ଉକ୍ତ ମେଡିକାଲ ପରିସରରେ ହିଁ ପୋତା ଯାଉଛି। ଯାହାକୁ ନେଇ ଚିକିତ୍ସାଳୟ କର୍ମଚାରୀ ଓ ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ଦିନକୁ ଦିନ ଅସନ୍ତୋଷ ବୃଦ୍ଧି ପାଉଛି। ତେଣୁ ଏଥି ନିମନ୍ତେ ଜିଲ୍ଲା ପ୍ରଶାସନ, ବ୍ରହ୍ମପୁର ମହାନଗର ନିଗମ ଓ ଜିଲ୍ଲା ପ୍ରାଣୀପାଳନ ଓ ପ୍ରାଣୀ ଚିକିତ୍ସାଳୟ କର୍ତ୍ତୃପକ୍ଷ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ବିଭିନ୍ନ ମହଲରେ ଦାବି ହୋଇଛି। ଅନ୍ୟପକ୍ଷରେ ମୃତ ଗାଈ ଓ ଷଣ୍ଢର ଶବ ବୈଦ୍ୟୁତିକ ଯନ୍ତ୍ରାଂଶ ଜରିଆରେ ପୋଡ଼ିବା ନିକଟ ଟେଣ୍ଡର ଆହ୍ୱାନ ପ୍ରକ୍ରିୟା ଜାରି ରହିଥିବା ବ୍ରହ୍ମପୁର ମହାନଗର ନିଗମର ଡେପୁଟି କମିଶନର ଆଶୀର୍ବାଦ ପରିଡ଼ା କହିଛନ୍ତି।

- ପ୍ରାଣୀ ଚିକିତ୍ସାଳୟ ପରିସରରେ ପୋତାଯାଉଛି ମୃତ ଗୋରୁ
- ଦୁର୍ଗନ୍ଧରେ ଫାଟୁଛି ଚିକିତ୍ସାଳୟ, ବଢୁଛି ଅସନ୍ତୋଷ

## ଆକ୍ରମଣ ମାମଲାରେ ଜଣେ ଗିରଫ



ବ୍ରହ୍ମପୁର,୧୦।୧୧(ସମିସ): ଯୁବକଙ୍କୁ ଆକ୍ରମଣ କରିବା ଅଭିଯୋଗରେ ବୈଦ୍ୟନାଥପୁର ଥାନା ପୁଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଜରଡା ଥାନା ଅନ୍ତର୍ଗତ ଜଗନ୍ନାଥପୁରର ସନ୍ତୋଷ ପ୍ରଧାନ(୨୨)। ସୂଚନାପ୍ରକାରେ, ଲାଞ୍ଜିପଲ୍ଲୀ ସୂର୍ଯ୍ୟନଗରର ନିବାସୀ ଟିଟୁ ସେଠୀଙ୍କୁ ଗତ ୬ତାରିଖରେ ଅଭିଯୁକ୍ତ ସନ୍ତୋଷ, ଶଙ୍କରଙ୍କ ସମେତ ୩ଜଣ ମିଶି ଗାଳିଗୁଲଜ କରିବା ସହ ମାରପିଟ କରିଥିଲେ। ତାଙ୍କ ଉପରକୁ ପଥର ଫିଙ୍ଗିଥିଲେ। ଏହାପୂର୍ବରୁ ମଧ୍ୟ ଅଭିଯୁକ୍ତମାନେ ତାଙ୍କୁ ହତ୍ୟା ଧମକ ଦେଇଥିଲେ। ପୂର୍ବର କୌଣସି ଶତ୍ରୁତାକୁ ନେଇ ଅଭିଯୁକ୍ତମାନେ ତାଙ୍କୁ ଆକ୍ରମଣ କରିବା ସହ ଧମକ ଦେଇଥିଲେ। ଘଟଣାକୁ ନେଇ ଟିଟୁ ବୈଦ୍ୟନାଥପୁର ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ କରିଥିଲା। ଆଜି ଅଭିଯୁକ୍ତ ସନ୍ତୋଷଙ୍କୁ ଗିରଫ ପରେ କୋର୍ଟଚାଲାଣ କରିଥିଲା ପୁଲିସ। ଗତକାଲି ଶଙ୍କର ରେଡ୍ଡୀଙ୍କୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା ପୁଲିସ।

## ଭୁଜାଲିରେ ଆକ୍ରମଣ କରି ଗହଣା ଲୁଟ୍ ଉଦ୍ୟମ

ହିଞ୍ଜିଳିକାଟୁ,୧୦।୧୧(ସମିସ): ହିଞ୍ଜିଳି ଥାନା ତଥା ହିଞ୍ଜିଳିକାଟୁ ସହର ଜାତୀୟ ରାଜପଥ ବ୍ଲକ ଛକରେ ଜଣେ ମହିଳାଙ୍କୁ ଏକାକୀ ଥିବାର ସୁଯୋଗ ନେଇ ସୋମବାର ଜଣେ ଅଜଣା ଦୁର୍ବୃତ୍ତ ଘରେ ପଶି ଭୁଜାଲିରେ ମହିଳାଙ୍କୁ ଆକ୍ରମଣ କରି ସୁନା ଗହଣା ଲୁଟ୍ ଉଦ୍ୟମ କରିଛନ୍ତି। ଲୁଟ ଉଦ୍ୟମ ବେଳେ ସମ୍ପୃକ୍ତ ମହିଳା ଜଣକ ଦୁର୍ବୃତ୍ତର ଆକ୍ରମଣରୁ ବର୍ତ୍ତିବା ପାଇଁ ଉଦ୍ୟମ କରୁଥିବା ବେଳେ ଗୁରୁତର ଆହତ ହୋଇଛନ୍ତି। ଗୁରୁତର ଆହତ ହୋଇଥିବା ମହିଳା ଜଣକ ହେଲେ ରାମ ଗନ୍ତାୟତଙ୍କ ପତ୍ନୀ ଶାନ୍ତି (୩୯)। ସ୍ଥାନୀୟ ଲୋକେ ତାଙ୍କୁ ନିକଟସ୍ଥ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ପୁଲିସ୍ ଘଟଣା ସ୍ଥଳରେ ପହଞ୍ଚି ଅପରାଧୀ ପିନ୍ଧିଥିବା ସାର୍ଟ, ହେଲମେଟ, ଚପଲକୁ ଜବତ କରିଥିବା ଜଣାପଡ଼ିଛି। ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ବ୍ରହ୍ମପୁର ବଡ ମେଡିକାଲକୁ ପଠାଇ ପୁଲିସ୍ ଘଟଣାର ତଦନ୍ତ କରୁଛି। ସୂଚନା ମୁତାବକ ସକାଳ ପ୍ରାୟ ୮ଟା ସମୟରେ ଅଜଣା ଦୁର୍ବୃତ୍ତ ଜଣକ ତାଙ୍କ ସ୍ୱାମୀ ରାମ ଭେଣ୍ଟି ଦେଇଛନ୍ତି ବୋଲି କହି ସେ ଶାନ୍ତିଙ୍କୁ ଭେଣ୍ଟି ଦେଇ ଫେରି ଯାଇଥିଲେ। ପୁଣି ଅପରାହ୍ନ ପ୍ରାୟ ୩ଟାରେ ଘରେ ପଶି ମହିଳାଙ୍କୁ ପିଇବା ପାଣି ମାଗିଥିଲେ। ପାଣି ପିଇବା ପରେ ହଠାତ୍ ଦୁର୍ବୃତ୍ତ ଜଣକ ଭୁଜାଲି ଦେଖାଇ ସେ ପିନ୍ଧିଥିବା ମଙ୍ଗଳ ସୂତ୍ରକୁ ଝାମ୍ପି ନେବା ପାଇଁ ଉଦ୍ୟମ କରିଥିଲା। ଏହି ସମୟରେ ଉଭୟଙ୍କ ମଧ୍ୟରେ ଧସ୍ତା ଧସ୍ତାଧସ୍ତି ହୋଇଥିଲା। ଦୁର୍ବୃତ୍ତର ଭୁଜାଲି ଚୋଟରେ ମହିଳାଙ୍କ ହାତରୁ ପ୍ରଚୁର ରକ୍ତସ୍ରାବ ହୋଇଥିଲା। ଦୁର୍ବୃର୍ତ୍ତ ଜଣକ ସେଠାରୁ ଚମ୍ପଟ ମାରିବାରେ ସକ୍ଷମ ହୋଇଥିଲା। ଉଭୟଙ୍କ ମଧ୍ୟରେ ଧସ୍ତାଧସ୍ତି ବେଳେ ଦୁର୍ବୃତ୍ତ ଜଣକ ସୁନା ଗହଣା ଝାମ୍ପି ନେବାରେ ବିଫଳ ହୋଇଥିବା ଜଣାପଡିଛି। କିନ୍ତୁ ମହିଳା ଜଣକ ସାହସର ସହ ମୁକାବିଲା କରିବା ବେଳେ ଦୁର୍ବୃତ୍ତ ଜଣକ ପିନ୍ଧିଥିବା ସାର୍ଟ ଚିରି ଥିବା ଓ ଘରେ ରଖିଥିବା ହେଲମେଟ ଛାଡ଼ି ଘର ଠାରୁ ଦୂରରେ ରଖିଥିବା ବାଇକରେ ଚମ୍ପଟ ମାରିଥିବା ଜଣାପଡ଼ିଛି। ସହରରେ ଏଭଳି ଘଟଣା ପ୍ରଥମ ଥର ପାଇଁ ଘଟିଥିବା ବେଳେ ସହରରେ ଘଟଣା ପରେ ଭୟ ଓ ଆତଙ୍କର ବାତାବରଣ ସୃଷ୍ଟି ହୋଇଛି।

## ଚାରିଧାମ ବୁଲିବାକୁ ଯାଇ ଜଣେ ମୃତ

ପାତ୍ରପୁର, ୧୦।୧୧ (ସମିସ): ଜରଡ଼ା ଥାନା ପାତ୍ରପୁର ବ୍ଲକ ବାଦପୁର ପଞ୍ଚାୟତ ଅନ୍ତର୍ଗତ ହଳଦିଆପଦର ଗ୍ରାମର ଡ଼ି. ବଳରାମ (୫୫)ଙ୍କ ଅଯୋଧରେ ମୃତ୍ୟୁ ହୋଇଥିବା ଜଣାପଡ଼ିଛି । ଗତ ଶୁକ୍ରବାର ଦିନ ହଳଦିଆପଦର ଠାରୁ ପ୍ରାୟ ୪୦ ଜଣ ବ୍ୟକ୍ତି ତିର୍ଥବସ୍‌ରେ ଚାରିଧାମ ପାଇଁ ବାହାରି ଥିଲେ । ତ୍ରିବେଣି ସଙ୍ଗମରେ ପହଞ୍ଚି ଦର୍ଶନ ସାରିବା ପରେ ସେଠାରୁ ସେମାନେ ଅଯୋଧାରେ ପହଞ୍ଚିଥିଲେ । ଆଜି ସକାଳେ ଗାଧୋଇବା ପାଇଁ ବଳରାମ ଯାଇଥିଲେ ଗାଧୋଇବା ବେଳେ ତାଙ୍କର ଗୋଟିଏ ହାତ ଓ ଗୋଡ଼ ଅଚଳ ହେବାକୁ ଲାଗିଲା ସଙ୍ଗେସଙ୍ଗେ ତାଙ୍କୁ ଅଯୋଧ ମେଡ଼ିକାଲରେ ଭର୍ତ୍ତି କରାଯାଇଥିଲା ସେଠାରେ ତାଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଛି । ସେଠାରୁ ଆମ୍ବୁଲାନ୍ସ ଯୋଗେ ତାଙ୍କ ଶବ ଅଣାଯାଉଛି । ଗ୍ରାମରେ ଖବର ପହଞ୍ଚିବା ପରେ ଗ୍ରାମରେ ଶୋକରଛାୟା ଖେଳି ଯାଇଛି । ଆସନ୍ତାକାଲି ରାତିରେ ଗ୍ରାମରେ ଶବ ପହଞ୍ଚିବ ବୋଲି ଜଣାପଡ଼ିଛି ।

## ଗାଡ଼ି ସହ କୋଇଲା ଜବତ

ରଙ୍ଗେଇଲୁଣ୍ଡା,୧୦।୧୧(ସମିସ): ବିଶେଷ ସୂତ୍ରରୁ ବ୍ରହ୍ମପୁର ଭିଜିଲାନ୍ସ, ବ୍ରହ୍ମପୁର ବନାଞ୍ଚଳ ଓ ବନଖଣ୍ଡ ମୋବାଇଲ ଟିମ ପକ୍ଷରୁ କନିଷି ନିକଟରେ ଯାଞ୍ଚ କରାଯାଉଥିଲା। ଏହି ସମୟେ ଟୁଲୁ ରାସ୍ତାରୁ ବାହାରି କନିଷି ହାଟ ଦେଇ ଗାଡ଼ିଟି ଆନ୍ଧ୍ର ଯାଉଥୁଲା। କନିଷି ହାଟରୁ ରଣ୍ଡା ରାସ୍ତା ଜାତୀୟ ରାଜପଥରେ ଟିମ୍ ଗାଡ଼ିକୁ କାବୁ କରିଥିଲା। ତେବେ ଗାଡ଼ି ଚାଳକ ସେଠାରୁ ଚମ୍ପଟ ମାରିଥିଲା। ଟିମ୍ ଯାଞ୍ଚ କରିବା ସମୟରେ ଗାଡ଼ିରୁ ଦେଢ଼ ଟନ୍‌ରୁ ଅଧିକ କାଠ କୋଇଲା ପାଇଥିଲା। କୋଇଲା କେଉଁଠୁ ଆସିଲା ଏବଂ କେଉଁ ଯାଗାକୁ ଚାଲାଣ ହେଉଥିଲା ସେ ନେଇ ବନ ବିଭାଗ ପକ୍ଷରୁ ତଦନ୍ତ ଜାରି ରହିଥିବା ବ୍ରହ୍ମପୁର ବନପାଳ ସୋମନାଥ ମଲ୍ଲିକ ସୂଚନା ଦେଇଛନ୍ତି। ଚଢ଼ଉରେ ଭିଜିଲାନ୍ସ ବନପାଳ ଏନ୍ ବାଲାଜୀ ଓ ବନରକ୍ଷୀ ରାଜୀବ ପାତ୍ର, ବନପାଳ ସୁମିତ୍ରା ଭୂୟାଁ, ବନରକ୍ଷୀ ସୁରଭି ପାଣିଗ୍ରାହୀ ପ୍ରମୁଖ ସାମିଲ ଥିଲେ।

## କୂଅରୁ ମହିଳା ଉଦ୍ଧାର



ବୁଗୁଡ଼ା,୧୦।୧୧(ସମିସ) : ବୁଗୁଡ଼ାର ମୁଖ୍ୟ ସଡ଼କ ନିକଟରେ ରହୁଥିବା ୟୁ ଜଗଦୀଶ ପାତ୍ରଙ୍କ ପତ୍ନୀ ୟୁ ଗୀତାଞ୍ଜଳି ପାତ୍ର (୪୯) କୂଅରେ ପଡ଼ିଯାଇଥିବା ବେଳେ ତାଙ୍କୁ ଦମକଳବାହିନୀ ଉଦ୍ଧାର କରିଥିବା ଜଣାଯାଇଛି। ପ୍ରକାଶ ଯେ, ଆଜି ସକାଳେ ସେ ତାଙ୍କର ଘର କୂଅରେ କୌଣସି କାରଣରୁ ଖସିପଡ଼ିଥିଲେ। ଖବର ପାଇ ଦମକଳବାହିନୀ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ କୂଅରୁ ଉଦ୍ଧାର କରି ବୁଗୁଡ଼ା ମେଡିକାଲରେ ଭର୍ତ୍ତି କରିଥିଲେ।

## ଜାତୀୟ ଆଇନ ସେବା ଦିବସ




ବ୍ରହ୍ମପୁର,୧୦।୧୧(ସମିସ): ଜିଲ୍ଲା ଦୌରା ଜଜ୍‌ଙ୍କ କୋର୍ଟ ପରିସରରେ ଆଇନ ସେବା ସଚେତନତା ଶୋଭାଯାତ୍ରା ଶୁଭାରମ୍ଭ ହୋଇଯାଇଛି। ଆଇନ ସେବା ପ୍ରାଧିକରଣ ଅଧକ୍ଷ ତଥା ଜିଲ୍ଲା ଦୌରା ଜଜ୍ ଅଶାନ୍ତ କୁମାର ଦାସଙ୍କ ନିର୍ଦ୍ଦେଶକ୍ରମେ ପ୍ରାଧିକରଣ ସଚିବ ବ୍ୟୋମକେଶ ନାୟକଙ୍କ ତତ୍ତ୍ୱାବଧାନରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ କୋର୍ଟ ପରିସରରୁ ଏକ ସଚେତନତା ରାଲି ବାହାରି ଏସପି ଅଫିସ ଛକ ପର୍ଯ୍ୟନ୍ତ ଯାଇ ସେଠାରୁ ମେଡିକାଲ ଛକ, କୋର୍ଟପେଟା ଛକ ଦେଇ ପୁଣି କୋର୍ଟ ପରିସରରେ ସମାପ୍ତ ହୋଇଥିଲା। ଉକ୍ତ ରାଲିରେ ଜିଲ୍ଲା ଜଜ୍ କୋର୍ଟର ବହୁ ବିଚାରପତି, ପ୍ରାଧିକରଣର କର୍ମକର୍ତ୍ତା, ଲିଙ୍ଗରାଜ ଆଇନ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ।

## ଗୁରୁତର ରୋଗୀଙ୍କୁ ରାଜନେତାଙ୍କ ସହାୟତା

ରଙ୍ଗେଇଲୁଣ୍ଡା,୧୦।୧୧(ସମିସ): ଗୋଳନ୍ଥରା ଥାନା ଅର୍ନ୍ତଗତ ଇନ୍ଦ୍ରାକ୍ଷୀ ମଣ୍ଡପ ସାହିର ମୋହନ ବେହେରା (୩୭) ମସ୍ତିଷ୍କ ଷ୍ଟ୍ରୋକ ଘଟି ଗୁରୁତର ଅବସ୍ଥାରେ ଚିକିତ୍ସିତ ହେଉଛନ୍ତି। ଅଧିକ ଚିକିତ୍ସା ନିମନ୍ତେ ଆର୍ଥିକ ସଙ୍କଟ ଉପୁଜି ଥିବାରୁ ସହାୟତାର ହାତ ବଢ଼ାଇଛନ୍ତି କଂଗ୍ରେସ ନେତା ଡ଼.ଶମ୍ଭୁ ପାଣିଗ୍ରାହୀ। ସୋମବାର ଡ଼.ପାଣିଗ୍ରାହୀ ଇନ୍ଦ୍ରାକ୍ଷୀରେ ପହଞ୍ଚି ମୋହନଙ୍କ ସ୍ୱାସ୍ଥ୍ୟ ଅବସ୍ଥା ବୁଝିବା ସହ ତାଙ୍କୁ ୨୦ ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରିଛନ୍ତି। ମୋହନ ଜଣେ ଦିନ ମଜୁରିଆ ହୋଇଥିବା ବେଳେ ଗତ ଅକ୍ଟୋବର ୯ ତାରିଖରେ ହଠାତ ମୁଣ୍ଡ ବୁଲାଇ ହେବା ଯୋଗୁଁ ତଳେ ପଡି ଅଚେତ ହୋଇ ଯାଇଥିଲେ। ପରିବାର ବର୍ଗ ତାଙ୍କୁ ବ୍ରହ୍ମପୁର ବଡ ମେଡିକାଲ ଚିକିତ୍ସା ନିମନ୍ତେ ଭର୍ତ୍ତି କରିଥିଲେ ମଧ୍ୟ ସ୍ୱାସ୍ଥ୍ୟ ଅବସ୍ଥାରେ ଉନ୍ନତି ହୋଇନଥିଲା ଏବଂ ବ୍ରେନ୍ ଷ୍ଟ୍ରୋକ ଘଟି ବାମପଟ ଶରୀର ପୂରା ଅଚଳ ହୋଇଯାଇଛି। ପରିବାର ବର୍ଗ ତୁରନ୍ତ ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ ମୋହନଙ୍କୁ ଚିକିତ୍ସା ନିମନ୍ତେ ଭର୍ତ୍ତି କରିଥିଲେ। ଡାକ୍ତରଖାନାରେ ମୋହନଙ୍କ ମସ୍ତିଷ୍କ ଅପରେସନ କରାଯାଇଥିଲା। ଏବେ ସେ ଘରକୁ ଫେରିଥିଲେ ମଧ୍ୟ ଅଧିକ ଅପରେସନ ସହ ଚିକିତ୍ସା ନିମନ୍ତେ ଆହୁରି ଅର୍ଥ ଦରକାର ପଡୁଥିବା ଜଣାପଡ଼ିଛି। ଘରେ ୧୦ ବର୍ଷର ଓ ୭ ବର୍ଷ ର ଦୁଇ ପୁଅ ରହିଥିବା ବେଳେ ରୋଜଗାର କରୁଥିବା ମୋହନ ଘରର ଗୋଟିଏ କଡ଼ରେ ପଡ଼ି ରହିଥିବା ଯୋଗୁଁ ପରିବାର ଭୋକ ଉପାସରେ ଦିନ ବିତାଉଥିବା ଜଣାପଡିଛି। ଏବେ ସାହି ପଡ଼ୋଶୀ କିଛି କିଛି ସାହାଯ୍ୟ ସହଯୋଗ କରୁଥିବା ବେଳେ ଅପରେସନ ନିମନ୍ତେ ଦରକାର ପଡୁଥିବା ଅଧିକ ଅର୍ଥ ସାହାଯ୍ୟ ନିମନ୍ତେ ପରିବାର ବର୍ଗ ନିବେଦନ କରିଥିଲେ। ଗାଁ ଲୋକେ ଚାନ୍ଦା କରି ଟଙ୍କା ସଂଗ୍ରହ କରୁଥିବା ଦେଖିବାକୁ ମିଳିଛି। ସରକାରଙ୍କ ପକ୍ଷରୁ ସାହାଯ୍ୟ ସହଯୋଗ କଲେ ପରିବାର ଉପକୃତ ହୋଇ ପାରନ୍ତେ ବୋଲି ଗ୍ରାମବାସୀ ଜଣାଇଛନ୍ତି।



## ହୋଟେଲ ମାଲିକଙ୍କୁ ହତ୍ୟା ଉଦ୍ୟମ; ଜଣେ ଗିରଫ

ଦିଗପହଣ୍ଡି,୧୦।୧୧(ସମିସ): ଦିଗପହଣ୍ଡି ବ୍ଲକ ଭ୍ରମରପୁର ଗ୍ରାମରେ ରବିବାର ସକାଳେ ଗ୍ରାମରେ ହୋଟେଲ କରିଥିବା ଭଗବାନ ମିଶ୍ରଙ୍କୁ ଆକ୍ରମଣ କରିଥିବା ଅଭିଯୋଗରେ ଜଣଙ୍କୁ ଗିରଫ କରିଛି ନୂଆପଡ଼ା ଫାଣ୍ଡି ପୁଲିସ। ଅଭିଯୁକ୍ତ ଜଣକ ହେଲେ ଦିଗପହଣ୍ଡି ବ୍ଲକ ଚୌଧୁରୀ ଟିକରପଡ଼ା ପଞ୍ଚାୟତ ବଜ୍ରଗୁମ୍ଫା ଗାଁର ସନ୍ତୋଷ ମହାରଣା (୩୦)। କେ.ନୂଆଗାଁ ଥାନା ମାମଲା ନଂ.୩୮୭/୨୫ ଅନୁଯାୟୀ ଜାମିନ ଆବେଦନ ଖାରଜ ହେବାରୁ ଅଭିଯୁକ୍ତଙ୍କୁ ଦିଗପହଣ୍ଡି ସବ ଜେଲ ହାଜତକୁ ପଠାଇ ଦିଆଯାଇଛି। ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଗତ ଜୁନ ୨୪ ତାରିଖରେ ଭ୍ରମରପୁର ଗ୍ରାମ ବଜାର ସାହି ରାସ୍ତା ଚଉଡ଼ା ପାଇଁ ପୁଲିସ ଓ ପ୍ରଶାସନିକ ଅଧିକାରୀ ମାନଙ୍କ ଉପସ୍ଥିତିରେ ଜବରଦଖଲ ହଟାଯାଇଥିଲା। କିନ୍ତୁ ଜଳଖିଆ ହୋଟେଲ କରିଥିବା ଭଗବାନ ମିଶ୍ର ପୁଣି ରାସ୍ତା ଜବରଦଖଲ କରି ଗତ ଶୁକ୍ରବାର ସିଡି ପାହାଚ ନିର୍ମାଣ କରିଥିଲେ। ଗ୍ରାମର ନାରାୟଣ ମହାରଣା ଏବଂ ତାଙ୍କ ଭାଇ ହୃଷୀକେଶ ମହାରଣା ଏହାର ପ୍ରତିବାଦ କରି ରାତି ପ୍ରାୟ ୯ ଟାରେ ଭଗବାନଙ୍କୁ ଗାଳି ଗୁଲଜ କରିଥିଲେ। ଭଗବାନ ଓ ତାଙ୍କ ଭାଇ ରବୀନ୍ଦ୍ର ମିଶି ନାରାୟଣଙ୍କୁ ଆକ୍ରମଣ କରିଥିଲେ। ଶନିବାର ସନ୍ଧ୍ୟା ପ୍ରାୟ ୭ଟାରେ ନାରାୟଣ ଏବଂ ତାଙ୍କ ସମ୍ପର୍କୀୟ ମାନେ ବିଭିନ୍ନ ମାରଣାସ୍ତ୍ର ସହ ଭଗବାନଙ୍କ ଘରେ ପଶି ତାଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ପୁଣି ରବିବାର ସକାଳ ପ୍ରାୟ ସାଢ଼େ ୧୦ ଟାରେ ଉଭୟ ପକ୍ଷ ଗାଁ ବଜାର ରଥଦାଣ୍ଡ ବୁଲାଣିରେ ଲୁହାପାଇପ, କାଠଫାଳିଆ, ପଥର ଖଣ୍ଡ ପ୍ରଭୃତି ଧରି ପରସ୍ପରଙ୍କୁ ଆକ୍ରମଣ ପ୍ରତି ଆକ୍ରମଣ କରିଥିଲେ। ଏହି ଘଟଣାରେ ଗୁରୁତର ଆହତ ରବୀନ୍ଦ୍ର ମିଶ୍ର ଓ ଭଗବାନ ମିଶ୍ରଙ୍କୁ ପ୍ରଥମେ ପାତ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଉଭୟେ ଚିକିତ୍ସାଧୀନ ଥିବା ଜଣାପଡ଼ିଛି। ଏନେଇ ୨ ପରିବାର ମଧ୍ୟରେ ଚାପା ଉତ୍ତେଜନା ଲାଗିରହିଛି। ଜବରଦଖଲ ଉଚ୍ଛେଦ ପ୍ରକ୍ରିୟାରେ ପ୍ରଶାସନର ପାତର ଅନ୍ତର ନୀତି ଯୋଗୁଁ ଗ୍ରାମରେ ଅଶାନ୍ତି ଲାଗି ରହିଛି। କିଛି ବ୍ୟକ୍ତି ପୁଣି ଥରେ ରାସ୍ତା ସମ୍ମୁଖ ସରକାରୀ ଜମିକୁ ଜବରଦଖଲ କରି ପିଣ୍ଡା ଓ ସିଡି ନିର୍ମାଣ କରିଥିବା ବେଳେ ଅନ୍ୟ କେତେକ ବ୍ୟକ୍ତି ଭଙ୍ଗା ଯାଇଥିବା ଅଂଶକୁ ପୁଣି ନିର୍ମାଣ ମରାମତି କରି ବାସଗୃହ ନିର୍ମାଣ କରିଥିବା ଅଭିଯୋଗ ହୋଇଛି।

## ଯୋଗାଣ ସହାୟକଙ୍କ ଭାଇ ବିରୋଧରେ ଅସଦାଚରଣ ଅଭିଯୋଗ



ସାନଖେମୁଣ୍ଡି,୧୦।୧୧ (ସମିସ): ଗଞ୍ଜାମ ଜିଲ୍ଲା ସାନଖେମୁଣ୍ଡି ବ୍ଲକ ଅଧିନସ୍ଥ ଗଙ୍ଗାପୁର ପଞ୍ଚାୟତରେ କାର୍ଯ୍ୟରତ ଯୋଗାଣ ସହାୟକଙ୍କ ଭାଇ ଆଦିବାସୀ ମହିଳା ମାନଙ୍କୁ ଅସଦାଚରଣ କରୁଥିବା ଅଭିଯୋଗରେ ଗଙ୍ଗାପୁର ପଞ୍ଚାୟତର ଅଶୋକ ନଗର, ସଂଢେପ, ରାଧାନଗର ଗ୍ରାମର ଶତାଧିକ ମହିଳା ଓ ପୁରୁଷ ଆଦିବାସୀ ପାରମ୍ପରିକ ଅସ୍ତ୍ର ଧନୁଶର, ଚିଅରକାଣ୍ଡ ନେଇ ଆସି ସାନଖେମୁଣ୍ଡି ବିଡିଓ ଜିତେନ୍ଦ୍ର କୁମାର ମିଶ୍ରଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ସୂଚନା ମୁତାବକ ଗଙ୍ଗାପୁର ପଞ୍ଚାୟତରେ ଯୋଗାଣ ସହାୟକ ଭାବେ ଜଣେ ଯୁବତୀ କାର୍ଯ୍ୟରତ ଥିଲେ ମଧ୍ୟ ତାଙ୍କ ଭାଇ ପ୍ରତ୍ୟେକ ଦିନ ପଞ୍ଚାୟତରେ ଉପସ୍ଥିତ ରହି ରାସନ ପାଇଁ ଆସୁଥିବା ହିତାଧିକାରୀଙ୍କୁ ଗାଳି ଗୁଲଜ କରିବା ସହ ଜାତିଆଣକୁ ଆକ୍ଷେପ କରୁଛନ୍ତି। ଏନେଇ ପୂର୍ବରୁ ଗଙ୍ଗାପୁର ଗ୍ରାମର କିଛି ଲୋକ ଅଭିଯୋଗ କରିଥିଲେ ମଧ୍ୟ କୌଣସି ପ୍ରକାର ସମାଧାନ ହୋଇନଥିଲା। ଗଙ୍ଗାପୁର ପଞ୍ଚାୟତର ସୋନାଲି ଗମାଙ୍ଗୋ ମଣ୍ଡିଆ ପାଇଁ ପଞ୍ଚାୟତକୁ ଯାଇଥିବା ବେଳେ ଫିଙ୍ଗର୍ ପ୍ରିଣ୍ଟ ହୋଇନଥିବାରୁ ଯୋଗାଣ ସହାୟକଙ୍କ ଭାଇ ଆଙ୍ଗୁଳି କାଟି ଦେବା ପାଇଁ ଧମକ ଦେଇଥିବା ଅଭିଯୋଗ କରିଥିଲେ। ଏନେଇ ଯୋଗାଣ ସହାୟକଙ୍କୁ ଯୋଗାଯୋଗ କରିଥିଲେ ମଧ୍ୟ ସଫଳ ହୋଇନାହିଁ। ଏନେଇ ସାନଖେମୁଣ୍ଡି ଗୋଷ୍ଠି ଉନ୍ନୟନ ଅଧିକାରୀ ଶ୍ରୀ ମିଶ୍ରଙ୍କୁ ପଚାରିବାରୁ ସେ କହିଛନ୍ତି ଏନେଇ ତଦନ୍ତ କରାଯିବ।

ବିଡିଓଙ୍କୁ ଫେରାଦ ହେଲେ ଗ୍ରାମବାସୀ

## ଶିଶୁମନ୍ଦିରରେ କନ୍ୟା ଶିବିର






ଦିଗପହଣ୍ଡି, ୧୦।୧୧ (ସମିସ) : ଦିଗପହଣ୍ଡି ସରସ୍ୱତୀ ଶିଶୁବିଦ୍ୟା ମନ୍ଦିର ପରିସରରେ କନ୍ୟା ଶିବିର ଅନୁଷ୍ଠିତ ହୋଇଯାଇଛି। ଶିଶୁ ମନ୍ଦିର ପରିଚାଳନା ସମିତି ସଦସ୍ୟା ସୁରଭି ବେହେରା ଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅଙ୍ଗନୱାଡ଼ି କର୍ମୀ ରଶ୍ମିତା ପାତ୍ର, ସ୍ୱାସ୍ଥ୍ୟକର୍ମୀ ପ୍ରୀୟଦର୍ଶନୀ ମିଶ୍ର, ଶିଶୁ ମନ୍ଦିର ପରିଚାଳନା ସମିତି ସଦସ୍ୟା ଗୀତାଞ୍ଜଳି ପଣ୍ଡା, ପ୍ରଧାନାଚାର୍ଯ୍ୟ ଭଗବତୀ ପ୍ରସାଦ ମିଶ୍ର, ଷଷ୍ଠୀ ପ୍ରସାଦ ବିଷୋୟୀ ପ୍ରମୁଖ ଅତିଥି ରୁପେ ଯୋଗଦେଇ ଶିଶୁ କନ୍ୟାମାନଙ୍କ ସାମାଜିକ ନିରାପତ୍ତା, ସେମାନଙ୍କ ଆତ୍ମ ସୁରକ୍ଷା ତାଲିମ ସମ୍ପର୍କରେ ଗୁରୁତ୍ୱାରୋପ କରିଥିଲେ। ଏହି ଶିବିରରେ ଛାତ୍ରୀ ଆଭାଶ୍ରୀ ସାହୁ,ସଞ୍ଚିତା ଆଚାର୍ଯ୍ୟ ଅଲିସ୍ୱା ରଥ, ଶୁଭଶ୍ରୀ ଗୌଡ଼, ଅନ୍?ଷୋ ରଥ, ,ରେଶ୍ମା ସାହୁ, ବର୍ଷା ପ୍ରିୟଦର୍ଶନୀ ପ୍ରମୁଖ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଶିଶୁ ମନ୍ଦିରର ସମସ୍ତ ଆଚାର୍ଯ୍ୟା ବୃନ୍ଦ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ବିଜେଡିର ଜନସମ୍ପର୍କ ପଦଯାତ୍ରା






ହିଞ୍ଜିଳିକାଟୁ,୧୦।୧୧(ସମିସ): ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ଗୋପବନ୍ଧୁ ଜୟନ୍ତୀରୁ ଆରମ୍ଭ ହୋଇ ସୋମବାର ଶେଷଦିନରେ ହିଞ୍ଜିଳି ନିର୍ବାଚନ ମଣ୍ଡଳ ହିଞ୍ଜିଳିକାଟୁ ପୌରାଞ୍ଚଳରେ ସୋମବାର ଜନ ସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଛି। ହିଞ୍ଜିଳି ବିଧାୟକଙ୍କ ଜିଲ୍ଲା ପରିଷଦ ପ୍ରତିନିଧି ଦେବାନନ୍ଦ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ସ୍ଥାନୀୟ ପୌରାଞ୍ଚଳ ବୃନ୍ଦାବନ ବିଦ୍ୟାପୀଠ ମିନି ଷ୍ଟାଡିୟମ ଶୁଭାରମ୍ଭ ହୋଇଥିବା ଜନ ସମ୍ପର୍କ ପଦଯାତ୍ରା ସହର ପରିକ୍ରମା କରି ମୁଖ୍ୟ ବଜାର ସ୍ଥିତ ବିଜୁ ପଟ୍ଟନାୟକଙ୍କ ପ୍ରତିକୃତିରେ ପୁଷ୍ପ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସେଠାରୁ ବସ୍ ଟର୍ମିନାଲ ପରିସରରେ ଏକ ଦଳୀୟ ସଭାର ଆୟୋଜନ କରାଯାଇଥିଲା। ବିଜେଡି ନଗର ସଭାପତି ହୃଦୟାନନ୍ଦ ମହାପାତ୍ରଙ୍କ ସଂଯୋଜନାରେ ଆୟୋଜିତ ବୈଠକରେ ଅତିଥି ଭାବେ ବିରୋଧୀ ଦଳ ନେତା ତଥା ବିଧାୟକ ନବୀନ ପଟ୍ଟନାୟକଙ୍କ ଜିଲ୍ଲା ପରିଷଦ ପ୍ରତିନିଧି ଦେବାନନ୍ଦ ମହାପାତ୍ର, ପୌରାଧ୍ୟକ୍ଷ ସୁବାଷ ଚନ୍ଦ୍ର ପୋଲେଇ, ଉପାଧ୍ୟକ୍ଷା ସୁଚିତ୍ରା ପଣ୍ଡା, ବ୍ଲକ ଉପାଧ୍ୟକ୍ଷ ସୁନିଲ୍ କୁମାର ଗନ୍ତାୟତ, ବ୍ଲକ ପ୍ରତିନିଧି ଏ. ସୁଦର୍ଶନ, ନଗର ପ୍ରତିନିଧି ପ୍ୟାରୀମୋହନ ପାଢି, ବ୍ଲକ ସଭାପତି ଦୁର୍ଗାମାଧବ ମହାନ୍ତି, ଉପଦେଷ୍ଟା ତଥା ବରିଷ୍ଠ ନେତା ସୁରେନ୍ଦ୍ରନାଥ ପ୍ରଧାନ, ଶେରଗଡ ବ୍ଲକ ସଭାପତି ଶରତ ଚନ୍ଦ୍ର ପାତ୍ର, ଶେରଗଡ ବ୍ଲକ ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ନାୟକ, ଶେରଗଡ ବ୍ଲକ ପ୍ରତିନିଧି ଦିଗାମ୍ବର ନାହାକ, ନାରୀନେତ୍ରୀ ରଶ୍ମିତା ବେହେରା ପ୍ରମୁଖ ମଞ୍ଚାସିନ ଥିଲେ। ଉପସ୍ଥିତ ଅତିଥି ବୃନ୍ଦ ନବୀନ ପଟ୍ଟନାୟକ ଶାସନ କାଳରେ ରାଜ୍ୟରେ ବିକାଶ ପ୍ରକ୍ରିୟା ଶିଖରରେ ପହଞ୍ଚିଥିବା ବେଳେ ବର୍ତ୍ତମାନ ଶାସନ କରୁଥିବା ବିଜେପି ସରକାର ନିର୍ବାଚନ ପ୍ରତିଶ୍ରୁତି ପୂରଣ କରିବାରେ ବିଫଳ ହୋଇଥିବା ଜନ ସାଧାରଣକୁ ଅବଗତ କରାଇଥିଲେ। ମିଥ୍ୟା ପ୍ରତିଶ୍ରୁତି ଦେଇ ଶାସନ ଗାଦିରେ ବସିଥିବା ବିଜେପି ସରକାର ସାଧାରଣ ଲୋକଙ୍କ ସ୍ୱାର୍ଥ ପୂରଣ କରିବାରେ ଅବହେଳା ପ୍ରଦର୍ଶନ କରୁଥିବା ବିଷୟରେ ଲୋକଙ୍କୁ ଜଣାଇଥିଲେ। ଏହି ପଦଯାତ୍ରାରେ ବରିଷ୍ଠ ବିଜେଡି ନେତା ଅଜୟ ମହାରଣା, ସରପଞ୍ଚ କୃଷ୍ଣଚନ୍ଦ୍ର ଭଉଳ, ମନୋଜ ପୋଲେଇ, ଯୁଧିଷ୍ଠିର ସ୍ୱାଇଁ, ସନାତନ ନାହାକ, ବିଭୁ ପ୍ରସାଦ ପଣ୍ଡା, ଶ୍ୟାମଘନ ବେହେରାଙ୍କ ସମେତ ବହୁ କାଉନସିଲର, ହିଞ୍ଜିଳିକାଟୁ ପୌର ଓ ବ୍ଲକର ବହୁ ସରପଞ୍ଚ, ସମିତି ସଭ୍ୟ, ଜିଲ୍ଲା ପରିଷଦ ସଭ୍ୟ, ପ୍ରାକ୍ତନ ସରପଞ୍ଚ, ସମିତି ସଭ୍ୟ, ଜିଲ୍ଲା ପରିଷଦ ସଭ୍ୟ, ବିଜେଡ଼ି ନେତା, କର୍ମୀଙ୍କ ସମେତ ବହୁ ଜନ ସାଧାରଣ ଓ ପ୍ରାୟ ୩ ହଜାରରୁ ଉର୍ଦ୍ଧ୍ୱ କର୍ମୀ ଯୋଗ ଦେଇଥିଲେ। ପୌର ଉପାଧ୍ୟକ୍ଷା ସୁଚିତ୍ରା ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

BEST OFFER
SALE
Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.
9437015112

ସକାଳ
THE SAKALA



# ୩ ପ୍ରମୁଖ ଦାବି
# ବାଲିଆପାଳରୁ ବାଲେଶ୍ୱର ଯୁବ କଂଗ୍ରେସର ପଦଯାତ୍ରା

ବାଲିଆପାଳ, ୧୦।୧୧ (ସମିସ)

ବାଲିଆପାଳ ଏନ୍ଏସିରୁ ବାଦ ପଡ଼ିବା, ସୁବର୍ଣ୍ଣରେଖା ନଦୀରେ ଆସୁଥିବା ପ୍ରଳୟଙ୍କରୀ ବନ୍ୟାରୁ ବାଲିଆପାଳ ବ୍ଲକର ୧୦ଟି ପଞ୍ଚାୟତର ୬୦ ହଜାର ଲୋକଙ୍କ ଜୀବନ ଜୀବିକାକୁ ରକ୍ଷା କରିବା ପାଇଁ ଯଥାଶୀଘ୍ର ସୁବର୍ଣ୍ଣରେଖା ସଂସ୍କାର ଯୋଜନା କାର୍ଯ୍ୟକାରୀ କରିବା ଏବଂ ବାଲିଆପାଳରେ ଥିବା ଦୁଇଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ବାଲିଆପାଳ ଓ ପ୍ରତାପପୁରରେ ବିଶେଷଜ୍ଞ ଡାକ୍ତର ନିଯୁକ୍ତି ପ୍ରଭୃତି ପ୍ରମୁଖ ଦାବି ନେଇ ବାଲିଆପାଳ ବ୍ଲକ ଯୁବ କଂଗ୍ରେସ ଡାକରାରେ ଏକ ବିଶାଳ ପଦଯାତ୍ରା ଆରମ୍ଭ ହୋଇଛି। କଂଗ୍ରେସ ନେତା ବିଜନ ନାୟକଙ୍କ ନେତୃତ୍ୱରେ ଆଜି ସକାଳେ ବାଲିଆପାଳ ପୁରୁଣା ବସ୍‌ଷ୍ଟାଣ୍ଡ ନିକଟରୁ ଆରମ୍ଭ ହୋଇଥିବା ଏହି ପଦଯାତ୍ରାକୁ ବାଲିଆପାଳ ବ୍ଲକ କଂଗ୍ରେସର ବରିଷ୍ଠ ନେତା ମୁରଲୀ ମୋହନ ସାହୁ, ପଞ୍ଚାୟତ ସମିତି ଅଧ୍ୟକ୍ଷା ରଞ୍ଜିତା ନାୟକ, ମଧୁସୂଦନ ବାରିକ, ଜଗନ୍ନାଥ ବିଶ୍ୱାଳ, ଅରୁଣ ଜେନା, ନରହରି ଜେନା, ଯୁବ କଂଗ୍ରେସ ଜିଲ୍ଲା ସଭାପତି ରଞ୍ଜନ ଦାସ, ଜିଲ୍ଲା ପରିଷଦ ସଦସ୍ୟ ବାବାଜୀ ଦେହୁରୀ ପ୍ରମୁଖ ନେତୃବୃନ୍ଦ ନଡ଼ିଆ ବାଢ଼େଇ ଓ ପତକା ହଲାଇ ଶୁଭାରମ୍ଭ କରିଥିଲେ। ପଦଯାତ୍ରା ଆରମ୍ଭ ସମୟରେ ପ୍ରଥମେ ବସ୍‌ଷ୍ଟାଣ୍ଡ ନିକଟରେ ଥିବା ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ପଦଯାତ୍ରା ଆରମ୍ଭ କରାଯାଇଥିଲା। ପରେ ବ୍ଲକ ଛକ ନିକଟରେ ଥିବା ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଓ ନୂତନ ବାଲିଆପାଳର ବିଶ୍ୱକର୍ମା ପୂର୍ବତନ ବିଧାୟକ ସ୍ୱର୍ଗତ ଜୟନାରାୟଣ ମହାନ୍ତିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଯୁବ କଂଗ୍ରେସର ଶତାଧିକ କର୍ମୀ ବାଲେଶ୍ୱର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଅଭିମୁଖେ ବାହାରି ଯାଇଥିଲେ। ପଦଯାତ୍ରାରେ ଯାଇଥିବା ଯୁବ କଂଗ୍ରେସର କର୍ମୀମାନେ ଆଜି ସଂଧ୍ୟାରେ ସଦର ବ୍ଲକ ହଳଦିପଦାଠାରେ ରାତ୍ରୀ ଯାପନ କରି ଆସନ୍ତାକାଲି ମଙ୍ଗଳବାର ବାଲେଶ୍ୱର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ଦାବିପତ୍ର ଦେବେ ବୋଲି ଜଣାପଡିଛି। ଆଜିର ଏହି ପଦଯାତ୍ରାରେ ବସ୍ତା ନିର୍ବାଚନ ମଣ୍ଡଳୀ ଯୁବ କଂଗ୍ରେସ ସଭାପତି ତୀର୍ଥ କୁମାର ନାଗ, ବ୍ଲକ ଯୁବ କଂଗ୍ରେସ ସଭାପତି ସୁବାଷ ନାୟକ, ସମ୍ପାଦକ ବିକାଶ ବାରିକ, ସରୋଜ ପିଲା, ହୃଷୀକେଶ ପଣ୍ଡା, ଶାନ୍ତନୁ ମହାପାତ୍ର, ରଞ୍ଜନ ଦେ, ଅବନୀ ପାତ୍ର, ଅଶ୍ୱୀନୀ ଦାସଙ୍କ ସମେତ ଶତାଧିକ ଯୁବ କଂଗ୍ରେସ କର୍ମୀ ସାମିଲ ହୋଇଥିଲେ।

ପ୍ରକାଶ ଥାଉ କି ରାଜ୍ୟର ବିଭିନ୍ନ ସ୍ଥାନକୁ ରାଜ୍ୟ ସରକାର ଏନଏସି ଘୋଷଣା କରିଥିଲେ ମଧ୍ୟ ବାଲିଆପାଳ ସମସ୍ତ ପ୍ରକାର ମାନଦଣ୍ଡ ପୂରଣ କରୁଥିଲେ ହେଁ ବାଲିଆପାଳକୁ ଅଣଦେଖା କରିବା ପ୍ରତିବାଦରେ ବିଭିନ୍ନ ଦଳ ତଥା ସଂଗଠନ ପକ୍ଷରୁ ବିକ୍ଷୋଭ, ବନ୍ଦ ତଥା ଶୋଭାଯାତ୍ରା କରାଯାଇ ସରକାରଙ୍କ ଉପରେ ଚାପ ସୃଷ୍ଟି କରିବାକୁ ଚେଷ୍ଟା କରାଯାଇଛି। ସେଥିରେ ସଫଳତା ନ ମିଳିବା ଯୋଗୁଁ ଯୁବ କଂଗ୍ରେସ ପକ୍ଷରୁ ଏଭଳି ଏକ ନିଆରା ପଦକ୍ଷେପ ନିଆଯାଇଛି। ତେବେ ସମୟ କହିବ ବାଲିଆପାଳ ବାସୀଙ୍କ ବହୁ ପ୍ରତିକ୍ଷିତ ସୁବର୍ଣ୍ଣରେଖା ସଂସ୍କାର ଯୋଜନା, ସ୍ୱାସ୍ଥ୍ୟ କେନ୍ଦ୍ରରେ ଡାକ୍ତର ନିଯୁକ୍ତି ଏବଂ ଏନ୍ଏସି ଘୋଷଣା ପ୍ରମୁଖ ଦାବି ସରକାର କେବେ ପୂରଣ କରୁଛନ୍ତି।




## ଔଷଧ, ଚା' ଓ ପାନ ଦୋକାନ ଉପରେ ଚଢ଼ଉ

**ରାଜଘାଟ, ୧୦।୧୧ (ସମିସ):** ବସ୍ତା ଥାନା ଗାନ୍ଧିଛକ ଓ ବସ୍ତା ବଜାରରେ ଥିବା ବିଭିନ୍ନ ଔଷଧ ଦୋକାନ, ଚା ଓ ପାନ ଦୋକାନ ଉପରେ ଆଜି ପ୍ରଶାସନ ପକ୍ଷରୁ ମିଳିତ ଭାବେ ଚଢ଼ଉ କରାଯାଇଥିଲା। ଗୁଟଖା, ସିଗାରେଟ, ପାନ ମସଲା ରଖିଥିବାରୁ ଅନେକ ଦୋକାନୀଙ୍କ ଠାରୁ ଜରିମାନା ଆଦାୟ ହୋଇଛି। ଆଜି ଦିନ ଦଶଟା ସମୟରେ ବାଲେଶ୍ୱର ଡ୍ରଗ୍ସ ଇନ୍ସପେକ୍ଟର ମୁକ୍ତିନନ୍ଦା ଶତପଥି, ଅବକାରୀ ଏସ୍ଆଇ ପ୍ରଜ୍ଞାପ୍ରିୟା ନାୟକ ଓ ପୁଲିସ ଏଏସଆଇ ଉତ୍ତମ ସିଂଙ୍କ ନେତୃତ୍ୱରେ ଗାନ୍ଧିଛକ ଓ ବସ୍ତା ବଜାରରେ ଥିବା ପାନ ଦୋକାନ ଓ ଚା ଦୋକାନୀ ମାନଙ୍କ ଉପରେ ଚଢ଼ାଉ କରାଯାଇ ସେମାନଙ୍କ ଠାରୁ ୨୦୦ ଟଙ୍କା ଲେଖାଏଁ ଫାଇନ ଆଦାୟ କରାଯାଇଥିଲା। ଏଥି ସହିତ ଡ୍ରଗ୍ସ ବିଭାଗ ପକ୍ଷରୁ ବିଭିନ୍ନ ଔଷଧ ଦୋକାନ ଗୁଡିକ ଉପରେ ଚଢ଼ଉ କରି ବହୁ କଫ ସିରପ ସବୁ ଜବତ କରାଯିବା ସହିତ ସେସବୁକୁ ଡ୍ରଗ ବିଭାଗ ଯାଞ୍ଚ ପାଇଁ ନେଇ ଯାଇଥିବା ଜଣାପଡିଛି।



## ରାଧାଗୋବିନ୍ଦଜୀଉ ଆଧ୍ୟାତ୍ମିକ ଚେତନା ସମିତିର ବାର୍ଷିକ ଉତ୍ସବ

**ବାଲେଶ୍ୱର(ଉତ୍ତର),୧୦।୧୧(ସମିସ):** ଆଧ୍ୟାତ୍ମିକ ଚେତନା ହିଁ ସୃଷ୍ଟି ରକ୍ଷାର ମାଧ୍ୟମ। ସମାଜକୁ ଶୃଙ୍ଖଳିତ କରିବା ପାଇଁ ଛାତ୍ର ଓ ଯୁବପିଢ଼ିଙ୍କ ପାଇଁ ଈଶ୍ୱର ଭକ୍ତି ଏକାନ୍ତ ଆବଶ୍ୟକ ବୋଲି ଭୋଗରାଇ ବଜାରସ୍ଥିତ ରାଧାଗୋବିନ୍ଦଜୀଉ ଆଧ୍ୟାତ୍ମିକ ଚେତନା ସମିତିର ୩୦ତମ ବାର୍ଷିକ ଉତ୍ସବରେ ମତ ପ୍ରକାଶ ପାଇଛି। ଅପରାହ୍ନରେ ଠାକୁରଙ୍କ ସେବାପୂଜା ଓ ସନ୍ଧ୍ୟାରେ ଆଳତୀ ସହିତ ନାମ ସଂକୀର୍ତ୍ତନ ଅନୁଷ୍ଠିତ ହୋଇଥିଲା। ପରେ ଅନୁଷ୍ଠିତ ଧର୍ମସଭାକୁ ଭୋଗରାଇ ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରବୀର କୁମାର ଗିରି ଉଦଘାଟନ କରିଥିଲେ। ଶିକ୍ଷାବିତ ଲକ୍ଷ୍ମୀନାରାୟଣ ଜେନା ସଭାରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ମହାବିଦ୍ୟାଳୟ ଅଧ୍ୟକ୍ଷ ତଥା ବିଶିଷ୍ଟ ପ୍ରବଚକ ସତୀଶ ଚନ୍ଦ୍ର ପଣ୍ଡା ଯୋଗଦେଇ ସମାଜରେ ପ୍ରତିଦିନ ଘଟୁଥିବା ଅନ୍ୟାୟ, ଅତ୍ୟାଚାର, ବ୍ୟଭିଚାର, ଦୁର୍ନୀତି ଇତ୍ୟାଦିକୁ ରୋକିବାକୁ ହେଲେ ଈଶ୍ୱରଙ୍କ ଚିନ୍ତା, ଚେତନାର ଆବଶ୍ୟକତା ଅପରିହାର୍ଯ୍ୟ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଭୋଗରାଇ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଜ୍ୟୋତ୍ସ୍ନାରାଣୀ ପଣ୍ଡା, ସମ୍ମାନିତ ଅତିଥି ଭାବେ ସରପଞ୍ଚ ସୁଷମା କର ପ୍ରମୁଖ ବକ୍ତବ୍ୟ ରଖିଥିଲେ। ସମିତିର ସମ୍ପାଦକ କାର୍ତ୍ତିକ ଚନ୍ଦ୍ର ଜେନା ମଞ୍ଚ ଆହ୍ୱାନ, କୋଷାଧ୍ୟକ୍ଷ ଅଜୟ ବଲ୍ଲଭ ଗୋସ୍ୱାମୀ ଅତିଥି ପରିଚୟ ପ୍ରଦାନ ଓ ନବୀନ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରଭୁରାମ ପାତ୍ର, ବିପ୍ଳବ ଦାସ, ସୁଶାନ୍ତ ମିଶ୍ର, ଅମର ଚନ୍ଦ, ଅରୁଣ ସିଂ, ଜଗନ୍ନାଥ ଦେ, ପ୍ରଶାନ୍ତ ଦାସ, ଅମୁଲ୍ୟ ସାହୁ, ରମଣୀ ଦଣ୍ଡପାଟ, ହରେକୃଷ୍ଣ ସେଠୀ ପ୍ରମୁଖ ପରିଚାଳନା କରିଥିଲେ।



## ନୀଳଗିରି କଂଗ୍ରେସ ତରଫରୁ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ



**ନୀଳଗିରି, ୧୦।୧୧ (ସମିସ):** ନବନିଯୁକ୍ତ କଂଗ୍ରେସ ଜିଲ୍ଲା ସଭାପତି ସତ୍ୟଶିବ ଦାସଙ୍କୁ ନୀଳଗିରି କଂଗ୍ରେସ ତରଫରୁ ଭବ୍ୟସମ୍ବର୍ଦ୍ଧନା ଜଣାଯାଇ ନୀଳଗିରି ମାଟିକୁ ସ୍ୱାଗତ କରାଯାଇଛି। ଏହି ଅବସରରେ ସିମୁଳିଆ ଛକଠାରୁ ଏକ ବାଇକ୍ ରାଲିରେ ନୀଳଗିରି ସହରଦେଇ ଜଗନ୍ନାଥମନ୍ଦିରକୁ ଅଣାଯାଇଥିଲା। ସେଠାରେ ପୂଜାର୍ଚ୍ଚନା କରିବାପରେ ନୀଳଗିରି କଲ୍ୟାଣମଣ୍ଡପ ଠାରେ ଆୟୋଜିତ ଏକ ବୈଠକରେ ନୀଳଗିରି, ବାହାନଗା ଏବଂ ଔପଦା ଅଞ୍ଚଳରୁ ଆସିଥିବା ଯୁବକଂଗ୍ରେସ, ଛାତ୍ରକଂଗ୍ରେସ ଏବଂ ମହିଳା କଂଗ୍ରେସ ସମେତ ବହୁ ବରିଷ୍ଠ ଏବଂ ଯୁବକଂଗ୍ରେସ ନେତା ସମ୍ମିଳିତ ହୋଇଥିଲେ। ପରେ ଯୁବନେତା ଆଶିଷ ପଟ୍ଟନାୟକଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଯୁବନେତା ତପନ ରାଉତ, ମହିଳାନେତ୍ରୀ ଉର୍ମିଳା ମାଝୀ, ଓଡ଼ିଶା ମହିଳା କଂଗ୍ରେସର ସାଧାରଣ ସମ୍ପାଦିକା ବାସନ୍ତୀ ସାମଲ, ସମ୍ପାଦିକା ପ୍ରତିମା ପଣ୍ଡା ଓ ଜ୍ୟୋତ୍ସ୍ନା ସେନାପତି ପ୍ରମୁଖ ମଞ୍ଚାସିନ ରହି କଂଗ୍ରେସ ଦଳକୁ ଏକଜୁଟ ହୋଇ କାର୍ଯ୍ୟକରିବାକୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ବହୁ କଂଗ୍ରେସ କର୍ମୀ ଓ ନେତା ସାମିଲ ହୋଇଥିଲେ।

## ୨୧୮୧ ୟୁନିଟ୍ ରକ୍ତ ସଂଗ୍ରହ

**ନୀଳଗିରି, ୧୦।୧୧ (ସମିସ):** ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ୭୧ତମ ଜନ୍ମଦିନ ଅବସରରେ ସମଗ୍ରଜିଲ୍ଲା ସମେତ ନୀଳଗିରି ଠାରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି ଅବସରରେ ଯୁବ ସ୍ୱାଭିମାନ ମଞ୍ଚ ତରଫରୁ ବାଲେଶ୍ୱର ଜିଲ୍ଲାର ନୀଳଗିରି ସହରର ଡାକବଙ୍ଗଳା, ଖନ୍ତାପଡାର ମନିଷା ଜି.ଏନ.ଏମ କଲେଜ ଏବଂ ଔପଦା ଡିଗ୍ରୀ କଲେଜ ଔପଦାଠାରେ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା। ନୀଳଗିରି ସହରର ୪ଟି ଜୋନରୁ ୧୬୮୮, ଔପଦା ଜୋନରୁ ୨୩୬ ଏବଂ ଖନ୍ତାପଡ଼ା ଜୋନରୁ ୨୫୭ ୟୁନିଟ ରକ୍ତସଂଗ୍ରହ କରାଯାଇ ରକ୍ତଭଣ୍ଡାରକୁ ପଠାଯାଇଥିଲା। ତିନିଟି କେନ୍ଦ୍ରରୁ ମୋଟ ୨୧୮୧ ୟୁନିଟ ରକ୍ତ ସଂଗ୍ରହ ହୋଇଥିବା ସୂଚନା ମିଳିଛି। ବାଲେଶ୍ୱର ବିଜେପି ଜିଲ୍ଲା ସଭାପତି ଈଶ୍ୱରଚନ୍ଦ୍ର ବେହେରା, ରେମୁଣା ବିଧାୟକ ଗୋବିନ୍ଦଚନ୍ଦ୍ର ଦାସ, ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡା, ପ୍ରଦୀପ ପଣ୍ଡା, ଜିଲ୍ଲାର ସମସ୍ତ ବିଧାୟକପ୍ରାର୍ଥୀ ଯଥା ବସ୍ତାରୁ ରବୀନ୍ଦ୍ର ଅଣ୍ଡିଆ, ଜଳେଶ୍ୱରରୁ ବ୍ରଜ ପ୍ରଧାନ, ଭୋଗରାଇରୁ ଆଶିଷ ପାତ୍ର, ଜିଲ୍ଲା ସାଧାରଣ ସମ୍ପାଦକ ପର୍ଶୁ ପରିଡା, ବିଭୂପଦ ଦାସଙ୍କ ସମେତ ସାଂସଦଙ୍କ ବ୍ୟକ୍ତିଗତ ସହାୟକ ଚନ୍ଦ୍ରବିନ୍ଦୁ ଦାସ,ଜିଲ୍ଲା ବିଜେପି ଉପସଭାପତି କରୁଣାକର ପଣ୍ଡା ପ୍ରମୁଖ ସାଂସଦଙ୍କୁ ଶୁଭକାମନା ଜଣାଇଥିଲେ।

## 'ମୁଁ ବି ହେବି ସାମ୍ବାଦିକ' ବକ୍ତୃତା ପ୍ରତିଯୋଗିତା



**ବାଲେଶ୍ୱର (ଉତ୍ତର)/ଭୋଗରାଇ, ୧୦।୧୧ (ସମିସ) :** ଭୋଗରାଇ ବ୍ଲକ ଗ୍ରାମ୍ୟ ଉଚ୍ଚଶିକ୍ଷା ପ୍ରତିଷ୍ଠାନ ପରିସରରେ ଜାତୀୟ ପ୍ରେସ ଦିବସ ଉପଲକ୍ଷେ ସୋମବାର ଭୋଗରାଇ ମିଳିତ ସାମ୍ବାଦିକ ସଂଘ ପକ୍ଷରୁ ଯୁକ୍ତ୨ ଓ ଯୁକ୍ତ ୩ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହାକୁ ମହାବିଦ୍ୟାଳୟର ଅଧ୍ୟକ୍ଷ ବିଜୟ ମିଶ୍ର ଉଦ୍‌ଘାଟନ କରିଥିଲେ। ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ପ୍ରଫେସର ଜଗଦୀଶ ଚନ୍ଦ୍ର ଅଧିକାରୀ ଓ ପ୍ରଫେସର ବ୍ରଜବିହାରୀ ପତି କାର୍ଯ୍ୟକ୍ରମ ସମ୍ପର୍କରେ କହିଥିଲେ। ପ୍ରତିଯୋଗିତାରେ ଯୁକ୍ତ୨ ଦ୍ୱିତୀୟ ବର୍ଷ କଳା ଛାତ୍ରୀ ଅଞ୍ଜଳିକା ପତି ପ୍ରଥମ, ଯୁକ୍ତ ୨ ଦ୍ୱିତୀୟ ବର୍ଷର ବିଜ୍ଞାନ ଛାତ୍ରୀ ସ୍ୱସ୍ତିକା ଗିରି ଦ୍ୱିତୀୟ ଏବଂ ଯୁକ୍ତ ୨ ପ୍ରଥମ ବର୍ଷ କଳା ଛାତ୍ରୀ ସାଇସ୍ମିତା ପଣ୍ଡା ତୃତୀୟ ସ୍ଥାନ ପାଇଥିଲେ। ସେହିପରି ଯୁକ୍ତ ୩ ବର୍ଗରେ ପ୍ରଥମ ବର୍ଷ କଳା ଛାତ୍ରୀ ସ୍ନେହାଶ୍ରୀ ପାଣିଗ୍ରାହୀ ପ୍ରଥମ, ପ୍ରଥମ ବର୍ଷ କଳା ଛାତ୍ରୀ ଜ୍ୟୋତିପ୍ରଭା ଦତ୍ତ ଦ୍ୱିତୀୟ ଏବଂ ପ୍ରଥମ ବର୍ଷ କଳା ଛାତ୍ରୀ ପ୍ରିୟଙ୍କା ବେହେରା ତୃତୀୟ ହୋଇଥିଲେ। ବିଚାରକ ଭାବେ ଅଧ୍ୟାପକ ବିଜୟ କେତନ ପଟ୍ଟନାୟକ, ନୀଳକଣ୍ଠ ଖଣ୍ଡା, ଅଧ୍ୟାପିକା ତ୍ରିବେଣୀ ଧାରା କାର୍ଯ୍ୟ ତୁଲାଇଥିଲେ। ସମସ୍ତ କୃତୀ ପ୍ରତିଯୋଗୀମାନଙ୍କୁ ଆସନ୍ତା ଜାତୀୟ ସାମ୍ବାଦିକ ଦିବସରେ ପୁରସ୍କୃତ କରାଯିବ ବୋଲି ଭୋଗରାଇ ମିଳିତ ସାମ୍ବାଦିକ ସଂଘ ପକ୍ଷରୁ ସୂଚନା ଦିଆଯାଇଛି।

## ଭାରସାମ୍ୟ ହରାଇ ନୟନଯୋରିକୁ ଖସିଲା ପିକ୍‌ଅପ୍

**ରୂପସା,୧୦।୧୧ (ସମିସ):** ରୂପସା ଥାନା ୬୦ ନମ୍ବର ଜାତୀୟ ରାଜପଥର ହୋଟେଲ ପିକିଲର ଶହେ ମିଟର ପୂର୍ବରୁ ଏକ ପିକଅପ ଭ୍ୟାନ ଭାରସାମ୍ୟ ହରାଇ ନୟନଯୋରିକୁ ଖସିପଡ଼ିବାରୁ ଗାଡ଼ିଟି ଭାଙ୍ଗି ଚୁରମାର୍ ହୋଇଯାଇଥିବା ବେଳେ ଚାଳକ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ସୂଚନା ଅନୁସାରେ ଆଜି ପୂର୍ବାହ୍ଣ ୯:୪୫ ସମୟରେ ଗୋଟିଏ ପିକଅପ ଯାଜପୁର ଅଭିମୁଖେ ଯିବା ସମୟରେ ରୂପସା ଥାନା ଅନତି ଦୂର ଏକ ପୋଲ ନିକଟରେ ଭାରସାମ୍ୟ ହରାଇ ନୟନଯୋରିକୁ ଖସିପଡ଼ିଥିଲା। ଏଥିରେ ଚାଳକ ଅଳ୍ପକେ ବର୍ତ୍ତି ଯାଇଥିବାବେଳେ ଜାତୀୟ ରାଜପଥ ପହରା ପୁଲିସ ପହଞ୍ଚି କ୍ରେନ ସହାୟତାରେ ପିକଅପଟିକୁ ପାଣିରୁ ଉଦ୍ଧାର କରି ମାମଲାଟିକୁ ରୂପସା ପୁଲିସକୁ ହସ୍ତାନ୍ତର କରିଛି। ପୁଲିସ ଘଟଣାର ତଦନ୍ତ ଚଳାଇଛି।



## ବାଲି ଚାଲାଣ ବନ୍ଦ ଦାବି

**ବାଲିଆପାଳ, ୧୦।୧୧ (ସମିସ):** ବାଲିଆପାଳ ଥାନା ଅଧୀନ ଅସ୍ତି ପଞ୍ଚାୟତର ବଡାପାଳ ଗ୍ରାମ ସୁବର୍ଣ୍ଣରେଖା ନଦୀପଠାରୁ ଗତ ବର୍ଷ ବର୍ଷ ଧରି ବାଲି ଚାଲାଣ ହେଉଛି। ବାଲି ମାଫିଆମାନେ ଅସ୍ତି ଗ୍ରାମପଞ୍ଚାୟତରେ ଆତଙ୍କରାଜ ସୃଷ୍ଟି କରି ସେମାନଙ୍କ ଜୀବନଚର୍ଯ୍ୟା ଅସ୍ତବ୍ୟସ୍ତ କରୁଥିବା ଗ୍ରାମବାସୀ କହିଛନ୍ତି। ଗ୍ରାମବାସୀଙ୍କ କହିବା ଅନୁସାରେ, ପ୍ରତିଦିନ ସକାଳ ୫ଟାରୁ ଶତାଧିକ ବାଲି ବୋଝେଇ ଗାଡ଼ି ସମ୍ପୃକ୍ତ ସ୍ଥାନରୁ ନେଇଯାଉଛନ୍ତି। ଏହି ବେଆଇନ ଚାଲାଣକୁ ରୋକିବାକୁ ଯେତେ ଯେତେବେଳେ ଗ୍ରାମବାସୀ ପ୍ରୟାସ କରୁଛନ୍ତି ମାଫିଆମାନେ ତାଙ୍କୁ ଭୟଭୀତ କରାଇବା ସହ ଧମକ ଦେଉଛନ୍ତି ବୋଲି ଅଭିଯୋଗ ହୋଇଛି। ଏ ସମ୍ପର୍କରେ ଗ୍ରାମବାସୀଙ୍କ ପକ୍ଷରୁ ରାଜ୍ୟ ସରକାରଙ୍କ ନିକଟରେ ଅଭିଯୋଗ ଯୋଗ ହୋଇଥିଲେ ମଧ୍ୟ ପ୍ରଶାସନ ନିରବଦ୍ରଷ୍ଟା ସାଜିଛି। ନଦୀପଠାରୁ ବାଲି ଉତ୍ତୋଳନ ଓ ପରିବହନ ଜାରି ରହିଛି। ଗ୍ରାମବାସୀଙ୍କ ମତରେ ଯଦି ଏହି ବେଆଇନ ଲଘୁ ଖଣିଜ ଦ୍ରବ୍ୟ ଉତ୍ତୋଳନ ପାଇଁ ଶୀଘ୍ର କଠୋର ପଦକ୍ଷେପ ନିଆ ନ ଯାଏ ନଦୀପଠା ବିଲୀନ ହୋଇଯିବ। ଏଭଳି ଚୋରା ବାଲି ଉତ୍ତୋଳନ ଜାରି ରହିଲେ ବନ୍ୟା ପ୍ରଭାବିତ ଗ୍ରାମଟି ନଦୀ ଗର୍ଭରେ ଲୀନ ହୋଇଯିବ ବୋଲି ଗ୍ରାମବାସୀ କହିଛନ୍ତି।

## ବନ୍ଦେ ମାତରମର ୧୫୦ ବର୍ଷ ପୂର୍ତ୍ତି ପାଳିଲା ବାଲିଆପାଳ ପୂର୍ବତନ ସୈନିକ ସଂଗଠନ



**ବାଲିଆପାଳ, ୧୦।୧୧ (ସମିସ):** ବାଲେଶ୍ୱର ଜିଲ୍ଲା ବାଲିଆପାଳର ପୂର୍ବତନ ସୈନିକ ସଂଗଠନ ଦ୍ୱାରା ନଭେମ୍ବର ୮ ତାରିଖ ଶନିବାର ଦିନ ରାଷ୍ଟ୍ରୀୟ ସଂଗୀତ ବନ୍ଦେ ମାତରଂର ୧୫୦ ବର୍ଷ ପୂର୍ତ୍ତି ପାଳନ କରାଯାଇଛି। ସଂଗଠନର ସଭାପତି ଅବସରପ୍ରାପ୍ତ ଫ୍ଲାଇଟ୍ ଲେଫ୍ଟନାଣ୍ଟ କମଳ ଲୋଚନ ପିଳାଙ୍କ ଅଧ୍ୟକ୍ଷତାରେ ବାଲିଆପାଳର କଚୁଆପଡ଼ାସ୍ଥିତ ସଂଗଠନ କାର୍ଯ୍ୟାଳୟ ନିକଟବର୍ତ୍ତୀ ଶିବ ମନ୍ଦିର ପରିସରରେ ପାଳନ କରାଯାଇଥିବା ଏହି ଶୁଭ ଅବସରରେ ଗ୍ରାମବାସୀଙ୍କ ସହ ଶତାଧିକ ସଦସ୍ୟ ଉପସ୍ଥିତ ରହି ବନ୍ଦେ ମାତରଂ ଗାଇବା ସହ "ଭାରତ ମାତା କୀ ଜୟ" "ବନ୍ଦେ ମାତରଂ' ଆଦି ଜୟ ଘୋଷରେ ଦିଗ ଦିଗନ୍ତ ପ୍ରକମ୍ପିତ କରିଥିଲେ। ସଭାପତି ଶ୍ରୀ ପିଳା ଓ ଉପ ସଭାପତି ମନୋଜ କୁମାର ସି ଉପସ୍ଥିତ ସମୂହ ଉଦ୍ଦେଶ୍ୟରେ ନିଜ ବକ୍ତବ୍ୟରେ କହିଥିଲେ ଯେ ୧୮୭୫ ମସିହା ନଭେମ୍ବର ୭ ତାରିଖ ଦିନ ବଙ୍ଗୀୟ କବି ବଙ୍କିମ ଚନ୍ଦ୍ର ଚାଟାର୍ଜୀ ଏହି ଉଦବୋଧନୀ ରାଷ୍ଟ୍ରୀୟ ସଂଗୀତ ବନ୍ଦେ ମାତରଂ ରଚନା କରିଥିଲେ ଏବଂ ୧୮୯୬ ମସିହାରେ ତତ୍କାଳୀନ କଂଗ୍ରେସର ଏକ ଅଧିବେଶନରେ ବିଶ୍ୱଗୁରୁ ରବୀନ୍ଦ୍ର ନାଥ ଠାକୁର ପ୍ରଥମେ ଏହାକୁ ଗାଇଥିଲେ। ଦେଶଭକ୍ତ କ୍ରାନ୍ତିକାରୀମାନେ ନିଜ ପ୍ରେରଣାର ଉତ୍ସ ଭାବେ ସଦା ସର୍ବଦା ଏହି ସଂଗୀତକୁ ଗାନ କରୁଥିଲେ। ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏକ ବନ୍ଦେ ମାତରଂ ମୁଦ୍ରା ଓ ଏକ ବନ୍ଦେ ମାତରଂ ଡାକ ଟିକଟ ମଧ୍ୟ ଲୋକାର୍ପିତ କରିଛନ୍ତି। ଏହି ଉତ୍ସବର ସୁପରିଚାଳନାରେ ସଭାପତି ଓ ଉପ ସଭାପତିଙ୍କ ସହ ସଂଗଠନର ସମ୍ପାଦକ ରାଧାନାଥ ରାଉତ, ଶରତ କୁମାର ଦେ, ବିଜୟ କୁମାର ବେହେରା, ଗଙ୍ଗାଧର ପାତ୍ର, ପଦ୍ମଲୋଚନ ଚକ୍ରବର୍ତ୍ତୀ, ଚୈତନ୍ୟ ପ୍ରଧାନ, ରାମଚନ୍ଦ୍ର ଜେନା, ଶମ୍ଭୁନାଥ ଗିରି, ଶ୍ରୀଧର ସାହୁ, ରଜନୀ କାନ୍ତ ସିଂହ, ଶରତ ଚନ୍ଦ୍ର ଜେନା, ଦେବେନ୍ଦ୍ର ନନ୍ଦୀ, ଅଜୟ ଦାସ ଅଧିକାରୀ, ସୁଶାନ୍ତ ରାଉତ ଓ ରମାକାନ୍ତ ସାହୁ ପ୍ରମୁଖ ସକ୍ରିୟ ଅଂଶ ଗ୍ରହଣ କରିଥିଲେ।

## ମହିଳା କବାଡ଼ି; କିଟ୍ ଚାମ୍ପିଅନ



**ବାଲିଆପାଳ, ୧୦।୧୧ (ସମିସ):** ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକରେ ଅନୁଷ୍ଠିତ ହୋଇଆସୁଥିବା ଐତିହାସିକ କୁଦ ମାନସିଂହ ବାଲିଯାତ୍ରା ପଡ଼ିଆରେ ଉଭୟ ପୁରୁଷ ଓ ମହିଳା କବାଡି ଟୁର୍ଣ୍ଣାମେଣ୍ଟ ହୋଇଆସୁଛି। ରବିବାର ରାତିରେ ଫାଇନାଲ ଖେଳ ହୋଇଥିଲା। ଏହି ଖେଳରେ ସମୁଦାୟ ତିନୋଟି ମହିଳା ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ଖେଳରେ ପୁରୀ ଦାଣ୍ଡ ମୁକୁନ୍ଦପୁର ଦଳକୁ ଛଅ ପଏଣ୍ଟରେ ହରାଇ ଭୁବନେଶ୍ୱର କିଟ୍ ବିଶ୍ୱବିଦ୍ୟାଳୟ ଦଳ ଚାମ୍ପିଅନ ହୋଇଥିଲା। ମୁଖ୍ୟଅତିଥି ଭାବେ ବାଲିଆପାଳ ଥାନା ଅଧିକାରୀ ଗୋବିନ୍ଦ ପ୍ରସାଦ ବେହେରା ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିବା ସହିତ ଚାମ୍ପିଅନ ଏବଂ ରନର୍ସଅପ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ରେଫରି ରାଜୀବ କୁମାର ସାହୁ, ହେମନ୍ତ କୁମାର ପରିଡ଼ା, ପୁଳିନ କୁମାର ପରିଡ଼ା ଖେଳ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାହାସ କମିଟିର ସଭାପତି ମହେଶ୍ୱର ଜେନା, ବରିଷ୍ଠ ସଦସ୍ୟ ତଥା ଗାଁ ମୁଖିଆ ଅରୁଣ ପାତ୍ର, ଜଗବନ୍ଧୁ ବାରିକ ସନ୍ତୋଷ ପାତ୍ର, ପ୍ରତାପ ପାତ୍ର, ସଞ୍ଜୀବ ମହାଳିକ, ଚିତ୍ତରଞ୍ଜନ ପାତ୍ର, ସୁବୋଧ ପାତ୍ର, ସରୋଜ ସାହୁ, କ୍ଷିତିଶ ଜେନା ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଆଠଟି ପୁରୁଷ ଦଳକୁ ନେଇ ଅନୁଷ୍ଠିତ ହୋଇଆସୁଥିବା ଖେଳ ୧୩ ତାରିଖରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ ବୋଲି ଆୟୋଜକ କମିଟିର ମୁଖ୍ୟ ପରିଚାଳକ ରଘୁନାଥ ଜେନା କହିଛନ୍ତି।

## ୪ ବେଆଇନ ବାଲି ବୋଝେଇ ଟ୍ରାକ୍ଟର ଜବତ

ରାଜଘାଟ, ୧୦।୧୧ (ସମିସ): ବସ୍ତା ଥାନା ଅନ୍ତର୍ଗତ ରାମଚନ୍ଦ୍ରପୁର ଶିବମନ୍ଦିର ନିକଟରୁ ରବିବାର ବିଳମ୍ବିତ ରାତ୍ରିରେ ତିନୋଟି ବେଆଇନ ବାଲି ବୋଝେଇ ଟ୍ରାକ୍ଟରକୁ ଖଣି ବିଭାଗ କାବୁକରି ବସ୍ତା ପୁଲିସକୁ ହସ୍ତାନ୍ତର କରିଛି। ସୁବର୍ଣ୍ଣରେଖା ନଦୀର ଧିତପୁରା ବାଲି ଖାଦାନରୁ ତିନୋଟି ବାଲି ବୋଝେଇ କରି ଟୋଲଗେଟ ବଜାର ଅଭିମୁଖେ ଯାଉଥିବା ବେଳେ ଜଳେଶ୍ୱର କନିଷ୍ଠ ଖଣି ଅଧିକାରୀ ତାପସ ବେହେରା ରାମଚନ୍ଦ୍ରପୁର ଶିବମନ୍ଦିର ନିକଟରେ ଅତର୍କିତ ଚଢଉ କରି ତିନୋଟି ଟ୍ରାକ୍ଟରକୁ କାବୁ କରିଥିଲେ। ଚାଳକ ମାନେ ଆବଶ୍ୟକୀୟ କାଗଜପତ୍ର ଦେଖାଇ ନ ପାରିବାରୁ ତିନୋଟି ଟ୍ରାକ୍ଟରକୁ ବସ୍ତା ପୁଲିସକୁ ହସ୍ତାନ୍ତର ହୋଇଛି। ସେହିପରି ଦେଭୋଗ ଖାଦାନରୁ ପାଉଁଶକୁଲି ଅଭିମୁଖେ ଯାଉଥିବା ଗୋଟିଏ ବେଆଇନ ବାଲି ବୋଝଇ ଟ୍ରାକ୍ଟରକୁ ସିଂଲା ଥାନା ମାଣିକପୁରା ନିକଟରୁ କାବୁକରି ସିଂଲା ଥାନାକୁ ହସ୍ତାନ୍ତର କରାଯାଇଛି। ଟ୍ରାକ୍ଟର ମାଲିକ ଜରିମାନା ଦାଖଲ ନ କଲେ ପୁଲିସ ପକ୍ଷରୁ ମାମଲା ରୁଜୁ ହେବ ବୋଲି ଖଣି ଅଧିକାରୀ ସୂଚନା ଦେଇଛନ୍ତି।

## ମଦ ଜବତ, ୪ ଗିରଫ

**ଭୋଗରାଇ,୧୦।୧୧(ସମିସ):** ଭୋଗରାଇ ଅବକାରୀ ଥାନା ପକ୍ଷରୁ ଭୋଗରାଇର ବିଭିନ୍ନ ସ୍ଥାନରେ ଚଢ଼ଉ କରାଯାଇ ୮୧ ଲିଟର ଚୋରା ମଦ ସହିତ ୪ ଜଣ ଚୋରା ମଦ ବେପାରୀଙ୍କୁ ଗିରଫ କରିଛି। ଭୋଗରାଇ ବ୍ଲକ ନିମାତପୁର ପଞ୍ଚାୟତ କାଉବଣୀ ଗ୍ରାମର ବାବୁଲା ଜେନାଙ୍କ ସ୍ତ୍ରୀ ପିଙ୍କି ଜେନା, ସେହି ଗ୍ରାମର ଖିତିଶ ଦଳାଇଙ୍କ ସ୍ତ୍ରୀ ଗୌରୀ ଦଳାଇ, ଦେଉଳା ପଞ୍ଚାୟତର ସରସ୍ୱତୀପୁର ଗ୍ରାମର ମୁରଲୀ ବେହେରାଙ୍କ ପୁଅ କହ୍ନେଇଲାଲ ବେହେରା, ସେହି ଗ୍ରାମର ବଂଶୀଧର ମହାନ୍ତିଙ୍କ ସ୍ତ୍ରୀ ଅଞ୍ଜଳି ମହାନ୍ତି ପାଖରୁ ୮୧ ଲିଟର ଚୋରା ମଦ ଜବତ କରିଛି ଅବକାରୀ ବିଭାଗ।

## ଭିଟାମାଟି ଓ ଜୀବନ ଜୀବିକା ସୁରକ୍ଷା ମଞ୍ଚ ପକ୍ଷରୁ ଦାବିପତ୍ର

ନୀଳଗିରି, ୧୦।୧୧ (ସମିସ)

କୁଲଡିହା ଅଭୟାରଣ୍ୟରେ ବସବାସ କରୁଥିବା ଲୋକମାନଙ୍କ ସୁରକ୍ଷା ପାଇଁ ଭିଟାମାଟି ଓ ଜୀବନ ଜୀବିକା ସୁରକ୍ଷା ମଞ୍ଚ ପକ୍ଷରୁ ନୀଳଗିରି ଉପଜିଲ୍ଲାପାଳଙ୍କୁ ଦାବିପତ୍ର ଦିଆଯାଇଛି। ଏଠାରେ ସୂଚନାଯୋଗ୍ୟ, କୁଲଡିହା ଅଭୟାରଣ୍ୟର ସୀମା ନିର୍ଦ୍ଧାରଣ ପାଇଁ ଉଚ୍ଚନ୍ୟାୟାଳୟ, ଓଡିଶାଙ୍କ ପାଖରେ ଏକ ମାମଲା ବିଚାରାଧୀନ ରହିଛି। ଉଚ୍ଚନ୍ୟାୟାଳୟ କୁଲଡିହା ଅଭୟାରଣ୍ୟ ଭିତରେ ଜନବସତି, ସରକାରୀ ଅନୁଷ୍ଠାନ ଓ ସାମାଜିକ ଅନୁଷ୍ଠାନକୁ ବାଦ ଦେଇ ସୀମା ନିର୍ଦ୍ଧାରଣ କରିବା ପାଇଁ ବାଲେଶ୍ୱର ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବର୍ତ୍ତମାନ ସୁଦ୍ଧା ଉଚ୍ଚନ୍ୟାୟାଳୟଙ୍କ ଆଦେଶ ଅନୁସାରେ କୁଲଡିହା ଅଭୟାରଣ୍ୟର ସୀମା ନିର୍ଦ୍ଧାରଣ ହୋଇ ନାହିଁ। ଏଠାରେ ଇକୋ ସେନ୍ସିଟିଭ ଜୋନ ର ପ୍ରଶ୍ନ ଆସିଲା କେଉଁଠି ବୋଲି ଦାବିପତ୍ର ପ୍ରଦାନକାରୀ ତାଙ୍କ ପତ୍ରରେ ପ୍ରଶ୍ନ କରିଛନ୍ତି। କିନ୍ତୁ ସରକାରଙ୍କ ତରଫରୁ ବାରମ୍ବାର ନୋଟିସ ଲଗାଇବା ଫଳରେ ଶାନ୍ତିକାମି ନିରୀହ, ଗରିବ ଓ ଆଦିବାସୀମାନଙ୍କ ମଧ୍ୟରେ ଭୟ, ଅସନ୍ତୋଷ ଓ ବିଦ୍ୱେଷ ଭାବ ସୃଷ୍ଟି କରାଯାଉଛି। ଏଥିରୁ ପ୍ରଶାସନ କ୍ଷାନ୍ତ ରହିବାକୁ ଅନୁରୋଧ କରାଯାଇଛି। ଆଜି ଭିଟାମାଟି ଓ ଜୀବନ ଜୀବିକା ସୁରକ୍ଷା ମଞ୍ଚର ଆବାହକ ବିଜୟ କୁମାର ପାତ୍ରଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଉପଜିଲ୍ଲାପାଳ ନୀଳଗିରିଙ୍କୁ ଇକୋ ସେନ୍ସିଟିଭ ଜୋନକୁ ଜନବସତି ରୁ ବାଦ ଦେବା ପାଇଁ ଦାବିପତ୍ର ପ୍ରଦାନ କରିଛନ୍ତି। ପ୍ରତିନିଧି ଦଳରେ ପୂର୍ବତନ ସରପଞ୍ଚ ଯୋଗାନନ୍ଦ ଦାଶ, ରଘୁନାଥ ସିଂ, ଜଗନ୍ନାଥ ସିଂ, ଯାମିନୀ ହାଁସଦାଙ୍କ ସହ ଅଶୋକ ଦାସ, ପ୍ରତାପ ଚନ୍ଦ୍ର ସାଇବାବୁ, ଲକ୍ଷ୍ମୀଧର ସାହୁ, ପୁରୁଷୋତ୍ତମ ଖଣ୍ଡେଇ, ଗଜେନ୍ଦ୍ର ସିଂ , ଅମରେନ୍ଦ୍ର ନାୟକ, କାହ୍ନୁ ସିଂ, ସୂର୍ଯ୍ୟ ସିଂ, ସତ୍ୟଜିତ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଯଦି ସରକାର ଏ ବାବଦରେ କୌଣସି ପଦକ୍ଷେପ ନ ନିଅନ୍ତି ତାହେଲେ ଆଗାମୀ ଦିନରେ ମଞ୍ଚ ପକ୍ଷରୁ ଉପଜିଲ୍ଲାପାଳ ଅଫିସ ସମ୍ମୁଖରେ ଜେଲ ଭରୋ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି।



BEST OFFER
SALE
Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.
9437015112

# ଅଖିଳ ଭାରତ ଗଣତାନ୍ତ୍ରିକ ମହିଳା ସମିତି ପକ୍ଷରୁ ଜିଲ୍ଲାପାଳଙ୍କୁ ଦାବିପତ୍ର




**ବାଲେଶ୍ୱର,୧୦।୧୧(ସମିସ):** ଅଖିଳ ଭାରତ ଗଣତାନ୍ତ୍ରିକ ମହିଳା ସମିତି ବାଲେଶ୍ୱର ଜିଲ୍ଲା କମିଟି ତରଫରୁ ସଭାନେତ୍ରୀ ହରିପ୍ରିୟା ଜେନାଙ୍କ ନେତୃତ୍ୱରେ ମହିଳାଙ୍କ ଆର୍ଥିକ ସ୍ଥିତିର ସୁଧାର ଓ ମାଇକ୍ରୋଫାଇନାନ୍ସ ସଂସ୍ଥାକୁ ନିୟନ୍ତ୍ରଣ କରିବା ଦାବିକୁ ଏକ ଦରଖାସ୍ତ ଅଭିଯାନ କରି ମହିଳାମାନେ ଜିଲ୍ଲାପାଳଙ୍କ ୮ ଦଫା ଦାବିପତ୍ର ପ୍ରଦାନ କରିଥିଲେ। ସ୍ୱୟଂ ସହାୟିକା ଗୋଷ୍ଠୀମାନଙ୍କୁ ସରଳ ପଦ୍ଧତିରେ ସମସ୍ତ ସରକାରୀ ବ୍ୟାଙ୍କ ଦ୍ୱାରା ବିନା ସୁଧର ଋଣ ଯୋଗାଇ ଦିଆଯାଉ। ଗୋଷ୍ଠୀର ମହିଳା ମାନଙ୍କୁ ଋଣ ପାଇଁ ଅଗ୍ରାଧିକାର ଦେବା ସହିତ ପ୍ରତି ବ୍ୟାଙ୍କରେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଉ, ୫ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ପାଇଁ ସିବିଲକୁ ବାଧ୍ୟତା କରା ନ ଯାଉ, କୋଭିଡ ସମୟରେ ନିଆଯାଇ ଥିବା କିସ୍ତି ଓ ଜରିମାନାକୁ ଫେରସ୍ତ କରାଯାଉ, ମାଇକ୍ରୋ ଫାଇନାନ୍ସ ସମେତ ବେସରକାରୀ ଆର୍ଥିକ ସଂସ୍ଥା ଦ୍ୱାରା ପ୍ରଦାନ କରାଯାଇ ଥିବା ଋଣ ୧୨ପ୍ରତିଶତ ରେ ସୀମିତ ରଖାଯାଉ, ମାଇକ୍ରୋ ଫାଇନାନ୍ସ ସଂସ୍ଥାମାନଙ୍କୁ ନିୟନ୍ତ୍ରଣ କରିବା ପାଇଁ ଆଇନ ପ୍ରଣୟନ କରାଯାଉ। ମାଇକ୍ରୋ ଫାଇନାନ୍ସ ସଂସ୍ଥା ଦ୍ୱାରା ମହିଳା ମାନଙ୍କ ଉପରେ ହେଉଥିବା ନିର୍ଯାତନା ଓ ଅଭିଯୋଗ ଗୁଡ଼ିକର ସମାଧାନ ନିମନ୍ତେ ପ୍ରତି ବ୍ଲକ ରେ ସ୍ୱତନ୍ତ୍ର ଅଭିଯୋଗ ପ୍ରକୋଷ୍ଠ ଖୋଲାଯାଇ ସମାଧାନ କରାଯାଉ, ରାଜ୍ୟ ସରକାରଙ୍କର ମହିଳା ଶିଶୁ ବିକାଶ ବିଭାଗ ତରଫରୁ ମାଇକ୍ରୋ ଫାଇନାନ୍ସର ଶୋଷଣ ବିରୁଦ୍ଧରେ ସଚେତନତା କାର୍ଯ୍ୟକ୍ରମ ସହିତ ମାଗଣା ଆଇନ ସେବା ଯୋଗାଇ ଦିଆଯାଉ ୮ ଦଫା ଦାବୀ ଉପରେ ଦାବୀ ପତ୍ର ଦିଆଯାଇଥିଲା। ଆସନ୍ତା ଡିସେମ୍ବର ୧୯ ତାରିଖ ଦିନ ରିଜର୍ଭ ବ୍ୟାଙ୍କ ଭୁବନେଶ୍ୱରଠାରେ ଘେରାଉ କରାଯିବ। ଜିଲ୍ଲା ସମ୍ପାଦିକା ମମି ପଣ୍ଡା, ମହୁଆ ବସୁ, କାଞ୍ଚନ ସାହୁ,ମମତା ରାଜ, ଗୀତା ହାଁସଦା, ଝରଣା ଘଡାଇ, ଶାନ୍ତି ଲତା ଜେନା, ରେବତୀ ଜେନା, ସାହେବା ବିବି, ପ୍ରତିମା ପ୍ରାମାଣିକ, ସ୍ୱର୍ଣ୍ଣଲତା ଦାସ, ରୁକସାନ ଖାତୁନ ପ୍ରମୁଖ ଉପସ୍ଥିତ ଥିଲେ।

## ଅନ୍ତ୍ୟୋଦୟ ଗୃହ ଯୋଜନା

# ଦୃଷ୍ଟିହୀନ ନିତେନ୍ଦ୍ରଙ୍କ ପାଇଁ ପକ୍କା ଘର ସ୍ୱପ୍ନ

**ବାଲେଶ୍ୱର,୧୦।୧୧(ସମିସ)**

ଅନ୍ତ୍ୟୋଦୟ ଗୃହ ଯୋଜନାରେ ହିତାଧିକାରୀଙ୍କୁ ମିଳିନି ଗୃହ। ଯୋଗ୍ୟ ଥାଇ ବି ଗୃହ ନିର୍ମାଣ ପାଇଁ ମିଳିନି ଆଦେଶ ପତ୍ର। ଫଳରେ ହନ୍ତସନ୍ତ ଜୀବନ ବିତାଉଛନ୍ତି ଦୃଷ୍ଟିହୀନ ନିତେନ୍ଦ୍ର ସାଉ। ତେଣୁ ଗୃହ ଯୋଗାଇବା ପାଇଁ ଦିବ୍ୟାଙ୍ଗ ନିତେନ୍ଦ୍ର ଆଜି ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଦରଖାସ୍ତ ସହିତ ନିତେନ୍ଦ୍ର ଆଧାର କାର୍ଡ, ଭିନ୍ନକ୍ଷମ ପ୍ରମାଣପତ୍ର ଏବଂ ବ୍ୟାଙ୍କ ଜମାଖାତାର ନକଲ ସଂଲଗ୍ନ କରିଛନ୍ତି।



ରେମୁଣା ବ୍ଲକ ବଡପାଳ ପଞ୍ଚାୟତ ମୟୁରଗ୍ରାମର ବିନୋଦ ସାଉଙ୍କ ପୁଅ ନିତେନ୍ଦ୍ର ଶତ ପ୍ରତିଶତ ଦିବ୍ୟାଙ୍ଗ। ବିନୋଦ ଜଣେ ଦିନ ମଜୁରିଆ। ଅନ୍ୟପଟେ ନିତେନ୍ଦ୍ର ସମ୍ପୂର୍ଣ୍ଣ ଦୃଷ୍ଟିହୀନ। ନିତେନ୍ଦ୍ର ବାଦ୍ୟଯନ୍ତ୍ର ବଜାଇ ଗୁଜୁରାଣ ମେଣ୍ଟାଉଛନ୍ତି। ଦୁହେଁ ଯାହା ରୋଜଗାର କରନ୍ତି ସେଥିରେ କଷ୍ଟେମଷ୍ଟେ ଚଳନ୍ତି। ଏଥିରେ ଘରଟିଏ କରିବା ସମ୍ଭବପର ହୋଇନାହିଁ। ପାଲ ବନ୍ଧା ଘରେ ରହୁଛନ୍ତି। ଖରା, ବର୍ଷା, ଶୀତରେ ଘର ପିଣ୍ଡାରେ ଦିନ କଟେ। ଫଳରେ ଅନେକ ସମୟରେ ଅସୁସ୍ଥ ରୁହନ୍ତି। ହେଲେ ପରିତାପର ବିଷୟ ଯେ ସରକାରଙ୍କ ଅନ୍ତ୍ୟୋଦୟ ଗୃହ ଯୋଜନାରେ ଘରଟିଏ ପାଇବା ପାଇଁ ନିତେନ୍ଦ୍ର ଯୋଗ୍ୟ ହୋଇଥିଲେ ସୁଦ୍ଧା ତାଙ୍କୁ ସୁବିଧା ମିଳିନାହିଁ। ଫଳରେ ସେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା କଥା ଉଲ୍ଲେଖ କରିଛନ୍ତି। 'ମୋ ଦରଖାସ୍ତଟିକୁ ମଞ୍ଜୁର ଦେବା ସହ ମୋ ସମସ୍ୟାର ଦୂରିକରଣ ନିମନ୍ତେ ସରକାରଙ୍କ ଅନ୍ତ୍ୟୋଦୟ ଗୃହ ଯୋଜନାରେ ଗୃହଟିଏ କରିବା ପାଇଁ ଆଦେଶ ପତ୍ର ପ୍ରଦାନ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେବାକୁ ନିତେନ୍ଦ୍ର ନିବେଦନ କରିଛନ୍ତି।

## ଜାତୀୟ ଚିତ୍ରକଳା କର୍ମଶାଳା

# ବାଲେଶ୍ୱରର ଚିତ୍ରଶିଳ୍ପୀ ନିତ୍ୟାନନ୍ଦଙ୍କ 'ଅରୁଣିମା' ଉଚ୍ଚ ପ୍ରଶଂସିତ

**ବାଲେଶ୍ୱର,୧୦।୧୧(ସମିସ):** ସମ୍ମାନଜନକ ଜାତୀୟ ମେଗା ଚିତ୍ର କର୍ମଶାଳାରେ ବାଲେଶ୍ୱର ଚିତ୍ରକାର ନିତ୍ୟାନନ୍ଦ ସାହୁଙ୍କ ସହ ଭୁବନେଶ୍ୱରରୁ ଧଉଳି ଆର୍ଟ କଲେଜ ଅଧକ୍ଷ ପଞ୍ଚାନନ ସାମଲ ତଥା ବୁଗୁଡ଼ାରୁ ଚିତ୍ରଶିଳ୍ପୀ ଶତାବ୍ଦୀ ରଥ ଭାଗ ନେଇଥିଲେ। ଚଳିତ ମାସ ୭ରୁ ୧୩ ତାରିଖ ପର୍ଯ୍ୟନ୍ତ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟ ଦୃଶ୍ୟ କଳା ବିଭାଗ ତଥା କାଶୀକା ଆର୍ଟିଷ୍ଟ ଗୃପ୍ ସହଯୋଗିତାରେ ଅହିବାସୀ ଆର୍ଟ ଗ୍ୟାଲେରୀ, ବିଏଚ୍‌ୟୁଠାରେ ଆୟୋଜିତ ହୋଇଛି। "ଗଙ୍ଗା ପ୍ରଣାମ' ଶୀର୍ଷକ ଏହି ସମ୍ମାନ



ଜନକ ଚିତ୍ର କର୍ମଶାଳାରେ ଭାରତର ପ୍ରାୟ ଅନେକ ସ୍ଥାନ ତଥା ପ୍ରଦେଶରୁ ଅନ୍ୟୁନ ୩୫ ଜଣ ପ୍ରତିଷ୍ଠିତ ଚିତ୍ର ଶିଳ୍ପୀମାନେ ଭାଗ ନେଇ ଅଛନ୍ତି। ୭ରୁ ୯ ନଭେମ୍ବର ୩ଦିନ ରେ ସମସ୍ତ ଶିଳ୍ପୀ ସେମାନଙ୍କ ଚିତ୍ର ପ୍ରସ୍ତୁତି ସଂପୂର୍ଣ୍ଣ ହେଲା ପରେ ଆଜି ୧୦ ରୁ ୧୩ ନଭେମ୍ବର ପର୍ଯ୍ୟନ୍ତ ଉପରୋକ୍ତ ଗ୍ୟାଲେରୀଠାରେ ଚିତ୍ର ସବୁ ପ୍ରଦର୍ଶନ ହେବା ସହ ଦୃଶ୍ୟ କଳା ବିଭାଗ ଦ୍ୱାରା ଅନ୍ୟାନ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ଜାରି ରହିବ। ଓଡିଶାରୁ ଥିବା ୩ ଚିତ୍ରଶିଳ୍ପୀଙ୍କ ଚିତ୍ର ଉଚ୍ଚ ପ୍ରଶଂସିତ ହେଉଅଛି ତଥା ବାଲେଶ୍ୱରର ଚିତ୍ରଶିଳ୍ପୀ ନିତ୍ୟାନନ୍ଦ ସାହୁଙ୍କ ଚିତ୍ର 'ଅରୁଣିମା': ଏ ମିଟିଙ୍ଗ୍ ଅଫ୍ ଟାଇମ୍ସ କଳାପ୍ରେମୀ ବେଶ ପସନ୍ଦ ଆସୁଛି।

# ୧୪ରେ ନିଃଶୁଳ୍କ ଚିକିତ୍ସା ଶିବିର

**ବାଲେଶ୍ୱର,୧୦।୧୧(ସମିସ):** ଆସନ୍ତା ୧୪ ତାରିଖ ଶୁକ୍ରବାର ବିଶ୍ୱ ମଧୁମେହ ଦିବସ ଶ୍ରୀପଲି କ୍ଲିନିକ୍ ଆନୁକୂଲ୍ୟରେ ଜେଲ୍ ରୋଡ ସ୍ଥିତ ସିଦ୍ଧି କଲ୍ୟାଣ ମଣ୍ଡପରେ କରାଯିବାର ସ୍ଥିର ହୋଇଛି। ଏହି ଅବସରରେ ବିନା ମୂଲ୍ୟରେ ଚିକିତ୍ସା, ପରୀକ୍ଷା, ମଧୁମେହ ପାଇଁ ଯୋଗଶିକ୍ଷା ଓ ଖାଦ୍ୟପେୟର ବ୍ୟବସ୍ଥା କରାଯିବ। ଏଥିସହିତ ରକ୍ତଦାନ ଶିବିର ଅନୁଷ୍ଠିତ ହେବ। ବିଭିନ୍ନ ପରୀକ୍ଷା ତଥା ମଧୁମେହ ରୋଗର ନିରାକରଣ ଓ ସଚେତନତା ପାଇଁ ଏହି ବିଶେଷ ଶିବିରର ସୁଯୋଗ ନେବାକୁ ଜନସାଧାରଣ ତଥା ମଧୁମେହ ରୋଗୀମାନଙ୍କୁ ଶ୍ରୀପଲି କ୍ଲିନିକ୍ କର୍ତ୍ତୃପକ୍ଷ ତରଫରୁ ନିବେଦନ କରାଯାଇଛି।

# ଆନ୍ତର୍ଜାତିକ ଉର୍ଦ୍ଦୁ ଦିବସ ପାଳିତ



**ବାଲେଶ୍ୱର,୧୦।୧୧(ସମିସ):** ଆନ୍ତର୍ଜାତିକ ଉର୍ଦ୍ଦୁ ଦିବସ ତର୍ଜୁମାନ ନ୍ୟୁଜ୍ ଟାଇମ୍ ପକ୍ଷରୁ ସୁଏଲପୁର ସ୍ଥିତ କାର୍ଯ୍ୟାଳୟରେ ପାଳିତ ହୋଇଯାଇଛି। ସ୍ୱାଗତ ସଙ୍ଗୀତ ସହିତ କାର୍ଯ୍ୟକ୍ରମର ଆରମ୍ଭ ମୋହମ୍ମଦ ମଇନୁଲ୍ ହକ୍‌ଙ୍କ ଦ୍ୱାରା 'ସାରେ ଜହାଁ ସେ ଅଚ୍ଛା ହିନ୍ଦୁସ୍ତାନ ହମାରା' ଗାନ କରାଯାଇଥିଲା। ଅନିସା ଖାତୁନ ଉର୍ଦ୍ଦୁ ଭାଷାର ମହତ୍ତ୍ୱ ଉପରେ ସଂଳାପ ପ୍ରସ୍ତୁତ କରିଥିଲେ। ସମ୍ପାଦକ ଅଜିମ୍ ବାଲେଶ୍ୱରୀଙ୍କ ଅଧକ୍ଷତାରେ ଆୟୋଜିତ ମୁଖ୍ୟଅତିଥି ଭାବେ ଜିଲ୍ଲା ଶିଶୁ ମଙ୍ଗଳ କମିଟି ସଦସ୍ୟ ପ୍ରଫେସର ଶତ୍ରୁଘ୍ନ ମଲ୍ଲିକ ଯୋଗଦେଇ ଉକ୍ତ ଦିବସ ପାଳନ କରାଯିବାର ଆବଶ୍ୟକତା ସମ୍ପର୍କରେ ସୂଚନା ଦେଇଥିଲେ। ସମ୍ମାନିତ ଅତିଥି ଭାବେ ମହିଳା କଲେଜର ଉର୍ଦ୍ଦୁ ପ୍ରାଧ୍ୟାପକ ରୁକିଆ ଜମାଲ ଓ ଫକୀରମୋହନ କଲେଜର ଉର୍ଦ୍ଦୁ ବିଭାଗର ଅସିଷ୍ଟାଣ୍ଟ ପ୍ରଫେସର ବଦରୁଦ୍ଦିନ ସାହେବ ଉପସ୍ଥିତ ଥିଲେ। ସଭାରେ ଅତିଥିମାନେ ଉର୍ଦ୍ଦୁ ଭାଷାର ଐତିହାସିକ ଅବଦାନ, ଏହାର ଜାତୀୟ ଓ ବିଶ୍ୱ ପ୍ରଭାବ ଏବଂ ଭାରତୀୟ ସଂସ୍କୃତିରେ ଏହାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଅତିଥିମାନଙ୍କ ମଧ୍ୟରେ 'ତର୍ଜୁମାନ ନ୍ୟୁଜ୍ ଟାଇମ୍'ର ମ୍ୟାନେଜିଂ ଏଡିଟର ମଧୁସୂଦନ ମିଶ୍ର, ବଳାଙ୍ଗୀ ଡିଗ୍ରୀ କଲେଜର ପ୍ରିନସିପାଲ୍ ଡାକ୍ତର ରତ୍ନାକର ସିଂହ, ହାଜି ଶେଖ୍ ଜମାଲ୍, ଆଇନଜୀବୀ କମାଲ୍ ଜାଫର, ମହମ୍ମଦ ମୁଖତାର ଆହମଦ, ଉର୍ଦ୍ଦୁ ଶିକ୍ଷକ ସୟଦ ନସିମ୍ ଆହମଦ ରଜା, ମହମ୍ମଦ ସଲାମୁଲ୍ଲାହ, ଶେଖ୍ ଶରଫୁଦ୍ଦିନ, ଜୟନାଥ ପାତ୍ର, ପ୍ରବୀର କମିଲା, ମୋହମ୍ମଦ ମନିଫ୍, ସୟଦ ସଲିମ୍ ରଜା, ମାଷ୍ଟର ଶେଖ୍ ସାଦିକ୍, ମୋହମ୍ମଦ ଫିରୋଜ୍ ହୁସେନ, ସଲିମ୍ ଶୁଭାଶାହ, ସାହିବା ଅଖତର, ସାମ୍ବାଦିକ ହାଇଦର ଖାନ୍, ଶେଖ୍ ନଜିମ୍ ଓ ମୌଲାନା ସାବିର ଅଲି ଉପସ୍ଥିତ ଥିଲେ। ଫରହତ୍ ନଜ୍ ଧନ୍ୟବାଦ ଅର୍ପଣ କରିଥିଲେ।

# କଚେରି ହତାରେ ଦମ୍ପତିଙ୍କ ହାଇଡ୍ରାମା

**ବାଲେଶ୍ୱର,୧୦।୧୧(ସମିସ):** କଚେରି ପରିସରରେ ଆଜି ଜଣେ ଦମ୍ପତିଙ୍କ ହାଇଡ୍ରାମା ଦେଖିବାକୁ ମିଳିଛି।



ସହଦେବଖୁଣ୍ଟା ଥାନାରେ ଦୀର୍ଘ ଦୁଇମାସରୁ ଅଧିକ ସମୟ ହେଲା ଅଭିଯୋଗ କରିଥିଲେ ସୁଦ୍ଧା ପୁଲିସ କିଛି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରି ଓଲଟା ସେମାନଙ୍କୁ ଗାଳିଗୁଲଜ ଓ ମାରପିଟ କରୁଛି । ଗତ ଅଗଷ୍ଟ ୧୨ତାରିଖ ଦିନ ମିନା ଟୁଡୁ ତାଙ୍କର କାକି ଡଲି କିସ୍କୁଙ୍କ ଘରକୁ ରାକ୍ଷୀ ବାନ୍ଧିବା ପାଇଁ ଯାଇଥିଲେ। ସେ ଏହି ସମୟରେ ତାଙ୍କର କାକିଙ୍କ ସହ କଥା ହେଉଥିବା ବେଳେ ତାଙ୍କ କାକିଙ୍କର ଦୁଇ ଭଣଜା ଆଜି ତାଙ୍କୁ ଖରାପ ଭାଷାରେ ଗାଳି ଗୁଲଜ କରିଥିଲେ। ଏଥିରେ ସେ ପ୍ରତିବାଦ କରି ସେଠାରୁ ଘରକୁ ପଳାଇ ଆସିଥିଲେ। ଏହି ଘଟଣାର ସମାଧାନ ପାଇଁ ପରଦିନ କାକି ଆସି ତାଙ୍କୁ ଡାକିଥିଲେ। ସେ ସେଠାକୁ ଯିବା ପରେ ଏହି ଘଟଣାର ସମାଧାନ ପାଇଁ କଥାବାର୍ତ୍ତା ଚାଲିଥିବା ବେଳେ ସେମାନେ ତାଙ୍କୁ ଆକ୍ରମଣ କରିଥିଲେ। ଏହି ସମୟରେ ତାଙ୍କ ସ୍ୱାମୀ ହେମନ୍ତ ସେଠାକୁ ଆସିବା ପରେ ତାଙ୍କୁ ମଧ୍ୟ ପିଟାମରା କରିଥିଲେ। ଏହି ଘଟଣାକୁ ନେଇ ସେମାନେ ସହଦେବଖୁଣ୍ଟା ଥାନାରେ ଅଭିଯୋଗ କରିଥିଲେ। ହେଲେ ପୁଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନଥିଲା। ବରଂ ପୁଲିସ ଓଲଟି ସେମାନଙ୍କୁ ଗାଳିଦେଉଥିବା ଅଭିଯୋଗ କରି ଦମ୍ପତି କଚେରି ପରିସରରେ ପାଟିତୁଣ୍ଡ କରିଥିଲେ।

# ଅବକାରୀ ଚଢ଼ଉ, ଦୁଇ ଗିରଫ

**ସୋର, ୧୦।୧୧(ସମିସ):** ସୋର ଅବକାରୀ ବିଭାଗ ତରଫରୁ ବିଭିନ୍ନ ସ୍ଥାନରେ ଚଢ଼ଉ କରି ଦେଶୀମଦ ଜବତ କରିଥିବା ବେଳେ ଦୁଇ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସୋର ଆଦର୍ଶ ଅବକାରୀ ଥାନାଧିକାରୀ ସୁରଜ କୁମାର ଟୀଗାଙ୍କ ନେତୃତ୍ୱରେ ଏକ ଟିମ ଛତରା ଗ୍ରାମରେ ଚଢ଼ାଉ କରି ଭଗବାନ ପାଣ୍ଡବଙ୍କ ନିକଟରୁ ୩୦ ଲିଟର ଦେଶୀମଦ ଏବଂ ନହରପଦା ଗ୍ରାମର ବୁଦ୍ଧିରାମ ସାହୁଙ୍କ ନିକଟରୁ ୩୫ ଲିଟର ଦେଶୀମଦ ଜବତ କରିବା ସହିତ ଉଭୟଙ୍କୁ ଗିରଫ କରିଥିଲେ। ଅପରାହ୍ନରେ ସୋର ମେଡିକାଲରେ ଉଭୟଙ୍କ ଡାକ୍ତରୀ ମାଇନା ପରେ ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏହି ଚଢ଼ାଉରେ ଏଏସଆଇ ବସନ୍ତ କୁମାର ବାରିକ, କନେଷ୍ଟବଳ ଶଶୀକାନ୍ତ ସାହୁ, ମିନତୀ ପରିଡା ପ୍ରମୁଖ ସାମିଲ ହୋଇଥିଲେ।

# ଫକୀରମୋହନ ବିଶ୍ୱବିଦ୍ୟାଳୟରେ 'ଯୁବ ସମ୍ମିଳନୀ'




**ବାଲେଶ୍ୱର,୧୦।୧୧(ସମିସ):** ଫକୀରମୋହନ ବିଶ୍ୱବିଦ୍ୟାଳୟରେ 'ଯୁବ ସମ୍ମିଳନୀ' ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଦ୍ୱାରା ଆୟୋଜିତ ହୋଇଥିଲା। ସମ୍ମାନିତ ଅତିଥି ଭାବେ ଡ. କୃଷ୍ଣଚନ୍ଦ୍ର ପ୍ରଧାନ, ସଂଯୁକ୍ତ ପ୍ରଫେସର, ଭାଷା ଓ ସାହିତ୍ୟ ବିଭାଗ, ନିଜ ଉଦ୍ବୋଧନରେ କହିଥିଲେ, ଯୁବଶକ୍ତି ଦେଶର ମୂଳ ଶକ୍ତି। ତାଙ୍କ ମନରେ ଯଦି ସତ୍ୟ, ସଂଘର୍ଷ ଓ ସେବାର ଜ୍ୱାଳା ଜାଗେ, ତେବେ ରାଷ୍ଟ୍ର ନିଶ୍ଚିତ ଭାବରେ ଉନ୍ନତି ପଥରେ ଅଗ୍ରସର ହେବ'। ମୁଖ୍ୟବକ୍ତା ଦୂର୍ଗା ପ୍ରସାଦ ସାହୁ, କ୍ଷେତ୍ର କାର୍ଯ୍ୟବାହ, ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ, ନିଜ ଉଦ୍‌ବୋଧନରେ ଯୁବବର୍ଗଙ୍କ ଜୀବନରେ ସଂସ୍କାର ଓ ଦୃଢ ଚେତନାର ଆବଶ୍ୟକତା ଉପରେ ଆଲୋକପାତ କଲେ। ବିଶେଷ ଅତିଥି ବିଷ୍ଣୁ ଚରଣ ନାୟକ, ବିଭାଗ ପ୍ରଚାରକ, ବାଲେଶ୍ୱର, କହିଥିଲେ ଯେ ଆଧୁନିକ ଯୁବପିଢ଼ି ଏକ ନିର୍ଦ୍ଦିଷ୍ଟ ଯୁଗରେ ଥିଲେ ମଧ୍ୟ ଦେଶର ସଂସ୍କୃତି, ମୂଲ୍ୟବୋଧ ଓ ଦେଶସେବା ମନୋଭାବକୁ ହୃଦୟରେ ଧାରଣ କଲେ ତାହା ଭାରତର ସତ୍ୟ ଶକ୍ତିର ଚିହ୍ନ ହେବ'। ଏହି ଅବସରରେ ସ୍ୱାଧୀନତା ସଂଗ୍ରାମୀ ଓ ସ୍ୱାଧୀନ ଭାରତର ବରପୁତ୍ରମାନଙ୍କ ଜୀବନୀ ଓ ସଂଗ୍ରାମକୁ ନେଇ ଏକ ପ୍ରଦର୍ଶନୀ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମଟି ଭୂବିଜ୍ଞାନ ବିଭାଗର ଛାତ୍ର ଓ ସ୍ୱୟଂସେବକ ଜୟପ୍ରକାଶ ପଣ୍ଡା ସଂଚାଳନ କରିଥିଲେ। ସଂସ୍କୃତ ବିଭାଗର ଅଧ୍ୟାପକ ଦେବାଶିଷ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ହିନ୍ଦୀ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ସୋର, ୧୦।୧୧(ସମିସ):** ସୋର ବ୍ଲକ ତଳନଗର ସ୍ଥିତ ବିଶ୍ୱମ୍ବରନାଥ ଉଚ୍ଚ ବିଦ୍ୟାଳୟର ହିନ୍ଦୀ ଶିକ୍ଷକ ଗଣେଷ ପ୍ରସାଦ ପାଢ଼ୀଙ୍କ ଅବସର କାଳୀନ ସମ୍ବର୍ଦ୍ଧନା ସଭା ନିରାକାର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟବକ୍ତା ଭାବେ ଚେତନା ସାହିତ୍ୟ ସଂସଦର ସମ୍ପାଦକ ତଥା ପୁରୁଦୃଷ୍ଟିର ମୁଖ୍ୟ ସମ୍ପାଦକ ଶରତ ଚନ୍ଦ୍ର ମହାପାତ୍ର ଯୋଗଦେଇ ବିଦାୟୀ ଶିକ୍ଷା ଶ୍ରୀ ପାଢ଼ୀଙ୍କ ଶିକ୍ଷକତା ଜୀବନ ବାବଦରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଅନ୍ୟତମ ଅତିଥିଭାବେ ସେକ ଆଜାଦ ଅଲ୍ଲୀ, ତଳନଗର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରଘୁନାଥ ପଣ୍ଡା, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଅମୀୟ ପଟ୍ଟନାୟକ, ଆଲୁମନି କମିଟି ସଭାପତି ସତ୍ୟାନନ୍ଦ ନାୟକ, ପ୍ରାକ୍ତନ ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ କୁମାର ପାଣିଗ୍ରାହୀ ଯୋଗଦେଇଥିଲେ। ସେହିପରି କ୍ରିଷ୍ଣା ପ୍ରଧାନ, ନରେନ୍ଦ୍ର ବିଶ୍ୱାଳ, ଶରତ ଚନ୍ଦ୍ର ବିଶ୍ୱାଳ, ରାଜେନ୍ଦ୍ର ବିଶ୍ୱାଳ, ପ୍ରଫୁଲ୍ଲ ରାଉତ, ଅଲେଖ ବିଶ୍ୱାଳ, ପ୍ରଶାନ୍ତ ପଲେଇ, ସନ୍ତୋଷ ବିଶ୍ୱାଳ, ବ୍ରଜବନ୍ଧୁ ବେହେରା, ଗଣେଶ ଦାସ, ଶତ୍ରୁଘ୍ନ ରାଉତ, ଅନିରୁଦ୍ଧ ରାଉତ, ଜୟଶ୍ରୀ ନାୟକ, ବିଷ୍ଣୁମୋହନ ବିଶ୍ୱାଳ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ରାମଚନ୍ଦ୍ର ପୃଷ୍ଟି ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ ମିନତୀ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।

# ବାଲେଶ୍ୱର କଳାକାର ସଂଘର ଶୋକସଭା



**ବାଲେଶ୍ୱର,୧୦।୧୧(ସମିସ):** ଦେବୀ ପ୍ରସାଦ ରଥ ଥିଲେ ଏକାଧାରରେ ଜଣେ ବରିଷ୍ଠ ଯାତ୍ରା କଳାକାର, ନିର୍ଦ୍ଦେଶକ, ମଞ୍ଚ ପରିଚାଳକ ଓ ସିନେ କଳାକାର। ବୀଣାପାଣି କଳାକୁଞ୍ଜ ତାରାପୁର ଅପେରାରୁ ନିଜର ସଂଘର୍ଷମୟ କଳାକାର ଜୀବନ ଆରମ୍ଭ କରିଥିବା ସ୍ୱର୍ଗତ ରଥ ପରବର୍ତ୍ତୀ ସମୟରେ ତୁଳସୀ, ଇଷ୍ଟର୍ଣ୍ଣ ଅପେରା, ଧଉଳି, ପାର୍ବତୀ ଆଦିରେ ନିଖୁଣ ଅଭିନୟ କରି ଦର୍ଶକ ଓ କଳାକାର ମନରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲେ। ତାଙ୍କ ଅବର୍ତ୍ତମାନରେ ଆଜି ମଧ୍ୟ ତାଙ୍କୁ ଝୁରୁଛନ୍ତି ଓଡ଼ିଶାର ଅନେକ କଳାପ୍ରେମୀ ଓ ଦର୍ଶକ। ତାଙ୍କର ସେହି ଅଭୁଲା ସ୍ମୃତିକୁ ଉଜ୍ଜୀବିତ ରଖିବା ନେଇ ବାଲେଶ୍ୱର କଳାକାର ସଂଘ ପକ୍ଷରୁ କଳାକାର ମନୋଜ ପାତ୍ରଙ୍କ ପୌରହିତ୍ୟରେ ସହରର ରାଜାବଗିଚାସ୍ଥିତ ରାଧାକୃଷ୍ଣ ମନ୍ଦିର ପ୍ରାଙ୍ଗଣରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। କଳାକାର ବାପି ପଣ୍ଡା, ମନ୍ମଥ ମିଶ୍ର, କୁନାଲ ବେହେରା, ରାଜେନ୍ଦ୍ର ରାଉତ, ସତ୍ୟରଞ୍ଜନ ସାହୁ, ଆଶିଷ ମହାପାତ୍ର, ଚଳଚିତ୍ର ଅଭିନେତା ଦେବପ୍ରୀତ ପ୍ରଧାନ, ଗୋପାଳ ପ୍ରଭୃତି ଉପସ୍ଥିତ ରହି ସ୍ୱର୍ଗତ ରଥଙ୍କ ସ୍ମୃତି ଚାରଣ କରିବା ସହିତ ଏଭଳି ଦୁଃଖଦ ସମୟରେ ତାଙ୍କ ଶୋକ ସନ୍ତପ୍ତ ପରିବାରକୁ ମହାପ୍ରଭୁ ଅସୀମ ଶକ୍ତି ପ୍ରଦାନ କରନ୍ତୁ ବୋଲି କହିଥିଲେ।

# ମାତୃସଦନ ପାଠଚକ୍ର 'ଧୂଳିଉଡ଼ା'ର ବାର୍ଷିକ ଉତ୍ସବ

**ରାଜଘାଟ, ୧୦।୧୧ (ସମିସ):** ବସ୍ତା ବ୍ଲକ କୁଳିଦା ପଞ୍ଚାୟତ ଧୂଳିଉଡା ର ଅବସରପ୍ରାପ୍ତ ଶିକ୍ଷକ ବୃନ୍ଦାବନ ସିଂହଙ୍କ କନ୍ୟା ନିବେଦିତାଙ୍କ ଶୁଭ ଜନ୍ମ ଦିବସରେ ଶ୍ରୀ ମା' ଶ୍ରୀ ଅରବିନ୍ଦ "ମାତୃସଦନ ପାଠଚକ୍ର"ର ଉନ୍ନବିଂଶତମ ବାର୍ଷିକ ଉତ୍ସବ ଧୂଳିଉଡାସ୍ଥିତ ବାସଭବନରେ ଆୟୋଜିତ ହୋଇଯାଇଛି। ବସ୍ତା ବ୍ଲକ ପାଠଚକ୍ର ଆବାହକ ଲକ୍ଷ୍ମଣ ସେନାପତିଙ୍କ ପରିଚାଳନାରେ ଆଜିର ପାଠଚକ୍ର ସଙ୍ଗଠିତ ହୋଇଥିଲା। ପାଠଚକ୍ରରେ ଆଲୋଚକ ଭାବେ ଓଷ୍ଟାର ପ୍ରାକ୍ତନ ସମ୍ପାଦକ ଇନ୍ଦୁମାଧବ ମହାନ୍ତି, ଜିଲ୍ଲା ପାଠଚକ୍ର ମହିଳା ସଙ୍ଗଠିକା ଲକ୍ଷ୍ମୀ ମାଝୀ, ବସ୍ତା ବ୍ଲକ ପାଠଚକ୍ର ସଙ୍ଗଠକ ନରେନ୍ ବାରିକ, ବସ୍ତା ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ଅଧକ୍ଷ ଅଭିରାମ ପରିଡା, ଭେଲୋରା ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରର ଅଧକ୍ଷ ସତ୍ୟଜିତ୍ ଉପାଧ୍ୟାୟ ଓ ଛମୌଜ ପାଠଚକ୍ର କର୍ମକେନ୍ଦ୍ରର ଅଧକ୍ଷ କରୁଣାକର ଭାଇ ପ୍ରମୁଖ ଯୋଗଦେଇ "ରୂପାନ୍ତର ଯୁଗରେ ଆମର କର୍ତ୍ତବ୍ୟ" ଉପରେ ଆଧାରିତ ବିଷୟବସ୍ତୁ ଉପରେ ଆଲୋଚନା କରିଥିଲେ। ଶିକ୍ଷକ ସଞ୍ଜୟ କୁମାର ସିଂହ, ଶିକ୍ଷକ ପିତାମ୍ବର ନାୟକ, ଶିକ୍ଷକ ଉପେନ୍ଦ୍ର ଦଳାଇ, ନରୋତ୍ତମ ସିଂହ ପ୍ରମୁଖ ଉପସ୍ଥିତ ଥିଲେ।

# କୃଷି ମହାବିଦ୍ୟାଳୟ ପ୍ରତିଷ୍ଠା କ୍ରିୟାନୁଷ୍ଠାନ କମିଟି ବୈଠକ

**ବାଲେଶ୍ୱର,୧୦।୧୧(ସମିସ)**

କୃଷି ମହାବିଦ୍ୟାଳୟ ପ୍ରତିଷ୍ଠା ପାଇଁ ବାଲେଶ୍ୱରରେ ଗତ ତିନିବର୍ଷ ଧରି ଜିଲ୍ଲାବାସୀ ଦାବି ଓ ଗଣତାନ୍ତ୍ରିକ ପଦ୍ଧତିରେ ଆନ୍ଦୋଳନ ଚଳାଇଆସୁଛନ୍ତି। ଦଳମତ ନିର୍ବିଶେଷରେ ସମସ୍ତ ବର୍ଗର ଜନସାଧାରଣ ଏହି ଦାବିକୁ ଦୃଢ଼ ସମର୍ଥନ ଜଣାଇଛନ୍ତି। ଏଥିପାଇଁ ଗଠିତ 'ସରକାରୀ କୃଷି ମହାବିଦ୍ୟାଳୟ ଓ ଗବେଷଣା କ୍ଷେତ୍ର ପ୍ରତିଷ୍ଠା କ୍ରିୟାନୁଷ୍ଠାନ କମିଟି' ପକ୍ଷରୁ ରାଜ୍ୟ ସରକାରଙ୍କୁ ଆବେଦନ ନିବେଦନ କରାଯାଇଛି। ଜିଲ୍ଲାର ସମସ୍ତ ବିଧାୟକ ଓ ସାଂସଦ ବାଲେଶ୍ୱରରେ କୃଷି ସଂପର୍କିତ ଏକ ଉଚ୍ଚ ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା




ପାଇଁ ଲିଖିତଭାବେ ସରକାରଙ୍କୁ ଜଣାଇଛନ୍ତି। ବାଲେଶ୍ୱରକୁ ଧାନ, ପାନ ଓ ମୀନର ଜିଲ୍ଲା ବୋଲି କୁହାଯାଏ। ଧାନଚାଷ, ପାନଚାଷ ଓ ସାମୁଦ୍ରିକ ମତ୍ସ୍ୟ ଉତ୍ପାଦନରେ ବାଲେଶ୍ୱର ଚାଷୀମାନଙ୍କର ସୁନାମ ଅଛି। ଏ ନେଇ କ୍ରିୟାନୁଷ୍ଠାନ କମିଟିର ଏକ ଜରୁରୀ ବୈଠକ ଡ. କେଶବ ଚରଣ ପଣ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇ ଚଳିତ ମାସରେ ବାଲେଶ୍ୱର ଜିଲ୍ଲାକୁ ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ଅବସରରେ ଦାବି କରାଯିବ ବୋଲି କୁହାଯାଇଛି। ମୁଖ୍ୟମନ୍ତ୍ରୀଙ୍କ ଜିଲ୍ଲାଗସ୍ତ ସମୟରେ କ୍ରିୟାନୁଷ୍ଠାନ କମିଟିର ପ୍ରତିନିଧିମାନେ ସାକ୍ଷାତ କରି ବାଲେଶ୍ୱରରେ କୃଷି ଉଚ୍ଚ ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା ସମ୍ପର୍କରେ ଅବଗତ କରାଇବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଏଥିପୂର୍ବରୁ ସାଂସଦ ଓ ବିଧାୟକଗଣଙ୍କୁ ସାକ୍ଷାତ କରିବାକୁ ସ୍ଥାନୀୟ କମିଟିର କର୍ମକର୍ତ୍ତାଙ୍କୁ ଦାୟିତ୍ୱ ଦିଆଯାଇଛି। ଏହି ବୈଠକରେ ସାଧାରଣ ସମ୍ପାଦକ ଅଭୟ ଚନ୍ଦ୍ର ମିଶ୍ର ଅଦ୍ୟାବଧି କୃଷିମହାବିଦ୍ୟାଳୟ ପ୍ରତିଷ୍ଠା ପାଇଁ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ବିଭିନ୍ନ କାର୍ଯ୍ୟପନ୍ଥାର ସୂଚନା ଦେଇଥିଲେ। କାର୍ଯ୍ୟକାରୀ ସଭାପତି ନିରଞ୍ଜନ ପରିଡ଼ା ଜିଲ୍ଲାସ୍ତରରେ ସଙ୍ଗଠନକୁ ଅଧିକ ଦୃଢ଼ କରିବାକୁ ମତ ଦେଇଥିଲେ। ଏହି ଆଲୋଚନାରେ ସୀତାରାମ ପ୍ରଧାନ, ଗୌରାଙ୍ଗ ପାଣିଗ୍ରାହୀ, ଗିରୀଶ ଚନ୍ଦ୍ର ଦାଶ, ଯୋଗେଶ ଚନ୍ଦ୍ର ପ୍ରଧାନ, ଶ୍ୟାମସୁନ୍ଦର ଜେନା, ଭୂପତି କୁମାର ପାତ୍ର, ହରନାରାୟଣ ମତ୍ତୁଆଳ, ଗୋବିନ୍ଦ ଚନ୍ଦ୍ର ଭୋଇ, ତାରାକାନ୍ତ ନନ୍ଦ, ସୁରେନ୍ଦ୍ର ପ୍ରସାଦ ଦୀକ୍ଷିତ, ବୀରେନ୍ଦ୍ର ନାରାୟଣ ପ୍ରହରାଜ, ଭାସ୍କର ଚନ୍ଦ୍ର ପାଢ଼ୀ, ବାସନ୍ତୀ ମିଶ୍ର, କ୍ଷିତୀଶ୍ୱର ଦାଶ ଓ ମନୋଜ ବେହେରା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଅକ୍ଷୟ ତ୍ରିପାଠୀ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

# ଚନ୍ଦନେଶ୍ୱରରେ ରଘୁନାଥଙ୍କ ମେଲଣ ଓ ଅନ୍ନ ମହୋତ୍ସବ

**ଚନ୍ଦନେଶ୍ୱର, ୧୦।୧୧(ସମିସ) :** ପୂର୍ବ ଭାରତର ପ୍ରସିଦ୍ଧ ଶୈବପୀଠ ବାଲେଶ୍ୱର ଜିଲ୍ଲା ଭୋଗରାଇର ବାବା ଚନ୍ଦନେଶ୍ୱରଙ୍କ ପୀଠରେ ଦ୍ୱାଦଶ ରଘୁନାଥଙ୍କ ପବିତ୍ର ମେଲଣ ସହିତ ଆନନ୍ଦ ବଜାରରେ ମହା ପ୍ରସାଦ ସେବନର ବ୍ୟବସ୍ଥା କରା ଯାଇଛି। ଆସନ୍ତା ଶୁକ୍ରବାର ଅନୁଷ୍ଠିତ ହେବାକୁ ଥିବା ଏହି ମହା ମହୋତ୍ସବରେ ୧୫ହଜାରରୁ ଅଧିକ ଲୋକଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିବା କଥା ସେବାୟତ ସଂଘର ସଭାପତି ତପନ କୁମାର ପଣ୍ଡା ସୂଚନା ଦେଇଛନ୍ତି। ଆଖପାଖ ୧୦ଟି ପଞ୍ଚାୟତ ସମେତ ବିଭିନ୍ନ ବିଦ୍ୟାଳୟ, ଭକ୍ତ, ଶ୍ରଦ୍ଧାଳୁ ଏବଂ ପର୍ଯ୍ୟଟକଙ୍କ ନିମନ୍ତେ ଏହି ମହୋତ୍ସବ ଅନୁଷ୍ଠିତ ହେଉଛି। ବିବରଣୀରୁ ପ୍ରକାଶ,ବାବା ଚନ୍ଦନେଶ୍ୱର ମହଦେବ ଜୀଉଙ୍କ ପୀଠରେ ରାସୋତ୍ସବ ଓ ମହା ପଞ୍ଚକ ବ୍ରତ ଉପଲକ୍ଷେ ୮ବର୍ଷ ହେଲା ଦ୍ୱାଦଶ ରଘୁନାଥଙ୍କ ମେଲଣ ଏବଂ ଅନ୍ନ ମହୋତ୍ସବ ଆୟୋଜନ ହୋଇ ଆସୁଛି। ସୋମବାର ପାଖରୁ ଶ୍ରୀଜୀଉଙ୍କ ନିକଟରେ ସ୍ୱତନ୍ତ୍ର ନୀତିକାନ୍ତି ପୂଜାର୍ଚ୍ଚନା ମଧ୍ୟ ଅନୁଷ୍ଠିତ ହୋଇ ଯାଇଛି। ସୋମବାର ଅବସରରେ ମନ୍ଦିର ମଧ୍ୟ ବେଶ ଚଳ ଚଂଚଳ ଥିବାର ପରିଲକ୍ଷିତ ହୋଇ ଥିଲା। ସଂଘର ବରିଷ୍ଠ ସେବାୟତ ବୁଦ୍ଧଦେବ ପଣ୍ଡା, ଇନ୍ଦୁ ଭୂଷଣ ପଣ୍ଡା, ଆଶିଷ ପଣ୍ଡାଙ୍କ ସମେତ ଶତାଧିକ ସେବାୟତ ଉପସ୍ଥିତ ଥିଲେ।

# ରାଇବଣିଆ ବନାଞ୍ଚଳ ଛାଡୁନାହାନ୍ତି ହାତୀପଲ

ଜଳେଶ୍ୱର ବ୍ଲକ, ୧୦।୧୧ (ସମିସ)



**ଘଟାଉଛନ୍ତି ବ୍ୟାପକ କ୍ଷୟକ୍ଷତି**

ଜଳେଶ୍ୱର ବନ୍ୟପ୍ରାଣୀ ରେଞ୍ଜ ଅଧୀନରେ ଥିବା ରାଇବଣିଆ ବନାଞ୍ଚଳ ପାଲଟିଲାଣି ବାହାର ଜିଲ୍ଲା ତଥା ରାଜ୍ୟର ହାତୀଙ୍କ ସ୍ଥାୟୀ ଠିକଣା। କିଛି ବର୍ଷ ପୂର୍ବରୁ ଏହି ବନାଞ୍ଚଳ ଅଧୀନ ବିଭିନ୍ନ ଜଙ୍ଗଲକୁ ଶିମିଳିପାଳ ଓ ଝାଡ଼ଖଣ୍ଡୀ ହାତୀପଲ କାଁଭାଁ ପଶି ଆସୁଥିଲେ। ଏବେ କିନ୍ତୁ ଏଠାକାର ଜଙ୍ଗଲ ଛାଡ଼ିବାର ନାଁ ଧରୁନାହାନ୍ତି। ବର୍ଷର ୮ ମାସ ଏହି ରେଞ୍ଜରେ ବିତାଇବା ସହ ବ୍ୟାପକ କ୍ଷୟକ୍ଷତି କରୁଛନ୍ତି। ଫଳରେ ହାତୀ-ମଣିଷ ଲଢ଼େଇ ଏବେ ଚିନ୍ତାର କାରଣ ପାଲଟିଲାଣି।

ଜଳେଶ୍ୱର ତହସିଲ ତଥା ରାଇବଣିଆ ବନାଞ୍ଚଳ ଅଧୀନ ଆମ୍ବତୁମ୍ବା, ଲୁହାପଡ଼ା, ଜହନିଫୁଲିଆ, ଭୋଳ, ବାଘୁଡ଼ିପଦା, ସୁକଯୋଡ଼ି, କାଲାଯୋଡ଼ି, ଧାନଘେରା, ରଙ୍ଗାମାଟିଆ ଜଙ୍ଗଲରେ ହାତୀକୁ ମିଳୁନି ପର୍ଯ୍ୟାପ୍ତ ଖାଦ୍ୟ। ଉପଦ୍ରବର ଶିକାର ହେଉଛନ୍ତି ଅଞ୍ଚଳର ଚାଷୀ। ରାଇବଣିଆ ବନାଞ୍ଚଳ ପାଲଟିଛି ବାହାର ହାତୀଙ୍କ ଆଶ୍ରୟସ୍ଥଳ। ମୟୂରଭଞ୍ଜର ଟୁପୁରାରୁ ଘାସମାରୀ-ହରିଣାଶୋଳ-ଭଦୁଆଶୋଳ ଆଦି ଜଙ୍ଗଲ ଦେଇ ଶିମିଳିପାଳ ହାତୀ ଯଥାକ୍ରମେ ଜଳେଶ୍ୱର ତହସିଲ ଅଧୀନ ଆମ୍ବତୁମ୍ବା, ଗୋକୁଣ୍ଡି, ପ୍ରସାଦଶୋଳ ଓ ଲୁହାପଡ଼ା ଆଦି ଜଙ୍ଗଲକୁ ପ୍ରବେଶ କରୁଛି। ସେହିପରି ପଶ୍ଚିମବଙ୍ଗ କେଶର ରେଖା ରେଞ୍ଜ ଅଧୀନ ଚିଙ୍ଗଡ଼ିଆ, ବଡ଼ାମରା, ଧୂମସାହି, ନୟାଗ୍ରାମ ରେଞ୍ଜର ଶିତଳପୁରା, ଆଟମାଝିଆ ଆଦି ଜଙ୍ଗଲ ରାସ୍ତାରେ ଝାଡ଼ଖଣ୍ଡୀ ହାତୀପଲ ଜଳେଶ୍ୱରର ହଳଦୀଗୁଣ୍ଡି, କେନ୍ଦୁଖୁଣ୍ଟା, ପାରୁଳିଆସାହି, ବାଡ଼େଡିହି, ସୁକଯୋଡ଼ି, ରାଜନଗର, ଚୁଡ଼ାମଣିପୁର ଆଦିଗାଁକୁ ପଶୁଛନ୍ତି। ପୂର୍ବରୁ ହାତୀପଲ ମୁଖ୍ୟତଃ ଅକ୍ଟୋବରରୁ ଡିସେମ୍ବର ମଧ୍ୟରେ ଧାନ ଅମଳ ସମୟରେ ଆସିଥାନ୍ତି। ହେଲେ ଏବେ ବେଉଷଣ ଆରମ୍ଭ ହେବା ପାଖରୁ ଅମଳ ସରିବା ଯାଏ ଜଙ୍ଗଲ ଉପକଣ୍ଠ ଗ୍ରାମର ଫସଲ ଉଜାଡ଼ୁଛନ୍ତି। ରାଇବଣିଆର ରେଞ୍ଜର ସମସ୍ତ ଜଙ୍ଗଲରେ ପୂର୍ବରୁ ହାତୀଙ୍କ ପସନ୍ଦର ଶିଆଳିଲତା ସହ ଅନ୍ୟ ଉପଯୋଗୀ ଖାଦ୍ୟ ଓ ପର୍ଯ୍ୟାପ୍ତ ପାଣି ମିଳୁଥିଲା। ହେଲେ ଏବେ ଖାଦ୍ୟ ଓ ପାଣି ମିଳୁ ନ ଥିବାରୁ ହାତୀପଲ ଜଙ୍ଗଲରେ କମ, ଜନବସତିରେ ଅଧିକ ସମୟ କାଟୁଛନ୍ତି। ଯେଉଁଥି ପାଇଁ ହାତି-ମଣିଷ ଲଢ଼େଇ ବଢୁଛି। ହେଲେ ଜଙ୍ଗଲରେ ହାତୀପଲ ଖାଉଥିବା ଗଛଲତା ସଂଖ୍ୟା ବୃଦ୍ଧି କରିବା କିମ୍ବା ଜଳାଶୟ ଖନନ ନେଇ ବିସ୍ତୃତ ଯୋଜନା ହେଉନି ହାତୀଙ୍କ ଅବାଧ ପ୍ରବେଶ ରୋକିବା ପାଇଁ ଅଧିକରୁ ଅଧିକ ଅଞ୍ଚଳରେ ସୌରବାଡ଼ ଘେରାଇବାକୁ ଚାଷୀମାନେ କରୁଥିବା ଦାବି ମଧ୍ୟ ପୂରଣ ହୋଇପାରୁନି। ତେବେ ଜଙ୍ଗଲରେ ହାତୀଙ୍କ ପାଇଁ ଖାଦ୍ୟର ବ୍ୟବସ୍ଥା ସକାଶେ କାର୍ଯ୍ୟ କରୁଥିବା ଡ. ଦେବବ୍ରତ ସ୍ୱାଇଁଙ୍କ "ସେଭ୍ ଏଲିଫାଣ୍ଟ ଫାଉଣ୍ଡେସନ ଟ୍ରଷ୍ଟ ସହ ସରକାର ମିଳିତ ଉଦ୍ୟମରେ ଉପରୋକ୍ତ ସମସ୍ୟା ସମାଧାନ କରନ୍ତୁ ବୋଲି ଟ୍ରଷ୍ଟର ଜିଲ୍ଲା ସଂଯୋଜକ ଅଶ୍ୱିନୀ କୁମାର ଦାସ ଓ ଅଞ୍ଚଳବାସୀ ଦାବି କରିଛନ୍ତି।

## ଶିଳ୍ପ ସଚେତନତା ତଥା ଉଦ୍ୟୋଗୀ ସଂବେଦୀକରଣ ଶିବିର

ଜଳେଶ୍ୱର, ୧୦।୧୧(ସମିସ): ଜଳେଶ୍ୱର ମ୍ୟୁନିସିପାଲିଟି ଅଧିନ ଦିଗମ୍ବରୀଦେବୀ ଶିକ୍ଷାନୁଷ୍ଠାନ ସମୂହ ପ୍ରାଙ୍ଗଣରେ ବାଲେଶ୍ୱର ଜିଲ୍ଲା ଶିଳ୍ପ କେନ୍ଦ୍ର ପକ୍ଷରୁ ଶିଳ୍ପ ସଚେତନତା ତଥା ସଂବେଦୀକରଣ ଶିବିର ଅନୁଷ୍ଠିତ ହୋଇଯାଇଛି। ସଚେତନତା ଶିବିରକୁ ବାଲେଶ୍ୱର ଜିଲ୍ଲା ଶିଳ୍ପ କେନ୍ଦ୍ର ( ଡିଆଇସି) ର ଜେନେରାଲ ମ୍ୟାନେଜର ସୂର୍ଯ୍ୟକାନ୍ତ ବେହେରା ଉଦଘାଟନ କରି ପ୍ରଧାନମନ୍ତ୍ରୀ ରୋଜଗାର ସୃଜନ କାର୍ଯ୍ୟକ୍ରମରେ ଗ୍ରାମାଞ୍ଚଳ ତଥା ସହରାଞ୍ଚଳରେ ନୂତନ ଆତ୍ମରୋଜଗାରକ୍ଷମ ବ୍ୟବସାୟିକ ଉଦ୍ୟୋଗ/ପ୍ରକଳ୍ପ/ ଲଘୁ ଉଦ୍ୟୋଗ ପ୍ରତିଷ୍ଠା କରି ରୋଜଗାର ସୁଯୋଗ ସୃଷ୍ଟି କରିବା ସଂପର୍କରେ କହିଥିଲେ। ପ୍ରାକ୍ତନ ପ୍ରଧାନ ଶିକ୍ଷକ ଡ. ଅଜିତ୍ କୁମାର ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟବକ୍ତା ଭାବେ ବ୍ଲକ ଏଆଇ ଅଫିସର ଅମ୍ଭୋଜ କୁମାର ମହାନ୍ତି, ଅଧ୍ୟାପକ ଅକ୍ଷୟ କୁମାର ଜେନା, ସତ୍ୟମୟ ଆଚାର୍ଯ୍ୟ, ଗଣେଷଚନ୍ଦ୍ର ସାହୁ, ମଧୁଛନ୍ଦା ମହାନ୍ତି ପ୍ରମୁଖ ଯୋଗଦେଇ ଥିଲେ। ଦେବାଶିଷ ଦାସ ମଞ୍ଚ ଆମନ୍ତ୍ରଣ ସହିତ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଡ. ଅଭିଶ୍ୱେତା ମହାନ୍ତି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଦୁର୍ଘଟଣାରେ ଯୁବକ ମୃତ

ଜଳେଶ୍ୱର, ୧୦।୧୧(ସମିସ) : ଜଳେଶ୍ୱର ମ୍ୟୁନିସିପାଲଟିର ଶାନ୍ତିଆ ଗାଁର ଖବର କାଗଜ ବିକ୍ରେତା ଅନିଲ ରଣାଙ୍କ ମଝିଆ ପୁଅ ବାଇକ୍ ଦୁର୍ଘଟଣାରେ ମୃତ୍ୟୁବରଣ କରିଛନ୍ତି। ରବିବାର ସକାଳେ ଅନିଲଙ୍କ ଦୁଇ ପୁତ୍ର ରାମକୃଷ୍ଣ (୨୪) ଓ ବିଶ୍ୱଜିତ୍ ରଣା ବାଇକ୍‌ରେ ଭୁବନେଶ୍ୱରରୁ ଫେରୁଥିବାବେଳେ ଏକ ଡିଭାଇଡରରେ ପିଟି ହୋଇଥିଲେ। ରାମକୃଷ୍ଣଙ୍କୁ ଡାକ୍ତରଖାନା ନିଆଯାଇଥିବା ବେଳେ ଆଜି ତାଙ୍କର ମୃତ୍ୟୁ ଘଟିଥିବା ପରିବାର ପକ୍ଷରୁ ଜଣାଯାଇଛି। ବିଶ୍ୱଜିତ୍ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି।

## ବାଲିଆପାଳ ବ୍ଲକ ଗାଁ ସାଥୀ ସଂଘର ସମାବେଶ




ବାଲିଆପାଳ, ୧୦।୧୧ (ସମିସ): ବାଲିଆପାଳ ପୂର୍ତ୍ତ ବିଭାଗ ଡାକବଙ୍ଗଳା ପରିସରରେ ବାଲିଆପାଳ ବ୍ଲକ ଗାଁ ସାଥୀ ସଂଘ ପକ୍ଷରୁ ଗାଁ ସାଥିମାନଙ୍କ ଏକ ସମାବେଶ ଅନୁଷ୍ଠିତ ହୋଇଯାଇଛି। ବାଲିଆପାଳ ଗାଁ ସାଥି ସଂଘର ସଭାପତି କ୍ଷିତିଶ କୁମାର ଜେନାଙ୍କ ନେତୃତ୍ୱରେ ଅନୁଷ୍ଠିତ ଗାଁ ସାଥି ସମାବେଶରେ ବାଲିଆପାଳ ବ୍ଲକର ସମସ୍ତ ଗାଁ ସାଥୀମାନେ ଯୋଗଦେଇଥିଲେ। ସାତ ଦଫା ଦାବୀ ନେଇ ସଂଘ ଆଗାମୀ ଦିନରେ ଆନ୍ଦୋଳନକୁ ଜୋରଦାର କରିବ ବୋଲି ସଂଘର ନେତୃ ମଣ୍ଡଳୀ ନିଜ ନିଜ ବକ୍ତବ୍ୟ ରେ କହିଥିଲେ। ଦାବି ମଧ୍ୟରେ ଗାଁ ସାଥୀ ମାନଙ୍କର ୨/୩ ବର୍ଷର ବାକି ଥିବା ପ୍ରାପ୍ୟ ତୁରନ୍ତ ପ୍ରଦାନ। ଏମଜିଏନଆରଇଜିଏସ କାର୍ଯ୍ୟରେ ଗାଁ ସାଥୀ ଙ୍କୁ ନିୟୋଜନ କରାଯାଉ। ଇକେୱାଇସି ରେ ଗାଁ ସାଥୀଙ୍କୁ ସାମିଲ କରାଯାଉ। ପଞ୍ଚାୟତ ମାନଙ୍କରେ ହେଉଥିବା ଏମଜିଏନଆରଇଜିଏସ କାର୍ଯ୍ୟରେ ଗାଁ ସାଥୀଙ୍କୁ ସାମିଲ କରାଯାଉ। ବିଭିନ୍ନ ସମୟରେ ବ୍ଲକରେ ଗାଁ ସାଥୀଙ୍କୁ ତାଲିମ ପ୍ରଦାନ କରାଯାଉ। ଗାଁ ସାଥିମାନଙ୍କୁ ବିଭିନ୍ନ ଗ୍ରାମ ବିକାଶ କାର୍ଯ୍ୟକ୍ରମରେ ସାମିଲ ଇତ୍ୟାଦି ଦାବି ରହିଛି। ଏହି ସମାବେଶରେ ଲକ୍ଷ୍ମୀଧର ପ୍ରଧାନ, ସରୋଜ ପରିଡ଼ା, ନକୁଳ କୁମାର ସାହୁ, ଅନିରୁଦ୍ଧ ନାୟକ, ସସ୍ମିତା ଜେନା, ଆନନ୍ଦ ମଲ୍ଲିକ, ସରସ୍ୱତୀ ବେହେରା, ଅନ୍ନପୂର୍ଣ୍ଣା ପଣ୍ଡିତ, ସ୍ନେହଲତା ଗିରି, ସବିତା ଦାସ, ବିନତି ମଣି ସାନ୍ତରା, ଅଞ୍ଜଳି ବାରିକ, ସୁଚିସ୍ମିତା ବେହେରା, ଅର୍ଜୁନ ପ୍ରାମାଣିକ, ଉମାକାନ୍ତ ଜେନା, ସୁଜାତା ଜେନା, ଶମ୍ଭୁନାଥ ଭୂୟାଁ, ହରିଶ ଚନ୍ଦ୍ର ମାରାଣ୍ଡି ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ।

## ଶତାୟୁ ପୁରୁଷ ଗଣେଶ ନାୟକଙ୍କ ବିୟୋଗ
# ଭୋଗରାଇର ଅପୂରଣୀୟ କ୍ଷତି



ଚନ୍ଦନେଶ୍ୱର,୧୦।୧୧(ସମିସ ) : ବାଲେଶ୍ୱର ଜିଲ୍ଲା ଭୋଗରାଇର ଅବିଭକ୍ତ ଶ୍ରଦ୍ଧାପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ, ବରିଷ୍ଠ କଂଗ୍ରେସ ନେତା, ପ୍ରବୀଣ ବିଚାରକ, ବହୁ ଅନୁଷ୍ଠାନର ସ୍ରଷ୍ଟା, ଶତାୟୁ ପୁରୁଷ ଗଣେଶ ଚନ୍ଦ୍ର ନାୟକଙ୍କ ବିୟୋଗରେ ଶୋକସଭା ଆଜି ଶ୍ରଦ୍ଧାପୁର ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏ ନେଇ ଆୟୋଜିତ ସ୍ମୃତିଚାରଣ ସଭାରେ ଗୋଛିଦାତେଘରୀ ପଞ୍ଚାୟତର ପୂର୍ବତନ ସରପଞ୍ଚ ନଗେନ୍ଦ୍ର ପାତ୍ର ସଂଚାଳନ କରିଥିବାବେଳେ ମୁଖ୍ୟବକ୍ତା ଭାବେ ବିଶିଷ୍ଟ ଶିକ୍ଷାବିତ ଶମ୍ଭୁନାଥ ଜେନା, ମୁଖ୍ୟ ଅତିଥି ଭାବେ ଶିକ୍ଷାବିତ ସୁବାସ ଦାସ ସମ୍ମାନିତ ଅତିଥି ଭାବେ ଶ୍ରଦ୍ଧାପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ପଞ୍ଚାନନ କୁଣ୍ଡ, ଅବିଭକ୍ତ ଶ୍ରଦ୍ଧାପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ଶମ୍ଭୁନାଥ ମାଝୀ, ପୂର୍ବତନ ସମିତି ସଭ୍ୟ ସୁଶାନ୍ତ ନାୟକ, ଶ୍ରଦ୍ଧାପୁର ପଞ୍ଚାୟତ ସରପଞ୍ଚଙ୍କ ପ୍ରତିନିଧି ଚନ୍ଦନ ପାତ୍ର, କାନ୍ଠିଥଭଉଁରୀ ପଞ୍ଚାୟତର ସରପଞ୍ଚଙ୍କ ପ୍ରତିନିଧି ଶ୍ରୀହରି ଜେନା ଉପସ୍ଥିତ ହୋଇ ସ୍ୱର୍ଗତ ଗଣେଶ ଚନ୍ଦ୍ର ନାୟକଙ୍କ ବହୁ ପ୍ରତିଭାର ସ୍ମୃତି ଚାରଣ କରିଥିଲେ। ସେ ଖାଲି ଭୋଗରାଇ କଂଗ୍ରେସ ଦଳର ଆଗ ଧାଡିର ନେତା ନଥିଲେ, ଅବିଭକ୍ତ ଶ୍ରଦ୍ଧାପୁର ପଞ୍ଚାୟତର ୨ ଥର ସରପଞ୍ଚ, ଥରେ ସଦସ୍ୟ, ୩ ଥର ୱାର୍ଡମେମ୍ବର ଓ ଶ୍ରଦ୍ଧାପୁର ସମବାୟ ସମିତିର ଥରେ ସଭାପତି ରହିଥିଲେ। ତାଙ୍କ ସମୟରେ ଶ୍ରଦ୍ଧାପୁର ଡାକ୍ତରଖାନା, ଶ୍ରଦ୍ଧାପୁର ଉଚ୍ଚ ବିଦ୍ୟାଳୟ, ଶ୍ରଦ୍ଧାପୁର ମଧ୍ୟ ଇଂରାଜୀ ବିଦ୍ୟାଳୟ, ସ୍ୱାସ୍ଥ୍ୟକେନ୍ଦ୍ର, ଶ୍ରଦ୍ଧାପୁର ସେବା ସମବାୟ ସମିତି, ପଶୁ ଚିକିତ୍ସାଳୟ, ଡାକଘର ଓ ଶ୍ରଦ୍ଧାପୁର ସାର୍ବଜନୀନ ନାମମହାଯଜ୍ଞାନୁଷ୍ଠାନ, ଶ୍ରଦ୍ଧାପୁର ହାଟ ଆଦି ବହୁ ଅନୁଷ୍ଠାନର ପ୍ରତିଷ୍ଠାତା ଥିଲେ। ସେ ଖାଲି ଶ୍ରଦ୍ଧାପୁର ପଞ୍ଚାୟତର ସର୍ବାଙ୍ଗୀନ ବିକାଶ ପାଇଁ ବହୁ କାର୍ଯ୍ୟ କରିଛନ୍ତି। ସେ ସମଗ୍ର ଭୋଗରାଇ ଅଞ୍ଚଳର ଖୁବ ପରିଚିତଥିଲେ। ଏହିଭଳି ମହାନ ପ୍ରତିଭା ସମ୍ପନ୍ନ ବ୍ୟକ୍ତିତ୍ୱଙ୍କୁ ହରାଇ ଭୋଗରାଇର ଏକ ଅପୂରଣୀୟ କ୍ଷତି ଘଟିଛି ବୋଲି ମତ ବ୍ୟକ୍ତ କରିଥିଲେ। ଅନିଲ ମହାନ୍ତି, ଘନଶ୍ୟାମ ନାୟକ, ସମିତି ସଭ୍ୟାଙ୍କ ପ୍ରତିନିଧି ଗୌରହରି ମଣ୍ଡଳ ଓ ସମସ୍ତ ୱାର୍ଡ ସଭ୍ୟସଭ୍ୟା ଉପସ୍ଥିତ ଥିଲେ।

## ଏକଦିବସୀୟ ଭଲିବଲ ଟୁର୍ଣ୍ଣାମେଣ୍ଟ; ବାଣିଦା ଟିମ୍ ବିଜୟୀ

ଜଳେଶ୍ୱର, ୧୦।୧୧ (ସମିସ) : ସୁଗୋ ପଞ୍ଚାୟତର ବାଣିଦା ଖେଳପଡିଆରେ ଭଲିବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇ ଯାଇଛି। ପଞ୍ଚାୟତର ରାଷ୍ଟ୍ରୀୟ ସେବକ ସଂଘ ପକ୍ଷରୁ ଅନୁଷ୍ଠିତ ଏହି ଟୁର୍ଣ୍ଣାମେଣ୍ଟରେ ସୁରୁଳା ଟିମ୍‌କୁ ହରାଇ ବାଣିଦା ଟିମ୍ ବିଜୟୀ ହେବା ସହିତ ଟ୍ରଫି ହାସଲ କରିଥିଲେ। ଶିବଶଙ୍କର ଭୂୟାଁ, ପ୍ରଣବ ବାରିକ, ରଣଜିତ୍ ପାତ୍ର, ଚିରଞ୍ଜିବ ଜେନା, ସୁଶାନ୍ତ ମହାନ୍ତି, ଗୌତମ ଦାସ ପ୍ରମୁଖ ଖେଳ ପରିଚାଳନା କରିଥିଲେ। ବିଜୟୀ ଟିମ୍‌କୁ ଟ୍ରଫି, ପୁଷ୍ପ ଗୁଚ୍ଛ ଦେଇ ପୁରସ୍କୃତ କରାଯାଇଥିଲା।

## ଶିମିଳିପାଳ ପର୍ଯ୍ୟଟକଙ୍କ ପାଇଁ ଆମ୍ବୁଲାନ୍ସ ଦାବି




ବାରିପଦା, ୧୦।୧୧(ସମିସ): ଶିମିଳିପା କଳା ବାଘ ପାଇଁ ବିଶ୍ୱରେ ପରିଚିତ। ଶିମିଳିପାଳକୁ ସୁରକ୍ଷା ଦେବା ମୟୂରଭଞ୍ଜବାସୀଙ୍କ କର୍ତ୍ତବ୍ୟ। ତେଣୁ ଏନେଇ ବାରିପଦା ଭଞ୍ଜପୁରରେ ଥିବା ଶିମିଳିପାଳ ବ୍ୟାଘ୍ର ପ୍ରକଳ୍ପ କ୍ଷେତ୍ର ଉପନିର୍ଦ୍ଦେଶକ ସମ୍ରାଟ ଗୌଡାଙ୍କୁ ଶିମିଳିପାଳ ପ୍ରୋଟେକ୍ସନ ଗ୍ରୁପ ତରଫରୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ରରେ ଶିମିଳିପାଳ ଅଭୟାରଣ୍ୟ ଭିତରେ ପର୍ଯ୍ୟଟକଙ୍କ ସୁରକ୍ଷା ଓ ଜରୁରୀକାଳୀନ ସେବା ପ୍ରଦାନ ପାଇଁ ଗ୍ରୁପର ଚେୟାରମ୍ୟାନ ଶିବାଜୀ ମୌଳିକ ନେତୃତ୍ୱରେ ଆକାଶ ସାମଲ, ବିପ୍ଳବ ଜେନା, ଦିଲୀପ ଚୌଧୁରୀ ଓ ମନୋଜ କୁମାର ମହାନ୍ତ ତାଙ୍କ ସହିତ ଆଲୋଚନା କରି ଶିମିଳିପାଳ ଭିତରେ ୪ଟି ଆମ୍ବୁଲାନ୍ସର ବ୍ୟବସ୍ଥା ପାଇଁ ଦାବି କରିଛନ୍ତି। ଏହି ଦାବି ପୂରଣ ହେଲେ ଶିମିଳିପାଳ ଭ୍ରମଣ ଓ ରାତ୍ରିରହଣି ପାଇଁ ଆସୁଥିବା ପର୍ଯ୍ୟଟକ କୌଣସି ପ୍ରକାର ଦୁର୍ଘଟଣାର ଶିକାର ହେଲେ ତାଙ୍କୁ ତୁରନ୍ତ ସ୍ଥାନାନ୍ତର କରିହେବ; ଯାହାକି ପର୍ଯ୍ୟଟକଙ୍କ ମନୋବଳ ବୃଦ୍ଧି ପାଇବା ସହିତ ଶିମିଳିପାଳର ମର୍ଯ୍ୟାଦା ବଢ଼ାଇ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବ। ଏହି ଦାବିପତ୍ରର ଏକକିତା ନଲକ ମୁଖ୍ୟମନ୍ତ୍ରୀ, ଜଙ୍ଗଲ ପରିବେଶ ମନ୍ତ୍ରୀ, ଜିଲ୍ଲାପାଳ ଓ ସମସ୍ତ ଗଣମାଧମକୁ ପ୍ରଦାନ କରାଯାଇଛି ବୋଲି ଶ୍ରୀ ମୌଳିକ ସୂଚନା ଦେଇଛନ୍ତି।

## ଆଦିବାସୀ ଅଧିକାର ଓ ସୋସିଆଲ ମିଡିଆ ନେଇ ଆଲୋଚନା

ରାଇରଙ୍ଗପୁର, ୧୦।୧୧(ସମିସ): ନୂଆଦିଲ୍ଲୀରେ ଆଦିବାସୀ କଂଗ୍ରେସ ସଂଗଠନ ପକ୍ଷରୁ ଦିନିକିଆ ଡିଜିଟାଲ ସମ୍ବାଦ-ସଞ୍ଚାର ମାଧ୍ୟମ ତାଲିମ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଅଲ ଇଣ୍ଡିଆ ଆଦିବାସୀ କଂଗ୍ରେସ ପାର୍ଟି ମୁଖ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ସମସ୍ତ ଆଦିବାସୀ କଂଗ୍ରେସ ରାଜ୍ୟ ମୁଖପାତ୍ର, ସୋସିଆଲ ମିଡିଆ ସଦସ୍ୟଙ୍କୁ ନେଇ ଆଦିବାସୀ ଅଧିକାର ବିଶିଷ୍ଟ ମୁଖପାତ୍ର ବିଶେଷଜ୍ଞ ଯୋଗେ ଦେଇଥିଲେ। ସେଥି ମଧ୍ୟରେ ରାଜ୍ୟ ମୁଖପାତ୍ର ତଥା ରାଇରଙ୍ଗପୁର ପୂର୍ବତନ ବିଧାୟକ ପ୍ରହ୍ଲାଦ ପୂର୍ତ୍ତି ଯୋଗ ଦେଇ ସମ୍ବିଧାନ ସଭା ସଦସ୍ୟ ମାରାଂ ଗୋମକେ ଜୟପାଲ ସିଂ ମୁଣ୍ଡାଙ୍କୁ ଭାରତ-ରତ୍ନ ପ୍ରଦାନ କରିବାକୁ ଦାବି କରିଛନ୍ତି। ଏହା ଦ୍ୱାରା ସମସ୍ତ ଭାରତରେ ଆଦିବାସୀଙ୍କୁ ଭାବନାତ୍ମକ ରୂପରେ ପୁଣି ଥରେ ଜାତୀୟ କଂଗ୍ରେସରେ ଯୋଡିବାର ସମ୍ପର୍କ ସୂତ୍ର ସ୍ଥାପନ ହୋଇପାରିବ। କଂଗ୍ରେସରେ ଆଦିବାସୀ ମୂଳବାସୀଙ୍କୁ ସମ୍ମାନ ଦେଲେ ସଂଗଠନ ଆହୁରି ମଜଭୁତ ହୋଇ ପାରିବ ବୋଲି ମତପ୍ରକାଶ କରିଥିଲେ। ଏଥିରେ ଅଲ ଇଣ୍ଡିଆ ଆଦିବାସୀ କଂଗ୍ରେସ ରାଷ୍ଟ୍ରୀୟ ସଭାପତି ତଥା ବିଧାୟକ ଡ ବିକ୍ରାନ୍ତ ଭୁରିଆ ଅଧ୍ୟକ୍ଷତା କରିଥିଲେ। ସୋସିଆଲ ମିଡିଆ ପ୍ଲାଟଫର୍ମ କାର୍ଯ୍ୟକାରିତା, ଡିଜିଟାଲ ସୁରକ୍ଷା ବାର୍ତ୍ତା, ଗ୍ରାଫିକ୍ ଉପସ୍ଥାପନା ଏବଂ ପ୍ରଭାବଶାଳୀ ଅନଲାଇନ୍ ସମ୍ବାଦ ଓ ଡିଜିଟାଲ ସଞ୍ଚାର ଯୋଗାଯୋଗ ଅଭିଯାନର କାର୍ଯ୍ୟକାରିତା ବିଷୟରେ ତାଲିମ ପ୍ରଦାନ କରାଯାଇଥିଲା।

## ରାଷ୍ଟ୍ରୀୟ ଗୋକୁଳ ମିଶନ ଯୋଜନା ବିଫଳ
# ଦଳୀୟ କର୍ମୀଙ୍କୁ ଅଗ୍ରାଧିକାର; ଦୁଗ୍ଧଚାଷୀଙ୍କୁ ଉପେକ୍ଷା

ବାରିପଦା, ୧୦।୧୧(ସମିସ): ମୟୂରଭଞ୍ଜ ଜିଲାରେ ରାଷ୍ଟ୍ରୀୟ ଗୋକୁଳ ମିଶନ ଯୋଜନା ଏକ ପ୍ରକାର ବିଫଳ ହେବାକୁ ଯାଉଛି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ସ୍ୱତନ୍ତ୍ର ଉଦ୍ୟମରେ ମତ୍ସ୍ୟ, ପଶୁପାଳନ ଏବଂ ଦୁଗ୍ଧ ମନ୍ତ୍ରଣାଳୟ ପକ୍ଷରୁ ଦୁଗ୍ଧଚାଷୀଙ୍କ ଆତ୍ମନିର୍ଭରଶୀଳ ପାଇଁ ଉନ୍ନତମାନର ଗାଇ ପ୍ରଦାନ କରାଯାଇଥିଲା; ଯଦ୍ଦ୍ୱାରା ଗ୍ରାମୀଣ ଆୟ ବୃଦ୍ଧି କରିବା ସହିତ ବର୍ଦ୍ଧିତ କ୍ଷୀର ଚାହିଦା ପୂରଣ କରିବା ପାଇଁ ସ୍ଥାୟୀ ଦୁଗ୍ଧ ଉତ୍ପାଦନକୁ ପ୍ରୋତ୍ସାହନ ଯୋଗାଇଥାନ୍ତା। ମାତ୍ର ଦୁଗ୍ଧଚାଷୀ ପରିବର୍ତ୍ତେ ସମଗ୍ର ଜିଲ୍ଲାରେ ଶାସକ ବିଜେପି ଦଳର ନେତୃବୃନ୍ଦ/କର୍ମୀ/ସମର୍ଥକଙ୍କୁ ଉନ୍ନତ ଗାଇ ପ୍ରଦାନ ଫଳରେ ଯୋଜନା ସଫଳତା ପାଉନାହିଁ। ପ୍ରକୃତ ଚାଷୀ ଏଥିରୁ ବଞ୍ଚିତ ରହୁଥିବାରୁ ଏହାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ପୂରଣ ହେବାରେ ବିଳମ୍ବତା ଦେଖାଦେଇଛି। ଗୋ ପାଳନ ସମ୍ବନ୍ଧରେ ସମ୍ୟକ ଅଭିଜ୍ଞତା ନଥିବା ବ୍ୟକ୍ତି ଉନ୍ନତ ମାନର ଗର୍ଭବତୀ ଗାଇ ପାଇବା ପରେ ଲାଳନ ପାଳନ କରିପାରୁ ନାହାନ୍ତି। କେତେକଙ୍କ ଗାଇ ମୃତ୍ୟ ବରଣ କରିଥିବା ବେଳେ ଆଉ କେତେକ ଦଳୀୟ ଲୋକେ ନିଜ ନାମରେ ଗାଇ ନେଇ ନିଜ ଗୁହାଳ ପରିବର୍ତ୍ତେ ସମ୍ପର୍କୀୟଙ୍କୁ ଦେଇଛନ୍ତି। ଏପରିକି ଉନ୍ନତମାନର ଗାଇ ପାଳନରେ ତ୍ରୁଟି ରହୁଥିବାରୁ ଅନେକ ମୃତ୍ୟୁମୁଖରେ ପଡ଼ିଛନ୍ତି। ସୂଚନାଯୋଗ୍ୟ, ଗୋ ପାଳକ ଚାଷୀମାନଙ୍କ ଆର୍ଥିକ ଅଭିବୃଦ୍ଧି ନିମନ୍ତେ ଏହି ଯୋଜନା ଆରମ୍ଭ ହୋଇଥିଲା। ଏହାକୁ ଲୋକାଭିମୁଖି କରିବା ପାଇଁ ୨୦୨୪ରେ ଜିଲାକୁ ଗୁରୁତ୍ୱ ଦିଆଯାଇ ଚାଷୀମାନଙ୍କୁ ଉନ୍ନତ କିଷମର ଗାଇ ପ୍ରଦାନ କରାଯାଇଥିଲା।୨୦୨୪-୨୫ ବର୍ଷରେ ଉତ୍ପାଦକତା ବୃଦ୍ଧି (ପ୍ରୋଡାକ୍ଟିଭ ଏନହାନ୍ସମେଣ୍ଟ ସ୍କିମ) ଯୋଜନାରେ ୨୬ ବ୍ଲକରେ ୩ ହଜାର ଗାଇ ଯୋଗାଇବାର ଲକ୍ଷ୍ୟ ରଖାଯାଇଥିଲା। ସେଥିମଧ୍ୟରୁ ୨୭୪୧ଟି ସାହିୱାଲ, ଗୀଡ ଓ ଯର୍ଶି ଗାଇ ନିଶୁଳ୍କ ଭାବେ ଚାଷୀଙ୍କୁ ଯୋଗାଇ ଦିଆଯାଇଥିଲା। ସେଥି ମଧ୍ୟରୁ ଏକ ହଜାରରୁ ଊର୍ଦ୍ଧ୍ୱ ଗାଇ ରାଇରଙ୍ଗପୁର ଓ କରଞ୍ଜିଆ ଉପଖଣ୍ଡବାସୀଙ୍କୁ ପ୍ରଦାନ କରାଯାଇଛି। ସେମାନଙ୍କ ମଧ୍ୟରୁ କିଛି ଗାଇ ମୃତ୍ୟୁ ମୁଖରେ ପଡ଼ିଛନ୍ତି। ସେହିପରି ଅନ୍ୟ ଏକ ଯୋଜନା 'କାମଧେନୁ'ରେ ୨୦୨୪-୨୫ ବର୍ଷରେ ଜିଲାରୁ ୧୧୩ଟି ଗାଇ ପ୍ରଦାନର ଲକ୍ଷ୍ୟ ରହିଥିବା ବେଳେ ୨୦୨ଟି ପ୍ରଦାନ କରାଯାଇଛି। ୨୦୨୫-୨୬ରେ ୩୧୧ଟି ଲକ୍ଷ୍ୟ ରହିଥିବା ବେଳେ ୧୫୪ଟି ପ୍ରଦାନ କରାଯାଇଛି। ସଠିକ ଚାଷୀଙ୍କୁ ଚିହ୍ନଟ କରିବା ପାଇଁ ବ୍ଲକ ସ୍ତରରେ କମିଟି ଗଠନ କରାଯାଇଛି। ଏହାରି ମାଧ୍ୟମରେ ଚାଷୀମାନଙ୍କୁ ଗାଇ ପ୍ରଦାନ କରାଯାଉଥିବା ବେଳେ ପ୍ରକୃତ ଚାଷୀ ଏହି ଯୋଜନାରୁ ଦୂରେଇ ରହିଛନ୍ତି। ବଡ଼ସାହି ବ୍ଲକ ମାଣତ୍ରୀ ଗ୍ରାମର ଚାଷୀ ପ୍ରଶାନ୍ତ କୁମାର ପଣ୍ଡା କହନ୍ତି, ଗୋକୁଳ ମିଶନ ଯୋଜନା ମୋ ପାଇଁ ସାତସପନ ପାଲଟିଛି। ସ୍ଥାନୀୟ ନେତୃବୃନ୍ଦ ଓ କର୍ମୀମାନଙ୍କୁ ଏହି ଯୋଜନାରେ ସାମିଲ କରାଯାଇଛି। ତେବେ ଗାଈର ଉପଯୁକ୍ତ ଯତ୍ନ ଅଭାବରୁ ଦୁଗ୍ଧ ଉତ୍ପାଦନ କ୍ଷେତ୍ରରେ ବୃଦ୍ଧି ସମ୍ଭବ ହୋଇପାରୁ ନାହିଁ। ଏ ସଂକ୍ରାନ୍ତରେ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡା ଦେବବ୍ରତ ଦାଶଙ୍କୁ ଯୋଗାଯୋଗ କରିବାରୁ ଏଭଳି ଅଭିଯୋଗ ଆସି ନାହିଁ। ବ୍ଲକ ସ୍ତରରେ ଗଠିତ କମିଟିର ନିଷ୍ପତ୍ତି କ୍ରମେ ଚାଷୀଙ୍କୁ ଗାଇ ଯୋଗାଇ ଦିଆଯାଉଛି। ଯେଉଁମାନେ ଏହି ଯୋଜନାରେ ସାମିଲ ହୋଇପାରି ନାହାନ୍ତି ସେମାନଙ୍କୁ ଖୁବ ଶୀଘ୍ର ସାମିଲ କରାଯାଇ ଗାଇ ପ୍ରଦାନ କରାଯିବ। ତେବେ ଉପରୋକ୍ତ ଦୁଇ ଯୋଜନା ସଫଳ ହୋଇଥିଲେ ଆଦିବାସୀ ବହୁଳ ମୟୂରଭଞ୍ଜ ଜିଲ୍ଲାର ଛାତ୍ରଛାତ୍ରୀଙ୍କୁ ମଧ୍ୟାହ୍ନ ଭୋଜନରେ ଦୁଗ୍ଧ ପିଇବାକୁ ଦିଆଯିବ ବୋଲି ପାଇଲଟ ପ୍ରକଳ୍ପ ଭାବେ ନିଆଯାଇଥିଲା; ମାତ୍ର ଏହି ପ୍ରକଳ୍ପ ସଫଳ ହେବା ନେଇ ଅଭିଭାବକ ଓ ଗୋଚାଷୀଙ୍କ ମଧ୍ୟରେ ଅନିଶ୍ଚିତତା ଦେଖାଦେଇଛି।



## ମାସା ଆର୍ମିର ମୟୂରଭଞ୍ଜ ବନ୍ଦ ଡାକରା



ମୋରଡା, ୧୦।୧୧(ସମିସ): ରାସଗୋବିନ୍ଦପୁର ଥାନା ଅଧୀନ ନଳଗଜାରୁ ଯାତ୍ରା ଦେଖି ଫେରୁଥିବା ସମୟରେ ଦୁଇ ଆଦିବାସୀ ନାବାଳିକାଙ୍କୁ ଗଣ ବଳାତ୍କାରରେ ଶିକାର ହୋଇଥିଲେ। ପୀଡିତାଙ୍କୁ ନ୍ୟାୟ ପ୍ରଦାନ ଦାବିରେ ମାସା ଆର୍ମି ପକ୍ଷରୁ ସୋମବାର ମୟୂରଭଞ୍ଜ ବନ୍ଦ ଡାକରା ଦିଆଯାଇଥିଲା; ହେଲେ ମୋରଡ଼ା ବ୍ଲକରେ ପ୍ରଭାବ ଶୂନ ଦେଖିବାକୁ ମିଳିଛି। ନଳଗଜା, ଶୁଖିଲାଖାଲି, କୁଳିପାଳ ଆଦି ଅଞ୍ଚଳରେ ଶିକ୍ଷା ଅନୁଷ୍ଠାନ ଏବଂ ରାସଗୋବିନ୍ଦପୁର ଅଞ୍ଚଳରେ ମଧ ଶିକ୍ଷା ଅନୁଷ୍ଠାନ ଓ ସରକାରୀ ଅଫିସ ବନ୍ଦ ରହିଥିଲା। ବନ୍ଦ ଡାକରାରେ ମାସା ଆର୍ମିର ବ୍ଲକ ସଭାପତି ଲକ୍ଷ୍ମଣ ମୁର୍ମୁ, ମଙ୍ଗଳୀ ହେମ୍ବ୍ରମ, କୌଶଲ୍ୟା ମାର୍ଣ୍ଡି, ବାସନ୍ତୀ ମୁର୍ମୁ, ସରସ୍ୱତୀ ବେସ୍ରା, ସାଇବା ମୁର୍ମୁ, ସମ୍ବଲ ମୁର୍ମୁ ପ୍ରମୁଖ ସାମିଲ ଥିଲେ।

## ବାଲିଆପାଳରେ ଜିଲ୍ଲାସ୍ତରୀୟ ବିଜ୍ଞାନମେଳା
# ୧୨ ଛାତ୍ରଛାତ୍ରୀ ରାଜ୍ୟସ୍ତରକୁ ଉନ୍ନୀତ

ବାଲିଆପାଳ, ୧୦।୧୧ (ସମିସ)



ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିନରେ ଥିବା ବାଲିଆପାଳ ଶିଶୁ ମନ୍ଦିର ପରିସରରେ ଜିଲ୍ଲା ସ୍ତରୀୟ ବିଜ୍ଞାନମେଳା ଅନୁଷ୍ଠିତ ହୋଇଯାଇଛି। ଏହି ବିଜ୍ଞାନ ମେଳାରେ ବାଲେଶ୍ୱର ଜିଲ୍ଲାର ଶିକ୍ଷା ବିକାଶ ସଂସ୍ଥାନ ଅଧିନରେ ଥିବା ୧୮ଟି ବିଦ୍ୟାଳୟରୁ ୧୩୫ ଜଣ ଛାତ୍ରଛାତ୍ରୀ ୧୩୫ଟି ପ୍ରକଳ୍ପରେ ଅଂଶଗ୍ରହଣ କରିଥିଲେ। ମୁଖ୍ୟଅତିଥି ଭାବେ ଭାରତୀୟ ଶିକ୍ଷା ବିକାଶ ସଂସ୍ଥାନର ରାଜ୍ୟ ସଂଯୋଜକ ଗୌରାଙ୍ଗ କୁମାର ବିଶ୍ୱାଳ, ବାଲେଶ୍ୱର ଜିଲ୍ଲା ସଂଯୋଜକ ଦୀପ୍ତିକାନ୍ତ ପାଢ଼ୀ, ରବିନାରାୟଣ ପାତ୍ର ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଛାତ୍ର ଛାତ୍ରୀମାନଙ୍କର ଶ୍ରେଣୀ ଅନୁଯାୟୀ ପ୍ରଥମ ଓ ଦ୍ୱିତୀୟକୁ ଉପ ଶିଶୁ ବର୍ଗ, ତୃତୀୟ ଓ ଚତୁର୍ଥକୁ ଶିଶୁ ବର୍ଗ, ପଞ୍ଚମ, ଷଷ୍ଠ ଓ ସପ୍ତମକୁ ବାଲ ବର୍ଗ, ଅଷ୍ଟମ,ନବମ, ଦଶମକୁ କିଶୋର ବର୍ଗରେ ବିଭକ୍ତ କରାଯାଇଥିଲା। ଉପଶିଶୁବର୍ଗରୁ ପ୍ରଥମ ଆର୍ଯ୍ୟସ୍ମିତା ଜେନା, ଦ୍ୱିତୀୟ ସ୍ମୃତି ପ୍ରଭା ପ୍ରମାଣିକ, ତୃତୀୟ ଏସ ଏସ ତ୍ରୀଶା ବ୍ରହ୍ମା, ଶିଶୁ ବର୍ଗରୁ ଶିଶୁ ପ୍ରଥମ ଆଥାନ ପଣ୍ଡା, ଦ୍ୱିତୀୟ ଦେବାଂଶ ବେହେରା, ତୃତୀୟ ପ୍ରତିମା ନନ୍ଦ, ବାଲବର୍ଗରୁ ପ୍ରଥମ ସ୍ୱଙ୍ଗ ସମ୍ପୂର୍ଣ୍ଣ ବେହେରା, ଦ୍ୱିତୀୟ ଇପ୍ସିତା ଭୂୟାଁ, ତୃତୀୟ ଅଭିଲିପସା ଦାସ, କିଶୋର ବର୍ଗ ମଧ୍ୟରୁ ପ୍ରଥମ ରଶ୍ମିତା ପ୍ରଧାନ, ଦ୍ୱିତୀୟ ସାଇ ଆର୍ଯ୍ୟଜିତ୍ ପରିଡା, ତୃତୀୟ ସୁବର୍ଣ୍ଣ ସେତୁ ଗୋଛୟତ ସ୍ଥାନ ଅଧିକାର କରିଛନ୍ତି। ବାଲିଆପାଳ ବ୍ଲକରେ ଥିବା ବିଭିନ୍ନ ସରକାରୀ ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ପବିତ୍ର ପଣ୍ଡା, ପୁଷ୍ପକ ଜେନା, ଡ. ଚିନ୍ମୟ କୁମାର ନନ୍ଦୀ, ପ୍ରଦୀପ ପଣ୍ଡା, ଜଗବନ୍ଧୁ ଜେନା, ଅମିତ କୁମାର ନାୟକ, ପତିତପାବନ ପ୍ରଧାନ, ଜଗନ୍ନାଥ ଭଞ୍ଜ, ପବନ କୁମାର ଦେ, ପରମାନନ୍ଦ ସାହୁ, ବିଜୟ କୁମାର ବାରିକ ପର୍ଯ୍ୟବେକ୍ଷକ ଭାବେ ଯୋଗଦେଇ ଛାତ୍ର ଛାତ୍ରୀଙ୍କ ଦକ୍ଷତା ପରିମାପ କରି ଉପରୋକ୍ତ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ନିରୂପଣ କରିଥିଲେ। ଚାରି ବିଭାଗରୁ ୧୨ ଜଣ ଛାତ୍ରଛାତ୍ରୀ ରାଜ୍ୟ ସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ ବୋଲି ସରସ୍ୱତୀ ବିଦ୍ୟା ମନ୍ଦିରର ପ୍ରଧାନ ଆଚାର୍ଯ୍ୟା ସନ୍ଧ୍ୟାରାଣୀ ଜେନା କହିଛନ୍ତି। ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ବିଜ୍ଞାନ ବିଭାଗର ପ୍ରମୁଖ ପୁଲିନ କୁମାର ନନ୍ଦି, ରିଲିଜ୍ ଖାନ୍ ଏବଂ ସମସ୍ତ ଗୁରୁଜୀ ଗୁରୁମା ସହଯୋଗ କରିଥିଲେ।

## କଳିଙ୍ଗ ବାଲିଯାତ୍ରା ଉଦ୍‌ଯାପିତ

# ‘ଏହା ମହୋତ୍ସବ ନୁହେଁ, ଓଡ଼ିଶା ନୌବାଣିଜ୍ୟ ଇତିହାସକୁ ଦର୍ଶାଉଛି’

ପାରାଦୀପ, ୧୦।୧୧ (ସମିସ)



ବିଜୁ ମଇଦାନରେ ସାତଦିନ ଧରି ଚାଲିଥିବା କଳିଙ୍ଗ ବାଲିଯାତ୍ରା ଆଜି ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଛି। ଉଦଯାପନୀ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ରାଜ୍ୟପାଳ ଡ. ହରିବାବୁ କମ୍ଭମ୍ପାଟି ଯୋଗ ଦେଇଥିବାବେଳେ ମୁଖ୍ୟବକ୍ତା ଭାବେ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ସମ୍ମାନିତ ଅତିଥି ଭାବେ ଜଗତସିଂହପୁର ସାଂସଦ ଡ. ବିଭୁପ୍ରସାଦ ତରାଇ, ଡିଆଇଜି ସେଣ୍ଟ୍ରାଲ ରେଞ୍ଜ ସତ୍ୟଜିତ ନାୟକ, ଆରକ୍ଷୀ ଅଧୀକ୍ଷକ ଅଙ୍କିତ ବର୍ମା ପ୍ରମୁଖ ଯୋଗ ଦେଇଥିଲେ। କଳିଙ୍ଗ ବାଲିଯାତ୍ରା କେବଳ ଏକ ମହୋତ୍ସବ ନୁହେଁ, ବରଂ ଓଡ଼ିଶାର ନୌବାଣିଜ୍ୟ ଇତିହାସକୁ ଦର୍ଶାଉଛି ବୋଲି ରାଜ୍ୟପାଳ ଶ୍ରୀ କମ୍ଭମପାଟି କହିଥିଲେ। ପ୍ରାଚୀନ ନୌବାଣିଜ୍ୟର ଐତିହ୍ୟ ଓ ପରମ୍ପରାର ସ୍ମୃତିଚାରଣ ନିମନ୍ତେ ଜଗତସିଂହପୁର ଜିଲ୍ଲାର ଏହି ପ୍ରୟାସକୁ ପ୍ରଶଂସା କରିଥିଲେ। କଳିଙ୍ଗ ବାଲିଯାତ୍ରାର ଉଦ୍‌ଯାପନୀ ଉତ୍ସବରେ ସାମିଲ ହୋଇ ଅତ୍ୟନ୍ତ ଗର୍ବ ଓ ଖୁସି ଅନୁଭବ କରୁଛି ବୋଲି କହିଥିଲେ।

ଉତ୍କଳର ନୌବାଣିଜ୍ୟ ଏକ ଅନନ୍ୟ ପରିଚୟ ସୃଷ୍ଟି କରିପାରିଛି। ଏହି ମହାନ ପରମ୍ପରାର ପୁନରୁଦ୍ଧାର ପାଇଁ ଜଗତସିଂହପୁରବାସୀ ସର୍ବଦା ତତ୍ପର ଓ ଆଜି କଳିଙ୍ଗ ବାଲିଯାତ୍ରା ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି। ସେଥିପାଇଁ ପାରାଦୀପ ଆଜି ଉନ୍ନତିର ମୁଖଶାଳା ପାଲଟିଛି ବୋଲି ଉପସ୍ଥିତ ଅତିଥିମାନେ କହିଥିଲେ। ଓଡ଼ିଶାର ନୌବାଣିଜ୍ୟ କେବଳ ବ୍ୟାପାର ବାଣିଜ୍ୟ ନୁହେଁ ବରଂ ଶାନ୍ତି, କଳା ଓ ଆଧ୍ୟାତ୍ମିକତାର ଅମୂଲ୍ୟ ମୂଲ୍ୟବୋଧକୁ ଦର୍ଶାଉଛି। ଏହି ବାଲିଯାତ୍ରାରେ ପ୍ରଦର୍ଶିତ ସାମଗ୍ରୀ ଓଡ଼ିଶାର ଗହନ ଶିଳ୍ପ ଚତୁରୀକୁ ପ୍ରମାଣିତ କରୁଛି। ଦେଶର ଅର୍ଥ ବ୍ୟବସ୍ଥା, ପାରସ୍ପରିକ ଆଦାନ ପ୍ରଦାନ, ସାଂସ୍କୃତିକ ପରମ୍ପରାକୁ ବିଶ୍ୱ ଦରବାରରେ ପ୍ରତିଷ୍ଠିତ କରାଉଛି। ଓଡ଼ିଶା ତଥା ଜିଲ୍ଲାର ଏହି ମହାନ୍ ପରମ୍ପରା ଆମକୁ ଏକ ଉଜ୍ଜ୍ୱଳ ଭବିଷ୍ୟତ ଆଡ଼କୁ ଅଗ୍ରସର ହେବାର ସ୍ୱପ୍ନ ଦେଇଛି। ଏପରି ସୁନ୍ଦର ପ୍ରୟାସ ପାଇଁ ରାଜ୍ୟପାଳ, ଜିଲ୍ଲାପାଳ, ଆୟୋଜକ

### ଅଙ୍କିତ ତିୱାରୀଙ୍କ ଗୀତରେ ଝୁମିଲେ ଦର୍ଶକ

କଳିଙ୍ଗ ବାଲିଯାତ୍ରା କମିଟି ତଥା ଜିଲ୍ଲାବାସୀଙ୍କୁ ଧନ୍ୟବାଦ୍ ଜଣାଇଥିଲେ। ଜଗତସିଂହପୁର ମାଟି ସବୁବେଳେ ଐତିହ୍ୟର ଗୁଣଗାନ କରିଥାଏ। ପାରାଦୀପରେ ଅନୁଷ୍ଠିତ ହେଉଥିବା କଳିଙ୍ଗ ବାଲିଯାତ୍ରା ଆମର ପୂର୍ବ ସାଧବ ପୁଅଙ୍କ ମହାନ କୀର୍ତ୍ତିରାଜିକୁ ମନେ ପକାଇବା ସହ ଅର୍ଥନୈତିକ ଅଭିବୃଦ୍ଧିର ସୋପାନ ବୋଲି ସାଂସଦ ଶ୍ରୀ ତରାଇ କହିଥିଲେ। କଳିଙ୍ଗ ବାଲିଯାତ୍ରା ଏକ ସୁନ୍ଦର ପରମ୍ପରା ଯାହା ଇତିହାସର ମୂକ ସାକ୍ଷୀ ଓ କଳିଙ୍ଗ ବାଲିଯାତ୍ରା ବର୍ତ୍ତମାନ ରାଜ୍ୟରେ ଦ୍ୱିତୀୟ ସର୍ବବୃହତ୍ ବାଣିଜ୍ୟ ସ୍ଥଳ ହୋଇପାରିଛି। ଅଧ୍ୟକ୍ଷତା କରି ଜିଲ୍ଲାପାଳ ଜେ. ସୋନାଲ କହିଲେ, ଚଳିତ ବର୍ଷ ସବୁ ଷ୍ଟଲ୍‌ରେ ଯଥେଷ୍ଟ କିଣାବିକା ହୋଇଛି। ଯାହା ପ୍ରତ୍ୟକ୍ଷ ବା ପରୋକ୍ଷରେ ଜିଲ୍ଲାର ଅର୍ଥନୀତିକୁ ସୁଦୃଢ଼ କରିବା ସହ ଅନେକଙ୍କୁ ଆତ୍ମନିର୍ଭର କରିପାରିଛି। ଚଳିତ ବର୍ଷ ବାଲିଯାତ୍ରା ଯେପରି ହେଲା ଆଗକୁ ଆହୁରି ଅଧିକ ଭଲ ହେବ ବୋଲି ଜିଲ୍ଲାପାଳ କହିଥିଲେ। ଓରମାସ ପଲ୍ଲୀଶ୍ରୀ ମେଳାରେ ଚଳିତ ବର୍ଷ ଭଲ ବ୍ୟବସାୟ ହୋଇ ନ ଥିବା ଜଣାପଡିଛି। ରବିବାର ଛଡ଼ା ଅନ୍ୟ ୬ ଦିନରେ ସେଭଳି ଆଖିଦୃଶିଆ ଜନସମାଗମ ହୋଇ ନ ଥିଲା। ଜନସମାଗମ କମ୍ ହେତୁ ବ୍ୟବସାୟୀ ଭଲ ବ୍ୟବସାୟ କରି ନ ଥିବା ଜଣାପଡିଛି। ଜିଲ୍ଲାପାଳ ଚଳିତ ବର୍ଷର ବାଲିଯାତ୍ରାର ସୁପରିଚାଳନା ପାଇଁ ପୁଲିସ ପ୍ରଶାସନ, ପାରାଦୀପ ପୌର ପରିଷଦ, ବାଲିଯାତ୍ରା ଆୟୋଜକ କମିଟି ତଥା ସମସ୍ତ ଜନସାଧାରଣ, ଗଣମାଧ୍ୟମ ପ୍ରତିନିଧିଙ୍କୁ ନିଜର କୃତଜ୍ଞତା ଜ୍ଞାପନ କରିଥିଲେ। ଆରକ୍ଷୀ ଅଧୀକ୍ଷକ ଅଙ୍କିତ ବର୍ମା ମଧ୍ୟ କଳିଙ୍ଗ ବାଲିଯାତ୍ରାର ସଫଳ ଆୟୋଜନ ଓ ଶାନ୍ତିଶୃଙ୍ଖଳାର ପରିଚାଳନା ପାଇଁ ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ।

ଆଜି ଶେଷ ସନ୍ଧ୍ୟାରେ ଶ୍ରେଷ୍ଠ ସ୍ୱୟଂସହାୟକ ଗୋଷ୍ଠୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଉଦଯାପନୀ ସନ୍ଧ୍ୟାରେ ବଲିଉଡ୍ ଗାୟକ ଅଙ୍କିତ ତିୱାରୀଙ୍କ ଗୀତରେ ଦର୍ଶକ ଝୁମିଥିଲେ। ଓଡ଼ିଆ ଗୀତିକାର ଆଶୁତୋଷ ମହାନ୍ତି, ଗୌତମ ଗିରି ଓ ଯାଜ୍ଞସିନୀଙ୍କ କଣ୍ଠଦାନ ସମସ୍ତଙ୍କୁ ଆକୃଷ୍ଟ କରିଥିଲା। ବିଭିନ୍ନ ହସ୍ତଶିଳ୍ପ ସାମଗ୍ରୀ ସାଙ୍ଗକୁ ଘରକରଣା ଜିନିଷ ସହ ଟେରାକୋଟା ସାମଗ୍ରୀ, ଓଡ଼ିଶାର ପାରମ୍ପରିକ ଖାଦ୍ୟ ସାଙ୍ଗକୁ ବାହାର ରାଜ୍ୟର ଖାଦ୍ୟ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଥିଲା। ପଲ୍ଲୀଶ୍ରୀ ମେଳାରେ ୧ କୋଟି ୬୪ ଲକ୍ଷ ଟଙ୍କାର ବ୍ୟବସାୟ ହୋଇଥିବା ନେଇ ସୂଚନା ମିଳିଛି।

## ୪୫ ବର୍ଷରେ ଅଳଭା ବଡ଼ସାହି କାର୍ତ୍ତିକେଶ୍ୱର ପୂଜା

ପଟ୍ଟାମୁଣ୍ଡାଇ,୧୦।୧୧(ସମିସ): ପୌର ପରିଷଦର ଅଳଭା ବଡ଼ସାହି କାର୍ତ୍ତିକେଶ୍ୱର ପୂଜା ୪୫ ବର୍ଷ ପୂରଣ କରିଛି। ଏହି ଗ୍ରାମର ସ୍ୱର୍ଗତ ନିରାକାର ଜେନା ଓ ସ୍ୱର୍ଗତ କ୍ଷୀରୋଦ ଜେନା, ସୁରଥ ଜେନା, ପ୍ରଦୀପ ଜେନାଙ୍କ ଦ୍ୱାରା ୪୫ ବର୍ଷ ପୂର୍ବେ ଆରମ୍ଭ ହୋଇଥିବା କାର୍ତ୍ତିକେଶ୍ୱର ପୂଜା ଗ୍ରାମର ଗଣପର୍ବରେ ପରିଣତ ହୋଇଛି। ଏହି ପୂଜାକୁ ଗ୍ରାମର ପ୍ରତ୍ୟେକ ବ୍ୟକ୍ତି ଆନନ୍ଦ ଉଲ୍ଲାସର ସହିତ ପାଳନ କରୁଥିବାବେଳେ ପ୍ରତ୍ୟେକଙ୍କ ଘର ସମ୍ମୁଖରେ ମଙ୍ଗଳ ଘଟ ସ୍ଥାପନ କରାଯିବା ବିଧି ରହିଛି। ଅନ୍ୟଏକ ବିଶେଷତ୍ୱ ହେଉଛି ଏଠାରେ କାର୍ତ୍ତିକେଶ୍ୱରଙ୍କ ମୃଣ୍ମୟୀ ମୂର୍ତ୍ତିଙ୍କ ହାତରେ ସୁନା ଖଣ୍ଡା ଶୋଭାପାଏ।



ଚଳିତ ବର୍ଷ ପୂଜାରେ ରଞ୍ଜନ ଜେନା, ରଶ୍ମିରେଖା ଜେନା କର୍ତ୍ତା ରହିଛନ୍ତି। ବଡ଼ସାହି ଗ୍ରାମର କୂଳ ପୁରୋହିତ ମନୋଜ ଦାଶ ଓ ମାନସ ଦାଶ ବୈଦିକ ରୀତିନୀତିରେ କାର୍ତ୍ତିକେଶ୍ୱରଙ୍କ ପୂଜା କରିଛନ୍ତି। ପୂଜା କମିଟି ସଭାପତି ଆଡ଼ଭୋକେଟ ବିଜ୍ଞାନ ମିହିର ଜେନାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ପୂଜାକୁ ପ୍ରଫୁଲ୍ଲ ଜେନା, ହେମନ୍ତ ଜେନା, ସୁକାନ ଜେନା, ସରୋଜ ଜେନା, ଶିଶିର ଜେନା, ସାତ୍ତ୍ୱିକ ଜେନା, ଶଙ୍କର ଜେନା, ସୁଶାନ୍ତ ଜେନା ପ୍ରମୁଖ ପରିଚାଳନା କରିଥିଲେ।

## ଓଳକଣାରେ କାର୍ତ୍ତିକେଶ୍ୱରଙ୍କ ପୂଜା

ଡେରାବିଶ, ୧୦।୧୧(ସମିସ): ଡେରାବିଶ ବ୍ଲକ୍ ଏଣ୍ଡର ପଞ୍ଚାୟତ ଅନ୍ତର୍ଗତ ଓଳକଣାସ୍ଥ ବଡ଼େଇ ସାହିରେ ଚାଲିଛି କାର୍ତ୍ତିକେଶ୍ୱରଙ୍କ ପୂଜା। ଗ୍ରାମବାସୀଙ୍କ ସହଯୋଗରେ ଦୀର୍ଘ ୩୦ ବର୍ଷ ଧରି ଅନୁଷ୍ଠିତ ହୋଇଆସୁଥିବା ଏହି ପୂଜାରେ ପ୍ରତ୍ୟହ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେଉଛି। ଏଥିସହିତ ମଣ୍ଡପକୁ ସୁନ୍ଦର ଆଲୋକମାଳାରେ ସଜ୍ଜିତ କରାଯାଇଛି। ସାଂସ୍କୃତିକ କାର୍ଯ୍ୟକ୍ରମରେ ଦର୍ଶକଙ୍କ ଭିଡ଼ ଜମୁଥିବା କମିଟି ପଞ୍ଚୁ ମହାରଣା ପ୍ରକାଶ କରିଛନ୍ତି।



**● ମିଳିତ ଜନଅଭିଯୋଗ ଶୁଣାଣି ଶିବିର**

## କୁଜଙ୍ଗ ଥାନା ଛକରେ ହମ୍ପସ୍ ନିର୍ମାଣ ଦାବି

କୁଜଙ୍ଗ,୧୦।୧୧(ସମିସ): ସ୍ଥାନୀୟ ସୂଚନା ଭବନରେ ଆୟୋଜିତ ମିଳିତ ଜନଅଭିଯୋଗ ଶୁଣାଣି ଶିବିରରେ କଟକ-ପାରାଦୀପ ରାସ୍ତାର କୁଜଙ୍ଗ ବଜାର ଭଣ୍ଡୁଆ କେନାଲ ପୋଲ ସମ୍ମୁଖସ୍ଥ କୁଜଙ୍ଗ ଥାନା ଛକରେ ଦୁଇଟି ହମ୍ପସ୍ ନିର୍ମାଣ କରିବାକୁ କୁଜଙ୍ଗର ଜନସାଧାରଣ ଆଜି ଜଗତସିଂହପୁର ଜିଲ୍ଲାପାଳଙ୍କ ନିକଟରେ ଦାବି କରିଛନ୍ତି। କୁଜଙ୍ଗରେ ବିଭିନ୍ନ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ଓ ଶିକ୍ଷାନୁଷ୍ଠାନ ରହିଛି। ତେଣୁ ରାସ୍ତା ସବୁବେଳେ ଜନଗହଳି ରହୁଛି। ଦୈନିକ ୫ଟି ଗ୍ରାମର ଲୋକ ଓ ଚାଷୀ ପନିପରିବା ନେଇ କୁଜଙ୍ଗ ବଜାରକୁ ଆସୁଛନ୍ତି। ଏଠାରେ ଥିବା ମଡ଼େଲ ପବ୍ଲିକ୍ ସ୍କୁଲ୍‌ର ଛାତ୍ରଛାତ୍ରୀ ଓ ଅଭିଭାବକ, କେନାଲ ବନ୍ଧ ଉପରେ ଥିବା ଦୋକାନର ବ୍ୟବସାୟୀ ଏହି ରାସ୍ତା ଦେଇ ଯାତାୟତ କରୁଛନ୍ତି। ସବୁ ସମୟରେ ଏହି ରାସ୍ତା ଗହଳି ରହୁଥିବାରୁ ଛୋଟବଡ଼ ଦୁର୍ଘଟଣା ଘଟୁଛି। ଅତୀତରେ ଉକ୍ତ ସ୍ଥାନରେ ହମ୍ପସ୍ ନିର୍ମାଣ କରିବାକୁ ବହୁବାର ଦାବି ସହ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ହମ୍ପସ୍ ନିର୍ମାଣ ହୋଇପାରିନାହିଁ। ଏହି ରାସ୍ତା ଓ ଉକ୍ତ ସ୍ଥାନକୁ ପ୍ରତ୍ୟକ୍ଷ ଭାବେ ତନଖି କରି ସ୍ଥାନରେ ହମ୍ପସ୍ ନିର୍ମାଣ କରାଇଲେ ଜନସାଧାରଣ ଓ ସ୍କୁଲ ପିଲାଙ୍କ ଯାତାୟାତ ଅଧିକ ସୁରକ୍ଷିତ ହୋଇପାରିବ ବୋଲି ଦାବି ହୋଇଛି। କୁଜଙ୍ଗ ଓକିଲ ସଂଘ ସଭାପତି ଏଏନ୍‌ଡି ଯାଦବ, ପୂର୍ବତନ ସଭାପତି ରମେଶ ଦାସ, ଶିକ୍ଷାବିତ୍ ଅଶୋକ ମହାନ୍ତି, ପ୍ରଭାସ ଗୁରୁ, ଆଇନଜୀବୀ ପ୍ରଶାନ୍ତ ବାରିକ, ଭଣ୍ଡୁଆ ଗ୍ରାମବାସୀଙ୍କ ସହ କୁଜଙ୍ଗର ବହୁ ଆଇନଜୀବୀ ଉପସ୍ଥିତ ରହି ଜିଲ୍ଲାପାଳଙ୍କୁ ଗୁହାରି ଜଣାଇବା ସହ ପଦକ୍ଷେପ ଗ୍ରହଣ ପାଇଁ ଅନୁରୋଧ କରିଥିଲେ। ଏହି ଜନଅଭିଯୋଗ ଶୁଣାଣି ଶିବିରରେ ଜିଲ୍ଲାପାଳ ଜେ. ସୋନାଲ, ଏସପିଙ୍କ ସହ ଜିଲ୍ଲା ଓ ବ୍ଲକ୍‌ସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

## ଜିଲ୍ଲା ସ୍ୱାଧୀନତା ସଂଗ୍ରାମୀ ଦାୟାଦ ପରିଷଦ ପକ୍ଷରୁ ପ୍ରତିଯୋଗିତା



ଜଗତସିଂହପୁର,୧୦।୧୧(ସମିସ): ଜଗତସିଂହପୁର ଜିଲ୍ଲା ସ୍ୱାଧୀନତା ସଂଗ୍ରାମୀ ଦାୟାଦ ପରିଷଦ ବାର୍ଷିକ ସମାବେଶ ଉପଲକ୍ଷେ ସ୍ଥାନୀୟ ବଡ଼ବଜାରସ୍ଥ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଚତୁର୍ଥରୁ ୧୦ମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ମଧ୍ୟରେ ପ୍ରବନ୍ଧ ଲିଖନ, ବକ୍ତୃତା ଓ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଚତୁର୍ଥ ଓ ପଞ୍ଚମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ପାଇଁ ଚିତ୍ରାଙ୍କନ ପ୍ରତିଯୋଗିତାର ବିଷୟ ‘ସ୍ୱାଧୀନତା ସଂଗ୍ରାମୀ ନବକୃଷ୍ଣ ଚୌଧୁରୀଙ୍କ ଫଟୋଚିତ୍ର ଅଙ୍କନ’ ଓ ଷଷ୍ଠରୁ ଅଷ୍ଟମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ପାଇଁ ବକ୍ତୃତା ପ୍ରତିଯୋଗିତାର ବିଷୟ ‘ସ୍ୱାଧୀନତା ସଂଗ୍ରାମ ବନାମ ଜାତୀୟ କବି ବୀରକିଶୋର’, ନବମ ଓ ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ପାଇଁ ପ୍ରବନ୍ଧ ଲିଖନର ବିଷୟ ‘ସ୍ୱାଧୀନତା ସଂଗ୍ରାମରେ ଜଗତସିଂହପୁର’ ରଖାଯାଇଥିଲା। ବକ୍ତୃତା ପ୍ରତିଯୋଗିତାର ବିଚାରକ ଭାବେ ବାଲିକୁଦା ସମ୍ବାଦ ସାହିତ୍ୟ ଘର ସମ୍ପାଦକ ରାମଚନ୍ଦ୍ର ଶତପଥୀ, ଚାନ୍ଦୋଳ ବିବେକାନନ୍ଦ ପବ୍ଲିକ ସ୍କୁଲ ଅଧ୍ୟକ୍ଷ ପ୍ରଦୀପ୍ତ ଶତପଥୀ, ପଲ୍ଲୀପ୍ରଭା ଉଚ୍ଚବିଦ୍ୟାଳୟର ବରିଷ୍ଠ ଶିକ୍ଷକ ନିରାକାର ମହାପାତ୍ର ପ୍ରମୁଖ ଯୋଗଦେଇ ମୂଲ୍ୟାୟନ କରିଥିଲେ। ଅନ୍ୟ ଦୁଇଟି ପ୍ରତିଯୋଗିତାର ଉପଯୁକ୍ତ ମୂଲ୍ୟାୟନ ପରେ ଫଳାଫଳ ଘୋଷିତ ହେବ। ଜିଲ୍ଲାର ସ୍ୱାଧୀନତା ସଂଗ୍ରାମୀ ତଥା ରାଜ୍ୟର ଦ୍ୱିତୀୟ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ନବକୃଷ୍ଣ ଚୌଧୁରୀଙ୍କ୧୨୪ତମ, ଜାତୀୟ କବି ବୀରକିଶୋରଙ୍କ ୧୨୯ତମ ଜୟନ୍ତୀ ଅବସରରେ ଚଳିତ ମାସ ୨୩ ତାରିଖ ଦିନ ଶ୍ରୀକୃଷ୍ଣଏକାଡେମୀରେ ଆୟୋଜିତ ହେବାକୁ ଥିବା ଉତ୍ସବରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ। ବିଦ୍ୟାମନ୍ଦିରର ବରିଷ୍ଠ ଗୁରୁଜୀ ଗୋବିନ୍ଦ ନାୟକ ଓ ପରିଷଦର ସମ୍ପାଦକ ପରିବେଶବିତ୍ ଉତ୍କଳ ମହାନ୍ତିଙ୍କ ପ୍ରତ୍ୟକ୍ଷ ମାର୍ଗଦର୍ଶନରେ ଆୟୋଜିତ ଏ ସମସ୍ତ କାର୍ଯ୍ୟକ୍ରମକୁ ପରିଷଦର କୋଷାଧ୍ୟକ୍ଷ ଦ୍ୱାରିକାନାଥ ମହାପାତ୍ର, ସହସମ୍ପାଦକ ସଞ୍ଜୟ ବିଶ୍ୱାଳ, ଅଧ୍ୟାପକ ଗୋପାଳକୃଷ୍ଣ ମିଶ୍ର, ପ୍ରଧାନଶିକ୍ଷକ କାର୍ତ୍ତିକ ଚନ୍ଦ୍ର ମୁଦୁଲି, ଶିକ୍ଷୟିତ୍ରୀ ବିଜୟଲକ୍ଷ୍ମୀ ଦାସ, ସମାଜସେବିକା କନକଲତା ପରିଡା, ଦେବର୍ଷି ମହାନ୍ତି ପ୍ରମୁଖ ପରିଚାଳନା କରିଥିଲେ।

## ଯୁବକଙ୍କ ହୃଦ୍‌ଘାତରେ ମୃତ୍ୟୁ

ବାଲିକୁଦା,୧୦।୧୧(ସମିସ): ବରମୁଣ୍ଡଳୀ ପଞ୍ଚାୟତ ବିଜେଡି ସଭାପତି ତଥା ମାଳମରିଚପୁର ଉନ୍ନୟନ ପରିଷଦ ସଭାପତି ସୁବାସ ନାୟକଙ୍କ ପୁତ୍ର ଅସୀମ ନାୟକ (୨୩)ଙ୍କ ହୃଦ୍‌ଘାତରେ ମୃତ୍ୟୁ ଘଟିଛି। ସେ ୫ ଦିନ ଧରି ଜ୍ୱରରେ ପୀଡିତ ହୋଇଥିବାବେଳେ ମା’ଙ୍କ ସହ କଟକସ୍ଥ ସିଡିଏରେ ଥିବା ମାଉସୀ ଘରକୁ ଚିକିତ୍ସା କରାଇବା ପାଇଁ ଯାଇଥିଲେ। ସେଠାରେ ଡାକ୍ତରଙ୍କ ପରାମର୍ଶ କ୍ରମେ ଔଷଧ ଖାଉଥିବାବେଳେ ଗତକାଲି ରାତିରେ ଛାତିରେ ଯନ୍ତ୍ରଣା ଅନୁଭବ କରି ବେହୋସ ହୋଇଯାଇଥିଲେ। ପରିବାର ଲୋକେ ବେସରକାରୀ ଡାକ୍ତରଖାନାକୁ ନେଇଥିଲେ। ଡାକ୍ତର ସେଠାରେ ମୃତ ଘୋଷଣା କରିଥିଲେ। ଆଜି ତାଙ୍କ ମୃତଦେହ କେରୁହାଁପଡାସ୍ଥ ପୈତୃକ ଗ୍ରାମକୁ ଅଣାଯାଇ ଗ୍ରାମ ଶ୍ମଶାନରେ ଶେଷକୃତ୍ୟ କରାଯାଇଥିଲା। ଜିଲ୍ଲା ପରିଷଦ ସଭ୍ୟା ତଟିନା ସ୍ୱାଇଁ, ବ୍ଲକ ଅଧ୍ୟକ୍ଷ ପ୍ରକାଶ ପ୍ରଧାନ, କିଶୋରାମ ବିଶ୍ୱାଳ ଫାଉଣ୍ଡେସନ ଅଧ୍ୟକ୍ଷ ପୁଷ୍କର ବିଶ୍ୱାଳ, ଶିକ୍ଷାବିତ୍ ପବିତ୍ର ସ୍ୱାଇଁ, ଶିକ୍ଷକ ସନ୍ତୋଷ ବିଶ୍ୱାଳ, ମାଳମରିଚପୁର ଉନ୍ନୟନ ପରିଷଦ ସମ୍ପାଦକ ସତ୍ୟବ୍ରତ ବିଶ୍ୱାଳ, ବିଧାୟକ ଶାରଦା ପ୍ରସନ୍ନ ଜେନା, ପୂର୍ବତନ ମନ୍ତ୍ରୀ ରଘୁନନ୍ଦନ ଦାସ, ପୂର୍ବତନ ବିଧାୟକ ପ୍ରଶାନ୍ତ ମୁଦୁଲି, ପୂର୍ବତନ ବିଧାୟକ ଡାକ୍ତର ଲଲାଟେନ୍ଦୁ ମହାପାତ୍ର, ପୂର୍ବତନ ବ୍ଲକ ଅଧ୍ୟକ୍ଷା ବବିତା ସ୍ୱାଇଁ ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।



## ଜଗତସିଂହପୁର କେମିଷ୍ଟ ଆଣ୍ଡ ଡ୍ରଗିଷ୍ଟ ଆସୋସିଏସନର ପ୍ରଥମ କାର୍ଯ୍ୟକାରିଣୀ ବୈଠକ

ଜଗତସିଂହପୁର/ତିର୍ତ୍ତୋଲ,୧୦।୧୧(ସମିସ) :ଜଗତସିଂହପୁର ଜିଲ୍ଲା କେମିଷ୍ଟ ଆଣ୍ଡ ଡ୍ରଗିଷ୍ଟ ଆସୋସିଏସନର ପ୍ରଥମ କାର୍ଯ୍ୟକାରିଣୀ ବୈଠକ ତିର୍ତ୍ତୋଲ ବ୍ଲକ୍ ତେନ୍ତୁଳିପଦାସ୍ଥ ମୁନି ଗୋସେଇଁ ମଠ ଆଦିକବି ଭବନରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ମୁରାରୀ ମୋହନ ତ୍ରିପାଠୀଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକ ପ୍ରାରମ୍ଭରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରଭାତ ପ୍ରକାଶ ସାହୁ ସ୍ୱାଗତ ଭାଷଣ ଓ ପରିଚୟ ପ୍ରଦାନ କରିଥିଲେ। ସାଧାରଣ ସମ୍ପାଦକ ଶ୍ରୀକାନ୍ତ ସାହୁ, କୋଷାଧ୍ୟକ୍ଷ ପ୍ରଶାନ୍ତ ପାଲ ଓ ସମସ୍ତ କର୍ମକର୍ତ୍ତା ଯୋଗ ଦେଇଥିଲେ। ସମ୍ପାଦକ ପୂର୍ବ ବୈଠକ ବିବରଣୀ ପାଠ ଓ କୋଷାଧ୍ୟକ୍ଷ ଆୟବ୍ୟୟ ବିବରଣୀ ପ୍ରଦାନ କରିଥିଲେ। ପରେ ଆଗାମୀ ତିନିବର୍ଷ ପାଇଁ ସଂଘର କାର୍ଯ୍ୟକର୍ତ୍ତାଙ୍କ ନାମ ଘୋଷଣା କରାଯାଇଥିଲା। ବିଜୟ ରାଉତ ସକ୍ରିୟ ସଭାପତି, ସୌମେନ୍ଦ୍ର ଖୁଣ୍ଟିଆ ସାଂଗଠନିକ ସମ୍ପାଦକ, ପ୍ରଭାତ ସାହୁ, ସଞ୍ଜୀବ ଦାସ ଓ ସୂର୍ଯ୍ୟକାନ୍ତ ସାମଲ ଉପସଭାପତି, ଜ୍ଞାନଦା ପ୍ରସାଦ ମଲ୍ଲ ଓ ଶୁଭ ନାରାୟଣ ମିଶ୍ର ଯୁଗ୍ମସମ୍ପାଦକ, କୈଳାସ ବେହେରା ମୁଖ୍ୟ ଉପଦେଷ୍ଟା, ଏସକେ ନିୟାଜଉଦ୍ଦିନ ଓ ଶୈଳେନ୍ଦ୍ର ନାରାୟଣ ରାଉତ ଉପଦେଷ୍ଟା,




ବିଶ୍ୱଜିତ ସ୍ୱାଇଁ କାର୍ଯ୍ୟାଳୟ ସମ୍ପାଦକ, ଆଶିଷ ମହାପାତ୍ର ଜନସମ୍ପର୍କ ଅଧିକାରୀ, ସୁବାସ ସାହାଣୀ ଆନ୍ତରିକ୍ଷ ଯାଞ୍ଚ ଅଧିକାରୀ ଓ ସାରଦା ପ୍ରସନ୍ନ ଶତପଥୀ ଟ୍ୟାକ କମିଟି ଅଧ୍ୟକ୍ଷ ଭାବେ ଆଗାମୀ ୩ ବର୍ଷ ପାଇଁ ମନୋନୀତ ହୋଇଥିଲେ। ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ନିରଞ୍ଜନ ମହାନ୍ତି, ବୀରେନ୍ଦ୍ର ଦାସ, ରଶ୍ମିରଞ୍ଜନ ଜେନା, ମନୋଜ ପରିଡା, ନବକିଶୋର ବିଶ୍ୱାଳ, ନିରଞ୍ଜନ ଦାସ, ବିବେକ ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ତିର୍ତ୍ତୋଲ ଥାନା ଅଞ୍ଚଳର ପଚାଶରୁ ଅଧିକ ଔଷଧ ବ୍ୟବସାୟୀ ଯୋଗଦେଇ ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା କରିଥିଲେ। ପୂର୍ବତନ ଅବିଭକ୍ତ କଟକ ଜିଲ୍ଲା କାର୍ଯ୍ୟକାରୀ ସଦସ୍ୟ ସୁରେନ୍ଦ୍ର ନାରାୟଣ ମିଶ୍ରଙ୍କୁ ସମ୍ମାନିତ କରାଯାଇଥିଲା। ଏସକେ ନିୟାଜଉଦ୍ଦିନ ଧନ୍ୟବାଦ ପ୍ରଦାନ କରିଥିଲେ।

## ଜାତୀୟ ଆଇନ ସେବା ଦିବସ ପାଳନ

ଜଗତସିଂହପୁର,୧୦।୧୧(ସମିସ): ଜଗତସିଂହପୁର ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଜିଲ୍ଲା ମୁଖ୍ୟାଳୟରେ ଜାତୀୟ ଆଇନ ସେବା ଦିବସ ପାଳିତ ହୋଇଯାଇଛି। ଏ ଅବସରରେ ଆୟୋଜିତ ଶୋଭାଯାତ୍ରାକୁ ଜିଲ୍ଲା ଓ ଦୌରାଜଜ୍ ତଥା ପ୍ରାଧିକରଣ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ କୁମାର ନାୟକ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଶୋଭାଯାତ୍ରା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖସ୍ଥ ପଡ଼ିଆରୁ ବାହାରି ସହର ପରିକ୍ରମା କରିଥିଲା। ପରେ ସଦ୍‌ଭାବନା ସଭାଗୃହରେ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ଅତିରିକ୍ତ ଜିଲ୍ଲା ଜଜ୍ ହରପ୍ରସାଦ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ନୀଳିମା ପଣ୍ଡା, ମୁଖ୍ୟ ଆଇନ ସହାୟତା ପ୍ରତିରକ୍ଷା ଓକିଲ ଓଜଦ୍ୱିତୀ ମହାନ୍ତି, ଉପମୁଖ୍ୟ ଆଇନ ସହାୟତା ପ୍ରତିରକ୍ଷା ଓକିଲ ଧିରେନ୍ଦ୍ର ଆଚାର୍ଯ୍ୟ, ମହିଳା ଅଦାଲତ ବିଚାରପତି ସ୍ୱପ୍ନଶ୍ରୀ ନାୟକ, ସବଜଜ୍ ରାକେଶ ମୁଦୁଲି, ପ୍ରାଧିକରଣ ସଚିବ ବିଡିଡି ଚନ୍ଦନା, ଏସଡିଜେଏମ୍ ପ୍ରତ୍ୟୁଷ କୁମାର ଚାନ୍ଦ, ମୁନସିଫ ଅନନ୍ୟା ଦାସ, ଜେଏମଏଫ୍‌ସି ଅଙ୍କିତ ଦେୱାଙ୍ଗନ, ପରୀକ୍ଷାକାଳୀନ ଅଧିକାରୀ ଶ୍ରୀୟଙ୍କା ଦାଶ, ଆଇନଜୀବୀ, ପାରା ଲିଗାଲ୍ ସ୍ୱେଚ୍ଛାସେବୀ, ଆଇସିଡିଏସ୍ ସୁପରଭାଇଜର, ଗଣମାଧ୍ୟମ ପ୍ରତିନିଧି ଓ ଅଙ୍ଗନବାଡି କର୍ମୀ ଉପସ୍ଥିତ ଥିଲେ। ଅତିରିକ୍ତ ଜିଲ୍ଲା ଜଜ୍ ଶ୍ରୀ ପଟ୍ଟନାୟକ ମଧ୍ୟସ୍ଥତା ମାଧ୍ୟମରେ କିପରି ମୋକଦ୍ଦମା ସମାଧାନ ହୋଇପାରିବ ଉଦାହରଣ ମାଧ୍ୟମରେ ସଚେତନ କରିଥିଲେ। ସିଜେଏମ୍ ଶ୍ରୀମତୀ ପଣ୍ଡା ଏହି ଦିବସର ଆଭିମୁଖ୍ୟ ସମ୍ପର୍କରେ ବିସ୍ତୃତ ଭାବେ ବୁଝାଇବା ସହ ଆଇନ ସେବା ପ୍ରାଧିକରଣର କାର୍ଯ୍ୟ, ପାରା ଲିଗାଲ୍ ସ୍ୱେଚ୍ଛାସେବୀଙ୍କ ଦାୟିତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ। ଅନ୍ୟତମ ବକ୍ତା ଭାବେ ସବଜଜ୍ ଶ୍ରୀ ମୁଦୁଲି କହିଥିଲେ, ସମସ୍ତ ମହିଳା, ଶିଶୁ, ତଫସିଲଭୁକ୍ତ ଜାତି ଓ ଉପଜାତି, ବିଚାରଧୀନ ବନ୍ଦୀ, ପ୍ରାକୃତିକ ବିପର୍ଯ୍ୟୟରେ କ୍ଷତିଗ୍ରସ୍ତ ହୋଇଥିବା ବ୍ୟକ୍ତି, ଏଡ୍‌ସ ରୋଗୀ ଓ ବାର୍ଷିକ ଆୟ ୩ ଲକ୍ଷ ଟଙ୍କାରୁ କମ୍ ଥିବା ବ୍ୟକ୍ତି ନିଶୁଳ୍କ ଆଇନ ସେବା ପାଇପାରିବେ। ସେହିପରି ମହିଳା ଅଦାଲତ ବିଚାରପତି ଶ୍ରୀମତୀ ନାୟକ ମହିଳାଙ୍କ ପାଇଁ ଉଦ୍ଦିଷ୍ଟ ଆଇନ ବିଷୟରେ ପୁଙ୍ଖାନୁପୁଙ୍ଖ ଭାବେ ବୁଝାଇଥିଲେ। ଜେଏମ୍‌ଏଫ୍‌ସି ଅଙ୍କିତ ଦେୱାଙ୍ଗନ ଓଡ଼ିଆ ପୀଡିତା କ୍ଷତିପୂରଣ ଯୋଜନା ବିଷୟରେ ଆଲୋଚନା କରିଥିଲେ। ଉପମୁଖ୍ୟ ଆଇନ ସହାୟତା ପ୍ରତିରକ୍ଷା ଓକିଲ ଶ୍ରୀ ଆଚାର୍ଯ୍ୟ ଲୋକ ଅଦାଲତ ଓ ଆଇନ ସେବାର ବିଭିନ୍ନ ଦିଗ ବିଷୟରେ ଆଲୋକପାତ କରିଥିଲେ। ସଚିବ ବିଡିଡି ଚନ୍ଦନା କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ମୁନସିଫ ଅନନ୍ୟା ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ଦୁର୍ଘଟଣାରେ ୩ ଗୁରୁତର ଆହତ

ଆଳି, ୧୦।୧୧(ସମିସ): ଆଜି ସନ୍ଧ୍ୟାରେ କଟକ-ଚାନ୍ଦବାଲି ରାସ୍ତାର ନୂତନ ଷ୍ଟେଟ ବ୍ୟାଙ୍କ ଛକରେ ଦୁର୍ଘଟଣା ଘଟି ୩ ଜଣ ଗୁରୁତର ଆହତ ହୋଇଛନ୍ତି। ଆଳି ଟୁଙ୍ଗା ପଞ୍ଚାୟତ ବଉଳଯୋଡି ଗ୍ରାମର ଅଶୋକ ବିଶ୍ୱାଳ(୩୮) ବାଇକ୍ ଯୋଗେ ନିଆଳସ୍ଥ ଷ୍ଟେଟ ବ୍ୟାଙ୍କ ଏଟିଏମରୁ ଟଙ୍କା ଉଠାଇ ଫେରୁଥିବା ସମୟରେ ଆଳି ପାଶ୍ୱର୍ରୁ ଅଟାଳ ଗ୍ରାମର ସୁବ୍ରଜିତ ସୂତାର ଓ ତାଙ୍କ ଭଉଣୀ ଶ୍ରବନ୍ତୀ ସୂତାର ବାଇକ୍‌ରେ ଆସୁଥିବାବେଳେ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ଉଭୟ ବାଇକ୍‌ରେ ଥିବା ସମସ୍ତ ୩ଟି ଛିଟିକି ପଡ଼ି ଆହତ ହୋଇଥିଲେ। ଆଳି ଅଗ୍ନିଶମ ବାହିନୀ ଓ ସଡ଼କ ବନ୍ଧୁ ସୁଶାନ୍ତ ତରାଇ ସେମାନଙ୍କୁ ଉଦ୍ଧାର କରି ଆଳି ପ୍ରାଥମିକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସମସ୍ତଙ୍କୁ ଅଧିକ ଚିକିତ୍ସା ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

## ଯୁବକଙ୍କ ଆତ୍ମହତ୍ୟା

ପାରାଦୀପ,୧୦।୧୧(ସମିସ): ପାରାଦୀପ ଜିଜେଆଇ କଲୋନୀରେ ଜଣେ ଯୁବକ ଆଜି ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ମୃତକ ଯୁବକ ରଞ୍ଜନ ନାୟକଙ୍କ ପୁଅ ଅନନ୍ତ ନାୟକ (୨୨)। ତାଙ୍କ ଘର କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ାର ଛେଡାକଣି ଗ୍ରାମରେ। ଆତ୍ମହତ୍ୟାର କାରଣ ଜଣାପଡ଼ିନାହିଁ। ପାରାଦୀପ ଆଦର୍ଶ ଥାନା ପୁଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ଅପମୃତ୍ୟୁ ମାମଲା ରୁଜୁ କରିଛି।

## ହରେକୃଷ୍ଣ ମହତାବଙ୍କ ଜୟନ୍ତୀ ପାଳିତ

ଜଗତସିଂହପୁର,୧୦।୧୧(ସମିସ): ଜଗତସିଂହପୁର ସଦର ମହକୁମାର ଆଦିକବି ସାରଳା ଦାସ ସଂସ୍କୃତି ଭବନରେ ସର୍ବୋତ୍ତମ ସାମାଜିକ ସଂଗଠନ ଓ କେନ୍ଦ୍ର ସଂସ୍କୃତି ମନ୍ତ୍ରାଳୟର ମିଳିତ ଆନୁକୂଲ୍ୟରେ ଓଡ଼ିଶାର ପ୍ରଥମ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ହରେକୃଷ୍ଣ ମହତାବଙ୍କ ୧୨୫ତମ ଜୟନ୍ତୀ ପାଳିତ ହୋଇଯାଇଛି। ମୁଖ୍ୟାଅତିଥି ଭାବେ ପୂର୍ବତନ ସାଂସଦ, ମନ୍ତ୍ରୀ ତଥା କବି ପ୍ରସନ୍ନ ପାଟ୍ଟାଶାଣୀ ଯୋଗ ଦେଇଥିବାବେଳେ ମୁଖ୍ୟବକ୍ତା ଭାବେ ପାରାଦୀପ ପୋର୍ଟର ପୂର୍ବତନ ଟ୍ରଷ୍ଟି ପ୍ରତାପ ମିଶ୍ର, ସମ୍ମାନିତ ଅତିଥି ଭାବେ ‘ପ୍ରଜାତନ୍ତ୍ର’ର ସମ୍ପାଦକ ଜ୍ଞାନରଞ୍ଜନ ସାମନ୍ତରାୟ ଓ ସଂଗଠନର ଉପଦେଷ୍ଟା ପ୍ରଦୀପ ଲେଙ୍କା ପ୍ରମୁଖ ଯୋଗ ଦେଇଥିଲେ। ପ୍ରଥମେ ମହତାବଙ୍କ ସ୍ମୃତିରେ ଆୟୋଜିତ ଫଟୋ ପ୍ରଦର୍ଶନୀକୁ ମୁଖ୍ୟଅତିଥି ଉଦ୍‌ଘାଟନ କରିଥିଲେ। ମହତାବ ଓଡ଼ିଆ ଭାଷା ଓ ସାହିତ୍ୟ, ଐତିହ୍ୟ, ସଂସ୍କୃତିର କର୍ଣ୍ଣଧାର ଥିଲେ ବୋଲି ଶ୍ରୀ ପାଟ୍ଟଶାଣୀ ମତବ୍ୟକ୍ତ କରିଥିଲେ। ଏ ଅବସରରେ ଜିଲ୍ଲାର ବିଭିନ୍ନ ଶିକ୍ଷାନୁଷ୍ଠାନରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇଥିବା ପ୍ରତିଭାଙ୍କୁ ପୁରସ୍କୃତ କରାଯଇଥିଲା। ଜିଲ୍ଲାର ଅନେକ ଶିକ୍ଷାବିତ, ସମାଜସେବୀ ଓ କଳାକାରଙ୍କୁ ସମ୍ବର୍ଦ୍ଧନା କରାଯଇଥିଲା। ଏହି କାର୍ଯ୍ୟକ୍ରମରେ ସଂଗଠନର ସଭ୍ୟା ପୁନମ ନାୟକ, ଅଞ୍ଜଳି ବେହେରା, ସ୍ୱରୂପ ରାୟ ଓ ରଞ୍ଜନ ଓଝା ସହଯୋଗ କରିଥିଲେ। ସମ୍ପାଦିକା ଶ୍ରାବଣୀ ରାୟ ଧନ୍ୟବାଦ ଅର୍ପଣ କରିଥିଲେ।

**ପ୍ରଧାନଶିକ୍ଷକଙ୍କ ନିଲମ୍ବନ ପ୍ରତ୍ୟାହାର ଦାବି**

## ଗଣ୍ଡକିପୁର ବିଦ୍ୟାଳୟ ଆଗରେ ଛାତ୍ରଛାତ୍ରୀ ଓ ଅଭିଭାବକଙ୍କ ଧାରଣା

କୁଜଙ୍ଗ,୧୦।୧୧(ସମିସ)

ଗଣ୍ଡକିପୁର ଗ୍ରାମର ଗଣ୍ଡକିପୁର ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ଗୌରାଙ୍ଗ ଚରଣ ପଣ୍ଡାଙ୍କୁ ରାଜନୈତିକ ଆକ୍ରୋଷ ରଖି ଉଦ୍ଦେଶ୍ୟମୂଳକ ଭାବେ ସାମାନ୍ୟ ଅଭିଯୋଗ ଆଧାରରେ ନିଲମ୍ବନ ଓ ସ୍ଥାନାନ୍ତର ପ୍ରତିବାଦରେ ଆଜି ଦିନ ତମାମ ବିଦ୍ୟାଳୟର ଛାତ୍ରୀଛାତ୍ର ଓ ଅଭିଭାବକ ବିଦ୍ୟାଳୟ ଫାଟକ ସମ୍ମୁଖରେ ଧାରଣା ଦେଇଥିଲେ। ପୂର୍ବାହ୍ନ ୧୦ଟାରୁ ଏହି ଧାରଣା ଚାଲିଥିବାବେଳେ ମଣ୍ଡଳ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରୁ ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରୀ ପ୍ରତିମା ସୂତାର ଅପରାହ୍ନ ୫ଟା ସମୟରେ ପହଞ୍ଚିଥିଲେ। ଫଳରେ ଦୀର୍ଘ ସମୟ ଧାରଣାରେ ବସି ଉତ୍ତେଜିତ ହୋଇଥିବା



ଅଭିଭାବକ, ଗ୍ରାମବାସୀ ତାଙ୍କୁ ଅଟକ ରଖି ଉପରୋକ୍ତ ବେଆଇନ ନିଲମ୍ବନ ଓ ସ୍ଥାନାନ୍ତର ସମ୍ପର୍କରେ କୈଫତ ମାଗିଥିଲେ। ଅଭିଯୋଗ କ’ଣ ହୋଇଛି, କିପରି ଭାବେ ତଦନ୍ତ କରାଯାଇ ଏତେବଡ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲା ଜାଣିବାକୁ ଚାହିଁଥିଲେ। ମାତ୍ର ସେ କିଛି କହି ନ ଥିଲେ। ସେଠାରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ତେବେ ଆପଣଙ୍କ ଦାବି ଅନୁଯାୟୀ ଅଭିଯୋଗର ଆଉଥରେ ତଦନ୍ତ କରିବାକୁ ଉପରିସ୍ଥ ଅଧିକାରୀଙ୍କୁ ସୁପାରିଶ କରିବି ବୋଲି ସେ ପ୍ରତିଶୃତି ଦେବାପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

ଗଣ୍ଡକିପୁର ପ୍ରାଥମିକ ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ଯାଏ ୫ଟି ଶ୍ରେଣୀରେ ୭୦ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ପୂର୍ବରୁ ତିନିଜଣ ଶିକ୍ଷକ ଥିଲେ। ଦୁଇମାସ ପୂର୍ବେ ଜଣଙ୍କୁ ଡେପୁଟେସନରେ ଅନ୍ୟତ୍ର ପଠାଯାଇଛି। ଦୁଇଜଣ ଶିକ୍ଷକରେ ପାଠପଢା ଚାଲିଥିଲା। ତେବେ ପ୍ରଧାନଶିକ୍ଷକ ଗୌରାଙ୍ଗ ଚରଣ ପଣ୍ଡାଙ୍କ ବିରୋଧରେ ଜଣେ ଅଭିଭାବକ ଅଭିଯୋଗ କରିଥିଲେ। ପ୍ରଧାନଶିକ୍ଷକ ପ୍ରଦାନ କରିଥିବା ପୋଷାକ ତାଙ୍କ ଝିଅ ପିନ୍ଧିବା ପରେ ତା’ ଦେହ କୁଣ୍ଡେଇ ହୋଇଥିବା ନେଇ ଅଭିଭାବକ ଜଣକ ଉପରିସ୍ଥ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଥିଲେ। ଏହି ଘଟଣାର ସଠିକ ତଦନ୍ତ କରା ନ ଯାଇ ତାଙ୍କୁ ନିଲମ୍ବିତ ଓ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଥିବା ନେଇ ଅଭିଭାବକ ଅଭିଯୋଗ କରି ଧାରଣା ଦେଇଥିଲେ। ତୁରନ୍ତ ପୂର୍ବ ଅଭିଯୋଗର ତଦନ୍ତ ସଠିକ ଭାବେ କରା ନ ଗଲେ ଆଗାମୀ ଦିନରେ ପୁଣି ଏହି ଧାରଣା ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଚାଲିବ ବୋଲି ବିଦ୍ୟାଳୟ ପରିଚାଳନା କମିଟି ପକ୍ଷରୁ ରଞ୍ଜନ ବାରିକ, ଭାରତୀ ଜେନା, ମହାମୁନି ପ୍ରଧାନ, ସୋନାଲୀ ନାୟକ, ପିଣ୍ଟୁ ସାହୁ, ଆଲୋକ ସାହୁ, ଗ୍ରାମର ମୁରବୀ ସନ୍ତୋଷ ଜେନା, ନିତ୍ୟାନନ୍ଦ ଜେନା, ମନୋଜ ସାହୁ ପ୍ରମୁଖ ଚେତାବନୀ ଦେଇଛନ୍ତି। ବିଇଓ ମନୋଜ ବେହେରାଙ୍କ ମତାମତ ନେବାରୁ ସେ କହିଛନ୍ତି, ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ସଠିକ ଭାବେ ଗ୍ରହଣ କରାଯାଇଛି। ଏହାର ପୁନର୍ବିଚାରର ଆବଶ୍ୟକତା ନାହିଁ। ସୋମାନଙ୍କୁ ଖୁବ୍‌ଶୀଘ୍ର ଜଣେ ଶିକ୍ଷକ ପ୍ରଦାନ କରାଯିବ। ଯଦି ସେମାନେ ଭାବୁଛନ୍ତି ତଦନ୍ତ ସଠିକ ଭାବେ ହୋଇନାହିଁ, ତେବେ ସେମାନେ କୋର୍ଟକୁ ଯାଆନ୍ତୁ ବୋଲି ସେ କହିଥିଲେ।

● ବେଫିକର ଭାବେ କଟାଯାଉଛି ଚାଲାଣ

# ଚୋରା ବାଇକ୍ ଫଟୋ ଉଠାଇ ସ୍କୁଟିକୁ ଜରିମାନା

ନୟାଗଡ଼,୧୦।୧୧(ସମିସ): ନୟାଗଡ଼ ଜିଲ୍ଲାରେ ଆଞ୍ଚଳିକ ପରିବହନ ବିଭାଗ ଓ ପୁଲିସ ବିଭାଗ ମନଇଚ୍ଛା ଚାଲାଣ କାଟୁଥିବା ନେଇ ପ୍ରମାଣ ସହ ଅଭିଯୋଗ ସାମ୍ନାକୁ ଆସୁଛି। ବେଫିକର ଭାବେ ଚାଲାଣ କଟାଯିବା ଦ୍ୱାରା ବାଇକ୍ ଆରୋହୀମାନେ ଜରିମାନା ଦେଇ ନୟାନ୍ତ ହେଉଛନ୍ତି। ଜିଲ୍ଲାରେ ଏଭଳି ସ୍ଥିତିକୁ ନେଇ ବିଷମ ପରିସ୍ଥିତି ସୃଷ୍ଟି ହୋଇଥିବା ବେଳେ ଅଭିଯୋଗ ତାଲିକା ମଧ୍ୟ ଲମ୍ବା ହେଉଛି। ନୟାଗଡ଼ ଜିଲ୍ଲା ଓଡ଼ଗାଁର ପଦ୍ମଚରଣ ମହାପାତ୍ରଙ୍କ ପୁଅ ରାମକୃଷ୍ଣ ମହାପାତ୍ରଙ୍କ ଓଡି୨୫କେ୦୪୫୭ ନମ୍ବର ବିଶିଷ୍ଟ ସ୍କୁଟିକୁ ଗତ ନଭେମ୍ବର ୬ ତାରିଖରେ ୧୧ଟା ୩୦ ସମୟରେ ପୁଲିସ୍ ଟ୍ରାଫିକ ନିୟମ ଉଲ୍ଲଙ୍ଘନ ନେଇ ଚାଲାଣ କାଟିଥିଲା। ନୟାଗଡ଼ ଟାଉନଥାନା ପୁଲିସ ପକ୍ଷରୁ ଚାଲାଣ କରାଯାଇଥିବା ତାଙ୍କ ନମ୍ବରକୁ ମେସେଜ୍ ଆସିଥିଲା। ଏହା ଜାଣିବା ପରେ ରାମକୃଷ୍ଣ ଚିନ୍ତିତ ହେବା ସହ ଅନଲାଇନରୁ ଚାଲାଣ ଫର୍ମ ଡାଉନଲୋଡ୍ କରି ଦେଖିଥିଲେ। ତାଙ୍କ ସ୍କୁଟି ନମ୍ବର ଥିବା ଏକ ବାଇକ ଫଟୋ ଉଠାଯାଇ ଚାଲାଣ କଟାଯାଇଥିବା ସେ ଦେଖିବାକୁ ପାଇଥିଲେ। ଏହି ବାଇକ ନିଶ୍ଚିତ ଭାବେ ଚୋରା ବାଇକ ବୋଲି ସେ ଅନୁଭବ କରିବା ପରେ ନୟାଗଡ଼ ଟାଉନଥାନା ଓ ଆଞ୍ଚଳିକ ପରିବହନ ଅଧିକାରୀଙ୍କୁ ଏନେଇ ଅଭିଯୋଗ କରିଥିବା ଜଣାପଡ଼ିଛି। ତାଙ୍କ ସ୍କୁଟି ନମ୍ବର ବ୍ୟବହାର କରୁଥିବା ଚୋରା ବାଇକ ଫଟୋ ଉଠାଇ ପୁଲିସ ଚାଲାଣ କାଟିବା ତାଙ୍କୁ ଆଶ୍ଚର୍ଯ୍ୟ କରିଛି। ପୁଲିସ ଯଦି ଉକ୍ତ ସ୍ଥାନରେ ଚାଲାଣ କାଟିଥାନ୍ତା, ଏଭଳି ସ୍ଥିତି ସୃଷ୍ଟି ହୋଇନଥାନ୍ତା ବୋଲି ଅଭିଯୋଗ ହୋଇଛି। ଏବେ ରାମକୃଷ୍ଣଙ୍କ ସ୍କୁଟି ନମ୍ବରରେ ୫ ହଜାର ଟଙ୍କା ଜରିମାନା ରହିଥିବା ବେଳେ ଏହାକୁ କିଭଳି ସେ ପରିଶୋଧ କରିବେ ବୋଲି ଚିନ୍ତାରେ ପଡ଼ିଛନ୍ତି। ଏହି ଘଟଣାକୁ ନେଇ ନୟାଗଡ଼ ଟାଉନଥାନାରେ ଏକ ଷ୍ଟେସନ ଡାଏରୀ ମଧ୍ୟ କରାଯାଇଛି।

## ଓଡ଼ଗାଁ ସମବାୟ ସମିତିରେ ସାଂଘାତିକ ଘୋଟାଲା

# ୧୧ ଲକ୍ଷରୁ ଊର୍ଦ୍ଧ୍ୱ ଆତ୍ମସାତ୍ ଅଭିଯୋଗ

ନୟାଗଡ଼,୧୦।୧୧(ସମିସ)

ନୟାଗଡ଼ ଜିଲ୍ଲା ଓଡ଼ଗାଁ ସମବାୟ ସମିତିରେ ସାଂଘାତିକ କେଳେଙ୍କାରୀ କରାଯାଇଥିବା ନେଇ ଅଭିଯୋଗ ହୋଇଛି। ଦାୟିତ୍ୱରେ ଥିବା ସମ୍ପାଦକ ଦିଲ୍ଲୀପ କୁମାର ଚୌଧୁରୀ ୧୧ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଆତ୍ମସାତ କରିଥିବା ଅଭିଯୋଗ ହୋଇଛି। ଏହି ଘଟଣାରେ ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ପାଇଁ ପାଇଁ ପରିଚାଳନା ପରିଷଦ ଦାବି କରିଛି। ଜିଲ୍ଲା ପ୍ରଶାସନ କୌଣସି ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକଲେ ଆସନ୍ତା ସୋମବାରଠାରୁ ତାଲା ବନ୍ଦ ଆନ୍ଦୋଳନ କରିବାକୁ ଚେତାବନୀ ଦେଇଛନ୍ତି।

ସୂଚନାନୁସାରେ, ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ଅନୁଯାୟୀ ଆମ୍ଭ ଓଡ଼ଗାଁ ପ୍ରାଥମିକ କୃଷି ସମବାୟ ସମିତି ପରିଚାଳନା ପରିଷଦର ବୈଠକ ପାଇଁ ସଂପାଦକ ଦୀପକ କୁମାର ଚୌଧୁରୀଙ୍କୁ ଗତ ସେପ୍ଟେମ୍ବର ୨୯ ତାରିଖରେ ଚିଠି କରାଯାଇଥିଲା କିନ୍ତୁ ସଂପାଦକ ତାହାକୁ ଖାତିରି ନକରି ବୈଠକ କରିନଥିଲେ। ବୈଠକରେ ସମସ୍ତ ପରିଚାଳନା ପରିଷଦ ଉପସ୍ଥିତ ରହିଥିବା ବେଳେ ସଂପାଦକ କୌଣସି କାରଣ ନ ଦର୍ଶାଇ ଉପସ୍ଥିତ ରହିନଥିଲେ। ଏହାର ବିଧିବଦ୍ଧ ତଦନ୍ତ କରିବାକୁ ଦାବି ହେଉଛି। ସହକାରୀ ନିବନ୍ଧକ ସମବାୟ ସମିତି ସମୂହଙ୍କ ଚିଠି ସଂଖ୍ୟା ୬୭୩ ତା. ୨୯-୦୪-୨୦୨୫ ରିଖରେ ପ୍ରତ୍ୟେକ ସୋସାଇଟ ସଂପାଦକ ମାର୍କ ଫେଡ୍‌ରୁ ସାର ଆଣି ନିର୍ଦ୍ଧାରିତ ସମୟରେ ସୁଲଭ ଦରରେ ବାଣ୍ଟିବା ପାଇଁ ନିର୍ଦ୍ଦେଶ ଥିବା ବେଳେ ସମ୍ପାଦକ ସମିତିକୁ ସାର ଆଣିଲେ ନାହିଁ। ଲାଇସେନ୍ସ ରିନ୍ୟୁଆଲ କଲେ ନାହିଁ, ସାର ରଖିବା ପାଇଁ ଗୋଦାମ ଘର ଠିକ୍ କଲେ ନାହିଁ, ପିଓଏସ୍ ମେସିନ ସଜାଡ଼ିଲେ ନାହିଁ କି ପରିଚାଳନା କମିଟି କିମ୍ବା ଉପରିସ୍ଥ ବିଭାଗୀୟ ଅଧିକାରୀଙ୍କୁ ଏ ବିଷୟରେ ଜଣାଇଲେ ନାହିଁ। ଯାହା ଫଳରେ ଚାଷୀ ହଇରାଣ ହେଲେ, ସମିତି ଅପୂରଣୀୟ କ୍ଷତି ହେଲା। ଏହାର ତଦନ୍ତ ପାଇଁ ମଧ୍ୟ ଦାବି କରାଯାଇଛି। ସମବାୟ ସମିତି ଅଇନ ଅନୁଯାୟୀ ଆୟବ୍ୟୟ ଖର୍ଚ୍ଚ ଅଟକଳ ବା ବଜେଟ ଅନୁମୋଦନ ନକରି ସୋସାଇଟ ଅର୍ଥକୁ ଆତ୍ମସାତ କରିଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ସମ୍ପାଦକ ସଂପାଦକ ଗତ ୧୧-୬-୨୦୨୫ ରେ ୫ ଲକ୍ଷ ୩୨ ହଜାର (ପାଞ୍ଚ ଲକ୍ଷ ବତିଶି ହଜାର ଟଙ୍କା) ଓଡଗାଁ ଶାଖାରେ ଥିବା ନିଜ ଜମା ଖାତା ନଂ-୩୦୦୯ ଓ ୧୩-୬-୨୦୨୫ ରେ ୫ ଲକ୍ଷ ୩୦ ହଜାର ଟଙ୍କା ଓଡଗାଁ ଶାଖାରେ ଥିବା ନିଜ ଜମା ଖାତା ନଂ-୩୦୦୯ ରେ ଚାଷୀଙ୍କ ଋଣ ଅସୁଲ ଟଙ୍କାକୁ ଡିପୋଜିଟ୍ କରିଛନ୍ତି। ପରବର୍ତ୍ତୀ ମୁହୂର୍ତ୍ତରେ ସେ ଟଙ୍କାକୁ ଉଠାଇ ଆତ୍ମସାତ୍ କରିଥିବା ଅଭିଯୋଗ ହୋଇଛି। ଧାନ ମଣ୍ଡି ସମୟରେ ଚାଷୀ ବିଶ୍ରାମସ୍ଥଳ ନିର୍ମାଣ ଓ ଜଳଖିଆ ବାବଦକୁ ୩୧-୩-୨୦୨୫ ରେ ୭୧ ହଜାର ଟଙ୍କା ମିଥ୍ୟା ବିଲ୍ ଭାଉଚର କରି ସୋସାଇଟ ଅର୍ଥକୁ ଉଠାଣ କରିଛନ୍ତି। ଯାହା ଫଳରେ ସୋସାଇଟର ଆର୍ଥିକ କ୍ଷତି ହୋଇଛି। ଏହାର ତଦନ୍ତ କରିବାକୁ ଦାବି ହେଉଛି। ଏନେଇ ଜିଲ୍ଲାପାଳଙ୍କୁ ପରିଚାଳନା ପରିଷଦ ସଭାପତି ବିଭୂପ୍ରସାଦ ସାହୁ ଓ ସଦସ୍ୟମାନେ ଅଭିଯୋଗ କରିଛନ୍ତି। ୭ ଦିନ ମଧ୍ୟରେ ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ଦାବି ହୋଇଛି। ନତୁବା ସମବାୟ ସମିତିରେ ତାଲା ପକାଇ ଆନ୍ଦୋଳନ କରିବାକୁ ଦାବି ହେଉଛି।

**୭ ଦିନରେ ସମାଧାନ ନ ହେଲେ ତାଲା ବନ୍ଦ ଆନ୍ଦୋଳନ**

# କୁରୁମୁଣ୍ଡାଳୀ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ସମସ୍ୟା



ଓଡ଼ଗାଁ,୧୦।୧୧(ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକ କଜଳାଇପଲ୍ଲୀ ପଞ୍ଚାୟତ ପ୍ରାଥମିକ ବିଦ୍ୟାଳୟ, କୁରୁମୁଣ୍ଡାଳୀରେ ପ୍ରାୟ ଏକମାସରୁ ଉର୍ଦ୍ଧ୍ୱ ସମୟ ଧରି ଶିକ୍ଷକ ନଥିବାରୁ ଗ୍ରାମବାସୀ ଓ ଛାତ୍ରଛାତ୍ରୀ ଓଡ଼ଗାଁ ଗୋଷ୍ଠୀ ଶିକ୍ଷା ଅଧିକାରୀ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁସାରେ କୁରୁମୁଣ୍ଡାଳୀ ପ୍ରାଥମିକ ବିଦ୍ୟାଳୟରେ ୬ ଗୋଟି ଶ୍ରେଣୀକୁ ସର୍ବନିମ୍ନ ୨ ଜଣ ଶିକ୍ଷକ ନିଯୁକ୍ତି ହୋଇଥିବା ବେଳେ ଗତ ଏକମାସ ପୂର୍ବେ ଜଣେ ଶିକ୍ଷକଙ୍କୁ ଅନ୍ୟତ୍ର ବଦଳି କରାଯାଇଛି। ଏଠାରେ ଯେଉଁ ଶିକ୍ଷକ ଅଛନ୍ତି, ତାଙ୍କର ଶାରିରୀକ ଅସୁସ୍ଥତା ଯୋଗୁଁ ମଧ୍ୟାହ୍ନ ଭୋଜନ ସହିତ ବିଦ୍ୟାଳୟ ଆରମ୍ଭରୁ ଛୁଟି ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟକୁ ଏକାକୀ ତୁଲାଇବା ଅସମ୍ଭବ ହୋଇପଡୁଛି। ପରିସ୍ଥିତି ଏବଂ ଅବସ୍ଥାକୁ ଲକ୍ଷକରି ଯଥାଶୀଘ୍ର ଆଉଜଣେ ଶିକ୍ଷକ ଯୋଗାଇଦେବାକୁ କୁରୁମୁଣ୍ଡାଳୀ ଗ୍ରାମବାସୀଙ୍କ ତରଫରୁ ସଭାପତି କୃଷ୍ଣଚନ୍ଦ୍ର ରାଉତ, ସମ୍ପାଦକ ଛବି ରାଉତଙ୍କ ଓ କେତେକ ଛାତ୍ରଛାତ୍ରୀଙ୍କ ସହିତ ୧୫ ଜଣରୁ ଉର୍ଦ୍ଧ୍ୱ ଗ୍ରାମବାସୀ ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ପହଞ୍ଚି ଅଭିଯୋଗ କରିଛନ୍ତି।

**୩ୟ ମାଛିପଡ଼ା ପ୍ରିମିୟର ଲିଗ୍ ଉଦଯାପିତ**

# ଡାଇନାମିକ୍ ପାନ୍ଥସ୍ ଚାମ୍ପିଅନ



ନୟାଗଡ଼,୧୦।୧୧(ସମିସ): ନୟାଗଡ଼ ଜିଲ୍ଲା ସଦର ବ୍ଲକ ମାଛିପଡ଼ା ପ୍ରିମିୟର ଲିଗ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଯାଇଛି। ଫାଇନାଲ ମୁକାବିଲାରେ ଡାଇନାମିକ୍ ପାନ୍ଥସ୍ ୭୧ ରନରେ ଓମ୍ ସାଇ ଷ୍ଟାରକୁ ପରାସ୍ତ କରି ଚାମ୍ପିଅନ୍ ହୋଇଛି। ଓମ୍ ସାଇ ଷ୍ଟାର ଟସ୍ ଜିତି ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। ପ୍ରଥମେ ଡାଇନାମିକ୍ ପାନ୍ଥସ୍ ୧୫ ଓଭରରେ ୫ ୱିକେଟ୍ ହରାଇ ୨୦୧ ରନ୍ ସଂଗ୍ରହ କରିଥିଲା। ଏହାର ଜବାବରେ ଓମ୍ ସାଇ ଷ୍ଟାର ଇଲେଭେନ୍ ୧୫ ଓଭରରେ ୯ ୱିକେଟ୍ ହରାଇ ୧୩୧ ରନ୍ ସଂଗ୍ରହ କରିଥିଲା। ବିଜୟୀ ଦଳର ତନ୍ମୟ ବ୍ୟକ୍ତିଗତ ଭାବରେ ୪୪ ବଲରେ ୧୨୬ ରନ୍ ସଂଗ୍ରହ କରି ମୁଖ୍ୟ ଅତିଥିଙ୍କଠାରୁ ମ୍ୟାନ୍ ଅଫ୍ ଦି ଫାଇନାଲ୍ ଟ୍ରଫି ଗ୍ରହଣ କରିଥିଲେ। ଉଦଯାପନୀ ଉତ୍ସବରେ ସୁଶାନ୍ତ ଶେଖର ରଥଙ୍କ ଅଧ୍ୟକ୍ଷତାରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ମାଛିପଡ଼ା ସମିତିସଭ୍ୟ ବାବୁଲି ଜେନା ଯୋଗ ଦେଇ ବିଜୟୀ ଦଳକୁ ଟ୍ରଫି ସହ ୨୦ ହଜାର ଟଙ୍କା ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ସମାଜସେବୀ ହସମ୍ମଦ ଖାଁ ଯୋଗ ଦେଇ ରନର୍ସ ଅପ୍ ଟ୍ରଫି ସହ ନଗଦ ଅର୍ଥ ରାଶି ୧୮ ହଜାର ଟଙ୍କା ପୁରସ୍କାର ଭାବେ ଭାବେ ପ୍ରଦାନ କରାଯାଇଥିଲା। ଆଜିର ଖେଳକୁ ଜିତେନ୍ଦ୍ର କୁମାର ମହାପାତ୍ର ଓ ନାସିର ଜାମସେଦ୍ ପରିଚାଳନା କରିଥିଲେ। ଶିକ୍ଷାବିତ ଗୌରାଙ୍ଗ ଚରଣ ସେଠୀ ସ୍କୋର ବୋଡର୍ ଦାୟିତ୍ୱ ତୁଲାଇଥିଲେ।

# ନିଟ୍ ପରୀକ୍ଷାରେ ଶୁଭମ୍ କୃତକାର୍ଯ୍ୟ

ଗଣିଆ,୧୦।୧୧(ସମିସ): ନୟାଗଡ଼ ଜିଲ୍ଲା ଗଣିଆ ବ୍ଲକ ଧୁଆଁମଡା ଗ୍ରାମର ପବିତ୍ର ମହାରଣାଙ୍କ ପୁଅ ଶୁଭମ ମହାରଣା ନିଟ୍ ପରୀକ୍ଷାରେ ତୃତୀୟ ପର୍ଯ୍ୟାୟତାଲିକାରେ କୃତକାର୍ଯ୍ୟ ହୋଇଛନ୍ତି। ସେ ନୟାଗଡ଼ ନବୋଦୟ ବିଦ୍ୟାଳୟରେ ଅଧ୍ୟୟନ କରୁଥିଲେ। ସେ ନିଜର ଦୃଢ ଇଚ୍ଛାଶକ୍ତି, ଦକ୍ଷତା ଓ କଠିନ ପରିଶ୍ରମ ବଳରେ ଏହି ସଫଳତା ହାସଲ କରି ଅନେକଙ୍କ ପାଇଁ ଏକ ପ୍ରେରଣା ସାଜିଛନ୍ତି। ଭବିଷ୍ୟତରେ ସେ ଜଣେ ଉତ୍ତମ ଡାକ୍ତର ଭାବରେ ଗରିବ ଓ ପଛୁଆ ଲୋକଙ୍କ ସେବା କରିବେ ବୋଲି ପ୍ରକାଶ କରିଛନ୍ତି। ଧୁଆଁମଡା ଭଳି ଏକ ଅନୁନ୍ନତ ଗ୍ରାମରେ ଜନ୍ମ ଗ୍ରହଣ କରି ପିଲାବେଳୁ ଜଣେ ଡାକ୍ତର ହେବାର ସ୍ୱପ୍ନ ତାଙ୍କର ପୂରଣ ହୋଇଛି ବୋଲି ପୂର୍ବତନ ସମିତି ସଭ୍ୟ ଚନ୍ଦ୍ରଶେଖର ସାହୁ ପ୍ରକାଶ କରିଛନ୍ତି।



# ସୁନାହାର ଛଡ଼ାଇ ନେଲେ ୩ ଦୁର୍ବୃତ୍ତ

ଓଡ଼ଗାଁ,୧୦।୧୧(ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ଥାନା କୁରାଳ ସୁନାମୁହିଁ ପୂର୍ତ୍ତ ବିଭାଗ ରାସ୍ତାରେ ସନ୍ୟାସୀ ପ୍ରଧାନଙ୍କ ସ୍ତ୍ରୀ କୁନ୍ତଳା ପ୍ରଧାନ ବିଲ କାମ ସାରି ଫେରୁଥିବା ବେଳେ ୩ ଜଣ ଦୁର୍ବୃତ୍ତ ଗୋଟିଏ ବାଇକ୍‌ରେ ଦ୍ରୁତଗତିରେ ଆସି ଅନ୍ଧାର ବାଉତି ଠାକୁରାଣୀଙ୍କ ନିକଟରେ ଜଣେ କୁନ୍ତଳାକୁ ଧରିଥିବା ବେଳେ ଅନ୍ୟ ଜଣେ ତାଙ୍କ ବେକରୁ ସୁନାହାରକୁ ଛଡାଇ ନେଇଥିଲେ। କାନଫୁଲ ନେବାକୁ ବିଳମ୍ବ ହେବ ଭାବି ଷ୍ଟାର୍ଟ ଅବସ୍ଥାରେ ଥିବା ବାଇକ୍‌ରେ ବସି ଘଟଣାସ୍ଥଳରୁ ସମସ୍ତେ ଗଞ୍ଜାମ ଅଭିମୁଖେ ଚମ୍ପଟ୍ ମାରିଥିଲେ। ୩ ଜଣଯାକ ଦୁର୍ବୃତ୍ତ ହେଲମେଟ ପିନ୍ଧି ଥିବାରୁ ସେମାନଙ୍କୁ ଚିହ୍ନିବା ସହଜ ହୋଇନଥିଲା। ଏନେଇ ସୋମବାର ଅପରାହ୍ନରେ କୁନ୍ତଳା ପ୍ରଧାନ ଓଡ଼ଗାଁ ଥାନାରେ ଏକ ଲିଖିତ ଅଭିଯୋଗ କରିବା ପରେ ଓଡ଼ଗାଁ ପୁଲିସ ତଦନ୍ତ ଆରମ୍ଭ କରିଥିବା ଜଣାପଡିଛି।

● କଂସାରି ସମାଜ କେନ୍ଦ୍ରାଞ୍ଚଳ ଶାଖା ଅଧିବେଶନ

# ନୂତନ କର୍ମକର୍ତ୍ତା ଚୟନ; ଜୁବୁଲି କରିବା ନିଷ୍ପତ୍ତି




କଣ୍ଟିଲୋ,୧୦।୧୧(ସମିସ): ସମ୍ପ୍ରତି ଦୀର୍ଘ ୫ ବର୍ଷ ହେଲା କଂସାରି ସମାଜ କେନ୍ଦ୍ରାଞ୍ଚଳ ଶାଖା ବନ୍ଦ ହୋଇ ଯାଇଥିବା ବାର୍ଷିକ ମହାସଭା କଣ୍ଟିଲୋ ମେଡିକାଲ ଛକ ନିକଟସ୍ଥ ନଡ଼ିଆ ପୋଖରୀ ପାଖରେ ଥିବା ସଭା ଗୃହରେ ଅନୁଷ୍ଠିତ ହୋଇଯାଇଛି। ନୂତନ କର୍ମକର୍ତ୍ତା, ଉପଦେଷ୍ଟା କମିଟି, ପରିଚାଳନା କମିଟି ଓ ସମୀକ୍ଷକ ଚୟନ ହୋଇଛନ୍ତି। କଣ୍ଟିଲୋ ମେଡିକାଲ ଛକ ନିକଟସ୍ଥ ନଡ଼ିଆ ପୋଖରୀ ପାଖ ସଭା ଗୃହରେ କେନ୍ଦ୍ରାଞ୍ଚଳ ଶାଖାର ସଭାପତି ଚତୁର୍ଭୁଜ ମହାରଣାଙ୍କ ସଭାପତିତ୍ୱରେ ୫୦ତମ ବାର୍ଷିକ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ଏହି ମହାସଭାରେ ସମାଜର ମୋଟ ୪୫ ଥାନ ମଧ୍ୟରୁ ୩୭ ଥାନର ଥାନପତି, ଥାନ ଗୋସାଇଁ, କର୍ମକର୍ତ୍ତା, ପୂର୍ବତନ କର୍ମକର୍ତ୍ତା ଓ ନିମନ୍ତ୍ରିତ ଅତିଥି ମୋଟରେ ଶତାଧିକ ଜାତିଭାଇ ଯୋଗ ଦେଇ ଜାତି ସଂଗଠନ, ଅନୁଷ୍ଠାନ ମଜଭୁତ, କାରିଗରଙ୍କ ଭବିଷ୍ୟତ ଓ ଗୋଲ୍ଡେନ ଜୁବୁଲି କରିବା ପାଇଁ ଗଠନ ମୂଳକ ପ୍ରସ୍ତାବ ମାନ ଦେଇଥିଲେ। ସଭାପତି ଭାବେ ଅଖିଳ କୁମାର ମହାରଣା, ଉପସଭାପତି ମୃତ୍ୟୁଞ୍ଜୟ ସାହୁ, ସମ୍ପାଦକ ଶରତ ଚନ୍ଦ୍ର ମହାରଣା, ସହ ସମ୍ପାଦକ ବୈକୁଣ୍ଠ ନାଥ ସାହୁ, କୋଷାଧ୍ୟକ୍ଷ ଅଶୋକ କୁମାର ମହାରଣା, ଉପଦେଷ୍ଟା ଭାବେ ଚତୁର୍ଭୁଜ ମହାରଣା, ଦଣ୍ଡପାଣି ସାହୁ, ଅନାଦି ଚରଣ ସାହୁ ଓ ଶ୍ରୀପତି ମହାରଣା ଚୟନ ହୋଇଥିବା ବେଳେ ସମୀକ୍ଷକ ଭାବେ ପ୍ରସନ୍ନ କୁମାର ସାହୁ ଓ ରାଜ କିଶୋର ସାହୁ। ପରିଚାଳନା କମିଟି ସଦସ୍ୟ ଭାବେ ଭିକାରୀ ଚରଣ ସାହୁ, ଦୁର୍ଯ୍ୟୋଧନ ମହାରଣା, ଶୁଭ୍ରାଂଶୁ ମହାରଣା, କାଳନ୍ଦୀ ମହାରଣା, ଯତୀନ୍ଦ୍ର ମହାରଣା, ପ୍ରଭାତ କୁମାର ସାହୁ, ପବିତ୍ର ମହାରଣା (ବୁଢା), ବିଜୟ କୁମାର ସାହୁ ଓ ରାଜେଶ୍ ଦାସ ପ୍ରଭୃତି ଆସନ୍ତା ଦୁଇ ବର୍ଷ ପାଇଁ ଚୟନ ହୋଇଛନ୍ତି।

■ ପ୍ରଧାନଶିକ୍ଷକ ନିଲମ୍ବନ ଘଟଣା

# ୮ ଦିନ ପରେ ବି ପ୍ରତ୍ୟାହାର ହେଲାନି ନିର୍ଦ୍ଦେଶ

ଓଡ଼ଗାଁ,୧୦।୧୧(ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକ ମଶାବାରି ସରକାରୀ ଉଚ୍ଚବିଦ୍ୟାଳୟ ପ୍ରଧାନ ଶିକ୍ଷକ ଭାବଗ୍ରାହୀ ମହାପାତ୍ରଙ୍କ ନିଲମ୍ବନ ଆଦେଶକୁ ୪୮ ଘଣ୍ଟା ମଧ୍ୟରେ ପ୍ରତ୍ୟାହାର କରିବାକୁ ପ୍ରତିଶ୍ରୁତି ମିଳିଥିଲା। ଏହାକୁ ୮ ଦିନ ବିତିଯାଇଥିଲେ ମଧ୍ୟ ନିଲମ୍ବନ ଆଦେଶ ପ୍ରତ୍ୟାହାର ହୋଇନାହିଁ। ଗତ ୬ ତାରିଖରେ ଓଡ଼ଗାଁ ବ୍ଲକ ଗସ୍ତ ସମୟରେ ଗ୍ରାମବାସୀ ଜିଲ୍ଲାପାଳଙ୍କୁ ଭେଟି ପ୍ରଧାନଶିକ୍ଷକଙ୍କ ପୁନଃ ନିଯୁକ୍ତି ପାଇଁ ଜଣାଇଥିଲେ। ଏନେଇ ଗ୍ରାମବାସୀଙ୍କ ତରଫରୁ ଓଡ଼ଗାଁ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ପହଞ୍ଚି ପୁନଃ ଅଭିଯୋଗ କରିଛନ୍ତି। ସୂଚନାଯୋଗ୍ୟ ଯେ ପ୍ରଧାନ ଶିକ୍ଷକ ଭାବଗ୍ରାହୀ ମହାପାତ୍ର ଛାତ୍ରଛାତ୍ରୀ, ସ୍କୁଲ କମିଟି ସଦସ୍ୟ ଏବଂ ଅଭିଭାବକଙ୍କ ସହିତ ଗତ ଦୀପାବଳି ଅମାବାସ୍ୟା ସନ୍ଧ୍ୟାରେ ବିଦ୍ୟାଳୟ ପରିସରରେ ପ୍ରଦୀପ ପ୍ରଜ୍ୱଳନ ଉତ୍ସବ ପାଳନ କରିଥିଲେ। ଏ ନେଇ ଅଭିଯୋଗ ହେବା ପରେ ପ୍ରଧାନ ଶିକ୍ଷକଙ୍କୁ ନିଲମ୍ବନ କରାଯାଇଥିଲା। ନିଲମ୍ବିତ ପ୍ରଧାନ ଶିକ୍ଷକ ଭାବଗ୍ରାହୀ ମହାପାତ୍ରଙ୍କ ପୁନଃ ନିଯୁକ୍ତି ଦାବିରେ ଗତ ୩ ତାରିଖରେ ବିଦ୍ୟାଳୟ ଫାଟକରେ ତାଲା ପକାଇ ଛାତ୍ରଛାତ୍ରୀ ଓ ଅଭିଭାବକ ଓଡ଼ଗାଁ-ବାହାଡ଼ାଝୋଲା ରାସ୍ତାର ଫାଟକ ସାମ୍ନାରେ ସକାଳ ୧୦ଟାରୁ ଧାରଣାରେ ବସିଥିଲେ। ଖବରପାଇ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ରାଜକିଶୋର ସାହୁ ଓ ଅନ୍ୟମାନେ ପହଞ୍ଚି ଅଭିଭାବକ ମାନଙ୍କୁ ବୁଝାସୁଝା କରିଥିଲେ। ତେବେ ସେମାନେ ଧାରଣାରୁ ଉଠିବାକୁ ମନା କରିବାରୁ ଦାବି ଅନୁସାରେ ୪୮ ଘଣ୍ଟା ମଧ୍ୟରେ ପ୍ରଧାନ ଶିକ୍ଷକ ଭାବଗ୍ରାହୀ ମହାପାତ୍ରଙ୍କ ପୁନଃ ନିଯୁକ୍ତି ପାଇଁ ବ୍ଲକ ଅତିରିକ୍ତ ଶିକ୍ଷା ଅଧିକାରୀ ରାଜକିଶୋର ସାହୁ ଲିଖିତ ପ୍ରତିଶ୍ରୁତି ଦେଇଥିଲେ।

# ସରସ୍ୱତୀ ଶିଶୁ ମନ୍ଦିର ବାର୍ଷିକ ଉତ୍ସବ

ନୟାଗଡ଼,୧୦।୧୧(ସମିସ): ନୂଆଗାଁ ବ୍ଲକ ମାଳିସାହି ସରସ୍ୱତୀ ଶିଶୁମନ୍ଦିରର ତ୍ରୟୋବିଂଶ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ବିଦ୍ୟାମନ୍ଦିର ପ୍ରଧାନଆଚାର୍ଯ୍ୟ ମନୋରଞ୍ଜନ ପଣ୍ଡା ସଭାପତିତ୍ୱ କରିବା ସହିତ ସ୍ୱାଗତ ଅଭିଭାଷଣ ଏବଂ ବାର୍ଷିକ ବିବରଣୀ ପାଠ କରିଥିଲେ। ଶିଶୁମାନେ ଭବିଷ୍ୟତରେ ଭଲମଣିଷ ହୋଇ ସମୃଦ୍ଧ ଦେଶ ଗଠନରେ ସହାୟକ ହେବାକୁ ଅଭିଭାବକମାନେ ଯତ୍ନଶୀଳ ହେବା ଆବଶ୍ୟକ ବୋଲି ପରାମର୍ଶ ଦେଇଥିଲେ। ମୁଖ୍ୟଅତିଥି ଭାବେ ନୟାଗଡ଼ ଉପଖଣ୍ଡ ଆରକ୍ଷୀ ଅଧିକାରୀ ଜ୍ୟୋତିରଞ୍ଜନ ସାମନ୍ତରାୟ, ମୁଖ୍ୟବକ୍ତା ଭାବେ ବିଶିଷ୍ଟ ଶିକ୍ଷାବିତ୍ ଅଶୋକ କୁମାର ନାୟକ, ସମ୍ମାନିତ ଅତିଥି ଭାବେ ଓଟିଭି ଉପସ୍ଥାପକ ତଥା ସାମ୍ବାଦିକ ଜୟେନ୍ଦ୍ର ବେହେରା ଯୋଗ ଦେଇଥିଲେ। ପରିଚାଳନା ସମିତିର କୋଷାଧ୍ୟକ୍ଷ ତ୍ରିନାଥ ମହାପାତ୍ର ଶିଶୁମନ୍ଦିରର ଶିଶୁଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ ସଫଳତା ଲାଭ କରିଥିବା କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବା ସହ ଶିଶୁଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଗୁରୁମାମାନଙ୍କ ସକ୍ରିୟ ସହଯୋଗ ଏବଂ ଅଭିଭାବକମାନଙ୍କର ଅନୁଷ୍ଠାନ ପ୍ରତି ଥିବା ସ୍ନେହ, ସଦ୍‌ଇଚ୍ଛା ହେତୁ କାର୍ଯ୍ୟକ୍ରମ ସଫଳ ହୋଇଥିବାରୁ ପ୍ରଧାନଆଚାର୍ଯ୍ୟ ଅନୁଷ୍ଠାନ ତରଫରୁ ଧନ୍ୟବାଦ ଜ୍ଞାପନ କରିଛନ୍ତି।

# କୁରାଳରେ ବିଦ୍ୟୁତ୍ ଆଘାତରେ ଜଣେ ମୃତ

ଓଡ଼ଗାଁ,୧୦।୧୧(ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ଥାନା କୁରାଳ ଗାଁର କାଳୁ ଚରଣ ଚୌଧୁରୀ(୫୫)ଙ୍କ ସୋମବାର ସକାଳେ ବିଦ୍ୟୁତ୍ ଆଘାତରେ ମୃତ୍ୟୁ ଘଟିଛି ଏନେଇ ତାଙ୍କ ଝିଅ ଜ୍ୟୋତ୍ସ୍ନାମୟୀ ଚୌଧୁରୀ ଓଡ଼ଗାଁ ଥାନାରେ ଅଭିଯୋଗ କରିଥିବା ବେଳେ ପୁଲିସ ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ଜବତ କରିଥିଲେ। ଓଡ଼ଗାଁ ଡାକ୍ତରଖାନାରେ କାଳୁଙ୍କ ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ସୂଚନା ଅନୁସାରେ ସୋମବାର ଦିନ ପ୍ରାୟ ୧୧ଟା ବେଳେ ଜଣେ ଅର୍ଦ୍ଧ କପାଳି ରୋଗୀ ଆସି ଔଷଧ ନେବା ନିମନ୍ତେ କାଳୁ ଚୌଧୁରୀଙ୍କ ଘରେ ଡାକିଥିଲା। କେହି ନ ଶୁଣିବାରୁ ପୁଣି ଘଣ୍ଟାଏ ପରେ ଆସି ଡାକିଥିଲା। ନିକଟରେ ଥିବା ପିଲାଙ୍କୁ ଡାକିବାକୁ କହିବାରୁ ସେମାନେ ଡାକିଲେ। କେହି ନ ଶୁଣିବାରୁ ଝରକା କବାଟ ଠେଲି ଖୋଲିବାରୁ କାଳୁ ତଳ ପଡ଼ିଥିବା ଦେଖି ପଛପଟୁ ଘରେ ପଶିଥିଲେ। ରସ ବାଲଟିରେ ପଡ଼ିଥିବା ୱାଟର ହିଟର ଯୋଗୁଁ ବାଲଟି ତରଳି ଯାଇ ଲୋଟା ହୋଇଯାଇଥିଲା। ବାଲଟିକୁ ୨ ଇଞ୍ଚ ଛାଡ଼ି କାଳୁଙ୍କ ମୃତ ଶରୀର ପଡ଼ିଥିବା ଦେଖିବାକୁ ମିଳିଥିଲା। ଗାଁ ଯୁବକଙ୍କ ଠାରୁ ଖବର ପାଇ ନୟାଗଡ଼ ନିକଟ ଶାଶୁ ଘରୁ ଝିଅ ଆସି ଅପରାହ୍ନ ୨ଟା ବେଳେ ବାପ ଘରେ ପହଞ୍ଚି କାଳୁଙ୍କୁ ସଙ୍ଗେ ସଙ୍ଗେ ଓଡ଼ଗାଁ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ଆନୁଷ୍ଠାନିକ ଭାବେ ମୃତ ଘୋଷଣା କରିଥିଲେ। ଖୋର୍ଦ୍ଧାରେ ପାଠ ପଢ଼ିବାକୁ ଯାଇଥିବା ପୁଅ ଓଡ଼ଗାଁରେ ପହଞ୍ଚିବା ପରେ ଶବ ବ୍ୟବଚ୍ଛେଦ କରାଯାଇଥିଲା।

**ଶିକ୍ଷକଙ୍କ ଉପରେ ଶିଶୁ ବାଟିକା ଚାପ**

# ପ୍ରଧାନଶିକ୍ଷକ ସାଜିଛନ୍ତି ଶିଶୁ ସେବିକା

ଗଣିଆ,୧୦।୧୧(ସମିସ)



ଜାତୀୟ ଶିକ୍ଷା ନୀତି -୨୦୨୦ ଆଧାରରେ ଚଳିତ ଶିକ୍ଷାବର୍ଷରୁ ପ୍ରାଥମିକ ବିଦ୍ୟାଳୟରେ ଶିଶୁବାଟିକା ଖୋଲିଛନ୍ତି ଗଣଶିକ୍ଷା ବିଭାଗ। ଅଙ୍ଗନବାଡ଼ିରେ ଦୁଇବର୍ଷ ପାଠ ପଢିଥିବା ପିଲାମାନେ ଏବେ ସ୍କୁଲ ଆସୁଛନ୍ତି। ଶିଶୁ ବାଟିକାରେ ଶିଶୁ ସେବିକା ନିଯୁକ୍ତି କରିବାକୁ ନିଯୁକ୍ତି ନିୟମାବଳୀ ଜାରି କରି ବିଭାଗ ଚୁପ୍ ବସିଛି। ନିୟମାବଳୀ ଜାରି କରିବାକୁ ଅଢ଼େଇ ମାସରୁ ଅଧିକ ସମୟ ବିତି ଯାଇଥିଲେ ମଧ୍ୟ ସରକାରୀ ବିଦ୍ୟାଳୟ ଗୁଡିକରେ ଶିଶୁ ସେବିକା ନିୟୋଜିତ ହୋଇପାରିନାହାନ୍ତି। ଯାହା ଫଳରେ ପ୍ରାଥମିକ ଶିକ୍ଷକ ମାନଙ୍କ ଉପରେ ଶିଶୁ ସେବିକାର ବୋଝ ଲଦି ହୋଇରହିଛି। ପିଲାଙ୍କୁ ପାଠ ପଢ଼ାଇବେ ନା ଶିଶୁ ସେବିକାଙ୍କ ସେବା କରିବେ ସେ ନେଇ ଅତିଷ୍ଠ ହୋଇଗଲେଣି ଶିକ୍ଷକ ମାନେ। ଗଣିଆ ବ୍ଲକରେ ୫୧ଟି ପ୍ରାଥମିକ ଏବଂ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଥିବା ବେଳେ ସେଥିମଧ୍ୟରୁ ୨୪ଟି ପ୍ରାଥମିକ ବିଦ୍ୟାଳୟ ରହିଥିବା ଜଣାପଡିଛି। ତେବେ ଉକ୍ତ ବିଦ୍ୟାଳୟ ମଧ୍ୟରେ ଶିଶୁ ବାଟିକା ଖୋଲାଥିବା ବିଦ୍ୟାଳୟରେ ଅବ୍ୟବସ୍ଥା ଦେଖିବାକୁ ମିଳିଛି। ଶିଶୁ ବାଟିକାକୁ ଆସୁଥିବା ଛୋଟ ଛୋଟ ପିଲାମାନଙ୍କ ଦାୟିତ୍ୱ ନେବା ପାଇଁ ସେବିକା ନଥିବାରୁ ସେମାନେ ଝାଡା ଫେରିବା ଠାରୁ ଆରମ୍ଭ କରି ଖାଇବା ପର୍ଯ୍ୟନ୍ତ ସବୁ କାର୍ଯ୍ୟରେ ଅସୁବିଧା ହେଉଛି। ଶିଶୁ ବାଟିକାରେ ପାଠ ପଢୁଥିବା ଛାତ୍ରଛାତ୍ରୀ ଯେପରି ବାହାରେ ବୁଲାବୁଲି କରିବେନି, କାନ୍ଦିଲେ କିମ୍ବା ଅଝଟ ହେଲେ ଶାନ୍ତ କରିବା, ଶ୍ରେଣୀ ଗୃହରେ ସୁରକ୍ଷିତ ରହିବେ, ଶୌଚାଳୟକୁ ଗଲେ ସାଙ୍ଗରେ ଯିବା, ମାଡ଼ଗାଳି ଦେବା ନାହିଁ, ଅସୁସ୍ଥ ହେଲେ ବିଦ୍ୟାଳୟ ମୁଖ୍ୟଙ୍କୁ ଜଣାଇବା ଆଦି କାର୍ଯ୍ୟ ଶିଶୁ ସେବିକା ମାନଙ୍କର ବୋଲି ମାର୍ଗ ଦର୍ଶିକାରେ ଲେଖାଥିବା ବେଳେ ତାହା କେବେ କାର୍ଯ୍ୟକାରୀ ହେବ ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଶିଶୁ ସେବିକା ନିଯୁକ୍ତି ନହେବା ଫଳରେ ଶିକ୍ଷକ ମାନେ ସେବିକା କାର୍ଯ୍ୟ ତୁଲାଉଥିବା ବେଳେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପିଲାଙ୍କ ପାଠ ପଢାରେ ବିଳମ୍ବ ଘଟୁଛି। ଏପରିକି ଅନେକ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ଅଭାବ ଥିବା ବେଳେ ପ୍ରଧାନଶିକ୍ଷକ ଏବେ ଶିଶୁ ସେବିକା ପାଲଟିଥିବା ଦେଖିବାକୁ ମିଳିଛି। ତେବେ ସରକାର ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

# ତ୍ରିନାଥ ମନ୍ଦିରର ବାର୍ଷିକ ଉତ୍ସବ

ଗଣିଆ,୧୦।୧୧(ସମିସ): ଗଣିଆ ପାଟଣାସାହି ପରିସରରେ ଥିବା ତ୍ରିନାଥ ଦେବଙ୍କ ୩୫ ତମ ବାର୍ଷିକ ଉତ୍ସବ ଦୁଇ ଦିନ ଧରି ପାଳିତ ହୋଇଯାଇଛି। ସକାଳୁ ଠାକୁରଙ୍କ ପୂଜାର୍ଚ୍ଚନା ନୀତିକାନ୍ତି ପରେ ନୂତନ ବସ୍ତ୍ର ପରିଧାନ କରାଯାଇଥିଲା। ହୋମଯଜ୍ଞ କାର୍ଯ୍ୟ ସମାପନ ପରେ ମହିଳା ସଂକୀର୍ତ୍ତନ ଏବଂ ହନୁମାନ ଚାଳିଶା ପଠନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଦିନ ତମାମ ମହିଳା ସଂକୀର୍ତ୍ତନ ମଣ୍ଡଳୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଗଣିଆ ପାଟଣା ସାହିର ମନୋଜ କୁମାର ବେହେରା ନିଜ ଉଦ୍ୟମରେ ଏହି ମନ୍ଦିର ପ୍ରତିଷ୍ଠା କରିବା ସହିତ ପ୍ରତିବର୍ଷ ପ୍ରତିଷ୍ଠା ଉତ୍ସବ ପାଳନ କରୁଛନ୍ତି। ଗ୍ରାମବାସୀଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମ ଧୁମଧାମରେ ପାଳିତ ହୋଇଯାଇଛି। ତେବେ ଏହି ମନ୍ଦିରର ଉନ୍ନତି କରଣ ପାଇଁ କେହି ବି ଚେଷ୍ଟା କରୁନଥିବାରୁ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ଏକ ସ୍ଥାୟୀ ମନ୍ଦିର ନିର୍ମାଣ ପାଇଁ ଜନସାଧାରଣଙ୍କ ତରଫରୁ ଦାବି ହୋଇଆସୁଥିଲେ ମଧ୍ୟ ଏଥିପ୍ରତି କେହି ବି ଦୃଷ୍ଟି ଦେଉନାହାନ୍ତି।



# ଡିସେମ୍ବର ୧୮ରୁ ମହାବୀର କପ୍ ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟ

ଟାଙ୍ଗୀ,୧୦।୧୧(ସମିସ): ଟାଙ୍ଗୀ ବ୍ଲକ୍ ଅଧୀନସ୍ଥ କୁହୁଡ଼ି ମହାବୀର ଆଥ୍‌ଲେଟିକ୍ ଆସୋସିଏସନ୍ ପକ୍ଷରୁ କୁହୁଡ଼ି ଜନତା ଷ୍ଟାଡିୟମ୍‌ରେ ଡିସେମ୍ବର ୧୮ରୁ ୨୮ ତାରିଖ ପର୍ଯ୍ୟନ୍ତ ସର୍ବଭାରତୀୟ ମହାବୀର କପ୍ ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହେବ। ଏଥିପାଇଁ ଦ୍ୱିତୀୟ କାର୍ଯ୍ୟକାରୀ ବୈଠକ ରବିବାର ଆସୋସିଏସନ୍ ଗୃହରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବରିଷ୍ଠ ଆଇନଜୀବୀ ହୃଷୀକେଶ ପ୍ରଧାନ ସଭାପତିତ୍ୱ କରିଥିବାବେଳେ ଆସୋସିଏସନର ସମ୍ପାଦକ ମନୋଜ କୁମାର ମାନସିଂହ ସଭା ପରିଚାଳନା କରିଥିଲେ। ଏହି ବୈଠକରେ ଟୁର୍ଣ୍ଣାମେଣ୍ଟକୁ କିଭଳି ଶାନ୍ତିଶୃଙ୍ଖଳାର ସହିତ କରିବା, ସଭ୍ୟ ଚାନ୍ଦା ଆଦାୟ, ପଞ୍ଚାୟତସ୍ତରୀୟ ବୈଠକ, ସଭ୍ୟ ରେଜିଷ୍ଟ୍ରେସନ୍ ତଥା ବିଭିନ୍ନ ବିଷୟରେ ଆଲୋଚନା କରାଯାଇଥିଲା। ଉପସଭାପତି ରାଜକିଶୋର ବୈରିଗଞ୍ଜନ, ସହସମ୍ପାଦକ ରମେଶ ଚନ୍ଦ୍ର ନାଇଡୁ, କୋଷାଧ୍ୟକ୍ଷ ତ୍ରିନାଥ ପାତ୍ର, ଶ୍ରୀବତ୍ସ ପରିଡ଼ା, ପବିତ୍ର ମୋହନ ଭୂଜବଳ, ଦୀପକ ମହାନ୍ତି, ଜୟରାମ ବେହେରା, ଆନନ୍ଦ ରାଓ, ସଚ୍ଚିଦାନନ୍ଦ ପ୍ରଧାନ, ବିପିନ ଉଦୟସିଂହ, ହେମନ୍ତ ଜେନା, କେଦାର ପାତାଳସିଂହ, ବିଭୂତି ଚମ୍ପତି, ଚନ୍ଦ୍ରଶେଖର ଆଚାର୍ଯ୍ୟ, ଶ୍ୱେତ କୁମାର ମେକାପ, ସଞ୍ଜୟ ସ୍ୱାଇଁ, ଲକ୍ଷ୍ମଣ ପାତ୍ର, କାଳିଆ ନାୟକ, ବିଶ୍ୱଜିତ୍ ସାହୁ, କୋଟିରାମ ନାଇଡୁ, ଲକ୍ଷ୍ମୀଧର ଦଳାଇ ପ୍ରମୁଖ ଯୋଗଦେଇଥିଲେ।

## ନାଚୁଣୀ କଲେଜରେ ନୂତନ ଅଧ୍ୟକ୍ଷ

ଚିଲିକା,୧୦।୧୧(ସମିସ): ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶାନୁଯାୟୀ ନାଚୁଣୀ କଲେଜରେ ନୂତନ ଅଧ୍ୟକ୍ଷ ଭାବେ ଡ. ସୁନୀଲ କୁମାର ପଟ୍ଟନାୟକ ଯୋଗଦେଇଛନ୍ତି। ସେ କଲେଜର ଭାରପ୍ରାପ୍ତ ଅଧ୍ୟକ୍ଷା ସଂଘମିତ୍ରା ପଟ୍ଟନାୟକଙ୍କଠାରୁ ଦାୟିତ୍ୱ ଗ୍ରହଣ କରିଛନ୍ତି। ପୂର୍ବରୁ ସେ ଗଞ୍ଜାମ ଜିଲ୍ଲା ଖଲ୍ଲିକୋଟସ୍ଥ ରାମଚନ୍ଦ୍ର ମର୍ଦ୍ଦରାଜ ବିଜ୍ଞାନ ମହାବିଦ୍ୟାଳୟର ରସାୟନ ବିଭାଗ ପ୍ରାଧ୍ୟାପକ ଭାବେ କାର୍ଯ୍ୟ କରିଥିଲେ। ଅଧ୍ୟକ୍ଷ ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ କଲେଜର ଶିକ୍ଷାର ଉନ୍ନତି ଓ ଭିତ୍ତିଭୂମିର ଅଗ୍ରଗତି କରିବେ ବୋଲି କହିଛନ୍ତି।



ପ୍ରକାଶଥାଉ କି, ଉଚ୍ଚଶିକ୍ଷା ବିଭାଗର ଅପାରଗତା ଯୋଗୁଁ ୨୦୧୬ରୁ ୨୦୨୫ ପର୍ଯ୍ୟନ୍ତ (କେବଳ ୨୦୨୩ରେ ୧୦ ମାସ ଛାଡ଼ିଦେଲେ) ଦୀର୍ଘ ୯ ବର୍ଷ ଧରି ନାଚୁଣୀ କଲେଜରେ କେହି ସ୍ଥାୟୀ ଅଧ୍ୟକ୍ଷ ଭାବେ ନିଯୁକ୍ତି ପାଇ ନ ଥିଲେ। ୯ ବର୍ଷ ଧରି ୭ ଜଣ ଭାରପ୍ରାପ୍ତ ଅଧ୍ୟକ୍ଷଙ୍କ ଦ୍ୱାରା କଲେଜ ପରିଚାଳିତ ହେଉଥିଲା।

## ଧର୍ମପରାୟଣ ବ୍ୟକ୍ତିଙ୍କ ପରଲୋକ

ନିରାକାରପୁର,୧୦।୧୧(ସମିସ): ସାମ୍ବାଦିକ ସନ୍ଧ୍ୟାରାଣୀ ମିଶ୍ରଙ୍କ ବାପା ସଚ୍ଚିଦାନନ୍ଦ ତ୍ରିପାଠୀ (୮୭)ଙ୍କର ଚମ୍ପାଝର ଗ୍ରାମସ୍ଥିତ ନିଜସ୍ୱ ବାସଭବନରେ ପରଲୋକ ହୋଇଯାଇଛି। ସେ ଭୋର୍ ସମୟରେ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ପରିବାର ଲୋକେ ଚିକିତ୍ସା ପାଇଁ ନେଉଥିବା ସମୟରେ ତାଙ୍କର ମୃତ୍ୟୁ ହୋଇଛି। ତାଙ୍କର ତିନି ପୁଅ, ଦୁଇ ବୋହୂ, ତିନି ଝିଅ-ଜ୍ୱାଇଁ, ନାତି-ନାତୁଣୀ, ବନ୍ଧୁବାନ୍ଧବ ଓ ଗ୍ରାମବାସୀ ଉପସ୍ଥିତ ଥିଲେ। ସେ ଜଣେ ଶାନ୍ତ, ସରଳ, ଦରଦୀ ଓ ଧର୍ମପରାୟଣ ବ୍ୟକ୍ତି ଭାବରେ ଜଣାଶୁଣା ଥିଲେ। ପୁଅ ନୃସିଂହ ଚରଣ, ପୂର୍ଣ୍ଣଚନ୍ଦ୍ର ଓ ସୁରେଶ ମୁଖାଗ୍ନି ଦେବା ପରେ ଅନ୍ତ୍ୟେଷ୍ଟିକ୍ରିୟା ସମାପନ ହୋଇଥିଲା।



# ୩୧ ଗ୍ରାମ୍ ବ୍ରାଉନ୍‌ସୁଗର ଜବତ, ୨ ଗିରଫ

ଖୋର୍ଦ୍ଧା,୧୦।୧୧(ସମିସ)



ଜିଲ୍ଲାରେ ବ୍ରାଉନ୍‌ସୁଗର କାରବାର ବଢ଼ିଥିବାବେଳେ ଏଥିରେ ରୋକ୍ ଲଗାଇବାକୁ ପଣ କରିଛି ପୁଲିସ। ପୁଲିସର ସ୍ୱତନ୍ତ୍ର ଟିମ୍ ଓ ସ୍ଥାନୀୟ ଥାନା ପୁଲିସ ବିଭିନ୍ନ ସ୍ଥାନରେ ଚଢ଼ଉ କରି ପ୍ରତ୍ୟେକ ସମୟରେ ବ୍ରାଉନ୍‌ସୁଗର ବେପାରୀଙ୍କୁ ଗିରଫ କରୁଛନ୍ତି। ଏହି କ୍ରମରେ ସୋମବାର ଶିଳ୍ପାଞ୍ଚଳ ପୁଲିସ ସାମନ୍ତରାପୁର ଜରିପୋଖରୀ ନିକଟରୁ ଜଣେ ମହିଳା ବ୍ରାଉନ୍‌ସୁଗର ମାଫିଆଙ୍କଠାରୁ ମାଲ୍ ନେବାବେଳେ ଯୁବକଙ୍କ ସମେତ ଦୁଇଜଣଙ୍କୁ ଗିରଫ କରିଛି। ଗିରଫ ମହିଳା ବେପାରୀ ଖୋର୍ଦ୍ଧା ଆଦର୍ଶ ଥାନା ଅନ୍ତର୍ଗତ ସାମନ୍ତରାପୁର ଠେଙ୍ଗାହାଟର ସୁନିତା ବେହେରା (୩୭) ହୋଇଥିବାବେଳେ ମାଲ୍ ନେବାକୁ ଆସିଥିବା ଗ୍ରାହକ ହେଲେ ପୁରୀ ଜିଲ୍ଲା ଗଡ଼ିଶାଗଦା ଥାନା ଚନ୍ଦ୍ରମାପାଟପୁର ଆଲୋକ ସାହୁ(୩୬)। ସେମାନଙ୍କଠାରୁ ପୁଲିସ ୩୧ ଗ୍ରାମ୍ ଓଜନର ବ୍ରାଉନ୍‌ସୁଗର ସମେତ ଗୋଟିଏ ବାଇକ୍ ଓ ୨ଟି ମୋବାଇଲ୍ ଫୋନ୍‌କୁ ଜବତ କରିଛି। ଜବତ ବ୍ରାଉନ୍‌ସୁଗରର ମୂଲ୍ୟ ୩ ଲକ୍ଷ ୧୦ ହଜାର ହେବ ବୋଲି ଥାନାଧିକାରୀ ଉମେଶ ସାହୁ ସୂଚନା ଦେଇଛନ୍ତି। ଏନେଇ ପୁଲିସ ୨୬୬/୨୫ରେ ଏକ ମାମଲା ରୁଜୁ କରି ଗିରଫ ଦ୍ୱୟଙ୍କୁ କୋର୍ଟଚାଲାଣ କରିଛି।

ପୁଲିସ ସୂଚନା ଅନୁସାରେ, ସାମନ୍ତରାପୁର ଠେଙ୍ଗାହାଟର ସୁନିତା ଓ ତାଙ୍କ ପରିବାର ଲୋକେ ହେଉଛନ୍ତି ପେସାଦାର ବ୍ରାଉନ୍‌ସୁଗର ବେପାରୀ। ସୁନିତାଙ୍କ ପରିବାର ଉପରେ ପୁଲିସ ଓ ସ୍ୱତନ୍ତ୍ର ସ୍କ୍ୱାଡ୍‌ର ରହିଥିଲା ନଜର। ଗତ ଦୁଇମାସ ତଳେ ତାଙ୍କ ପୁଅ ସିଦ୍ଧାନ୍ତ ବେହେରା ଓରଫ ବାବୁକୁ ଶିଳ୍ପାଞ୍ଚଳ ପୁଲିସ ଗିରଫ କରିଥିଲା। ପୁଅର ଗିରଫ ପରେ ବି

### କେବେ ଫାଶରେ ପଡ଼ିବେ ଗୁଣ୍ଡିଚାନଗର ମହିଳା ବେପାରୀ !

ଥମି ନ ଥିଲା ବେପାର। ପୁଲିସ ଆଖିରେ ଧୂଳିଦେଇ ଗ୍ରାହକଙ୍କୁ ମାଲ୍ ଯୋଗାଇ ଆସୁଥିଲେ ସୁନିତା। ତେବେ ସୋମବାର ଅପରାହ୍ଣରେ ଜରିପୋଖରୀ ନିକଟରେ ମାଲ୍ ଦେବାକୁ ଡିଲ୍ ହୋଇଥିବା ବିଶେଷ ସୂତ୍ରରୁ ପୁଲିସ ଖବର ପାଇଥିଲା। ସେମାନଙ୍କୁ ଧରିବାକୁ ଏସ୍‌ପି ବିବେକାନନ୍ଦ ଶର୍ମାଙ୍କ ନେତୃତ୍ୱରେ ଏସ୍‌ଡିପିଓ ନିହାର ରଞ୍ଜନ ପ୍ରଧାନ ଓ ଥାନା ଅଧିକାରୀ ଉମେଶ ସାହୁଙ୍କ ତତ୍ତ୍ୱାବଧାନରେ ଏକ ଟିମ୍ ଗଠନ କରାଯାଇଥିଲା। ପୂର୍ବପ୍ରସ୍ତୁତି ଅନୁଯାୟୀ, ସୋମବାର ଅପରାହ୍ଣ ୩ଟାବେଳେ ସୁନିତା ଜରିପୋଖରୀ ନିକଟରେ ଆଲୋକ ଓ ଅନ୍ୟଜଣେ ଯୁବକକୁ ମାଲ୍ ଦେବାବେଳେ ଇନ୍‌ସପେକ୍ଟର ଭାଗ୍ୟଶ୍ରୀ ବେହେରାଙ୍କ ନେତୃତ୍ୱରେ ଏକ ଟିମ୍ ସେଠାରେ ଚଢ଼ଉ କରିଥିଲେ। ଚଢ଼ଉବେଳେ ପୁଲିସକୁ ଦେଖି ସୁନିତା ଓ ଯୁବକ ଦ୍ୱୟ ଖସିବାକୁ ଉଦ୍ୟମ କରିଥିଲେ ହେଁ ପୁଲିସ ସୁନିତା ଓ ଆଲୋକକୁ କାବୁ କରିଥିଲା। ଯାଞ୍ଚ ସମୟରେ ଆଲୋକଠାରୁ ୩୧ ଗ୍ରାମ୍ ବ୍ରାଉନ୍‌ସୁଗର, ଏକ ବାଇକ୍ ଓ ଗୋଟିଏ ମୋବାଇଲ୍ ଫୋନ୍ ଜବତ କରିଥିଲା। ସେହିପରି ସୁନିତାଙ୍କ ନିକଟରୁ ଗୋଟିଏ ମୋବାଇଲ୍ ଫୋନ୍ ପୁଲିସ ଜବତ କରିଛି। ତେବେ ସୁନିତା ନିଜ ପାଖରେ ବ୍ରାଉନ୍‌ସୁଗର ବିପୁଳ ପରିମାଣର ଷ୍ଟକ୍ ରଖି ପରେ ଏହାକୁ ସହର ଉପକଣ୍ଠ ଓ ଜିଲ୍ଲା ଉପକଣ୍ଠର ବେପାରୀଙ୍କୁ ଯୋଗାଇ ଆସୁଥିବା ପୁଲିସ ଆଗରେ ସ୍ୱୀକାର କରିଥିବା ଜଣାଯାଇଛି। ତେବେ ଏତେ ପରିମାଣର ବ୍ରାଉନ୍‌ସୁଗର ସୁନିତା କିପରି ରଖୁଥିଲା ଏବଂ କାହାଠାରୁ ଆଣୁଥିଲା ପୁଲିସ ତା'ର ଛାନ୍‌ଭିନ୍ ଆରମ୍ଭ କରିଥିବା ଜଣାଯାଇଛି। ସୁନିତାର ଲିଙ୍କ୍ ଖୋର୍ଦ୍ଧା ସହରର ବରୁଣେଇ ସାହି ଗୁଣ୍ଡିଚା ନଗରର ଜନୈକା ମହିଳାଙ୍କ ସହ ରହିଥିବାବେଳେ ଅନେକ ଯୁବ ବେପାରୀଙ୍କ ସହ ସମ୍ପର୍କ ଥିବା ଚର୍ଚ୍ଚା ହେଉଛି। ଗୁଣ୍ଡିଚା ନଗରର ଏହି ମହିଳାଙ୍କ ଘରକୁ ବିଳମ୍ବିତ ରାତିରେ ବହୁ ଯୁବକ ଆସୁଥିବାବେଳେ ସେମାନଙ୍କ ଗତିବିଧି ନିଶାଡ଼ିଙ୍କ ଭଳି ହୋଇଥିବା ସ୍ଥାନୀୟ ଲୋକେ ନିକଟରେ ଜିଲ୍ଲାପାଳଙ୍କୁ ମଧ୍ୟ ଅଭିଯୋଗ କରିଥିବା ନଜିର ରହିଛି।

ପ୍ରକାଶ ଥାଉକି, ଗତ ସେପ୍ଟେମ୍ବର ୮ରେ ଶିଳ୍ପାଞ୍ଚଳ ଥାନା ପୁଲିସ ସ୍ଥାନୀୟ ମଠସାହି ଜାଗେଶ୍ୱରୀ ମନ୍ଦିର ନିକଟରେ ବ୍ରାଉନ୍‌ସୁଗର କାରବାରବେଳେ ସୁନିତାର ପୁଅ ଠେଙ୍ଗାହାଟର ସିଦ୍ଧାନ୍ତ ବେହେରା ଓରଫ ବାବୁ (୨୦) ସମେତ ଅନ୍ୟ ଦୁଇଜଣଙ୍କୁ ଗିରଫ କରିଥିଲା। ସେମାନଙ୍କଠାରୁ ପୁଲିସ ୪୨.୨୧ ଗ୍ରାମ୍ ବ୍ରାଉନ୍‌ସୁଗର ସମେତ ନଗଦ ସାଢ଼େ ୪ହଜାର ଟଙ୍କା, ଦୁଇଟି ମୋବାଇଲ୍ ଫୋନ୍ ଏବଂ ଆକ୍ଟିଭା ସ୍କୁଟିକୁ ପୁଲିସ ଜବତ କରିଥିଲା।

# ଦିନକ ପରେ ପ୍ରଥମାଷ୍ଟମୀ | ହଳଦୀ ପତ୍ରରେ ମହକୁଛି ଖୋର୍ଦ୍ଧା ସହର

ଖୋର୍ଦ୍ଧା,୧୦।୧୧(ସମିସ): ବୁଧବାର ହେଉଛି ପ୍ରଥମାଷ୍ଟମୀ। ଏହା ଘରେ ଘରେ ପାଳନ ହେବା ସହ ପିଠାପଣା ପ୍ରଭୃତିରେ ଘର ମହକି ଉଠିବ। ଖାସ୍ କରି ଏଣ୍ଡୁରି ପିଠା ଏହି ପର୍ବରେ କରାଯାଇଥାଏ। ଏହା ସାଧାରଣତଃ ହଳଦୀ ପତ୍ରରେ ତିଆରି କରାଯାଇଥାଏ। ସେଥିପାଇଁ ବଜାରରେ ହଳଦୀ ପତ୍ରର ପସରା ସବୁଠି ଖୋଲିଲାଣି। କାର୍ତ୍ତିକ ମାସରେ ହଳଦୀ ଚାଷ କରାଯାଏ ଏବଂ ମାର୍ଗଶିର ମାସ ହେଉଛି ହଳଦୀ ପତ୍ର ଅମଳର ସମୟ। ଖୋର୍ଦ୍ଧା ସହରର ରାସ୍ତାକଡ଼ରେ ଦେଖିବାକୁ ମିଳୁଛି ହଳଦୀ ପତ୍ରର ପସରା। ବିଶେଷକରି ସମବାୟ ବ୍ୟାଙ୍କ ଛକଠାରୁ ଆରମ୍ଭ କରି ପୋଷ୍ଟ ଅଫିସ୍ ଛକ, ନୟାଗଡ଼ ରୋଡ୍, ମେଡିକାଲ ରୋଡ୍, ପୁରୁଣା ଟ୍ରାଫିକ୍ ଛକ, କୋର୍ଟ ଛକ, ଫରେଷ୍ଟ କଲୋନୀ ରାସ୍ତାପାଶ୍ୱର୍, ନୂଆ ବସ୍‌ଷ୍ଟାଣ୍ଡଠାରୁ ଆରମ୍ଭ କରି ପଲ୍ଲାହାଟ ଛକ ଏବଂ କଣ୍ଟାଛକଠାରେ ହଳଦୀ ପତ୍ର ବିକ୍ରି ହେଲାଣି। ବିଡ଼ା ପ୍ରତି ହଳଦୀ ପତ୍ରର ଦାମ୍ ରହିଛି ୧୦ରୁ ୧୫ ଟଙ୍କା। ବଜାରକୁ ଗତ ୪ଦିନ ହେଲା ହଳଦୀ ପତ୍ର ବିକ୍ରି ପାଇଁ ଆସିଲାଣି। କିନ୍ତୁ କିଣିବା ପାଇଁ ଦୁଇଦିନ ହେଲା ଗ୍ରାହକଙ୍କ ଭିଡ଼ ଲାଗୁଛି। ବ୍ୟବସାୟୀଙ୍କ କହିବାନୁଯାୟୀ, ସେମାନେ ଉପକଣ୍ଠ ଗାଁଗୁଡ଼ିକରୁ ହଳଦୀ ପତ୍ର ଆଣି ଏଠାରେ ବିକ୍ରି କରୁଛନ୍ତି। ଯେତିକି ହଳଦୀ ପତ୍ର ଆସିଥିଲା ତାହା ପ୍ରାୟ ସରିଆସିଲାଣି। ପୂର୍ବ ବର୍ଷଗୁଡ଼ିକରେ ପ୍ରଥମାଷ୍ଟମୀ ଦୁଇ ତିନି ଦିନ ପୂର୍ବରୁ ହଳଦୀ ପତ୍ର ଦାମ୍ ଯାହା ଥିଲା ଏବର୍ଷ ମଧ୍ୟ ସେତିକି ରହିଛି। କିନ୍ତୁ ପୂର୍ବ ବର୍ଷମାନଙ୍କର ସ୍ଥିତିକୁ ଦେଖିଲେ ପ୍ରଥମାଷ୍ଟମୀ ପୂର୍ବ ଦିନ ହିଁ ହଳଦୀ ପତ୍ର ଦାମ୍ ହଠାତ୍ ବୃଦ୍ଧି ପାଇଥାଏ। ଏମିତିକି ଗତବର୍ଷ ମଧ୍ୟ ପ୍ରଥମାଷ୍ଟମୀ ପୂର୍ବଦିନ ବିଡ଼ା ୧୫ ଟଙ୍କାରେ ବିକ୍ରି ହୋଇଥିଲା। ଚଳିତ ବର୍ଷ କିନ୍ତୁ ହଳଦୀ ପତ୍ର ବିଡ଼ାର ଦର ଠିକ୍ ରହିଛି ବୋଲି କହିଛନ୍ତି କୁଣ୍ଡିଲୋର ବ୍ୟବସାୟୀ ସନ୍ତୋଷ ସାହୁ। ଏଥିସହିତ କେତେକ କ୍ଷେତ୍ରରେ ପ୍ରଥମାଷ୍ଟମୀ ପରଦିନ ମଧ୍ୟ ହଳଦୀ ପତ୍ର ବିକ୍ରି ହୋଇଥାଏ। ଗ୍ରାହକ ମଧୁସ୍ମିତା ରଥଙ୍କ କହିବାନୁଯାୟୀ ସେ ବହୁ ହଳଦୀ ପତ୍ର କ୍ରୟ କରିଛନ୍ତି। ଏମିତିକି ଅଷ୍ଟମୀ ଯିବାର ସପ୍ତାହେ ପର୍ଯ୍ୟନ୍ତ ଘରେ ହଳଦୀ ପତ୍ର ପିଠା କରି ଖାଇବେ।



# ● ଜାତୀୟସ୍ତରୀୟ ଭଲିବଲ୍ ପ୍ରତିଯୋଗିତା
## ବାଣପୁରର ଶିବପ୍ରସାଦ ମନୋନୀତ

ବାଣପୁର,୧୦।୧୧(ସମିସ): ବାଣପୁର ବ୍ଲକ୍ ପୁଞ୍ଜିଆମା ଶାସନ ଗ୍ରାମର ସନ୍ତୋଷ କୁମାର ହୋତା ଓ ସୁମିତ୍ରା ହୋତାଙ୍କ ଏକମାତ୍ର ପୁଅ ତଥା ବାଣପୁର ସରସ୍ୱତୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ର ଶିବପ୍ରସାଦ ହୋତା ବର୍ତ୍ତମାନ ୧୯ ବର୍ଷରୁ କମ୍ ଜାତୀୟସ୍ତରୀୟ ଭଲିବଲ୍ ପ୍ରତିଯୋଗିତା ପାଇଁ ମନୋନୀତ ହୋଇ ଓଡ଼ିଶା ଦଳରେ ସାମିଲ୍ ହୋଇଛନ୍ତି। ସୋମବାର ଓଡ଼ିଶା ଦଳ ତରଫରୁ ଶିବପ୍ରସାଦ ମଧ୍ୟପ୍ରଦେଶ ଯାତ୍ରା କରିଛନ୍ତି। ପିଲାଟି ଦିନରୁ କ୍ରୀଡ଼ା ପ୍ରତି ରୁଚି ରଖିଥିବା ଶିବପ୍ରସାଦ ନିଜର କଠିନ ପରିଶ୍ରମ ବଳରେ ବାରିପଦାଠାରେ ଅନୁଷ୍ଠିତ ୧୯ ବର୍ଷରୁ କମ୍ ଭଲିବଲ୍ ପ୍ରତିଯୋଗିତାର ସିଲେକ୍ସନ ଟ୍ରାଏଲ୍‌ରେ ଉଚ୍ଚମାନର ଖେଳ ପ୍ରଦର୍ଶନ କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରି ଓଡ଼ିଶା ଦଳରେ ୧୨ ଜଣ ଖେଳାଳିଙ୍କ ମଧ୍ୟରେ ନିଜର ସ୍ଥାନ ସୁରକ୍ଷିତ ରଖିପାରିଥିଲେ। ଏଥିପାଇଁ ନିଜର କୋଚ୍ ଓ କ୍ରୀଡ଼ା ଶିକ୍ଷୟିତ୍ରୀ କଳ୍ପଶ୍ରୀ ପ୍ରଧାନଙ୍କୁ ଏହାର ଶ୍ରେୟ ଦେବା ସହ ବିଦ୍ୟାଳୟର ପ୍ରଧାନ ଗୁରୁଜୀ ଅବିନାଶ ପଟ୍ଟନାୟକ, ଅଧ୍ୟକ୍ଷ ଜ୍ୟୋତିର୍ମୟ ତ୍ରିପାଠୀଙ୍କ ସମେତ ବିଦ୍ୟାମନ୍ଦିରର ସମସ୍ତ ଗୁରୁଜୀ ଗୁରୁମା'ଙ୍କୁ ଏହି ସଫଳତା ପାଇଁ କୃତଜ୍ଞତା ଜ୍ଞାପନ କରିଛନ୍ତି। ତତ୍‌ସହିତ ସମସ୍ତଙ୍କ ଅତୁଟ ସମର୍ଥନ ଓ ସହଯୋଗ ପାଇଁ ସମସ୍ତଙ୍କ ନିକଟରେ ଋଣି ବୋଲି ଶିବପ୍ରସାଦ କହିଛନ୍ତି। ଏହି ଖବର ପ୍ରସାର ହେବାରେ ଶିବପ୍ରସାଦଙ୍କ ନିକଟକୁ ଶୁଭେଚ୍ଛା ବାର୍ତ୍ତାର ସୁଅ ଛୁଟିଛି।



# ଜିଲ୍ଲାରେ ଧିମେଇଛି 'ମନରେଗା' ଯୋଜନା | ଶ୍ରମିକଙ୍କୁ ମିଳୁନି ୧୦୦ ଦିନର କାମ

ନିରାକାରପୁର,୧୦।୧୧(ସମିସ): ମହାତ୍ମା ଗାନ୍ଧୀ ଜାତୀୟଗ୍ରାମୀଣକର୍ମନିଯୁକ୍ତି(ମନରେଗା) ଯୋଜନାରେ ଗାଁରେ ରହୁଥିବା ଜବ୍ କାର୍ଡଧାରୀମାନେ ବର୍ଷକୁ ୧୦୦ ଦିନ କାର୍ଯ୍ୟ କରିବାର ସୁବିଧା ଅଛି। ଦାଦନ ବିରୋଧରେ ବା ଦାଦନକୁ ହଟାଇବା ଉଦ୍ଦେଶ୍ୟରେ ଏହା କାର୍ଯ୍ୟକାରୀ ହୋଇଥିଲା। ଖୋର୍ଦ୍ଧା ଜିଲ୍ଲାର ସମସ୍ତ ଲୋକ କୃଷି ଏବଂ ଦୈନିକ ମଜୁରୀ ଉପରେ ନିର୍ଭର କରନ୍ତି। ଗ୍ରାମରେ ରହୁଥିବା ଲୋକେ କୁଆଡ଼େ ନ ଯାଇ ଜବ୍‌କାର୍ଡଟିଏ ଥିଲେ ନିଜ ଗାଁ ପୋଖରୀ, ମାଟି ରାସ୍ତା, ଟ୍ରେଞ୍ଚ, ଗଛ ଲଗାଇବା, କୂଅ ଖୋଳିବା ଇତ୍ୟାଦି କାର୍ଯ୍ୟ କରିପାରିବେ। ଏହାକୁ ଲକ୍ଷ୍ୟ ରଖି ୨୦୨୫-୨୬ ବର୍ଷ ପାଇଁ ଦୈନିକ ମଜୁରୀ ୨୭୩ ଟଙ୍କା ରଖାଯାଇଛି। ଖୋର୍ଦ୍ଧା ଜିଲ୍ଲାର ୧୯୦ ପଞ୍ଚାୟତରେ ଥିବା ୧.୩୦ ଲକ୍ଷ ଜବ୍‌କାର୍ଡଧାରୀଙ୍କ ମଧ୍ୟରୁ ୨.୧୫ ଲକ୍ଷ ଶ୍ରମିକ ଅଛନ୍ତି। ତେବେ ୨୦୨୪-୨୫ ବର୍ଷ ପାଇଁ ୧୪.୯୮ ଲକ୍ଷ ମ୍ୟାନ୍ ଡେଜ୍ ବଜେଟ୍ ସ୍ଥିର ହୋଇଥିବାବେଳେ ୨୦୨୫-୨୬ ଆର୍ଥିକ ବର୍ଷରେ ୧୧.୦୨ ଲକ୍ଷ ମ୍ୟାନ୍ ଡେଜ୍ ବାର୍ଷିକ ବଜେଟ୍ ସ୍ଥିର କରାଯାଇଛି ବୋଲି ଚଳିତ ମାସ ୮ ତାରିଖ ସୁଦ୍ଧା ରିପୋର୍ଟରୁ ଜଣାପଡ଼ିଛି। ସେହି ଅନୁସାରେ ଦିନକୁ ଦିନ 'ମନରେଗା' ଯୋଜନାରେ ଲୋକଙ୍କୁ କାମ ଦେବାରେ ଜିଲ୍ଲା ପ୍ରଶାସନ ପଛାଇଛି। ଅନେକ ଲୋକ ମଧ୍ୟ ଏଥିପ୍ରତି ଅନାଗ୍ରହ କରୁଛନ୍ତି।

ଖୋର୍ଦ୍ଧା ଜିଲ୍ଲାରେ ବର୍ତ୍ତମାନ ରିପୋର୍ଟ ଅନୁସାରେ, ୯୦୨୫ଟି ପ୍ରୋଜେକ୍ଟ କାର୍ଯ୍ୟ ଚାଲୁ ରହିଛି ଏବଂ ୧୭୩୭୭ ପ୍ରୋଜେକ୍ଟ ମଞ୍ଜୁର ହେଲେ ମଧ୍ୟ କାର୍ଯ୍ୟ ଆରମ୍ଭ ହୋଇପାରି ନାହିଁ। ଟାଙ୍ଗୀ ବ୍ଲକ୍‌ରେ ୧୦୭୧ଟି ପ୍ରୋଜେକ୍ଟ ଚାଲୁ ରହିଥିବାବେଳେ ୨୨୭୮ଟି ପ୍ରୋଜେକ୍ଟ ଆର୍ଥିକ ମଞ୍ଜୁର ହେଲା ପରେ ମଧ୍ୟ କାମ ଆରମ୍ଭ ହୋଇପାରି ନାହିଁ। ମନରେଗା କାର୍ଯ୍ୟଗୁଡ଼ିକ ପଞ୍ଚାୟତ ଏବଂ ସମିତିସ୍ତରରେ ଆର୍ଥିକ ମଞ୍ଜୁର ହୋଇଥାଏ। ପଞ୍ଚାୟତସ୍ତରରେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଡିଜିଟାଲ ଦସ୍ତଖତରେ ପେମେଣ୍ଟ କରାଯାଇଥାଏ। ସମିତିସ୍ତରରେ ପଞ୍ଚାୟତ ସମିତି ଚେୟାରମ୍ୟାନ୍ ଏବଂ ବ୍ଲକ୍ ଉନ୍ନୟନ ଅଧିକାରୀଙ୍କ ଡିଜିଟାଲ ଦସ୍ତଖତରେ ପେମେଣ୍ଟ କରାଯାଇଥାଏ। ୨୦୨୨-୨୩ରେ ୭୦୧.୫୧ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିବାବେଳେ ୨୦୨୩-୨୪ରେ ୫୬୮.୮୬ ଲକ୍ଷ, ୨୦୨୪-୨୫ରେ ୩୨୧.୭୯ ଲକ୍ଷ, ୨୦୨୫-୨୬ରେ ଚଳିତ ମାସ ୮ ତାରିଖ ସୁଦ୍ଧା ୧୮୬.୫୪ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି। ଯାହାକି ଦର୍ଶାଉଛି ଯେ, ଟାଙ୍ଗୀ ବ୍ଲକ୍‌ରେ ମନରେଗା କାର୍ଯ୍ୟ ପଛରେ ପଡ଼ିଛି। ଅନେକ ଶ୍ରମିକ କାମ ଅଭାବରୁ ଘରେ ବସି ରହୁଛନ୍ତି। ସେମାନଙ୍କୁ କାମ ଯୋଗାଇଦେବା ସହ ନୂଆ ନୂଆ ପ୍ରକଳ୍ପ ମଞ୍ଜୁର କରିବା ସହ ମଞ୍ଜୁର ହୋଇ କାମ ଆରମ୍ଭ ହୋଇପାରୁ ନ ଥିବା ପ୍ରକଳ୍ପଗୁଡ଼ିକୁ ଯଥାଶୀଘ୍ର ଆରମ୍ଭ କରିବା ପାଇଁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି।

# ସ୍ୱାସ୍ଥ୍ୟ ସେବା ଓ ରାସ୍ତା ସୁବିଧା ଦାବିରେ ଚାଷୀ ମୂଲିଆ ସଂଘର ବିକ୍ଷୋଭ

ବାଣପୁର,୧୦।୧୧(ସମିସ): ସାଧାରଣ ମୌଳିକ ସୁବିଧା ତଥା ଜୀବନଯାପନ ପାଇଁ ଆବଶ୍ୟକ ହେଉଥିବା ପାନୀୟଜଳ, ଗମନାଗମନ ପାଇଁ ରାସ୍ତା ଓ ସ୍ୱାସ୍ଥ୍ୟ ସେବା ସମେତ ଜଙ୍ଗଲ ଜମିର ପଟ୍ଟା ଆଦି ୬ ଦଫା ଦାବି ନେଇ ଅଲ୍ ଇଣ୍ଡିଆ କ୍ଷେତ ମଜଦୁର କିଷାନ ସଭା ଏବଂ ଓଡ଼ିଶା ସହ ଅନୁବନ୍ଧିତ ଚାଷୀ ମୂଲିଆ ସଂଘ ପକ୍ଷରୁ ବାଣପୁର ତହସିଲ୍ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ସୋମବାରେ ଅଲ୍ ଇଣ୍ଡିଆ କ୍ଷେତ ମଜଦୁର କିଷାନ ସଭାର ରାଜ୍ୟ ସଂଯୋଜକ ନିରାକାର ନାୟକ, ଜିଲ୍ଲା ସଂଯୋଜକ ରଞ୍ଜନ ଶବର, ଚାଷୀ ମୂଲିଆ ସଂଘର ରଶ୍ମିତା ଶବର ପ୍ରମୁଖଙ୍କ ନେତୃତ୍ୱରେ ଆଦିବାସୀ ଅଧ୍ୟୁଷିତ ଦାମିଆ ବରବରା ଓ ନୀଳାଦ୍ରି ପ୍ରସାଦ ଆଞ୍ଚଳିକ କମିଟିର କର୍ମକର୍ତ୍ତାଙ୍କ ସମେତ ପ୍ରାୟ ୪୦୦ରୁ ଊର୍ଦ୍ଧ୍ୱ ଆଦିବାସୀ ମହିଳା ଓ ପୁରୁଷ ସାମିଲ୍ ହୋଇ ତହସିଲ୍ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଜମି ପଟ୍ଟା ସମେତ ଭାଗ ଚାଷୀଙ୍କୁ ଚିହ୍ନଟ ଓ ପ୍ରମାଣପତ୍ର ଆଦି ୬ ଦଫା ଦାବି ସମ୍ବଳିତ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବାଣପୁର ତହସିଲ୍‌ଦାର ଟି.ପଦ୍ମନାଭ ଦୋରାଙ୍କୁ ପ୍ରଦାନ କରିଛନ୍ତି। ବାଣପୁର ବ୍ଲକ୍‌ର ଆଦିବାସୀ ଅଧ୍ୟୁଷିତ ଜଙ୍ଗଲ ପାହାଡ଼ଘେରା ଦାମିଆ ବରବରା ଓ ନୀଳାଦ୍ରି ପ୍ରସାଦ ପଞ୍ଚାୟତର ଆଦିବାସୀମାନେ ଆଜି ମଧ୍ୟ ମୌଳିକ ସୁବିଧାରୁ ବଞ୍ଚିତ ଅଛନ୍ତି। ଦୈନନ୍ଦିନ ଜୀବନ ଧାରଣ ପାଇଁ ଥିବା ସମସ୍ତ ସୁବିଧାସୁଯୋଗ ସେମାନଙ୍କ ପାଇଁ ସାତସପନ ହୋଇ ପଡ଼ିଛି। ବିଶୁଦ୍ଧ ପାନୀୟଜଳ, ଗମନାଗମନ ଓ ସ୍ୱାସ୍ଥ୍ୟ ସେବା ଆଜି ମଧ୍ୟ ସେମାନଙ୍କ ପାଖରେ ଅପହଞ୍ଚ ରହିଛି। ଆଦିବାସୀମାନେ ଏଠାରେ ତିନି ଚାରି ପୁରୁଷ ଧରି ବସବାସ କରିବା ସହ ଜଙ୍ଗଲ ଜମିରେ ଚାଷ କରି ଆସୁଛନ୍ତି। ସରକାରୀ ନିୟମ ଅନୁଯାୟୀ, ସେମାନଙ୍କୁ ଜଙ୍ଗଲ ଜମିର ପଟ୍ଟା ଯୋଗାଇଦେବାକୁ ଦୀର୍ଘ ବର୍ଷ ଧରି ସେମାନେ ଆବେଦନ କରିଥିବାବେଳେ ସ୍ଥାନୀୟ ପ୍ରଶାସନ ଓ ବନ ବିଭାଗ ପକ୍ଷରୁ ଯୁଗ୍ମ ତଦନ୍ତ ହୋଇ ସୁପାରିସ୍ କରାଯାଇଥିଲେ ମଧ୍ୟ ଅଦ୍ୟାବଧି ଆଦିବାସୀଙ୍କୁ ଜଙ୍ଗଲ ଜମି ପଟ୍ଟା ପ୍ରଦାନ କରାଯାଇ ନାହିଁ। ବାସହୀନଙ୍କୁ ବାସଗୃହ ପଟ୍ଟା ପ୍ରଦାନ କରାଯିବା ସହ ଭାଗ ଚାଷୀଙ୍କୁ ଚିହ୍ନଟ କରି ସେମାନଙ୍କୁ ଚାଷୀର ମାନ୍ୟତା ପ୍ରଦାନ କରାଯିବା ସହ ସରକାରୀସ୍ତରରେ ସେମାନଙ୍କୁ ସମସ୍ତ ସୁବିଧାସୁଯୋଗ ପ୍ରଦାନ କରାଯିବା ପାଇଁ କର୍ମକର୍ତ୍ତା ସଭାରେ ଦୃଢ଼ ଦାବି କରିଥିଲେ। ତତ୍‌ସହିତ ହାତୀ, ବାରହା ଆଦି ଜଙ୍ଗଲି ଜନ୍ତୁ ବର୍ଷ ତମାମ ଆଦିବାସୀଙ୍କ ପଡ଼ାରେ ପଶି ବ୍ୟାପକ କ୍ଷୟକ୍ଷତି କରିବା ସହ ଫସଲକୁ ଖାଇ ଦଳିଚକଟି ନଷ୍ଟ କରି ଦେଉଛନ୍ତି। ଏନେଇ ବନ ବିଭାଗ ଓ ପ୍ରଶାସନ ପକ୍ଷରୁ କ୍ଷତିପୂରଣ ଦେବାକୁ ଆଦିବାସୀ ଦାବି କରିଥିଲେ।



ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୬ ଦଫା ଦାବିପତ୍ର ପ୍ରଦାନ

# ଇଡ୍‌କୋକୁ ଜମି ହସ୍ତାନ୍ତରକୁ ବିରୋଧ
## ଜିଲ୍ଲାପାଳଙ୍କୁ ଦାବିପତ୍ର ଦେଲେ ଗୟାବନ୍ଧ ଗ୍ରାମବାସୀ

ନିରାକାରପୁର,୧୦।୧୧(ସମିସ)




ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ତହସିଲ୍ ଅନ୍ତର୍ଗତ ଜଙ୍କିଆ ଥାନା ଅଧୀନ ଛଣଗିରି ରାଜସ୍ୱ କାର୍ଯ୍ୟାଳୟ ଅନ୍ତର୍ଗତ ଗୟାବନ୍ଧ ଗ୍ରାମର ଶତାଧିକ ଗ୍ରାମବାସୀ ଗତ ମାସ ୧୬ ତାରିଖରେ ଟାଙ୍ଗୀ ତହସିଲ୍‌ଦାରଙ୍କୁ ଭେଟି ସେମାନଙ୍କ ଗୟାବନ୍ଧ ମୌଜାର ମୋଟ୍ ୧୩୦ ଏକର ଗୋଚର ଓ ପୁରାତନ ପତିତ ଜମିକୁ ଇଡ୍‌କୋକୁ ହସ୍ତାନ୍ତର ନ କରିବାକୁ ଅଭିଯୋଗ କରିଥିଲେ। ଗତ ୬ ତାରିଖରେ ତହସିଲ୍‌ଦାରଙ୍କ ସହ ଏକ ବୈଠକ ମଧ୍ୟ ଅନୁଷ୍ଠିତ ହୋଇଥିଲା। ସୋମବାର ପରିବେଶ ପ୍ରେମୀ ତଥା ପୂର୍ବତନ ବିଧାୟକ ଦିଲ୍ଲୀପ ଶ୍ରୀଚନ୍ଦନଙ୍କ ନେତୃତ୍ୱରେ କିଛି ଗ୍ରାମବାସୀ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି।

ସୂଚନାଯୋଗ୍ୟ କି, ଗତ ଅକ୍ଟୋବର ୪ ଓ ୧୦ ତାରିଖରେ ଟାଙ୍ଗୀ ତହସିଲ୍‌ଦାରଙ୍କ ତରଫରୁ ଚାରୋଟି ନୋଟିସ୍ ଅନୁସାରେ ଗୟାବନ୍ଧ ମୌଜାର ଖାତା ନଂ ୩୩୮ର ୧୨ଟି ପ୍ଲଟ୍ ଏବଂ ଖାତା ନଂ ୩୪୦ର ୬ଟି ପ୍ଲଟ୍ ସମୁଦାୟ ୧୩୦ ଏକରରୁ ଅଧିକ ଗୋଚର ଓ ପୁରାତନ ପତିତ ଜମି ରହିଛି। ସେହିପରି ନୟାକୋଟ ମୌଜାରେ ୧୦ଟି ପ୍ଲଟ୍‌ରେ ଥିବା ମୋଟ୍ ୨୦୧ ଏକର ୬୯୫ ଡେସିମିଲରୁ ଊର୍ଦ୍ଧ୍ୱ ଜାଗାରେ ଥିବା କିସମ ଗୋଚରକୁ ପରିବର୍ତ୍ତନ କରି ଇଡ୍‌କୋକୁ ହସ୍ତାନ୍ତର କରିବାକୁ ପଞ୍ଚାୟତକୁ ଜଣାଇ ଦିଆଯାଇଥିଲା। ତେଣୁ ଗ୍ରାମବାସୀମାନେ ଏହି ବିଷୟରେ ଆଲୋଚନା ପାଇଁ ଗ୍ରାମରେ ଏକ ସଭା ଗତ ମାସ ୧୩ ତାରିଖରେ ଡକାଇଥିଲେ। ଏହାପରେ ଗ୍ରାମରେ ଏକ କମିଟି ତହସିଲ୍ ପକ୍ଷରୁ ନୋଟିସ୍ ହୋଇଥିବା ସମସ୍ତ ପ୍ଲଟ୍‌ଗୁଡ଼ିକୁ ଯାଇ ତଦାରଖ କରିଲା ପରେ ଜାଣିଲା ଯେ ମୌଜା ଗୟାବନ୍ଧରେ ଥିବା ପ୍ଲଟ୍‌ଗୁଡ଼ିକରେ ଗ୍ରାମବାସୀମାନେ ଗ୍ରାମର ସୃଷ୍ଟି କାଳୁ ଜୀବନ ଜୀବିକା ନିର୍ବାହ ସହିତ ଘରଦ୍ୱାର ଏବଂ ମନ୍ଦିର ବାଡ଼ି, ଖେଳପଡ଼ିଆ ଆଦି କରି ରହି ଆସୁଛନ୍ତି। ଗ୍ରାମରେ ଥିବା ୪୦୦ରୁ ଊର୍ଦ୍ଧ୍ୱ ପରିବାରର ସମସ୍ତ ଗାଈଗୋରୁ ଏବଂ ଗୃହପାଳିତ ପଶୁ ଏହି ଜାଗାରେ ଚରାବୁଲା କରି ଆସୁଛନ୍ତି। ପ୍ଲଟ୍ ନଂ ୬୦୨ରେ ଗ୍ରାମର ଖେଳ ପଡ଼ିଆ ରହିଛି। ଏଠାରେ ୫୦ ବର୍ଷରୁ ଊର୍ଦ୍ଧ୍ୱ ହେବ କ୍ରିକେଟ ଏବଂ ରାଜ୍ୟସ୍ତରୀୟ ଫୁଟ୍‌ବଲ୍ ଖେଳ ପ୍ରତିବର୍ଷ ଅନୁଷ୍ଠିତ ହେଉଛି। ଦୈନିକ ସକାଳେ ଲୋକମାନେ ପ୍ରାତଃ ଭ୍ରମଣ ଓ ଯୋଗାଭ୍ୟାସ କରିବା ସହ ଉପରବେଳା ପିଲାମାନେ ଖେଳକୁଦ କରିଥା'ନ୍ତି। ବହୁ ସଂଖ୍ୟାରେ ଏଠାରେ ନିକଟସ୍ଥ ଜଙ୍ଗଲରେ ବନ୍ୟଜନ୍ତୁ ଯଥା- ମୟୂର, ହରିଣ, ବାରହା, ବଣ କୁକୁଡା, ହାତୀ ଆଦି ଦୀର୍ଘ ଦିନ ଧରି ରହି ଆସୁଛନ୍ତି। ଯଦି ସରକାର ଏମିତି ପଦକ୍ଷେପ ନିଅନ୍ତି ଗ୍ରାମର ସମସ୍ତ ପରିବାର, ଗୃହପାଳିତ ପଶୁ ଏବଂ ବନ୍ୟଜନ୍ତୁମାନେ ବହୁ ମାତ୍ରାରେ ପ୍ରଭାବିତ ହେବେ। ପ୍ରଶାସନ ଯଦି ସେମାନଙ୍କ ଅଭିଯୋଗକୁ ଅଣଦେଖା କରେ ତା'ହେଲେ ସେମାନେ ପ୍ରଶାସନ ବିରୋଧରେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। ଏ ବାବଦରେ ଗତ ୬ ତାରିଖରେ ତହସିଲ୍‌ଦାର ଗୟାବନ୍ଧର କିଛି ଗ୍ରାମବାସୀଙ୍କୁ ଡକାଇ ମୌଖିକ ଆଶ୍ୱାସନା ଦେବା ସହିତ ଏକ ନିର୍ଦ୍ଦିଷ୍ଟ ଦିନ ଯାଇ ସରଜମିନ୍ ତଦନ୍ତ କରି ରିପୋର୍ଟ ପ୍ରଦାନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ।

# ଖୋର୍ଦ୍ଧାରେ ମାଛ ଚାଷ, ହସ୍ତତନ୍ତ ଉତ୍ପାଦନକୁ ଗୁରୁତ୍ୱ

ନିରାକାରପୁର,୧୦।୧୧(ସମିସ): ପ୍ରଧାନମନ୍ତ୍ରୀ ପ୍ରାକୃତିକ ଖାଦ୍ୟ ପ୍ରକ୍ରିୟାକରଣ ଉଦ୍ୟମ ସଂସ୍ଥାପନ ବ୍ୟବସ୍ଥା ଯୋଜନାରେ ଓଡ଼ିଶାରେ ୨୦୨୦ରୁ ଆରମ୍ଭ ହୋଇଛି 'ଗୋଟିଏ ଜିଲ୍ଲା ଗୋଟିଏ ଉତ୍ପାଦନ' ଯୋଜନା। ଏଥିରେ ମତ୍ସ୍ୟଚାଷ, ହସ୍ତତନ୍ତ ଉତ୍ପାଦନକୁ ଅନ୍ତର୍ଭୁକ୍ତ କରାଯାଇଛି। ସ୍ଥାନୀୟ ସମ୍ପଦକୁ ବିନିଯୋଗ କରି ଏବଂ ଚାକିରି ସୁଯୋଗ ସୃଷ୍ଟି କରି ସାମଗ୍ରିକ ଆର୍ଥିକ ବିକାଶ କରିବା ହେଉଛି ଏହି ଯୋଜନାର ମୂଳ ଲକ୍ଷ୍ୟ। ମାଛ ଚାଷ ପାଇଁ ଆବଶ୍ୟକୀୟ ସୁବିଧା ବ୍ୟାଙ୍କ୍ ଯୋଗେ ଋଣ ଯୋଗାଇବା, କେମିତି ସବ୍‌ସିଡି ପାଇବେ, କେଉଁ ବିଭାଗରେ କ'ଣ ସୁବିଧା ଯୋଗାଇବା ହେଉଛି ଜିଲ୍ଲା ପ୍ରଶାସନର କାମ। ପ୍ରାୟତଃ ଜିଲ୍ଲାରେ ମାଛ ଚାଷ ଉତ୍ପାଦନ, ପଥର ଖୋଦେଇ, ପଟ୍ଟ ଚିତ୍ରକଳା, ତାଳ ପତ୍ର ଖୋଦେଇରେ ଜିଲ୍ଲାକୁ ଅନ୍ତର୍ଜାତୀୟ ସ୍ତରରେ ଉନ୍ନତି ଏବଂ ପ୍ରଚାରପ୍ରସାର ପାଇଁ ରାଜ୍ୟ ସରକାର "ଏକ ଜିଲ୍ଲା ଏକ ଉତ୍ପାଦ' ଯୋଜନାରେ ସାମିଲ୍ କରିଛନ୍ତି। ଜିଲ୍ଲାରେ ସାମୁଦ୍ରିକ ମାଛ ଏବଂ ମଧୁର ଜଳରେ ମାଛ ଉତ୍ପାଦନ ସହ ଅନ୍ତର୍ଜାତୀୟସ୍ତରରେ ନେବାକୁ ଜିଲ୍ଲା ପ୍ରଶାସନ ଦ୍ୱାରା ସ୍ଥିର କରାଯାଇଛି।

ସାମୁଦ୍ରିକ ମାଛ ଚାଷରେ ଚାନ୍ଦି କିମ୍ବା ପାମ୍ଫଲେଟ୍, ଚିଙ୍ଗୁଡ଼ି, ଇଲିଶି ଏବଂ ମଧୁର ଜଳରେ ରୋହି, ଭାକୁର, ମିରିକାଳି ମାଛ ଚାଷ ଉତ୍ପାଦନକୁ ଅନ୍ତର୍ଭୁକ୍ତ କରାଯାଇଛି। ମାଛ ସଂରକ୍ଷଣ ଏବଂ ଶୁଖେଇବା କାର୍ଯ୍ୟ, ମାଛ ଆଚାର, ଡବା ବନ୍ଦ ମାଛ, ମାଛ ଆଧାରିତ ଜଳଖିଆ, ମାଛ ପ୍ରୋଟିନ୍, ମାଛ ତେଲକୁ ମଧ୍ୟ ଏଥିରେ ପ୍ରାଧାନ୍ୟ ଦିଆଯାଇଛି। ଶହେ ବର୍ଷରୁ ଅଧିକ ସଂସ୍କୃତି ହେଉଛି ଖୋର୍ଦ୍ଧା ଜିଲ୍ଲାର ପଥର ଖୋଦିତ କାରୁକାର୍ଯ୍ୟ, ପଟ୍ଟ ଚିତ୍ରକଳା ଏବଂ ତାଳପତ୍ର ଖୋଦେଇରେ ସାରା ରାଜ୍ୟରେ ଖୋର୍ଦ୍ଧା ଜିଲ୍ଲାର ସଂସ୍କୃତି ଏବଂ ଐତିହ୍ୟ ପ୍ରଶଂସନୀୟ। ମାଛ ଚାଷ ଏବଂ ଉତ୍ପାଦନ ବୃଦ୍ଧି ପାଇଁ ପ୍ରଧାନମନ୍ତ୍ରୀ ମତ୍ସ୍ୟ ସମ୍ପଦ ଯୋଜନା, ମତ୍ସ୍ୟ ପୋଖରୀ ଯୋଜନା (ମାଛ ଚାଷ ପାଇଁ ନୂଆ ପୋଖରୀ ଖୋଳା ଯୋଜନା), ଆର୍ଥିକ ସହାୟତା ଚାଷୀମାନଙ୍କୁ ଦେବାର ମଧ୍ୟ ବ୍ୟବସ୍ଥା ରହିଛି। "ଗୁରୁ-ଶିଷ୍ୟ ପରମ୍ପରା' ଯୋଜନାରେ ହସ୍ତଶିଳ୍ପ କାରୁକାର୍ଯ୍ୟ ଗୁରୁଙ୍କୁ ଆଣି ହସ୍ତ ଖୋଦେଇ କରୁଥିବା ଶିଳ୍ପୀମାନଙ୍କୁ ଶିକ୍ଷା ଦିଆଯାଇଥାଏ। "ଶିଳ୍ପୀ ଉନ୍ନତି ଯୋଜନା'ରେ ୨୦ ହଜାର ପର୍ଯ୍ୟନ୍ତ ଆର୍ଥିକ ସହାୟତା ରାଶି ଋଣ ଆକାରରେ ନୂଆ କରି ଉତ୍ପାଦନ ୟୁନିଟ୍ କରିବା ପାଇଁ ସରକାରଙ୍କୁ ଦେବାର ସୁବିଧା ଅଛି। ଓଡ଼ିଶା ଗ୍ରାମ୍ୟ ଉନ୍ନତି ଏବଂ ବିକ୍ରିଯୋଗ୍ୟ ସମିତି ସଂସ୍ଥା ଯାହାକି ପଞ୍ଚାୟତ ପାନୀୟଜଳ ବିଭାଗ ଅଧୀନରେ କାର୍ଯ୍ୟ କରୁଛି। ସେହିପରି ଜିଲ୍ଲାରେ ଜିଲ୍ଲା ଯୋଗାଣ ଏବଂ ବିକ୍ରି ଯୋଗ୍ୟ ସମିତି (ଡିଏସ୍‌ଏମ୍‌ଏସ୍) ଅଫିସଟି ଜିଲ୍ଲା ପରିଷଦ ଖୋର୍ଦ୍ଧା (ଡିଆର୍‌ଡିଏ) କାର୍ଯ୍ୟାଳୟ ମଧ୍ୟରେ ଅବସ୍ଥିତ। ଡିଏସ୍‌ଏମ୍‌ଏସ୍ ଅଫିସର କିଏ ଏବଂ ସେ ଅଫିସଟି କେଉଁଠି ଅଛି ସେ ବାବଦରେ ଅନେକ ଶିଳ୍ପୀ ଜାଣି ନ ଥିବାର ମତ ଦେଇଛନ୍ତି। 'ଗୋଟିଏ ଜିଲ୍ଲା ଗୋଟିଏ ଉତ୍ପାଦ' ଯୋଜନାରେ ମାଛ ଚାଷ ଏବଂ ଉତ୍ପାଦନ ସହ ହସ୍ତଶିଳ୍ପ ଯଥା- ପଥର ଖୋଦେଇ, ପଟ୍ଟଚିତ୍ର କଳା, ତାଳପତ୍ର ଖୋଦେଇରେ ସାମୂହିକ ସଚେତନତା ସହ ଶିଳ୍ପୀମାନଙ୍କୁ ପାହାନ୍ତାରେ ଗ୍ରାମାଞ୍ଚଳରେ ଟ୍ରେନିଂ ଦେଇ ଦକ୍ଷତା ବୃଦ୍ଧି କରିବା ଆବଶ୍ୟକ ରହିଛି।

# ବିଦ୍ୟୁତ ବିଲ୍ ପୈଠ ହୋଇ ନ ଥିବାରୁ ଜଳ ଯୋଗାଣ ବନ୍ଦ

ଅନୁଗୋଳ, ୧୦ ।୧୧(ସମିସ)

ଲୋକେ ହନ୍ତସନ୍ତ

ମାର୍ଚ୍ଚ ମାସରୁ ପୈଠ ହୋଇନି ବିଦ୍ୟୁତ ବିଲ୍। ଫଳରେ ପାନୀୟ ଜଳ ଯୋଗାଣ କେନ୍ଦ୍ରକୁ ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ କରିଦେଇଛି ବିଭାଗ। ଜଳ ଯୋଗାଣ ପ୍ରକଳ୍ପ ବନ୍ଦ ହୋଇଯାଇଥିବାରୁ ଗତ ୫ ଦିନ ହେଲା ଅନୁଗୋଳ ବ୍ଲକ ବଡ଼କେରା ଗାଁର ୨୦୦ ପରିବାର ଓ ବଜାରର ୨୫୦ ବ୍ୟବସାୟୀ ପାନୀୟ ଜଳ ପାଇପାରୁ ନ ଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ସରପଞ୍ଚ ହାଡ଼ିବନ୍ଧୁ ବେହେରା କହିଛନ୍ତି, ଗତ ଶନିବାର ପଞ୍ଚାୟତ ପକ୍ଷରୁ ବକେୟା ବିଲ୍ ପୈଠ କରାଯାଇଛି। ବିଦ୍ୟୁତ ସଂଯୋଗ ଖୁବଶୀଘ୍ର ହେଲେ ପାନୀୟ ଜଳ ଯୋଗାଣ ଆରମ୍ଭ ହେବ। ବଡ଼କେରା ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ସୁଧୀର ସାହୁ କହିଛନ୍ତି, ବିଦ୍ୟୁତ ବିଭାଗର ବକେୟା ବିଲ୍ ପୈଠ ହୋଇ ନ ଥିବାରୁ ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ କରାଯାଇଛି। ପଞ୍ଚାୟତ ପକ୍ଷରୁ ୨ କିସ୍ତିରେ ୪ଲକ୍ଷ ଟଙ୍କା ପୈଠ କରାଯାଇଛି। ବିଦ୍ୟୁତ ବିଭାଗ ସହ ଆଲୋଚନା ଜାରି ରହିଛି, ଖୁବଶୀଘ୍ର ଜଳ ଯୋଗାଣ କରାଯିବ ବୋଲି ପ୍ରକାଶ କରିଛନ୍ତି ସାହୁ। ସେହିପରି ବଡ଼କେରା ବିଦ୍ୟୁତ ବିଭାଗ କନିଷ୍ଠ ଯନ୍ତ୍ରୀ ପ୍ରଣୀତ ଭୂୟାଁ କହିଛନ୍ତି, ବିଲ୍ ପୈଠ ହୋଇ ନ ଥିବାରୁ ବିଦ୍ୟୁତ ବିଚ୍ଛିନ୍ନ କରାଯାଇଛି। ପଞ୍ଚାୟତ ପକ୍ଷରୁ ବିଲ୍ ପୈଠ ପାଇଁ ଆଲୋଚନା ଜାରି ରହିଥିବା ସେ କହିଛନ୍ତି। ତେବେ ତୁରନ୍ତ ପାନୀୟ ଜଳ ଯୋଗାଇ ଦେବାକୁ ବଡ଼କେରା ଗ୍ରାମବାସୀ ଓ ବ୍ୟବସାୟୀମାନେ ଦାବି କରିଛନ୍ତି।



# ଗାଁର ସ୍ୱଚ୍ଛତା ଦାୟିତ୍ୱ ନେଲେ ମହିଳା ଗୋଷ୍ଠୀ

ଅନୁଗୋଳ ସହର, ୧୦ ।୧୧(ସମିସ): ନିଜ ଗାଁକୁ ପରିଷ୍କାର ପରିଚ୍ଛନ୍ନ ରଖିବାକୁ ଏକାଠି ହୋଇଛନ୍ତି ବଁଅରପାଳ ବ୍ଲକ ରାଉତାଳ ଗ୍ରାମର ଶତାଧିକ ମହିଳା। ସେମାନେ ଗାଁକୁ ସ୍ୱଚ୍ଛ ଭାବେ ଗଢ଼ି ତୋଳିବାକୁ ଶପଥ ନେଇଛନ୍ତି। ଗାଁର ୧୩୦ରୁ ଊର୍ଦ୍ଧ୍ୱ ମହିଳା ରାଉତାଳ ସ୍କୁଲ ପରିସରରେ ଏକତ୍ରିତ ହୋଇ ଏକ ବୈଠକ ଆୟୋଜନ କରିଥିଲେ। ବର୍ତ୍ତମାନର ଚିନ୍ତାଜନକ ଆବର୍ଜନା ପରିଚାଳନା ପ୍ରସଙ୍ଗକୁ ନେଇ ସେମାନେ ଏକତ୍ରିତ ହୋଇଥିବା ମହିଳା ନେତ୍ରୀ ଶାନ୍ତିଲତା ସାହୁ କହିଛନ୍ତି। ବୈଠକରେ ସେମାନେ ବିଭିନ୍ନ ସ୍ୱଚ୍ଛତାଧର୍ମୀ କାର୍ଯ୍ୟ କରିବେ ବୋଲି ଶପଥ ନେଇଛନ୍ତି। ଏଥିସହ ମହିଳା ପରିମଳ ଓ ପରିବେଶ ସୁରକ୍ଷା ନାମରେ ଏକ କମିଟି ଗଠନ କରିଛନ୍ତି। କମିଟିରେ ସୁନିତା ବିଶ୍ୱାଳଙ୍କୁ ସଭାନେତ୍ରୀ ଏବଂ ନିରୁପମା ସାହୁଙ୍କୁ ସମ୍ପାଦିକା ଭାବେ ଚୟନ କରାଯାଇଛି। ପ୍ରତି ମାସରେ ପରିମଳ ଓ ପରିବେଶ ଦିବସ ପାଳନ, ପ୍ରତି ଘରକୁ ସଚେତନ କରିବା, ମାସିକ ବୈଠକ ଏବଂ ଗାଁ ସଫେଇ କାର୍ଯ୍ୟ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏ ସବୁ କାର୍ଯ୍ୟକ୍ରମ ଗାଁର ଛାତ୍ରଛାତ୍ରୀ ଏବଂ ଯୁବଗୋଷ୍ଠୀଙ୍କ ଉପରେ ସକାରାତ୍ମକ ପ୍ରଭାବ ପଡ଼ିବ ବୋଲି ସେମାନେ ଆଶାବାଦୀ ଅଛନ୍ତି। ବୈଠକରେ କମିଟିର



ଅନ୍ୟ ସଦସ୍ୟା ରୀନା ଦେହୁରୀ, ରଶ୍ମିତା ବିଶ୍ୱାଳ, ନମିତା ସାହୁ, ଅର୍ଚ୍ଚନା ବିଶ୍ୱାଳ, ବନିତା ସାହୁ, ମାମିନା ନାୟକ, ପ୍ରଭାସିନୀ ସାହୁ, ରଶ୍ମିତା ବେହେରା, ସ୍ମିତାଲି ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଉରୁକୁଳା ପଞ୍ଚାୟତରେ ଜନଶୁଣାଣି

କିଶୋରନଗର, ୧୦ ।୧୧(ସମିସ): କିଶୋରନଗର ବ୍ଲକ ଉରୁକୁଳା ପଞ୍ଚାୟତରେ ବ୍ଲକ ପ୍ରଶାସନ ପକ୍ଷରୁ ସୋମବାର ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଏଥିରେ ବିଡିଓ



ସୁବ୍ରତ କୁମାର ବେହେରା ଯୋଗଦେଇ ଲୋକଙ୍କ ବିଭିନ୍ନ ଅଭିଯୋଗର ଶୁଣାଣି କରି ତାହାର ସମାଧାନ କରିଥିଲେ। କାର୍ଯ୍ୟକ୍ରମରେ ସରପଞ୍ଚ ସୁରୁଚି ସମ୍ପର୍ଣ୍ଣା ପ୍ରଧାନ, ସମିତି ସଭ୍ୟ ଧନେଶ୍ୱର ସାହୁ, ଆରଡବ୍ଲ୍ୟୁଏସଏସ କନିଷ୍ଠ ଯନ୍ତ୍ରୀ ମନୋରଞ୍ଜନ ପ୍ରଧାନ, ଏପିଓ ସୁଶାନ୍ତ ନାୟକ, ବିଏସଏସଓ ଝସକେତନ ସାହୁ, ଏଏଚଓ ବିସ୍ମୟ ମେହେରଙ୍କ ସମେତ ସମସ୍ତ ଲାଇନ ଡିପାର୍ଟମେଣ୍ଟର କର୍ମଚାରୀ ଉପସ୍ଥିତ ଥିଲେ।

## ଜିଲ୍ଲା କାର୍ଯ୍ୟାଳୟରେ ଅଭିଯୋଗ ଶୁଣାଣି

● ଟ୍ରାଇସାଇକଲ ପ୍ରଦାନ

ଅନୁଗୋଳ, ୧୦ ।୧୧(ସମିସ): ଜିଲ୍ଲା କାର୍ଯ୍ୟାଳୟରେ ଅନୁଗୋଳ ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ପ୍ରୀତିମୟଙ୍କ ଅଧ୍ୟକ୍ଷତାରେ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ୨୭ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ସେଥିମଧ୍ୟରୁ ୨୫ଟି ବ୍ୟକ୍ତିଗତ ଓ ୨ଟି ସାମୂହିକ ଅଭିଯୋଗର ଶୁଣାଣି କରାଯାଇଥିଲା। ଜଣଙ୍କୁ ରେଡକ୍ରସ ପାଣ୍ଠିରୁ ୫ ହଜାର ଟଙ୍କା ଓ ୪ ଜଣଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୩୦ ହଜାର ଟଙ୍କା ଚିକିତ୍ସା ସହାୟତା ରାଶି ପ୍ରଦାନ କରାଯାଇଥିଲା। ବଁଅରପାଳ ବ୍ଲକ କୁରୁଡୋଲ ଗ୍ରାମର ଭୁବନାନନ୍ଦ ନାଏକଙ୍କୁ ଟ୍ରାଇସାଇକଲ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ଯୋଗଦେଇଥିଲେ।



## ମୁଣ୍ଡୁରିବେଢ଼ା ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ

ପାଲଲହଡ଼ା, ୧୦ ।୧୧(ସମିସ): ପାଲଲହଡ଼ା ବ୍ଲକ ମୁଣ୍ଡୁରିବେଢ଼ା ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଗତ କରିଛନ୍ତି ପଞ୍ଚାୟତର ୱାର୍ଡ ସଭ୍ୟସଭ୍ୟା। ସରପଞ୍ଚ ସଞ୍ଜୟ କୁମାର ବେହେରା ପଞ୍ଚାୟତରେ ବିଭିନ୍ନ ବେଆଇନ କାର୍ଯ୍ୟ କରୁଥିବା,



ପଞ୍ଚାୟତର ବିକାଶ କାର୍ଯ୍ୟରେ ୱାର୍ଡ ସଭ୍ୟ/ ସଭ୍ୟାଙ୍କୁ ନ ପଚାରିବା, ପଞ୍ଚାୟତର ମାସିକ ବୈଠକ ନିୟମିତ ନ କରିବା ଆଦି ଅଭିଯୋଗ କରିଛନ୍ତି। ଏ ନେଇ ନାଏବ ସରପଞ୍ଚ ହିମା ସାହୁଙ୍କ ସଭାପତିତ୍ୱରେ ୭ ଜଣ ୱାର୍ଡ ସଭ୍ୟସଭ୍ୟାଙ୍କୁ ନେଇ ଏକ ବୈଠକ ହୋଇଥିଲା। ବୈଠକରେ ଅନାସ୍ଥା ପ୍ରସ୍ତାବ ଉପରେ ସହମତି ପ୍ରକାଶ ପାଇବା ସହ ସମସ୍ତେ ଦସ୍ତଖତ କରିଥିଲେ। ପରେ ୱାର୍ଡ ସଭ୍ୟସଭ୍ୟାମାନେ ପାଲଲହଡ଼ା ଉପଜିଲ୍ଲାପାଳ ରବୀନ୍ଦ୍ର କୁମାର ପଟେଲଙ୍କ ନିକଟରେ ଅନାସ୍ଥା ପ୍ରସ୍ତାବ ଦାଖଲ କରିଛନ୍ତି।

## କଲେଜ ଅଧ୍ୟକ୍ଷଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା



ଖମାର, ୧୦ ।୧୧(ସମିସ): ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ପାଲଲହଡ଼ା ଉପଖଣ୍ଡ ଉତ୍କଳମଣି ଗୋପବନ୍ଧୁ ମହାବିଦ୍ୟାଳୟ ଶାଖା ତରଫରୁ ମହାବିଦ୍ୟାଳୟର ଅଧ୍ୟକ୍ଷ ଅନୁଜ କୁମାର ଭୁକ୍ତାଙ୍କୁ ଉତ୍ତରୀୟ ଏବଂ ସ୍ମାରକୀ ପ୍ରଦାନ କରି ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ଏବିଭିପି ଢେଙ୍କାନାଳ ବିଭାଗ ସହ ସଂଯୋଜକ ଆଶିଷ କୁମାର ବେହେରା, ଜିଲ୍ଲା ସହ ସଂଯୋଜକ ସାଇ ବିଘେଶ ସାହୁ, ନଗର ସହ ସମ୍ପାଦକ ପ୍ରିୟାଂଶୁ ସାହୁ, କ୍ୟାମ୍ପସ ଶାଖା ସଭାପତି ଆକାଶ ଦଣ୍ଡପାଠ, ଲୁଲୁ, ବବୁଲୁ, ରିତେଶ, ବୁନା, ଶ୍ରବଣ, ଚିନ୍ମୟ, ସମ୍ବିତ, ବାପି, ସଂଗ୍ରାମ, ଅଜିତ ନାଏକ, ରୁଦ୍ରପ୍ରକାଶ ମାଝୀ, ତୁଳସୀ ପ୍ରଧାନ, ସରସ୍ୱତୀ ସାହୁ, ଲକ୍ଷ୍ମୀପ୍ରିୟା ବିଶି, ହରପ୍ରିୟା ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଶିକ୍ଷକ ନେତାଙ୍କ ସ୍ମୃତିଚାରଣ ସଭା

ଅନୁଗୋଳ, ୧୦ ।୧୧(ସମିସ): ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା), ଅନୁଗୋଳ ଆନୁକୂଲ୍ୟରେ ସ୍ଥାନୀୟ ସରକାରୀ ଟାଉନ ଉଚ୍ଚ ବିଦ୍ୟାଳୟ ପରିସରରେ ଓଷ୍ଟାର ପ୍ରାକ୍ତନ ସମ୍ପାଦକ ଓ ଉପ-ସଭାପତି ତଥା ଅନୁଗୋଳ ଜିଲ୍ଲାର ବିଶିଷ୍ଟ ଶିକ୍ଷକ ନେତା ସ୍ୱର୍ଗତ କସ୍ତୁରୀ ଚରଣ ଭୂତିଆଙ୍କ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଛି। ପ୍ରାଣବନ୍ଧୁ ସାହୁଙ୍କ ସଭାପତିତ୍ୱରେ ତଥା ସମ୍ପାଦକ ତ୍ରିଲୋଚନ ଦାସଙ୍କ ତତ୍ତ୍ୱାବଧାନରେ ସଭା ହୋଇଥିଲା। ଏଥିରେ ଓଷ୍ଟା ଅନୁଗୋଳ ଜିଲ୍ଲାର ପ୍ରାକ୍ତନ ନେତା ଭାସ୍କର ଚନ୍ଦ୍ର ସାହୁ, ବିନୟ କର, ହେମନ୍ତ କୁମାର ମିଶ୍ରଙ୍କ ସମେତ ରାଜ୍ୟ ଉପସଭାପତି ଓ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଏବଂ ବ୍ଲକ ଓ ଜିଲ୍ଲାର କର୍ମକର୍ତ୍ତା ଯୋଗଦେଇ ସ୍ୱର୍ଗତ ଭୂତିଆଙ୍କ ସ୍ମୃତିଚାରଣ ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସ୍ୱର୍ଗତ ଭୂତିଆ ଏକାଧରରେ ଜଣେ ଆଦର୍ଶ ଶିକ୍ଷକ ଓ ସଂଗଠକ ଥିଲେ। ତାଙ୍କ ପରଲୋକ ଓଷ୍ଟା ତଥା ସମଗ୍ର ଶିକ୍ଷା ଜଗତ ପାଇଁ ଅପୂରଣୀୟ କ୍ଷତି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ।

## ରାଜ୍ୟସ୍ତରୀୟ 'ସୁରଭି'କୁ ମନୋନୀତ ହେଲେ ଶୁଭଲକ୍ଷ୍ମୀ





କିଶୋରନଗର, ୧୦ ।୧୧(ସମିସ): ଜ୍ଞାନ ଓ ସୃଜନଶୀଳତାର ମହକକୁ ମର୍ଯ୍ୟାଦା ଦେଉଥିବା ଶିଶୁ ମହୋତ୍ସବ 'ସୁରଭି-୨୦୨୫'ରେ ଅନୁଗୋଳ ଜିଲ୍ଲା ନିଜ ଅସାଧାରଣ ପ୍ରତିଭାର ପୁଷ୍ପରେ ସୁଗନ୍ଧ ଭରିଦେଇଛି। ଏହି ମହୋତ୍ସବ ହେଉଛି ଜିଲ୍ଲାର ନବୀନ ପିଢ଼ିର ସ୍ୱପ୍ନ, ଚିନ୍ତନ ଓ ସୃଜନଶକ୍ତିକୁ ଜାଗ୍ରତ କରିବାର ଏକ ଅବିସ୍ମରଣୀୟ ମଞ୍ଚ। ଜିଲ୍ଲାର ୧୧ଟି ପିଏମଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟରୁ ୮ ଜଣ କରି ମୋଟ ୮୮ ଜଣ ମେଧାବୀ ଛାତ୍ରଛାତ୍ରୀ ଜିଲ୍ଲାସ୍ତରୀୟ ମଡେଲ ପାର୍ଲାମେଣ୍ଟରେ ନିଜ ଭାଷଣ, ଚିନ୍ତନ ଶକ୍ତି ଓ ନେତୃତ୍ୱ ଦକ୍ଷତାର ଅପୂର୍ବ ପରାକାଷ୍ଠା ପ୍ରତିପାଦନ କରିଥିଲେ। ସେମାନଙ୍କ ମଧ୍ୟରୁ କେବଳ ଦୁଇଜଣ ପ୍ରତିନିଧି ରାଜ୍ୟସ୍ତରୀୟ ମଡେଲ ୟୁନାଇଟେଡ୍ ନେସନ (ଏମୟୁଏନ) ସୁରଭି-୨୦୨୫ ପାଇଁ ମନୋନୀତ ହୋଇଛନ୍ତି। ଏହି ଦୁଇଜଣଙ୍କ ମଧ୍ୟରୁ ଜଣେ ହେଲେ ପିଏମଶ୍ରୀ କିଶୋରନଗର ସରକାରୀ ଉଚ୍ଚ ବିଦ୍ୟାଳୟର ନବମ ଶ୍ରେଣୀ ଛାତ୍ରୀ ଶୁଭଲକ୍ଷ୍ମୀ ପ୍ରଧାନ। ସେ ନିଜ ଦୃଢ଼ ସଙ୍କଳ୍ପ, ଆତ୍ମବିଶ୍ୱାସ ଓ ପ୍ରତିଭାର ଜ୍ୱାଳା ଦ୍ୱାରା ଏହି ସ୍ଥାନରେ ପହଞ୍ଚିଛନ୍ତି। ବିଦ୍ୟାଳୟର ପ୍ରଧାନଶିକ୍ଷକ ଅଶୋକ କୁମାର ପ୍ରଧାନଙ୍କ ତତ୍ତ୍ୱାବଧାନ ଓ ଚିନ୍ମୟୀ ମହାପାତ୍ର ଏବଂ ଭୈରବ ଦେହୁରୀଙ୍କ ମାର୍ଗଦର୍ଶନରେ ଶୁଭଲକ୍ଷ୍ମୀ ଏହି ସଫଳତା ପାଇଥିବା କହିଛନ୍ତି। ଏ ନେଇ ବିଦ୍ୟାଳୟ ତରଫରୁ ଶୁଭଲକ୍ଷ୍ମୀଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜ୍ଞାପନ କରାଯାଇଛି।

## ଧରମପୁର ମନ୍ଦିରର ରତ୍ନମୁଦ ଉତ୍ସବ

ତାଳଚେର, ୧୦ ।୧୧(ସମିସ): ତାଳଚେର ବ୍ଲକ ଧରମପୁର ଗ୍ରାମସ୍ଥିତ ବହୁ ପୁରାତନ କୁଶଳେଶ୍ୱର ମହାଦେବଙ୍କ ନବନିର୍ମିତ ମନ୍ଦିରର ରତ୍ନମୁଦ ଉତ୍ସବ ସୋମବାର ଅନୁଷ୍ଠିତ ହୋଇଛି। ପୂର୍ବ ବିଜେଡି ସରକାର ସମୟରେ ଏହି ମନ୍ଦିରର ବିକାଶ ପାଇଁ ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ କରିଥିବା ଉଦ୍ୟମ ଆଜି ସାକାର ରୂପ ନେଇଛି। ଧରମପୁର ଗ୍ରାମବାସୀଙ୍କ ପକ୍ଷରୁ ସକାଳ ୭ଟାରେ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ପୂର୍ବାହ୍ନ ୧୦ଟାରେ ଇନ୍ଦ୍ରଇନ୍ଦ୍ରାଣୀ ପୂଜା ଓ ସାଢ଼େ ୧୧ଟାରେ ରତ୍ନମୁଦ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶ୍ରଦ୍ଧାଳୁମାନେ ମନ୍ଦିର ଦଧିନଉତିରେ ରତ୍ନ, ମୁଦ୍ରା, ଶସ୍ୟ ଆଦି ଅର୍ପଣ କରିଥିଲେ। ପରେ ପ୍ରସାଦ ସେବନ ଓ ଅପରାହ୍ନ ୨ଟାରେ ପୂର୍ଣ୍ଣାହୁତି ପ୍ରଦାନ କରାଯାଇଥିଲା। ଏହି ଅବସରରେ ବହୁ ଦୂରଦୂରାନ୍ତରୁ ଶ୍ରଦ୍ଧାଳୁଙ୍କ ସୁଅ ଛୁଟିଥିଲା। ସୂଚନାଯୋଗ୍ୟ, ଏହି ମନ୍ଦିର କେଦାରନାଥ ମନ୍ଦିର ଆକୃତିରେ ନିର୍ମାଣ କରାଯାଇଛି।



## ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟ: ହାତୀମୁଣ୍ଡ ଚାମ୍ପିଅନ

ଖମାର, ୧୦ ।୧୧(ସମିସ): ପାଲଲହଡ଼ା ବ୍ଲକ ବଡିସୁଆ ପଞ୍ଚାୟତ ଝରିଆଖମଣ ଗାଁ ଶ୍ରୀ ସନାତନ କ୍ଲବ୍ ପକ୍ଷରୁ ଆୟୋଜିତ ୩ ଦିନିଆ ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଛି। ଏହି ଟୁର୍ଣ୍ଣାମେଣ୍ଟରେ ୧୬ ଦଳକୁ ଅଂଶଗ୍ରହଣ କରିଥିଲେ। ଫାଇନାଲ୍ ମ୍ୟାଚ୍ ହାତୀମୁଣ୍ଡ ଓ ଗୁରୁଣ୍ଡିଆମୁଣ୍ଡା ମଧ୍ୟରେ ଖେଳାଯାଇଥିଲା। ଟାଇ ବ୍ରେକର୍‌ରେ ହାତୀମୁଣ୍ଡ ଦଳ ୨-୧ ଗୋଲ୍‌ରେ ବିଜୟୀ ହୋଇ ଚାମ୍ପିଅନ ହୋଇଛି। ଅମିତ କୁରଲୀ, ମୟେକା ହେମ୍ବ୍ରମ ଓ ଚନ୍ଦନ ବୈପାଇ ଖେଳ ପରିଚାଳନା କରିଥିଲେ। କ୍ଲବ୍ ସଭାପତି କ୍ରିଷ୍ଣା ପୂର୍ତ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ସାମ୍ବାଦିକ ରଘୁନନ୍ଦନ ଆଚାର୍ଯ୍ୟ ମୁଖ୍ୟଅତିଥି, ଅଖିଳ ଭାରତୀୟ ହୋ ଭାଷା ସଂଗଠନ ସମ୍ପାଦକ ଚନ୍ଦ୍ରମୋହନ ମୁଣ୍ଡୁରୀ ମୁଖ୍ୟବକ୍ତା, ରାଜ୍ୟ ହୋ ଭାଷା ସଂଗଠନ କାର୍ଯ୍ୟକାରୀ ସଭାପତି ଈଶ୍ୱର ଚନ୍ଦ୍ର ପିଙ୍ଗୁଆ ଓ ଜିଲ୍ଲା କାର୍ଯ୍ୟକାରୀ ସଭାପତି ଖଗେଶ୍ୱର ପିଙ୍ଗୁଆ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ।



ଅତିଥିମାନେ ଚାମ୍ପିଅନ ଦଳକୁ ଟ୍ରଫି ସହ ୧୦ ହଜାର ୧ ଟଙ୍କା ଓ ରନର୍ସଅପ ଦଳକୁ ୮ ହଜାର ୧ ଟଙ୍କା ଆର୍ଥିକ ପୁରସ୍କାର ପ୍ରଦାନ କରିଥିଲେ। କ୍ଲବ୍‌ର ବରିଷ୍ଠ ସଭ୍ୟ ବାସୁ ବୈପାଇ ସଭା ପରିଚାଳନା କରିଥିଲେ।

## ନିଟ୍ ପରୀକ୍ଷାରେ ସୌମ୍ୟଙ୍କ ସଫଳତା

କଣିହାଁ, ୧୦ ।୧୧(ସମିସ): କଣିହାଁ ବ୍ଲକ କମରେଇ ପଞ୍ଚାୟତ ଦଣ୍ଡସିଂହା ଗ୍ରାମର ସୌମ୍ୟରଞ୍ଜନ ପରିଡ଼ା (୨୦) ନିଟ୍ ପରୀକ୍ଷାରେ ସଫଳତା ହାସଲ କରିଛନ୍ତି। ୫୧୯ ନମ୍ବର ରଖି ରାଜ୍ୟରେ ୧୧୪୯ ଓ ସର୍ବଭାରତୀୟ ସ୍ତରରେ ୩୨୭୮୧ ସ୍ଥାନରେ ସେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଦଣ୍ଡସିଂହା ଗ୍ରାମର ଶିକ୍ଷକ ମୁନା ପରିଡ଼ା ଓ ନିରୁପମା ପରିଡ଼ାଙ୍କ ପୁଅ ସୌମ୍ୟରଞ୍ଜନ ଏନଟିପିସି ଦୀପଶିଖା ସ୍ୱରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ପାଠପଢ଼ି ଦଶମ ଶ୍ରେଣୀ ପାସ୍ କରିବା ପରେ ଢେଙ୍କାନାଳସ୍ଥିତ ଇ-ଟେକ ଉଚ୍ଚ ମାଧମିକ ଶିକ୍ଷାନୁଷ୍ଠାନରେ ଯୁକ୍ତଦୁଇ ପଢ଼ିଥିଲେ। ସେ ଦୈନିକ ୧୦ରୁ ୧୨ଘଣ୍ଟା ପରିଶ୍ରମ କରୁଥିଲେ। ଏହି ସଫଳତା ପାଇଁ ସେ ନିଜ ବାପାମାଆ, ଦୀପିଶିଖା ବିଦ୍ୟାମନ୍ଦିର ପ୍ରଧାନ ଆଚାର୍ଯ୍ୟ ସୁଶାନ୍ତ କୁମାର ତ୍ରିପାଠୀ ଓ ଶିକ୍ଷକ ସମେତ ଇ-ଟେକ୍ ଶିକ୍ଷାନୁଷ୍ଠାନର ଅଧ୍ୟାପକମାନଙ୍କୁ ଶ୍ରେୟ ଦେଇଛନ୍ତି। ଏ ନେଇ ଉତ୍କଳ ଗୋପାଳ ସମାଜ ଓ ବିଭିନ୍ନ ଅନୁଷ୍ଠାନ ତଥା ବ୍ୟକ୍ତିବିଶେଷ ତାଙ୍କୁ ଶୁଭକମାନା ଜଣାଇଛନ୍ତି।



## ଜିଲ୍ଲାପାଳଙ୍କ ଲୋଭି ଠାକୁରାଣୀ ମନ୍ଦିର ପରିଦର୍ଶନ



ବଁଅରପାଳ, ୧୦ ।୧୧(ସମିସ): ବଁଅରପାଳ ବ୍ଲକ ଗଡ଼ସନ୍ତ୍ରୀସ୍ଥିତ ପ୍ରସିଦ୍ଧ ଲୋଭି ଠାକୁରାଣୀଙ୍କ ମନ୍ଦିରରେ ମା'ଙ୍କ ବାର୍ଷିକ ଯାତ୍ରା ଜାରି ରହିଛି। ଯାତ୍ରାର ଅନ୍ତିମ ଦିନରେ ଅନୁଗୋଳ ଜିଲ୍ଲାପାଳ ମହମ୍ମଦ ଅଖତର, ବଁଅରପାଳ ବିଡିଓ ଲୋଚନ ଦାସ, ତହସିଲଦାର ସୁଶାନ୍ତ ମିଶ୍ର ଗଡ଼ସନ୍ତ୍ରୀ ଗ୍ରାମରେ ପହଞ୍ଚି ମା'ଙ୍କୁ ଦର୍ଶନ କରିବା ସହ ପାରିପାର୍ଶ୍ୱିକ ସ୍ଥିତି ବୁଲି ଦେଖିଥିଲେ। ମା'ଙ୍କ ୫ଦିନ ଯାତ୍ରା ଦେଖିବାକୁ ଲକ୍ଷାଧିକ ଭକ୍ତ ଆସିଥାନ୍ତି। ସୋମବାର ଜିଲ୍ଲାପାଳଙ୍କ ସହ ଅନ୍ୟ ଅଧିକାରୀମାନେ ପହଞ୍ଚି ଗଡ଼ସନ୍ତ୍ରୀ ଓ ତୁଳସୀପାଳ ଗ୍ରାମବାସୀଙ୍କ ସହ ମନ୍ଦିରର ଅଭାବ ଅସୁବିଧା ସମ୍ପର୍କରେ ଆଲୋଚନା କରିଥିଲେ। ମନ୍ଦିର ଉନ୍ନତି ପାଇଁ ଦୁଇ ଗ୍ରାମବାସୀ ବିଭିନ୍ନ ପ୍ରସ୍ତାବ ଦେଇଥିଲେ। ଏହି ମନ୍ଦିରର ବିକାଶ ପାଇଁ ୨ କୋଟି ୨୬ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି। ଏଥିରେ ଛୋଟପିଲାଙ୍କ ମୁଣ୍ଡନ ପାଇଁ ମଣ୍ଡପ, ଭୋଗ ମଣ୍ଡପ, ମନ୍ଦିର ଚାରିପାଖରେ ଲାଇଟ ବ୍ୟବସ୍ଥା ସହ ଟ୍ରାନ୍ସଫର୍ମର, ପାଣିଟାଙ୍କି, ପକ୍କା ରାସ୍ତା ନିର୍ମାଣ ପାଇଁ ପ୍ରସ୍ତାବ ଦିଆଯାଇଥିଲା। ଏହି ସହଯୋଗ ପାଇଁ ଉଭୟ ଗ୍ରାମବାସୀ ଜିଲ୍ଲାପାଳଙ୍କୁ ଧନ୍ୟବାଦ ଜଣାଇଛନ୍ତି।

# ଜିଲ୍ଲାସ୍ତରୀୟ ମିଳିତ ଜନଶୁଣାଣି କାର୍ଯ୍ୟକ୍ରମ

ଅନୁଗୋଳ, ୧୦ ।୧୧(ସମିସ): ଜିଲ୍ଲାପାଳ ଅବଦାଲ୍ ମୁହମ୍ମଦ ଅଖତରଙ୍କ ଅଧ୍ୟକ୍ଷତାରେ ବଁଅରପାଳ ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ସୋମବାର ଜିଲ୍ଲାସ୍ତରୀୟ ମିଳିତ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଶିବିରରେ ମୋଟ ୩୦ ଅଭିଯୋଗ ଗ୍ରହଣ କରାଯାଇଥିଲା। ସେଥିମଧ୍ୟରୁ ୨୫ଟି ବ୍ୟକ୍ତିଗତ ଓ ୫ଟି ସାମୂହିକ ଅଭିଯୋଗର ଶୁଣାଣି ହୋଇଥିବାବେଳେ ୩ଟି ଅଭିଯୋଗର ତୁରନ୍ତ ଫଇସଲା କରାଯାଇଥିଲା। କାର୍ଯ୍ୟକ୍ରମରେ ଅତିରିକ୍ତ ଏସ୍‌ପି ରାଜୀବ ଲୋଚନ ପଣ୍ଡା, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଦେବଦତ୍ତ ମହନ୍ତ, ଅନୁଗୋଳ ଉପଜିଲ୍ଲାପାଳ ମାୟାଧର ବେହେରା, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ମଦନ ମୋହନ ପ୍ରଧାନ, ଜିଲ୍ଲା ଶିକ୍ଷା ଅଧିକାରୀ ନିରଞ୍ଜନ ସାହୁ, ଜିଲ୍ଲା ମଙ୍ଗଳ ଅଧିକାରୀ ଦିଲୀପ କୁମାର ମିଶ୍ର, ଜିଲ୍ଲା ଯୋଗାଣ ଅଧିକାରୀ ଶ୍ରୀନିବାସ ସାହୁ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ନିରୁପମା ପାଣି, ଜିଲ୍ଲା ଶିଳ୍ପକେନ୍ଦ୍ର ମହାପ୍ରବନ୍ଧକ ହିମାଂଶୁ ଶେଖର ସାହୁ, ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ସତ୍ୟନାରାୟଣ ସାହୁଙ୍କ ସମେତ ବିଭିନ୍ନ ଜିଲ୍ଲାସ୍ତରୀୟ ଓ ବ୍ଲକସ୍ତରୀୟ ଅଧିକାରୀ ଯୋଗଦେଇଥିଲେ।



# ଜୟ ଜଗନ୍ନାଥ ସେବା ସଂଘର ସାଧାରଣ ବୈଠକ

ଛେଣ୍ଡିପଦା, ୧୦ ।୧୧(ସମିସ)

ସ୍ଥାନୀୟ ଯୋଗକେନ୍ଦ୍ରଠାରେ ଜୟ ଜଗନ୍ନାଥ ସେବା ସଂଘ ଛେଣ୍ଡିପଦା ମଣ୍ଡଳର ସାଧାରଣ ବୈଠକ ଅନୁଷ୍ଠିତ ହୋଇଛି। ପୂର୍ବତନ ସଭାପତି ବିପିନ ବିହାରୀ ନାଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ପୂର୍ବତନ ସାଧାରଣ ସମ୍ପାଦକ ଅଧ୍ୟାପକ ବୁଦ୍ଧଦେବ ପ୍ରଧାନ ଗତ ପୁରୀ ରଥଯାତ୍ରା ଉପଲକ୍ଷେ ହୋଇଥିବା ସେବା କାର୍ଯ୍ୟକ୍ରମର ଆୟବ୍ୟୟ ବିବରଣୀ ପ୍ରଦାନ କରିଥିଲେ। ଏହି ଅବସରରେ ସଂଘର ନୂତନ କର୍ମକର୍ତ୍ତା ମନୋନୟନ ହୋଇଥିଲା। ସଭାପତି ଭାବେ ଅବସରପ୍ରାପ୍ତ ଶିକ୍ଷକ ବିପିନ ବିହାରୀ ନାଥ, ଉପସଭାପତି ଭାବେ ଅବସରପ୍ରାପ୍ତ ଅଧ୍ୟାପକ ବିଭୂତି ଭୂଷଣ ମହାପାତ୍ର, ସାଧାରଣ ସମ୍ପାଦକ ଭାବେ ଅଧ୍ୟାପକ ବୁଦ୍ଧଦେବ ପ୍ରଧାନ, ସହସମ୍ପାଦକ ଭାବେ ସୁଜିତ୍ କୁମାର ଗଡ଼ନାୟକ, କୋଷାଧ୍ୟକ୍ଷ ଭାବେ ସୁଜିତ୍ କୁମାର ସାହୁ ପ୍ରମୁଖ ମନୋନୀତ ହୋଇଛନ୍ତି। ସେହିପରି ଉପଦେଷ୍ଟା କମିଟି ସଦସ୍ୟ ଭାବେ ରାଜକିଶୋର ସାହୁ, ପ୍ରମୋଦ କୁମାର ବେହେରା, ଚକ୍ରଧର ପ୍ରଧାନ, ରମାକାନ୍ତ ସାହୁ, ଯଶୋବନ୍ତ ପ୍ରସାଦ ବେହେରା, ଗଣେଶ୍ୱର ପ୍ରଧାନଙ୍କୁ ଚୟନ କରାଯାଇଛି। ଏହି ଅବସରରେ ସଙ୍ଘକୁ ଦୃଢ଼ୀଭୂତ କରିବା ପାଇଁ ମଣ୍ଡଳର ସବୁ ଗ୍ରାମରେ କାର୍ଯ୍ୟକାରୀ ସଦସ୍ୟମାନେ ପହଞ୍ଚି ସଂଘର ସେବା ସମ୍ପର୍କରେ ଆଲୋଚନା କରିବା ନେଇ ନିଷ୍ପତ୍ତି ହୋଇଛି। ସେହିପରି ସଂଘର ସଦସ୍ୟ ସଂଖ୍ୟା ବୃଦ୍ଧି କରାଯିବ। ସମୟାନୁକ୍ରମେ ମଣ୍ଡଳରେ ଥିବା ସମସ୍ତ ଜଗନ୍ନାଥ ମନ୍ଦିରରେ ବୈଠକ କରାଯିବ। ଗ୍ରାମଗୁଡ଼ିକର ମୁଖ୍ୟ ବୈଠକ ସ୍ଥାନରେ ଶ୍ରୀଜଗନ୍ନାଥଙ୍କ ଫଟୋ ଲଗାଇବା, ପୁରୀରେ ସେବାକାର୍ଯ୍ୟ ନିମିତ୍ତ ସ୍ଥାୟୀ ଜାଗା ବ୍ୟବସ୍ଥା କରିବା ଇତ୍ୟାଦି ଉପରେ ଆଲୋଚନା ହୋଇଥିଲା। ନାରାୟଣ ସାହୁ, ଅଜିତ ପ୍ରଧାନ, କୁମୁଦ ଜେନା, ସତ୍ୟବାଦୀ ପ୍ରଧାନ, ଲକ୍ଷ୍ମୀଧର ସାହୁ, ସହଦେହ ମାଝୀ, ଶୁକ୍ରୁ ସାହୁ, ପ୍ରକାଶ ସାହୁ, ପତିତପାବନ ସାହୁ, କାଡୁନାଥ ସାହୁ, ରୁଷଭ ସାହୁ, ମହେଶ୍ୱର ସାହୁ, ମାନସ ରଞ୍ଜନ ସାହୁ, ମୀନକେତନ ସାହୁ, ଲଳିତ ମୋହନ ଗଡ଼ନାୟକ, ଉମେଶ ମାଝୀ ପ୍ରମୁଖ ସହଯୋଗ କରିଥିଲେ। ଉମାକାନ୍ତ ତ୍ରିପାଠୀ ଧନ୍ୟବାଦ ପ୍ରଦାନ କରିଥିଲେ।



## ଏନଟିପିସି ଟ୍ରେନ ଓ ରେଳ ଧାରଣାରୁ ବିଭିନ୍ନ ସାମଗ୍ରୀ ଚୋରି; ଦୁଇଭାଇ ଗିରଫ

କଣିହାଁ, ୧୦ ।୧୧(ସମିସ): ରାଜ୍ୟ ବାହାରୁ ଏନଟିପିସିକୁ ଏକ ମାଲବାହୀ ଟ୍ରେନ କୋଇଲା ନେଇ ଆସୁଥିବା ବେଳେ କଣିହାଁ ବ୍ଲକ ବିଜୁଗୋଳ ପଞ୍ଚାୟତ ଆମ୍ବପାଳ ଲେବୁଲ୍ କ୍ରସିଂଠାରେ ଶନିବାର ଏହାର ୪ ବଗି ଲାଇନଚ୍ୟୁତ ହୋଇଥିଲା। ତେବେ ଏହି ଟ୍ରେନ୍ ଓ ରେଳଧାରଣାରେ ପଡ଼ିଥିବା ବିଭିନ୍ନ ସାମଗ୍ରୀ ଚୋରି ହୋଇଥିଲା। ଏ ନେଇ ଏନଟିପିସି ସୁରକ୍ଷା ବାହିନୀ ପକ୍ଷରୁ ଟାଉନ ଥାନାରେ ଅଭିଯୋଗ ହୋଇଥିଲା। ପୁଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ବେଳେ ସୋମବାର ଆମ୍ବପାଳ ଗ୍ରାମର ପ୍ରକାଶ ବେହେରା (୨୬) ଓ ରଞ୍ଜନ ବେହେରା (୨୫)ଙ୍କୁ ଗିରଫ କରିଛି। ପ୍ରକାଶ ଓ ରଞ୍ଜନ ସମ୍ପର୍କରେ ଦୁଇଭାଇ ବୋଲି ଜଣାପଡ଼ିଛି। ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନା ଏସଆଇ ଏମଡି ପଣ୍ଡା ସୂଚନା ଦେଇଛନ୍ତି।

BEST OFFER
SALE
Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.
9437015112

# ତୁଳସୀପୁରରୁ ମାଧବ ମନ୍ଦିରକୁ ଗଲା ତୁଳସୀ ଭାର




ଚାରିଛକ,୧୦।୧୧(ସମିସ): ବୁଧବାର ହେଉଛି ମାର୍ଗଶୀର ମାସ ଅଷ୍ଟମୀ ତିଥି। ଯାହା ଆମ ଓଡ଼ିଆ ସଂସ୍କୃତି ଓ ପରମ୍ପରାରେ ପୋଢୁଁଆ ଅଷ୍ଟମୀ ପର୍ବ ଭାବେ ପାଳିତ ହୋଇଥାଏ। ପରିବାରର ଜ୍ୟେଷ୍ଠ ସନ୍ତାନମାନଙ୍କ ପାଇଁ ମାମୁ ଘରୁ ଆସିଥାଏ ପୋଢୁଆଁ ଭାର। ନବ ବସ୍ତ୍ର ସହିତ ପିଠାପଣା ଆସିଥାଏ ମାମୁ ଘରୁ। ସେହି ପରମ୍ପରା ପ୍ରାଚୀ ଉପତ୍ୟକାର ମାଧବ ମନ୍ଦିରରେ ପ୍ରଚଳିତ ରହି ଆସିଛି। ପ୍ରାଚୀ ଉପତ୍ୟକାର ମାଧବ ମନ୍ଦିର ହେଉଛି ଶ୍ରୀଜଗନ୍ନାଥଙ୍କ ମାମୁ ଘର। ପ୍ରତିବର୍ଷ ପୋଢୁଆଁ ଅଷ୍ଟମୀ ପୂର୍ବ ଦିନ ମାଧବ ମନ୍ଦିରରୁ ତୁଳସୀ, ଫଳମୂଳ, ଚନ୍ଦନ କାଠ, ପାଟ ବସ୍ତ୍ର, ଗୀତଗୋବିନ୍ଦ ଖଣ୍ଡୁଆ ପ୍ରଭୃତି ଭାର ମାଧବ ମନ୍ଦିର ସେବକ, ଜଗନ୍ନାଥ ପ୍ରେମୀ, ମାଧବପ୍ରେମୀମାନେ ଏକ ଶୋଭାଯାତ୍ରାରେ ପୁରୀ ଶ୍ରୀକ୍ଷେତ୍ର ନେଇ ଶ୍ରୀମନ୍ଦିର ପ୍ରଶାସନ ନିକଟରେ ପ୍ରଦାନ କରିଥା'ନ୍ତି। ଏହି ଭାରରେ ଯେଉଁ ତୁଳସୀ ଯାଇଥାଏ ତାକୁ ନିମାପଡ଼ା ବ୍ଲକ୍ ତୁଳସୀପୁର ଗ୍ରାମର ଜଗନ୍ନାଥ ପ୍ରେମୀମାନେ ମାଧବ ମନ୍ଦିରକୁ ଯୋଗାଇଥା'ନ୍ତି। ସୋମବାର ତୁଳସୀପୁରର ବାବା ବୃନ୍ଦାବନ ମଠଠାରୁ ଶ୍ରଦ୍ଧାଳୁମାନେ ତୁଳସୀ, ଫଳମୂଳ ସବୁ ଭାରରେ ଲଦି ଏକ ଶୋଭାଯାତ୍ରାରେ ମାଧବ ମନ୍ଦିରକୁ ନିଆଯାଇଥିଲା। ଶ୍ରୀଜଗନ୍ନାଥ ଓ ଶ୍ରୀମାଧବାନନ୍ଦ ଧ୍ୱନିରେ ସାରା ଅଞ୍ଚଳ ପ୍ରକମ୍ପିତ ହୋଇ ପଡ଼ିଥିଲା। ତୁଳସୀପୁର ଗ୍ରାମରୁ ଶ୍ରୀଜଗନ୍ନାଥଙ୍କ ପାଇଁ ତୁଳସୀ ଭାର ଯିବା ପରମ୍ପରା ପୁନଃ ପ୍ରଚଳନ ହୋଇଥିବାରୁ ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି। ମାଧବ ମନ୍ଦିରରୁ ଶ୍ରୀଜଗନ୍ନାଥଙ୍କ ପାଇଁ ଯାଉଥିବା ପୋଢୁଆଁ ଭାର ପାଇଁ ପ୍ରତିବର୍ଷ ତୁଳସୀପୁର ଅଞ୍ଚଳରୁ ତୁଳସୀ ଯୋଗାଇ ଦିଆଯିବ ବୋଲି ଶ୍ରଦ୍ଧାଳୁ ଭକ୍ତମାନେ ପ୍ରକାଶ କରିଛନ୍ତି। ଏହି ଭାର ଯିବା ସମୟରେ ରଘୁନାଥ ବେହେରା, ସୁରେନ୍ଦ୍ର ଭୋଇ, ସନ୍ତୋଷ ଦାଶ, ପ୍ରଶାନ୍ତ ଦେବଗୋସ୍ୱାମୀ, ଅରକ୍ଷିତ ଭୋଇ, ରତ୍ନାକର ଦାସ, କୁନା ବେହେରା, ପ୍ରତାପ ସାହୁ, ସୁରେନ୍ଦ୍ର ବେହେରା, ରଜନୀକାନ୍ତ ସେନ୍, ଆଲୋକ ତ୍ରିପାଠୀ, ପ୍ରଶାନ୍ତ ସାହୁ ପ୍ରମୁଖ ସାମିଲ୍ ଥିଲେ।

# ପ୍ରାଚୀ ଗୁରୁ ଧର୍ମ ପୀଠର କ୍ଷେତ୍ର ପରିକ୍ରମା



ନୟାହାଟ,୧୦।୧୧(ସମିସ): ପୁରୀ ଜିଲ୍ଲା ଗୋପ ବ୍ଲକ୍ ଅନ୍ତର୍ଗତ ନୟାହାଟସ୍ଥିତ ପ୍ରାଚୀ ଗୁରୁ ଧର୍ମକ୍ଷେତ୍ରର ବେଢ଼ା ପରିକ୍ରମା ଆଶ୍ରମର ମୁଖ୍ୟ ବାବାଜୀ ଦାମୋଦର ଦାସଙ୍କ ତତ୍ତ୍ୱାବଧାନରେ ସୋମବାର ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ସମସ୍ତ ଭାଇ, ମାଆ ଓ ଶ୍ରଦ୍ଧାଳୁ ଏକତ୍ରିତ ହୋଇ ଶ୍ରୀଗୁରୁଦେବଙ୍କ ଆସନ୍ନ ମନ୍ଦିରରେ ଗୁରୁଦେବଙ୍କୁ ପୂଜାର୍ଚ୍ଚନା କରିବା ପରେ, ଜଗନ୍ନାଥ ସଂସ୍କୃତି ରୀତିନୀତି ଅନୁସାରେ ଆରମ୍ଭ ହୋଇଥିଲା ବେଢ଼ା ପରିକ୍ରମା ଉତ୍ସବ। ଦିନ ୧୨ଟାରେ ଆଶ୍ରମରୁ ଏହି ପରିକ୍ରମା ଦଳ ବାହାରି ହୁଳହୁଳି, ହରିବୋଲ, ଶଙ୍ଖ ଧ୍ୱନି, ମହାମନ୍ତ୍ର ଓଁ କୃଷ୍ଣ ମଧୁସୂଦନ ବାସୁଦେବ ଜନାର୍ଦ୍ଦନ ନାମରେ ନୟାହାଟ, ବାସୁଦେବ ମନ୍ଦିର, ମା' ଚର୍ଚ୍ଚିକା, ନରସିଂହପୁର, ଗୋପୀ ଦାସ ମଠ, ନରସିଂହପୁର ଗଡ଼ ପ୍ରଭୃତି ପରିକ୍ରମା କରିଥିଲେ। ଏହି ପରିକ୍ରମା ଦଳରେ ବାବାଜୀ ଅକ୍ଷୟ କୁମାର ଦାସ, ବାବାଜୀ ପୂର୍ଣ୍ଣାନନ୍ଦ ଦାସ, ବାବାଜୀ ଆତ୍ମାନନ୍ଦ ଦାସ, ସର୍ବଶ୍ରୀ ଡାକ୍ତର ରତ୍ନାକର ମହାନ୍ତି, ନୀଳମଣି ସାହୁ, ରମେଶ ବିଟି, ମହେଶ ସାହୁ, ବ୍ରଜ ଭାଇ, ଚରଣ ଭାଇ, ଧୋବେଇ ଭାଇ, ସୁକାନ୍ତ ଭାଇ, ବ୍ରହ୍ମା ଭାଇ, ରାଜୁ ଭାଇ, ନଛି ଭାଇ, ହାପି ଭାଇ, ବାଳକୃଷ୍ଣ ଭାଇ, କାଳିଆ ଭାଇ, ଲିଙ୍ଗା ଭାଇ, ଯୋଗେନ୍ଦ୍ର ଭାଇ, ସେବିକା ସବିତା ଦାସ, ଅନୁ ମା', ବାସନ୍ତୀ ମା', ଶାନ୍ତି ମା', ଉର୍ମିଳା ମା', ବୀଣା ମା', ଲବଙ୍ଗ ମା', ତୁମୁକି ମା', ଡଲି ମା', ଶୁକ ମା' ପ୍ରମୁଖଙ୍କ ସହ ବହୁ ସଂଖ୍ୟାରେ ଭକ୍ତ ସାମିଲ୍ ହୋଇଥିଲେ। ନାମ ସଂକୀର୍ତ୍ତନରେ ଅଞ୍ଚଳରେ ଆଧ୍ୟାତ୍ମିକ ଜାଗରଣ ସୃଷ୍ଟି ହୋଇଥିଲା ବୋଲି ସେବକ ପ୍ରୀତି ରଞ୍ଜନ ଦାସ ପ୍ରକାଶ କରିଛନ୍ତି। ଏହା ଆଶ୍ରମର ୩୦ ପର୍ବରୁ ଅନ୍ୟତମ ଅଟେ।

# କେନାଲ ବନ୍ଧ ରାସ୍ତାର ସୌନ୍ଦର୍ଯ୍ୟକରଣ ପାଇଁ ଶିଳାନ୍ୟାସ



ନିମାପଡ଼ା,୧୦।୧୧(ସମିସ): ନିମାପଡ଼ା ଏନ୍ଏସି ଅନ୍ତର୍ଗତ ଜୟଶ୍ରୀ ଛକଠାରୁ ପାଟପୁର ପର୍ଯ୍ୟନ୍ତ କେନାଲ ବନ୍ଧ ବାମପଟ ରାସ୍ତାର ସୌନ୍ଦର୍ଯ୍ୟକରଣ ନିମନ୍ତେ ସୋମବାର ସ୍ଥାନୀୟ ବିଧାୟିକା ତଥା ରାଜ୍ୟ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ଦ୍ୱାରା ଶିଳାନ୍ୟାସ ହୋଇଯାଇଛି। ୭୭ ଲକ୍ଷ ଟଙ୍କା ବ୍ୟୟରେ ଉକ୍ତ ରାସ୍ତାର ବିଭିନ୍ନ ମରାମତି ଓ ସୌନ୍ଦର୍ଯ୍ୟକରଣ କରାଯିବ। ଭିତ୍ତିପ୍ରସ୍ତର ସ୍ଥାପନ ସମୟରେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ାଙ୍କ ସହ ଜଗତସିଂହପୁର ସାଂସଦଙ୍କ ନିମାପଡ଼ା ଏନ୍ଏସି ପ୍ରତିନିଧି ମୀନଲତା ମହାନ୍ତି, ଏନ୍ଏସି ଅଧ୍ୟକ୍ଷା ସସ୍ମିତା ସାହୁ, ଉପାଧ୍ୟକ୍ଷ ସନ୍ତୋଷ କୁମାର ଦାଶ, ବିଡିଓ ଡ. ଅଭିଜିତ୍ ଷଡ଼ଙ୍ଗୀ, ତହସିଲଦାର ଡ. ମନୋଜ ପ୍ରଧାନ, ଓଟିଡିସି ଜିଏମ୍ ଧର୍ମେନ୍ଦ୍ର ପ୍ରଧାନ, ଏସି ସୁନିଲ ବେହେରା, ଏସ୍ଡିଓ ପ୍ରଶାନ୍ତ କୁମାର ଜେନା, ଜେଇ ରାକେଶ ଧର, ଯୁବ ସଭାପତି ସାଇ ପ୍ରୀତମ୍ ପଟ୍ଟନାୟକ, କାଉନ୍ସିଲର ଧନୁର୍ଦ୍ଧର ଦାଶ, ବିନୋଦ ବିହାରୀ ସ୍ୱାଇଁ, ବ୍ରଜେନ୍ଦ୍ର ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ।

# ୧୩ରେ ଡେଲାଙ୍ଗ ବ୍ଲକ୍‌ସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା

ଡେଲାଙ୍ଗ,୧୦।୧୧(ସମିସ): ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗ ପକ୍ଷରୁ ଡେଲାଙ୍ଗ ବ୍ଲକ୍ ବେରବୋଇ ମେଳଣ ପଡ଼ିଆଠାରେ ଆସନ୍ତା ୧୩ ତାରିଖ ଦିନ ବ୍ଲକ୍‌ସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଆୟୋଜିତ ହେବ। ଏହି ମେଳାରେ ମତ୍ସ୍ୟ, ପ୍ରାଣୀ ସମ୍ପଦ ଓ ଅନ୍ୟାନ୍ୟ ବିଭାଗୀୟ କାର୍ଯ୍ୟକ୍ରମ ପ୍ରଦର୍ଶନୀ, ଚାଷୀ ଓ ବିଶେଷଜ୍ଞମାନଙ୍କ ମଧ୍ୟରେ ଆଲୋଚନାଚକ୍ର, ଚାଷରେ ଉପୁଜୁଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ଚାଷୀମାନଙ୍କୁ ସଚେତନତା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ବ୍ଲକ୍ ପ୍ରାଣୀ ଚିକିତ୍ସା କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ ପୁରୀ ସାଂସଦ ଓ ସ୍ଥାନୀୟ ବିଧାୟକଙ୍କ ସମେତ ବିଶେଷଜ୍ଞମାନେ ଯୋଗଦେଇ ଚାଷୀମାନଙ୍କୁ ଉତ୍ସାହିତ କରିବା ସହିତ ଡେଲାଙ୍ଗ ବ୍ଲକ୍‌ର ମତ୍ସ୍ୟ ଓ ଗୋ-ପାଳକଙ୍କ ଉନ୍ନତି ଦିଗରେ ଉଦ୍‌ବୋଧନ ଦେବେ। ସେହିପରି ମତ୍ସ୍ୟ ଓ ପ୍ରାଣୀ ସମ୍ପଦ କ୍ଷେତ୍ରରେ ପାରଙ୍ଗମ ସଫଳତା ହାସଲ କରିଥିବା ଚାଷୀମାନଙ୍କୁ ମଞ୍ଚରେ ସମ୍ବର୍ଦ୍ଧିତ କରାଯିବ ବୋଲି ବ୍ଲକ୍ ପ୍ରାଣୀ ଚିକିତ୍ସା ଅଧିକାରୀ ପ୍ରୀତିତୋଷ ମହାପାତ୍ର ସୂଚନା ଦେଇଛନ୍ତି।

## ଦିଲ୍ଲୀ ବିସ୍ଫୋରଣ ପରେ ପୁରୀରେ ହାଇ ଆଲର୍ଟ

# ବଡ଼ଦାଣ୍ଡରେ ପଇଁତରା ମାରୁଛି 'ରକ୍ଷକ'






**ପୁରୀ,୧୦।୧୧(ସମିସ):** ଦିଲ୍ଲୀ ବିସ୍ଫୋରଣ ପରେ ହାଇ ଆଲର୍ଟରେ ପୁରୀ। ଶ୍ରୀମନ୍ଦିର, ବେଳାଭୂମି, ରେଳ ଷ୍ଟେସନ ଆଦି ବିଭିନ୍ନ ଜନଗହଳିପୂର୍ଣ୍ଣ ସ୍ଥାନରେ ଏହି ହାଇ ଆଲର୍ଟ ଜାରି କରାଯାଇଛି। ଏ ସମ୍ପର୍କରେ ସୂଚନା ଦେଇଛନ୍ତି ଏସ୍‌ପି ପ୍ରତୀକ୍ ସିଂ। ସେ କହିଛନ୍ତି, ସବୁ ଥାନାଧିକାରୀଙ୍କୁ ସତର୍କ କରିଦିଆଯାଇଛି। ନିଜ ନିଜ ଅଞ୍ଚଳରେ ପାଟ୍ରୋଲିଂ ସହିତ କଡ଼ା ନଜର ରଖିବାକୁ କୁହାଯାଇଛି। ସେହି ପୁରୀ ସହର କ୍ଷେତ୍ରରେ ଦେଖିଲେ ସବୁ ପ୍ରବେଶ ପଥରେ ଚେକିଂ କଡ଼ାକଡ଼ି କରାଯିବ। ବେଳାଭୂମି, ରେଳ ଷ୍ଟେସନ, ବସ୍‌ଷ୍ଟାଣ୍ଡରେ କଡ଼ା ନଜର ରଖିବାକୁ କୁହାଯାଇଛି। କୌଣସି ବ୍ୟକ୍ତିଙ୍କ ଉପରେ ଯଦି ସନ୍ଦେହ ହୁଏ ତେବେ ଜନସାଧାରଣ ତୁରନ୍ତ ୧୧୨କୁ କଲ୍ କରିବାକୁ ଅନୁରୋଧ। ବିଶେଷକରି ହୋଟେଲ ଏବଂ ଲଜ୍ ଉପରେ କଡ଼ା ନଜର ରଖାଯାଇଛି ବୋଲି ଏସ୍‌ପି କହିଛନ୍ତି। ଅନ୍ୟପକ୍ଷରେ ବୁଲେଟ୍ ପ୍ରୁଫ୍ ରକ୍ଷକ ଗାଡ଼ି ଏବେ ସହରରେ ପଇଁତରା ମାରୁଛି। ବିଶେଷକରି ଶ୍ରୀମନ୍ଦିର ଏବଂ ବଡ଼ଦାଣ୍ଡ ଉପରେ ଏହି ଗାଡ଼ିରୁ ସଶସ୍ତ୍ର ଯବାନମାନେ ନଜର ରଖିଛନ୍ତି।

### ଶ୍ରୀମନ୍ଦିର, ବେଳାଭୂମି ଓ ରେଳ ଷ୍ଟେସନ ଉପରେ କଡ଼ା ନଜର

ଶ୍ରୀମନ୍ଦିର ଉପରେ ଆତଙ୍କବାଦୀଙ୍କ ନଜର ରହିଥିବା ପୂର୍ବରୁ ଅନେକଥର ଗୋଇନ୍ଦା ବିଭାଗ ରିପୋର୍ଟ ଦେଇଆସିଛି। ଯେଉଁଥିପାଇଁ ଗତ କିଛିବର୍ଷ ହେବ ଏନ୍ଏସ୍‌ଜି ପକ୍ଷରୁ ଶ୍ରୀମନ୍ଦିର ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କରାଯାଇଥାଏ। ସେହିପରି ବେଳାଭୂମି, ରେଳ ଷ୍ଟେସନ ଏବଂ ବସ୍‌ଷ୍ଟାଣ୍ଡରେ ପ୍ରତିଦିନ ହଜାର ହଜାର ଯାତ୍ରୀ, ପର୍ଯ୍ୟଟକଙ୍କ ସମାଗମ ହୋଇଥାଏ। ତେଣୁ ଦିଲ୍ଲୀ ବିସ୍ଫୋରଣ ପରେ ପୁରୀ ଭଳି ଏକ ଅନ୍ତର୍ଜାତୀୟ ପର୍ଯ୍ୟଟନ ଓ ଆଧ୍ୟାତ୍ମିକ ସହରରେ ହାଇ ଆଲର୍ଟ ଜାରି କରାଯାଇଛି।

# କାକଟପୁର ତହସିଲ୍ କାର୍ଯ୍ୟାଳୟରେ ଦଲାଲରାଜ୍ ଅଭିଯୋଗ

ଗମ୍ଭାରୀପଦା,୧୦।୧୧(ସମିସ): କାକଟପୁର ତହସିଲ୍ କାର୍ଯ୍ୟାଳୟରେ ବିନା ଦଲାଲରେ କୌଣସି ଫାଇଲ୍ ଗୋଟେ ଟେବୁଲ୍‌ରୁ ଅନ୍ୟ ଟେବୁଲକୁ ଯାଉ ନ ଥିବା ଅଭିଯୋଗ ହେଉଛି। କାର୍ଯ୍ୟାଳୟକୁ କର୍ମଚାରୀମାନେ ସରକାରଙ୍କ ଦ୍ୱାରା ସ୍ଥିରୀକୃତ ସମୟ ମଧ୍ୟରେ ଆସୁ ନ ଥିବାରୁ ଦୂରଦୂରାନ୍ତରୁ ତହସିଲ୍‌କୁ ଆସୁଥିବା ଲୋକେ ଅସନ୍ତୋଷ ବ୍ୟକ୍ତ କରୁଛନ୍ତି। ସରକାରୀ କାର୍ଯ୍ୟରେ ସ୍ୱଚ୍ଛତା ରକ୍ଷା କରି ତ୍ୱରିତ ସମୟାନୁବନ୍ଧିତ ସମୟସୀମା ମଧ୍ୟରେ କାର୍ଯ୍ୟ ଜନସାଧାରଣଙ୍କୁ ଯୋଗାଇଦେବା ଉଦ୍ଦେଶ୍ୟରେ ଅନ୍‌ଲାଇନ୍ ବ୍ୟବସ୍ଥା କରାଯାଇଥିଲେ ମଧ୍ୟ ସମୟ ମୁତାବକ କୌଣସି କାର୍ଯ୍ୟ ଯୋଗାଇ ଦିଆଯାଉ ନ ଥିବା ଅଭିଯୋଗ ହେଉଛି। ଏପରିକି କାକଟପୁର ତହସିଲ୍ ଅଧୀନରେ ଥିବା ସରକାରୀ ଜମିରେ ସରକାରୀ କାର୍ଯ୍ୟାଳୟ ପାଇଁ ଜମି ଯୋଗାଇଦେବାକୁ ବର୍ଷ ବର୍ଷ ଧରି ସମ୍ପୃକ୍ତ କାର୍ଯ୍ୟାଳୟର କର୍ମଚାରୀମାନେ ତହସିଲ୍‌କୁ ଦୌଡ଼ି ଦୌଡ଼ି ନୟାନ୍ତ ହେଲେ ମଧ୍ୟ ତହସିଲ୍‌ର ସମ୍ପୃକ୍ତ କର୍ମଚାରୀମାନେ ସେଥିପ୍ରତି ଦୃଷ୍ଟି ଦେଉନାହାନ୍ତି। ଇନ୍‌କମ୍, ଜାତିଗତ, ରେସିଡେନ୍ସ ପ୍ରମାଣପତ୍ର ଭଳି ଅତ୍ୟାବଶ୍ୟକ କାର୍ଯ୍ୟ ପାଇଁ ଦଲାଲଙ୍କ ମାଧ୍ୟମ ନିହାତି ଅପରିହାର୍ଯ୍ୟ ହୋଇପଡ଼ିଛି।

ଅଞ୍ଚଳ ଅଧିକାରୀଙ୍କ ଅଧୀନରେ ଥିବା ସରକାରୀ ଜମିରେ ଜବରଦଖଲ ସହ ମୂଲ୍ୟବାନ ଦେବୋତ୍ତର ସମ୍ପତ୍ତିଗୁଡ଼ିକ ଏଗ୍ରୀମେଣ୍ଟ ମାଧ୍ୟମରେ କିଣାବିକା ହେଉଛି। ଏପରିକି କାକଟପୁର ତହସିଲ୍ ଅଧୀନରେ ଥିବା ଅନେକ ଚାଷ ଜମି ସାରଦ, ବିଆଳି, ଦୋଫସଲି, ଜଳାଶୟ କିସମଗୁଡ଼ିକୁ ଘରବାରି କିସମକୁ ପରିବର୍ତ୍ତନ ନ କରି ମଧ୍ୟ ବିଶାଳ ଅଟ୍ଟାଳିକାମାନ ଗଢ଼ିଉଠିଛି। ଯାହାଫଳରେ ସରକାର ରାଜସ୍ୱ ହରାଉଛନ୍ତି। ଅନ୍ୟପକ୍ଷରେ ଘରବାରି କିସମ ପାଇଁ ସରକାରଙ୍କ ଦ୍ୱାରା ସ୍ଥିରୀକୃତ ନୀତି ନିୟମକୁ ଅଣଦେଖା କରାଯାଇ କିସମ ପରିବର୍ତ୍ତନ କରାଯାଇଥିବା ଅଭିଯୋଗ ହେଉଛି। ସରକାରୀ ଜମି ଜବରଦଖଲର ଅଭିଯୋଗ କଲେ ମଧ୍ୟ ସ୍ଥାନୀୟ ରାଜସ୍ୱ ବିଭାଗ ଚୁପ୍ ରହି ପରୋକ୍ଷରେ ସରକାରୀ ଜମି ଦଖଲକାରୀଙ୍କୁ ପ୍ରୋତ୍ସାହିତ କରୁଛନ୍ତି। ଏପରିକି ଦୀର୍ଘ ବର୍ଷ ଧରି ସରକାରୀ ଜମିରୁ ଉଚ୍ଛେଦ ପାଇଁ ଅଭିଯୋଗ କରାଯାଇଥିବା କେସ୍‌ଗୁଡ଼ିକୁ ଅଧିକାରୀ ଗୁରୁତ୍ୱ ନ ଦେଇ ଜରିମାନା ବାବଦରେ ପାଉତି କାଟି ଚୁପ୍ ହୋଇ ବସି ରହୁଛନ୍ତି। ମାଟି ମାଫିଆ ଓ ନମ୍ବର ବିହୀନ ଟ୍ରାକ୍ଟର ମାଲିକମାନେ ନଦୀପଠା, ଗୋଚର ଓ ଅନାବାଦି ଜମିରୁ ଛୁଟି ଦିନଗୁଡ଼ିକରେ ବାଲି, ମାଟି ନେଇ ବିକ୍ରି କରୁଥିବା ଅଭିଯୋଗ ହେଉଛି। ବିଶେଷକରି ଛୁଟି ଦିନଗୁଡ଼ିକରେ କୌଣସି ରାଜସ୍ୱ ଅଧିକାରୀ କିମ୍ବା ତହସିଲଦାର ହେଡ୍‌କ୍ୱାର୍ଟରରେ ରହୁ ନ ଥିବା ଅଭିଯୋଗ ମଧ୍ୟ ହେଉଛି। ଫଳରେ ମାଫିଆମାନଙ୍କୁ ଲୁଟ୍ କରିବାକୁ ସୁଯୋଗ ମିଳୁଛି। କାକଟପୁର ଅଞ୍ଚଳ ଅଧିକାରୀ ଏକାଧିକ ଦାୟିତ୍ୱ ବହନ କରିଥିବାରୁ ସେ ଜନସାଧାରଣଙ୍କୁ ଉପଯୁକ୍ତ ସେବା ପ୍ରଦାନ କରିପାରୁ ନାହାନ୍ତି। ଉକ୍ତ ସମସ୍ୟାଗୁଡ଼ିକୁ ବିଚାରକୁ ନେଇ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ କାକଟପୁର ଜନସାଧାରଣଙ୍କ ପକ୍ଷରୁ ରାଜସ୍ୱ ସଚିବ, ରାଜସ୍ୱ ମନ୍ତ୍ରୀ ଓ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କଠାରେ ଦାବି କରିଛନ୍ତି।

# ବୃଦ୍ଧଙ୍କୁ ଆକ୍ରମଣ କରି ଟଙ୍କା ଲୁଟ୍



ନୟାହାଟ,୧୦।୧୧(ସମିସ): ରବିବାର ଲୁନାରେ ଜଣେ ବୃଦ୍ଧ ନିଜ ଘରକୁ ଫେରିବା ବାଟରେ ଜଣେ କୁଖ୍ୟାତ୍ ଅପରାଧୀ ଶେଖ୍ ରାଜନ୍ ଥଣ୍ଡା ବୋତଲରେ ତାଙ୍କୁ ଆକ୍ରମଣ କରି ୪ ହଜାର ଟଙ୍କା ଲୁଟିନେଇଥିବା ନୟାହାଟ ଫାଣ୍ଡିରେ ଅଭିଯୋଗ ହୋଇଛି। ପ୍ରକାଶ ଯେ, ନୟାହାଟ ଫାଣ୍ଡି ଅନ୍ତର୍ଗତ ଜଙ୍ଗଲବୋରୀ ପଞ୍ଚାୟତ ଚଢ଼େଇଖିଆ ବସ୍ତିର ଶେଖ୍ ତାହିର୍ ଖାଁ ନୟାହାଟ ବଜାରରୁ ଅପରାହ୍ଣ ୧.୩୦ ସମୟରେ ଘରକୁ ଯାଉଥିବାବେଳେ ଚଢ଼େଇଖିଆ ବସ୍ତି ନିକଟରେ ଶେଖ୍ ରାଜନ୍ ନାମକ ଯୁବକ ଅଟକାଇ ଥଣ୍ଡା ବୋତଲରେ ମୁଣ୍ଡକୁ ଆକ୍ରମଣ କରିଥିଲେ। ମୁଣ୍ଡ ଫାଟି ରକ୍ତସ୍ରାବ ହେବାରୁ ତାହିର୍‌ଙ୍କୁ ଗୋପ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ତାହିର୍‌ଙ୍କ ପତ୍ନୀ ଦେମୁନ ବିବିଙ୍କ ଅଭିଯୋଗ ପରେ ଗୋପ ଥାନା କେସ୍ ନମ୍ବର ୩୮୬/୨୫ରେ ଏକ ମାମଲା ରୁଜୁ ହୋଇଛି। ଶେଖ୍ ରାଜନ୍‌ଙ୍କ ନାମରେ ଗୋପ ଥାନାରେ ଏକାଧିକ ମାମଲା ରହିଛି। ତାଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ନୟାହାଟ ଫାଣ୍ଡି ଅଧିକାରୀ ଶ୍ରୀଧର ମଲ୍ଲିକ ପ୍ରକାଶ କରିଛନ୍ତି।

# ବ୍ଲକ୍‌ସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା



ନିମାପଡ଼ା,୧୦।୧୧(ସମିସ): ନିମାପଡ଼ା ଟାଉନ ହଲ୍ ପରିସରରେ ରାଜ୍ୟ ମତ୍ସ୍ୟ ଓ ପଶୁ ସମ୍ପଦ ବିଭାଗ ଦ୍ୱାରା ସୋମବାର ବ୍ଲକ୍‌ସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବିଧାୟିକା ତଥା ରାଜ୍ୟ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ସମ୍ମାନିତ ଅତିଥିଭାବେ ଜଗତସିଂହପୁର ସାଂସଦ ଡ. ବିଭୂ ପ୍ରସାଦ ତରାଇ, ବ୍ଲକ୍ ଅଧ୍ୟକ୍ଷ ଶଙ୍କର ଭୋଇ, ଏନ୍ଏସି ଅଧ୍ୟକ୍ଷା ସସ୍ମିତା ସାହୁ, ଆତ୍ମା ଅଧ୍ୟକ୍ଷ ଦିଲ୍ଲୀପ କୁମାର ପରିଡ଼ା, ବିଡିଓ ଡ. ଅଭିଜିତ୍ ଷଡ଼ଙ୍ଗୀ, ତହସିଲଦାର ଡ. ମନୋଜ କୁମାର ପ୍ରଧାନ, ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଚିନ୍ମୟ କୁମାର ଦାସ, ପୁମୁଲ୍ ସଭାପତି ଦିଲ୍ଲୀପ କୁମାର ଦାସ, ପୁରୀ ଜିଲ୍ଲା ମତ୍ସ୍ୟ ଅଧିକାରୀ ସଂଘମିତ୍ରା ପାଣିଗ୍ରାହୀ, ଜିଲ୍ଲା ଭାରପ୍ରାପ୍ତ ପ୍ରାଣୀ ସମ୍ପଦ ଅଧିକାରୀ ରାଜେଶ ପାଣିଗ୍ରାହୀ, ବ୍ଲକ୍ ମତ୍ସ୍ୟ ଅଧିକାରୀ ଆଶିଷ କୁମାର ସାହୁ, ବ୍ଲକ୍ ପ୍ରାଣୀ ସମ୍ପଦ ଅଧିକାରୀ ପ୍ରଦୀପ କୁମାର ଜେନା ପ୍ରମୁଖ ଯୋଗଦେଇ ଉପସ୍ଥିତ ଚାଷୀମାନଙ୍କୁ ଉନ୍ନତମାନର ଚାଷ କାର୍ଯ୍ୟ ପାଇଁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଅତିଥିମାନଙ୍କ ଦ୍ୱାରା ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନାରେ ୬୪ଜଣ ହିତାଧିକାରୀ, ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ ୫ଟି କାର୍ଯ୍ୟଦେଶ, ପ୍ରାଣୀ ସମ୍ପଦ ସମୃଦ୍ଧି ଯୋଜନାରେ ୫୫ଜଣ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ଯୋଜନା, ମତ୍ସ୍ୟ ବିଭାଗ ପକ୍ଷରୁ ୪ଜଣଙ୍କୁ ଉତ୍ତମ ମତ୍ସ୍ୟଚାଷୀ ଓ ବିଭାଗ ତରଫରୁ ୨ଜଣ ମହିଳା ଚାଷୀଙ୍କୁ ୩ ଲକ୍ଷ ୨୦ହଜାର ସବ୍‌ସିଡ୍ ପ୍ରଦାନ କରାଯାଇଛି। ନିମାପଡ଼ା ଉଦ୍ୟାନ ବିଭାଗ ଅଧିକାରୀ ଶୁଭଶ୍ରୀ କର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ସୁରଭି କୃତୀ ବିଦ୍ୟାର୍ଥୀଙ୍କୁ ସାଧନ କେନ୍ଦ୍ରସ୍ତରୀୟ ସମ୍ବର୍ଦ୍ଧନା



କଣାସ,୧୦।୧୧(ସମିସ): ପୁରୀ ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ ସୁରଭି-୨୦୨୫ ଅବସରରେ ଗତ ଶୁକ୍ରବାର ପୁରୀଠାରେ ଆୟୋଜିତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟସ୍ତରୀୟ ସୃଜନାତ୍ମକ ଲିଖନ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ହାସଲ କରି ରାଜ୍ୟସ୍ତରୀୟ ସୁରଭି ପ୍ରତିଯୋଗିତାରେ ଅଂଶଗ୍ରହଣ ପାଇଁ କୃତିତ୍ୱ ହାସଲ କରିଛନ୍ତି କଣାସ ବ୍ଲକ୍ ଗଡ଼ସାନପୁଟ ପଞ୍ଚାୟତର ବିଜୟଲକ୍ଷ୍ମୀ ପ୍ରଧାନ। ସେ ଚୌଦ ମୌଜା ବିଦ୍ୟୁତ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରଥମ ବର୍ଷର ଛାତ୍ରୀ। ସୋମବାର ମନ୍ଦାରବସ୍ତ ସଂଯୁକ୍ତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଆଞ୍ଚଳିକ ସାଧନ କେନ୍ଦ୍ର ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଚୌଦ ମୌଜା ବିଦ୍ୟୁତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଆୟୋଜିତ ସମ୍ବର୍ଦ୍ଧନା ଉତ୍ସବରେ ବିଦ୍ୟାଳୟର ବରିଷ୍ଠ ଅଧ୍ୟାପିକା ଦୀପ୍ତିମୟୀ ରାୟ, ରବିନ୍ଦ୍ର ସୁନ୍ଦରାୟ, ଅଞ୍ଜଳି ମିଶ୍ର, ବିଜୟପଣ୍ଡା, ଅନ୍ନପୂର୍ଣ୍ଣା ବେହେରା, ରଶ୍ମିତା ନାୟକ, ରଞ୍ଜିତା ନାୟକ ପ୍ରମୁଖ ବିଜୟାଲକ୍ଷ୍ମୀଙ୍କ ସଫଳତାକୁ ନେଇ ଗର୍ବ ପ୍ରକାଶ କରିବା ସହ ରାଜ୍ୟସ୍ତରରେ ସେ ନିଜର ପ୍ରତିଭା ପ୍ରଦର୍ଶନ ନେଇ ଶ୍ରେଷ୍ଠତା ହାସଲ କରିପାରିବେ ବୋଲି ମତ ଦେଇଥିଲେ। ସ୍ଥାନୀୟ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜିକା ମମତା ସାହୁ ଏବଂ ଭୂପତିଭୂଷଣ ତ୍ରିପାଠୀ ବିଜୟାଲକ୍ଷ୍ମୀଙ୍କୁ ପୁଷ୍ପଗୁଚ୍ଛ ଓ ମାନପତ୍ର ଦେଇ ସ୍ୱାଗତ କରିବା ସହ ରାଜ୍ୟସ୍ତରରେ କୃତିତ୍ୱ ହାସଲ ପାଇଁ ପ୍ରଚେଷ୍ଟା ଜାରି ରଖିବା ପାଇଁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏହି ବିଦ୍ୟାଳୟର ଶିବସ୍ୱ ମଙ୍ଗରାଜ, ସଂଘମିତ୍ରା ପଣ୍ଡା, ସଂସଦ କୁମାର ପ୍ରଧାନ, ଜଗନ୍ନାଥ ଅଧିକାରୀ ଓ ରଜନୀକାନ୍ତ ବଡ଼ଜେନା ପ୍ରମୁଖ ଏହି ଅବସରରେ ଉପସ୍ଥିତ ଥିଲେ।

# ୧୯ ଗୋରୁ ଜବତ, ଜଣେ ଗିରଫ

କଣାସ,୧୦।୧୧(ସମିସ): ରବିବାର ସନ୍ଧ୍ୟା ୫ଟା ବେଳେ ୩ଜଣ ବ୍ୟକ୍ତି ୧୯ଟି ଗୋରୁଙ୍କୁ ବେଆଇନ ଓ ନିର୍ଦ୍ଦୟ ଭାବେ ଅଣ୍ଡା ଗ୍ରାମରୁ ବେଣାପଞ୍ଜରି ଗ୍ରାମ ଆଡ଼କୁ ଚୋରା ଚାଲାଣ କରୁଥିବା ସମୟରେ ସନ୍ଦେହରେ ଜଣେ ବ୍ୟକ୍ତି ତାଙ୍କୁ ପଚାରି ବିନା କାଗଜପତ୍ରରେ ନେଉଥିବା ଜାଣି କଣାସ ଥାନାକୁ ଖବର ଦେଇଥିଲେ। କଣାସ ପୁଲିସ ତୁରନ୍ତ ଘଟଣାସ୍ଥଳ ଅଁଳାଯୋଡ଼ିରେ ପହଞ୍ଚି ସମସ୍ତ ୧୯ଟି ଗୋରୁ ଜବତ କରିବା ସହିତ ଜଣେ ବ୍ୟକ୍ତିଙ୍କୁ ଗିରଫ କରିଥିଲେ। ଆଉ ଅନ୍ୟ ଦୁଇ ଜଣ ଫେରାର୍ ଅଛନ୍ତି। ଜବତ ଗୋରୁମାନଙ୍କୁ ଭୁବନେଶ୍ୱରସ୍ଥିତ ଗୋଶାଳାକୁ ଉତ୍ତମ ରକ୍ଷଣାବେକ୍ଷଣ ପାଇଁ ହସ୍ତାନ୍ତର କରାଯାଇଛି। ଅଭିଯୁକ୍ତ ଗୋ-ଚାଲାଣକାରୀ କମର ଅଲ୍ଲୀ ଖାଁଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ତାକୁ ବିଚାର ବିଭାଗୀୟ ହାଜତକୁ ପଠାଯାଇଛି। ବେଆଇନ ଗୋରୁ ଚାଲାଣ ଉପରେ ପୁଲିସ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କଣାସ ଆଇଆଇସି ସୂଚନା ଦେଇଛନ୍ତି।

## ଅଲୋଡ଼ା ହୋଇଛି ଅଭିଯୋଗ ଶୁଣାଣି

# ମୁଖ୍ୟମନ୍ତ୍ରୀଙ୍କ ତଦନ୍ତ ନିର୍ଦ୍ଦେଶକୁ ଫୁଁ'



କୃଷ୍ଣପ୍ରସାଦ,୧୦।୧୧(ସମିସ): ଜନସାଧାରଣ ନ୍ୟାୟରୁ ବଞ୍ଚିତ ହେଲେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ କିମ୍ବା ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରି ତାଙ୍କ ଶୁଣାଣିକୁ ଅପେକ୍ଷା କରିଥା'ନ୍ତି। ଜିଲ୍ଲାପାଳ କିମ୍ବା ମୁଖ୍ୟମନ୍ତ୍ରୀଙ୍କ ନିଷ୍ପତ୍ତିକୁ ଲୋକଙ୍କ ଭୟ ଥାଏ। ସରକାରଙ୍କ ଅଭିଯୋଗ ଶୁଣାଣି ମାଧ୍ୟମରେ ଲୋକଙ୍କୁ ନ୍ୟାୟ ମିଳିଥାଏ। ସେହି ଆଶା ଭରସା ନେଇ ମୁଖ୍ୟମନ୍ତ୍ରୀଙ୍କ ପ୍ରକୋଷ୍ଠରେ ଏକ ଅଭିଯୋଗ କରି ମୁଖ୍ୟମନ୍ତ୍ରୀ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିଲେ। ହେଲେ ବିଭାଗୀୟ ଅଧିକାରୀମାନେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକୁ ଫୁଁ' କରିଛନ୍ତି। ଏଭଳି ଏକ ଅଭାବନୀୟ ଘଟଣା ଘଟିଛି ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ୍‌ର ଖୋଦ୍ ଶିକ୍ଷା ବିଭାଗରେ। କୃଷ୍ଣପ୍ରସାଦ ବ୍ଲକ୍ ଚିଲିକା ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷାର୍ଥୀମାନଙ୍କୁ ଲଗାଇ ମଧ୍ୟାହ୍ନରେ ବିଦ୍ୟାଳୟକୁ ଗୋଡ଼ି ବୁହାଇଥିଲେ। କୁନି କୁନି ପିଲାମାନଙ୍କୁ ଶ୍ରମିକ କରି ବିଦ୍ୟାଳୟରେ ଖଟାଇବା କାର୍ଯ୍ୟକୁ ଜନସାଧାରଣ, ଅଭିଭାବକମାନେ ଘୋର୍ ନିନ୍ଦା କରିଛନ୍ତି। ଏନେଇ ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କ ନିଲମ୍ବନ ଦାବି କରିଛନ୍ତି। ବ୍ଲକ୍ ଶିକ୍ଷାଧିକାରୀ, ଜିଲ୍ଲା ଶିକ୍ଷାଧିକାରୀଙ୍କ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ କିଛି ପଦକ୍ଷେପ ନେଇ ନ ଥିଲେ। ଶେଷରେ ଚଳିତ ବର୍ଷ ଅଗଷ୍ଟ ମାସରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଅଭିଯୋଗ କରିଥିଲେ। ଗତ ଅଗଷ୍ଟ ୧୮ ତାରିଖରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱର ସହ ଆଲୋଚନା କରି ୩ ଦିନ ମଧ୍ୟରେ ତଦନ୍ତ କରି ପଦକ୍ଷେପ ନେବାକୁ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଜିଲ୍ଲା ଶିକ୍ଷାଧିକାରୀ ବ୍ଲକ୍ ଶିକ୍ଷାଧିକାରୀଙ୍କୁ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇ ନିଜର ଦୋଷ ତୁଟାଇଦେଲେ। ୩ ଦିନ ବଦଳରେ ୩ ମାସ ବିତିଯାଇଥିଲେ ମଧ୍ୟ ତଦନ୍ତ ଆଉ ପଦକ୍ଷେପ ସେହିଠାରେ ଅଟକିଯାଇଛି। ଏହାକୁ ଜିଲ୍ଲା ଶିକ୍ଷାଧିକାରୀ ତଦନ୍ତ କରିଛନ୍ତି ନା ମୁଖ୍ୟମନ୍ତ୍ରୀଙ୍କ ପ୍ରକୋଷ୍ଠର ଅଧିକାରୀମାନେ ତଦନ୍ତ କରିଛନ୍ତି। ଯାହାଦ୍ୱାରା ଲୋକଙ୍କ ଭରସା ତୁଟିବାରେ ଲାଗିଛି। ସମାନ ମାସରେ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ୍‌ରେ ପିଲାମାନଙ୍କ ଦ୍ୱାରା କାଠ ବୋହି ସୁରେନ୍ଦ୍ର ନାଥ ବିଦ୍ୟାପୀଠର ପ୍ରଧାନଶିକ୍ଷକ ଅଗଷ୍ଟ ମାସରେ ନିଲମ୍ବିତ ହୋଇଥିଲେ। ତେବେ ପ୍ରଶ୍ନ ଉଠୁଛି ଉକ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କ ହାତ ରାଜନୀତି ସହ ରହିଛି ନା ଉପର ଅଧିକାରୀଙ୍କ ମୁହଁ ଟଙ୍କାରେ ବନ୍ଦ କରିଛନ୍ତି? ଏହିଭଳି ଯଦି ସବୁ ଦୁର୍ନୀତିଗ୍ରସ୍ତ ଅଧିକାରୀ ଏହି ରାସ୍ତାର ପଥିକ ହେବେ ତେବେ ଜନସାଧାରଣ ନ୍ୟାୟ ପାଇବେ କିପରି।

> ▶ ୩ ଦିନ ମଧ୍ୟରେ ତଦନ୍ତ କରି ପଦକ୍ଷେପ ନେବାକୁ ଥିଲା ନିର୍ଦ୍ଦେଶ
> ▶ ୩ ମାସ ବିତିଯାଇଥିଲେ ମଧ୍ୟ ତଦନ୍ତର ନାଁ ଗନ୍ଧ ନାହିଁ

BEST OFFER
SALE
Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.
9437015112



## ସିଟି କଟକ

### ଷଷ୍ଠ ଦିନରେ ଐତିହାସିକ ବାଲିଯାତ୍ରା

# ଖାଇଲେ କମ୍; କିଣିଲେ ଅଧିକ














**କଟକ, ୧୦।୧୧(ସମିସ)**

ଐତିହାସିକ ବାଲିଯାତ୍ରାର ଆଜି ଥିଲା ଷଷ୍ଠ ଦିନ। ସୋମବାର ଥିବା ଦର୍ଶକମାନେ ଖାଇବା ଉପରେ ଏତେ ବେଶି ଧ୍ୟାନ ଦେଇନଥିଲେ। କିଣାବିକା ଜୋରଦାର୍ ହୋଇଥିଲା। ଯଦିଓ ଗତକାଲି ଭଳି ଭିଡ଼ ସମାଗମ ହୋଇନଥିଲା ତଥାପି ୮ ଲକ୍ଷରୁ ଅଧିକ ଦର୍ଶକ ପଡ଼ିଆରେ ଯାତ୍ରା ଉପଭୋଗ କରୁଥିଲେ। ଯାତ୍ରା ପଡ଼ିଆରେ ମଧ୍ୟାହ୍ନ ସମୟରୁ ଲୋକଙ୍କ ଭିଡ଼ ବେଶ ଜମିଥିବା ଦେଖିବାକୁ ମିଳିଥିଲା। ଘର କରଣା ଓ ହସ୍ତତନ୍ତ ସାମଗ୍ରୀ କିଣିବାକୁ ଲୋକ ଆଗ୍ରହ ଥିବାବେଳେ 'ଓରମାସ' ପରିସର ଲୋକାରଣ୍ୟ ହୋଇ ଉଠିଥିଲା। ଏହାସହ ସନ୍ଧ୍ୟା ବେଳକୁ ମଧ୍ୟ ଭିଡ଼ ବଢ଼ି ବଢ଼ି ଯାଇଥିଲା। ଓରମାସରେ ହାତବୁଣା ଶାଢ଼ୀ, ଡ୍ରେସ କପଡ଼ା, ଘର କରଣା ଜିନିଷର ଅଧିକ ଡିମାଣ୍ଡ ରହିଛି। ସେହିପରି ସୋମବାର ଥିବାରୁ ଆମିଷ ଖାଦ୍ୟର ଡିମାଣ୍ଡ ଯେତିକି ନଥିଲା ସେତିକି ଦହିବରା ଆଳୁଦମ, ଚାଟ୍, ଗୁପଚୁପ ଓ ରାଜସ୍ଥାନୀ ଖାଦ୍ୟର ମଜା ଉଠାଇଥିଲେ। ଜିଲ୍ଲା ପ୍ରଶାସନ ପକ୍ଷରୁ ଲେଜର୍ ଲାଇଟ ସୋ ବାଲିଯାତ୍ରାର ଷଷ୍ଠଦିନର ପ୍ରମୁଖ ଆକର୍ଷଣ ଥିଲା। ମହାନଦୀର ଜଳରାଶିରେ ପ୍ରାୟ ୨୦ମିନିଟ ସମୟରେ ଧରି ଏହି ସୋ' କରାଯାଇଥିଲା। ଲେଜର ଲାଇଟ୍ ସୋ'ରେ ମହାନଦୀର ଜଳରେ ଫୁଆର ସୃଷ୍ଟି କରାଯାଇ ସେଥିରେ ଓଡ଼ିଶାର ଐତିହ୍ୟ, ସଂସ୍କୃତିକୁ ପ୍ରଦର୍ଶନ କରାଯାଇଥିଲା। ଜାତୀୟ ଫୁଲ, ପତାକା, ନୌବାଣିଜ୍ୟ ଗାଥା ସହ ତଅପୋଇ ଗୀତ ଠାରୁ ଆରମ୍ଭ କରି ମହାନଦୀରେ ବୋଇତ ବନ୍ଦାଣ ଆଦି ବିଭିନ୍ନ କଳାକୃତି ଏଥିରେ ପ୍ରଦର୍ଶିତ କରାଯାଇଥିଲା। ଏହି ଲେଜର ଲାଇଟ ସୋକୁ ଦେଖିବାକୁ ମହାନଦୀ କୂଳରେ ଲୋକଙ୍କ ନାହିଁ ନଥିବା ଭିଡ଼ ଜମିଥିଲା। ଅନ୍ୟପଟେ ଓରମାସ୍‌ରେ ସ୍ୱତନ୍ତ୍ର ଭାବେ ପ୍ରଦର୍ଶିତ ହୋଇଥିବା ଗୋବରରେ ତିଆରି ବିଭିନ ସାମଗ୍ରୀର ଡିମାଣ୍ଡ ଦେଖିବାକୁ ମିଳିଥିଲା। ଏହାକୁ କଟକ କଲ୍ୟାଣନଗର ଅଞ୍ଚଳରେ ଥିବା ରୁଦ୍ରାଣି ଏସଏସଜି ଗ୍ରୁପ ପକ୍ଷରୁ ୧୦ଜଣ ସଦସ୍ୟ ମାନେ ତିଆରି କରିଛନ୍ତି। ଗାଈ ଗୋବରରେ ତିଆରି ଚପଲ, କଠଉ, ମଧୁମେହ ଓ ରକ୍ତଚାପ ରୋଗୀଙ୍କ ପାଇଁ ଆକ୍ୟୁପ୍ରେସର, ଦୀପ, ଡୋର ୱାଲ, ବସ୍ତୁ ସାମଗ୍ରୀ, ଘଣ୍ଟା, ମୋବାଇଲ ଷ୍ଟାଣ୍ଡ, ଓମ, ସ୍ୱସ୍ତିକ ଭଳି ବିଭିନ୍ନ ଭେରାଇଟିର ସୋ ପିସ ଆଦି ରହିଛି। ଏହି ସବୁର ଦର ୫୦ ଟଙ୍କାରୁ ଆରମ୍ଭ ହୋଇ ୧୫୦୦ ଟଙ୍କା ଯାଏ ରହିଛି। ତେବେ ବାଲିଯାତ୍ରାକୁ କିଛିବର୍ଷ ହେବ ବେପାର ପାଇଁ ଆସୁଥିବାବେଳେ ଚଳିତବର୍ଷ ଏହି ସାମଗ୍ରୀର ଡିମାଣ୍ଡ ରହିଛି ଏବଂ ଖୁବ ଭଲ ବେପାର ହେବ ବୋଲି ବ୍ୟବସାୟୀ ମାନେ ଆଶା ରଖିଛନ୍ତି।

ଅନ୍ୟପଟେ ଯାତ୍ରା ପଡ଼ିଆରେ ମହିଳା, ଦିବ୍ୟାଙ୍ଗ, ବରିଷ୍ଠ ନାଗରିକ ଓ ହଜିଯାଇଥିବା ଜିନିଷପତ୍ରକୁ ଠାବ କରିବା ଲାଗି ୪ଟି ସ୍ୱତନ୍ତ୍ର ଦଳ ନାକେଦମ ହୋଇଥିଲେ। ଆଜି ଗହଳି ଥିବାରୁ ଭିଡ଼ ଭିତରେ ଅପରାଧ ଭିଆଇବାକୁ ମସୁଧା କରୁଥିବା ଅପରାଧୀଙ୍କ ଉପରେ ସ୍ୱତନ ନଜର ରଖାଯାଇଥିଲା। ଚୋରି ଓ ଛିନତାଇ ଅଭିଯୋଗରେ ୩୦ ଜଣ ବଞ୍ଜାରା ଅଭିଯୁକ୍ତଙ୍କୁ ପୁଲିସ ଅଟକ ରଖିଥିଲା। ଅନ୍ୟପଟେ ପ୍ରତି 'ରୋ'ରେ ସାଦାପୋଷାକଧାରୀ ପୁଲିସ ଏହି ଅଭିଯୁକ୍ତଙ୍କୁ ଧରିଥିଲେ। ବାଲିଯାତ୍ରାରେ ଲୋକଙ୍କର ବେଶ ଘର କରଣା ସମଗ୍ରୀ କିଣିବାକୁ ଓରମାସ ପରିସରରେ ଭିଡ଼ ଜମିଥିଲା। ଏହାସହ ବ୍ରହ୍ମପୁର ଆଚାର, ପାମ୍ପଡ କିଣିବାକୁ ଲୋକ ବେଶ ଆଗ୍ରହ ଥିବା ଦେଖିବାକୁ ମିଳିଥିଲା। ସେହିପରି ପଡ଼ିଆରେ ଖାସ କରି ଛୋଟ ପିଲା ଓ ଯୁବପିଢ଼ୀ ଦୋଳି କାଉଣ୍ଟର ପାଖରେ ବେଶ ଭିଡ଼ ଜମାଇ ଦୋଳି'ର ମଜା ନେଇଥିଲେ। ପଡ଼ିଆରେ ନିରାମିଷ ଖାଦ୍ୟ ମଧ୍ୟରେ ଦହିବରା ଆଳୁଦମ, ଚାଟ, ମୋମୋ, ଠୁଙ୍କାପୁରୀ, ଲଙ୍କାଚପ ଇତ୍ୟାଦି ଖାଦ୍ୟ ଷ୍ଟଲ ଗୁଡିକରେ ଲୋକ ଭିଡ଼ ଜମାଇ ଖାଇବାର ମଜା ନେଉଥିବା ଦେଖିବାକୁ ମିଳିଥିଲା।













## ଗୌରମୋହନ ଓ ପ୍ରେମଲତାଙ୍କୁ ଶ୍ରଦ୍ଧାଞ୍ଜଳି



**କଟକ, ୧୦।୧୧(ସମିସ):** ଅବସରପ୍ରାପ୍ତ ପ୍ରଶାସକ ତଥା ଜଣାଶୁଣା ସ୍ତମ୍ଭକାର, ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ବ୍ୟକ୍ତିଗତ ସଚିବ ଗୌରମୋହନ ଷଡଙ୍ଗୀ ଓ ତାଙ୍କ ସହଧର୍ମିଣୀ ପ୍ରେମଲତା ଷଡଙ୍ଗୀଙ୍କ ପ୍ରୟାଗରାଜରେ ଅସ୍ଥି ବିସର୍ଜନ କ୍ରିୟା ସମ୍ପନ୍ନ ଅବସରରେ ଟାଙ୍ଗୀସ୍ଥିତ ବାସଭବନରେ ସୋମବାର ବିଶେଷ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜ୍ୟେଷ୍ଠପୁତ୍ର ଭାରତୀୟ ବନସେବାର ଅବସରପ୍ରାପ୍ତ ବରିଷ୍ଠ ଅଧିକାରୀ ପ୍ରଫୁଲ୍ଲ ଷଡଙ୍ଗୀ ଶ୍ରାଦ୍ଧ କର୍ମ ସମ୍ପାଦନ କରିଥିଲେ। ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ କାର୍ଯ୍ୟକ୍ରମରେ ଯୋଗଦେଇ ସ୍ୱର୍ଗତ ଗୌରମୋହନ ଓ ପ୍ରେମଲତାଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ସହ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଣବ ଷଡଙ୍ଗୀ, ପ୍ରବୁଦ୍ଧ ଷଡଙ୍ଗୀ, ବୈକୁଣ୍ଠ ମିଶ୍ର, ଜୟନ୍ତୀ ମିଶ୍ର, ଶର୍ମିଷ୍ଠା ହୋତା, ପୁଷ୍ପଲତା ଷଡଙ୍ଗୀ, ଦେବସ୍ମିତା ଷଡଙ୍ଗୀ, ବିବେକ ଜୈନଙ୍କ ସମେତ ପରିବାରର ସଦସ୍ୟ ଏବଂ ଟାଙ୍ଗୀ ବିଦ୍ୟାପୀଠ ପୁରାତନ ଛାତ୍ର ସଂଘ 'କ୍ଲବ ଟିଭି-୭୪' ପକ୍ଷରୁ ଜଗବନ୍ଧୁ ସାହୁ, ରମେଶ ବେହେରା ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସ୍ଥାନୀୟ କୋଟେଶ୍ୱର ମନ୍ଦିରରେ ପଂକ୍ତିଭୋଜନ ଆୟୋଜିତ ହୋଇଥିଲା। ଏଥିରେ ସ୍ଥାନୀୟ ଅଞ୍ଚଳର ମୁରବୀ, ମାନ୍ୟଗଣ୍ୟ ବ୍ୟକ୍ତି ଓ ଗ୍ରାମବାସୀ ଯୋଗଦେଇଥିଲେ।

### ବାଲିଯାତ୍ରା ପରିମଳ ବ୍ୟବସ୍ଥାରେ ସିଏମ୍‌ସିର ନୂଆ ପଦକ୍ଷେପ

## 'ବାର୍‌କୋଡ୍ ମୂଲ୍ୟାଙ୍କନ' ଓ 'ପ୍ଲାଷ୍ଟିକ୍ ମୁକ୍ତ' ଅଭିଯାନ ଆରମ୍ଭ




**କଟକ, ୧୦।୧୧(ସମିସ):** କଟକ ମହାନଗର ନିଗମ (ସିଏମସି) ପକ୍ଷରୁ ବାଲିଯାତ୍ରାରେ ସ୍ୱଚ୍ଛତା ବଜାୟ ରଖିବା ପାଇଁ ଅଭିନବ ପଦକ୍ଷେପ ଗ୍ରହଣ କରାଯାଇଛି। ମହାନଗର ନିଗମ କମିଶନର ସୁଶ୍ରୀ କିରନଦୀପ କୌର ସହୋତା ଆଜି ଏହି ସୂଚନା ଦେଇଛନ୍ତି। ମୁଖ୍ୟ ପଦକ୍ଷେପଗୁଡ଼ିକ ବାର୍‌କୋଡ୍ ଆଧାରିତ ମୂଲ୍ୟାଙ୍କନ: ପ୍ରତ୍ୟେକ ଷ୍ଟଲ୍‌କୁ ଏକ ବାର୍‌କୋଡ୍ ପ୍ରଦାନ କରାଯାଇଛି। ଏକ ସ୍ୱତନ୍ତ୍ର ଦଳ ବାର୍‌କୋଡ୍ ସାହାଯ୍ୟରେ ବ୍ୟବସାୟ ସମୟରେ ପରିମଳ ଯାଞ୍ଚ କରିବ ଏବଂ ଶ୍ରେଷ୍ଠ ଷ୍ଟଲ୍‌କୁ 'ସ୍ୱଚ୍ଛ ଚାମ୍ପିଅନ୍' ଭାବେ ପୁରସ୍କୃତ କରାଯିବ। ପ୍ଲାଷ୍ଟିକ ମୁକ୍ତ ଅଭିଯାନ ଅନ୍ତର୍ଗତ ସିଏମସି ଓ କୋକାକୋଲା କମ୍ପାନୀର ମିଳିତ ଉଦ୍ୟମରେ 'ପ୍ଲାଷ୍ଟିକ ଦିଅନ୍ତୁ, ବ୍ୟାଗ୍ ନିଅନ୍ତୁ' ଅଭିଯାନ ଆରମ୍ଭ ହୋଇଛି, ଯାହାଦ୍ୱାରା ପଡ଼ିଆକୁ ପ୍ଲାଷ୍ଟିକ ମୁକ୍ତ କରିବାକୁ ଲକ୍ଷ୍ୟ ରଖାଯାଇଛି। କମିଶନର କହିଛନ୍ତି ଯେ, ଅଯଥା ପ୍ଲାଷ୍ଟିକ ବ୍ୟବହାର ରୋକିବା ପାଇଁ ପ୍ରବର୍ତ୍ତନ ଦଳ ଗଠନ କରାଯାଇଛି ଏବଂ ନିୟମ ଉଲ୍ଲଙ୍ଘନ କଲେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।



### ଫୁଟପାଥ୍ ଶିଶୁଙ୍କ ପାଇଁ ଶିକ୍ଷାର ଆଲୋକ

## ବାଲିଯାତ୍ରାରେ 'ଆସ ସ୍କୁଲ୍ ଯିବା' ଶିବିର ଆରମ୍ଭ

**କଟକ, ୧୦।୧୧(ସମିସ):** ବାଲିଯାତ୍ରା ପଡ଼ିଆରେ କଟକ ଜିଲ୍ଲା ସମଗ୍ର ଶିକ୍ଷା ବିଭାଗ ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ଶିକ୍ଷା ଶିବିର ଆରମ୍ଭ ହୋଇଛି। କେନ୍ଦ୍ର ସରକାରଙ୍କ ଜାତୀୟ ଶିକ୍ଷାନୀତି ଏବଂ ଓଡ଼ିଶା ଆଦର୍ଶ ବିଦ୍ୟାଳୟକୁ ଆଧାର କରି ଫୁଟ୍‌ପାଥ୍‌ରେ ବସବାସ କରୁଥିବା ୫୦ରୁ ଊର୍ଦ୍ଧ୍ୱ ବଞ୍ଜାରା ପିଲାମାନଙ୍କୁ ଶିକ୍ଷା ପ୍ରତି ଆକୃଷ୍ଟ କରିବା ଏହି ଶିବିରର ମୁଖ୍ୟ ଲକ୍ଷ୍ୟ। 'ଆସ ସ୍କୁଲ୍ ଯିବା' କାର୍ଯ୍ୟକ୍ରମ ଅନ୍ତର୍ଗତ ଏହି ଶିବିରରେ ପିଲାମାନଙ୍କୁ ପାଠ୍ୟ ପୁସ୍ତକ ସହ ସାହିତ୍ୟ, ସୃଜନୀ, ଚିତ୍ରାଙ୍କନ ଓ ନାଚଗୀତ ମାଧ୍ୟମରେ ଶିକ୍ଷାଦାନ କରାଯାଉଛି। ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାହେବ ସିନ୍ଦେ ଏହି ଶିବିରକୁ ଉଦ୍‌ଘାଟନ କରିଛନ୍ତି। ଏହି ପିଲାମାନଙ୍କୁ ମଧ୍ୟାହ୍ନ ଭୋଜନ, ପୋଷାକ ଓ ସମସ୍ତ ପାଠ୍ୟ ଉପକରଣ ମାଗଣାରେ ଯୋଗାଇ ଦିଆଯାଉଛି। ଏହି ଅବସରରେ ଜିଲ୍ଲା ଶିକ୍ଷା ଅଧିକାରୀ, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଏବଂ ସମଗ୍ର ଶିକ୍ଷାର ବହୁ ପଦାଧିକାରୀ ଉପସ୍ଥିତ ଥିଲେ। ସମାଜର ମୁଖ୍ୟ ସ୍ରୋତରୁ ବିଚ୍ଛିନ୍ନ ଥିବା ପିଲାମାନଙ୍କୁ ଶିକ୍ଷା ଦେବାର ଏହି ପ୍ରୟାସକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି।


**BEST OFFER SALE**

Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.

9437015112

ମିଳିତ ଜନଅଭିଯୋଗ ଶୁଣାଣି ଶିବିର

# ୧୭୧ ଅଭିଯୋଗର ଶୁଣାଣି କଲେ ପ୍ରଶାସନ

**ରାଜକନିକା, ୧୦।୧୧(ସମିସ)**



ରାଜକନିକା ବ୍ଲକ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ଓ ଏସ୍‌ପିଙ୍କ ମିଳିତ ଜନଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ୧୭୧ଟି ଅଭିଯୋଗର ଶୁଣାଣି ହୋଇଛି। ଏଥିରେ ୧୫୨ଟି ବ୍ୟକ୍ତିଗତ ଓ ୧୯ଟି ସାମୂହିକ ଅଭିଯୋଗ ଥିଲା। ଜିଲ୍ଲାପାଳ ରଘୁରାମ ଆର୍. ଆୟାର, ଏସ୍‌ପି ସିଦ୍ଧାର୍ଥ କଟାରିଆ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି, ଅତିରିକ୍ତ ଜିଲ୍ଲାପାଳ ନବକ୍ରିଷ୍ଣ ଜେନା, ଉପଜିଲ୍ଲାପାଳ ଅରୁଣ ନାୟକ, ଡେପୁଟି କଲେକ୍ଟର ତୃପ୍ତି ମହାନ୍ତି, ରାଜକନିକା ବିଡିଓ କୈଳାସ ଚନ୍ଦ୍ର ମହାଳିକ, କନିକା ତହସିଲଦାର ଭାନୁମତୀ ମାଝୀଙ୍କ ସମେତ ଜିଲ୍ଲାସ୍ତରୀୟ ଓ ବ୍ଲକସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ରହି ଅଭିଯୋଗର ଶୁଣାଣି କରିଥିଲେ। ସିପିଆଇ(ଏମଏଲ) କେନ୍ଦ୍ରାପଡ଼ା ଜିଲ୍ଲା କମିଟି ସମ୍ପାଦକ ବିଧାନ ଦାସ ୮ ଦଫା ସମ୍ବଳିତ ଅଭିଯୋଗ ପତ୍ର ଜିଲ୍ଲାପାଳଙ୍କୁ ପ୍ରଦାନ କରିଥିଲେ।

ସେହିପରି ପବିତ୍ର ରାଉତ ରାଜକନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଥିବା ମିଶନ ଶକ୍ତି କାଫେର ନୂତନ ଏଗ୍ରିମେଣ୍ଟ କରିବା, କ୍ୟାଣ୍ଟିନରେ ମହିଳା ରୋଗୀଙ୍କୁ ଖରାପ ବ୍ୟବହାର କରାଯାଉଥିବା ଅଭିଯୋଗ କରିଥିଲେ। ସୂଚନା ଅଧିକାରୀ କର୍ମୀ ସୁଶାନ୍ତ ନାୟକ ୨୯ଟି ପଞ୍ଚାୟତରେ ଫେସିଲିଟି ସେଣ୍ଟର କାମ ନିମ୍ନମାନର ହୋଇଥିବା ଅଭିଯୋଗ କରିଥିଲେ। ବରଦା ମୌଜାରେ ଥିବା କାଜୁ ବଗିଚାକୁ ଜବରଦଖଲ ମୁକ୍ତ କରିବା ସହ ନିଲାମ କରିବାକୁ ଦାବି କରିଥିଲେ ପଞ୍ଚାୟତବାସୀ। ଏଥିସହ ସରକାରୀ ଜମିରୁ ଜବରଦଖଲ ଉଚ୍ଛେଦ କରାଯିବା, ନୂତନ ହିତାଧିକାରୀ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଆବାସ ପାଇଁ ଆବେଦନ, ରାସ୍ତା ନିର୍ମାଣ, ପାନୀୟଜଳ ସମସ୍ୟା, ନୂତନ ରାସନ କାର୍ଡ ଓ ରାସନ କାର୍ଡରେ ନାମ ସଂଯୋଗ କରିବା, ବ୍ଲକର କଳାକାରଙ୍କ ଭତ୍ତା ପାଇଁ ଆବେଦନ, ତ୍ରିଲୋକ୍ୟପୁର ପଞ୍ଚାୟତ ଗଙ୍ଗାଧର ପ୍ରସାଦଡିଆ ଗାଁକୁ ପୋଲ ନିର୍ମାଣ ପାଇଁ ଆବେଦନ, ଭୂମିହୀନଙ୍କୁ ଜମି ଯୋଗାଇ ଦେବାକୁ ଆବେଦନ ଆଦି ଦାବି ହୋଇଥିଲା।

# ସାମ୍ବାଦିକ କରୁଣାକର କରଙ୍କୁ ଶ୍ରଦ୍ଧାଞ୍ଜଳି



**କେନ୍ଦ୍ରାପଡ଼ା, ୧୦।୧୧(ସମିସ):** ଡେରାବିଶ ବ୍ଲକ ଅଞ୍ଚଳର ଆରାଧ୍ୟ ଦଧିବାମନଜୀଉଙ୍କ ପରମ ସେବକ ତଥା ବରିଷ୍ଠ ସାମ୍ବାଦିକ କରୁଣାକର କର (କନି ନନା)ଙ୍କ ଦ୍ୱାଦଶାହରେ ଦୁମୁକାହାଟରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ସାମାଜିକ କର୍ମୀ ବେବର୍ତ୍ତା ଅଜୟ ଦାସଙ୍କ ସଂଯୋଜନାରେ ଆୟୋଜିତ ସଭାରେ ବିଶିଷ୍ଟ ବ୍ୟକ୍ତିମାନେ ଯୋଗଦେଇ ଶ୍ରଦ୍ଧାସୁମନ ଅର୍ପଣ କରିଛନ୍ତି। ମହନ୍ତ ଡ. ନାମାନନ୍ଦ ଦାଶ, ମାହାଙ୍ଗା ବିଧାୟକ ଶାରଦା ପ୍ରଧାନ, ପୂର୍ବତନ ବିଧାୟକ ଚିନ୍ମୟ ବେହୁରା, କଂଗ୍ରେସ ନେତା ଡ. ରତିକାନ୍ତ କାନୁନ୍‌ଗୋ, ଦେବେନ୍ଦ୍ର ସାହୁ, ବିଜେଡି ନେତା ରବି ସାମଲ, ବିଜେପି ନେତା ସରୋଜ ସାହୁ, ପ୍ରାଧ୍ୟାପକ ଅଜୟ ରାଉତ, ବିଜେପି ନେତ୍ରୀ ମନୀଷା ପଣ୍ଡା ପ୍ରମୁଖ ଯୋଗଦେଇ କନି ନନା କେବଳ ଜଣେ ସାମ୍ବାଦିକ ନ ଥିଲେ, ସେ ଆଧ୍ୟାତ୍ମିକ ସାଂସ୍କୃତିକ ଚେତନାର ଗତିବିଧିକୁ ଅଞ୍ଚଳରେ ଶକ୍ତି, ସ୍ନେହ ଓ ଶ୍ରଦ୍ଧାର ସହିତ ବିସ୍ତାର କରିଥିଲେ। ସେ ମନୁଷ୍ୟତା, ସଂସ୍କୃତି ଓ ଧର୍ମୀୟ ମୂଲ୍ୟବୋଧର ଜୀବନ୍ତ ପ୍ରତୀକ ଥିଲେ। ସମାଜ ସେବା ଓ ନିଷ୍ଠାରେ ସେ ଅସାଧାରଣ ବୋଲି କହିଥିଲେ। ବରିଷ୍ଠ ସାମ୍ବାଦିକ ଚିତ୍ତରଞ୍ଜନ ଦାସ, ଜଗନ୍ନାଥ ଧଳ, ପରେଶ ଦାସ, ଗଣେଶ ସାମଲ, ଭକ୍ତଚରଣ ସାହୁ, ପ୍ରଦୀପ ପୃଷ୍ଟି, ଦୈତାରୀ ଜେନା, ପ୍ରଭାତ ପରିଡ଼ା, ବ୍ଲକ ଉପାଧ୍ୟକ୍ଷ ଦେବାଶିଷ ଆଚାର୍ଯ୍ୟ, ବଟକୃଷ୍ଣ ସାମଲ, ବିଡିଓ ନମିତା ବାରିକ, ପୂର୍ବତନ ସରପଞ୍ଚ ମହେନ୍ଦ୍ର ସିଂହ, ତ୍ରିଲୋଚନ ରାଉତ, ସମିତିସଭ୍ୟ ନିରଞ୍ଜନ କର, ଫନୀନ୍ଦ୍ର ବେହେରା, ଅନନ୍ତ ଜେନା ପ୍ରମୁଖ ଯୋଗଦେଇ ସ୍ୱର୍ଗତ କରଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଏଥିସହ ପ୍ରଶାନ୍ତ ଦାସ, ଜୟଦେବ ପରିଡ଼ା, ବିପିନ ବିହାରୀ ସାହୁ, ସରୋଜକାନ୍ତ ନାୟକ, ହରେକୃଷ୍ଣ ସ୍ୱାଇଁ, ସାହାଜାନ ଖାନ ଉପସ୍ଥିତ ଥିଲେ। ସଭାକୁ ସାମ୍ବାଦିକ ଖୁରସିଦ ଆଲମ ଖାନ, ଧରଣୀଧର ପ୍ରଧାନ ଓ ସତ୍ୟଜିତ ଲେଙ୍କା ପରିଚାଳନା କରିଥିଲେ।

ସ୍କୁଲ ପୋଷାକ ବଣ୍ଟନ ପ୍ରକ୍ରିୟାରେ ଅନିୟମିତତା ଅଭିଯୋଗ

# ମହିଳା ସ୍ୱୟଂସହାୟକ ଗୋଷ୍ଠୀର ତଦନ୍ତ ଦାବି



**ଆଳି, ୧୦।୧୧(ସମିସ):** ଆଳି ବ୍ଲକରେ ପୂର୍ବବର୍ଷ ଭଳି ଏବେ ବି ସ୍କୁଲ ପୋଷାକ ବଣ୍ଟନ ପ୍ରକ୍ରିୟାରେ ଅନିୟମିତତା ଓ ଘୋଟଲା ଅଭିଯୋଗ ଉଠିଛି। ମହିଳା ସ୍ୱୟଂସହାୟକ ଗୋଷ୍ଠୀଙ୍କୁ ବଞ୍ଚିତ କରାଯାଇ ନିର୍ଦ୍ଦିଷ୍ଟ କିଛି ଉତ୍ପାଦକ ଗୋଷ୍ଠୀଙ୍କୁ ଅଧିକାଂଶ ସ୍କୁଲ ଦାୟିତ୍ୱ ଦିଆଯାଇଥିବା ନେଇ ମହିଳାମାନେ ତୀବ୍ର ଅସନ୍ତୋଷ ପ୍ରକାଶ କରି ତଦନ୍ତ ଦାବି କରିଛନ୍ତି।

ସ୍ୱୟଂସହାୟକ ଗୋଷ୍ଠୀ ଅପେକ୍ଷା ପୂର୍ବ ବର୍ଷ ଗୋଟାଏ ଉତ୍ପାଦକ ଗୋଷ୍ଠୀକୁ ୮୦ ଭାଗ ସ୍କୁଲକୁ ପୋଷାକ ଯୋଗାଇ ଦେବା ନିମନ୍ତେ ଚୟନ କରାଯିବାକୁ ନେଇ ମହିଳାମାନେ ଅଭିଯୋଗ କରିଥିଲେ। ଚଳିତବର୍ଷ ସମାନ ଢଙ୍ଗରେ ନିର୍ଦ୍ଦିଷ୍ଟ କିଛି ଉତ୍ପାଦକ ଗୋଷ୍ଠୀଙ୍କୁ ଅଧିକ ପରିମାଣ ବିଦ୍ୟାଳୟର ପୋଷାକ ବଣ୍ଟନ ନିମନ୍ତେ ସ୍ୱୀକୃତି ମିଳିଥିବାବେଳେ ଅନ୍ୟ ସମସ୍ତଙ୍କୁ ଅଳ୍ପ କିଛି ବିଦ୍ୟାଳୟର ପୋଷାକ ବଣ୍ଟନ ନିମନ୍ତେ ସ୍ୱୀକୃତି ମିଳିଛି। କେଉଁ ଆଧାରରେ ସ୍ୱଳ୍ପ କିଛି ଉତ୍ପାଦକ ଗୋଷ୍ଠୀକୁ ଦାୟିତ୍ୱ ହସ୍ତାନ୍ତର କରି ଅନ୍ୟମାନଙ୍କୁ ଏଥିରୁ ବଞ୍ଚିତ କରାଗଲା। ଏପରିକି ସମସ୍ତେ ଯୋଗ୍ୟ ଥିବାବେଳେ ଏକପାଖିଆ ଭାବେ ପାତରଅନ୍ତର କରାଗଲା ଅଭିଯୋଗ କରି ଆଜି ଏକମାଣିଆର ମା' ଜାଡି ଠାକୁରାଣୀ ସ୍ୱୟଂସହାୟକ ଗୋଷ୍ଠୀ, ଶାନ ସ୍ୱୟଂ ସହାୟକ ଗୋଷ୍ଠୀ ଭଳି ଶତାଧିକ ମହିଳା ଓ ଉତ୍ପାଦକ ଗୋଷ୍ଠୀ ସଦସ୍ୟା ପହଞ୍ଚି ବିଡିଓଙ୍କୁ ଭେଟିବା ସହ ଦାବିପତ୍ର ପ୍ରଦାନ କରିଥିଲେ। ଏବେ ଆଳି ବ୍ଲକର ୧୮୧ଟି ସ୍କୁଲ ମଧ୍ୟରୁ ସ୍ୱୟଂସହାୟକ ଗୋଷ୍ଠୀମାନଙ୍କୁ କେବଳ ୬୧ଟି ଓ ଏହାଠାରୁ କମ୍ ପିଲା ଥିବା ସ୍କୁଲ ଦେଇ ଅନ୍ୟ ୧୨୦ ଛାତ୍ରଛାତ୍ରୀ ଥିବା ବଡ଼ ସ୍କୁଲକୁ ନିର୍ଦ୍ଦିଷ୍ଟ ଭେଣ୍ଡରଙ୍କୁ ଦେଇଥିବା ଅଭିଯୋଗ କରିଛନ୍ତି। ୧୨,୦୨୦ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୩୪୫୧ ଜଣଙ୍କ ସ୍ୱୟଂସହାୟକ ଗୋଷ୍ଠୀ ଦାୟିତ୍ୱ ପାଇଛନ୍ତି। ଯେତେବେଳେ ୮୫୬୯ ଜଣ ପିଲାଙ୍କ ପୋଷାକ ନିର୍ଦ୍ଦିଷ୍ଟ ଭେଣ୍ଡରଙ୍କୁ ଦିଆଯାଇଛି। ଏ ନେଇ ସୋମବାର ଶତାଧିକ ମହିଳା ବିଡିଓ ଓ ଶିକ୍ଷାମଣ୍ଡଳ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରି ତଦନ୍ତ ଓ ଆଦେଶ ରଦ୍ଦ କରିବାକୁ ଦାବି କରିଛନ୍ତି। ଏହି ସମ୍ପର୍କରେ ଜିଲ୍ଲାପାଳ ଆର ରଘୁରାମ ଆୟାର କହିଛନ୍ତି, ଯଦି ଗାଇଡଲାଇନ ଉଲ୍ଲଂଘନ ହୋଇଥାଏ, ତେବେ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ଜାତୀୟ ଆଇନ ସେବା ଦିବସ ପାଳିତ




**ରାଜନଗର, ୧୦।୧୧(ସମିସ):** ମହୁଲିଆ ପଞ୍ଚାୟତ ନୀଳକଣ୍ଠେଶ୍ୱର ଉଚ୍ଚବିଦ୍ୟାଳୟରେ ପଟ୍ଟାମୁଣ୍ଡାଇ ତାଲୁକା ଆଇନ ସେବା ସମିତି ପକ୍ଷରୁ ଜାତୀୟ ଆଇନ ସେବା ଦିବସ ପାଳିତ ହୋଇଛି। ସମିତି ଅଧ୍ୟକ୍ଷ ତଥା ଜିଲ୍ଲା ଅତିରିକ୍ତ ବିଚାରପତି ବିଦ୍ୟାଧର ପୃଷ୍ଟିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ପଟ୍ଟାମୁଣ୍ଡାଇ ବାର୍ ଆସୋସିଏସନର ଉପସଭାପତି ସୁରେଶ ନରେନ୍ଦ୍ର ସଂଯୋଜନା କରିବା ସହିତ ତାଲୁକ ଆଇନ ସେବାର ଭୂମିକା ଉପରେ ଆଲୋକପାତ କରିଥିଲେ। ତାଲୁକ ସେବା ଅଧ୍ୟକ୍ଷ, ଉକ୍ତ ବ୍ୟବସ୍ଥା ମାଧ୍ୟମରେ ବିନା ଅର୍ଥରେ କିପରି ଗରିବ ଲୋକ ଆଇନ ସୁବିଧା ପାଉଛନ୍ତି, ତାହା ଅବଗତ କରାଇଥିଲେ। ବାର୍ ଆସୋସିଏସନର ସମ୍ପାଦକ ରବୀନ୍ଦ୍ର ଦାଶ, ଗୀତାଞ୍ଜଳି ପୃଷ୍ଟି, ଆଇନଜୀବୀ ତ୍ରୈଲୋକ୍ୟ ସ୍ୱାଇଁ ତାଲୁକ ଆଇନ ସେବାର ବର୍ତ୍ତମାନ ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ। ଆଇନଜୀବୀ ଧୀରେନ୍ଦ୍ର ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରଧାନଶିକ୍ଷକ ନିରାକାର ସ୍ୱାଇଁ ଧନ୍ୟବାଦ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷକ ଅପୂର୍ବ ରାଉଳ, ଶୁଭ୍ରାଂଶୁ ଜେନା, ବସନ୍ତ ଭୂୟାଁ, ଅକ୍ଷର ସ୍ୱାଇଁ, ମିହିର ରାଉଳ, ପ୍ରଦୀପ ମିଶ୍ର, ସରୋଜ ବେହେରା, ପ୍ରଦୀପ୍ତ ରାଉତ ପ୍ରମୁଖ ଯୋଗ ଦେଇଥିଲେ।

# କୃଷ୍ଣଚନ୍ଦ୍ର ସାହିତ୍ୟ ସଂସଦ ପକ୍ଷରୁ ବର୍ଣ୍ଣବୋଧ ବଣ୍ଟନ



**ରାଜନଗର, ୧୦।୧୧(ସମିସ):** ଆଜି ରାଜନଗର ବ୍ଲକ ବନ୍ଧପଡ଼ା ପଞ୍ଚାୟତ ଅନ୍ତର୍ଗତ ଫିରିକଦାଣ୍ଡି ପ୍ରାଥମିକ ବିଦ୍ୟାଳୟ ଓ ଫିରିକଦାଣ୍ଡି ଉନ୍ନିତ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ କୃଷ୍ଣଚନ୍ଦ୍ର ସାହିତ୍ୟ ସଂସଦ ପକ୍ଷରୁ ବର୍ଣ୍ଣବୋଧ ବହି ବଣ୍ଟନ କରାଯାଇଛି। ଶିକ୍ଷାବିତ୍ ରଙ୍ଗାଧର ଜେନାଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ପୂର୍ବତନ ବିଧାୟକ ଅଂଶୁମାନ ମହାନ୍ତି ଯୋଗଦେଇ ମଧୁସୂଦନ ରାଓଙ୍କ ଲିଖିତ ବର୍ଣ୍ଣବୋଧକୁ ମୋର ପୂଜ୍ୟ ପିତା ପଢ଼ିଥିଲେ, ମୁଁ ମଧ ପଢ଼ିଛି ଓ ଆମର ପରବର୍ତ୍ତୀ ପିଢ଼ି ମଧ ଏ ବର୍ଣ୍ଣବୋଧ ପଢ଼ିବା ଉଚିତ୍ ବୋଲି କହିବା ସହ ପ୍ରାଥମିକ ବିଦ୍ୟାଳୟରେ ବର୍ଣ୍ଣବୋଧକୁ ପ୍ରଚଳନ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଲିଖିତ ଭାବେ ଜଣାଇବେ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଡେରାର ପୂର୍ବତନ ସରପଞ୍ଚ ଦେବେନ୍ଦ୍ର ଜେନା, ସାହିତ୍ୟ ସଂସଦ ସଭାପତି ଆଇନଜୀବୀ ଧୀରେନ୍ଦ୍ର ସାହୁ, ଫିରିକଦାଣ୍ଡି ଉଚ୍ଚପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ନରେଶ ପାତ୍ର, ସହକାରୀ ଶିକ୍ଷୟିତ୍ରୀ ତିଳୋତ୍ତମା ନାୟକ ଓ ଶ୍ରୀମତୀ ସୁଶୀଳା ସାମଲ, ବଡ଼ଫିରିକଦାଣ୍ଡି ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଶ୍ରୀମତୀ କୈଳାସୀ ଦାସ ଓ ସହକାରୀ ଶିକ୍ଷୟିତ୍ରୀ ଶ୍ରୀମତୀ ଭାନୁମତି ଖଟୁଆ, କଣସରା ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଶ୍ରୀମତୀ ଆଲୋକ ମଞ୍ଜରୀ ରାଉତ, ଶିକ୍ଷାବିତ୍ ସରୋଜ ଆଚାର୍ଯ୍ୟ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ବର୍ଣ୍ଣବୋଧ ବଣ୍ଟନ କରିଥିଲେ। କୃଷ୍ଣଚନ୍ଦ୍ର ସାହିତ୍ୟ ସଂସଦର ସୁଶ୍ରୀକାନ୍ତ ପରିଡ଼ା ଧନ୍ୟବାଦ୍ ପ୍ରଦାନ କରିଥିଲେ।

# ସପନେଶ୍ୱର ବିଦ୍ୟାଳୟରେ ଖୋ-ଖୋ ଛାତ୍ରୀଙ୍କୁ ସମ୍ବର୍ଦ୍ଧନା

**ରାଜନଗର, ୧୦।୧୧(ସମିସ):** ରାଜ୍ୟସ୍ତରୀୟ ବାଳିକା ଖୋଖୋ ପ୍ରତିଯୋଗିତା କେନ୍ଦୁଝରର ଡିଏନ ଉଚ୍ଚବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ କେନ୍ଦ୍ରାପଡ଼ା ଜିଲ୍ଲାରୁ ଭାଗନେଇଥିବା ବାଳିକା ଦଳରେ ରାଜନଗର ବ୍ଲକ ଅନ୍ତର୍ଗତ କୋଇଲିପୁର ପଞ୍ଚାୟତ ସପନେଶ୍ୱର ସରକାରୀ ଉଚ୍ଚବିଦ୍ୟାଳୟର ୪ ଜଣ ଛାତ୍ରୀ ସାମିଲ ହୋଇଥିଲେ। ୧୦ମ ଶ୍ରେଣୀ ଛାତ୍ରୀ ଶ୍ରୁତିଶ୍ରୀ ଦାସ, ତ୍ରିଷା ମଲ୍ଲିକ, ନବମ ଶ୍ରେଣୀ ଛାତ୍ରୀ ସୁଲଗ୍ନା ବରାଳ, ଅଷ୍ଟମ ଶ୍ରେଣୀ ଛାତ୍ରୀ ସ୍ୱାତିପ୍ରଜ୍ଞା ନାୟକ ଅଂଶଗ୍ରହଣ କରିଥିଲେ। ଏମାନେ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଉତ୍ତମ ପ୍ରଦର୍ଶନ କରି ଜିଲ୍ଲା ଦଳକୁ ସଫଳତା ଦେଇଥିବାରୁ ଆଜି ବିଦ୍ୟାଳୟ ପକ୍ଷରୁ ସେମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ସପନେଶ୍ୱର ଉଚ୍ଚମାଧ୍ୟମିକ ବିଦ୍ୟାଳୟ କ୍ରୀଡ଼ା ଶିକ୍ଷକ ସୁଚେନ୍ଦ୍ର ପଢ଼ିଆରୀ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ହେମନ୍ତ ଖଣ୍ଡୁଆଳ, ପ୍ରଧାନଶିକ୍ଷୟିତ୍ରୀ ଶ୍ରୀମତୀ ସଞ୍ଜୁଲତା ଜେନା, କ୍ରୀଡ଼ା ଶିକ୍ଷକ ଲକ୍ଷ୍ମୀକାନ୍ତ ବେହେରା ପ୍ରମୁଖ ଯୋଗଦେଇ ୪ଜଣ ଛାତ୍ରୀଙ୍କ କ୍ରୀଡ଼ା ପ୍ରତି ନିଷ୍ଠା ବିଦ୍ୟାଳୟର ଅନ୍ୟ ଛାତ୍ରଛାତ୍ରୀଙ୍କ ପ୍ରେରଣା ଯୋଗାଇବ ବୋଲି କହିବା ସହ ସମ୍ବର୍ଦ୍ଧିତ କରିଥିଲେ।

ପଞ୍ଚୁପାଣ୍ଡବ ଛକରେ ରହୁନି ବସ୍

# ଯାତ୍ରୀଙ୍କୁ ଯିବାକୁ ପଡୁଛି ଅଧ କିଲୋମିଟର



**ପଞ୍ଚୁପାଣ୍ଡବ, ୧୦।୧୧(ସମିସ):** ଚଣ୍ଡିଖୋଲ-ପାରାଦୀପ ୫୩ ନମ୍ବର ଜାତୀୟ ରାଜପଥର ନିର୍ମାଣ କାର୍ଯ୍ୟ ଚାଲିଥିବାବେଳେ ପଞ୍ଚୁପାଣ୍ଡବ ଛକରେ ଯାତ୍ରୀଙ୍କୁ ନାନା ସମସ୍ୟା ଭୋଗିବାକୁ ପଡୁଥିବା ଦେଖିବାକୁ ମିଳୁଛି। ୫୩ ନମ୍ବର ଜାତୀୟ ରାଜପଥ ୪ ଲେନ ରହିଥିବାବେଳେ ଏବେ ଏହାକୁ ୮ ଲେନ କରାଯାଉଛି। ତେବେ ଡେରାବିଶ ବ୍ଲକ ପଞ୍ଚୁପାଣ୍ଡବ ଛକରେ ଠିକାଦାର କାର୍ଯ୍ୟରେ ବିଳମ୍ବ କରୁଥିବାରୁ ଯାତ୍ରୀଙ୍କୁ ପ୍ରାୟ ୧୫ ଦିନ ଧରି ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଥିବା ଅଭିଯୋଗ ହେଉଛି। ଓଭରବ୍ରିଜ ଉପରେ ବସ୍ ଯାତାୟାତ କରୁଥିବାରୁ ଯାତ୍ରୀ ପ୍ରାୟ ଅଧ କିଲୋମିଟର ଦୂର ଚାଲି ଚାଲି ଯାଇ ବସ୍‌ରେ ଚଢୁଛନ୍ତି। ସେହିଭଳି ବିଭିନ୍ନ ସ୍ଥାନରୁ ଆସୁଥିବା ଯାତ୍ରୀ ବସ୍‌ରୁ ଓହ୍ଲାଇ ଜିନିଷ ପତ୍ର ନେବାରେ ସମସ୍ୟା ଭୋଗୁଛନ୍ତି।

ପଞ୍ଚୁପାଣ୍ଡବ ଛକରେ ସବୁ ସମୟରେ ଜନଗହଳି ଲାଗି ରହିଥାଏ। ଯେଉଁଠାରେ ବସ୍ ରହଣି କରୁଛି, ସେଠାରେ ଯାତ୍ରୀଙ୍କ ସୁବିଧା ପାଇଁ ବ୍ୟବସ୍ଥା କରାଯାଇ ନ ଥିବାବେଳେ ଲୋକେ ଖରା କାକରରେ ଠିଆ ହେଉଥିବା ଦେଖିବାକୁ ମିଳୁଛି। ତୁରନ୍ତ ରାସ୍ତା ସମସ୍ୟା ଦୂର କରିବା ସହ ଯାତ୍ରୀଙ୍କ ପାଇଁ ବ୍ୟବସ୍ଥା କରାଯିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ବିଡିଓଙ୍କୁ ଭେଟିଲେ ଗଣମାଧ୍ୟମ ପ୍ରତିନିଧି ଓ ଗଣସଂଗଠନ କର୍ମକର୍ତ୍ତା



**ପଟ୍ଟାମୁଣ୍ଡାଇ, ୧୦।୧୧(ସମିସ):** ପଟ୍ଟାମୁଣ୍ଡାଇ ବ୍ଲକରେ ନବନିଯୁକ୍ତ ବିଡିଓ ଶୀତଲ ଅଗ୍ରୱାଲଙ୍କ କାର୍ଯ୍ୟଦକ୍ଷତା ଓ ସୁପରିଚାଳନା ପାଇଁ ପଟ୍ଟାମୁଣ୍ଡାଇ ବ୍ଲକର ୩୧ଟି ପଞ୍ଚାୟତରେ ଉନ୍ନୟନମୂଳକ କାର୍ଯ୍ୟ ତ୍ୱରାନ୍ୱିତ ହୋଇଛି। ଏଥିସହିତ ଉନ୍ନୟନମୂଳକ ପ୍ରକଳ୍ପ କାର୍ଯ୍ୟକୁ ନେଇ ଆସୁଥିବା ଅଭିଯୋଗର ତଦନ୍ତ କରି ତତ୍କାଳ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଥିବାରୁ ଆଜି ବିଡିଓ ଶ୍ରୀମତୀ ଅଗୱାଲଙ୍କୁ ତାଙ୍କ କାର୍ଯ୍ୟାଳୟରେ ବିଭିନ୍ନ ଗଣମାଧ୍ୟମ ପ୍ରତିନିଧି ଓ ଗଣସଂଗଠନର କାର୍ଯ୍ୟକର୍ତ୍ତା ସୌଜନ୍ୟମୂଳକ ସାକ୍ଷାତ କରି ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଛନ୍ତି।

ପଟ୍ଟାମୁଣ୍ଡାଇ ବ୍ଲକ ଅଧୀନରେ ଥିବା ୩୧ଟି ପଞ୍ଚାୟତରେ ହେବାକୁ ଥିବା ପ୍ରକଳ୍ପ କାର୍ଯ୍ୟ ତ୍ୱରାନ୍ୱିତ କରିବା ସହିତ କାର୍ଯ୍ୟରେ ସ୍ୱଚ୍ଛତା ରଖିବା ପାଇଁ ବିଡିଓଙ୍କୁ ଅନୁରୋଧ କରାଯାଇଛି। ଏଥିସହିତ ବିଭିନ୍ନ କାର୍ଯ୍ୟ ନେଇ ବ୍ଲକ କାର୍ଯ୍ୟାଳୟକୁ ଆସୁଥିବା ଜନସାଧାରଣଙ୍କୁ ଉତ୍ତମ ପ୍ରଶାସନିକ ସେବା ଯୋଗାଇ ଦେବାକୁ ମଧ୍ୟ ବିଡିଓଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ପଞ୍ଚାୟତ ସମିତି ଅଧୀନରେ ଥିବା ସମସ୍ତ ୩୧ଟି ପଞ୍ଚାୟତରେ ପ୍ରକଳ୍ପ କାର୍ଯ୍ୟର ଅଗ୍ରଗତି ପାଇଁ ତ୍ୱରିତ ପଦକ୍ଷେପ ନିଆଯିବା ସହିତ ବ୍ଲକ କାର୍ଯ୍ୟାଳୟକୁ ବିଭିନ୍ନ କାର୍ଯ୍ୟ ନେଇ ଆସୁଥିବା ଲୋକଙ୍କୁ ଉତ୍ତମ ସେବା ଦିଆଯିବା ସହିତ ସେମାନଙ୍କ ସମସ୍ୟାର ସମାଧାନ ଅଚିରେ କରାଯିବ ବୋଲି ବିଡିଓ ଶ୍ରୀମତୀ ଅଗ୍ରୱାଲ ପ୍ରତିଶ୍ରୁତି ଦେବା ସଙ୍ଗେ ସଙ୍ଗେ ସମସ୍ତ ନିର୍ବାଚିତ ଜନପ୍ରତିନିଧିଙ୍କ ସହିତ ସମନ୍ୱୟ ଓ ଉତ୍ତମ ବୁଝାମଣା ରକ୍ଷା କରି କାର୍ଯ୍ୟ କରାଯିବ ବୋଲି ମଧ୍ୟ ବିଡିଓ ପ୍ରତିଶ୍ରୁତି ଦେଇଛନ୍ତି।

ଆଜି ପୂର୍ବାହ୍ନରେ ପଟ୍ଟାମୁଣ୍ଡାଇ ବ୍ଲକ ଉପାଧ୍ୟକ୍ଷା ଜୟନ୍ତୀ ସ୍ୱାଇଁ, ଉତ୍ତିକଣ ସଂଗ୍ରାମ ପରିଷଦ ଆବାହକ ପ୍ରଶାନ୍ତ ମହାନ୍ତି, ସମ୍ପାଦକ ରମାକାନ୍ତ ଦାଶ, ବରିଷ୍ଠ ସାମ୍ବାଦିକ ରଶ୍ମିରଞ୍ଜନ ମହାନ୍ତି, ପଟ୍ଟାମୁଣ୍ଡାଇ ଏସୟୁଜେ ସଭାପତି ଉପେନ୍ଦ୍ର ନାୟକ, ଉପସଭାପତି ଶିଶିର ସେଣ, ଉପଦେଷ୍ଟା ବ୍ରଜବନ୍ଧୁ ଦାଶ, ଆଇନଜୀବୀ ପ୍ରମୋଦ ଦାଶ, ଏସୟୁଜେ ଜିଲ୍ଲା ଉପସଭାପତି ସଞ୍ଜୟ ପଣ୍ଡା, ଜିଲ୍ଲା ସାଧାରଣ ସମ୍ପାଦକ ରଞ୍ଜନ ସାହୁ, ବରିଷ୍ଠ ସାମ୍ବାଦିକ ଡଃ ଅଲେଖ ନାଥଶର୍ମା, ନାମବ୍ରହ୍ମ କର, ନମିତା ନାୟକ, ମିର୍ଜା ସାଜନ ବେଗ, ଅଭିମନ୍ୟୁ ସେଠୀ, ହିମାଂଶୁ ଜେନା, ସୂର୍ଯ୍ୟ ପାଢ଼ୀ, ବ୍ଲକ ସୋସିଆଲ ଅଡିଟର ନଳିନୀ କାନ୍ତ ସ୍ୱାଇଁ, ବରିଷ୍ଠ ଯୁବନେତା ମିଟୁ ମନୋଜ ନାୟକ, ବରିଷ୍ଠ ନେତା ସଞ୍ଜୟ ସ୍ୱାଇଁ, ଜ୍ୟୋତି ପ୍ରକାଶ ପ୍ରଧାନ ପ୍ରମୁଖ ବିଡିଓ ଶୀତଲ ଅଗ୍ରୱାଲଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଥିଲେ।

**Government of India**
**Ministry of Environment, Forest & Climate Change**
**Regional Office, Bhubaneswar, Odisha**

**Online Proposal No.:**
**FP/OR/RAIL/438606/2023**

**Dated: 24/01/2025**

**To,**
**The Addl. Chief Secretary,**
**Forest, Environment & CC Deptt.,**
**Government of Odisha,**
**Bhubaneswar – 751 001**

Subject: Diversion of 4.519 ha of forest land for construction of proposed Rail Corridor in village Kadei under Tangi Choudwar Tahasil of Cuttack District in Cuttack Forest Division by M/s My Home Industries Pvt. Ltd.

Sir/Madam,

I am directed to refer to State Govt. letter No.FE-DIV-FLD-0106-2023-25213/FE&CC dated 05.12.2023, No.26151/FE&CC dated 30.12.2024, No.2072/FE&CC dated 21.01.2025 and Online Proposal No.FP/OR/RAIL/438606/2023 on the above mentioned subject seeking prior approval of the Ministry of Environment, Forest & Climate Change under Section 2 of Van (Sanrakshan Evam Samvardhan) Adhiniyam, 1980.

2. After due consideration of the proposal of the State Government, the Ministry of Environment, Forest & Climate Change hereby conveys 'Stage-I/in-principle' approval for diversion of 4.519 ha of forest land for construction of proposed Rail Corridor in village Kadei under Tangi Choudwar Tahasil of Cuttack District in Cuttack Forest Division by M/s My Home Industries Pvt. Ltd., subject to the fulfillment of the following conditions.

**1. General Conditions**

| S. No | Conditions |
|---|---|
| 1.1 | The legal status of forest land proposed for diversion shall remain unchanged. |
| 1.2 | The user agency shall transfer online, the Net Present Value (NPV) of 4.519 ha forest land being diverted under this proposal, as per the Orders of Hon'ble Supreme Court of India dated 28.03.2008, 24.04.2008 and 09.05.2008 in Writ Petition (Civil) No.202/1995 and the guidelines issued by this Ministry vide its letter No.5-3/2011-FC (Vol-I) dated 06.01.2022, and 22.03.2022. The requisite funds shall be transferred through online portal in CAMPA account of the State concerned. |
| 1.3 | The non forest land of 4.654 ha identified in village Chhotapadagon under Tangi Choudwar Tahasil of Cuttack District under Cuttack Forest Division for raising compensatory afforestation shall be transferred and mutated in the name of Forest Department and notified as RF/PF prior to Stage-II approval. |
| 1.4 | The user agency shall transfer the cost of raising and maintaining the CA/Addl. CA at the current wage rate in consultation with State Forest Department in the account of CAMPA of the concerned State through online portal. The Scheme may include appropriate provision for anticipated cost increase for works scheduled for subsequent years. |
| 1.5 | Compensatory afforestation shall be raised over 4.654 ha identified in village Chhotapadagon under Tangi Choudwar Tahasil of Cuttack District under Cuttack Forest Division within two years from the date of Stage-II Clearance and maintained thereafter by the State Forest Department as per approved plan/scheme and maintained thereafter, at the cost of user agency. |
| 1.6 | Addl. Compensatory afforestation shall be raised over 5.2 ha of degraded forest land identified in Kaliamba PRF of Dalijoda Range under Cuttack Forest Division within two years from the date of Stage-II Clearance and maintained thereafter by the State Forest Department as per approved plan/scheme and maintained thereafter, at the cost of user agency. |
| 1.7 | The species to be planted in the CA scheme shall be of native species of the area. At least 18 month old seedlings should be planted. Intensive monitoring of the plantation needs to be done and documented using Geo tagging so that the increase of canopy density and survival and growth of plantation can be evaluated at regular intervals. |
| 1.8 | A Site Specific Wildlife Conservation Plan shall be prepared and duly approved by Chief Wildlife Warden, Odisha shall be implemented at project cost. The fund for implementation of Site Specific Wildlife Conservation shall be deposited by the user agency after duly vetted by Regional Office, MoEF&CC, Bhubaneswar. |
| 1.9 | At the time of payment of Net Present Value (NPV) at the then prevailing rate, the user agency shall furnish an undertaking to pay the additional amount of NPV, if so determined, as per the final decision of the Hon'ble Supreme Court of India. |
| 1.10 | The KML files of the area to be diverted and the CA areas shall be uploaded on the e-Green watch portal with all requisite details before issuing working permission towards linear projects or submitting compliance report for seeking Stage-II approval, as the case may be. |
| 1.11 | All the funds received from the user agency under the project shall be transferred/ deposited in CAMPA account only through e-portal (https://parivesh.nic.in/). Amount deposited through other mode will not be accepted as compliance of the Stage-I clearance. |
| 1.12 | The compliance report of the Stage-I approval shall be uploaded on e-portal (https://parivesh.nic.in/). |
| 1.13 | The complete compliance of the FRA, 2006 shall be ensured by way of prescribed certificate from the concerned District Collector. |
| 1.14 | The boundary of the proposed forest land for diversion, shall be demarcated on ground at the project cost, by erecting four feet high reinforced cement concrete pillars, each inscribed with its serial number, distance from pillar to pillar and GPS co-ordinates. |
| 1.15 | The user agency shall obtain Environment Clearance as per the provisions of the Environmental (Protection) Act, 1986, if applicable. |
| 1.16 | Speed regulating signage will be erected along the railway line at regular intervals in Protected Areas/Forest Areas. |
| 1.17 | The State Govt. shall ensure controlled speed limit of 20 Km/Hr, if the trains passing through the forest portion to enable the trains drivers to react to the sudden appearance of the wild animals on the track. As and when required speed of train shall be regulated in consultation with CWLWL of the State Govt. There should be regular communication with the local forest department to know the presence/movement of elephant near the track. |
| 1.18 | The designing of culverts/bridges, if any over the natural streams/rivers/canals should be done in such a manner that it does not hamper the natural course of water, does not give rise to water logging, and also does not hamper movement of wild animals including elephant. |
| 1.19 | The reclamation of quarry, if any, should be done under the supervision of the State Forest Department. The quarry shall be reclaimed and afforested completely before the project is closed |
| 1.20 | The user agency shall take up Avenue Plantation on either side of alignment of the track at its own cost in consultation with the DFO. |
| 1.21 | The user agency shall explore the possibility of successful transplantation of maximum number of trees identified to be felled and shall ensure that any tree felling shall be done only when it is unavoidable and that too under strict supervision of the State Forest Department. |
| 1.22 | No labour camp shall be established on the forest land and the user agency shall provide fuels preferably alternate fuels to the labourers and the staff working at the site so as to avoid any damage and pressure on the nearby forest areas. |
| 1.23 | No additional or new path will be constructed inside the forest area for any activity related to the project work. |
| 1.24 | The user agency while executing works, shall not fell any tree or damage forest growth in the surrounding forest area in any manner. |
| 1.25 | The layout plan of the proposed forest land shall not be changed without the prior approval of Ministry of Environment, Forest & Climate Change. |
| 1.26 | The forest land shall not be used for any purpose other than that specified in the proposal. |
| 1.27 | The forest land proposed to be diverted shall under no circumstances be transferred to any other user agency, department or person without the prior approval of Ministry of Environment, Forest & Climate Change. |
| 1.28 | No damage to the flora and fauna of the adjoining area shall be caused. |
| 1.29 | The concerned Divisional Forest Officer, will monitor and take necessary mitigative measures to ensure that there is no adverse impact on the forests in the surrounding area. |
| 1.30 | The user agency shall submit annual self monitoring report on compliance of stipulated conditions to the Nodal Officer (FCA) of the State and concerned Regional Office of this Ministry by the end of March every year. |
| 1.31 | Any other conditions that the Ministry of Environment, Forests & Climate Change may impose from time to time in the interest of afforestation, conservation and management of flora and fauna in the area, shall be complied by the user agency. |
| 1.32 | The State Govt. and user agency shall ensure compliance to provisions of the all Acts, Rules, Regulations, Guidelines, NGT Order (s) & Hon'ble Court Order (s) pertaining to this project, if any, for the time being in force, as applicable to the project. |
| 1.33 | Violation of any of these conditions will amount to violation of Van (Sanrakshan Evam Samvardhan) Adhiniyam, 1980 and action would be taken as prescribed in Para 1.16 of Consolidated Guidelines and Clarification issued under Van (Sanrakshan Evam Samvardhan) Adhiniyam, 1980 and Van (Sanrakshan Evam Samvardhan) Rules, 2023 vide Ministry's letter dated 29.12.2023. |

**2. Standard conditions**
**3. Specific Conditions**

3. After receipt of the report on compliance to the conditions stipulated above, from the State Government of Odisha, final/Stage-II approval for diversion of the said forest land under Section 2 of Van (Sanrakshan Evam Samvardhan) Adhiniyam, 1980 will be issued by this Ministry. Transfer of forest land to user agency should not be effected by the State Government of Odisha till final/Stage-II approval for its diversion is issued by the Ministry of Environment, Forest & Climate Change.

4. "The State Govt. or a Senior Office not below the Rank of a Divisional Forest Officer, having jurisdiction over the forest land proposed to be diverted, duly authorized in this behalf by the State Govt. can pass an order for tree cutting and commencement of work of a linear project in forest land for a period of one year ("working permission" means permission granted to linear project before final approval to mobilize the resources to commence the preliminary project work other than black topping, concretization, laying of railway tracks, charging of transmission lines, etc.). Such order shall be passed only after full realization of funds for compensatory afforestation, Net Present Value (NPV), Wildlife conservation Plan, plantation of dwarf species of medicinal plants, and all other compensatory levies, specified in the Stage-I (in-principle) approval from the User Agency, and where ever applicable, transfer and mutation of nonforest/ revenue forest land in favour of State Forest Department, declaration of PF/RF and compliance of other statues including ST&OTFD (Recognition of Forest Rights) Act, 2006" as stipulated in Para 11.1 of Chapter-11 of Consolidated Guidelines and Clarification issued under Van (Sanrakshan Evam Samvardhan) Adhiniyam, 1980 and Van (Sanrakshan Evam Samvardhan) Rules, 2023 vide Ministry's letter dated 29.12.2023.

**Copy To**

1. The Inspector General of Forests (ROHQ), Ministry of Environment, Forest & Climate Change, Indira Paryavaran Bhawan, Jor Bagh Road, Aliganj, New Delhi – 110003.
2. The PCCF & Nodal Officer (FCA), Forest Department, Govt. of Odisha, Aranya Bhawan, Chandrasekharpur, Bhubaneswar-751023.
3. The Deputy General Manager (Projects), M/s My Home Industries Pvt. Ltd., 9th Floor, Block-3, My Home Hub, Madhapur, Hyderbad-500081, Telangana.

**Your's faithfully**
**(Dr. Padma Mahanti)**
**Dy. Inspector General of Forests (C)**

## ରାଷ୍ଟ୍ରୀୟ ଗୋକୁଳ ମିଶନ ଯୋଜନା ବିଫଳ

# ଦଳୀୟ କର୍ମୀଙ୍କୁ ଅଗ୍ରାଧିକାର; ଦୁଗ୍ଧଚାଷୀଙ୍କୁ ଉପେକ୍ଷା

**ବାରିପଦା, ୧୦।୧୧(ସମିସ)**

ମୟୂରଭଞ୍ଜ ଜିଲାରେ ରାଷ୍ଟ୍ରୀୟ ଗୋକୁଳ ମିଶନ ଯୋଜନା ଏକ ପ୍ରକାର ବିଫଳ ହେବାକୁ ଯାଉଛି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ସ୍ୱତନ୍ତ୍ର ଉଦ୍ୟମରେ ମତ୍ସ୍ୟ, ପଶୁପାଳନ ଏବଂ ଦୁଗ୍ଧ ମନ୍ତ୍ରଣାଳୟ ପକ୍ଷରୁ ଦୁଗ୍ଧଚାଷୀଙ୍କ ଆତ୍ମନିର୍ଭରଶୀଳ ପାଇଁ ଉନ୍ନତମାନର ଗାଈ ପ୍ରଦାନ କରାଯାଇଥିଲା; ଯଦ୍ଦ୍ୱାରା ଗ୍ରାମୀଣ ଆୟ ବୃଦ୍ଧି କରିବା ସହିତ ବର୍ଦ୍ଧିତ କ୍ଷୀର ଚାହିଦା ପୂରଣ କରିବା ପାଇଁ ସ୍ଥାୟୀ ଦୁଗ୍ଧ ଉତ୍ପାଦନକୁ ପ୍ରୋତ୍ସାହନ ଯୋଗାଇଥାନ୍ତା। ମାତ୍ର ଦୁଗ୍ଧଚାଷୀ ପରିବର୍ତ୍ତେ ସମଗ୍ର ଜିଲ୍ଲାରେ ଶାସକ ବିଜେପି ଦଳର ନେତୃବୃନ୍ଦ/କର୍ମୀ/ସମର୍ଥକଙ୍କୁ ଉନ୍ନତ ଗାଈ ପ୍ରଦାନ ଫଳରେ ଯୋଜନା ସଫଳତା ପାଉନାହିଁ। ପ୍ରକୃତ ଚାଷୀ ଏଥିରୁ ବଞ୍ଚିତ ରହୁଥିବାରୁ ଏହାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ପୂରଣ ହେବାରେ ବିଳମ୍ବତା ଦେଖାଦେଇଛି। ଗୋ ପାଳନ ସମ୍ବନ୍ଧରେ ସମ୍ୟକ ଅଭିଜ୍ଞତା ନଥିବା ବ୍ୟକ୍ତି ଉନ୍ନତ ମାନର ଗର୍ଭବତୀ ଗାଈ ପାଇବା ପରେ ଲାଳନ ପାଳନ କରିପାରୁ ନାହାନ୍ତି। କେତେକଙ୍କ ଗାଈ ମୃତ୍ୟୁ ବରଣ କରିଥିବା ବେଳେ ଆଉ କେତେକ ଦଳୀୟ ଲୋକେ ନିଜ ନାମରେ ଗାଈ ନେଇ ନିଜ ଗୁହାଳ ପରିବର୍ତ୍ତେ ସମ୍ପର୍କୀୟଙ୍କୁ ଦେଇଛନ୍ତି। ଏପରିକି ଉନ୍ନତମାନର ଗାଈ ପାଳନରେ ତ୍ରୁଟି ରହୁଥିବାରୁ ଅନେକ ମୃତ୍ୟୁମୁଖରେ ପଡ଼ିଛନ୍ତି। ସୂଚନାଯୋଗ୍ୟ, ଗୋ ପାଳକ ଚାଷୀମାନଙ୍କ ଆର୍ଥିକ ଅଭିବୃଦ୍ଧି ନିମନ୍ତେ ଏହି ଯୋଜନା ଆରମ୍ଭ ହୋଇଥିଲା। ଏହାକୁ ଲୋକାଭିମୁଖି କରିବା ପାଇଁ ୨୦୨୪ରେ ଜିଲାକୁ ଗୁରୁତ୍ୱ ଦିଆଯାଇ ଚାଷୀମାନଙ୍କୁ ଉନ୍ନତ କିଷମର ଗାଈ ପ୍ରଦାନ କରାଯାଇଥିଲା।୨୦୨୪-୨୫ ବର୍ଷରେ ଉତ୍ପାଦକତା ବୃଦ୍ଧି



(ପ୍ରୋଡାକ୍ଟିଭ ଏନହାନ୍ସମେଣ୍ଟ ସ୍କିମ) ଯୋଜନାରେ ୨୬ ବ୍ଲକରେ ୩ ହଜାର ଗାଈ ଯୋଗାଇବାର ଲକ୍ଷ୍ୟ ରଖାଯାଇଥିଲା। ସେଥିମଧ୍ୟରୁ ୨୭୪୯ଟି ସାହିୱାଲ, ଗୀର ଓ ଯର୍ଶି ଗାଈ ନିଶୁଳ୍କ ଭାବେ ଚାଷୀଙ୍କୁ ଯୋଗାଇ ଦିଆଯାଇଥିଲା। ସେଥି ମଧ୍ୟରୁ ଏକ ହଜାରରୁ ଉର୍ଦ୍ଧ୍ୱ ଗାଈ ରାଇରଙ୍ଗପୁର ଓ କରଞ୍ଜିଆ ଉପଖଣ୍ଡବାସୀଙ୍କୁ ପ୍ରଦାନ କରାଯାଇଛି। ସେମାନଙ୍କ ମଧ୍ୟରୁ କିଛି ଗାଈ ମୃତ୍ୟୁ ମୁଖରେ ପଡ଼ିଛନ୍ତି। ସେହିପରି ଅନ୍ୟ ଏକ ଯୋଜନା 'କାମଧେନୁ'ରେ ୨୦୨୪-୨୫ ବର୍ଷରେ ଜିଲାରୁ ୧୧୩ଟି ଗାଈ ପ୍ରଦାନର ଲକ୍ଷ୍ୟ ରହିଥିବା ବେଳେ ୨୦୨ଟି ପ୍ରଦାନ କରାଯାଇଛି। ୨୦୨୫-୨୬ରେ ୩୧୧ଟି ଲକ୍ଷ୍ୟ ରହିଥିବା ବେଳେ ୧୫୪ଟି ପ୍ରଦାନ କରାଯାଇଛି। ସଠିକ ଚାଷୀଙ୍କୁ ଚିହ୍ନଟ କରିବା ପାଇଁ ବ୍ଲକ ସ୍ତରରେ କମିଟି ଗଠନ କରାଯାଇଛି। ଏହାରି ମାଧ୍ୟମରେ ଚାଷୀମାନଙ୍କୁ ଗାଈ ପ୍ରଦାନ କରାଯାଉଥିବା ବେଳେ ପ୍ରକୃତ ଚାଷୀ ଏହି ଯୋଜନାରୁ ଦୂରେଇ ରହିଛନ୍ତି। ବଡ଼ସାହି ବ୍ଲକ ମାଣତ୍ରୀ ଗ୍ରାମର ଚାଷୀ ପ୍ରଶାନ୍ତ କୁମାର ପଣ୍ଡା କହନ୍ତି, ଗୋକୁଳ ମିଶନ ଯୋଜନା ମୋ ପାଇଁ ସାତସପନ ପାଲଟିଛି। ସ୍ଥାନୀୟ ନେତୃବୃନ୍ଦ ଓ କର୍ମୀମାନଙ୍କୁ ଏହି ଯୋଜନାରେ ସାମିଲ କରାଯାଇଛି। ତେବେ ଗାଈର ଉପଯୁକ୍ତ ଯତ୍ନ ଅଭାବରୁ ଦୁଗ୍ଧ ଉତ୍ପାଦନ କ୍ଷେତ୍ରରେ ବୃଦ୍ଧି ସମ୍ଭବ ହୋଇପାରୁ ନାହିଁ। ଏ ସଂକ୍ରାନ୍ତରେ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡା ଦେବବ୍ରତ ଦାଶଙ୍କୁ ଯୋଗାଯୋଗ କରିବାରୁ ଏଭଳି ଅଭିଯୋଗ ଆସି ନାହିଁ। ବ୍ଲକ ସ୍ତରରେ ଗଠିତ କମିଟିର ନିଷ୍ପତ୍ତି କ୍ରମେ ଚାଷୀଙ୍କୁ ଗାଈ ଯୋଗାଇ ଦିଆଯାଉଛି। ଯେଉଁମାନେ ଏହି ଯୋଜନାରେ ସାମିଲ ହୋଇପାରି ନାହାନ୍ତି ସେମାନଙ୍କୁ ଖୁବ ଶୀଘ୍ର ସାମିଲ କରାଯାଇ ଗାଈ ପ୍ରଦାନ କରାଯିବ। ତେବେ ଉପରୋକ୍ତ ଦୁଇ ଯୋଜନା ସଫଳ ହୋଇଥିଲେ ଆଦିବାସୀ ବହୁଳ ମୟୂରଭଞ୍ଜ ଜିଲ୍ଲାର ଛାତ୍ରଛାତ୍ରୀଙ୍କୁ ମଧ୍ୟାହ୍ନ ଭୋଜନରେ ଦୁଗ୍ଧ ପିଇବାକୁ ଦିଆଯିବ ବୋଲି ପାଇଲଟ ପ୍ରକଳ୍ପ ଭାବେ ନିଆଯାଇଥିଲା; ମାତ୍ର ଏହି ପ୍ରକଳ୍ପ ସଫଳ ହେବା ନେଇ ଅଭିଭାବକ ଓ ଗୋଚାଷୀଙ୍କ ମଧ୍ୟରେ ଅନିଶ୍ଚିତତା ଦେଖାଦେଇଛି।

## ଶିମିଳିପାଳ ପର୍ଯ୍ୟଟକଙ୍କ ପାଇଁ ଆମ୍ବୁଲାନ୍ସ ଦାବି




**ବାରିପଦା, ୧୦।୧୧(ସମିସ):** ଶିମିଳିପା କଳା ବାଘ ପାଇଁ ବିଶ୍ୱରେ ପରିଚିତ। ଶିମିଳିପାଳକୁ ସୁରକ୍ଷା ଦେବା ମୟୂରଭଞ୍ଜବାସୀଙ୍କ କର୍ତ୍ତବ୍ୟ। ତେଣୁ ଏନେଇ ବାରିପଦା ଭଞ୍ଜପୁରରେ ଥିବା ଶିମିଳିପାଳ ବ୍ୟାଘ୍ର ପ୍ରକଳ୍ପ କ୍ଷେତ୍ର ଉପନିର୍ଦ୍ଦେଶକ ସମ୍ରାଟ ଗୌଡାଙ୍କୁ ଶିମିଳିପାଳ ପ୍ରୋଟେକ୍ସନ ଗ୍ରୁପ ତରଫରୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ରରେ ଶିମିଳିପାଳ ଅଭୟାରଣ୍ୟ ଭିତରେ ପର୍ଯ୍ୟଟକଙ୍କ ସୁରକ୍ଷା ଓ ଜରୁରୀକାଳୀନ ସେବା ପ୍ରଦାନ ପାଇଁ ଗ୍ରୁପର ଚେୟାରମ୍ୟାନ ଶିବାଜୀ ମୌଳିକ ନେତୃତ୍ୱରେ ଆକାଶ ସାମଲ, ବିପ୍ଳବ ଜେନା, ଦିଲୀପ ଚୌଧୁରୀ ଓ ମନୋଜ କୁମାର ମହାନ୍ତ ତାଙ୍କ ସହିତ ଆଲୋଚନା କରି ଶିମିଳିପାଳ ଭିତରେ ୪ଟି ଆମ୍ବୁଲାନ୍ସର ବ୍ୟବସ୍ଥା ପାଇଁ ଦାବି କରିଛନ୍ତି। ଏହି ଦାବି ପୂରଣ ହେଲେ ଶିମିଳିପାଳ ଭ୍ରମଣ ଓ ରାତ୍ରିରହଣି ପାଇଁ ଆସୁଥିବା ପର୍ଯ୍ୟଟକ କୌଣସି ପ୍ରକାର ଦୁର୍ଘଟଣାର ଶିକାର ହେଲେ ତାଙ୍କୁ ତୁରନ୍ତ ସ୍ଥାନାନ୍ତର କରିହେବ; ଯାହାକି ପର୍ଯ୍ୟଟକଙ୍କ ମନୋବଳ ବୃଦ୍ଧି ପାଇବା ସହିତ ଶିମିଳିପାଳର ମର୍ଯ୍ୟାଦା ବଢ଼ାଇ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବ। ଏହି ଦାବିପତ୍ରର ଏକକିତା ନଲକ ମୁଖ୍ୟମନ୍ତ୍ରୀ, ଜଙ୍ଗଲ ପରିବେଶ ମନ୍ତ୍ରୀ, ଜିଲ୍ଲାପାଳ ଓ ସମସ୍ତ ଗଣମାଧ୍ୟମକୁ ପ୍ରଦାନ କରାଯାଇଛି ବେଲାଲି ଶ୍ରୀ ମୌଳିକ ସୂଚନା ଦେଇଛନ୍ତି।

## ତ୍ରିଦିବସୀୟ ସାମଗ୍ରିକ ବିଦ୍ୟାଳୟ ବିକାଶ ଯୋଜନା 'ପ୍ରଗତି'



**ବାରିପଦା/ଶୁକ୍ଳି, ୧୦।୧୧(ସମିସ):** ରରୁଆଁ ସରକାରୀ ଉଚ୍ଚ ବିଦ୍ୟାଳୟରେ ପ୍ରଧାନଶିକ୍ଷକଙ୍କ ବୃତ୍ତିଗତ ବିକାଶ ନିମନ୍ତେ ୧ମ ପର୍ଯ୍ୟାୟ ତ୍ରି-ଦିବସୀୟ ସାମଗ୍ରିକ ବିଦ୍ୟାଳୟ ବିକାଶ ଯୋଜନା ଆଧାରିତ କର୍ମଶାଳା 'ପ୍ରଗତି' ଅନୁଷ୍ଠିତ ହୋଇଯାଇଛି। ଏଥିରେ ରରୁଆଁ ବ୍ଲକର ୫୫ ଜଣ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ/ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ। ଏହି ତିନିଦିନିଆ କର୍ମଶାଳା ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ଶିକ୍ଷକ-ପ୍ରଶିକ୍ଷକ ତଥା ଡାଏଟ-ସିଆରସି ସଂଯୋଗ ସହ-ସଂଯୋଜକ, ରରୁଆଁ ସଞ୍ଜୀବ କୁମାର ପାତ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ଉଦଘାଟନୀ ଦିବସରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁରେନ୍ଦ୍ରନାଥ ରାଉତ, ରରୁଆଁ ହାଇସ୍କୁଲର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଅଞ୍ଜନ୍ କୁମାର ପାତ୍ର, ସିଆରସିସି ପଙ୍କଜ କୁମାର ମହାନ୍ତ, କ୍ଷୀତିଶ ଚନ୍ଦ୍ର ମହାନ୍ତ ଏବଂ ସମସ୍ତ ସାଧନ କର୍ମୀ ଉପସ୍ଥିତ ଥିଲେ। ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ଶିକ୍ଷକ-ପ୍ରଶିକ୍ଷକ ତଥା ସାଧନ କର୍ମୀ ସାଗର କୁମାର ଦଳନାଏକ, ଶିକ୍ଷକ-ପ୍ରଶିକ୍ଷକ ସଞ୍ଜୀବ କୁମାର ପାତ୍ର, ସାଧନକର୍ମୀ ଭରତ ଚନ୍ଦ୍ର ମହାନ୍ତ ଏବଂ ସଞ୍ଜୀବ କୁମାର ବେହେରାଙ୍କର ଦ୍ୱାରା ୩ଦିନଧରି କର୍ମଶାଳା ସୂଚାରୁରୂପେ ପରିଚାଳିତ ହୋଇଥିଲା। ଏହି ପ୍ରଶିକ୍ଷଣ ପେଟିକାଟି ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ/ଶିକ୍ଷୟିତ୍ରୀମାନଙ୍କ ବୃତ୍ତିଗତ ବିକାଶ, ଜାତୀୟ ଶିକ୍ଷା ନୀତି - ୨୦୨୦ର ପୁନର୍ବଳନ, ସାମଗ୍ରିକ ବିଦ୍ୟାଳୟ ବିକାଶ ପାଇଁ ୭ଟି ପରିସର ଚିହ୍ନଟକରଣ, ପ୍ରଧାନ ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ନେତୃତ୍ୱର ଗୁଣାତ୍ମକ କୌଶଳ ବିକାଶ, ଉପଲବ୍ଧ ସମ୍ବଳର ଆକଳନ ପାଇଁ ସାଧନୀ ପ୍ରସ୍ତୁତିକରଣ, ସାମଗ୍ରିକ ବିଦ୍ୟାଳୟ ବିକାଶ ଯୋଜନା ପ୍ରସ୍ତୁତି ଓ ଭବିଷ୍ୟତ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ ଉପରେ ପର୍ଯ୍ୟବେସିତ ହୋଇଥଲା।

## ମାସା ଆର୍ମିର ମୟୂରଭଞ୍ଜ ବନ୍ଦ ଡାକରା

**ମୋରଡା, ୧୦।୧୧(ସମିସ):** ରାସଗୋବିନ୍ଦପୁର ଥାନା ଅଧୀନ ନଳଗଜାରୁ ଯାତ୍ରା ଦେଖି ଫେରୁଥିବା ସମୟରେ ଦୁଇ ଆଦିବାସୀ ନାବାଳିକାଙ୍କୁ ଗଣ ବଳାତ୍କାରରେ ଶିକାର ହୋଇଥିଲେ। ପୀଡିତାଙ୍କୁ ନ୍ୟାୟ ପ୍ରଦାନ ଦାବିରେ ମାସା ଆର୍ମି ପକ୍ଷରୁ ସୋମବାର ମୟୂରଭଞ୍ଜ ବନ୍ଦ ଡାକରା ଦିଆଯାଇଥିଲା; ହେଲେ ମୋରଡ଼ା ବ୍ଲକରେ ପ୍ରଭାବ ଶୂନ ଦେଖିବାକୁ ମିଳିଛି। ନଳଗଜା, ଶୁଖିଲାଖାଳି, କୁଳିପାଳ ଆଦି ଅଞ୍ଚଳରେ ଶିକ୍ଷା ଅନୁଷ୍ଠାନ ଏବଂ ରାସଗୋବିନ୍ଦପୁର ଅଞ୍ଚଳରେ ମଧ ଶିକ୍ଷା ଅନୁଷ୍ଠାନ ଓ ସରକାରୀ ଅଫିସ ବନ୍ଦ ରହିଥିଲା। ବନ୍ଦ ଡାକରାରେ ମାସା ଆର୍ମିର




ବ୍ଲକ ସଭାପତି ଲକ୍ଷ୍ମଣ ମୁର୍ମୁ, ମଙ୍ଗଳୀ ହେମ୍ବ୍ରମ, କୌଶଲ୍ୟା ମାର୍ଣ୍ଡି, ବାସନ୍ତୀ ମୁର୍ମୁ, ସରସ୍ୱତୀ ବେସ୍ରା, ସାଇବା ମୁର୍ମୁ, ସମ୍ବଲ ମୁର୍ମୁ ପ୍ରମୁଖ ସାମିଲ ଥିଲେ।

## ଡିଭାଇନ୍ ଗ୍ରୁପର ବାର୍ଷିକ ଉତ୍ସବ 'ୟୁଫୋନି' ଉଦ୍ୟାପିତ

# କଠିନ ପରିଶ୍ରମ ହିଁ ସଫଳତାର ମୂଳମନ୍ତ୍ର



**ବାରିପଦା, ୧୦।୧୧(ସମିସ):** ଉତ୍ତର ଓଡ଼ିଶାର ଅଗ୍ରଣୀ ଶିକ୍ଷା ଅନୁଷ୍ଠାନ ଡିଭାଇନ୍ ଗ୍ରୁପ ଅଫ୍ ଇନଷ୍ଟିଚ୍ୟୁସନରେ ଡିଭାଇନ୍ ଡିପ୍ଲୋମା ଇଞ୍ଜିନିୟରିଂ, ଡିଭାଇନ୍ ନର୍ସିଂ ଏବଂ ଡିଭାଇନ ଯୁକ୍ତ ୨ ବିଜ୍ଞାନର ୧୭ତମ ବାର୍ଷିକ ଉତ୍ସବ 'ୟୁଫୋନି ୨୦୨୫' ଉଦଯାପିତ ହୋଇଯାଇଛି। ଦୁଇଦିନିଆ ଉତ୍ସବର ପ୍ରଥମ ଦିବସରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ପୁଲିସ ଅଧକ୍ଷକ ଦୀପକ କୁମାର ଗୋଚ୍ଛାୟତ, ମୁଖ୍ୟବକ୍ତା ଭାବେ ବାରିପଦାର ଉପ-ଜିଲ୍ଲାପାଳ ଡକ୍ଟର ଦୟାସିନ୍ଧୁ ପରିଡ଼ା, ସମ୍ମାନିତ ଅତିଥି ଭାବେ ବାରିପଦା ବ୍ଲକର ଗୋଷ୍ଠୀଉନ୍ନୟନ ଅଧିକାରୀ ଦେବେନ୍ଦ୍ର ପ୍ରସାଦ ବଳ ଏବଂ ଅନ୍ୟତମ ସମ୍ମାନିତ ଅତିଥି ଭାବେ ବାରିପଦାର ଏସଡିପିଓ ପ୍ରଭାତ ମଲ୍ଲିକ ଯୋଗ ଦେଇଥିଲେ। ସେହିପରି ଦୟାପନୀ ଦିବସରେ ମୁଖ୍ୟଅତିଥି ଭାବେ ରାଜ୍ୟସଭା ସାଂସଦ ମମତା ମହାନ୍ତ, ମୁଖ୍ୟବକ୍ତା ଭାବେ ବାଙ୍ଗିରିପୋଷି ବିଧାୟିକା ସଞ୍ଜଳି ମୁର୍ମୁ, ସମ୍ମାନିତ ଅତିଥି ଭାବେ ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସୁଗୁଦା ମୁର୍ମୁ ଏବଂ ଅନ୍ୟତମ ସ୍ୱତନ୍ତ୍ର ଅତିଥି ଭାବେ ବିଜେପି ମୟୂରଭଞ୍ଜ ଜିଲ୍ଲା ଉପ ସଭାପତି ପରେଶ ଚନ୍ଦ୍ର ମହାନ୍ତ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ କଠିନ ପରିଶ୍ରମ ଓ ଠିକ ଚିନ୍ତା ଧାରା ହିଁ ସଫଳତାର ମୂଳମନ୍ତ୍ର ବୋଲି ପରାମର୍ଶ ଦେଇଥିଲେ। ଏବଂ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିବା ସହ ସଂସ୍କୃତି ଓ ପରମ୍ପରାକୁ ଅକ୍ଷୁର୍ଣ୍ଣ ରଖିବା ପାଇଁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ବିଶିଷ୍ଟ ଶିଳ୍ପପତି ତଥା ସମାଜ ସେବୀ ତରୁଣ କୁମାର ମହାନ୍ତି ଅମିତାଭ ସାହୁ, ସମାଜସେବୀ କାଶୀନାଥ ରଣା, ସମାଜସେବୀ ମନୀଷ ଖଣ୍ଡେଲୱାଲ, ସମାଜସେବୀ ସୁଶାନ୍ତ ଦାସଙ୍କୁ ମୁଖ୍ୟ ଅତିଥି ସାଂସଦ ଶ୍ରୀମତୀ ମହାନ୍ତ ଏବଂ ବିଧାୟିକା ସଞ୍ଜଳି ମୁର୍ମୁ ବିଶେଷ ଭାବରେ ସମ୍ମାନିତ କରିଥିଲେ। ସଭାରେ ଡିଭାଇନର ମ୍ୟାନଜିଂ ଟ୍ରଷ୍ଟି ପୂର୍ଣ୍ଣଚନ୍ଦ୍ର ବୁଗୁଡେଇ ପୌରୋହିତ୍ୟ କରିଥିବା ବେଳେ ନିର୍ଦ୍ଦେଶକ ଇଂ ବିପ୍ଳବ ଭଞ୍ଜନ ବୁଗୁଡେଇ, ଟ୍ରଷ୍ଟି ଇଂ ଧରମବୀର ବୁଗୁଡେଇ ଏବଂ ପ୍ରିନ୍ସିପାଲ୍ ଇଂ ଅଭିନ୍ନ ଦାସ ଉପସ୍ଥିତ ଥିଲେ। ମିଷ୍ଟର ଡିଭାଇନ ଡିପ୍ଲୋମା ଛାତ୍ର ମୋହିତ ପଣ୍ଡା ଏବଂ ମିସ୍ ଡିଭାଇନ ଡିପ୍ଲୋମା ଛାତ୍ରୀ ସୀମରନ ସେନାପତି, ମିଷ୍ଟର ଡିଭାଇନ୍ ନର୍ସିଙ୍ଗ୍ ଶୁଭମ କୁମାର ସେଠୀ ଓ ମିସ୍ ଡିଭାଇନ୍ ନର୍ସିଙ୍ଗ୍ ହୋଇଥିଲେ ସିପ୍ରା ସୁମନ ବାରିକ ଏବଂ ମିଷ୍ଟର ଡିଭାଇନ ଯୁକ୍ତ୨ ବିଜ୍ଞାନ ତନ୍ମୟ ରଣା ଓ ମିସ୍ ଡିଭାଇନ ଯୁକ୍ତ୨ ବିଜ୍ଞାନ ଲିପିକ ଦାସଙ୍କୁ ଚୟନ କରଯାଇଥିଲା। ବିଭିନ୍ନ ବିଭାଗରେ ସର୍ବୋଚ୍ଚ ନମ୍ବର ଓ ସର୍ବୋଚ୍ଚ ଉପସ୍ଥାନ ଥିବା ଛାତ୍ରଛାତ୍ରୀଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା। ଡିଭାଇନ୍ ଷ୍ଟୁଡେଣ୍ଟ ଅଫ ଦି ଇୟର ଭାବେ ସ୍ୱିଟି ନାୟକ ଶ୍ରାବଣୀ ପରିଡ଼ା ଓ ଶୁଭମ ସ୍ୱସ୍ତିକ କରଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା। ସେହିପରି ଦେଶପାଇଁ ଲଢୁଥିବା ବୀର ପୁଲିସ କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବଲିଉଡର ସ୍ୱନାମଧନ୍ୟ କଣ୍ଠଶିଳ୍ପୀ ତଥା ଜି ସାରେଗାମାପାର ବିଜେତା ଅବଦୁଲ ସେଖ ଏବଂ ୧୩ର ଗାୟିକା ମନୀଷା କର୍ମକାର ଚିତ୍ତାକର୍ଷକ ପରିବେଷଣ ଉପସ୍ଥାପନ କରି ସମସ୍ତ ଇଣ୍ଡିଆନ ଆଇଡଲ ସିଜିନ-ଦର୍ଶକଙ୍କ ମନ ମୋହିଥିଲେ। ଏହି ଉପଲକ୍ଷେ ଅନୁଷ୍ଠାନର ତିନୋଟି ଭିନ୍ନ ଭିନ୍ନ ମୁଖପତ୍ର 'ସେଭୋୟର ଫେୟାର' ଉନ୍ମୋଚିତ ହୋଇଥିଲା।

## ଗାଡ଼ି ଧକ୍କାରେ ଯୁବକଙ୍କ ମୃତ୍ୟୁ

**କୁଆମରା, ୧୦।୧୧(ସମସ):** ଖୁଣ୍ଟା ଥାନା ଅନ୍ତର୍ଗତ ପଶୁଦା ପଞ୍ଚାୟତ ବଡବେଲାକୁଟୀ ଗ୍ରାମର ଶଶିଧର ନାୟକ (୪୭)ଙ୍କ ଏକ ଗାଡି ଧକ୍କାରେ ମୃତ୍ୟୁ ଘଟିଛି। ସେ ରାତିରେ ଘରକୁ ଫେରୁଥିବାବେଳେ ଏକ ଅଜଣା ଗାଡି ତାଙ୍କୁ ଧକ୍କା ଦେଇ ପଳାଇଥିଲା। ସେ ରାସ୍ତାରେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡ଼ିଥିବା ଦେଖି ସ୍ଥାନୀୟ ଲୋକେ ତୁରନ୍ତ ଉଦ୍ଧାର କରି ଖୁଣ୍ଟା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ; ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସ ପହଞ୍ଚି ମୃତଦେହକୁ ବ୍ୟବଚ୍ଛେଦ ନିମନ୍ତେ ଉଦଳା ଡାକ୍ତରଖାନାକୁ ପଠାଇବା ସହ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## ସଙ୍ଗୀତା ମେମୋରିଆଲ ସୃଜନଶୀଳ ପ୍ରତିଯୋଗିତା

**ମୋରଡ଼ା, ୧୦।୧୧(ସମିସ):** ମୋରଡ଼ା ବ୍ଲକ ଚିତ୍ରଡା ଜବାହର ସରକାରୀ ଉଚ୍ଚ ବିଦ୍ୟାଳୟରେ ସୋମବାର ୨୨ତମ ସଙ୍ଗୀତା ମେମୋରିଆଲ ସୃଜନଶୀଳ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ମିନାକ୍ଷୀ ନନ୍ଦୀ ପ୍ରତିଯୋଗିତାରେ ସଭାପତିତ୍ୱ କରିଥିବା ବେଳେ ଆୟୋଜକ ହୃଷିକେଶ ବେହେରା ପିଲାଙ୍କୁ ବହୁ ଉପଦେଶ ଦେଇଥିଲେ। ଛାତ୍ରଛାତ୍ରୀଙ୍କ ଅନ୍ତର୍ନିହିତ ଗୁଣାବଳୀର ବିକାଶ ପାଇଁ ୨୦୦୪ମସିହାରୁ ଏହି ପ୍ରତିଯୋଗିତା ହୋଇଆସୁଛି ବୋଲି ସେ କହିଥିଲେ। ଏହି ଅବସରରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ ୪୦ ଜଣ ଛାତ୍ରଛାତ୍ରୀ ଭାଗ ନେଇଥିଲେ। ଶିକ୍ଷକ ଅରୁଣ କୁମାର ବେହେରା ପରିଚାଳନା କରିଥିବା



ବେଳେ କୃତୀ ଛାତ୍ରଛାତ୍ରୀଙ୍କୁ ବିଦ୍ୟାଳୟର ବାର୍ଷିକ ଉତ୍ସବ ଆସନ୍ତା ୧୪ତାରିଖରେ ପୁରସ୍କୃତ କରାଯିବ ବୋଲି ଶ୍ରୀ ବେହେରା ପ୍ରକାଶ କରିଥିଲେ

## ଡିଜିଟାଲ ସମ୍ବାଦ-ସଞ୍ଚାର ତାଲିମ ଶିବିର

# ଆଦିବାସୀ ଅଧିକାର ଓ ସୋସିଆଲ ମିଡିଆ ନେଇ ଆଲୋଚନା



**ରାଇରଙ୍ଗପୁର, ୧୦।୧୧(ସମିସ):** ନୂଆଦିଲ୍ଲୀରେ ଆଦିବାସୀ କଂଗ୍ରେସ ସଂଗଠନ ପକ୍ଷରୁ ଦିନିକିଆ ଡିଜିଟାଲ ସମ୍ବାଦ-ସଞ୍ଚାର ମାଧମ ତାଲିମ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଅଲ ଇଣ୍ଡିଆ ଆଦିବାସୀ କଂଗ୍ରେସ ପାର୍ଟି ମୁଖ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ସମସ୍ତ ଆଦିବାସୀ କଂଗ୍ରେସ ରାଜ୍ୟ ମୁଖପାତ୍ର, ସୋସିଆଲ ମିଡିଆ ସଦସ୍ୟଙ୍କୁ ନେଇ ଆଦିବାସୀ ଅଧିକାର ବିଶିଷ୍ଟ ମୁଖପାତ୍ର ବିଶେଷଜ୍ଞ ଯୋଗେ ଦେଇଥିଲେ। ସେଥି ମଧ୍ୟରେ ରାଜ୍ୟ ମୁଖପାତ୍ର ତଥା ରାଇରଙ୍ଗପୁର ପୂର୍ବତନ ବିଧାୟକ ପ୍ରହ୍ଲାଦ ପୂର୍ତ୍ତି ଯୋଗ ଦେଇ ସମ୍ବିଧାନ ସଭା ସଦସ୍ୟ ମାରାଂ ଗୋମକେ ଜୟପାଲ ସିଂ ମୁଣ୍ଡାଙ୍କୁ ଭାରତ-ରତ୍ନ ପ୍ରଦାନ କରିବାକୁ ଦାବି କରିଛନ୍ତି। ଏହା ଦ୍ୱାରା ସମସ୍ତ ଭାରତରେ ଆଦିବାସୀଙ୍କୁ ଭାବନାତ୍ମକ ରୂପରେ ପୁଣି ଥରେ ଜାତୀୟ କଂଗ୍ରେସରେ ଯୋଡିବାର ସମ୍ପର୍କ ସୂତ୍ର ସ୍ଥାପନ ହୋଇପାରିବ। କଂଗ୍ରେସରେ ଆଦିବାସୀ ମୂଳବାସୀଙ୍କୁ ସମ୍ମାନ ଦେଲେ ସଂଗଠନ ଆହୁରି ମଜଭୁତ ହୋଇ ପାରିବ ବୋଲି ମତପ୍ରକାଶ କରିଥିଲେ। ଏଥିରେ ଅଲ ଇଣ୍ଡିଆ ଆଦିବାସୀ କଂଗ୍ରେସ ରାଷ୍ଟ୍ରୀୟ ସଭାପତି ତଥା ବିଧାୟକ ଡ ବିକ୍ରାନ୍ତ ଭୁରିଆ ଅଧ୍ୟକ୍ଷତା କରିଥିଲେ। ସୋସିଆଲ ମିଡିଆ ପ୍ଲାଟଫର୍ମ କାର୍ଯ୍ୟକାରିତା, ଡିଜିଟାଲ ସୁରକ୍ଷା ବାର୍ତ୍ତା, ଗ୍ରାଫିକ୍ ଉପସ୍ଥାପନା ଏବଂ ପ୍ରଭାବଶାଳୀ ଅନଲାଇନ୍ ସମ୍ବାଦ ଓ ଡିଜିଟାଲ ସଞ୍ଚାର ଯୋଗାଯୋଗ ଅଭିଯାନର କାର୍ଯ୍ୟକାରିତା ବିଷୟରେ ତାଲିମ ପ୍ରଦାନ କରାଯାଇଥିଲା।

## ନାଚଗୀତ ବେଳେ ଟଳିପଡ଼ିଲେ ବୃଦ୍ଧ

**କୁଆମରା, ୧୦।୧୧(ସମିସ):** ରବିବାର ରାତିରେ ଖୁଣ୍ଟା ଥାନା ଅନ୍ତର୍ଗତ ବଡମାମୁଡିଆ ଗ୍ରାମର ଆଦିବାସୀ ସାହିରେ ପାରମ୍ପରିକ ନୃତ୍ୟ ଗୀତ ଚାଲିଥିଲା; ହେଲେ ଏହି ସମୟରେ ଜଣେ ବୃଦ୍ଧ ହଠାତ୍ ଟଳି ପଡ଼ିଲେ। ବୃଦ୍ଧ ଜଣକ ହେଉଛନ୍ତି ଭୀମ ମୁର୍ମୁ (୫୯)। ତାଙ୍କୁ ସଙ୍ଗେ ସଙ୍ଗେ ଖୁଣ୍ଟା ଡାକ୍ତରଖାନାକୁ ନିଆ ଯାଇଥିଲା। ମାତ୍ର ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ଖୁଣ୍ଟା ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ବେଳେ ଆଜି ବ୍ୟବଚ୍ଛେଦ ପାଇଁ ଉଦଳା ଡାକ୍ତରଖାନା ପଠାଇଛି ପୁଲିସ।

## ଏମ୍‌ଡିଏମ୍ ପାଚିକା ସହାୟିକା ସଂଘ ପକ୍ଷରୁ ବିକ୍ଷୋଭ

# ବକେୟା ପ୍ରାପ୍ୟ ନ ଦେଲେ ରୋଷେଇ ବନ୍ଦ

**ବାରିପଦା, ୧୦।୧୧(ସମିସ)**

ଆଦିବାସୀ ବହୁଳ ମୟୂରଭଞ୍ଜ ଜିଲ୍ଲାରେ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ଉପସ୍ଥାନ ବୃଦ୍ଧିରେ ମଧ୍ୟାହ୍ନ ଭୋଜନର ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ ରହିଛି। ଏଭଳି ସ୍ଥିତିରେ ସବୁଠୁ ସ୍ୱଳ୍ପ ପାରିଶ୍ରମିକରେ ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ ରୋଷେଇ କରୁଥିବା ପାଚିକା ସହାୟିକାଙ୍କୁ ମାସ ମାସ ଧରି ଭତ୍ତା ନ ଦେଇ ବି ଗଣ ଶିକ୍ଷା ବିଭାଗ ଭୋକିଲା ମଣିଷଙ୍କ ଠାରୁ କାମ ଆଦାୟ କରୁଛି। ମାସ ମାସ ଧରି ଭତ୍ତା ଦେଉନାହାନ୍ତି। ଏପରିକି କୋଭିଡରେ ସରକାର ସ୍କୁଲ ବନ୍ଦ ରଖିଥିବା ସମୟ ପାଇଁ ଭତ୍ତା ଦେବାକୁ ଓଡ଼ିଶା ଉଚ୍ଚ ନ୍ୟାୟାଳୟ ନିର୍ଦ୍ଦେଶ ଦେଇଥିଲେ ବି ଅନ୍ୟାନ୍ୟ ଜିଲ୍ଲାରେ ଏହି ନିର୍ଦ୍ଦେଶ ଭିତ୍ତିରେ ଭତ୍ତା ଦିଆଯାଇଥିଲେ ମଧ ମୟୂରଭଞ୍ଜ ଜିଲ୍ଲା ସାରସକଣା ଓ ବାଙ୍ଗିରିପୋଷି ବ୍ଲକ ଅଞ୍ଚଳର ପାଚିକା ସହାୟିକାଙ୍କୁ ଏଯାଏ ୨୮ ମାସର ବକେୟା




ଭତ୍ତା ମିଳିନାହିଁ। କେତେକ ବିଦ୍ୟାଳୟରେ ଛାତ୍ରଛାତ୍ରୀ ସଂଖ୍ୟା ଅଧିକ ଥିଲେ ବି ଜଣେ ପାଚିକା ବା ସହାୟିକାଙ୍କ ଉପରେ ପଶୁ ଭଳି କାମ ବୋଝ ଦିଆଯାଉଛି। ପୂର୍ବରୁ ସ୍ୱଳ୍ପ ଛାତ୍ର ସଂଖ୍ୟା ଜନିତ ବନ୍ଦ ହୋଇଥିବା ବିଦ୍ୟାଳୟର ପାଚିକା ସହାୟିକାଙ୍କୁ କାମରୁ ବନ୍ଦ କଲା ବେଳେ ନିକଟତମ ବିଦ୍ୟାଳୟ, ଯେଉଁଠି ଅଧିକ ଛାତ୍ରଛାତ୍ରୀ ଅଛନ୍ତି ସେଠାରେ ନିଯୁକ୍ତି ଦିଆଯିବ, ମାତ୍ର ବାହାର ହୋଇଥିବା ମହିଳା ପାଚିକା ସହାୟିକାଙ୍କୁ ଏପର୍ଯ୍ୟନ୍ତ ପୁନଃ ନିଯୁକ୍ତି ଦିଆଯାଇନାହିଁ। ଏଥି ସହିତ ଏମଡିଏମ ଯୋଜନାର ପାଚିକା ସହାୟିକାଙ୍କୁ ୱାର୍କର ମାନ୍ୟତା ଦେବା, ମାସିକ ଭତ୍ତା ସର୍ବନିମ୍ନ ୨୬ହଜାର ଟଙ୍କା, ବାର୍ଷିକ ୨ହଳ ପୋଷାକ ଆଦି ଦାବି କରାଯାଇଛି। ଏ ନେଇ ଏଆଇଟିୟୁସି ସଂଯୁକ୍ତ ନିଖିଳ ଓଡ଼ିଶା ଏମଡିଏମ ପାଚିକା ସହାୟିକା ସଂଘ ପକ୍ଷରୁ ସୋମବାର ଶତାଧିକ ପାଚିକା ସହାୟିକା ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପରେ ଏକ ୧୧ଦଫା ଦାବିପତ୍ର ବାରିପଦା ଡ଼ିଇଓଙ୍କୁ ପ୍ରଦାନ କରାଯାଇଛି। ବିକ୍ଷୋଭ ପ୍ରଦର୍ଶନ ପୂର୍ବରୁ ମୁର୍ଗାବାଡି ଓଭରବ୍ରିଜ ଠାରୁ ଏକ ଶୋଭାଯାତ୍ରା ବାହାରି ଡିଇଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ହୋଇଥିଲା। ସୁମିତ୍ରା ନାଏକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଏଆଇଟିୟୁସି ରାଜ୍ଯ ସମ୍ପାଦକ ଜୟନ୍ତ ଦାସ, ଜିଲ୍ଲା ନେତା କାହ୍ନୁ ଚରଣ ବେହେରା, ସଂଘ ଉପଦେଷ୍ଟା ହୃଷିକେଶ ସାହୁ, ସିପିଆଇ ଜିଲ୍ଲା ସହ ସମ୍ପାଦକ ପରମେଶ୍?ର ମାହାନ୍ତ, ବଳରାମ ମୁର୍ମୁ, ରୂପାୟ ମାଝୀ, ମହେଶ୍ୱର ବେହେରା, ନିଖିଳ ଓଡ଼ିଶା ଏମଡିଏମ ପାଚିକା ସହାୟିକା ସଂଘର କୁନିମଣୀ ମହାନ୍ତ, ଉତ୍ତରା ନାଏକ, ଟୁଙ୍ଗି ମହାନ୍ତ, ଉତ୍ତରା ବେହେରା, ମଞ୍ଜୁଲତା ନାଏକ, ବାସନ୍ତୀ ମାରାଣ୍ଡି ପ୍ରମୁଖ ଉଦବୋଧନ ଦେଇ ଆଗାମୀ ୨ ସପ୍ତାହ ମଧ୍ୟରେ ବକେୟା ପ୍ରଦାନ ନ କଲେ ବିଦ୍ୟାଳୟରେ ରୋଷେଇ ବନ୍ଦ କରିବା ସହ ବାଙ୍ଗିରିପୋଷି ଓ ସାରସକଣା ବିଇଓଙ୍କ କାର୍ଯ୍ୟାଳୟ ଘେରଉ କରାଯିବ ବୋଲି ଚେତାବନୀ ଦିଆଯାଇଛି।

# ଆର୍‌ଏସ୍‌ପିର ବାସ୍କେଟବଲ୍ ଷ୍ଟାଡିୟମ୍ ଉଦ୍‌ଘାଟିତ



**ରାଉରକେଲା, ୧୦।୧୧(ସମିସ):** ସେଲ୍‌ଫ, ରାଉରକେଲା ଇସ୍ପାତ କାରଖାନା (ଆରଏସପି)ର ସେକ୍ଟର-୬ ବାସ୍କେଟବଲ୍ କମ୍ପ୍ଲେକ୍ସରେ ନଭେମ୍ବର ୮ ତାରିଖରେ ନୂତନ ଭାବରେ ନବୀକରଣ ହୋଇଥିବା ବାସ୍କେଟବଲ୍ ଷ୍ଟାଡିୟମ୍ ଉଦ୍‌ଘାଟିତ ହୋଇଯାଇଛି। ମାନବ ସମ୍ବଳ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର ଏହାର ଉଦଘାଟନ କରିଥିଲେ। ଏହି ଅବସରରେ ଖଣି ଉନ୍ନୟନ ସିଏମ୍‌ଏଲଓ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ବିକେ ଗିରି, ଖଣି ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏମ୍‌ପି ସିଂହ ଏବଂ ସହର ସେବା ଓ ସିଏସଆର ବିଭାଗର ସିଜିଏମ ପିକି କାନେକର ଉପସ୍ଥିତ ଥିଲେ। ଉଦଘାଟନ ଅବସରରେ ଦିଲ୍ଲୀ ପବ୍ଲିକ୍ ସ୍କୁଲ୍, ରାଉରକେଲା ଏବଂ ଦୀପିକା ଇଂରାଜୀ ମାଧ୍ୟମ ବିଦ୍ୟାଳୟ, ରାଉରକେଲାର ଛାତ୍ରୀମାନଙ୍କ ମଧ୍ୟରେ ଏକ ବାସ୍କେଟବଲ୍ ମ୍ୟାଚ୍ ଖେଳାଯାଇଥିଲା। ଆରଏସପିର କ୍ରୀଡ଼ା ଭିତ୍ତିଭୂମିର ବିକାଶ କରିବା ପାଇଁ ନିରନ୍ତର ପ୍ରୟାସର ଏକ ଅଂଶ ଭାବରେ ବାସ୍କେଟବଲ୍ ଷ୍ଟାଡିୟମ୍‌ର ପ୍ରମୁଖ ଉନ୍ନତିକରଣ କରାଯାଇଛି। ଏହି ସୁବିଧାରେ ବର୍ତ୍ତମାନ ଏକ ପୁନଃନିର୍ମିତ ପାଭିଲିୟନ, ନୂତନ ଭାବରେ ନିର୍ମିତ ଆଧୁନିକ ସାନିଟାରୀ ୟୁନିଟ୍ ଏବଂ ବାସ୍କେଟବଲ୍/ ଭଲିବଲ୍ କୋର୍ଟରେ ଏକ ଛାତ ସିନ୍ଥେଟିକ୍ ପୃଷ୍ଠ ଆବରଣ ରହିଛି। ପୂର୍ବରୁ ଏକ ଖୋଲା ସୁବିଧା ରୂପେ ଥିବା ଏହି କୋର୍ଟକୁ ବର୍ତ୍ତମାନ ଏକ ସମ୍ପୂର୍ଣ୍ଣ ଛାତ ସଂରଚନା ଯୋଗାଇ ଦିଆଯାଇଛି। ଯାହା ପାଣିପାଗ ପରିସ୍ଥିତିରୁ ସମ୍ପୂର୍ଣ୍ଣ ସୁରକ୍ଷା ପ୍ରଦାନ କରିବ ଏବଂ ବର୍ଷସାରା ଖେଳ ପାଇଁ ଉପଯୁକ୍ତ ରଖିବ ବୋଲି ସୂଚନା ମିଳିଛି। ଏତଦବ୍ୟତୀତ ଉନ୍ନତ ଷ୍ଟାଡିୟମରେ ରାତି ମ୍ୟାଚ୍ ପାଇଁ ଉନ୍ନତ ଆଲୋକ ବ୍ୟବସ୍ଥା ମଧ୍ୟ ରହିଛି। ଏହି ଅପଗ୍ରେଡ୍ ଖେଳାଳିମାନଙ୍କୁ ଏକ ଉତ୍କୃଷ୍ଟ କ୍ରୀଡ଼ା ଅଭିଜ୍ଞତା ପ୍ରଦାନ କରିବ ଓ ସହଭାଗୀଙ୍କରେ କ୍ରୀଡ଼ା ଏବଂ ଫିଟନେସ୍ କାର୍ଯ୍ୟକଳାପରେ ଅଧିକ ଅଂଶଗ୍ରହଣକୁ ଉତ୍ସାହିତ କରିବ। ଉକ୍ତ କାର୍ଯ୍ୟକ୍ରମକୁ କ୍ରୀଡ଼ା ବିଭାଗର ଡେପୁଟି ମ୍ୟାନେଜର ରଘୁ ନନ୍ଦନ ପାଢ଼ୀ ସଂଯୋଜନା କରିଥିଲେ।

## ଦିଲ୍ଲୀ ଲାଲ୍‌କିଲ୍ଲା ବ୍ଲାଷ୍ଟିଂ

# ସୁନ୍ଦରଗଡ଼ ୩ ସୀମାରେ ସର୍ଚ୍ଚ ଅପରେସନ ଜୋର୍‌ଦାର୍

ରାଉରକେଲା, ୧୦।୧୧(ସମିସ)

ନୂଆଦିଲ୍ଲୀ ଲାଲକିଲ୍ଲା ସ୍ଥିତ ମେଟ୍ରୋ ଷ୍ଟେସନର ୬ ନମ୍ବର ଗେଟ ନିକଟରେ ଏକ ଚଳନ୍ତା କାର୍‌ରେ ଭୟଙ୍କର ବ୍ଲାଷ୍ଟିଂ ପରେ ସୁନ୍ଦରଗଡ଼ ପୁଲିସ ପକ୍ଷରୁ ହାଇ ଆଲର୍ଟ ଜାରି କରାଯିବା ସହ ବ୍ୟାପକ ଯାଞ୍ଚ ଆରମ୍ଭ କରାଯାଇଛି। ପଶ୍ଚିମାଞ୍ଚଳ ପୁଲିସ ଡିଆଇଜି ବ୍ରିଜେଶ କୁମାର ରାଏ ସୁନ୍ଦରଗଡ଼ର ସମସ୍ତ ସୀମାନ୍ତ, ବିଭିନ୍ନ ହୋଟେଲ, ରେଷ୍ଟୁରାଣ୍ଟ ଆଦିରେ ଯାଞ୍ଚ ପାଇଁ ନିର୍ଦ୍ଦେଶ ଦେବା ପରେ ସୁନ୍ଦରଗଡ଼ ଏସ୍‌ପି ଅମ୍ରିତପାଲ କୌରଙ୍କ ନିର୍ଦ୍ଦେଶ କ୍ରମେ ପୁଲିସ ଏହି ଯାଞ୍ଚ ଆରମ୍ଭ କରିଦେଇଛି। ରାତିରେ ପୁଲିସ ବିଭିନ୍ନ ହୋଟେଲ, ଲଜ୍, ରେଷ୍ଟୁରାଣ୍ଟରେ ଚେକିଂ କରି ଚେକ୍ ଇନ୍ କରିଥିବା ଯାତ୍ରୀମାନଙ୍କ ସବିଶେଷ ତଥ୍ୟ ଯାଞ୍ଚ କରିଛନ୍ତି। ସେହିପରି ସୁନ୍ଦରଗଡ଼ ବସଷ୍ଟାଣ୍ଡ, ଧାର୍ମିକ ସ୍ଥଳରେ ବ୍ୟାପକ ଯାଞ୍ଚ ଆରମ୍ଭ ହୋଇଛି। ବିଶେଷ କରି ଟାଉନ ଥାନା, ସଦର ଥାନା ଅନ୍ତର୍ଗତ ମୁଖ୍ୟ ମାର୍ଗ, ବିଭିନ୍ନ ଛକ, ବସଷ୍ଟାଣ୍ଡ ଆଦି ଅଞ୍ଚଳରେ ବ୍ୟାପକ ଯାଞ୍ଚ ଆରମ୍ଭ ହୋଇଛି। ବିଶେଷ କରି ସୁନ୍ଦରଗଡ଼ ବାହାରୁ ଆସୁଥିବା ଯାତ୍ରୀମାନଙ୍କୁ ମଧ୍ୟ ତନ୍ନତନ୍ନ କରି ଯାଞ୍ଚ କରାଯାଉଛି। ସେହିପରି ଜିଲ୍ଲାର ସମସ୍ତ ଥାନା ଅନ୍ତର୍ଗତ ବିଭିନ୍ନ ସମ୍ବେଦନଶୀଳ ଅଞ୍ଚଳ, ଛକ, ଧାର୍ମିକ ସ୍ଥଳରେ ବ୍ୟାପକ ଯାଞ୍ଚ ଚାଲିଛି ବୋଲି ଏସ୍‌ପି ଶ୍ରୀମତୀ କୌର କହିଛନ୍ତି। ସୁନ୍ଦରଗଡ଼ ପୁଲିସ ଜିଲ୍ଲା ତଳସରା ଥାନା ଅନ୍ତର୍ଗତ ଛତିଶଗଡ଼ ଓ ଝାଡଖଣ୍ଡର ୨ଟି ସୀମାନ୍ତରେ ହାଇ ଆଲର୍ଟ ଜାରି କରିବା ସହ ବ୍ୟାପକ ଯାଞ୍ଚ ଆରମ୍ଭ କରିଛି। ସୁନ୍ଦରଗଡ଼ ପୁଲିସ ଜିଲ୍ଲା ତଳସରା ଥାନା ଅନ୍ତର୍ଗତ ଝାଡଖଣ୍ଡ ରାଜ୍ୟର ସୀମଡେଗା ସୀମାନ୍ତବର୍ତ୍ତୀ



ଉଲକୁଡିହ, ଛତିଶଗଡ଼ ସୀମାନ୍ତବର୍ତ୍ତୀ ଲୁଲକୁଡିହ ଏବଂ ତେଲିଯୋର ସୀମାରେ ପୁଲିସ ପକ୍ଷରୁ ଯାଞ୍ଚ କରାଯାଉଛି। ସେହିପରି ଲେଫ୍ରିପଡ଼ା ଥାନା ଅନ୍ତର୍ଗତ ସରଫଗଡ଼ ଯିବା ରାସ୍ତା ଛତିଶଗଡ଼ ସୀମାନ୍ତରେ ମଧ ଯାଞ୍ଚ କରାଯାଉଛି। ହେମଗିର ଥାନା ଅନ୍ତର୍ଗତ ଟପରିଆ ଠାରେ ଛତିଶଗଡ଼ ସୀମାନ୍ତରେ ମଧ ଯାଞ୍ଚ କରାଯାଇଛି। ଏହାସହିତ ଓଡ଼ିଶା-ଝାଡ଼ଖଣ୍ଡ ସୀମାନ୍ତବର୍ତ୍ତୀ ବାଉଁଶଯୋର ସୀମାନ୍ତରେ କୁତ୍ରା ଓ ବୀରମିତ୍ରପୁର ପୁଲିସ ପକ୍ଷରୁ ନାକାବନ୍ଦି କରାଯାଇ ବ୍ୟାପକ ଯାଞ୍ଚ ଆରମ୍ଭ ହୋଇଯାଇଛି ବୋଲି ଏସ୍‌ପି ଶ୍ରୀମତୀ କୌର 'ସକାଳ'କୁ ସୂଚନା ଦେଇଛନ୍ତି। ଏହି ଯାଞ୍ଚ ପ୍ରକ୍ରିୟାରେ ସୁନ୍ଦରଗଡ଼ର ଅତିରିକ୍ତ ଏସପି ଶାନ୍ତା ନୂତନ ସାମଦ, ଡିଏସପି ସୋମନାଥ ଜେନା, ଏସଡିପିଓ ନିର୍ମଳ କୁମାର ମହାପାତ୍ର, ଡିଏସପି ମନୋରଞ୍ଜନ ପ୍ରଧାନ, ସୁଶାନ୍ତ କୁମାର ଦାଶଙ୍କ ସମେତ ସମସ୍ତ ଥାନା ଅଧିକାରୀମାନେ ସାମିଲ ହୋଇଛନ୍ତି।

## ରାଉରକେଲାରେ ହାଇ ଆଲର୍ଟ

**ରାଉରକେଲା, ୧୦।୧୧(ସମିସ):** ନୂଆଦିଲ୍ଲୀ ଲାଲକିଲ୍ଲା ସ୍ଥିତ ମେଟ୍ରୋ ଷ୍ଟେସନର ୬ ନମ୍ବର ଗେଟ ନିକଟରେ ଏକ ଚଳନ୍ତା କାରରେ ଭୟଙ୍କର ବ୍ଲାଷ୍ଟିଂ ପରେ ରାଉରକେଲା ପୁଲିସ ପକ୍ଷରୁ ହାଇ ଆଲର୍ଟ ଜାରି କରାଯାଇଛି। ରାଉରକେଲାରେ ବ୍ୟାପକ ଯାଞ୍ଚ ଆରମ୍ଭ ହୋଇଛି। ପଶ୍ଚିମାଞ୍ଚଳ ପୁଲିସ ଡିଆଇଜି ବ୍ରିଜେଶ କୁମାର ରାଏ ରାଉରକେଲାର ରେଲୱେ ଷ୍ଟେସନ, ବିଭିନ୍ନ ହୋଟେଲ, ରେଷ୍ଟୁରାଣ୍ଟ ଆଦିରେ ଯାଞ୍ଚ ପାଇଁ ନିର୍ଦ୍ଦେଶ ଦେବା ପରେ ରାଉରକେଲା ଏସ୍‌ପି ନିତେଶ ୱାଧୱାନୀଙ୍କ ନିର୍ଦ୍ଦେଶ କ୍ରମେ ପୁଲିସ ଯାଞ୍ଚ ଆରମ୍ଭ କରିଛି। ସୋମବାର ରାତିରେ ପୁଲିସ ବିଭିନ୍ନ ହୋଟେଲ, ଲଜ୍, ରେଷ୍ଟୁରାଣ୍ଟରେ ଚେକିଂ କରି ଚେକ୍‌ଇନ୍ କରିଥିବା ଯାତ୍ରୀମାନଙ୍କ ସବିଶେଷ ତଥ୍ୟ ଯାଞ୍ଚ କରିଛି। ସେହିପରି ରାଉରକେଲା ରେଲୱେ ଷ୍ଟେସନ, ବସଷ୍ଟାଣ୍ଡ, ଧାର୍ମିକ ସ୍ଥଳ, ପ୍ଲାଣ୍ଟସାଇଟ୍ ଥାନା ଅନ୍ତର୍ଗତ ନାଲାରୋଡ, ମୁଖ୍ୟ ମାର୍ଗରେ ଯାଞ୍ଚ କରାଯାଉଛି। ରେଲୱେଷ୍ଟେସନରେ ରାଉରକେଲା ବାହାରୁ ଆସୁଥିବା ଯାତ୍ରୀମାନଙ୍କୁ ମଧ ତନ୍ନତନ୍ନ କରି ଯାଞ୍ଚ କରାଯାଉଛି। ସେହିପରି ନୂଆ ବସଷ୍ଟାଣ୍ଡରେ ମଧ ପୁଲିସ ପକ୍ଷରୁ ଯାଞ୍ଚ



କରାଯାଉଛି। ବିଶ୍ରା ରେଲୱେ ଷ୍ଟେସନରେ ମଧ ପୁଲିସ ପକ୍ଷରୁ ବ୍ୟାପକ ଯାଞ୍ଚ ଆରମ୍ଭ ହୋଇଥିବା ବେଳେ ଓଡ଼ିଶା-ଝାଡ଼ଖଣ୍ଡ ସୀମାରେ ପୁଲିସ ପକ୍ଷରୁ ନାକାବନ୍ଦୀ କରି ଯାଞ୍ଚ ଆରମ୍ଭ କରାଯାଇଥିବା ଏସ୍‌ପି ନିତେଶ ୱାଧୱାନୀ ସୂଚନା ଦେଇଛନ୍ତି।

# ଓଡ଼ିଶା ପ୍ରାର୍ଥନା ମହୋତ୍ସବକୁ ବିରୋଧ

**ରାଉରକେଲା, ୧୦।୧୧(ସମିସ):** ଏକ ସମ୍ପ୍ରଦାୟ ପକ୍ଷରୁ ଓଡ଼ିଶା ପ୍ରାର୍ଥନା ମହୋତ୍ସବ ଆସନ୍ତାକାଲି ଠାରୁ ବିମାନ ବନ୍ଦର ପଡ଼ିଆଠାରେ ଅନୁଷ୍ଠିତ ହେବାକୁ ଯାଉଛି। ଯାହାକୁ ଘୋର ବିରୋଧ କରିଛି ରାଷ୍ଟ୍ରୀୟ ବଜରଙ୍ଗ ଦଳ। ଏନେଇ ସୋମବାର ଏସ୍‌ପି ନିତେଶ ୱାଧୱାନୀ ଏବଂ ପାନପୋଷ ଉପଜିଲ୍ଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ନିର୍ଦ୍ଦିଷ୍ଟ ଏକ ଧର୍ମ ପକ୍ଷରୁ ଉକ୍ତ କାର୍ଯ୍ୟକ୍ରମ ନାଁରେ ଆଦିବାସୀଙ୍କ ଧର୍ମ ପରିବର୍ତ୍ତନ କରାଯିବା ଉଦ୍ଦେଶ୍ୟରେ ଏହି ପ୍ରାର୍ଥନା ମହୋତ୍ସବ ଆୟୋଜିତ ହେଉଥିବା ନେଇ ଦଳ ଅଭିଯୋଗ କରିଛି। ଏହି ଅବସରରେ ଓଡ଼ିଶା ପ୍ରାନ୍ତ ଉପସଭାପତି ରାଜେଶ କୁମାର ସିଂହ, ଆଇନଜୀବୀ ପ୍ରବାଳ ବାରିକ, ରାଜେଶ କନ୍ତା, ଆଶୁତୋଷ ଜ୍ୟୋତିଷି, ସୁରଜ୍ ମହାତୋ, ବାସୁଦେବ କୁମାର, ଆଶିଷ ମହାତୋ, ସୌମ୍ୟା ଜେନା, ବାସନ୍ତୀ ମହାତୋ, ନିକିତା ଦୀପ ପ୍ରମୁଖ ଉପସ୍ଥିତ ଥିଲେ।

## ଶିଳ୍ପପତିଙ୍କୁ ଆଦିବାସୀଙ୍କ ଜମି ପ୍ରଦାନକୁ ବିରୋଧ

# ଓଡ଼ିଶା କୃଷକ ସଭାର ଗଣଧାରଣା



**ରାଉରକେଲା, ୧୦।୧୧(ସମିସ):** ଶିଳ୍ପପତିଙ୍କୁ ବିଭିନ୍ନ କାରଖାନା ପ୍ରତିଷ୍ଠା କରିବା ପାଇଁ ଯେଉଁଭଳି ଭବେ ଆଦିବାସୀଙ୍କ ଜମିକୁ ପ୍ରଦାନ କରାଯାଉଛି, ତା' ବିରୁଦ୍ଧରେ ଯୁଦ୍ଧଂ ଦେହି ଡାକରା ଦେଇଛି ଓଡ଼ିଶା କୃଷକ ସଭା। ଓଡ଼ିଶା କୃଷକ ସଭାର ସୁନ୍ଦରଗଡ଼ ଜିଲ୍ଲା କମିଟି ସାଧାରଣ ସମ୍ପାଦକ ସୁରେନ୍ଦ୍ର କୁମାର ଦାସଙ୍କ ନେତୃତ୍ୱରେ ଆଜି ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଓଡ଼ିଶା କୃଷକ ସଭା ପକ୍ଷରୁ ଗଣଧାରଣା ଦିଆଯାଇଥିଲା। ଏଥିସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରାଯାଇଥିବା ଜଣାପଡ଼ିଛି। ସୁନ୍ଦରଗଡ଼ ଜିଲ୍ଲାର କୁଆଁରମୁଣ୍ଡା, ନୂଆଗାଁ ଏବଂ ବିଶ୍ରା ବ୍ଲକ ଅଧୀନରେ ଥିବା ବିଭିନ୍ନ ଗ୍ରାମ ସ୍ୱାଧୀନତାର ୭୮ବର୍ଷ ପରେ ବି ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇ ରହିଛନ୍ତି। ଦୁଇ ଦୁଇଟି ନଦୀକୁ ଅତିକ୍ରମ କରି ଦୈନନ୍ଦିନ କାର୍ଯ୍ୟପାଇଁ ଦଶନ୍ଧି ଦଶନ୍ଧି ଧରି ସେମାନେ ସଂଘର୍ଷ କରିଆସୁଛନ୍ତି। ଅନେକ ଦାବୀ ପରେ ପ୍ରଥମେ କୋଏଲ ନଦୀ ଉପରେ ସେତୁ ନିର୍ମାଣ ହୋଇଥିଲା ଏବଂ ଚଳିତ ବର୍ଷ ଦେଓ ନଦୀ ଉପରେ ସେତୁ ନିର୍ମାଣ ହେବା ପରେ ସେମାନଙ୍କ ଭାଗ୍ୟ ପରିବର୍ତ୍ତନ ହେବ ବୋଲି ଆଶା କରାଯାଉଥିଲା। କିନ୍ତୁ ବିଡ଼ମ୍ବନାର ବିଷୟ ଗମନାଗମନ ପାଇଁ ସୁବିଧା ହେବାମାତ୍ରେ ଭିଟାମାଟି ସହ ସେମାନଙ୍କ ଜମି ଉପରେ ବୃହତ୍ତ ପୁଞ୍ଜିପତିମାନଙ୍କର ଲୋଲୁପ ଦୃଷ୍ଟି ପଡ଼ିଛି। ସମ୍ପ୍ରତି ଇଡକୋ ପକ୍ଷରୁ ହଜାର ହଜାର ଏକର ଜଙ୍ଗଲ ଜମି ଉପରେ ପ୍ରାଚୀର ନିର୍ମାଣ କରାଯାଇଛି। ଏହି ପ୍ରାଚୀର ନିର୍ମାଣ କରିବା ପାଇଁ ହଜାର ହଜାର ଗଛ କଟାଯାଇଛି ଏବଂ ଆଗାମୀ ଦିନରେ କାରଖାନା ଗଢି ଉଠିଲେ ଆହୁରି ଲକ୍ଷ ଲକ୍ଷ ଗଛ କଟାଯିବ ବୋଲି ଆଶଙ୍କା କରାଯାଉଛି। ଯାହାର ପ୍ରଭାବ ପରିବେଶ ଉପରେ ପଡ଼ିବାର ଆଶଙ୍କା ରହିଛି। ଜଙ୍ଗଲ ଉପରେ ଜୀବନ ଜୀବିକା ପାଇଁ ନିର୍ଭର କରୁଥିବା ନିରୀହ ଆଦିବାସୀ ଲୋକମାନେ ନିଜର ଜୀବିକା ହରାଇବେ ବୋଲି ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି। ପ୍ରଦୂଷଣ ଯୋଗୁଁ ଆଦିବାସୀଙ୍କ ଉର୍ବର ଜମି ବିଷାକ୍ତ ଜମିରେ ପରିଣତ ହେବା ସହ ଚାଷ ଉଜୁଡ଼ି ଯିବାର ସମ୍ଭାବନା ରହିଛି। ଫଳରେ କୁଆଁରମୁଣ୍ଡା, ନୂଆଗାଁ ଏବଂ ବିଶ୍ରା ବ୍ଲକର ଝାରବେଡ଼ା, କଟାରୁ, ଅଙ୍କୁରପାଲ୍ଲୀ, ଝିରପାଣି ଏବଂ ଜାମସେରା ଗ୍ରାମ ପଞ୍ଚାୟତ ଅଞ୍ଚଳ ସମେତ ଏହା ସଂଲଗ୍ନ ୧୫ରୁ ୨୦ଟି ଗ୍ରାମ ପଞ୍ଚାୟତର ବାସୀନ୍ଦାମାନେ ତାଙ୍କର ଜୀବନ ଜୀବିକା ହରାଇବେ। ବିକାଶର ଦ୍ୱାହି ଦେଇ ଆଦିବାସୀଙ୍କୁ ବିନାଶ ଭିତରକୁ ଠେଲି ଦିଆଯାଉଛି ବୋଲି ଓଡ଼ିଶା କୃଷକ ସଭା ଅଭିଯୋଗ କରିଛି। ଓଡ଼ିଶା କୃଷକ ସଭା ସୁନ୍ଦରଗଡ଼ ଜିଲ୍ଲା କମିଟିର ଉପସଭାପତି ବୁଦ୍ଧନୀ ମୁଣ୍ଡାରୀ, ଯୁଗ୍ମ ସମ୍ପାଦକ ଶାନ୍ତି ମିଞ୍ଜ୍, କାର୍ଯ୍ୟକାରୀ କମିଟି ସଦସ୍ୟ ରମିଳା ଶୋଏ, ରଜତ ମୁଣ୍ଡା, କୁଆଁରମୁଣ୍ଡା ବ୍ଲକ ଉପସଭାପତି ମାଟିଆସ ଲମଗା, ତ୍ରିନାଥ କେଉଟ ପ୍ରମୁଖ କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିଲେ।

# ଆଦର୍ଶ ଯୁବ ପରିଷଦର ଶିଶୁ ମହୋତ୍ସବ ଉଦ୍‌ଘାଟିତ

**ରାଉରକେଲା, ୧୦।୧୧(ସମିସ):** ଅଧ୍ୟାତ୍ମିକ ଚେତନା ହିଁ ସମାଜରୁ କୁସଂସ୍କାର ଦୂରେଇପାରିବ। ପରିଷଦ ତାର ଅନ୍ୟାନ୍ୟ ପ୍ରତିଭା ଅନ୍ୱେଷଣ, ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଛାତ୍ରଛାତ୍ରୀଙ୍କୁ ଆଧ୍ୟାତିକ ଚେତନାଭିମୁଖୀ କରିବାରେ ଅଗ୍ରଣୀ ଭୂମିକା ନିର୍ବାହ କରୁଥିବାରୁ ଯୁବ ପରିଷଦ ଧନ୍ୟବାଦର ପାତ୍ର ବୋଲି ସେକ୍ଟର-୭ ସ୍ଥିତ ଚିନ୍ମୟ ବିଦ୍ୟାଳୟ ପରିସରରେ ଆୟୋଜିତ ଦୁଇ ଦିନିଆ ଶିଶୁ ମହୋତ୍ସବରେ ମୁଖ୍ୟଅତିଥି ଭାବେ ଯୋଗ ଦେଇ ରାଉରକେଲା ଚିନ୍ମୟ ମିଶନର ଆଚାର୍ଯ୍ୟ ସ୍ୱାମୀ ଅରୂପାନନ୍ଦଜୀ ପ୍ରକାଶ କରିଛନ୍ତି। ଶିଶୁ ମହୋତ୍ସବରେ ସମ୍ମାନିତ ଅତିଥି ଭାବେ ୱାଟରକ୍ରାଫ୍ଟ ସଲ୍ୟୁସନର ଅଧକ୍ଷା ନିହାରିକା ବସ୍ତିଆ ଯୋଗଦେଇଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ସମାଜସେବୀ କୃଷ୍ଣଚନ୍ଦ୍ର ବେହେରା ଯୋଗଦେଇଥିଲେ। ବିଭିନ୍ନ ପ୍ରତିଯୋଗିତା ଯଥା ଗୀତା ଆବୃତ୍ତିରେ




୬୨ ଜଣ, ଚିତ୍ରାଙ୍କନରେ ୨୦୭ ଜଣ, ରାଇମ୍ସ ଆବୃତ୍ତିରେ ୫୮ ଜଣ, କୌତୁକ ବେଶରେ ୪୪ ଜଣ, ତର୍କରେ ୪୫ ଜଣ ଓ ରଙ୍ଗୋଲିରେ ୨୮ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ସଭାପତି ବରଦା ପ୍ରସନ୍ନ ଦାସ ସଭାପତିତ୍ୱ କରିଥିବା ବେଳେ ସାଧାରଣ ସମ୍ପାଦକ ସତ୍ୟ ସୁନ୍ଦର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସରୋଜ କୁମାର ଷଡଙ୍ଗୀ, ସୁନନ୍ଦା ପାତ୍ର, ମନୋଜ କୁମାର ନାୟକ, ଅଂଶୁମାନ ପାତ୍ର, ଧନଞ୍ଜୟ ଦଣ୍ଡପାଟ, ସସ୍ମିତା ଦାସ, ନିକିତା ରାଉତ, ଚିତ୍ତରଞ୍ଜନ ସେଠୀ, ସଞ୍ଜୀବ ମାଝି, ସଲୀଲ କୁମାର ଦାସ, ବିଜୟ କୁମାର ସାହୁ, ଅର୍ଚ୍ଚନା ସାହୁ, ସୁଚିତ୍ରା ପାଣି, ଅଜିତା ପ୍ରଧାନ, ବଂଶିକା ଷଡଙ୍ଗୀ, ବନଲତା ବେହେରା, ଶୈଳେନ୍ଦ୍ର କୁମାର ରାଉତ, ବିଘ୍ନେଶ୍ୱର କବି, ସଙ୍ଗୀତ କୁମାର ମଲ୍ଲିକ, ଦୈତାରି ସାହୁ, ରଶ୍ମି ଚୌଧୁରୀ, ଉମେଶ ଚନ୍ଦ୍ର ଷଡଙ୍ଗୀ, ପ୍ରଦୀପ୍ତ ଭୋଇ, ସୌମ୍ୟ ପରିଡ଼ା, ମନବୋଧ ରାଉତ, ଅକ୍ଷୟ ଜେନା, ଅମନଦୀପ ପାତ୍ର, ସୌମ୍ୟ ଷଡଙ୍ଗୀ, ପୁଷ୍ପାଞ୍ଜଳି ବେହେରା, ପ୍ରତିଭାରାଣୀ ଦାସ ଓ ଦ୍ରିଷ୍ଟି ଦିବ୍ୟ ଦଣ୍ଡପାଟ ସହଯୋଗ କରିଥିଲେ।

# ୧.୫୦ ଏକର ଗଞ୍ଜେଇ ଚାଷ ନଷ୍ଟ

**ବଣାଇଁ, ୧୦।୧୧(ସମିସ):** ବଣାଇଁ ବ୍ଲକ ଟିକାୟତ ପାଲି ଥାନା ଅନ୍ତର୍ଗତ ଭାଲୁପାଣି ପଞ୍ଚାୟତର ବରଘାଟ, ଝଣ୍ଡିସାହି, ଅନ୍ନାସାହି, ରାଣ୍ଟସାହି, ଉଲସୁରା ଗାଁ ଗୁଡ଼ିକର ବିଭିନ୍ନ ସ୍ଥାନରେ ଗଞ୍ଜେଇ ଚାଷ ହୋଇଥିବା ସୂଚନା ପାଇ ଆଜି ବଣାଇଁ ଅବକାରୀ ବିଭାଗ, ବନବିଭାଗ ଓ ପୋଲିସ ବିଭାଗର ସହଯୋଗରେ ଚଢ଼ଉ କରିଛି। ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ସେହି ଅଞ୍ଚଳର ପ୍ରାୟ ୧.୫୦ ଏକର ପାଖାପାଖି ଜମିରେ ଚାଷ ହୋଇଥିବା ଗଞ୍ଜେଇ ଗଛକୁ ନଷ୍ଟ କରାଯାଇଛି। ଏହି ସବୁ ଗଞ୍ଜେଇ ଗଛର ଆନୁମାନିକ ବଜାର ମୂଲ୍ୟ ୨୦ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ଜଣାପଡ଼ିଛି।

# ଲେଫ୍ରିପଡ଼ାରେ ଯୁଗ୍ମ ଜନଅଭିଯୋଗ ଶୁଣାଣି

**ରାଉରକେଲା, ୧୦।୧୧(ସମିସ):** ସୁନ୍ଦରଗଡ଼ ଜିଲ୍ଲାର ଲେଫ୍ରିପଡ଼ା ବ୍ଲକ ପରିସରରେ ଆଜି ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲାପାଳ ଡ. ଶୁଭଙ୍କର ମହାପାତ୍ର ଏବଂ ଆରକ୍ଷୀ ଅଧିକ୍ଷକ ଅମ୍ରିତପାଲ କୌର ଉପସ୍ଥିତ ରହି ଜନସାଧାରଣଙ୍କର ଅଭିଯୋଗ ଗୁଡ଼ିକର ଶୁଣାଣି କରିଥିଲେ। ଆଜି ମୋଟ ୯୯ ଗୋଟି ଅଭିଯୋଗ ଆସିଥିଲା। ସେଥିମଧ୍ୟରୁ ୩୨ ଗୋଟି ବ୍ୟକ୍ତିଗତ ଅଭିଯୋଗ ରହିଥିବାବେଳେ ୫୮ ଗୋଟି ସାମୁହିକ ଅଭିଯୋଗ ରହିଥିଲା। ଏହି ସବୁ ଅଭିଯୋଗ ଗୁଡ଼ିକ ମଧ୍ୟରୁ ୧୦ ଗୋଟି ଅଭିଯୋଗର ତତ୍‌କ୍ଷଣାତ ସମାଧାନ କରାଯାଇଥିଲା। ସେହିଭଳି ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ଆର୍ଥିକ ସହାୟତା ନିମନ୍ତେ ୯ ଗୋଟି ଆବେଦନ



ରହିଥିଲା। ଆଜିର ଏହି ଅଭିଯୋଗ ଶୁଣାଣିରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର, ସଦର ଏସ୍‌ଡିପିଓ ନିର୍ମଳ କୁମାର ମହାପାତ୍ରଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହିଥିଲେ।


Government of India

**Ministry of Environment, Forest & Climate Change**

**Regional Office, Bhubaneswar, Odisha**

**Online Proposal No.: FP/OR/RAIL/438606/2023** **Dated: 24/01/2025**

**To,**
**The Addl. Chief Secretary,**
**Forest, Environment & CC Deptt.,**
**Government of Odisha,**
**Bhubaneswar – 751 001**

Subject: Diversion of 4.519 ha of forest land for construction of proposed Rail Corridor in village Kadei under Tangi Choudwar Tahasil of Cuttack District in Cuttack Forest Division by M/s My Home Industries Pvt. Ltd.

Sir/Madam,

I am directed to refer to State Govt. letter No.FE-DIV-FLD-0106-2023-25213/FE&CC dated 05.12.2023, No.26151/FE&CC dated 30.12.2024, No.2072/FE&CC dated 21.01.2025 and Online Proposal No.FP/OR/RAIL/438606/2023 on the above mentioned subject seeking prior approval of the Ministry of Environment, Forest & Climate Change under Section 2 of Van (Sanrakshan Evam Samvardhan) Adhiniyam, 1980.

2. After due consideration of the proposal of the State Government, the Ministry of Environment, Forest & Climate Change hereby conveys 'Stage-I/in-principle' approval for diversion of 4.519 ha of forest land for construction of proposed Rail Corridor in village Kadei under Tangi Choudwar Tahasilof Cuttack District in Cuttack Forest Division by M/s My Home Industries Pvt. Ltd., subject to the fulfillment of the following conditions.

**1. General Conditions**

| S. No | Conditions |
|---|---|
| 1.1 | The legal status of forest land proposed for diversion shall remain unchanged. |
| 1.2 | The user agency shall transfer online, the Net Present Value (NPV) of 4.519 ha forest land being diverted under this proposal, as per the Orders of Hon'ble Supreme Court of India dated 28.03.2008, 24.04.2008 and 09.05.2008 in Writ Petition (Civil) No.202/1995 and the guidelines issued by this Ministry vide its letter No.5-3/2011-FC (Vol-I) dated 06.01.2022, and 22.03.2022. The requisite funds shall be transferred through online portal in CAMPA account of the State concerned. |
| 1.3 | The non forest land of 4.654 ha identified in village Chhotapadagon under Tangi Choudwar Tahasil of Cuttack District under Cuttack Forest Division for raising compensatory afforestation shall be transferred and mutated in the name of Forest Department and notified as RF/PF prior to Stage-II approval. |
| 1.4 | The user agency shall transfer the cost of raising and maintaining the CA/Addl. CA at the current wage rate in consultation with State Forest Department in the account of CAMPA of the concerned State through online portal. The Scheme may include appropriate provision for anticipated cost increase for works scheduled for subsequent years. |
| 1.5 | Compensatory afforestation shall be raised over 4.654 ha identified in village Chhotapadagon under Tangi Choudwar Tahasil of Cuttack District under Cuttack Forest Division within two years from the date of Stage-II Clearance and maintained thereafter by the State Forest Department as per approved plan/scheme and maintained thereafter, at the cost of user agency. |
| 1.6 | Addl. Compensatory afforestation shall be raised over 5.2 ha of degraded forest land identified in Kaliamba PRF of Dalijoda Range under Cuttack Forest Division within two years from the date of Stage-II Clearance and maintained thereafter by the State Forest Department as per approved plan/scheme and maintained thereafter, at the cost of user agency. |
| 1.7 | The species to be planted in the CA scheme shall be of native species of the area. At least 18 month old seedlings should be planted. Intensive monitoring of the plantation needs to be done and documented using Geo tagging so that the increase of canopy density and survival and growth of plantation can be evaluated at regular intervals. |
| 1.8 | A Site Specific Wildlife Conservation Plan shall be prepared and duly approved by Chief Wildlife Warden, Odisha shall be implemented at project cost. The fund for implementation of Site Specific Wildlife Conservation shall be deposited by the user agency after duly vetted by Regional Office, MoEF&CC, Bhubaneswar. |
| 1.9 | At the time of payment of Net Present Value (NPV) at the then prevailing rate, the user agency shall furnish an undertaking to pay the additional amount of NPV, if so determined, as per the final decision of the Hon'ble Supreme Court of India. |
| 1.10 | The KML files of the area to be diverted and the CA areas shall be uploaded on the e-Green watch portal with all requisite details before issuing working permission towards linear projects or submitting compliance report for seeking Stage-II approval, as the case may be. |
| 1.11 | All the funds received from the user agency under the project shall be transferred/ deposited in CAMPA account only through e-portal (https://parivesh.nic.in/). Amount deposited through other mode will not be accepted as compliance of the Stage-I clearance. |
| 1.12 | The compliance report of the Stage-I approval shall be uploaded on e-portal (https://parivesh.nic.in/). |
| 1.13 | The complete compliance of the FRA, 2006 shall be ensured by way of prescribed certificate from the concerned District Collector. |
| 1.14 | The boundary of the proposed forest land for diversion, shall be demarcated on ground at the project cost, by erecting four feet high reinforced cement concrete pillars, each inscribed with its serial number, distance from pillar to pillar and GPS co-ordinates. |
| 1.15 | The user agency shall obtain Environment Clearance as per the provisions of the Environmental (Protection) Act, 1986, if applicable. |
| 1.16 | Speed regulating signage will be erected along the railway line at regular intervals in Protected Areas/Forest Areas. |
| 1.17 | The State Govt. shall ensure controlled speed limit of 20 Km/Hr, if the trains passing through the forest portion to enable the trains drivers to react to the sudden appearance of the wild animals on the track. As and when required speed of train shall be regulated in consultation with CWLWL of the State Govt. There should be regular communication with the local forest department to know the presence/movement of elephant near the track. |
| 1.18 | The designing of culverts/bridges, if any over the natural streams/rivers/canals should be done in such a manner that it does not hamper the natural course of water, does not give rise to water logging, and also does not hamper movement of wild animals including elephant. |
| 1.19 | The reclamation of quarry, if any, should be done under the supervision of the State Forest Department. The quarry shall be reclaimed and afforested completely before the project is closed |
| 1.20 | The user agency shall take up Avenue Plantation on either side of alignment of the track at its own cost in consultation with the DFO. |
| 1.21 | The user agency shall explore the possibility of successful transplantation of maximum number of trees identified to be felled and shall ensure that any tree felling shall be done only when it is unavoidable and that too under strict supervision of the State Forest Department. |
| 1.22 | No labour camp shall be established on the forest land and the user agency shall provide fuels preferably alternate fuels to the labourers and the staff working at the site so as to avoid any damage and pressure on the nearby forest areas. |
| 1.23 | No additional or new path will be constructed inside the forest area for any activity related to the project work. |
| 1.24 | The user agency while executing works, shall not fell any tree or damage forest growth in the surrounding forest area in any manner. |
| 1.25 | The layout plan of the proposed forest land shall not be changed without the prior approval of Ministry of Environment, Forest & Climate Change. |
| 1.26 | The forest land shall not be used for any purpose other than that specified in the proposal. |
| 1.27 | The forest land proposed to be diverted shall under no circumstances be transferred to any other user agency, department or person without the prior approval of Ministry of Environment, Forest & Climate Change. |
| 1.28 | No damage to the flora and fauna of the adjoining area shall be caused. |
| 1.29 | The concerned Divisional Forest Officer, will monitor and take necessary mitigative measures to ensure that there is no adverse impact on the forests in the surrounding area. |
| 1.30 | The user agency shall submit annual self monitoring report on compliance of stipulated conditions to the Nodal Officer (FCA) of the State and concerned Regional Office of this Ministry by the end of March every year. |
| 1.31 | Any other conditions that the Ministry of Environment, Forests & Climate Change may impose from time to time in the interest of afforestation, conservation and management of flora and fauna in the area, shall be complied by the user agency. |
| 1.32 | The State Govt. and user agency shall ensure compliance to provisions of the all Acts, Rules, Regulations, Guidelines, NGT Order (s) & Hon'ble Court Order (s) pertaining to this project, if any, for the time being in force, as applicable to the project. |
| 1.33 | Violation of any of these conditions will amount to violation of Van (Sanrakshan Evam Samvardhan) Adhiniyam, 1980 and action would be taken as prescribed in Para 1.16 of Consolidated Guidelines and Clarification issued under Van (Sanrakshan Evam Samvardhan) Adhiniyam, 1980 and Van (Sanrakshan Evam Samvardhan) Rules, 2023 vide Ministry's letter dated 29.12.2023. |

**2. Standard conditions**

**3. Specific Conditions**

3. After receipt of the report on compliance to the conditions stipulated above, from the State Government of Odisha, final/Stage-II approval for diversion of the said forest land under Section 2 of Van (Sanrakshan Evam Samvardhan) Adhiniyam, 1980 will be issued by this Ministry. Transfer of forest land to user agency should not be effected by the State Government of Odisha till final/Stage-II approval for its diversion is issued by the Ministry of Environment, Forest & Climate Change.

4. "The State Govt. or a Senior Office not below the Rank of a Divisional Forest Officer, having jurisdiction over the forest land proposed to be diverted, duly authorized in this behalf by the State Govt. can pass an order for tree cutting and commencement of work of a linear project in forest land for a period of one year ("working permission" means permission granted to linear project before final approval to mobilize the resources to commence the preliminary project work other than black topping, concretization, laying of railway tracks, charging of transmission lines, etc.). Such order shall be passed only after full realization of funds for compensatory afforestation, Net Present Value (NPV), Wildlife conservation Plan, plantation of dwarf species of medicinal plants, and all other compensatory levies, specified in the Stage-I (in-principle) approval from the User Agency, and where ever applicable, transfer and mutation of nonforest/ revenue forest land in favour of State Forest Department, declaration of PF/RF and compliance of other statues including ST&OTFD (Recognition of Forest Rights) Act, 2006" as stipulated in Para 11.1 of Chapter-11 of Consolidated Guidelines and Clarification issued under Van (Sanrakshan Evam Samvardhan) Adhiniyam, 1980 and Van (Sanrakshan Evam Samvardhan) Rules, 2023 vide Ministry's letter dated 29.12.2023.

**Copy To**

1. The Inspector General of Forests (ROHQ), Ministry of Environment, Forest & Climate Change, Indira Paryavaran Bhawan, Jor Bagh Road, Aliganj, New Delhi – 110003.
2. The PCCF & Nodal Officer (FCA), Forest Department, Govt. of Odisha, Aranya Bhawan, Chandrasekharpur, Bhubaneswar-751023.
3. The Deputy General Manager (Projects), M/s My Home Industries Pvt. Ltd., 9th Floor, Block-3, My Home Hub, Madhapur, Hyderbad-500081, Telangana.

**Your's faithfully**
**(Dr. Padma Mahanti)**
**Dy. Inspector General of Forests (C)**

ସକାଳ THE SAKALA



# ବିଦ୍ୟାଳୟରେ ତାଲା ପକାଇଲେ ଗ୍ରାମବାସୀ

ପାରଳାଖେମୁଣ୍ଡି, ୧୦।୧୧(ସମିସ)





ଗଜପତି ଜିଲ୍ଲା ଗୋଷାଣି ବ୍ଲକ ବଡ଼ଗୋଷାଣି ଗ୍ରାମରେ ଥିବା ସରକାରୀ ହାଇସ୍କୁଲରେ ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ମନମୁଖୀ କାର୍ଯ୍ୟକଳାପ ଅଭିଯୋଗ ପରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ନ ହେବାରୁ ଆଜି ଅଭିଭାବକ ଓ ଗ୍ରାମବାସୀ ତାଲାପକାଇ ଦେଇଥିଲେ। ଏଥିସହ ଛାତ୍ରଛାତ୍ରୀ ଧାରଣାରେ ମଧ୍ୟ ବସିଥିଲେ। ଦୀର୍ଘ ଘଣ୍ଟା ପରେ ଜିଲ୍ଲା ଶିକ୍ଷାଧିକାରୀ ପହଞ୍ଚି ଉତ୍ତ୍ୟକ୍ତ ଅଭିଭାବକ ଓ ଗ୍ରାମବାସୀଙ୍କ ସହ ଆଲୋଚନ କରି କାର୍ଯ୍ୟାନୁଷ୍ଠାନ ପ୍ରତିଶ୍ରୁତି ପରେ ତାଲା ଖୋଲିଥିଲେ। ଗ୍ରାମବାସୀଙ୍କ ସୂତ୍ରରୁ ପ୍ରକାଶ ଯେ ଗତମାସ ୨୪ ତାରିଖରେ ବିଦ୍ୟାଳୟର ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ମଧ୍ୟରେ ଗଣ୍ଡଗୋଳ ଘଟିଥିଲା। ପ୍ରଧାନଶିକ୍ଷକ ଦିଲ୍ଲୀପ କୁମାର ବିଶୃଙ୍ଖଳା କରୁଥିବା ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ତାଗିଦ କରିବାରୁ ଏପରି ଘଟଣା ଘଟିଥିଲା। ଏପରି ବାରମ୍ବାର ବିଦ୍ୟାଳୟରେ ବିଶୃଙ୍ଖଳା ସୃଷ୍ଟି କରୁଥିବା ଶିକ୍ଷକ ଏ.ମୁରଲୀ ଏବଂ ଶିକ୍ଷୟିତ୍ରୀ ପି.ସଙ୍ଗୀତାଙ୍କ ନାମରେ ଗତ ୨୭ ତାରିଖରେ ଅଭିଭାବକ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ। ଜିଲ୍ଲା ଶିକ୍ଷା ବିଭାଗ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀଙ୍କ ନେତୃତ୍ୱରେ ଏକ ଟିମ୍ ପଠାଇ ତଦନ୍ତ କରାଇଥିଲା। ତଦନ୍ତ ଟିମ୍‌ରେ ଜିଲ୍ଲା ଶିକ୍ଷାବିଭାଗର ଡିଏସ୍ଏସ୍ ଏ.ରବିକୁମାର ମଧ୍ୟ ସାମିଲ ଥିଲେ। ଯିଏକି ଶିକ୍ଷକ ଏ.ମୁରଲୀଙ୍କ ଭାଇ। ଉକ୍ତ ଟିମ୍‌ର ରିପୋର୍ଟକୁ ଆଧାର କରି ଜିଲ୍ଲା ଶିକ୍ଷାଧିକାରୀ ବିଦ୍ୟାଳୟର ପ୍ରଧାନଶିକ୍ଷକ ଦିଲ୍ଲୀପ କୁମାରଙ୍କୁ ଶୁକ୍ରବାର ନିଲମ୍ବନ କରିଥିଲେ। ଏହି ଖବର ପ୍ରଚାରିତ ହେବା ପରେ ଅଭିଭାବକ ଓ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ବିଶୃଙ୍ଖଳା ସୃଷ୍ଟି କରୁଥିବା ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ବିରୋଧରେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପରିବର୍ତ୍ତେ ପ୍ରଧାନ ଶିକ୍ଷକଙ୍କୁ କାହିଁକି ନିଲମ୍ବନ କରାଗଲା ବୋଲି ଆଜି ଆନ୍ଦୋଳନରେ ବଡ଼ଗୋଷାଣି ପଞ୍ଚାୟତର ସରପଞ୍ଚ ବି. ମୋହନ ରାଓ, ଏସ୍ଏମସି ସଭାପତି ବିଷ୍ଣୁଚରଣ ବେହେରାଙ୍କ ସମେତ ଶତାଧିକ ଅଭିଭାବକ ଓ ଗ୍ରାମବାସୀଙ୍କ ସହ ବିଦ୍ୟାଳୟର ଛାତ୍ରୀ ସାମିଲ ଥିଲେ। ଛାତ୍ରଛାତ୍ରୀ ନିଲମ୍ବିତ ପ୍ରଧାନଶିକ୍ଷକଙ୍କୁ ପୁନଃ ପ୍ରଧାନଶିକ୍ଷକ ଭାବେ ଅବସ୍ଥାପିତ କରିବାକୁ ଦାବି କରିଥିବାବେଳେ ଅଭିଭାବକ ଓ ଗ୍ରାମବାସୀ ଗତ ୨୭ ତାରିଖରେ ଲିଖିତ ଅଭିଯୋଗର ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଥିଲେ। ଆନ୍ଦୋଳନକାରୀଙ୍କୁ ପ୍ରଥମେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଏନ୍. ବିମଳ ଓ ଏସ୍.ସୋମଶେଖର ରାଓ ଏବଂ ପରେ ଗୋଷାଣି ଗୋଷ୍ଠୀ ଉନ୍ନୟନ ଅଧିକାରୀ ଗୌରଚନ୍ଦ୍ର ପଟ୍ଟନାୟକ ଆନ୍ଦୋଳନରୁ ନିବୃତ୍ତ ରହିବା ପାଇଁ ବୁଝାସୁଝା କରିଥିଲେ ମଧ୍ୟ ଜିଲ୍ଲାପାଳ ଓ ଜିଲ୍ଲା ଶିକ୍ଷାଧିକାରୀ ଏଠାକୁ ଆସି ପ୍ରତିଶ୍ରୁତି ଦେଲେହିଁ ଓହରିବୁ ବୋଲି ରୋକ୍ ଠକ୍ ଭାବେ ଜଣାଇଥିଲେ। ଆନ୍ଦୋଳନକୁ ବ୍ଲକ ଅଧ୍ୟକ୍ଷ ଏନ୍.ବୀରରାଜୁଙ୍କ ସମେତ ବ୍ଲକ ବିଜେଡି ସଭାପତି ଈଶ୍ୱର ରାଓ ସମର୍ଥନ ଜଣାଇ ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ଅପରାହ୍ଣ ୨ଟା ବେଳେ ଜିଲ୍ଲା ଶିକ୍ଷାଧିକାରୀ ଡ.ମାୟାଧର ସାହୁ ଓ ଗୋଷାଣି ଗୋଷ୍ଠୀ ଶିକ୍ଷାଧିକାରୀ ସୀତାରାମ ପାତ୍ର ପହଞ୍ଚି ଅଭିଭାବକ, ଛାତ୍ରଛାତ୍ରୀ ଓ ଗ୍ରାମବାସୀଙ୍କ ସହ ଆଲୋଚନା କରି ଦାବି ପୂରଣ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ବିଦ୍ୟାଳୟର ତାଲା ଖୋଲାଯାଇଥିଲା।

## ଧାରଣାରେ ବସିଲେ ଛାତ୍ରଛାତ୍ରୀ

ସକାଳ ୯ଟା ବେଳେ ବିଦ୍ୟାଳୟର ମୁଖ୍ୟଫାଟକରେ ତାଲାପକାଇ ଦେଇଥିଲେ। ତଦନ୍ତରେ ଅନିୟମିତତା, ବିଶୃଙ୍ଖଳା ସୃଷ୍ଟି କରୁଥିବା ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ, ମେଳି କରି ହୁକୁମା ଜାହିର କରୁଥିବା ଏବଂ ପାଳିରେ ଆସୁଥିବା ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଥିଲେ। ଏହା ସହ ଜୁମ୍ବୋ କ୍ଲାସରେ ଅପସଂସ୍କୃତି ନାଚ, ଲଭର ଡେ ପାଳନ ଆଦି ଏହି ବିଦ୍ୟାଳୟରେ ହେଉଥିବା ମଧ୍ୟ ଅଭିଯୋଗ କରିଥିଲେ।

## ଗଛରେ ପିଟିହେଲା ବାଇକ୍, ଚାଳକ ମୃତ



ବାଲିଗୁଡ଼ା, ୧୦।୧୧(ସମିସ): ଗଛରେ ପିଟି ହୋଇ ଚାଲିଗଲା ଜଣେ ଯୁବକର ଜୀବନ। କନ୍ଧମାଳ ଜିଲ୍ଲା ବାଲିଗୁଡା ବ୍ଲକ ବାରଖମା ଫାଣ୍ଡି ଅଞ୍ଚଳର ସମ୍ବିତ ପାତ୍ର (୧୮) ଏକ ବାଇକରେ ବାରଖମାରୁ ନିଜର ବ୍ୟକ୍ତିଗତ କାମରେ ବାଲିଗୁଡ଼ା ଯିବା ସମୟରେ ଦିଗୀପଡ଼ି ପ୍ରାଥମିକ ବିଦ୍ୟାଳୟ ସମ୍ମୁଖରେ ଭାରସାମ୍ୟ ହରାଇ ଗଛରେ ପିଟି ହୋଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲେଉ। ଏଥିରେ ତାଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ଅଞ୍ଚଳ ଲୋକ ଘଟଣା ସମ୍ପର୍କରେ ବାରଖମା ଫାଣ୍ଡି ଅଧିକାରୀ ଅମରେନ୍ଦ୍ର ସୁବୁଦ୍ଧିଙ୍କୁ ଖବର ଦେବା ପରେ ଫାଣ୍ଡି ଅଧିକାରୀ ପହଞ୍ଚି ମୃତଦେହ ଜବତ କରି ବାଲିଗୁଡ଼ା ଉପଖଣ୍ଡ ଚିକିତ୍ସାଳୟକୁ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଲେ। ପୁଲିସ ଅଧିକ ତଦନ୍ତ ଜାରି ରଖିଥିବା ଜଣାଯାଇଛି।

## ଧୂଙ୍ଗିଆଦେଈ ଦେବୀଙ୍କ ପୀଠରୁ ଚୋରି

ବାଲିଗୁଡ଼ା, ୧୦।୧୧(ସମିସ): କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ଉପଖଣ୍ଡ କ.ନୂଆଗାଁ ଥାନା ମହାସିଙ୍ଗି ପଞ୍ଚାୟତ ୫୯ ନଂ.ଜାତୀୟ ରାଜପଥ ରାସ୍ତା କଡରେ ଥିବା ଅଞ୍ଚଳର ଇଷ୍ଟଦେବୀ ମା' କାକବୁଢା (ଧୂଙ୍ଗିଆ ଦେଇ)ଙ୍କ ମନ୍ଦିରରୁ ଚୋରି ହୋଇଛି। କେହି ଗେଟ ତାଲାଭାଙ୍ଗି ରବିବାର ବିଳମ୍ବିତ ରାତିରେ କାକବୁଢ଼ା ପ୍ରତିମୂର୍ତ୍ତି ସହ ୪ ସୁନା ଆଖି, ଗୋଟିଏ ରୁପା ମୁକୁଟ ଓ ୧୮ଟି ପିତଳ ନାଗ ମୂର୍ତ୍ତି ଦୁର୍ବୃତ୍ତ ଚୋରି କରି ନେଇଯାଇଥିବା ବିଷୟ



ପୂଜକ ସକାଳୁ ମନ୍ଦିର ପୂଜା କରିବାକୁ ଆସିଥିବା ବେଳେ ଦେଖିବାକୁ ପାଇଥିଲେ। ପୂଜକ ଜଣକ ସଙ୍ଗେ ସଙ୍ଗେ ମନ୍ଦିର କମିଟିକୁ ଜଣାଇଥିଲେ। ମନ୍ଦିର କମିଟି ପୁଲିସକୁ ଜଣାଇବା ପରେ ପୁଲିସ ପହଞ୍ଚି ଅନୁଧ୍ୟାନ କରିବା ସହ ତଦନ୍ତ କରୁଥିବା ଜଣାପଡ଼ିଛି।

### ● ଆଦିବାସୀଙ୍କ ଅଧିକାରର ସୁରକ୍ଷା ଦାବି

## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ




ପାରଳାଖେମୁଣ୍ଡି, ୧୦।୧୧(ସମିସ): ଆଦିବାସୀଙ୍କ ଅଧିକାରର ସୁରକ୍ଷା ନେଇ ଆଜି ଗଜପତି ଜିଲ୍ଲା ସିପିଆଇ (ଏମ୍ଏଲ୍) ଲିବରେସନ ତରଫରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଥିଲା। ଧାରଣା ପୂର୍ବରୁ ପାରଳାଖେମୁଣ୍ଡି ସ୍ଥିତ ପୁରୁଣା ବସଷ୍ଟାଣ୍ଡ ତଥା ମୁନିସିପାଲିଟି ଅଫିସ ଠାରୁ ଶୋଭାଯାତ୍ରା ବାହାରିଥିଲା। ଶୋଭାଯାତ୍ରା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିବା ସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୧୭ ଦଫା ଦାବି ସମ୍ବଳିତ ଏକ ସ୍ମାରକପତ୍ର ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ମୁନିନ୍ଦ୍ର ହୋନାଗାଙ୍କୁ ପ୍ରଦାନ କରାଯାଇଥିଲା। ସିପିଆଇ (ଏମଏଲ) ଲିବରେସନ ରାଜ୍ୟ ସମ୍ପାଦକ ଯୁଧିଷ୍ଠିର ମହାପାତ୍ର, କୃଷକ ନେତା ଅଶୋକ ପ୍ରଧାନ ରାଜ୍ୟ ସରକାର ଜନ ବିରୋଧୀ ନୀତି ବିରୋଧରେ ଜନ ଆନ୍ଦୋଳନ କରିବା ପାଇଁ ଆହ୍ୱାନ ଦେଇଥିଲେ। ଆଦିବାସୀ ଶୋଷଣ ଓ ଠକେଇ ର ଶିକାର ହେଉଛନ୍ତି। ଆଦିବାସୀଙ୍କ ସାମ୍ବିଧାନିକ ଅଧିକାର ଆଜି ପର୍ଯ୍ୟନ୍ତ ଅନ୍ଧାର ଭିତରେ ରହିଛି। ୨୦୦୬ ଜଙ୍ଗଲ ଅଧିକାର ଆଇନ କାର୍ଯ୍ୟକାରୀ କରାଯାଉନାହିଁ। ଆଦିବାସୀପୂର୍ବ ପୁରୁଷରୁ ଭୋଗ ଦଖଲରେ ଥିବା ଜମି ସରକାର ଅଣଆଦିବାସୀଙ୍କୁ ଦେବା ସୁଯୋଗ ଦେଉଛନ୍ତି। ସରକାର ଆଦିବାସୀଙ୍କ ଦୁଃଖ ନ ଦେଖି ବଡ ବଡ କମ୍ପାନୀଙ୍କୁ ଜମି ଅଧିକାର ଦେଉଛନ୍ତି। ସରକାର ଆଦିବାସୀଙ୍କ ସାମ୍ବିଧାନିକ ଅଧିକାରକୁ ଖିଲାପ କଲେ ଆନ୍ଦୋଳନ ତୀବ୍ର କରିବା ପାଇଁ ରାଜ୍ୟ କମିଟି ସଭ୍ୟ ତ୍ରିପତି ଗମାଙ୍ଗ ଆହ୍ୱାନ ଦେଇଥିଲେ। ଆନ୍ଦୋଳନରେ ନରସିଂହ ମଣ୍ଡଳ, ମାଥ୍ୟୁ ରଇତ, କୈଳାସ ଶବର, ଡାଙ୍ଗଲା ରଇତ, କେଶବ ରଇତ, ଯୋହନ ରଇତ, ଏଲିଆବ ଗମାଙ୍ଗ, ସର୍ବଶ୍ରୀ ଗମାଙ୍ଗ, ସୁଦାମ ରଇତ, ସିମିୟ ରଇତ, ରଇସାନ ରଇତ, ବସା ରଇତ, ଅବିୟ ଗମାଙ୍ଗ, ମଇଜ ମାଝୀ ଓ ଶ୍ରୀନୁ ବେହେରା ସାମିଲ ହୋଇଥିଲେ।

## ଗଞ୍ଜେଇ ଜବତ, ୩ କେରଳୀ ଯୁବକ ଗିରଫ

ମୋହନା, ୧୦।୧୧(ସମିସ): ଗଜପତି ଜିଲ୍ଲା ମୋହନା ପୁଲିସ ସୋମବାର ପାଟ୍ରୋଲିଂ କରୁଥିବା ସମୟରେ ରାଇସିଂ ଛକରୁ ଚାଲାଣ ପାଇଁ ଏକ ବ୍ୟାଗରେ ରଖାଯାଇଥିବା ୧୫ କେଜି ଗଞ୍ଜେଇ ଜବତ କରିବା ସହ ୩ ଜଣ ଚାଲାଣକାରୀଙ୍କୁ ଗିରଫ କରିଛି। ଉକ୍ତ ଗଞ୍ଜେଇ ବସରେ ବ୍ରହ୍ମପୁର ଏବଂ ପରେ ଟ୍ରେନରେ କେରଳ ଚାଲାଣ ପାଇଁ ରଖାଯାଇଥିଲା। ଗଞ୍ଜେଇ ଚାଲାଣ ଅଭିଯୋଗରେ ପୁଲିସ କେରଳ ରାଜ୍ୟ କୋଲମ ଜିଲ୍ଲାର ଏସ୍. ସୁଧୀର, ବି. ଶ୍ରୀରାମ ଏବଂ ଏମ୍. ବିଷ୍ଣୁଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ସରପଞ୍ଚଙ୍କ ପୁଅର ଝୁଲନ୍ତା ମୃତଦେହ ଉଦ୍ଧାର



ମୋହନା, ୧୦।୧୧(ସମିସ): ପଣସ ଗଛରୁ ସରପଞ୍ଚଙ୍କ ପୁଅଙ୍କ ଝୁଲନ୍ତା ମୃତ ଦେହ ଉଦ୍ଧାର ହୋଇଛି। ମୃତ ଯୁବକ ଜଣକ ହେଲେ ମୋହନା ଥାନା ମାଣିକପୁର ପଞ୍ଚାୟତ ସରପଞ୍ଚ ଲକ୍ଷ୍ମଣ ଦଳାଇଙ୍କ ସାନ ପୁଅ କୁମୁଦ ଦଳାଇ(୨୫)। ଗତ ରବିବାରରୁ କୁମୁଦ ଘରୁ ନିଖୋଜ ଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି କରି ମଧ୍ୟ ସନ୍ଧାନ ପାଇପାରି ନ ଥିଲେ। ସୋମବାର ସକାଳେ ନିଜ ଘର ବାରିପଟେ ଥିବା କ୍ଷେତର ପଣସ ଗଛରେ କୁମୁଦଙ୍କ ମୃତଦେହ ଝୁଲୁଥିବା ଦେଖି ଗ୍ରାମବାସୀ ପୁଲିସକୁ ସୂଚନା ଦେଇଥିଲେ। ମୃତ କୁମୁଦଙ୍କ ବାପା ତଥା ସରପଞ୍ଚ ଲକ୍ଷ୍ମଣ ଦଳାଇଙ୍କ ଲିଖିତ ଅଭିଯୋଗ ପ୍ରକାରେ ଚନ୍ଦ୍ରଗିରି ଫାଣ୍ଡି ପୁଲିସ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ଼ ମେଡିକାଲକୁ ପଠାଇ ତଦନ୍ତ ଜାରି ରଖିଛି। ପୁଲିସର ସୂଚନା ପ୍ରକାରେ କୁମୁଦ କିଛି ବର୍ଷ ଧରି ଯାଜପୁର ଅଞ୍ଚଳରେ ରହତ ୱେଲଡିଂ କାମ କରୁଥିଲେ। ସେଠାରେ ତାର ଲିଭର ଖରାପ ହୋଇଯିବା ଯୋଗୁଁ ପରିବାର ଲୋକେ ତାକୁ ଘରକୁ ନେଇଆସିଥିଲେ। ରୋଗଗ୍ରସ୍ତ ଜୀବନରୁ ମୁକ୍ତି ପାଇବା ପାଇଁ ସେ ଏଭଳି ଚରମ ପଦକ୍ଷେପ ନେଇଥିବା ସନ୍ଦେହ କରାଯାଉଛି।

### ଜି.ଉଦୟଗିରି ରାଜ୍ୟର ଶୀତଳତମ ସହର

## ସର୍ବନିମ୍ନ ତାପମାତ୍ରା ୮.୪ ଡିଗ୍ରୀ, ପର୍ଯ୍ୟଟନ ସ୍ଥଳରେ ଭିଡ଼

ଜି.ଉଦୟଗିରି, ୧୦।୧୧(ସମିସ): ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ରାଜ୍ୟରେ ଜି.ଉଦୟଗିରି ସବୁଠୁ ଥଣ୍ଡା ସହର ଭାବେ ରେକର୍ଡ ହୋଇଛି। ଯାହା ଫଳରେ ଦିନକୁ ଦିନ ପର୍ଯ୍ୟଟକଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଜି.ଉଦୟଗିରିର ସର୍ବନିମ୍ନ ତାପମାତ୍ରା ୮.୦୪ ରହିଥିବା ବେଳେ ଦାରିଙ୍ଗବାଡି ୧୦, ଫୁଲବାଣୀରେ ୧୧ ଡିଗ୍ରୀ ତାପମାତ୍ରା ରହିଛି। ଫଳରେ ପୁରା ଜିଲ୍ଲାରେ ଲାଗି ରହିଛି ଶୀତ। ଚାରି ଦିନ ମଧ୍ୟରେ ତାପମାତ୍ରା ପାଞ୍ଚ ଡିଗ୍ରୀ ଖସିବା ଫଳରେ ସ୍ୱାଭାବିକ ହୋଇପାରିନି ଜୀବନ ଜୀବିକା। ଛୋଟ ଛୁଆଙ୍କ ସହିତ ବୟସ୍କ ଲୋକଙ୍କ ପାଇଁ ସହ୍ୟ କରିବା କଷ୍ଟକର ହୋଇଛି। ଅତ୍ୟଧିକ ଥଣ୍ଡା ଫଳରେ ଛୋଟପିଲାଙ୍କ ଠାରେ ଥଣ୍ଡା କାଶ ଦେଖାଦେଇଛି। ସନ୍ଧ୍ୟା ହେଉ ହେଉ ଶୀତ ମାଡି ଆସିବା ଫଳରେ ରାତି ଆଠଟା ପରେ ବଜାର ଘାଟ ଶୂନଶାନ ହେଉଛି। ଶୀତରୁ ରକ୍ଷା ପାଇବା ପାଇଁ ଲୋକେ ନିଆଁ ଜାଳି ବସି ରହୁଥିବା ଦେଖିବାକୁ ମିଳୁଛି। ଜିଲ୍ଲାର ପର୍ଯ୍ୟଟନସ୍ଥଳ ଗୁଡିକରେ ଗହଳି ଆରମ୍ଭ ହୋଇଥିବା ବେଳେ ଏହି କ୍ରମରେ ଜି ଉଦୟଗିରିର କାଳିଗାଡୁ ହିଲଟପ, ସିରିକି ଇକୋ ପାର୍କ, କଳିଙ୍ଗା ବଟନିକାଲ ଗାର୍ଡେନ, କଳିଙ୍ଗା ଶୈବପୀଠ, କଳିଙ୍ଗା ଝାଉଁବଣ, କୁର୍ମିଙ୍ଗିଆ ଜଳପ୍ରପାତ ଆଦି ସ୍ଥାନରେ ଗହଳି ଦେଖିବାକୁ ମିଳିଲାଣି। କନ୍ଧମାଳର ପ୍ରାକୃତିକ ସୌନ୍ଦର୍ଯ୍ୟ ପର୍ଯ୍ୟଟକଙ୍କ ମନ କିଣୁଥିବା ବେଳେ ଶୀତ ଆଗମନରେ କନ୍ଧମାଳକୁ ଟାଣିଆଣୁଛି ବୋଲି କହିଛନ୍ତି ପର୍ଯ୍ୟଟକ। ଅତୀତରେ ଏହି ମନୋରମ ଦୃଶ୍ୟ କାରଣରୁ ବହୁ ଫିଲ୍ମ ସୁଟିଂ ହୋଇଥିବା ବେଳେ କିଛି ମାସ ତଳେ ମଧ୍ୟ ହୋଇଥିଲା। ଏପର ପରିବେଶ ଲାଗି ରହିଲେ ଆଗାମୀ ଦିନରେ ତାପମାତ୍ରା ଅଧିକ ଖସିବା ସମ୍ଭାବନା ରହିଥିବା କୁହାଯାଉଛି।



### ଦାରିଙ୍ଗବାଡ଼ିରେ ବଢୁଛି ଥଣ୍ଡା

ଦାରିଙ୍ଗବାଡ଼ି, ୧୦।୧୧(ସମିସ): କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡ଼ି ଅଞ୍ଚଳରେ ଦିନକୁ ଦିନ ଥଣ୍ଡା ବୃଦ୍ଧି ପାଇବାରେ ଲାଗିଛି। ତାପମାତ୍ରା ସୂଚନା କେନ୍ଦ୍ରରୁ ପ୍ରକାଶ ଯେ ୬ ତାରିଖରେ ୧୫ ଡିଗ୍ରୀ ସେଲସିୟସ ଥିବାବେଳେ ୭ ତାରିଖରେ ଏହା ୨ ଡିଗ୍ରୀ ସେଲସିୟସ ହ୍ରାସ ପାଇ ୧୩ ଡିଗ୍ରୀ ସେଲସିୟସ ହୋଇଥିଲା। ସେହିପରି ୮ ତାରିଖରେ ୧ ଡିଗ୍ରୀ ସେଲସିୟସ ହ୍ରାସ ପାଇ ୧୨ ଡିଗ୍ରୀ ସେଲସିୟସ, ୯ ତାରିଖରେ ୧ ଡିଗ୍ରୀ ସେଲସିୟସ ହ୍ରାସ ପାଇ ୧୧ ଡିଗ୍ରୀ ସେଲସିୟରେ ପହଁଚିଛି। ଆଜି ପୁଣି ୧ ଡିଗ୍ରୀ ତାପମାତ୍ରା ହ୍ରାସ ହୋଇ ୧୦ ଡ଼ିଗ୍ରୀ ତାପମାତ୍ରା ରହିଛି। ଏଥିରେ ଦାରିଙ୍ଗବାଡ଼ି ଅଞ୍ଚଳରେ ଥଣ୍ଡା ବୃଦ୍ଧି ପାଇଛି। ଦାରିଙ୍ଗବାଡ଼ିରେ ଥଣ୍ଡା ଓ ଶୀତ ବୃଦ୍ଧି ପାଇଥିବାରୁ ଏହାର ମଜା ନେବା ପାଇଁ ପର୍ଯ୍ୟଟକଙ୍କ ସଂଖ୍ୟା ବଢୁଛି। ତାସହିତ ବ୍ଲକ ଅଞ୍ଚଳରେ ଶୀତ ଆସିଥିବାରୁ ଲୋକଙ୍କ ପୋଷାକ ପରିଧାନରେ ପରିବର୍ତ୍ତନ ହୋଇ ଶୀତବସ୍ତ୍ର ବ୍ୟବହାର ଆରମ୍ଭ ହେବା ସହ ପ୍ରଭାତ ଭ୍ରମଣ, ଯୁବଗୋଷ୍ଠୀ ବ୍ୟାୟାମ କରିବା ପାଇଁ ପଡ଼ିଆ ଓ ରାସ୍ତାରେ ସଂଖ୍ୟା ବୃଦ୍ଧି ପାଇଛି। ଏହା ସହିତ ଶୀତବସ୍ତ୍ର ବିକ୍ରି ଉଠା ଦୋକାନ ଖୋଲିଛି। ଚା ଦୋକାନରେ ସକାଳ ଓ ସନ୍ଧ୍ୟାରେ ଭିଡ଼ ଦେଖିବାକୁ ମିଳୁଛି।

## ରାୟଗଡ଼ରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର



ରାୟଗଡ଼, ୧୦।୧୧(ସମିସ): ଗଜପତି ଜିଲ୍ଲା ରାୟଗଡ଼ ବ୍ଲକ ପିଏମଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ପଞ୍ଚାୟତ ସମିତି ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଦ୍ୱାରା ସୋମବାର ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅଭିଯାନ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ପୂର୍ଣ୍ଣବାସୀ ନାୟକ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଉପାଧ୍ୟକ୍ଷ ଜ୍ୟୋତି ପ୍ରସାଦ ପାଣି, ବିଡିଓ ସନ୍ତୋଷ କୁମାର ବାରିକ, ଡିଏସ୍ଏସ୍ଓ ଉତ୍ସଗୀତା ବଡ଼ରଇତ, ଏସ୍ଏସ୍ଏସ୍ଓ ଏଲ.ସନ୍ତୋଷଙ୍କ ସମେତ ପଞ୍ଚାୟତ ପ୍ରତିନିଧି ଓ ବ୍ଲକ କର୍ମଚାରୀ ଯୋଗ ଦେଇଥିଲେ। ଭିନ୍ନକ୍ଷମଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରି ସେମାନଙ୍କ ଲୁକାୟିତ ପ୍ରତିଭାର ବିକାଶ ଘଟାଇବା ଏହି ଶିବିରରେ ମୁଖ୍ୟ ଲକ୍ଷ୍ୟ ବୋଲି କୁହାଯାଇଥିଲା। ଉକ୍ତ ଶିବିରରେ ବ୍ଲକର ୨୭୬ଜଣ ଭିନ୍ନକ୍ଷମ ଯୋଗ ଦେଇ ପଞ୍ଜୀକରଣ କରିଥିବା ବେଳେ ସେଥିମଧ୍ୟରୁ ୨୭ ଜଣ ମାନସିକ ଭିନ୍ନକ୍ଷମ, ୫୮ ଜଣ ଦୃଷ୍ଟିଶକ୍ତି ବାଧିତ, ୧୨୦ ଜଣ ଶାରୀରିକ ଭିନ୍ନକ୍ଷମ ଏବଂ ୭୧ ଜଣ ଶ୍ରବଣ ଶକ୍ତି ବାଧିତ ବ୍ୟକ୍ତିଙ୍କୁ ଚିହ୍ନଟ କରାଯାଇଥିଲା। ଉକ୍ତ ଶିବିରକୁ ସମସ୍ତ ବ୍ଲକ କର୍ମଚାରୀ ପରିଚାଳନା କରିଥିବାବେଳେ ଶିକ୍ଷକମାନେ ପରିଚାଳନାରେ ସହଯୋଗ କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ଭାରପ୍ରାପ୍ତ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଚନ୍ଦନ ପାଣି ପରିଚାଳନା କରିଥିଲେ।

## କାଶୀନଗରରେ ସାଇବର ଠକେଇ ସଚେତନତା

କାଶୀନଗର, ୧୦।୧୧(ସମିସ): ଗଜପତି ଜିଲ୍ଲା କାଶୀନଗରରେ ସାଇବର ଠକେଇ ସଚେତନତା ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଦୈନିନ୍ଦନ ଜୀବନରେ ଆମେ ସମସ୍ତେ ଡିଜିଟାଲ ବ୍ୟବସ୍ଥା ସହିତ ସମ୍ପୂର୍ଣ୍ଣ ରୂପେ ନିର୍ଭରଶୀଳ ହୋଇଥିବା ବେଳେ ସାଇବର ଅପରାଧ ଦିନକୁ ଦିନ ବୃଦ୍ଧି ପାଉଛି। ସାଇବର ଅପରାଧ ସଚେତନ ନେଇ ଏସପି ଯତୀନ୍ଦ୍ର କୁମାର ପଣ୍ଡାଙ୍କ ନିର୍ଦ୍ଦେଶକ୍ରମେ ଥାନା ଅଧିକାରୀ ସୁନିଲ ବେହେରାଙ୍କ ନେତୃତ୍ୱରେ ସୋମବାର କାଶୀନଗରରେ ସଚେତନତା କାର୍ଯ୍ୟକ୍ରମ ହୋଇଥିଲା। ପୁଲିସ ପକ୍ଷରୁ ଜିଲ୍ଲାରୁ ଆସିଥିବା ସାଇବର ସଚେତନତା ରଥକୁ କାଶୀନଗରରେ ଭବ୍ୟ ସ୍ୱାଗତ କରାଯାଇଥିଲା। ଉକ୍ତ ସଚେତନତା ରଥ ସହ ଶତାଧିକ ଛାତ୍ରଛାତ୍ରୀ, ମିଶନ ଶକ୍ତି କର୍ମଚାରୀ ବହୁ ପୁଲିସ କର୍ମଚାରୀଙ୍କ ଉପସ୍ଥିତିରେ ପ୍ରଥମେ କାଶୀନଗର ଫରେଷ୍ଟ ଛକ ଠାରୁ ମାର୍କେଟ ପର୍ଯ୍ୟନ୍ତ ଏକ ପଦଯାତ୍ରା କରାଯାଇଥିଲା। ପଦଯାତ୍ରାରେ ଲୋକଙ୍କୁ ବିଭିନ୍ନ ସଚେତନତା କରାଯାଇଥିଲା। ସନ୍ଧ୍ୟାରେ କାଶୀନଗର ବଜାର ନିକଟରେ ବିଭିନ୍ନ ଉପାୟରେ ତଥା ଗୀତ ନାଟ୍ୟ ଦ୍ୱାରା ଏକ




କାର୍ଯ୍ୟକ୍ରମ କରି ଲୋକେ କିପରି ସାଇବର ଠକେଇ ହେଉଛନ୍ତି ଓ କିପରି ସେଥିରୁ ଆମେ ନିଜେ ସଚେତନତା ହେବା ସେନେଇ ଏକ କାର୍ଯ୍ୟକ୍ରମ ପୁଲିସ ପକ୍ଷରୁ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଏନ୍ଏସି ଅଧ୍ୟକ୍ଷା ଏମ. ସୁଧାରାଣୀ, ଉପାଧ୍ୟକ୍ଷ ରଘୁରାମ ସାହୁ, ତହସିଲଦାର ସୁଧୀର କୁମାର ନନ୍ଦ, ବିଡିଓ ଡମ୍ବୁରଧର ମଲ୍ଲିକ, ଡିଏସ୍ପି ଅନୁଭାଭ ପଣ୍ଡା ଓ ସାଇବର ଏକ୍ସପୋର୍ଟ ସଞ୍ଜୟ ପାଢ଼ୀ ମଞ୍ଚାସୀନ ହୋଇଥିଲେ। ଏଥିରେ ଅଞ୍ଚଳରେ ବହୁ ଜନସାଧାରଣ, ସ୍ଥାନୀୟ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ହୋଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସାଇବର ଠକେଇର ସଚେତନତା ଯାହାକି ଏଟିଏମ ବ୍ୟବହାରରେ ସତର୍କତା, ଅଜଣା ଲିଙ୍କ, ଅଜଣା ଆପ୍ ରେ କ୍ଲିକ୍ ନକରିବା, ବ୍ୟାଙ୍କ ସମ୍ବନ୍ଧୀୟ ଅଜଣା କଲ୍ ଗ୍ରହଣ ନକରିବା, ଗେମିଙ୍ଗ ଆପ ପ୍ରତି ଛାତ୍ରଛାତ୍ରୀ, ଯୁବପିଢି ସତର୍କ ରହିବା ଓ ବିଭିନ ହନିଟ୍ରାପ୍ କଲ କିମ୍ବା ୱାଟସ ଅପ୍ କଲ ଗ୍ରହଣ ନକରିବା ନେଇ ଥାନା ଅଧିକାରୀ ସୁନିଲ ବେହେରା ଲୋକଙ୍କୁ ସଚେତନତା କରିଥିଲେ। ଯଦି କୌଣସି ସାଇବର ଠକେଇ ହେଲେ ସଙ୍ଗେ ସଙ୍ଗେ ୧୯୩୦ ନମ୍ବର କଲ କରି ସାହାଯ୍ୟ ନେଇ ପାରିବେ ବୋଲି ସୂଚନା ଦେଇଥିଲେ। ସବ୍ ଇନ୍ସପେକ୍ଟର ପଞ୍ଚାନନ ବେହେରା, ଏଏସଆଇ ସୀମାଞ୍ଚଳ ସେଠୀ, ଲକ୍ଷ୍ମୀ ନାରାୟଣ ରାଓ ତିଲାଗୁ ଓ ଥାନାର ସମସ୍ତ କନେଷ୍ଟବଳ, ହୋମଗାର୍ଡ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ଜନତାଙ୍କ ଅଭିଯୋଗ ଶୁଣିଲେ ଜିଲ୍ଲାପାଳ








ଦାରିଙ୍ଗବାଡ଼ି, ୧୦।୧୧(ସମିସ)

କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ବ୍ଲକ ସଭାଗୃହରେ ଜିଲ୍ଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଥିଲା। ଜିଲ୍ଲାପାଳ ବେଦଭୂଷଣ ଓ ଆରକ୍ଷୀ ଅଧିକ୍ଷକ ହରିଶ ବିଶି ଯୋଗଦେଇ ଲୋକଙ୍କ ବିଭିନ୍ନ ସମସ୍ୟାର ଅଭିଯୋଗ ଶୁଣି ତାହାର ସମାଧାନ ଦିଗରେ ପଦକ୍ଷେପ ନେବାପାଇଁ ବିଭାଗୀୟଅଧିକାରୀଙ୍କୁ ନିର୍ଦ୍ଦେଶଦେଇଥିଲେ। ଶୁଣାଣିରେ ବ୍ଲକର ୨୫ ପଞ୍ଚାୟତରୁ ୨୨୯ ଅଭିଯୋଗର ଶୁଣାଣି ହୋଇଥିଲା। ଏଥିରେ ୧୨୨ ବ୍ୟକ୍ତିଗତ ଓ ୧୦୭ ସାମୂହିକ ଅଭିଯୋଗ ରହିଥିଲା। ରାସ୍ତା ନିର୍ମାଣ ଓ, ପାନୀୟ ଜଳ ସମସ୍ୟା ଓ ବିଏସଏନଏଲ ନେଟୱାର୍କ ସମସ୍ୟା ସମାଧାନ, ଷ୍ଟ୍ରୀଟ ଲାଇଟ ସମସ୍ୟା, ରାଜ୍ୟସ୍ତରୀୟ ଶୀତ ଉତ୍ସବ ଭଳି ସାମୂହିକ ଅଭିଯୋଗ ଥିଲା ବେଳେ ବ୍ୟକ୍ତିଗତ ଅଭିଯୋଗରେ ଜଙ୍ଗଲ ଜମିପଟା, ଘରଡିହ ଜାଗା, ସ୍ୱାସ୍ଥ୍ୟ ସମସ୍ୟା, ଅବାସ ଘର ଏବଂ କୁକୁଡ଼ା ଚାଷ ପାଇଁ ଜମି ଯୋଗାଇ ଦେବା ଅଭିଯୋଗ ରହିଥିଲା। ଶୁଣାଣିରେ ଜିଲ୍ଲାପାଳ ଓ ଅରକ୍ଷୀ ଅଧିକ୍ଷକଙ୍କ ସହିତ ବାଲିଗୁଡ଼ା ଉପଜିଲ୍ଲାପାଳ ପ୍ରଣୀତା ଦାସ, କନ୍ଧମାଳ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଶମ୍ଭୁନାଥ ନନ୍ଦୀ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ସନ୍ତୋଷ କୁମାର ପାଢ଼ୀ, ବିଡ଼ିଓ ପ୍ରୀତି ରଞ୍ଜନ ରଥ, ବ୍ଲକ ଅଧ୍ୟକ୍ଷ ସୁଶାନ୍ତ ପ୍ରଧାନ, ତହସିଲଦାର ଧୀରୋଜ ପାତ୍ରଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। ବ୍ଲକ ପକ୍ଷରୁ ଲୋକଙ୍କ ସୁବିଧା ପାଇଁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ଶେଷରେ ଜିଲ୍ଲାପାଳ ଚାଷୀମାନଙ୍କୁ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ଼ ବଣ୍ଟନ କରିଥିଲେ। ପୁଲିସ ପକ୍ଷରୁ ଥାନା ଅଧିକାରୀ କନକ କୁମାର ମାଝୀ ସଦଳବଳ ଆଇନଶୃଙ୍ଖଳା ରକ୍ଷା କରିଥିଲେ।

**ଗୁମ୍ମା:** ଗଜପତି ଜିଲ୍ଲା ଗୁମ୍ମା ବ୍ଲକ ଜିବା ପଞ୍ଚାୟତ କାର୍ଯ୍ୟାଳୟରେ ଜିଲ୍ଲାପାଳଙ୍କ ସଂଯୁକ୍ତ ଜନ ଅଭିଯୋଗ ଶୁଣାଣି ସହ ଗ୍ରାମ୍ୟମୁଖୀ ପ୍ରଶାସନ ଅନୁଷ୍ଠିତ ହୋଇଥିଲା। ଅଭିଯୋଗ ଶୁଣାଣିରେ ଗଜପତି ଜିଲ୍ଲା ଅତିରିକ୍ତ ଜିଲ୍ଲାପାଳ ଫାଲଗୁନ ମାଝୀ, ଆରକ୍ଷୀ ଅଧୀକ୍ଷକ ଜତୀନ୍ଦ୍ର କୁମାର ପଣ୍ଡା, ଉପଜିଲ୍ଲାପାଳ ଅନୁପ ପଣ୍ଡା, ପିଡ଼ି ଶଙ୍କର କେର୍କେଟା ଓ ଗୁମ୍ମା ବ୍ଲକ ଅଧ୍ୟକ୍ଷା ସୁନେମି ମଣ୍ଡଳ ଯୋଗ ଦେଇଥିଲେ। ଗୁମ୍ମା ବ୍ଲକର ଜିବା, ଝାମି, ତରଙ୍ଗଡ଼ା ଓ ମୁନୁସିଂ ପଞ୍ଚାୟତର ୬୦ଅଭିଯୋଗ ମଧ୍ୟରେ ୩୨ ସାମୁହିକଏବଂ ୨୮ ବ୍ୟକ୍ତିଗତ ଅଭିଯୋଗ ରହିଥିଲା। ରାସ୍ତା ଘାଟ ନିର୍ମାଣ, ବିଶୁଦ୍ଧ ପାନୀୟ ଜଳଯୋଗାଣ, ଆବାସ ଯୋଜନାରେ ଘର ଯୋଗାଇ ଦେବା, ମୋବାଇଲ ନେଟୱାର୍କ, ବର୍ଦ୍ଧିତ ଭତ୍ତା, ରାସନ କାର୍ଡ଼ ଓ ବିଭିନ୍ନ ଗ୍ରାମାଞ୍ଚଳରେ ଡ୍ରେନ ଉପର ଦେଇ ଆବର୍ଜନା ପାଣି ନିଷ୍କାସନ ଭଳି ସମସ୍ୟା ସମ୍ପର୍କରେ ଅଭିଯୋଗ କରାଯାଇଛି। ଏନେଇ ତୁରନ୍ତ ସମସ୍ୟାର ସମାଧାନ କରିବାକୁ ବ୍ଲକସ୍ତରୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ବେଳେ ଅଭିଯୋଗକୁ ତ୍ୱରିତ ଭାବେ କାର୍ଯ୍ୟକାରୀ କରିବାକୁ ଅନୁରୋଧ କରିଛନ୍ତି ଅଭିଯୋଗକାରୀ। ସେହିପରି ଅନ୍ୟତମ ଅତିଥି ବିଡ଼ିଓ ଦୁଲାରାମ ମାରାଣ୍ଡି, ତହସିଲଦାର ଶରତ ଶବର, ସହକାରୀ ଯନ୍ତ୍ରୀ ବିଭୁ ଚରଣ ପୂଜାରୀ, ସ୍ଥାନୀୟ ସମିତି ସଭ୍ୟ/ସରପଞ୍ଚ ଏସ ଶ୍ରୀନିବାସ ଓ ଏଡେଙ୍ଗା ଶବର ଏବଂ ବିଭିନ୍ନ ବିଭାଗୀୟ ଅଧିକାରୀ ଯୋଗ ଦେଇଥିଲେ।

**ରାଇକିଆ :** କନ୍ଧମାଳ ଜିଲ୍ଲା ରାଇକିଆ ପାଞ୍ଚାୟତ ସଭାଗୃହରେ ବିଡିଓ ସବ୍ୟସାଚୀ ସାହୁଙ୍କ ଦ୍ୱାରା ଜନଅଭିଯୋଗ ଶୁଣାଣି ହୋଇଥିଲା। ବିଭିନ୍ନ ୱାର୍ଡର ପାନୀୟ ଜଳ, ରାସ୍ତାଘାଟ, ବିଦ୍ୟୁତକରଣ ସମସ୍ୟା, ଜମି ବିବାଦ ଇତ୍ୟାଦି ଅଭିଯୋଗ ଗୁଡ଼ିକର ଶୁଣାଣି କରି ଏହାର ସମାଧାନ ପାଇଁ ତ୍ୱରିତ ପଦକ୍ଷେପ ନେବା ପାଇଁ ବିଭାଗୀୟ କର୍ମଚାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ବିଶେଷକରି ପାନୀୟ ଜଳ ସମସ୍ୟାକୁ ନେଇ ଉଦବେଗ ପ୍ରକାଶ ପାଇଥିଲା ବେଳେ ମେଗା ପ୍ରକଳ୍ପ ସମ୍ପୂର୍ଣ୍ଣ କାର୍ଯ୍ୟକାରୀ ହେଲେ ଏହାର ସ୍ଥାୟୀ ସମାଧାନ ହୋଇପାରିବ ବୋଲି ବିଡିଓ କହିଥିଲେ। ରାଇକିଆ ନାଗରିକ ମଞ୍ଚ ପକ୍ଷରୁ ପାର୍କ ପୁନରୁଦ୍ଧାର, ଜେଏମଏଫସି କୋର୍ଟ କାର୍ଯ୍ୟକ୍ଷମକୁ ନେଇ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ସରପଞ୍ଚ ଗୀତାଞ୍ଜଳି ନାୟକ, ସାଂସଦ ପ୍ରତିନିଧି ସନ୍ତୋଷ କୁମାର ଲେଙ୍କା, ନାଏବ ସରପଞ୍ଚ ନିଥନିଏଲ ନାୟକ, ସହକାରୀ ନିର୍ବାହୀ ଯନ୍ତ୍ରୀ ବଣ୍ଟି ଚୌଧୁରୀ, ଏପିଓ ସମୀର ଦାସ, ଆରଡବ୍ଲୁଏସଏସ ସହକାରୀ ଯନ୍ତ୍ରୀ ଉଷାରାଣୀ ପ୍ରଧାନ, ବିଦ୍ୟୁତ୍ ବିଭାଗ ଯନ୍ତ୍ରୀ ଶ୍ରବଣ ନାୟକ, ଡବ୍ଲ୍ୟୁଇଓ ଉର୍ମିଳା ପ୍ରଧାନ ଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଯୋଗ ଦେଇଥିଲେ। ରାଇକିଆ ପିଇଓ ଲୋକନାଥ ପଟ୍ଟନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

### ପ୍ରଧାନମନ୍ତ୍ରୀ ଗ୍ରାମସଡ଼କ ଶୋଚନୀୟ

# ୯ ବର୍ଷ ହେଲା ମାଟି ମୁଠାଏ ପଡ଼ିନି

**ଶଗଡା,୧୦।୧୧(ସମିସ)**



- ମସ୍କୁଲା-ରାବଡି ରାସ୍ତାର ରକ୍ଷଣାବେକ୍ଷଣ ନାହିଁ
- ମରାମତି ପାଇଁ ବିଭାଗୀୟ ଅଧିକାରୀଙ୍କ ଆନ୍ତରିକତା ଅଭାବ
- ସବୁ ଦେଖି ଜାଣି ମଧ ସ୍ଥାନୀୟ ଜନପ୍ରତିନିଧି ଚୁପ୍

କଣ୍ଟାମାଳ ବ୍ଲକ ଖଟଖଟିଆ ପଞ୍ଚାୟତ ମସ୍କୁଲାରୁ ରାବଡି ପର୍ଯ୍ୟନ୍ତ ଯାଇଥିବା ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ନିର୍ମିତ ରାସ୍ତା ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇ ପଡିଛି। ୨୦୧୬ ମସିହାରେ ପ୍ରାୟ ୬୨ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଏହି ରାସ୍ତା ନିର୍ମାଣ ହୋଇଥିଲା। ନିର୍ମାରୁ ୯ ବର୍ଷ ବିତି ଯାଇଥିଲେ ହେଁ ଏହାର ମରାମତି କରାଯାଇ ନ ଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ରାସ୍ତାରୁ ପିଚୁ ଉଠି ଗଲାଣି। ରାସ୍ତା ସାରା ଖାଲଖମା। ଲୋକେ ଯାତାୟତରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରାସ୍ତାର ଏଭଳି ଅବସ୍ଥା ଯୋଗୁ ଅନେକ ଦୁର୍ଘଟଣା ଘଟୁଥିବା ଲୋକେ ଅଭିଯୋଗ କରିଛନ୍ତି। ବିଶେଷ କରି ଦୁଇ ଚକିଆରେ ଯାଉଥିବା ଲୋକେ ନିୟନ୍ତ୍ରଣ ହରାଇ ଦୁର୍ଘଟଣାଗ୍ରସ୍ତ ହେଉଛନ୍ତି। ଥରେ ଯିଏ ଏହି ରାସ୍ତାରେ ପଡି ଖଣ୍ଡିଆଖାବରା ହେଉଛି ଦ୍ୱିତୀୟ ଥର ଏହି ରାସ୍ତାରେ ଯିବା ବେଳକୁ ଭାବୁଛି। ଅନେକ ଲୋକ ବିକଳ୍ପ ରାସ୍ତାରେ ଯାଉଛନ୍ତି। ଆଉ କିଛି ଲୋକେ ବାଧ ହୋଇ ଏହି ରାସ୍ତାରେ ଯିବା ଆସିବା କରୁଛନ୍ତି। ତେବେ ସରକାର ଗ୍ରାମାଞ୍ଚଳର ରାସ୍ତାର ଉନ୍ନତିକରଣ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ଏହି ରାସ୍ତାର ରକ୍ଷଣାବେକ୍ଷଣ ନେଇ କିନ୍ତୁ ବିଭାଗୀୟ ଅଧିକାରୀ ଆଗ୍ରହ ଦେଖା ନାହାନ୍ତି। ସ୍ଥାନୀୟ ଜନ ପ୍ରତିନିଧି ମଧ ଚୁପ୍। ଏଣୁ ସାଧାରଣ ଲୋକ ହଇରାଣ ହେଉଛନ୍ତି। ଜରୁରିକାଳୀନ ସମୟରେ ଏହି ରାସ୍ତାରେ ଆମ୍ବୁଲାନ୍ସ କିମ୍ବା ଦମକଳ ଯିବା ଆସିବା ବଡ଼ ବଡ଼ ସମସ୍ୟା ସୃଷ୍ଟି ହେଉଛି। ଏ ସଂପର୍କରେ ମନମୁଣ୍ଡା ଗ୍ରାମ୍ୟ ଉନ୍ନୟନ ବିଭାଗ ଯନ୍ତ୍ରୀଙ୍କୁ ପଚାରିବାରୁ ରାସ୍ତାକୁ ନେଇ ଉଚ୍ଚ ନ୍ୟାୟଳୟରେ ମାମଲା ଚାଲିଛି। ମାମଲା ସରିଲେ ଶୀଘ୍ର ଟେଣ୍ଡର ହୋଇ ରାସ୍ତା ନିର୍ମାଣ ଆରମ୍ଭ କରାଯିବ ବୋଲି କହିଛନ୍ତି।

# ଡୁଙ୍ଗୁରିପାଲିରେ ଅଭିଯୋଗ ଶୁଣାଣି



**ଡୁଙ୍ଗୁରିପାଲି,୧୦।୧୧(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ୍‌ସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଇଚ୍ଛାପୁର ପଞ୍ଚଯାତ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଡ. ନୃପରାଜ ସାହୁ ଓ ଆରକ୍ଷୀ ଅଧିକ୍ଷକ(ଏସ୍‌ପି) ନାରାୟଣ ନାଏକ ଶିବିରରେ ଯୋଗଦେଇ ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଓ ସମସ୍ୟା ଶୁଣିଥିଲେ। ସର୍ବମୋଟ ୧୨୨ ଗୋଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ତନ୍ମଧ୍ୟରୁ ୧୦୯ ଗୋଟି ଦରଖାସ୍ତ ବ୍ୟକ୍ତିଗତ ରହିଥିବାବେଳେ ୧୨ ଗୋଟି ସାମୁହିକ ଦରଖାସ୍ତ, ଗୋଟିଏ ଚିକିତ୍ସା ପାଇଁ ଆର୍ଥିକ ସହାୟତା ନିମନ୍ତେ ଦରଖାସ୍ତ ଗ୍ରହଣ କରାଯାଇଥିଲା। ତନ୍ମଧ୍ୟରୁ ୬ ଗୋଟି ଅଭିଯୋଗର ତୁରନ୍ତ ଶୁଣାଣି କରି ସମାଧାନ କରାଯାଇଥିଲା। ସମସ୍ତ ସାମୁହିକ ଓ ବ୍ୟକ୍ତିଗତ ଅଭିଯୋଗ ଦରଖାସ୍ତଗୁଡ଼ିକୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସମାଧାନ କରିବା ପାଇଁ ସମ୍ପୃକ୍ତ ବିଭାଗର ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ବିଡ଼ିଓ ଦିଲୀପକୁମାର ବାଡ଼ାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ରାଜେନ୍ଦ୍ର ମାଝୀ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ଅଶ୍ୱିନୀ କୁମାର ମେହେର, ସୋନପୁର ଉପଜିଲ୍ଲାପାଳ ସୁମ୍ୟାରୁପା ରଥ, ଇଚ୍ଛାପୁର ଗ୍ରାମ ପଞ୍ଚାୟତ ସରପଞ୍ଚ ପ୍ରଶାନ୍ତ କୁମାର ସାହୁଙ୍କ ସମେତ ତହସିଲଦାର ବିମଳ କିଶୋର ପତ୍ର ତଥା ବିଭିନ୍ନ ଜିଲ୍ଲାସ୍ତରୀୟ ଅଧିକାରୀ, ତହସିଲ ଓ ବ୍ଲକସ୍ତରୀୟ ଅଧିକାରୀ, କର୍ମଚାରୀ ବୃନ୍ଦଙ୍କ ସମେତ ଜିଲ୍ଲା ପଞ୍ଚାୟତ ଅଧିକାରୀ ତଥା ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅର୍ଜୁନ ମାଝୀଙ୍କ ସହିତ ବିଭିନ୍ନ ସମ୍ବାଦ ପତ୍ରର ସାମ୍ବାଦିକ ଓ ବୈଦ୍ୟୁତିକ ଗଣମାଧ୍ୟମର ପ୍ରତିନିଧିମାନେ ଯୋଗଦାନ କରିଥିଲେ। ଏହି ଅଭିଯୋଗ ଶୁଣାଣି ଓ ଉପଶମ ଶିବିରରେ ଚାରି ଜଣ ଭିନ୍ନକ୍ଷମ ହିତାଧିକାରୀ ସନଫଟାମୁଣ୍ଡାର ଯଶୋବନ୍ତି ଭୁଏ, ସାହଜ ବହାଲର ବୁଧୁ ପଟେଲ, ପିଙ୍କି ସାହୁ, ଶାନ ଫଟାମୁଣ୍ଡାର ପୁରୁଷୋତ୍ତମ ଅଦାବର ପ୍ରମୁଖଙ୍କୁ ଜିଲ୍ଲାପାଳ ହ୍ୱିଲ ଚେୟାର ପ୍ରଦାନ କରିଥିଲେ। ପରେ ମଧୁବାବୁ ପେନସନ ଯୋଜନରେ ଦୁଇ ଜଣ ଭିନ୍ନକ୍ଷମ ହିତାଧିକାରୀ କନ୍ଦୁମୁଣ୍ଡା ଶାନ୍ତି ପଟେଲ, ସାହାଜ ବାହାଲର ଆୟୁଷ୍ମୀ ଦୀପ ଓ କର୍ଲାଜୁରି ଗ୍ରାମ ପଞ୍ଚାୟତ ମହୁଲ ପାଲି ଗ୍ରାମର ଦ୍ରୌପଦୀ ବିଶିଙ୍କୁ ବିଧବା ଭତ୍ତା ପ୍ରଦାନ କରାଯାଇଥିଲା।

## ପ୍ରାତଃଭ୍ରମଣବେଳେ ଭାଲୁ ଆକ୍ରମଣ

**ପଲଶାଗୋରା,୧୦।୧୧(ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ୍ ମନମୁଣ୍ଡା ଥାନା ପଲଶାଗୋରା ଗ୍ରାମର ଜଣେ ବ୍ୟକ୍ତି ଭାଲୁ କାମୁଡ଼ାରେ ଗୁରୁତର ହୋଇଛନ୍ତି। ଏହି ବ୍ୟକ୍ତି ଜଣକ ହେଲେ ପୀତବାସ ପ୍ରଧାନ (୪୩)। ସେ ପ୍ରାତଃ ଭ୍ରମଣରେ ଯାଇଥିବା ବେଳେ ୪୧ ନମ୍ବର ରାଜ୍ୟ ରାଜପଥ ଧାନଖଣ୍ଡି ଛକ ନିକଟ ପାଣିଟାଙ୍କିଠାରେ ଏକ ଭାଲୁ ତାଙ୍କୁ ଆକ୍ରମଣ କରିଥିଲା। ସବୁଦିନ ଭଳି ସୋମବାର ଭୋର ସାଢେ ୫ଟାରେ ସେ ନିଜ ଘରୁ ରୁଣ୍ଡିମହୁଲ ପଟକୁ ଯାଉଥିଲେ। ଏତିକିବେଳେ ହଠାତ୍ ଏକ ଭାଲୁ ତାଙ୍କ ନିକଟକୁ ମାଡି ଆସି ତାଙ୍କୁ ଆକ୍ରମଣ କରିଥିଲା। ତାଙ୍କ ବାମ ଗୋଡକୁ କାମୁଡି କିଛି ବାଟ ଟାଣି ନେଇଥିଲା ଉକ୍ତ ଭାଲୁ। ପୀତବାସ ସାହସ ଜୁଟାଇ ଭାଲୁ ମୁହଁକୁ ଧରି ତଳେ ଘଷି ଦେବାରୁ ଭାଲୁଟି ତାଙ୍କୁ ଛାଡି ପଳାଇଥିଲା। ଏହାଫଳରେ ଅଳ୍ପକେ ସେ ବର୍ତ୍ତି ଯାଇଛନ୍ତି।

# ଧନୁଯାତ୍ରା ପାଇଁ ଶୁଭଖୁଣ୍ଟି ସ୍ଥାପନ



**ବୀରମହାରାଜପୁର,୧୦।୧୧(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ୍ ବାଗବାର ପଞ୍ଚାୟତର ଷଣ୍ଢା ଗ୍ରାମରେ କୁରାଳ ସମାଜ ତରଫରୁ ଆସନ୍ତା ୨୪ରୁ ୩୦ ତାରିଖ ପର୍ଯ୍ୟନ୍ତ କୁରାଳପଞ୍ଚାମୀ ଅବସରରେ ଧନୁଯାତ୍ରା ମହୋତ୍ସବ ଅନୁଷ୍ଠିତ ହେବ। ଏଥିପାଇଁ ଶୁଭଖୁଣ୍ଟି ସ୍ଥାପନ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ସମାଜର ସଭାପତି ଜିବର୍ଦ୍ଧନ ରଣା, ସଂପାଦକ ଗୁପ୍ତେଶ୍ୱର ରଣା, ଉପଦେଷ୍ଟା ସୁରେଶ ରଣାଙ୍କ ସହ ଗ୍ରାମବାସୀ ଓ ଜିଲ୍ଲାର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଏଥର ଧନୁଯାତ୍ରାରେ ପଶ୍ଚିମ ଓଡିଶାର ମହାନ ଖଳନାୟକ ରାମପୁର ସାରସମାଲ ଗ୍ରାମର ମନୋରଞ୍ଜନ ଚିର୍ଗୁନ କଂସ ଭୂମିକାରେ ଅଭିନୟ କରିବେ। ଏଥିସହ ପ୍ରତ୍ୟେକ ଦିନ କୁରାଳ ପୁରାଣ ପଠନ ଓ ସନ୍ଧ୍ୟାରେ କଂସ ଦରବାର ସହ ମିନାବଜାର ଆୟୋଜିତ ହେବ ବୋଲି ଜଣାପଡ଼ିଛି।

## ମାତଙ୍ଗେଶ୍ୱର ମନ୍ଦିର ନିକଟ ପୂଜା ଭଣ୍ଡାରରୁ ଚୋରି

**ବୌଦ୍ଧ,୧୦।୧୧(ସମିସ):** ବୌଦ୍ଧ ସହର ମାତଙ୍ଗେଶ୍ୱର ଶିବମନ୍ଦିର ନିକଟ ପୂଜା ଭଣ୍ଡାରରୁ ବିଳମ୍ବିତ ରାତିରେ ତାଲା ଭାଙ୍ଗି ଚୋରି ହୋଇଛି।

ମନ୍ଦିର ନିକଟରେ ପୂଜା ଭଣ୍ଡାର ଦେଇଥିବା ଲୋକେଶ ବିଶ୍ୱନାଥ ମହାପାତ୍ରଙ୍କ ଦୋକାନର ତାଲା ଓ ହୁକ୍ ଖୋଲି ରବିବାର ବିଳମ୍ବିତ ରାତିରେ ଦୁର୍ବୃତ୍ତ ଦୋକାନର କିଛି ସାମଗ୍ରୀ ଓ ନଗଦ ଟଙ୍କା ନେଇ ଯାଇଛନ୍ତି। ଏ ସମ୍ପର୍କରେ ବୌଦ୍ଧ ପୋଲିସକୁ ସୂଚନା ଦେବାପରେ ପିସିଆର ଆସି ପ୍ରାରମ୍ଭିକ ତଦନ୍ତ କରିଛି।

## ୩୬ ୟୁନିଟ୍ ରକ୍ତ ସଂଗ୍ରହ




**ବୌଦ୍ଧ,୧୦।୧୧(ସମିସ):** ବୌଦ୍ଧ ଜିଲ୍ଲା ରକ୍ତଭଣ୍ଡାରରେ ବଜରଙ୍ଗ ଦଳ ପକ୍ଷରୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଉଦ୍‌ଘାଟିତ ହୋଇଯାଇଛି। ସଭାପତି ଚକିତ ଭଞ୍ଜଙ୍କ ତତ୍ତ୍ୱାବଧାନରେ ଆୟୋଜିତ ରକ୍ତଦାନ ଶିବିରକୁ ଜିଲ୍ଲା ସଂଘ ଚାଳକ ସୂର୍ଯ୍ୟକାନ୍ତ ଦଳ ବେହେରା ମୁଖ୍ୟଅତିଥି ଭାବରେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ବିଶ୍ୱ ହିନ୍ଦୁ ପରିଷଦର ସଭାପତି ଶମ୍ଭୁ ପ୍ରସାଦ ମିଶ୍ର, ରକ୍ତ ଭଣ୍ଡାରର ଡାକ୍ତର ନାରାୟଣ ପଶାୟତ, ବରିଷ୍ଠ ରକ୍ତଦାତା ଡ. ସଞ୍ଜୟ ପଣ୍ଡା, ଜୟନାରାୟଣ ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏଥିରେ ମୋଟ ୩୬ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା।

# ସାଲୁଙ୍କି ବାମ କେନାଲରେ ପାଣି ଛାଡ଼

**ବୌଦ୍ଧ,୧୦।୧୧(ସମିସ):** ସାଲୁଙ୍କି ବାମ କେନାଲରେ ପାଣି ଛାଡିବା ଦାବିରେ ବିଭିନ୍ନ ଗ୍ରାମର ଚାଷୀ ବୌଦ୍ଧ ଜଳସେଚନ ବିଭାଗ କାର୍ଯ୍ୟାଳୟରେ ବିଭାଗୀୟ ନିର୍ବାହୀ ଯନ୍ତ୍ରୀଙ୍କ ଦ୍ୱାରସ୍ଥ ହୋଇଛନ୍ତି। ରବି ଋତୁରେ ଡାଲୁଅ ଧାନ ସହ ବହୁ ଚାଷୀ ପନିପରିବା ଚାଷ କରନ୍ତି। ବିଗତ ବର୍ଷରେ ସାଲୁଙ୍କି ବାମ କେନାଲରେ ଜଳ ଯୋଗାଣ ବନ୍ଦ ହେତୁ ଚାଷୀ କ୍ଷତିଗ୍ରସ୍ତ ହୋଇଥିଲେ। ତେଣୁ ଚଳିତବର୍ଷ ମୁଖ୍ୟ କେନାଲରେ ପାଣି ଛାଡିଲେ ସେମାନେ ଧାନ ଓ ପନିପରିବା ଚାଷ ପାଇଁ ପଦକ୍ଷେପ ନେବେ ବୋଲି ନିର୍ବାହୀ ଯନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଜିଲ୍ଲା ବିଜେପି କୃଷକ ମୋର୍ଚ୍ଚା ସଭାପତି ରବିନ୍ଦ୍ର ଦେଓଙ୍କ ନେତୃତ୍ୱରେ ବଡମାଲ୍, କୁଲୁତାଖଲି, ବଡ ଖଲିଗାଆଁ, ରାଉତ ବାହାଲ୍, କଳା ପଥର, ମୁଣ୍ଡି ପଦର, କନକପୁର ଆଦି ୮ଟି ଗ୍ରାମର ଚାଷୀ ଜଳସେଚନ ବିଭାଗ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ଆସି ଦାବିପତ୍ର ପ୍ରଦାନ କରିଥିଲେ।



### ■ ମା' ନାରାୟଣୀ କ୍ରିକେଟ୍ ପ୍ରତିଯୋଗିତା | ସାମସିଙ୍ଗା ଚାମ୍ପିଅନ୍

**ବୀରମହାରାଜପୁର,୧୦।୧୧(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ୍ ମୃଷୁନ୍ଦୀ ଗ୍ରାମପଞ୍ଚାୟତ ଘଣ୍ଟପାଲି ପଡ଼ିଆରେ ଚାଲିଥିବା ମା' ନାରାୟଣୀ କ୍ରିକେଟ୍ ପ୍ରତିଯୋଗିତା ଆଜି ଉଦ୍‌ଯାପିତ ହୋଇଯାଇଛି। କମିରା ଓ ସାମସିଂହା ମଧ୍ୟରେ ଫାଇନାଲ ମ୍ୟାଚ୍ ଦୁଇଟି ଫର୍ମାଟରେ ଖେଳାଯାଇଥିଲା। ୭ ଓଭର୍ ବିଶିଷ୍ଟ ପ୍ରଥମ ଫର୍ମାଟରେ କମିରା ଦଳ ବ୍ୟାଟିଙ୍ଗ କରି ସମସ୍ତ ଉଇକେଟ ହରାଇ ୪୭ ରନ୍ କରିଥିଲେ। ଜବାବରେ ସାମସିଂହା ଦଳ ୩.୫ ଓଭରରେ ୧ ଉଇକେଟ୍ ହାରାଇ ୪୮ ରନ୍ କରି ବିଜୟୀ ହୋଇଥିଲେ। ଦ୍ୱିତୀୟ ଫର୍ମାଟରେ କମିରା ଦଳ ପ୍ରଥମେ ବ୍ୟାଟିଙ୍ଗ କରି ୯.୩ ଓଭର୍‌ରେ ସମସ୍ତ ଉଇକେଟ୍ ହରାଇ ୧୨୦ ରନ୍ କରିଥିଲେ। ଜବାବରେ ସାମସିଂହାଦଳ ୯.୪ ଓଭରରେ ୩ ଉଇକେଟ ହରାଇ ୧୨୪ ରନ୍ କରି ଚାମ୍ପିଅନ୍ ହୋଇଥିଲା। ଉଦ୍‌ଯାପନୀ ଦିବସରେ ମୁଖ୍ୟଅତିଥି ଭାବେ ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ରାଜଗୋପାଳ ପାଣିଗ୍ରାହୀ, ସମ୍ମାନିତ ଅତିଥି ଭାବେ ଆକାଶ ସାହୁ, ଶୁଭମ୍ ସାହୁ, ଲୁତୁରପଙ୍କ ପୂର୍ବତନ ସରପଞ୍ଚ ରାଧାମାଧବ ବେହେରା ଯୋଗଦେଇ ବିଜେତା ଓ ଉପବିଜେତା ଦଳଙ୍କୁ ପୁରସ୍କୃତ କରିଥିଲେ। ଧନମାଳି ହୋତା, ରୋସନ୍ ସାମଲ୍, ଖେଳ ପରିଚାଳନା କରିଥିଲେ। ଲିପୁନ ହୋତା ସ୍କୋରର, ମାନସ ଚାନ୍ଦ, ବେଣୁଧର ପଧାନ ଧାରା ବିବରଣୀ ପ୍ରଦାନ କରିଥିଲେ। ଉମା ଶଙ୍କର ପୋଢ, ଗୌରାଙ୍ଗ ସାମଲ, ସୁନିଲ ପଧାନ, ଶିବୁଲ ପଧାନ, ବିଭୂତି ପଧାନ, ବୁଲୁ ପଧାନ, ରିଲନ ସାମଲ ଏହି ମ୍ୟାଚ୍ ପରିଚାଳନାରେ ସହଯୋଗ କରିଥିଲେ।



## ଜାନୁଆରୀ ୭ରୁ ସର୍ବ ଭାରତୀୟ ବରଗୋଛା କ୍ରିକେଟ କପ୍

**ମନମୁଣ୍ଡା,୧୦।୧୧(ସମିସ):** ଜାନୁଆରୀ ୭ରୁ ସର୍ବ ଭାରତୀୟ ବରଗୋଛା କ୍ରିକେଟ କପ୍ ଆରମ୍ଭ ହେବ। ବରଗୋଛା ଶ୍ରୀ ଜଗନ୍ନାଥ ପାଠାଗାର ଦ୍ୱାରା ଏହା ଆୟୋଜନ ହେବ। ଏହି ଟୁର୍ଣ୍ଣାମେଣ୍ଟ ପାଇଁ ସଭାପତି ଶାନ୍ତନୁ ଥାଟିଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ମିନି ଷ୍ଟାଡିୟମ୍‌ରେ ଏକ ବୈଠକ ଅନୁଷ୍ଠିତ ହୋଇ ଦଳ ଚୟନ କରାଯାଇଥିଲା। ପୂର୍ବ ବର୍ଷ ଅପେକ୍ଷା ପୁରସ୍କାର ରାଶି ବୃଦ୍ଧି କରାଯାଇଛି। ଅଧିକ ଆକର୍ଷଣୀୟ ପାଇଁ ଅନେକ ଯୋଜନା ହାତକୁ ନିଆଯାଇଥିବା ସଭାପତି ଶ୍ରୀ ଥାଟି କହିଛନ୍ତି।

ଏହି ୧୯ ତମ ସର୍ବଭାରତୀୟ ବରଗୋଛା କ୍ରିକେଟ କପ୍- ୨୦୨୬ ପାଇଁ ବିଜୟୀ ଦଳକୁ ୮୦ ହଜାର ଏବଂ ଉପ ବିଜେତା ଦଳକୁ ୫୦ ହଜାର ଟଙ୍କା ପୁରସ୍କାର ଦିଆଯିବ। କମିଟିର ବରିଷ୍ଠ ସଭ୍ୟ ତନ୍ମୟ ସାହୁ ଓ ପୂର୍ଣ୍ଣଚନ୍ଦ୍ର ପରଡିଆଙ୍କ ନେତୃତ୍ୱ ଓ ପାଠାଗାର ସଭ୍ୟଙ୍କ ସହଯୋଗରେ ଆବେଦନ କରିଥିବା ଦଳଗୁଡ଼ିକୁ ନେଇ ସିଧା ପ୍ରସାରଣ ମାଧ୍ୟମରେ ଲଟରୀ ଜରିଆରେ ସିଆରଏନ୍ ୧୧ ତାଳଚେର, କମାଣ୍ଡୋ ୧୧ ଭୁବନେଶ୍ୱର, ଷ୍ଟାର ୧୧ ସିଉଲା ପୁରୀ, ସୁହାନି ୧୧ ୱେଷ୍ଟ ବେଙ୍ଗଲ, ଇମେଜ ୧୧ ଭଦ୍ରକ, ଏମ ଏସଟି ବଲାଙ୍ଗୀର, ଡିସିସି ସନ୍ଥପୁରା କେନ୍ଦ୍ରାପଡ଼ା, ମହାକାଳ ୧୧ ଝାରସୁଗୁଡାକୁ ଚୟନ କରାଯାଇଥିଲା।

କାହା ସାଙ୍ଗରେ କିଏ ଖେଳିବେ (ଫିକ୍‌ଚର) ମଧ ଲଟେରୀ ମାଧ୍ୟମରେ ନିଷ୍ପତ୍ତି ନିଆଯାଇଛି। ଅଭିଜ୍ଞ ଉଚିତ କୁମାର ଡାଙ୍ଗ ଓ ବିଶ୍ୱାମିତ୍ର ମହଲାଙ୍କୁ ଟିମ୍ ମ୍ୟାନେଜମେଣ୍ଟ ଦାୟିତ୍ୱ ପ୍ରଦାନ କରାଯାଇଛି।



# ବରପଦର ଶ୍ରୀରାମ କ୍ରିକେଟ ପ୍ରତିଯୋଗିତା ଉଦ୍‌ଘାଟିତ



**ପଲଶାଗୋରା,୧୦।୧୧(ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ରୁଣ୍ଡିମହୁଲ ପଞ୍ଚାୟତ ବରପଦର ଶ୍ରୀରାମ କ୍ରିକେଟ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଛି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ରୁଣ୍ଡିମହୁଲ ସେବା ସମବାୟ ସମିତି ସଭାପତି ସୁଧୀର ଖଟୁଆ, ସମ୍ମାନିତ ଅତିଥି ଭାବେ ପ୍ରଧାନ ଶିକ୍ଷକ ଉଦ୍ଧବ ମହାଲିକ, ଶିକ୍ଷକ ନିବେଦନ ସାହୁ, ଶିକ୍ଷକ ଅକ୍ରୁର ପ୍ରଧାନ ଯୋଗଦେଇ ପ୍ରତିଯୋଗିତାର ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ଦିବସର ପ୍ରଥମ ମ୍ୟାଚ ବରପଦର (ବି) ଓ ବଡ଼ ଝାରମୁଣ୍ଡା ଦଳ ମଧ୍ୟରେ ହୋଇଥିଲା। ଏଥିରେ ବଡଝାରମୁଣ୍ଡା ଦଳ ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚ ରୁଣ୍ଡିମହୁଲ ଓ ଲୋକାପଡା ଦଳ ମଧ୍ୟରେ ହୋଇଥିଲା। ଏଥିରେ ରୁଣ୍ଡିମହୁଲ ଦଳ ବିଜୟୀ ହୋଇଥିଲା। ତୃତୀୟ ମ୍ୟାଚ ରୁଣ୍ଡିମହୁଲ ଓ ବଡ଼ ଝାରମୁଣ୍ଡା ଦଳ ମଧ୍ୟରେ ହୋଇଥିଲା। ଏଥିରେ ବଡ଼ ଝାରମୁଣ୍ଡା ଦଳ ବିଜୟୀ ହୋଇଥିଲା। ସଙ୍କେତ ସାହୁ ଓ ସଂଶିତ ଦାସ ମ୍ୟାଚ୍ ପରିଚାଳନା କରିଥିଲେ। ସୁଧାଂଶୁ ଶେଖର ମହାକୁଡ଼ ଓ ସନ୍ତୋଷ ସାହୁ ଧାରବିବରଣୀ ଦେଇଥିବା ବେଳେ ସୌରଭ ଦଣ୍ଡିଆ ସ୍କୋରର ଦାୟିତ୍ୱ ତୁଲାଇଥିଲେ।

## ସନ୍ତରଣରେ ବୌଦ୍ଧ ଶିଶୁ ମନ୍ଦିରର ସଫଳତା

**ବୌଦ୍ଧ,୧୦।୧୧(ସମିସ):** ସମ୍ବଲପୁରସ୍ଥିତ ଡା. ଝସକେତନ ସାହୁ ସନ୍ତରଣାଗାରରେ ଅନୁଷ୍ଠିତ ୬୯ତମ ରାଜ୍ୟସ୍ତରୀୟ ବିଦ୍ୟାଳୟ ସମୂହ ସନ୍ତରଣ ପ୍ରତିଯୋଗିତାରେ ୧୪ ବର୍ଷରୁ କମ୍ ବାଳକ ବର୍ଗରେ ବୌଦ୍ଧ ଜିଲ୍ଲା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଷଷ୍ଠ ଶ୍ରେଣୀର ଛାତ୍ର ଶ୍ରୀମାନ ପ୍ରୀୟାଂଶୁ ପତଙ୍ଗ ସଫଳତା ହାସଲ କରିଛନ୍ତି। ସେ ୧୪ ବର୍ଷରୁ କମ୍ ବାଳକ ବର୍ଗରେ ୫୦ ମିଟର ବଟର୍‌ଫ୍ଲାଏରେ ରୌପ୍ୟ ପଦକ ଲାଭ କରିଛନ୍ତି।



## ମାଫିଆଙ୍କ ଅକ୍ତିଆରରେ ସରକାରୀ ଜମି

# ସରକାରୀ କାର୍ଯ୍ୟ ପାଇଁ ମିଳୁନି ସ୍ଥାନ

ଟାଙ୍ଗୀ,୧୦।୧୧(ସମିସ): ଟାଙ୍ଗୀ ଚୌଦ୍ୱାର ବ୍ଲକ ମୁଖ୍ୟାଳୟ କୋଟସାହି ପଞ୍ଚାୟତ ୨୫ଟି ୱାର୍ଡରୁ କେବଳ ଟାଙ୍ଗୀ ୨୦ଟି ୱାର୍ଡ ବିଶିଷ୍ଟ ଗାଁରେ ୧୭ହଜାରରୁ ଉର୍ଦ୍ଧ୍ୱ ଜନସଂଖ୍ୟା ବାସ କରନ୍ତି ଏଥି ସହ ଟାଙ୍ଗୀ ଅଞ୍ଚଳରେ ଥିବା ବିଭିନ୍ନ କମ୍ପାନୀ, ସରକାରୀ କର୍ମଚାରୀ ଓ ଦୁଇଟି ଘରୋଇ ଶିକ୍ଷା ଅନୁଷ୍ଠାନର ଛାତ୍ରଛାତ୍ରୀଙ୍କୁ ହିସାବରେ ଯଦି ନିଆଯାଏ ଟାଙ୍ଗୀରେ ମୋଟ ୩୫ ହଜାରରୁ ଉର୍ଦ୍ଧ୍ୱ ଜନସାଧାରଣ ରୁହନ୍ତି। ଟାଙ୍ଗୀ ବ୍ଲକର ଟାଙ୍ଗୀ ହେଉଛି ମୁଖ୍ୟ ବୈବସାୟିକ ପେଣ୍ଠସ୍ଥଳ। ଦୈନିକ ଶତାଧିକ ଲୋକ କିଣା ବିକା କରନ୍ତି କିନ୍ତୁ ସଂକ୍ଷିପ୍ତ ଜାଗା ପାଇଁ ବିଭିନ୍ନ ସମସ୍ୟା ଦେଖିବାକୁ ମିଳିଛି। ଟାଙ୍ଗୀରେ ସରକାରୀ ଜାଗା ରେକର୍ଡ ଅନୁସାରେ ଆଉ ନାହିଁ। କିଛି ମୁଷ୍ଟିମେୟ ଲୋକ ଜବରଦଖଲ କରିଥିବା ଅଭିଯୋଗ ହୋଇଥିବା ଜଣାପଡିଛି। ସରକାରଙ୍କ ତରଫରୁ କଲ୍ୟାଣ ମଣ୍ଡପ ନିମନ୍ତେ ପଞ୍ଚାୟତରେ ଅର୍ଥ ପଡ଼ି ରହିଥିଲେ ମଧ୍ୟ ଜାଗା ଅଭାବରୁ ହୋଇପାରୁନି। ଏଥିସହ ପଞ୍ଚାୟତର ନୂତନ ମାର୍କେଟ କମ୍ପ୍ଲେକ୍ସ, ପଞ୍ଚାୟତର ନୂତନ ଗୃହ ପାଇଁ ଅର୍ଥ ଅଛି। ଏସବୁ ନିର୍ମାଣ ପାଇଁ ସରକାରଙ୍କ ନିକଟରେ ଅଭିଯୋଗ କଲେ ମଧ୍ୟ ସରକାର ଜାଗା ଦେବାରେ ଅବହେଳା କରୁଥିବା ଦେଖିବାକୁ ମିଳିଛି। ଆଗାମୀ ଦିନରେ ଜଜ୍ କୋର୍ଟ ପାଇଁ ଜମିର ଆବଶ୍ୟକ ରହିଛି। ଟାଙ୍ଗୀରେ ସରକାରୀ ଜାଗା ପର୍ଯ୍ୟାପ୍ତ ପରିମାଣରେ ଅଛି। ଯଦି ସରକାର ଜବରଦଖଲ ଉଚ୍ଛେଦ କରି ସରକାରୀ ଗୃହ ନିର୍ମାଣ ପାଇଁ ଅନୁମତି ଦିଅନ୍ତି ତା' ହେଲେ ସରକାରଙ୍କ ପକ୍ଷରୁ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ହୋଇପାରିବ ବୋଲି ସ୍ଥାନୀୟ ସରପଞ୍ଚ ଜିଲ୍ଲାପାଳଙ୍କ ଜନଶୁଣାଣୀ ଶିବିରରେ ଅଭିଯୋଗ କରିଥିଲେ। ଯଦି ସରକାର ଏହାକୁ କାର୍ଯ୍ୟକାରୀ ନ କରନ୍ତି ଆଗାମୀ ଦିନରେ ଟାଙ୍ଗୀରେ ଆନ୍ଦୋଳନର ସୂତ୍ରପାତ ହେବ ବୋଲି ସାମାଜିକ କର୍ମୀ ଅଜୟ କୁମାର ପୃଷ୍ଟିଙ୍କ ସମେତ ବୁଦ୍ଧିଜୀବୀ ଦାବି କରିଥିବା ଜଣାପଡିଛି।

## ନରସିଂହପୁର ଛାଡ଼ଖାଇ ମହୋତ୍ସବର ୪ର୍ଥ ସନ୍ଧ୍ୟା

# ସାଂସ୍କୃତିକ କାର୍ଯ୍ୟକ୍ରମର ମଜା ନେଲେ ଦର୍ଶକ




ନରସିଂହପୁର,୧୦।୧୧(ସମିସ): ନରସିଂହପୁର ଛାଡଖାଇ ମହୋତ୍ସବର ୪ର୍ଥ ସନ୍ଧ୍ୟା। ସୋମବାର ମହୋତ୍ସବ ମଣ୍ଡପର ସାଂସ୍କୃତିକ ରଙ୍ଗାରଙ୍ଗ ନୃତ୍ୟ ଦର୍ଶକଙ୍କୁ ଆକୃଷ୍ଟ କରିଥିଲା। ହଜାର ହଜାର ଦର୍ଶକ ଆଞ୍ଚଳିକ ସଂସ୍କୃତିକ କାର୍ଯ୍ୟକ୍ରମ, ସରକାରଙ୍କ ତରଫରୁ ଆସିଥିବା ସଂସ୍କୃତି ବିଭାଗର ସଙ୍ଗୀତ କାର୍ଯ୍ୟକ୍ରମ, ବରଗଡରୁ ଆସିଥିବା ଗ୍ରୁପ ଡ୍ୟାନ୍ସର ନୃତ୍ୟର ମଜା ଦର୍ଶକ ନେଇଥିଲେ। ଭୁବନେଶ୍ୱରର ସଙ୍ଗୀତକାର କୁଳଦୀପ ପଟ୍ଟନାୟକଙ୍କ ଡ୍ୟାନ୍ସ ଗ୍ରୁପ ସହିତ ଅଞ୍ଚଳିକ ଗୁରୁକୃପା ଡ୍ୟାନ୍ସ ଗ୍ରୁପର କୁନି କଳାକାରଙ୍କ ମତୁଆଲା ନୃତ୍ୟରେ ଯୁବ ବର୍ଗର ଦର୍ଶକ ବିଭୋର ହୋଇଥିଲେ। ଆଜି ମଞ୍ଚର ମୁଖ୍ୟ ଅତିଥିଭାବେ ଶିକ୍ଷା ବିଭାଗର ଯୁଗ୍ମ ନିର୍ଦ୍ଦେଶକ ଡ.ସନ୍ତୋଷ କୁମାର ରାଉତ, ମୁଖ୍ୟବକ୍ତା ଭାବେ ପ୍ରକ୍ତନ ଶିକ୍ଷା ପ୍ରଶାସକ ପ୍ରଶାନ୍ତ କୁମାର ମହାନ୍ତି, ସମ୍ମାନୀତ ଅତିଥିଭାବେ ଓକିଲ ସଂଘର ସଭାପତି ସରୋଜ ସାହୁ, ଶିକ୍ଷାବିତ ସଚିଦାନନ୍ଦ ଦାଶ, ବାଲିଝରି ସରପଞ୍ଚ ସ୍ୱାଗତିକା ରାଉତ ପ୍ରମୁଖ ଉପସ୍ଥିତ ରହି ଆଗାମୀ ଦିନରେ ଏହା ସମଗ୍ର ରାଜ୍ୟର ବୃହତ୍ତ ଉତ୍ସବ ମଧ୍ୟରେ ସ୍ଥାନିତ ହେବ ବୋଲି ଅଭିଭାଷଣ ରଖିଥିଲେ। କମିଟିର ସଭାପତି ତଥା ଭାରପ୍ରାପ୍ତ ତହସିଲଦାର ପ୍ରଳୟାନନ୍ଦ ଶତପଥୀ ପୌରହିତ୍ୟ କରିଥିଲେ। ଶେଷରେ ଭାରପ୍ରାପ୍ତ ଥାନା ଅଧିକାରୀ ତଥା କମିଟିର ସମ୍ପାଦକ ଭବାନୀ ଶଙ୍କର ଖୁଣ୍ଟିଆ ଧନ୍ୟବାଦ ପ୍ରଦାନ କରିଥିଲେ।

# କର୍କଟ ଆକ୍ରାନ୍ତ ମହିଳାଙ୍କ ମୃତ୍ୟୁ

ନିଶ୍ଚିନ୍ତକୋଇଲି,୧୦।୧୧(ସମିସ): ନିଶ୍ଚିନ୍ତକୋଇଲି ବ୍ଲକ ବଡଖିର ଗ୍ରାମପଞ୍ଚାୟତ ଧଳପଡା ଗ୍ରାମର ଜଣେ କର୍କଟ ଆକ୍ରାନ୍ତ ମହିଳାଙ୍କର ମୃତ୍ୟୁ ହୋଇଛି। ଏହି ଘଟଣାଟି ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି କରିଛି। ସୂଚନା ଥାଉକି ଏହି ଗ୍ରାମର ଧନେଶ୍ୱର ମଲିକଙ୍କ ପତ୍ନୀ ମାମି ମଲିକ(୩୫) ଗତ କିଛି ଦିନ ହେଲା କର୍କଟ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସାଧୀନ ଥିଲେ। କଟକ ବଡ ଡାକ୍ତରଖାନାରେ ଚିକିତ୍ସାଧିନ ଥିଲା ବେଳେ ତାଙ୍କର ମୃତ୍ୟୁ ହୋଇଥିବାର ଖବର ଶାଶୁଘରକୁ ଦିଆଯାଇଥିଲା। ମହିଳା ଜଣକ ନିଜ ଶାଶୁଘରକୁ ଆସିବା ପୂର୍ବରୁ ବନ୍ଧୁବାନ୍ଧବ ଓ ଆତ୍ମୀୟସ୍ୱଜନ ଘରେ ଉପସ୍ଥିତ ହୋଇ ସାରିଥିଲେ। କାନ୍ଦ ବୋବାଳିରେ ଘର କମ୍ପି ଉଠିଥିଲା। ତାଙ୍କର ଅନ୍ତିମ ସଂସ୍କାର ନିମନ୍ତେ ସମସ୍ତ ବ୍ୟବସ୍ଥା ମଧ କରାଯାଇଥିଲା। ତେବେ କୋକେଇ ବନ୍ଧା ହେବା ପୂର୍ବରୁ ହଠାତ ମହିଳା ଜଣକର ହାତ ଗୋଡ ହଲିବାକୁ ଆରମ୍ଭ କରିଥିଲା। ଏପରି ଘଟଣା ଦେଖି ବନ୍ଧୁବାନ୍ଧବ ଓ ଆତ୍ମୀୟ ଆଶ୍ଚର୍ଯ୍ୟ ପ୍ରକଟ କରିଥିଲେ। ତାଙ୍କୁ ତୁରନ୍ତ ପୁନର୍ବାର ଚିକିତ୍ସା ନିମନ୍ତେ କଟକ ବଡ ଡାକ୍ତରଖାନାକୁ ନିଆଯାଇଥିଲା। ତେବେ କଟକ ବଡ ଡାକ୍ତରକାନାରେ ଦୁଇ ଦିନ ଚିକିତ୍ସା ହେବା ପରେ ମହିଳା ଜଣକ ଆଖି ବୁଜିଥିଲେ। ତାଙ୍କ ମରଶରୀରକୁ ଶାଶୁଘରକୁ ଅଣାଯାଇ ଶୋକାକୂଳ ପରିବେଶରେ ଗ୍ରାମ୍ୟ ଶ୍ମଶାନରେ ଦାହ କରାଯାଇଥିଲା।

# ଯୁବକଙ୍କ ମୃତଦେହ ଉଦ୍ଧାର; ହତ୍ୟା ଅଭିଯୋଗ ଆଣିଲେ ପତ୍ନୀ

ନରସିଂହପୁର,୧୦।୧୧(ସମିସ): ନରସିଂହପୁର ପିଚ୍ଛୁଳି ଘାଟି ରାସ୍ତା କଡ଼ ଦେବଭୂଇଁ ଜଙ୍ଗଲରୁ ଜନୈକ ଯୁବକଙ୍କ ମୃତଦେହକୁ ସୋମବାର ପୁଲିସ ଜବତ କରିଛି। ତେବେ ଯୁବକ ଜଣଙ୍କୁ ଯୋଜନାବଦ୍ଧ ଭାବେ ହତ୍ୟା କରାଯାଇଥିବା ମୃତକଙ୍କ ସ୍ତ୍ରୀ ନରସିଂହପୁର ଥାନାରେ ଅଭିଯୋଗ କରିଥିବା ବେଳେ ପୁଲିସ ଶବ ବ୍ୟବଛେଦ କରାଇ ତଦନ୍ତ ଚଳାଇଥିବା ଜଣାପଡିଛି। ଖବର ମୁତାବକ ଅନୁଗୁଳ ଜିଲ୍ଲା ଟୁଲୁକା ଅଞ୍ଚଳର ଅଭିମନ୍ୟୁ ଭୋଇ (୨୯) ଦୀର୍ଘ ବର୍ଷ ହେଲା ଏହି ଥାନାର ଘାଟି ଉପରେ ଥିବା କଣ୍ଟାଳ ଗାଁରେ ଘରଦ୍ୱାର କରି ରହି ଆସୁଥିଲେ। ସେଠାରେ ରହଣି ଭିତରେ ସେହି କଣ୍ଟାଳ ଗ୍ରାମର ପପୁ ଅମାନ୍ତ ଓ କାଳିଆ ଅମାନ୍ତ ଦୁଇ ଯୁବକଙ୍କ ସହିତ ମିଳାମିଶା ଓ ବନ୍ଧୁତା ରହିଥିଲା। ତେବେ ମୃତ ଅଭିମନ୍ୟୁଙ୍କ ସ୍ତ୍ରୀ ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ ପପୁ ଏବଂ କାଳିଆ ତାଙ୍କ ସ୍ୱାମୀଙ୍କୁ ମିଶି ହତ୍ୟା କରିଛନ୍ତି। କାଳିଆ ଅମାନ୍ତ ନିଜର ବାହାଘର ପାଇଁ ଏକ ଲକ୍ଷ ଟଙ୍କା ଅଭିମନ୍ୟୁଙ୍କୁ ମାଗିଥିଲେ। ଏନେଇ ସେ ଅଭିମନ୍ୟୁଙ୍କୁ ବାରମ୍ବାର ମାଗି ଆସୁଥିଲେ ଏବଂ ଅଭିମନ୍ୟୁ ନ ଦେବାରୁ ଯୋଜନାବଦ୍ଧ ଭାବେ ତାଙ୍କୁ ହତ୍ୟା କରାଯାଇଥିବା ମୃତକଙ୍କର ପତ୍ନୀ କବିତା ଭୋଇ ନରସିଂହପୁର ଥାନାରେ ପହଞ୍ଚି ଅଭିଯୋଗ କରିଛନ୍ତି। ମୃତଦେହ ଦେବଭୂଇଁ ସଂରକ୍ଷିତ ଜଙ୍ଗଲରୁ ମିଳିଥିବା ବେଳେ ପୁଲିସ ଶବ ବ୍ୟବଛେଦ ପାଇଁ ହିନ୍ଦୋଳ ମେଡିକାଲକୁ ପଠାଇ ତଦନ୍ତ ଜାରି ରହିଥିବା ନରସିଂହପୁର ଥାନା ଅଧିକାରୀ ଭବାନୀ ଶଙ୍କର ଖୁଣ୍ଟିଆ ସୂଚନା ଦେଇଛନ୍ତି।

# ପ୍ରାଣୀ ଚିକିତ୍ସା ସହାୟକ କେନ୍ଦ୍ରରେ ଝୁଲୁଛି ତାଲା




ଭଦ୍ରେଶ୍ୱର,୧୦।୧୧(ସମିସ): ମାହାଙ୍ଗା ବ୍ଲକ ସବଳକଣା ପ୍ରାଣୀ ଚିକିତ୍ସା ସହାୟକ କେନ୍ଦ୍ରରେ ତାଲା ଝୁଲୁଥିବାର ଅଭିଯୋଗ ହୋଇଛି। ଏହାର ପ୍ରତିକାର ଦିଗରେ ବିଭାଗୀୟସ୍ତରରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବା କାରଣରୁ ଗୋପାଳକ ମହଲରେ ଗଭୀର ଅସନ୍ତୋଷ ପ୍ରକାଶ ପାଇଛି। ବିଗତ ନବୀନ ସରକାରଙ୍କ ଶାସନ କାଳରେ ଏବଂ ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନାଙ୍କ ବଳିଷ୍ଠ ପଦକ୍ଷେପ ଯୋଗୁ ସବଳକଣା ପ୍ରାଣୀ ଚିକିତ୍ସା ସହାୟକ କେନ୍ଦ୍ର ସ୍ଥାପନ କରାଯାଇଥିଲା। ଏହି କେନ୍ଦ୍ର ଉପରେ ଗାଈଗୋରୁ, ଛେଳି ମେଣ୍ଢାଙ୍କ ଚିକିତ୍ସା ନିମନ୍ତେ କୁରୁଜଙ୍ଗା ଓ ଗୋପାଳପୁର ଗ୍ରାମପଞ୍ଚାୟତର ଲୋକମାନେ ନିର୍ଭର କରିଥାନ୍ତି। ମାତ୍ର ଉଦଘାଟନ ପରଠାରୁ ଏହି କେନ୍ଦ୍ରରେ ତାଲା ଝୁଲୁଥିବାର ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଏଠାରେ ନିଯୁକ୍ତି ପାଇଥିବା କର୍ମଚାରୀ ଜଣକ କେତେବେଳେ କାର୍ଯ୍ୟାଳୟକୁ ଆସୁଛନ୍ତି ତାହା ନେଇ ଲୋକେ ସନ୍ଦେହ ପ୍ରକଟ କରିଛନ୍ତି। ଜରୁରୀକାଳୀନ ପରସ୍ଥିତିରେ ଲୋକେ ଏହି କେନ୍ଦ୍ରକୁ ପଶୁଙ୍କୁ ଚିକିତ୍ସା କରିବା ନିମନ୍ତେ ଯାଇ ନିରାଶରେ ଫେରିବାକୁ ବାଧ ହେଉଛନ୍ତି। ଏଠାରେ କୌଣସି କର୍ମଚାରୀ ନ ଥିବା କାରଣରୁ ପ୍ରାଣୀମାନେ ଚକିତ୍ସା ଅଭାବରୁ ଅକାଳରେ ମୃତ୍ୟୁମୁଖରେ ପଡୁଥିବାର ଅଭିଯୋଗ ହୋଇଛି। ପ୍ରଶାସନ ତରଫରୁ ତୁରନ୍ତ ଏ ଦିଗରେ ପଦକ୍ଷେପ ଗ୍ରହଣ କରାଯିବା ନିମନ୍ତେ ଦାବି ହୋଇଛି।

# ଜିଲ୍ଲାସ୍ତରୀୟ କବାଡ଼ି ପ୍ରତିଯୋଗିତା ଉଦ୍‌ଘାଟିତ

ଆଠଗଡ,୧୦।୧୧(ସମିସ): ସୋମବାର ଆଠଗଡ଼ ବ୍ଲକ ଅଧୀନ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ମାଧପୁର ଠାରେ କଟକ ଜିଲ୍ଲାସ୍ତରୀୟ କବାଡ଼ି ପ୍ରତିଯୋଗିତା (୧୪ ବର୍ଷରୁ କମ୍ ଏବଂ ୧୭ ବର୍ଷରୁ କମ୍ ଉଭୟ ବାଳକ ଓ ବାଳିକା) ଅନୁଷ୍ଠିତ ହୋଇଯାଇଛି। ଆଠଗଡ଼ ଗୋଷ୍ଠୀ ଶିକ୍ଷା ଅଧିକାରୀ କବିରାଜ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଆଠଗଡ଼ ଉପଖଣ୍ଡର ସହକାରୀ ଉପଜିଲ୍ଲାପାଳ ମାନସ ବେହେରା, ସମ୍ମାନୀତ ଅତିଥିଭାବେ ଜିଲ୍ଲା କ୍ରୀଡା ଅଧିକାରୀ ସୌଦାମିନୀ ଦାସ, ଶ୍ରୀ ସିମେଣ୍ଟ କାରଖାନାର ସୁଶିଲ ରାଉତ, ସହକାରୀ ବ୍ଲକ ଶିକ୍ଷା ଅଧିକାରୀ ରଞ୍ଜିତ ମହାନ୍ତି, ପ୍ରଧାନଶିକ୍ଷକ ପବିତ୍ର ସାହୁ, ହରେକୃଷ୍ଣ ବିଶ୍ୱାଳ, ରେଣୁବାଳା ଦାସ, ମାଧପୁର ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶ୍ୱେତପଦ୍ମା ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। କ୍ରୀଡାବିତଙ୍କୁ ଶୃଙ୍ଖଳିତ ଭାବେ ଖେଳିବା ସହିତ ନିଜର ଶ୍ରେଷ୍ଠତ୍ୱକୁ ପ୍ରଦର୍ଶନ କରିବା ଉଚିତ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ।



ପ୍ରତିଯୋଗିତାରେ ଉଭୟ ବାଳକ ଓ ବାଳିକା ବିଭାଗରେ ୭୫୪ ଜଣ ଖେଳାଳି ଅଂଶଗ୍ରହଣ କରିଥିଲେ। ଜିଲ୍ଲା ପରିଷଦ ସଭ୍ୟ ବଳଭଦ୍ର ବାଘ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିବା ବେଳେ କ୍ରୀଡା ସମ୍ପାଦକ ବିଜୟ କୁମାର ସାହୁ ଧନ୍ୟବାଦ ଦେଇଥିଲେ। କେନ୍ଦ୍ର ସଂଯୋଜକ ଶଶଧର ମହାରଣା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ଆଠଗଡ଼ ଜିଲ୍ଲା କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ପ୍ରତୀକାତ୍ମକ ଧାରଣା




ଆଠଗଡ,୧୦।୧୧(ସମିସ): ଆଠଗଡ ଜିଲ୍ଲା ଆନ୍ଦୋଳନ ପୁଣି ଆରମ୍ଭ ହୋଇଛି। ସେଥିପାଇଁ ସୋମବାର ଠାରୁ ଆଠଗଡ ମହୋତ୍ସବ ପଡିଆରେ ଆଠଗଡ ଜିଲ୍ଲା କ୍ରିୟାନୁଷ୍ଠାନ କମିଟି ତରଫରୁ ଅନିର୍ଦ୍ଧିଷ୍ଟ କାଳ ପର୍ଯ୍ୟନ୍ତ ପ୍ରତିକାତ୍ମକ ଧାରଣା ଆରମ୍ଭ ହୋଇଛି। ୨୦୨୩ ମସିହା ଠାରୁ ଆଠଗଡ ଜିଲ୍ଲା ଦାବି ନେଇ ଆନ୍ଦୋଳନ ପ୍ରକ୍ରିୟା ଆରମ୍ଭ କରାଯାଇଥିବା ବେଳେ ୨୦୨୪ର ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ଜିଲ୍ଲା ଆନ୍ଦୋଳନକୁ ସ୍ଥଗିତ ରଖାଯାଇଥିଲା। ୨୦୨୬ ମସିହାରୁ ସାରା ଦେଶରେ ଡ଼ିଲିମିଟେସନ ଆରମ୍ଭ ହେଉଥିବାରୁ ଲୋକସଭା, ବିଧାନସଭା, ଜିଲ୍ଲା, ବ୍ଲକ, ତହସିଲ, ଏନଏସି, ମ୍ୟୁନିସିପାଲିଟି, ପଞ୍ଚାୟତ ପ୍ରଭୃତି ବଢିବାର ଥିବାରୁ ଆଠଗଡ ଜିଲ୍ଲା କ୍ରିୟାନୁଷ୍ଠାନ କମିଟି ପୁନର୍ବାର ଆଠଗଡ ଜିଲ୍ଲା ଆନ୍ଦୋଳନକୁ ଗୁରୁତ୍ୱ ଦେଇ ଆଠଗଡକୁ ଜିଲ୍ଲା କରିବା ପାଇଁ ଦଳମତ ନିର୍ବିଶେଷରେ ସମସ୍ତେ ଆଗେଇ ଆସିବାକୁ ଆହ୍ୱାନ ଦେଇଛି। ଆଠଗଡ ଜିଲ୍ଲା କ୍ରିୟାନୁଷ୍ଠାନ କମିଟି ଆବାହକ ଲଲାଟେନ୍ଦୁ ସେନାପତି, ଉପସଭାପତି ସୁରେଶ ଚନ୍ଦ୍ର ପରିଡା, ଅନୁସୂଚିତ ଜାତି ଜନଜାତି ଉନ୍ନୟନ ପରିଷଦ ସଭାପତି ବିଚିତ୍ରା ନନ୍ଦ ସେଠୀ, ନବକିଶୋର ନାୟକ, ସୁବାଷ ମଲ୍ଲିକ, ପ୍ରଫୁଲ୍ଲ ନାୟକ, ନରେଶ ସାହୁ, ଅକ୍ଷୟ ଦାସ ପ୍ରମୁଖ ପ୍ରତୀକାତ୍ମକ ଧାରଣାରେ ଯୋଗଦେଇଥିଲେ।

# ସ୍କୁଲ ସମସ୍ୟା ବିଷୟରେ ବିଧାୟକଙ୍କ ଆଲୋଚନା



ନିଶ୍ଚିନ୍ତକୋଇଲି / ନେମାଳ, ୧୦।୧୧ (ସମିସ): ନିଶ୍ଚିନ୍ତକୋଇଲି ମଣ୍ଡଳ ଶିକ୍ଷାଅଧିକାରୀ ଅଧୀନ ଝାଡେଶ୍ୱରପୁର ପଞ୍ଚାୟତର ନରୁଆ ମଙ୍ଗଳପୁର ସରକାରୀ ଉଚ୍ଚ ବିଦ୍ୟାଳୟଟି ଦୀର୍ଘ ଦିନ ହେବ ବିଭିନ୍ନ ସମସ୍ୟା ଦେଇ ଗତି କରୁଛି। ଏହି ବିଦ୍ୟାଳୟରେ ସଠିକ୍ ପରିମାଣରେ ଶ୍ରେଣୀ ଗୃହ ନ ଥିବା ବେଳେ ବହୁ ଶିକ୍ଷକ ପଦ ମଧ୍ୟ ଖାଲି ପଡିଛି। ଯାହାଦ୍ୱାରା ଛାତ୍ରଛାତ୍ରୀମାନେ ଏହି ବିଦ୍ୟାଳୟରେ ପାଠ ପଢିବା ପାଇଁ ବହୁ ସମସ୍ୟାରେ ପଡୁଛନ୍ତି। ଉକ୍ତ ସମସ୍ୟା ସଂକ୍ରାନ୍ତରେ ସ୍କୁଲ ପରିଚାଳନା କମିଟି ପକ୍ଷରୁ ମାହାଙ୍ଗା ବିଧାୟକ ଶାରଦା ପ୍ରସାଦ ପ୍ରଧାନଙ୍କୁ ଅବଗତ କରାଯାଇଥିଲା। ସ୍କୁଲର ସମସ୍ୟା ସଂକ୍ରାନ୍ତରେ ଜାଣିବା ପରେ ବିଧାୟକ ଶ୍ରୀ ପ୍ରଧାନ ନିଜେ ସୋମବାର ଅପରାହ୍ନରେ ବିଦ୍ୟାଳୟରେ ପହଞ୍ଚି ଗ୍ରାମବାସୀ, ଛାତ୍ର ଅଭିଭାବକ ଓ ସ୍କୁଲ ପରିଚାଳନା କମିଟିର କର୍ମକର୍ତ୍ତାଙ୍କ ସହିତ ସ୍କୁଲର ବିଭିନ୍ନ ସମସ୍ୟା ସଂକ୍ରାନ୍ତରେ ଆଲୋଚନା କରିଛନ୍ତି। ଏହି ବିଦ୍ୟାଳୟରେ ଅତିରିକ୍ତ ଶ୍ରେଣୀ ଗୃହ ନିର୍ମାଣ ପାଇଁ ବ୍ୟବସ୍ଥା କରାଯିବା ସହିତ ଖୁବ୍ ଶୀଘ୍ର ଖାଲି ପଡିଥିବା ଶିକ୍ଷକ ପଦ ପୂରଣ କରାଯିବ ବୋଲି ବିଧାୟକ ପ୍ରତିଶ୍ରୁତି ଦେଇଛନ୍ତି। ଏହାଛଡା ବିଦ୍ୟାଳୟ ପରିସରରେ ଥିବା ବାତ୍ୟା ଆଶ୍ରୟସ୍ଥଳୀଟି ଏବେ ବିପଦସଂକୁଳ ଅବସ୍ଥାରେ ରହିଥିବାରୁ ଏହାକୁ ଭାଙ୍ଗିଦେବା ପାଇଁ ପରିଚାଳନା କମିଟି ପକ୍ଷରୁ ବିଧାୟକଙ୍କୁ ଅବଗତ କରାଯିବା ପରେ ସେ ଏଥିପାଇଁ ତ୍ୱରିତ ପଦକ୍ଷେପ ନେବେ ବୋଲି କହିଛନ୍ତି। ପ୍ରଧାନଶିକ୍ଷକ ଦୀପକ ବାରିକଙ୍କ ସଂଯୋଜନାରେ ଏହି ବୈଠକରେ ବିଧାୟକଙ୍କ ସହିତ ମଣ୍ଡଳ ଶିକ୍ଷାଅଧିକାରୀ ସଂଯୁକ୍ତା ମହାପାତ୍ର, ଟିସି ସରୋଜ ସାହୁ, ପରିଚାଳନା କମିଟି ସଭାପତି ଅଜିତ ଦାସ, ସଭ୍ୟ ଆଇନଜୀବୀ ଅରୁଣ ଜେନା, ମାଧବାନନ୍ଦ ଗୋଚ୍ଛାୟତ, ସରପଞ୍ଚ ଅନୀଲ ଦଳାଇ, ପୂର୍ବତନ ସରପଞ୍ଚ ରତ୍ନାକର ମହାନ୍ତି, ଆଲୁମନି କମିଟି ସଭାପତି ଅମରେନ୍ଦ୍ର ନାରାୟଣ ଦାସଙ୍କ ସମେତ କମିଟିର ସମସ୍ତ କର୍ମକର୍ତ୍ତା ଓ ଶିକ୍ଷକ ଶିକ୍ଷୟିତ୍ରୀମାନେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# କିଡ୍‌ନୀ ରୋଗରେ ଜଣେ ମୃତ

ବଡ଼ମ୍ବା,୧୦।୧୧(ସମିସ): ବଡ଼ମ୍ବା ବ୍ଲକ ଅଧୀନ ବେଲିଆପାଳ ଗ୍ରାମପଞ୍ଚାୟତର ଡମଣଗାଡ଼ିଆ ଗ୍ରାମର ଚକ୍ରଧର ପ୍ରଧାନ (୬୪) ବର୍ଷ କିଡ୍‌ନୀଜନିତ ରୋଗରେ ଗତ କାଲି ବିଳମ୍ବିତ ରାତିରେ ମୃତ୍ୟୁବରଣ କରିଛନ୍ତି। ଗତ କିଛି ଦିନ ହେବ ସେ କିଡନୀ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସିତ ଥିଲେ। ଶ୍ରୀ ପ୍ରଧାନଙ୍କ ମୃତ୍ୟୁ ଖବର ପାଇ ସ୍ଥାନୀୟ ବିଧାୟକ ବିଜୟ କୁମାର ଦଳବେହେରା, ନାଏବ ସରପଞ୍ଚ ଅନ୍ତର୍ଯ୍ୟାମୀ ପ୍ରଧାନ, ପ୍ରଭାକର ପ୍ରଧାନ, ସରପଞ୍ଚ ଅଞ୍ଜଳି ବେହେରା, ସମିତିସଭ୍ୟା ଭାରତୀ ଦଳେଇ, ନିଶାମଣି ରାଉତ ଶେଷ ଦର୍ଶନ କରିଥିଲେ। ପୁତ୍ର ସନ୍ତୋଷ ପ୍ରଧାନ ମୁଖାଗ୍ନି ଦେଇଥିଲେ।

# ଚାଷୀଙ୍କ ସହ ଆଲୋଚନା କଲେ କେନ୍ଦ୍ର କୃଷିମନ୍ତ୍ରୀ

କନ୍ଦରପୁର,୧୦।୧୧(ସମିସ): କଟକ ସଦର ବ୍ଲକ ପରମହଂସ ପଞ୍ଚାୟତ ରାଜହଂସ ଠାରେ କେନ୍ଦ୍ର କୃଷି ଓ କିଶାନ୍ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂହ ଚୌହାନ ଓ ରାଜ୍ୟ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ ଶକ୍ତିମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ରାଜହଂସ ଗ୍ରାମରେ ପହଞ୍ଚି ଚାଷୀମାନଙ୍କ ସହିତ ବିଭିନ୍ନ ସମସ୍ୟା ସଂକ୍ରାନ୍ତରେ ଆଲୋଚନା କରିଥିଲେ। ଗୋବିନ୍ଦ ବେହେରା, ରାମଚନ୍ଦ୍ର ମୁଦୁଲି, ପ୍ରଭାକର ମୁଦୁଲି, ବିଶ୍ୱଜିତ୍ ମୁଦୁଲି, ନାରାୟଣ ବେହେରା, ଗିରିଧାରୀ ଲେଙ୍କା, ଅଜୟ ଜେନା ନବକିଶୋର ଜେନାଙ୍କ ସମେତ ବହୁ ଚାଷୀ ନିଜ ନିଜର ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରିଥିଲେ। ଆଇସିଏଆର୍-ସିଆରଆରଆଇ ନିର୍ଦ୍ଦେଶକ ଡ଼ଃ ଜିଏକେ କୁମାର ପ୍ରମୁଖ ଯୋଗଦେଇଥିଲେ।

# ସାନ୍ତପୁର ବକ୍ରେଶ୍ୱର ଶିବ ମନ୍ଦିରର ପୁନଃରୁଦ୍ଧାର

ନେମାଳ,୧୦।୧୧(ସମିସ): ଆଜି ନିଶ୍ଚିନ୍ତକୋଇଲି ବ୍ଲକ ସାନ୍ତପୁର ବକ୍ରେଶ୍ୱର ଶୈବ ମନ୍ଦିର ମରାମତି ପାଇଁ ଏକ ପ୍ରସ୍ତୁତି ବୈଠକ ଶିକ୍ଷାବିତ ଅମୂଲ୍ୟକୁମାର ମହାନ୍ତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱବଧାନରେ ଅନୁଷ୍ଠିତ ହୋଇଯାଇଛି। ଜରାଜୀର୍ଣ୍ଣ ଅବସ୍ଥାରେ ଥିବା ଏହି ମନ୍ଦିର ଛାତରୁ ବର୍ଷାଦିନେ ପାଣି



ଝରିବା ଦେଖାଯାଇଥିଲା, ବହୁ ପୁରାତନ ଏହି ମନ୍ଦିର ନୂତନ ଭାବେ ନିର୍ମାଣ କରିବା ପାଇଁ ଆଖପାଖ ପଞ୍ଚାୟତର ବହୁ ଶିବଭକ୍ତ ଯୋଗଦେଇ ଆଲୋଚନା କରିଥିଲେ। ତେବେ ମନ୍ଦିରର ପୁନଃଉଦ୍ଧାର ସହିତ ପୀଠ ଚତୁଃପାର୍ଶ୍ୱର୍ରେ ସ୍ଥାୟୀ ପ୍ରାଚୀର ନିର୍ମାଣ ସମ୍ପର୍କରେ ଆଲୋଚନା କରାଯାଇଥିଲା। ବୈଠକରେ ପଣ୍ଡିତ ଚନ୍ଦ୍ରଶେଖର ଦାଶ ବିଲ୍ୱମଙ୍ଗଳ ଶତପଥି, ନବକିଶୋର ଦାଶ, ରବୀନ୍ଦ୍ରନାଥ ପଣ୍ଡା, ମିହିର ଜେନା, ଧରଣୀଧର ନାୟକ, ଧରଣୀଧର ପୁଝାରୀ, ମଳୟ ଦେ, ଅମୀୟ ମହାନ୍ତି, ଗୋବିନ୍ଦ ଚନ୍ଦ୍ର ଭୂୟାଁ, ପ୍ରମୋଦ ରାଉତରାୟ, ଗୀତାଞ୍ଜଳି ଲେଙ୍କା, ସୀତାରାମ ପାଣ୍ଡେ, ବିଶ୍ୱନାଥ ନାୟକ ପ୍ରମୁଖ ଯୋଗଦେଇ ଆଲୋଚନାରେ ଭାଗନେଇଥିଲେ। ସୁବାଷ ଚନ୍ଦ୍ର ଦାସ, ଦେବବ୍ରତ ମହାନ୍ତି, ଅଜୟ ମହାନ୍ତି, ଭାରତ ଚନ୍ଦ୍ର ଦଳାଇ ସମେତ ବକ୍ରେଶ୍ୱର କ୍ଲବ୍ ସମସ୍ତ ପୂଜକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଶିଳ୍ପୀ ନୟାଗଡ଼ର ରାମଚନ୍ଦ୍ର ସାହୁଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା, ପ୍ରସନ୍ନ ସ୍ୱାଇଁ, କୃଷ୍ଣଚନ୍ଦ୍ର ରାଉତ, ଗଗନ ବିହାରୀ ଦାସ, ପ୍ରିୟରଞ୍ଜନ ଖୁଣ୍ଟିଆ, ତରଣୀସେନ ଜେନା ପ୍ରମୁଖ ଯୋଗଦେଇଥିଲେ। ଅମିତାଭ ମହାପାତ୍ର ଧନ୍ୟବାଦ ଦେଇଥିଲେ।

# କାରକୁ ଧକ୍କା ଦେଲା ହାଇୱା; ଅଳ୍ପକେ ବର୍ତ୍ତିଲେ ଚାଳକ

ତ୍ରିଶୂଳିଆ,୧୦।୧୧(ସମିସ): ବାରଙ୍ଗ ଥାନା ଅନ୍ତର୍ଗତ ମଧୁପୁର ଗ୍ରାମ ନିକଟରେ କାରକୁ ଧକ୍କା ଦେଲା ହାଇୱା ଅଳ୍ପକେ ବର୍ତ୍ତିଲେ ଚାଳକ। ଘଟଣାରୁ ପ୍ରକାଶ ଯେ, ସୋମବାର



ସନ୍ଧ୍ୟାରେ ତ୍ରିଶୂଳିଆ ବଜାର ଅଞ୍ଚଳରୁ ବାରଙ୍ଗ ଅଭିମୁଖେ ଯାଉଥିବା ଓଡି ୦୨ ଏକ୍ସ ୧୪୬୪ କାରକୁ ପଛପଟୁ ଦ୍ରୁତ ଗତିରେ ଆସୁଥିବା ହାଇୱା ଗାଡିଟି ଧକ୍କା ଦେଲା ପରେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲା। ଦୁର୍ଘଟଣାରେ କାର ପଛପଟ କ୍ଷତିଗ୍ରସ୍ତ ହୋଇଥିବା ବେଳେ ହାଇୱା ଗାଡ଼ିଟିକୁ ସ୍ଥାନୀୟ ଲୋକମାନେ ପିଛା କରିଥିଲେ ମଧ୍ୟ ହାଇୱା ଗାଡିଟିର କୌଣସି ନମ୍ବର ନ ଥିବା ହେତୁ ଦ୍ରୁତଗତିରେ ଫେରାର ହୋଇଯାଇଥିଲା।

## ଡାଲମିଆ ଭାରତ ଫାଉଣ୍ଡେସନ ପକ୍ଷରୁ ଜିଲ୍ଲାସ୍ତରୀୟ ଦୌଡ଼କୁଦ ପ୍ରତିଯୋଗିତାକୁ ସହାୟତା

# ତୃଣମୂଳସ୍ତରରୁ କ୍ରୀଡ଼ାର ବିକାଶକୁ ଗୁରୁତ୍ୱ

କଟକ,୧୦।୧୧(ସମିସ): ଡାଲମିଆ ଭାରତ ଲିମିଟେଡର କର୍ପୋରେଟ ସାମାଜିକ ଦାୟିତ୍ୱ ନିର୍ବାହ ଶାଖା ଡାଲମିଆ ଭାରତ ଫାଉଣ୍ଡେସନ (ଡିବିଏଫ୍) କଟକର ଟାଙ୍ଗି, ଚୌଦ୍ୱାର ଅନ୍ତର୍ଗତ ସଫାସ୍ଥିତ ଉତ୍କଳମଣି ବିଦ୍ୟାପୀଠରେ ଜିଲ୍ଲାସ୍ତରୀୟ ବିଦ୍ୟାଳୟ ଦୌଡକୁଦ ପ୍ରତିଯୋଗିତା (୧୪ବର୍ଷରୁ କମ୍ ଓ ୧୭ ବର୍ଷରୁ କମ୍ ବାଳକ ବାଳିକାଙ୍କ ନିମନ୍ତେ) ଆୟୋଜନ ପାଇଁ ସହାୟତା ଯୋଗାଇ ଦିଆଯାଇଛି। ଏହି ପ୍ରୟାସ ଯୁବ ବିକାଶକୁ ପୃଷ୍ଠପୋଷକତା କରିବା ଏବଂ ପୂର୍ଣ୍ଣାଙ୍ଗ ଶିକ୍ଷା ଓ ସଶକ୍ତିକରଣ ନିମନ୍ତେ କ୍ରୀଡାକୁ ଏକ ସାଧନ ଭାବରେ ପ୍ରୋତ୍ସାହିତ କରିବା ଦିଗରେ ଡିବିଏଫର ନିରନ୍ତର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି।




ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ସୌଦାମିନୀ ଦାସ ଯୋଗଦେଇ ଅଂଶଗ୍ରହଣକାରୀଙ୍କ ପ୍ରୟାସକୁ ସାଧୁବାଦ ଜଣାଇବା ସହିତ ଡାଲମିଆ ଭାରତ ଫାଉଣ୍ଡେସନକୁ ତୃଣମୂଳସ୍ତରରେ କ୍ରୀଡାକୁ ପ୍ରୋତ୍ସାହନ ଯୋଗାଇଦେବାରେ ତାହାର ମୂଲ୍ୟବାନ ଅବଦାନ ନିମନ୍ତେ ପ୍ରଶଂସା କରିଥିଲେ। ଏହି କାର୍ଯ୍ୟକ୍ରମରେ କଟକ ଜିଲ୍ଲାର ୧୪ଟି ବ୍ଲକ୍‌ରୁ ୩୫୬ ଜଣ ଛାତ୍ରଛାତ୍ରୀ, ୫୬ ଜଣ ଶିକ୍ଷା କର୍ମଚାରୀ ଏବଂ ୮୯ ଜଣ ସ୍ଥାନୀୟ ବ୍ଲକ ଅଧିକାରୀ ଭାଗ ନେଇଥିଲେ। ଏହି ପ୍ରୟାସ ସମ୍ପର୍କରେ ପ୍ରକାଶ କରି ପଙ୍କଜ ଗୁପ୍ତା, ୟୁନିଟ ହେଡ୍, କେସିଡବ୍ଲ୍ୟୁ, ଡାଲମିଆ ସିମେଣ୍ଟ କହିଥିଲେ, ଡାଲମିଆ ଭାରତ ଏହାର ସେବା ଯୋଗାଉଥିବା ଅଞ୍ଚଳଗୁଡିକରେ ସମାବେଶୀ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବା ସହିତ ଯୁବ ପ୍ରତିଭାମାନଙ୍କର ପରିପୋଷଣ ନିମନ୍ତେ ପ୍ରତିବଦ୍ଧ ରହିଛି। ଆମେ ଯୁବ ଛାତ୍ରଛାତ୍ରୀମାନଙ୍କୁ କ୍ରୀଡା ଜରିଆରେ ସେମାନଙ୍କର ସାମର୍ଥ୍ୟ ଅନ୍ୱେଷଣ କରିବା ସକାଶେ ସେମାନଙ୍କୁ ଉତ୍ସାହିତ କରୁଥିବା ପ୍ରୟାସର ଅଂଶବିଶେଷ ହେବା ନେଇ ଆନନ୍ଦ ଅନୁଭବ କରୁଛୁ। ଏହି ପ୍ରୟାସ ଡିବିଏଫର ବ୍ୟବସାୟ ପରିଚାଳନା ଅଞ୍ଚଳଗୁଡିକରେ ଶିକ୍ଷା, କ୍ରୀଡା ଓ ଗୋଷ୍ଠୀଗୁଡିକର କଲ୍ୟାଣକୁ ସମର୍ଥନ କରିବାକୁ ବିସ୍ତାରିତ ଲକ୍ଷ୍ୟର ଅଂଶବିଶେଷ ହୋଇଛି।







ଦିଲ୍ଲୀରେ କାର୍ ବିସ୍ଫୋରଣ ପରେ ଭୁବନେଶ୍ୱର ବିମାନ ବନ୍ଦରରେ ହାଇଆଲର୍ଟ ଓ ମାଷ୍ଟର କ୍ୟାଣ୍ଟିନରେ କଡ଼ା ପାଟ୍ରୋଲିଂ

## ସହକର୍ମୀଙ୍କୁ ଛୁରାମାଡ଼; ଦୁଇବର୍ଷ ଜେଲ୍

ଭୁବନେଶ୍ୱର, ୧୦।୧୧ (ସମିସ): ଏମ୍ସରେ ସହକର୍ମୀଙ୍କୁ ଛୁରାମାଡ଼ ଘଟଣାର ରାୟ ସୋମବାର ପ୍ରକାଶ ପାଇଛି। ମରଣାନ୍ତକ ଆକ୍ରମଣ ଘଟଣାର ବିଚାର କରି ଆସାମୀ ଦେବେନ୍ଦ୍ର କୁମାର ଜେନାକୁ ସଜା ଶୁଣାଇଛନ୍ତି ଜିଲ୍ଲା ଦୌରାଜଜ ବିରଞ୍ଚିନାରାୟଣ ମହାନ୍ତି।

ପୁଲିସ ସୂଚନା ଅନୁସାରେ, ପୀଡ଼ିତ ତଥା ପାଇପ୍ ମିସ୍ତ୍ରି ମନୋଜ ଦାସ ଓ ଅଭିଯୁକ୍ତ ଦେବେନ୍ଦ୍ର ଏମ୍ସ ପରିସରରେ ରହି କାମ କରୁଥିଲେ। ଗତ ଜାନୁୟାରୀ ୧୪ ତାରିଖ ରାତିରେ ମନୋଜ ଘରେ ଶୋଇଥିବା ବେଳେ ଦେବେନ୍ଦ୍ର କାମରୁ ଫେରି ରୋଷେଇ କରିବା ଉଦ୍ଦେଶ୍ୟରେ ଫ୍ୟାନକୁ ବନ୍ଦ କରିଦେଇଥିଲେ। ମନୋଜ ଫ୍ୟାନ ବନ୍ଦ ନ କରିବା ଲାଗି କହିଥିଲେ ମଧ୍ୟ ଦେବେନ୍ଦ୍ର ଶୁଣି ନ ଥିଲା। କିଛି ସମୟ ପରେ ମନୋଜ ଶେଯରୁ ଉଠିଯାଇ ଜଳୁଥିବା ଲାଇଟକୁ ଲିଭାଇ ଦେଇଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ପ୍ରଥମେ କଥା କଟାକଟି ଓ ପରେ ଭୀଷଣ ଝଗଡ଼ା ହୋଇଥିଲା। ଏଥିରେ ଦେବେନ୍ଦ୍ର ଉତକ୍ଷିପ୍ତ ହୋଇ ମନୋଜଙ୍କ ପେଟରେ ଦୁଇତିନି ଥର ଛୁରି ଭୁଷି ଦେଇଥିଲା। ଫଳରେ ପୀଡିତ ମନୋଜଙ୍କ ପେଟରେ ଗଭୀର କ୍ଷତ ସୃଷ୍ଟି ହୋଇ ପ୍ରବଳ ରକ୍ତସ୍ରାବ ହୋଇଥିଲା। ଅନ୍ୟ ଅନ୍ତେବାସୀ ତାଙ୍କୁ ତୁରନ୍ତ ଉଦ୍ଧାର କରି ଚିକିତ୍ସା ଲାଗି ଏମ୍ସରେ ଭର୍ତ୍ତି କରିଥିଲେ। ମନୋଜଙ୍କ ପତ୍ନୀ ବିଜୟଲକ୍ଷ୍ମୀ ଦାସଙ୍କ ଅଭିଯୋଗ କ୍ରମେ ଖଣ୍ଡଗିରି ଥାନା ପୁଲିସ ଏକ ମାମଲା ରୁଜୁ କରିଥିଲା। ତଦନ୍ତକାରୀ ଅଧିକାରୀ ତଥା ସବ୍ ଇନ୍ସପେକ୍ଟର ବାଦଲ କୁମାର ବରାଳ ଘଟଣାର ତଦନ୍ତ କରି ଦେବେନ୍ଦ୍ରକୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ।

ଅଦାଲତ ୧୦ ଜଣ ବିଭିନ୍ନ ସାକ୍ଷୀଙ୍କ ବୟାନ ଓ ପ୍ରଯୁଜ୍ୟ ଦସ୍ତାବିଜ ଆଧାରରେ ମାମଲାର ବିଚାରକରି ଦେବେନ୍ଦ୍ରକୁ ବିଏନଏସ ଧାରା ୧୧୦ ଅନୁଯାୟୀ ୨ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରାଯାଇଛି। ସରକାରୀ ଓକିଲ ଭାବେ ସିପ୍ରାଞ୍ଜଳୀ ସ୍ୱାଇଁ (ଓଏସପିଏସ-୧) ଏହି ମାମଲାକୁ ପରିଚାଳନା କରୁଥିଲେ।

● ବିଦେଶରେ ନିବେଶ ଆଳରେ ଠକେଇ

## ଅବସରପ୍ରାପ୍ତ ବାୟୁସେନା କର୍ମଚାରୀ ଗିରଫ

ଭୁବନେଶ୍ୱର, ୧୦।୧୧ (ସମିସ): ବିଦେଶରେ ନିବେଶ ଆଳରେ ୧୨ ଲକ୍ଷ ଟଙ୍କା ଠକି ନେଇଥିବା ଅଭିଯୋଗରେ ଅବସରପ୍ରାପ୍ତ ବାୟୁସେନା କର୍ମଚାରୀଙ୍କ ସହ ବାନ୍ଧବୀଙ୍କୁ ଗିରଫ କରିଛି ତମାଣ୍ଡୋ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ନୂଆପଲ୍ଲୀ ଇଶା ଆପାର୍ଟମେଣ୍ଟରେ ରହୁଥିବା ରବୀନ୍ଦ୍ର କୁମାର ବିଷୋୟୀ ଓ ମମତା ନାୟକ।

ପୁଲିସ ସୂଚନା ଅନୁସାରେ, କଳିଙ୍ଗନଗର କେ୪ର ଗଦାଧର କର ୨୦୨୨ ମସିହାରେ ରବୀନ୍ଦ୍ରଙ୍କ ସଂସ୍ପର୍ଶରେ ଆସିଥିଲେ। ରବୀନ୍ଦ୍ର ନିଜକୁ ଅବସରପ୍ରାପ୍ତ ବାୟୁସେନା କର୍ମଚାରୀ ବୋଲି ପରିଚୟ ଦେଇ ବିଦେଶରେ ପୁଞ୍ଜିନିବେଶ କରିବାକୁ ପ୍ରବର୍ତ୍ତାଇଥିଲା। ଗଦାଧର, ଶିବପ୍ରସାଦ ମହାପାତ୍ର, ଆକାଶ ଜେନା ଓ ହରିଶ ସେଠୀ ମିଶି ରବୀନ୍ଦ୍ର ଦ୍ୱାରା ଟଙ୍କା ନିବେଶ କରିଥିଲେ। ରବୀନ୍ଦ୍ର ଓ ସେ କହିବା ମୁତାବକ ମମତାଙ୍କ ଆକାଉଣ୍ଟକୁ ମୋଟ ୧୨ ଲକ୍ଷ ଟଙ୍କା ପଠାଇଥିଲେ। ୪୫ ଦିନରେ ଟଙ୍କା ଦୁଇଗୁଣ ହୋଇଯିବ ବୋଲି ରବୀନ୍ଦ୍ର ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ତାହା ହୋଇନଥିଲା। ଟଙ୍କା ଫେରାଇବାକୁ ରବୀନ୍ଦ୍ର ଦିନ ପରେ ଦିନ ଗଡ଼ାଇ ଚାଲିଥିଲେ। ୨୦୨୩ ମେ' ମାସରେ ଅଭିଯୋଗକାରୀ ମାନେ ରବୀନ୍ଦ୍ରକୁ ଧରି ନୂଆପଲ୍ଲୀ ଥାନାରେ ଜିମା ଦେଇଥିଲେ। ସେଠାରେ ରବୀନ୍ଦ୍ର ଅଣ୍ଡରଟେକିଂ ଲେଖିବା ସହ ଏକାଧିକ ବ୍ୟାଙ୍କ ଚେକ୍ ଦେଇଥିଲା। ହେଲେ ଦସ୍ତଖତ ଠିକ୍ ନଥିବାରୁ ବ୍ୟାଙ୍କ ଉକ୍ତ ଚେକକୁ ଫେରାଇ ଦେଇଥିଲା। ଟଙ୍କା ଫେରି ପାଇବା ଲାଗି ଯୋଗାଯୋଗ କରିବା ପରେ ମମତା ସେମାନଙ୍କୁ ଗାଳିଗୁଲଜ କରିବା ସହ ଧମକଚମକ ଦେଇଥିଲେ। ଏନେଇ ଗଦାଧର ତମାଣ୍ଡୋ ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରି ତଦନ୍ତ କରୁଥିଲା। ଆଜି ରବୀନ୍ଦ୍ର ଓ ମମତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

ସୁଧାଂଶୁ ହତ୍ୟା ଘଟଣା

# ୪ ସପ୍ତାହ ପରେ ମୁଖ୍ୟ ଅଭିଯୁକ୍ତ ଗିରଫ

ଭୁବନେଶ୍ୱର, ୧୦।୧୧ (ସମିସ): ସରକନ୍ତରା ସୁଧାଂଶୁ ଖୁଣ୍ଟିଆ ହତ୍ୟାକାଣ୍ଡର ମୁଖ୍ୟ ଅଭିଯୁକ୍ତକୁ ଗିରଫ କରିଛି ଖଣ୍ଡଗିରି ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ସୁଧାଂଶୁଙ୍କ ଦାଦାପୁଅ ଭାଇ ସଦାଶିବ ପ୍ରଧାନ ଓରଫ୍ ଶିବା (୨୧)। ପୂର୍ବରୁ ବନ୍ଧୁକ ଜବତ ହୋଇଥିବା ବେଳେ ଘଟଣାରେ ବ୍ୟବହୃତ ସ୍କୁଟିକୁ ଜବତ କରିଛି ପୁଲିସ। ଶିବା ଧରାପଡ଼ିବା ପରେ ଚାଞ୍ଚଲ୍ୟକର କଥା ପଦାକୁ ଆସିଛି। ରାକା ହିଁ ବନ୍ଧୁକ ଯୋଗାଇଥିବା ବେଳେ ଶିବା ଗୁଳିକରି ହତ୍ୟା କରିଥିଲା ବୋଲି ପୁଲିସ ଆଗରେ ସ୍ୱୀକାର କରିଛି। ଅଭିଯୁକ୍ତ ଶିବାର ଟିଆଇ ପରେଡ କରାଯିବ ବୋଲି ପୁଲିସ କହିଛି।

ପୁଲିସ ସୂଚନାନୁସାରେ, ସରକନ୍ତରା ଗାଁର ବିଳାସିନୀଙ୍କ

■ ରାକା ଦେଇଥିଲା ବନ୍ଧୁକ; ଗୁଳି କରିଥିଲା ଶିବା
■ ଟିଆଇ ପରେଡ୍ କରିବ ପୁଲିସ
■ ପୂର୍ବରୁ ବନ୍ଧୁକ ସହ ଗିରଫ ହୋଇଥିଲେ ୪



ମୃତକ ସୁଧାଂଶୁ ଖୁଣ୍ଟିଆ

ବଡ଼ପୁଅ ପଠାଣି ନିଜ ଘରେ ରହୁଥିବା ବେଳେ ସାନପୁଅ ସୁକାନ୍ତ ବିବାହ ପରେ ଶଶୁର ଘରେ ରହୁଥିଲେ। ପରିଣତ ବୟସରେ ପଠାଣିଙ୍କ ପରିବାର ଦେଖାଶୁଣା କରୁଥିବାରୁ ବିଳାସିନୀ ଡିହ ଜମିକୁ ପଠାଣିଙ୍କ ବଡ଼ ପୁଅ ରବି ନାମରେ ରେଜିଷ୍ଟ୍ରି କରି ଦେଇଥିଲେ। ଏହାକୁ ନେଇ ପଠାଣି ଓ ସୁକାନ୍ତଙ୍କ ମଧ୍ୟରେ ବିବାଦ ଆରମ୍ଭ ହୋଇଥିଲା। ଡିହ ଜମିରୁ ଭାଗ ନେବାକୁ ସୁକାନ୍ତ ଅଦାଲତର ଦ୍ୱାରସ୍ଥ ହୋଇଥିବା ବେଳେ, ତାହା ଏବେ ବି ବିଚାରଧୀନ ରହିଛି। ସୁକାନ୍ତଙ୍କ ସାନପୁଅ ଶିବା ଏସବୁକୁ ସହଜରେ ଗ୍ରହଣ କରିପାରି ନଥିଲା। ରବିକୁ ସବୁଦିନ ପାଇଁ ରାସ୍ତାରୁ ହଟାଇବାକୁ ଯୋଜନା କରିଥିଲା।

ଗତମାସ ୧୩ ତାରିଖ ସକାଳୁ ରବି ବାଇକ୍ ଯୋଗେ ଘରୁ କାର୍ଯ୍ୟସ୍ଥଳ ଏମ୍ସକୁ ଯାଉଥିବା ବେଳେ ଶିବା ତାଙ୍କୁ ରାସ୍ତାରେ ଅଟକାଇଥିଲା। ରବି କିଛି ବୁଝିବା ଆଗରୁ ଶିବା ତା ଉପରକୁ ଗୁଳି ଚଳାଇଥିଲା। ପ୍ରଥମ ଦୁଇଟି ଗୁଳି ରବିଙ୍କ ହାତରେ ବାଜିବାରୁ ସେ ଭୟରେ ଗାଡ଼ି ଫୋପାଡ଼ି ଦେଇ ନିକଟସ୍ଥ ଏକ ବାଡ଼ି ଭିତରକୁ ପଶି ଯାଇଥିଲେ। ଶିବା ତାଙ୍କୁ ପିଛା କରି ଯାଇ ପଏଣ୍ଟ ବ୍ଲାଙ୍କରୁ ଛାତିକୁ ଗୁଳି କରିଥିଲା। ଛାତିରେ ଗୁଳି ବାଜିବା ପରେ ଟଳି ପଡ଼ିଥିଲେ ରବି। ହତ୍ୟାକାଣ୍ଡ ପରେ ପଡ଼ୋଶୀ ରବିକୁ ବନ୍ଧୁକ ଦେଇ ଶିବା ଫେରାର ହୋଇ ଯାଇଥିଲା। ଶିବା ଠାରୁ ବନ୍ଧୁକ ରଖିବା ପରେ ରାକା ହଡ଼ବଡ଼େଇ ଯାଇଥିଲା। ଧରାପଡ଼ିବା ଭୟରେ ବନ୍ଧୁକକୁ ନେଇ ସୁବ୍ରତ ଘରେ ଲୁଚାଇ ରଖିଥିଲା।

ରବିଙ୍କ ସାନଭାଇ ଦେବାଶିଷ ଖୁଣ୍ଟିଆଙ୍କ ଅଭିଯୋଗ ଆଧାରରେ ପୁଲିସ ଏକ ହତ୍ୟା ମାମଲା ରୁଜୁ କରିଥିଲା। ଶିବାର ବାପା ସୁକାନ୍ତ, ବଡ଼ଭାଇ ଛବି, ରାକେଶ ଖୁଣ୍ଟିଆ ଓରଫ୍ ରାକା ଓ ସୁବ୍ରତ ସାହୁକୁ ଗିରଫ କରିବା ସହ ବନ୍ଧୁକ ଜବତ କରିଥିଲା। ସେପଟେ ହତ୍ୟାକାଣ୍ଡ ପରେ ଶିବା ସ୍କୁଟି ଯୋଗେ ଫେରାର ହୋଇ ଯାଇଥିଲା। ପ୍ରଥମେ ବାଲିପାଟଣା ପରେ ଅଡ଼ଶପୁର ଓ ନିଆଳି ଅଞ୍ଚଳକୁ ଯାଇ ବିଭିନ୍ନ ବନ୍ଧୁବାନ୍ଧବଙ୍କ ଘରେ ଆଶ୍ରୟ ନେଇଥିଲା। ପୁଲିସ ବାରମ୍ବାର ଚଢ଼ଉ କରିଥିଲେ ମଧ୍ୟ ତାକୁ ଧରି ପାରିନଥିଲା। ଆଜି ହଂସପାଳ - ନିଆଳି ରାସ୍ତାରେ ଚଢ଼ଉ କରି ଶିବାକୁ ଗିରଫ କରିବା ସହ ସ୍କୁଟି ଜବତ କରିଥିଲା।

### ୫ ମାସ ପୂର୍ବରୁ ଶିଖିଥିଲା ବନ୍ଧୁକ ଚାଳନା

ଶିବା ପ୍ରାୟ ୫ ମାସ ପୂର୍ବରୁ ରବିକୁ ହତ୍ୟା କରିବାକୁ ଯୋଜନା କରିବା ସହ ରାକାକୁ ଜଣାଇଥିଲା। ରାକା ତା'କୁ ବନ୍ଧୁକ ଓ ଗୁଳି ଯୋଗାଡ଼ କରି ଦେଇଥିଲା। ବନ୍ଧୁକ ଯୋଗାଡ଼ ହୋଇଥିଲେ ମଧ୍ୟ ଶିବା ଗୁଳି ଚଳାଇବା ଶିଖିନଥଲା। ଏମିତିକି ବନ୍ଧୁକର କେଉଁ ପାର୍ଟରେ ଗୁଳି ଭର୍ତ୍ତି କରାଯିବ ଓ କିପରି ଜଣଙ୍କୁ ଗୁଳି କରାଯିବ, ଏସବୁ ବିଷୟରେ ମଧ୍ୟ ଶିବାକୁ କିଛି ଜଣାନଥିଲା। ଏଥିଲାଗି ମଧ୍ୟ ସେ ରାକା ସହଯୋଗ ଲୋଡ଼ିଥିଲା। ଏହାପରେ ଉଭୟ ମିଶି ଏକ ନିକାଞ୍ଚନ ସ୍ଥାନକୁ ଯାଇଥିଲେ। ସେଠାରେ ଏକ ଗଛ ଡାଳରେ ମାଠିଆ ବାନ୍ଧିଥିଲେ। ମାଠିଆକୁ 'ଟାର୍ଗେଟ' ଭାବି ଶିବାକୁ ଗୁଳି କରିବାକୁ କହୁଥିଲା ରାକା। ଶିବା ମଧ୍ୟ ମାଠିଆକୁ ଲକ୍ଷ୍ୟ କରି ଗୁଳି ଚଳାଉଥିଲା। ଏହିପରି ଭାବେ ଏକାଧିକ ଥର ଡାଳରେ ମାଠିଆ ବାନ୍ଧି ବନ୍ଧୁକ ଚାଳନା ଶିଖିଥିଲା ଶିବା। ଆଉ ଏହି ସମୟର ଦୃଶ୍ୟକୁ ରାକା ତା'ର ମୋବାଇଲରେ ରେକର୍ଡ କରୁଥିଲା। ଏସବୁ ଭିଡିଓ ପୂର୍ବରୁ ପୁଲିସ ହାତରେ ଲାଗିଥିବା ବେଳେ ଆଜି ଶିବା ମଧ୍ୟ ତା' ବୟାନରେ ସ୍ୱୀକାର କରିଛି।

## ଦ୍ୱିତୀୟ ବିବାହ କରି ରସିକ ସ୍ୱାମୀ ଗିରଫ

ଭୁବନେଶ୍ୱର, ୧୦।୧୧ (ସମିସ): ଛାଡ଼ପତ୍ର ନଦେଇ ଦ୍ୱିତୀୟ ବିବାହ କରିବା ମହଙ୍ଗା ପଡ଼ିଛି। ଅଭିଯୋଗ ପାଇବା ପରେ ରସିକ ସ୍ୱାମୀକୁ ଗିରଫ କରିଛି ଏୟାରଫିଲ୍ଡ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ସୁନ୍ଦରପଦା ଚକଡ଼ା ସାହିରେ ରହୁଥିବା ବେଗୁନିଆ ଥାନା ପରିଛଳ ଗାଁର ସୁନୀଲ କୁମାର ବେହେରା (୩୫)।

ପୁଲିସ ସୂଚନାନୁସାରେ, ସୁନୀଲ ପୂର୍ବରୁ ବିବାହ କରିଥିବା ବେଳେ ଅଭିଯୋଗକାରିଣୀ ମଧ୍ୟ ବିବାହିତା। ସୁନୀଲ ୩ ବର୍ଷ ପୂର୍ବେ ଅଭିଯୋଗକାରିଣୀଙ୍କୁ ବିବାହ କରିବାକୁ ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖିଥିଲା। ତା'ପରେ ପୁରୀ ଜଗନ୍ନାଥ ମନ୍ଦିରକୁ ନେଇ ବିବାହ କରିଥିଲେ। ସୁନୀଲର ପ୍ରଲୋଭନରେ ପୀଡ଼ିତା ତାଙ୍କ ସ୍ୱାମୀଙ୍କ ଠାରୁ ଅଲଗା ହୋଇଯାଇଥିଲେ। ପୀଡ଼ିତା ଓ ସୁନୀଲ ସ୍ୱାମୀ-ସ୍ତ୍ରୀ ଭାବରେ ପରିଚୟ ଦେଇ ରହୁଥିଲେ। ଗତମାସ ୧୮ ତାରିଖ ଦିନ ସୁନୀଲ ପୀଡିତାଙ୍କ ସହିତ ଝଗଡ଼ା କରି ଭୟଙ୍କର ପରିଣାମର ଧମକ ଦେଇ ପଳାଇ ଯାଇଥିଲା। କୌଣସି ଯୋଗାଯୋଗ ନହେବାରୁ ପୀଡ଼ିତା ଏୟାରଫିଲ୍ଡ ଥାନାରେ ନିଖୋଜ ରିପୋର୍ଟ ଦାଖଲ କରିଥିଲେ। ଗତ ୮ ତାରିଖର ସୁନୀଲକୁ ବୁଝାସୁଝା କରିବା ପରେ ଉଭୟ କଳ୍ପନା ଛକ ଅଞ୍ଚଳରେ ଯାଇ ଏକାଠି ରହିଥିଲେ। ହେଲେ ପୀଡ଼ିତାଙ୍କ ସହିତ ଆଉ କୌଣସି ସମ୍ପର୍କ ରଖିବ ନାହିଁ ବୋଲି ସୁନୀଲ ରୋକଠୋକ ମନା କରି ଦେଇଥିଲା। ଏନେଇ ପୀଡ଼ିତା ଏୟାରଫିଲ୍ଡ ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିଥିଲା। ଆଜି ସୁନୀଲକୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ନର୍ସଙ୍କୁ ଛୁରାମାଡ଼ କରି ସ୍ୱାମୀ ଗିରଫ

ଭୁବନେଶ୍ୱର, ୧୦।୧୧(ସମିସ): ନର୍ସଙ୍କୁ ଛୁରାମାଡ ଅଭିଯୋଗରେ ପୁଲିସ ତାଙ୍କ ସ୍ୱାମୀଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ଜଣଙ୍କ ହେଲେ ମନୋରଞ୍ଜନ ବେହେରା। ଖବର ନେବାରୁ ଜଣାପଡ଼ିଛି, ଲକ୍ଷ୍ମୀସାଗର ଥାନା ଅନ୍ତର୍ଗତ ମହାଦେବ ନଗରରେ ରହୁଥିବା ନର୍ସ ଭୁବନେଶ୍ୱରର ଏକ ବେସରକାରୀ ଡାକ୍ତରଖାନାରେ କାର୍ଯ୍ୟ କରୁଛନ୍ତି। ସେ ଗତ ୨୦୨୧ ମସିହାରେ ମନୋରଞ୍ଜନଙ୍କୁ ହିନ୍ଦୁ ରୀତିନୀତି ଅନୁସାରେ ବିବାହ କରିଥିଲେ। ବିବାହ ପରଠାରୁ ଅଭିଯୁକ୍ତ ଏବଂ ତାଙ୍କ ପରିବାର ସଦସ୍ୟ ଅଧିକ ଯୌତୁକ ଦାବି କରି ଅଭିଯୋଗକାରିଣୀଙ୍କ ଉପରେ ଚାପ ପକାଇ ଆସୁଥିଲେ। ଗତ ୨୦ରେ ଅଭିଯୁକ୍ତ ସ୍ୱାମୀ ତାଙ୍କୁ କିଛି ଟଙ୍କା ମାଗିଥିଲେ। ଅଭିଯୋଗକାରିଣୀ ଟଙ୍କା ଦେବାକୁ ମନା କରିବାରୁ ଅଭିଯୁକ୍ତ ତାଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିବା ସହ ମାଡ଼ ମାରିଥିଲେ। ଫଳରେ ସେ ଗୁରୁତର ଭାବେ ଆହତ ହୋଇଥିଲେ। ପରେ ଉଭୟଙ୍କ ମଧ୍ୟରେ ଅପୋଷ ବୁଝାମଣା ହୋଇଥିଲେ ମଧ୍ୟ ଅଭିଯୁକ୍ତ ସ୍ୱାମୀ ତାଙ୍କ ପ୍ରକୃତି ବଦଳାଇ ପାରି ନ ଥିଲେ। ସେ ପୁନର୍ବାର ଅଭିଯୋଗକାରିଣୀ ପାଉଥିବା ଦରମା ଟଙ୍କା ତଥା ଅନ୍ୟାନ୍ୟ ଟଙ୍କା ତାଙ୍କୁ ଦେବା ଲାଗି ଏକ ଛୁରୀ ସାହାଯ୍ୟରେ ମରଣାନ୍ତକ ଆକ୍ରମଣ କରିଥିଲେ। ଫଳରେ ଅଭିଯୋଗକାରିଣୀଙ୍କ ଶରୀରର ଏକାଧିକ ସ୍ଥାନରେ କ୍ଷତ ସୃଷ୍ଟି ହୋଇଥିଲା। ତାଙ୍କ ପାଟି ଶୁଣି ପଡୋଶୀ ମାନେ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ଉଦ୍ଧାର କରି ନିକଟସ୍ଥ ହସ୍ପିଟାଲକୁ ସ୍ଥାନାନ୍ତର କରିଥିଲେ। ଏନେଇ ଅଭିଯୋଗକାରିଣୀ ବାଧ୍ୟ ହୋଇ ଅଭିଯୁକ୍ତ ସ୍ୱାମୀଙ୍କ ବିରୋଧରେ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକାରିଣୀ ସୁନିତା ବେହେରାଙ୍କ ଲିଖିତ ଅଭିଯୋଗ ଆଧାରରେ ବର୍ତ୍ତମାନର ମାମଲା ରୁଜୁ ହୋଇ ତଦନ୍ତ ଆରମ୍ଭ କରିଥିଲା। ପୁଲିସ ଅଭିଯୁକ୍ତ ସ୍ୱାମୀ ମନୋରଞ୍ଜନ ବେହେରାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ଗାଡ଼ି ଚାବିରେ ଆକ୍ରମଣ କରି ଯୁବକ ଗିରଫ

ଭୁବନେଶ୍ୱର, ୧୦।୧୧(ସମିସ): ଗାଡି ଚାବିରେ ଆକ୍ରମଣ କରି ନାକ ଫଟାଇଦେବା ଅଭିଯୋଗରେ ନୂଆପଲ୍ଲୀ ଥାନା ପୁଲିସ ଏକ କାର ଡ୍ରାଇଭରଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ କାର୍ ଡ୍ରାଇଭର ଜଣଙ୍କ ହେଲେ ଦୁର୍ଗା ମଣ୍ଡପ ବସ୍ତିର ରାଜ ନାୟକ। ଅଭିଯୋଗକାରୀ ଜିତେନ୍ଦ୍ର ସାମନ୍ତରାୟ ତାଙ୍କ ବିରୋଧରେ ଲିଖିତ ଅଭିଯୋଗ କରିଥିଲେ। ସୂଚନାଯୋଗ୍ୟ, ବାଣୀବିହାର ଅଞ୍ଚଳରେ ରହୁଥିବା ଜିତେନ୍ଦ୍ର ସାମନ୍ତରାୟ ରବିବାର ସନ୍ଧ୍ୟାରେ ତାଙ୍କ ବନ୍ଧୁ ବିନୋଦ ବେହେରାଙ୍କ ସହିତ ଉତ୍କଳ ହସ୍ପିଟାଲ ଲେନ୍ ଦେଇ ଯାଉଥିଲେ। ଏହି ସମୟରେ ଏକ ଧଳା ରଙ୍ଗର ସ୍ୱିଫ୍ଟ ଡିଜାୟାର କାର୍‌ରେ ବସିଥିବା ଦୁଇଜଣ ବ୍ୟକ୍ତି ସେମାନଙ୍କୁ ଦେଖେଇ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ଜିତେନ୍ଦ୍ରେ ଏବଂ ତାଙ୍କ ବନ୍ଧୁ ସେମାନଙ୍କ ଆଚରଣ ବିଷୟରେ ପ୍ରଶ୍ନ କରିବାରୁ ସମ୍ପୃକ୍ତ କାରର ଡ୍ରାଇଭର କାର ଚାବିରେ ମରଣାନ୍ତକ ଆକ୍ରମଣ କରିଥିଲେ।

● ମହିଳାଙ୍କୁ ଏକତରଫା ପ୍ରେମ

## ଜାମିନ୍‌ରେ ଆସି ଅସଦାଚରଣ ଅଭିଯୋଗ

ନନ୍ଦନକାନନ, ୧୦।୧୧(ସମିସ): ଜଣେ ମହିଳାଙ୍କୁ ଏକ ତରଫା ପ୍ରେମ ଓ ବ୍ଲାକ୍‌ମେଲିଂ କରି ଟଙ୍କା ଠକି ନେଇଥିବା ଅଭିଯୋଗରେ ଗିରଫ ହୋଇ ଜାମିନ୍‌ରେ ଆସିଥିବା ଯୁବକ ପୁଣିଥରେ ମହିଳାଙ୍କୁ ଅସଦାଚରଣ ଅଭିଯୋଗ କରିଥିଲେ। ଏହି ଘଟଣାରେ ପୁଲିସ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଉଛି ଅବିନାଶ ଜେନା (୩୦)। ନନ୍ଦନକାନନ ଥାନା ପୁଲିସ ପୁଲିସ ସୂଚନା ଅନୁସାରେ ମହିଳାଙ୍କର ପୂର୍ବରୁ ଅବିନାଶ ମହିଳାଙ୍କୁ ଏକପାଖିଆ ଭଲ ପାଉଥିଲେ। କିନ୍ତୁ ମହିଳା ଅନ୍ୟତ୍ର ବିବାହ କରିବାରୁ ତାଙ୍କ ପାଖରେ ଥିବା ଫଟୋ ଭାଇରାଲ କରିଦେବେ ବୋଲି ଧମକ ଦେଇ ୮ ଲକ୍ଷ ଟଙ୍କା ନେଇଥିଲା ଅବିନାଶ। ଏହାକୁ କେନ୍ଦ୍ରକରି ପୂର୍ବରୁ ସମ୍ପୃକ୍ତ ନନ୍ଦନକାନନ ଥାନାରେ ଏକ ମାମଲା ରୁଜୁ ହୋଇଥିଲା ଏବଂ ଅବିନାଶ ଗିରଫ ହୋଇ କୋର୍ଟ ଚାଲାଣ ହୋଇଥିବା ବେଳେ ଜାମିନ୍‌ରେ ଆସି ରବିବାର ଅଭିଯୋଗକାରିଣୀଙ୍କ ଘରେ ବଳପୂର୍ବକ ପ୍ରବେଶ କରିଥିଲେ। ମହିଳା ଜଣଙ୍କ ପାଟିଶୁଣି ତାଙ୍କ ଭାଇ ଘଟଣା ସ୍ଥଳକୁ ଆସି ଅଭିଯୁକ୍ତଙ୍କୁ କାବୁ କରି ପୁଲିସ ଜିମା ଦେଇଥିଲେ।

## ଗଣ୍ଡଗୋଳ ମାମଲାରେ ୨ ଗିରଫ

ବାଲିଅନ୍ତା, ୧୦।୧୧(ସମିସ): ଅଭିଯୋଗକାରୀ ବସନ୍ତ କୁମାର ଭୋଇଙ୍କ ଲିଖିତ ଅଭିଯୋଗ ଆଧାରରେ ବାଲିଅନ୍ତା ଥାନା ପୁଲିସ ୨ ଜଣ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଯୁବକ ଦ୍ୱୟ ହେଲେ ଉକ୍ତ ଥାନା ଅଧୀନ ରାଉଳା ଗ୍ରାମର ଚନ୍ଦନ ଭୋଇ (୩୦) ଓ ବଚନ ଭୋଇ (୨୬) ଉଭୟଙ୍କ ବିରୋଧରେ ମାମଲା ରୁଜୁ ହୋଇ ତଦନ୍ତ ଆରମ୍ଭ କରାଯାଇଥିଲା। ତଦନ୍ତ ସମୟରେ ପୁଲିସ ଦୁଇ ଅଭିଯୁକ୍ତ ଚନ୍ଦନ ଭୋଇ ଓରଫ ବୁଲୁ ଓ ବଚ୍‌ଚନ ଭୋଇ ଓରଫ ଲୁଲୁଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି। ସୂଚନାଯୋଗ୍ୟ ଯେ, ଦୁଇ ଅଭିଯୁକ୍ତ, ଅଭିଯୋଗକାରୀଙ୍କ ସମ୍ପର୍କୀୟ। ଜମି ଭାଗବଣ୍ଟାକୁ ନେଇ ଅଭିଯୋଗକାରୀଙ୍କ ପରିବାର ଏବଂ ଅଭିଯୁକ୍ତଙ୍କ ପରିବାର ମଧ୍ୟରେ ଦୀର୍ଘଦିନ ହେବ ବିବାଦ ଲାଗିରହିଥିଲା। ରବିବାର ସନ୍ଧ୍ୟାରେ ଅଭିଯୁକ୍ତଙ୍କ ପରିବାର ସଦସ୍ୟ ଅନ୍ୟ ସହଯୋଗୀଙ୍କ ସହଯୋଗରେ ଅଭିଯୋଗକାରୀ ଏବଂ ତାଙ୍କ ପରିବାର ସଦସ୍ୟଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିବା ସହ ଜୀବନରୁ ମାରିବାର ଧମକ ଦେଇଥିଲେ। ଦୁଇ ଅଭିଯୁକ୍ତ ହଠାତ ଏକ ଧାରୁଆ ଅସ୍ତ୍ର ସାହାଯ୍ୟରେ ମନୋଜ ଭୋଇଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଏହି ଆକ୍ରମଣ ଫଳରେ ମନୋଜ ଭୋଇ ଘଟଣା ସ୍ଥଳରେ ଗୁରୁତର ଆହତ ହୋଇଥିଲେ।

# ଅସୁରକ୍ଷିତ ସଡ଼କ; ଅମାନିଆ ଚାଳକ

## ଗୋଟିଏ ଦିନରେ ଦୁଇଟି ଦୁର୍ଘଟଣା; ଦୁଇ ମୃତ; ଦୁଇ ଗିରଫ

ଭୁବନେଶ୍ୱର, ୧୦।୧୧ (ସମିସ): ପୁଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ସଚେତନତା ସତ୍ତ୍ୱେ ରାଜଧାନୀ ରାସ୍ତାଘାଟରେ ଦୁର୍ଘଟଣା କମିବାର ନାଁ ଧରୁନି। ପ୍ରତିଦିନ କେଉଁଠି ନା କେଉଁଠି ଦୁର୍ଘଟଣା ଘଟିବାରେ ଲାଗିଛି। ରାଜଧାନୀ ରାସ୍ତାଘାଟ ଜାମ ହୋଇଯିବାରୁ ବିଭିନ୍ନ ସ୍ଥାନରେ ଦୁର୍ଘଟଣା ପରେ ଦୁର୍ଘଟଣା ଘଟି ଜଣଙ୍କ ପରେ ଜଣଙ୍କ ଜୀବନ ଯାଉଛି। ସୋମବାର ବିଭିନ୍ନ ସ୍ଥାନରେ ଘଟିଥିବା ୨ଟି ଦୁର୍ଘଟଣାରେ ୨ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୨ ଜଣଙ୍କୁ ଗିରଫ କରିଛି ପୁଲିସ। ଖବର ନେବାରୁ ଜଣାପଡ଼ିଛି ଯେ, ଏଜି ଛକରେ କାର୍ ଧକ୍କାରେ ପ୍ରାଣ ହରାଇଛନ୍ତି ସ୍କୁଟି ଚଳାଇ ଯାଉଥିବା ସାଲିଆ ସାହି ଶ୍ରୀରାମ ନଗରର ଦିଲ୍ଲୀପ ସାହୁ। ଅଭିଯୋଗ ପାଇବା ପରେ କାର ଚାଳକ ମଞ୍ଚେଶ୍ୱର ଶ୍ରୀରାମ ନଗରର ଲାଲ୍ କଲ୍ୟାଣ ଶାହଦେଓ (୬୨)କୁ ଗିରଫ କରିବା ସହ ଗାଡ଼ି ଜବତ କରିଛି କ୍ୟାପିଟାଲ ଥାନା ପୁଲିସ।

ପୁଲିସ ସୂଚନା ଅନୁସାରେ, ଶ୍ରୀରାମ ନଗରର ଦିଲ୍ଲୀପ ପରିବା କିଣିବାକୁ ସ୍କୁଟି ଯୋଗେ ୟୁନିଟ୍ ୧ ମାର୍କେଟକୁ ଯାଉଥିଲେ। ସେ ଏଜି ଛକରେ ପାଇଥିବା ବେଳେ ଲାଲ୍ ଏକ କାର ଯୋଗେ ଆସି ତାଙ୍କୁ ପଛରୁ ଧକ୍କା ଦେବା ସହ ଗାଡ଼ି ଚଢ଼ାଇ ଦେଇଥିଲେ। ଫଳରେ ଦିଲ୍ଲୀପ ଗାଡ଼ିରୁ ଛିଟିକି ପଡ଼ିବା ସହ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଆମ୍ବୁଲାନ୍ସ ଯୋଗେ କ୍ୟାପିଟାଲ ହସ୍ପିଟାଲକୁ ପଠାଇଥିଲେ। ହେଲେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଦୁର୍ଘଟଣା ପରେ ଲାଲ୍ ଗାଡ଼ି ନେଇ ଫେରାର ହୋଇ ଯାଇଥିଲେ। ଏନେଇ ଦିଲ୍ଲୀପଙ୍କ ପୁଅ ଶୁଭ୍ରାଂଶୁ ଶେଖର ସାହୁ କ୍ୟାପିଟାଲ ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିଥିଲା। ସିସିଟିଭି ଫୁଟେଜ ଯାଞ୍ଚ କରି ଦୁର୍ଘଟଣା ଘଟାଇଥିବା କାରକୁ ଚିହ୍ନଟ କରିଥିଲା। କ୍ୟାପିଟାଲ ଥାନା ପୁଲିସ ମଞ୍ଚେଶ୍ୱର ଥାନା ଅଞ୍ଚଳରେ ଚଢ଼ଉ କରା ଲାଲଙ୍କୁ ଗିରଫ କରିବା ସହ କାର ଜବତ କରିଥିଲା।

ସେହିପରି ପାହାଳ ଜଗନ୍ନାଥ ମନ୍ଦିର ନିକଟରେ ଆଉ ଏକ ଦୁର୍ଘଟଣା ଘଟିଛି। ଏକ ଟ୍ରକ୍ ଦମ୍ପତିଙ୍କୁ ଧକ୍କା ଦେବାରୁ ପତ୍ନୀ ପ୍ରାଣ ହରାଇଛନ୍ତି। ମୃତ ମହିଳା ହେଉଛନ୍ତି ସତ୍ୟବାଦୀ ଥାନା ଅଞ୍ଚଳର ନେତି ବେହେରା। ଦୁର୍ଘଟଣାରେ ସୁରେନ୍ଦ୍ର ବେହେରା ଗୁରୁତର ହୋଇଛନ୍ତି।

ସତ୍ୟବାଦୀ ଅଞ୍ଚଳରେ ସୁରେନ୍ଦ୍ର ଓ ପତ୍ନୀ ନେତି କଟକ ଚୈଧୁରୀ ବଜାରରେ ଥିବା ଜଣେ ବନ୍ଧୁଙ୍କ ଘରକୁ ଯାଇଥିଲେ। ସେଠାରୁ ସ୍କୁଟି ଯୋଗେ ଘରକୁ ଫେରୁଥିଲେ। ପାହାଳ ଜଗନ୍ନାଥ ମନ୍ଦିର ନିକଟରେ ପାଇଥିବା ବେଳେ ଏକ ଟ୍ରକ୍ ସେମାନଙ୍କୁ ପଛରୁ ଧକ୍କା ଦେଇଥିଲା। ଫଳରେ ଉଭୟ ସ୍ୱାମୀ ସ୍ତ୍ରୀ ଘଟଣାସ୍ଥଳରେ ଛିଟିକି ପଡ଼ିଥିଲେ। ପରବର୍ତ୍ତୀ ସମୟରେ ନେତି ପ୍ରାଣ ହରାଇଥିବା ବେଳେ ସୁରେନ୍ଦ୍ର ଚିକିତ୍ସାଧୀନ ଅଛନ୍ତି। ପାହାଳ ଥାନା ପୁଲିସ ଦୁର୍ଘଟଣା ଘଟାଇଥିବା ଟ୍ରକକୁ ଜବତ କରିବା ସହ ଚାଳକକୁ ଅଟକ ରଖିଛି।

### ଦୁର୍ଘଟଣାରେ ଯୁବକ ମୃତ୍ୟୁ; ଧରାପଡ଼ିଲେ କାର୍ ଚାଳକ

ହଂସପାଳ, ୧୦।୧୧(ସମିସ): କାର ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ ହୋଇଥିବା ବେଳେ ପାହାଳ ଥାନା ପୁଲିସ ଦୁର୍ଘଟଣା ଘଟାଇଥିବା କାର ଚାଳକ ମୃତ୍ୟୁଞ୍ଜୟ ସିଂଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି।



ସୂଚନା ଅନୁସାରେ ଆଇଟିଇଆର କଲେଜରେ ପଢୁଥିବା ଶିବ ପ୍ରସାଦ ସ୍ୱାଇଁଙ୍କ ପୁଅ ଦିବ୍ୟଜ୍ୟୋତି ଓ ତାଙ୍କର ଜଣେ ବନ୍ଧୁ ଗତ ୬ ତାରିଖରେ ଏକ ଓଲା ସ୍କୁଟି ବୁକ କରି ଏକାଠି ହଂସପାଳ ଅଭିମୁଖେ ଆସୁଥିବା ବେଳେ ହଂସପାଳ ଫ୍ଲାଇଓଭର ନିକଟରେ ସମ୍ମୁଖରେ ଯାଉଥିବା କାରରେ ଯାଉଥିବା ଅଭିଯୁକ୍ତ ମୃତ୍ୟୁଞ୍ଜୟ କାର୍‌ର ଡୋର ଖୋଲିଦେଇଥିଲେ। ଏହି ସମୟରେ ପଛରୁ ଯାଉଥିବା ଦିବ୍ୟଜ୍ୟୋତି ସ୍ୱାଇଁଙ୍କ ସ୍କୁଟି ଖୁବ ଜୋରରେ କାର ଡୋରରେ ପିଟି ହୋଇଯାଇଲା। ଫଳରେ ଉଭୟ ରାସ୍ତା ଉପରେ ଛିଟିକି ପଡ଼ି ଅଚେତ ହୋଇଯାଇଥିଲେ। ସ୍ଥାନୀୟ ଲୋକମାନେ ଉଭୟଙ୍କୁ ଗୁରୁତର ଅବସ୍ଥାରେ ଘଟଣାସ୍ଥଳରୁ ଉଦ୍ଧାର ନିକଟସ୍ଥ ଏକ ଘରୋଇ ହସ୍ପିଟାଲ୍‌କୁ ସ୍ଥାନାନ୍ତର କରିଥିଲେ। ଦିବ୍ୟଜ୍ୟୋତିଙ୍କ ବନ୍ଧୁଙ୍କର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଯାଇଥିବା ବେଳେ ଦିବ୍ୟଜ୍ୟୋତିଙ୍କୁ ଅଧିକ ଚିକିତ୍ସା ଲାଗି କଳିଙ୍ଗ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ଅଭିଯୋଗକାରୀଙ୍କ ଅଭିଯୋଗ ପରେ ପୁଲିସ ମାମଲାର ତଦନ୍ତ କରିବା ସହ ଚାଳକ ମୃତ୍ୟୁଞ୍ଜୟ ସିଂଙ୍କୁ କାବୁ କରିଥିଲେ। ତଦନ୍ତ ସମୟରେ ଅଭିଯୁକ୍ତ ତାଙ୍କର ଅପରାଧ ସ୍ୱୀକାର କରିଥିଲେ।

BEST OFFER
SALE
Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.
9437015112

● ଲାଞ୍ଜିପଲ୍ଲୀ ବାଇପାସ୍‌ରେ ଦୁର୍ଘଟଣା ଘଟଣା

# ଏମ୍‌କେସିଜିରେ ଆଖିବୁଜିଲେ ଗୁରୁତର ମହିଳା

ବ୍ରହ୍ମପୁର,୧୦ ।୧୧(ସମିସ): ଲାଞ୍ଜିପଲ୍ଲୀ ବାଇପାସ ଛକ ଜାତୀୟରାଜପଥ-୧୬ରେ ଗତକାଲି ରାତି ସାଢେ ୮ଟା ଘଟିଥିବା ଦୁର୍ଘଟଣାରେ ଗୁରୁତର ହୋଇଥିବା ମହିଳାଙ୍କ ଏମ୍‌କେସିଜି ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଛି । ମୃତକ ହେଲେ ବ୍ରହ୍ମପୁର ବଡ଼ବଜାର ଗୌଡ଼ ସାହିର ଜେ. ରୂପସୁନ୍ଦରୀ(୭୫) । ଟ୍ରାଫିକ ଥାନା ପୁଲିସ ତାଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି । ଏପଟେ ଦୁର୍ଘଟଣା ଘଟାଇଥିବା ଟ୍ରକ୍ ଚାଳକ ଆନ୍ଧ୍ରପ୍ରଦେଶ ଶ୍ରୀକାକୁଲମର ପି. ରାମଣା ମୂର୍ତ୍ତି(୨୭)କୁ ଅଟକ ରଖି ପଚରାଉଚରା ଜାରି ରଖିଛି । ଏ ନେଇ ଥାନାରେ ଏକ ମାମଲା(୬୯୦/୨୫) ରୁଜୁ ହୋଇଛି । ସୂଚନାଯୋଗ୍ୟ ଯେ, ଗତକାଲି ଲାଞ୍ଜିପଲ୍ଲୀ ବାଇପାସ ଛକ ନିକଟ ବ୍ରହ୍ମାପଲ୍ଲୀ ପ୍ରବେଶ ପଥରେ ଥିବା କଲ୍ୟାଣ ମଣ୍ଡପରେ ଏକ ନିର୍ବନ୍ଧ ଭୋଜି ହେଉଥିଲା । ସେହି ଭୋଜିକୁ ଯିବା ପାଇଁ ବଡ଼ବଜାର ଗୌଡ଼ ସାହିର ରୂପସୁନ୍ଦରୀ ବାଇକ୍‌ରେ ବସି ଅନ୍ଧପସରା ରୋଡ୍ ହୋଇ ହଳଦିଆପଦରକୁ ବାହାରି ଜାତୀୟ ରାଜପଥ ଦେଇ ଲାଞ୍ଜିପଲୀ ବାଇପାସ ଛକକୁ ଯାଉଥିଲେ । ଏହି ସମୟରେ ତାଙ୍କ ସାହିର ସମ୍ପର୍କୀୟ ରାମାରାଓ ସୁବଦ୍ଧି ଓ ତାଙ୍କ ପରିବାର ଲୋକେ କାର୍ ଯୋଗେ ସେହି ଭୋଜିକୁ ଯାଉଥିଲେ । ହଳଦିଆପଦର ଓଭରବ୍ରିଜ ଠାରେ କାର ଚଳାଇ ଆସୁଥିବା ରାମାରାଓ ନିଜ କାର ଭିତରକୁ ରୂପସୁନ୍ଦରୀଙ୍କୁ ଡାକିବା ସହ ସମସ୍ତେ ମିଳିମିଶି ଭୋଜିକୁ ଯିବା ବୋଲି କହିଥିଲେ । ସେହିକ୍ରମରେ ରୂପସୁନ୍ଦରୀ ବାଇକ୍‌ରୁ ଓହ୍ଲାଇ ଉକ୍ତ କାରରେ ବସିଥିଲେ । କାରଟି ଲାଞ୍ଜିପଲ୍ଲୀ ବାଇପାସ୍ ଛକରେ ପହଞ୍ଚି ଡାହାଣକୁ ବ୍ରହ୍ମାପଲ୍ଲୀ ଆଡକୁ ବୁଲାଉଥିବା ବେଳେ ଭୁବନେଶ୍ୱର ପଟୁ ଆସୁଥିବା ଏକ ମାଲବାହୀ ଟ୍ରକ(ଏପି-୩୯-ୟୁଏମ-୬୨୦୯) ଧକ୍କା ଦେଇଥିଲା । ଟ୍ରକ୍ ଧକ୍କାରେ କାରର ବାମ ପଟ କ୍ଷତିଗ୍ରସ୍ତ ହେବା ସହ କାରଟି କିଛି ବାଟ ଆଗକୁ ଯାଇ ଡିଭାଇଡରରେ ଥିବା ଏକ ପୋଲକୁ ଧକ୍କା ହୋଇଯାଇଥିଲା । କାରର ପଛ ସିଟରେ ବସିଥିବା ରୂପସୁନ୍ଦରୀଙ୍କ ଗୋଡ ଓ ମୁଣ୍ଡରେ ଗଭୀର ଆଘାତ ଲାଗିଥିବା ବେଳେ କାର ମାଲିକ ରାମାରାଓ, ତାଙ୍କ ପତ୍ନୀ ସୁଶୀଳା ଓ ଅନ୍ୟ ୨ ଜଣ ସାମାନ୍ୟ ଆହତ ହୋଇଥିଲେ । ସମସ୍ତଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଏମକେସିଜି ମେଡିକାଲରେ ଭର୍ତ୍ତି କରାଯାଇଥିଲା । ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ରୂପସୁନ୍ଦରୀଙ୍କୁ ଡାକ୍ତରମାନେ ମୃତ ଘୋଷଣା କରିଥିଲେ ।

# ୩ ପଞ୍ଚାୟତର ସହମତି ପତ୍ରରେ ଅଟକିଛି 'ଗ୍ରେଟର ବ୍ରହ୍ମପୁର' ଆଶା!

ବ୍ରହ୍ମପୁର,୧୦ ।୧୧(ସମିସ): ସବୁ ଚୂଡ଼ାନ୍ତ ନିଷ୍ପତ୍ତି ସତ୍ତ୍ୱେ ବ୍ରହ୍ମପୁର ସହର ଉପକଣ୍ଠର କିଛି ପଞ୍ଚାୟତ ଓ ରାଜସ୍ୱ ଗ୍ରାମର ସମିଶ୍ରଣରେ ପ୍ରସ୍ତାବିତ ଗ୍ରେଟର ବ୍ରହ୍ମପୁର ଗଠନରେ ବିଳମ୍ବ ହେଉଛି । କିଛି ହାତଗଣତି ପଞ୍ଚାୟତ ପକ୍ଷରୁ ସହମତି ପ୍ରସ୍ତାବ ପାରିତ ହୋଇନଥିବାରୁ ଏଭଳି ସମସ୍ୟା ସୃଷ୍ଟି ହୋଇଥିବା ଜଣାପଡ଼ିଛି । ସୂଚନା ଯୋଗ୍ୟ ଯେ' ଏଥିରେ ମୁଖ୍ୟତଃ ରଙ୍ଗେଇଲୁଣ୍ଡା ଓ କୁକୁଡ଼ାଖଣ୍ଡି ବ୍ଲକର ମୋଟ ୧୭ଟି ପଞ୍ଚାୟତ ବ୍ରହ୍ମପୁର ମହାନଗର ନିଗମରେ ସାମିଲ କରିବାକୁ ଏକ ରକମର ଚୂଡ଼ାନ୍ତ ହୋଇଥିଲା ।

ପ୍ରାୟ ସମସ୍ତ ପଞ୍ଚାୟତ ପକ୍ଷରୁ ପର୍ଯ୍ୟାୟ କ୍ରମେ ସହମତି ପତ୍ର ମଧ୍ୟ ମିଳିସାରିଥିଲା । ଏନେଇ ବିଭିନ୍ନ ପଞ୍ଚାୟତ ସମେତ ବ୍ରହ୍ମପୁର ମହାନଗର ନିଗମରେ ଏବଂ ପ୍ରଶାସନ ପକ୍ଷରୁ ସମନ୍ୱୟ ବୈଠକରେ ମଧ୍ୟ ନିତିଗତ ନିଷ୍ପତ୍ତି ନିଆଯାଇଥିଲା । ୨୦୦୮ ମସିହାରୁ ଆରମ୍ଭ ହୋଇଥିବା ଏହି ପ୍ରକ୍ରିୟାରେ ଥିବା ହାତଗଣତି ପଞ୍ଚାୟତ ଯଥା ଗୋଳବନ୍ଧ, ବଡ଼କୁଶସ୍ଥଳୀ ପଞ୍ଚାୟତର ସାନକୁଶସ୍ଥଳୀ, ଗଉଞ୍ଜୁର ବର୍ମାପଲ୍ଲୀ ଓ ଲୋଚାପଡା ଆଦି ଅଞ୍ଚଳକୁ ବିଏମସିରେ ସାମିଲ କରିବାର ପ୍ରସ୍ତାବ ରହିଥିଲା । ତେବେ ବର୍ତ୍ତମାନ ଏହି ପ୍ରକ୍ରିୟାରେ ଉଭୟ ରଙ୍ଗେଇଲୁଣ୍ଡା ଓ କୁକୁଡ଼ାଖଣ୍ଡି ବ୍ଲକର ଯଥାକ୍ରମେ ଜଗଦଳପୁର, ଲାଠି, ଅନ୍ତେଇ, ନିମଖଣ୍ଡି, ଆଙ୍କୁଶପୁର, ଦକ୍ଷିଣପୁର ଏବଂ ଡୁରା, ଗଉଞ୍ଜୁ, ଫୁଲଟା, ସାତକୁଟଣୀ, ଭାବିନୀପୁର, ହଳଦିଆପଦର ଓ ବଡକୁଶସ୍ଥଳୀ ଆଦି ପଞ୍ଚାୟତ ସାମିଲ ହେବ । ତେବେ ପୂର୍ବରୁ ୪ଟି

**ବିଏମସି ପକ୍ଷରୁ 'ଡୁଡା'ରେ ଦାଖଲ ହେଲା ୧୪ ପଞ୍ଚାୟତର ସହମତି ପତ୍ର**

ପଞ୍ଚାୟତ ମଧ୍ୟରୁ ଲୋଚାପଡ଼ାକୁ ବାଦଦେଇ ଅବଶିଷ୍ଟ ୩ଟି ପଞ୍ଚାୟତରୁ ପୁନଃ ଜନସଭା ଜରିଆରେ ସହମତି ପ୍ରସ୍ତାବ ପାରିତ କରିବାକୁ ରାଜ୍ୟ ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ କୁହାଯାଇଥିଲା । ଏଥିପାଇଁ ସେପ୍ଟେମ୍ବର ୧୦ତାରିଖ ସମୟ ଧାର୍ଯ୍ୟ କରାଯାଇଥିଲା । ତେବେ ଏପର୍ଯ୍ୟନ୍ତ ଉକ୍ତ ୩ଟି ପଞ୍ଚାୟତ ପକ୍ଷରୁ ପୁନଃ ସହମତି ପ୍ରସ୍ତାବ ମିଳିନଥିବା ଜଣାପଡିଛି । ଯାହା ଗ୍ରେଟର ବ୍ରହ୍ମପୁର ପ୍ରକ୍ରିୟାରେ ବାଧକ ବା ବିଳମ୍ବ ହେଉଥିବା କହିଛନ୍ତି ବିଏମସି କମିସନର ପ୍ରଥମେଶ ଅରବିନ୍ଦ ରାଜେଶିର୍କେ । ଏଭଳି ସ୍ଥିତିରେ ବ୍ରହ୍ମପୁର ମହାନଗର ନିଗମ ପକ୍ଷରୁ ୧୪ଟି ପଞ୍ଚାୟତର ସହମତି ପତ୍ରକୁ 'ଡୁଡା' ଓ ଗଞ୍ଜାମ ଜିଲ୍ଲାପାଳଙ୍କୁ ପ୍ରେରଣ କରାଯାଇଛି । ଗ୍ରେଟର ବ୍ରହ୍ମପୁର ଗଠନ ପାଇଁ ସାମଗ୍ରିକ




ଭାବେ ବ୍ରହ୍ମପୁର ସହର ସହିତ ସଂଯୋଗ କରୁଥିବା ସମସ୍ତ ପଞ୍ଚାୟତକୁ ଏକାଠି ନେବାକୁ ପଡିବ ନଚେତ ଏଥିରେ ବାଧା ଉପୁଜିବା ଆଶଙ୍କା ରହିଛି । ପୂର୍ବରୁ ସହମତି ପ୍ରକାଶ କରିଥିବା କିଛି ପଞ୍ଚାୟତ ବର୍ତ୍ତମାନ ପରିସ୍ଥିତିରେ କୌଣସି କାରଣରୁ ବ୍ରହ୍ମପୁର ମହାନଗର ନିଗମରେ ସାମିଲ ହେବାକୁ ଅନିଚ୍ଛା ପ୍ରକାଶ କରୁଥିବାରୁ ଏଭଳି ସ୍ଥିତି ଉପୁଜିଥିବା ସୂଚନା ମିଳିଛି । ଏଣୁ ସମ୍ପୃକ୍ତ ପଞ୍ଚାୟତ ଗୁଡିକ ସହିତ ପ୍ରଶାସନ ପକ୍ଷରୁ ଆଲୋଚନା ମାଧ୍ୟମରେ ସମାଧାନ କରାଗଲେ ସମସ୍ୟାର ସମାଧାନ ହେବା ସହିତ ବହୁ ପ୍ରତୀକ୍ଷିତ 'ଗ୍ରେଟର ବ୍ରହ୍ମପୁର' ପରିକଳ୍ପନା ବାସ୍ତବ ରୂପ ନେଇପାରିବ ବୋଲି ମତ ପ୍ରକାଶ ପାଇଛି ।

ସେପଟେ ବ୍ରହ୍ମପୁର ଉପକଣ୍ଠ ବା ସଂଲଗ୍ନ ଭାବିନୀପୁର ପଞ୍ଚାୟତର ସରପଞ୍ଚ ଇଂ ଟଂଜିତ ସାହୁ କହିଛନ୍ତି ପଞ୍ଚାୟତକୁ ମିଳୁଥିବା ଅନୁଦାନ ୨୦୧୧ଜନଗଣନା ଅନୁସାରେ ପ୍ରଦାନ କରାଯାଉଛି । ଇତି ମଧ୍ୟରେ ପଞ୍ଚାୟତର ଜନସଂଖ୍ୟା ତୁଳନାରେ ଅନୁଦାନ ବୃଦ୍ଧି ପାଇନାହିଁ । ଫଳରେ ରାସ୍ତାଘାଟ, ଡ୍ରେନ ଓ ଷ୍ଟ୍ରିଟ ଲାଇଟ ଭଳି ଭିତ୍ତିଭୂମି ନିର୍ମାଣରେ ବାଧା ଉପୁଜିବା ସହିତ ସର୍ବନିମ୍ନ ମୌଳିକ ସୁବିଧାରୁ ଲୋକେ ବଞ୍ଚିତ ହେଉଛନ୍ତି । ଏଣୁ ଯେତେଶୀଘ୍ର ବ୍ରହ୍ମପୁର ମହାନଗର ନିଗମରେ ମିଶ୍ରଣ ହେବ ଭଲ ହେବ ବୋଲି ସେ କହିଛନ୍ତି । ସେହିଭଳି ବର୍ତ୍ତମାନର ସ୍ଥିତି ଓ ବିଳମ୍ବକୁ ନେଇ ଗ୍ରେଟର ବ୍ରହ୍ମପୁର ଗଠନରେ ଉପକଣ୍ଠର ପଞ୍ଚାୟତ ଗୁଡିକୁ ସାମିଲ କରିବା ପାଇଁ ଦିର୍ଘ ବର୍ଷ ଧରି ଆନ୍ଦୋଳନ କରି ଆସିଥିବା ସହରତଳି ଅଞ୍ଚଳ ମିଳିତ କ୍ରିୟାନୁଷ୍ଠାନ କମିଟି ଉଦ୍‌ବେଗ ପ୍ରକାଶ କରିଛି । ତୁରନ୍ତ ଏଥିରେ ପ୍ରଶାସନ ହସ୍ତକ୍ଷେପ କରି ସମସ୍ୟାର ସ୍ଥାୟୀ ସମାଧାନ କରିବାକୁ ଦାବି କରାଯାଇଛି ।

# ଯୋଗ ଆଚିଭର୍ସଙ୍କ ଦ୍ୱିତୀୟ ବାର୍ଷିକ ଉତ୍ସବ

ବ୍ରହ୍ମପୁର,୧୦ ।୧୧(ସମିସ): ଆମ୍ବପୁଆ ପୁଲିସ୍ ପଡ଼ିଆରେ ପ୍ରତିଦିନ ବ୍ରାହ୍ମ ମୁହୂର୍ତ୍ତରେ ବିଭିନ୍ନ ବର୍ଗର ଲୋକଙ୍କୁ ନେଇ ଗଠିତ ହୋଇଥିବା ଯୋଗ ଆଚିଭର୍ସର ଦ୍ୱିତୀୟ ବାର୍ଷିକ ଉତ୍ସବ ଆମ୍ବପୁଆ ଅମରେଶ୍ୱର ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି । ବରିଷ୍ଠ ସାମ୍ବାଦିକ ଶିବରାମ ଚୌଧୁରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ଅର୍ବାନ ବେଙ୍କ ସଭାପତି ଆର. ମୁରଲୀ ମୋହନ ଯୋଗଦେଇ ଯୋଗ ଆଚିଭର୍ସ ଏଭଳି କାର୍ଯ୍ୟ ଓ ନିଜକୁ ରୋଗମୁକ୍ତ କରିବାରେ ଯେଉଁ ପ୍ରୟାସ ଆରମ୍ଭ କରିଛନ୍ତି ତାକୁ ପ୍ରଶଂସା କରିଥିଲେ । ଅନ୍ୟତମ ଅତିଥି ରୂପେ ନିଗମ ବ୍ରହ୍ମପୁର ମହାନଗର ନିଗମର ଡେପୁଟି ମେୟର ଇ. ବିବେକ ରେଡ୍ଡୀ ଯୋଗଦେଇ ନିଜ ଅଞ୍ଚଳରେ ବିଭିନ୍ନ ବର୍ଗର ଲୋକଙ୍କୁ ନେଇ ଗଠିତ ଏଭଳି ଟିମ୍‌କୁ ନେଇ ନିଜେ ଗର୍ବିତ ହେବା ସହ ସୁସ୍ଥ ରହିବା ପାଇଁ ସମାଜରେ ଏଭଳି ଟିମ୍‌ର ଆବଶ୍ୟକତା ବୋଲି କହିଥିଲେ । ଦୀର୍ଘ ୨ବର୍ଷଧରି ବିଭିନ୍ନ ସ୍ଥାନରେ ଆୟୋଜିତ କାର୍ଯ୍ୟକ୍ରମ ସମ୍ପର୍କରେ ପ୍ରତିଷ୍ଠାତା ସଭ୍ୟ ବିଷ୍ଣୁପ୍ରସାଦ ପଣ୍ଡା



ଏହି ଆଚିଭର୍ସକୁ ପ୍ରତିଷ୍ଠା କରିବା ଓ କରାଇବାରେ ସେ ସକ୍ରିୟ ଗ୍ରହଣ କରି ସମସ୍ତଙ୍କୁ ଏକାଠି କରିବାରେ ଯେଉଁ କାର୍ଯ୍ୟ କରୁଛନ୍ତ ତାକୁ ନେଇ ନିଜର ଅନୁଭୂତି ବଖାଣିଥିଲେ । ବରିଷ୍ଠ ସଦସ୍ୟ ଅଭିମନ୍ୟୁ ସାହୁ, ବହ୍ମପୁର ବିଶ୍ୱବିଦ୍ୟାଳୟ ଇଂରାଜୀ ବିଭାଗୀୟ ମୁଖ୍ୟ ଇ.ଈଶ୍ୱର ରାଓ, ସହିଦ ଭଗତ ସିଂ "ମହାବିଦ୍ୟାଳୟ ଖଣ୍ଡଦେଉଳି ଇତିହାସ ବିଭାଗୀୟ ମୁଖ୍ୟ ଅଭିମନ୍ୟୁ ସାହୁ, ସିଷ୍ଟର ଗ୍ରୁପର ବରିଷ୍ଠ ସଦସ୍ୟା ନନ୍ଦିନୀ ରଥ କବିତା ମାଧ୍ୟମରେ ଯୋଗା ଏଚିଭର୍ସଙ୍କ ଦୈନନ୍ଦିନ କାର୍ଯ୍ୟକ୍ରମ ଉପରେ କହିଥିଲେ । ଏ ଅବସରରେ ସଦସ୍ୟ ପ୍ରଶାନ୍ତ କୁମାର ସାହୁ ସଡ଼କ ଦୁର୍ଘଟଣାରେ ଗୁରୁତର ଆହତ ହୋଇଥିବା ସଞ୍ଜୟ କୁମାର ଗୌଡଙ୍କୁ ଦେବଦୂତ ସାଜି ଏମକେସିଜି ଆଣିବା ଓ ତାଙ୍କୁ ଚିକିତ୍ସା କରାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବାରୁ ପରିବାର ପକ୍ଷରୁ ତାଙ୍କୁ ଦେବଦୂତ ସମ୍ମାନରେ ସମ୍ମାନୀତ କରି ମାନପତ୍ର, ଅଙ୍ଗବସ୍ତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ସଦସ୍ୟ ସୁଧାକର ନାୟକ ସ୍ୱାଗତ ସଙ୍ଗୀତ ଗାନ କରିଥିବା ବେଳେ ବରିଷ୍ଠ ସଦସ୍ୟ ଅମୀୟରଞ୍ଜନ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ ।

# ମହାନ୍ ସଂଘ ପକ୍ଷରୁ କମ୍ବଳ ବଣ୍ଟନ

ବ୍ରହ୍ମପୁର,୧୦।୧୧(ସମିସ): ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ମହାନ୍ ସଂଘ ପକ୍ଷରୁ କମ୍ବଳ ଓ ଶୀତବସ୍ତ୍ର ବଣ୍ଟନ କରାଯାଇଛି । ସ୍ଥାନୀୟ ରେଳ ଷ୍ଟେସନଠାରେ ସଂଘ ସଭାପତି ସୁଶାନ୍ତ କୁମାର ସାବତ ଏହାର ଶୁଭାରମ୍ଭ କରିଛନ୍ତି । ପ୍ରଥମ ଦିନରେ ୫୦କମ୍ବଳ ବଣ୍ଟନ କରାଯାଇଥିଲା । ଚଳିତବର୍ଷ ବିଭିନ୍ନ ଯାଗାରେ ପ୍ରାୟ ୨ହଜାର ଶୀତବସ୍ତ୍ର ବିତରଣ କରାଯିବାକୁ ଲକ୍ଷ୍ୟ ରଖାଯାଇଛି । ଅନ୍ୟମାନଙ୍କ ମଧ୍ୟରେ ସାଧନା ପାଢ଼ୀ, ପୁଷ୍ପାଞ୍ଜଳି ମହାପାତ୍ର, ତପନ ପଣ୍ଡା, ସବିତା ସାହୁ, ମନରଞ୍ଜନ ପାଢ଼ୀ ପ୍ରମୁଖ ବିତରଣରେ ସହଯୋଗ କରିଥିଲେ ।

# ଆନ୍ତଃଜିଲ୍ଲା ଆଲ୍‌ଫା କପ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

ବ୍ରହ୍ମପୁର,୧୦ ।୧୧(ସମିସ): ୩ୟ ଆନ୍ତଃଜିଲ୍ଲା 'ଆଲ୍‌ଫା କପ୍' କ୍ରିକେଟ୍ ଟୁର୍ଣ୍ଣାମେଣ୍ଟରେ 'ଗ୍ରୁପ୍-ଏ'ର ପ୍ରଥମ କ୍ୱାର୍ଟର ଫାଇନାଲରେ ଲିଡସ୍ ଏକାଡେମୀ ବିଜୟୀ ହୋଇ ସେମି ଫାଇନାଲରେ ପ୍ରବେଶ କରିଛି । ସ୍ଥାନୀୟ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ଖେଳପଡ଼ିଆରେ ଆଲ୍‌ଫା ସ୍ପୋର୍ଟିଂ କ୍ଲବ୍ ଆନୁକୂଲ୍ୟରେ ଚାଲିଥିବା ଆଲ୍‌ଫା କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟର 'ଗ୍ରୁପ-ଏ'ର ପ୍ରଥମ କ୍ୱାର୍ଟର ଫାଇନାଲ ମ୍ୟାଚ ଜୁନିୟର କ୍ରିକେଟ୍ କ୍ଲବ୍ (ଜେସିସି) ବନାମ ଲିଡସ ଏକାଡେମୀ ମଧ୍ୟରେ ହୋଇଥିଲା । ନିର୍ଦ୍ଧାରିତ ୨୦ଓଭର ବିଶିଷ୍ଟ ମ୍ୟାଚରେ ଜେସିସି ଦଳ ପ୍ରଥମେ ବ୍ୟାଟିଂ କରି ୧୭.୫ଓଭର ଖେଳି ସମସ୍ତ ୱିକେଟ୍ ହରାଇ ମୋଟ ୧୨୭ରନ ସଂଗ୍ରହ କରିଥିଲେ । ଦଳ ପକ୍ଷରୁ ପ୍ରଦୀପ ସାହୁ ୪୧ବଲରୁ ୪୭ରନ୍ ଓ ପବିତ୍ର ମହାନ୍ତି ୧୬ବଲରୁ ବ୍ୟକ୍ତିଗତ ୨୩ରନ ସଂଗ୍ରହ କରିଥିଲେ । ଲିଡସ୍ ଏକାଡେମୀ ପକ୍ଷରୁ କେ. ଈଶ୍ୱର ପ୍ରସାଦ ୩.୫ଓଭର ବୋଲିଂ କରି ୧୪ରନ୍ ବିନିମୟରେ ସର୍ବାଧିକ ୩ଟି ୱିକେଟ ଅକ୍ତିଆର କରିଥିଲେ । ଜବାବରେ ଲିଡସ ଏକାଡେମୀ ୧୮.୧ଓଭରରେ ୮ୱିକେଟ୍ ବିନିମୟରେ ବିଜୟ ପାଇଁ ଆବଶ୍ୟକ ୧୩୧ରନ୍ କରି ମ୍ୟାଚ୍‌କୁ ୨ୱିକେଟ୍‌ରେ ଜିତି ନେଇଥିଲେ । ଦଳ ପକ୍ଷରୁ କେ.ଈଶ୍ୱର ପ୍ରସାଦ ୧୬ବଲରୁ ୨୭ରନ୍ ଓ ସତ୍ୟ ପ୍ରସନ୍ନ ବେହେରା ୨୬ବଲରୁ ୨୮ରନ ସଂଗ୍ରହ କରିଥିଲେ । ଜେସିସି ପକ୍ଷରୁ ମନୋଜ ଦାସ ଓ ବିପିନି ସ୍ୱାଇଁ ପ୍ରତ୍ୟେକେ ଦୁଇଟି ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ । ଆଜିର ମ୍ୟାଚରେ ଲିଡସ ଏକାଡେମୀର କେ.ଈଶ୍ୱର ପ୍ରସାଦଙ୍କୁ ମ୍ୟାନ ଅଫ ଦ ମ୍ୟାଚ ବିବେଚିତ କରାଯାଇଥିଲା । ସୁଶାନ୍ତ ପଣ୍ଡା ଓ ନୃସିଂହ ଚରଣ ପଟ୍ଟନାୟକ ଅମ୍ପାୟାର ଭାବେ ମ୍ୟାଚ ପରିଚଳନା କରିଥିବା ବେଳେ ସ୍କୋରର ଭାବେ ଜଗନ୍ନାଥ ଚୌଧୁରୀ ଏବଂ ରୂପମ ମହାରଣା ଖେଳର ସିଧା ପ୍ରସାରଣ କରିବାରେ ସହଯୋଗ କରିଥିଲେ । ମଙ୍ଗଳବାର ଟୁର୍ଣ୍ଣାମେଣ୍ଟର ଦୁଇଟି ମ୍ୟାଚ ଖେଳାଯିବାକୁ ଥିବାବେଳେ ପ୍ରଥମ ମ୍ୟାଚ ସକାଳ ୮ଟା ସମୟରେ ଆୟୋଜକ 'ଆଲ୍‌ଫା ସ୍ପୋର୍ଟିଂ କ୍ଲବ' ବନାମ 'ଆଲ୍ଲା ଜୁନିଅର' ଏବଂ ଦ୍ୱିତୀୟ ମ୍ୟାଚ ମଧ୍ୟାହ୍ନ ୧୨ଟା ସମୟରେ ଆସିକାର 'ପାନାସୋନିକ କ୍ରିକେଟ୍ କ୍ଲବ' ବନାମ ବ୍ରହ୍ମପୁରର 'ସ୍ୱରାଜ କ୍ରିକେଟ କ୍ଲବ' ମଧ୍ୟରେ ଅନୁଷ୍ଠିତ ହେବ । ଆସନ୍ତା ୧୨ତାରିଖ ଦିନ ଟୁର୍ଣ୍ଣାମେଣ୍ଟର ପ୍ରଥମ ସେମିଫାଇନାଲ 'ଗ୍ରୁପ-ଏ'ରୁ ରାମେଶ୍ୱର ସ୍ପୋର୍ଟିଂ କ୍ଲବ ବନାମ ଲିଡ୍ସ ଏକାଡେମୀ ମଧ୍ୟରେ ଖେଳାଯିବ ବୋଲି ଆୟୋଜକ ଆଲ୍ଫା ସ୍ପୋର୍ଟିଂ କ୍ଲବର ସମ୍ପାଦକ ବିଜୟ ଭାସ୍କର ସିଂସାମନ୍ତ ସୂଚନା ଦେଇଛନ୍ତି ।

**'ଜେସିସି'କୁ ହରାଇ ସେମିରେ ଲିଡ୍‌ସ ଏକାଡେମୀ**

# ଚୋରି ମାମଲାରେ ଫେରାର ଅଭିଯୁକ୍ତ ଗିରଫ

ବ୍ରହ୍ମପୁର,୧୦ ।୧୧(ସମିସ): ଏକ ଚୋରି ମାମଲାରେ ଫେରାର ଅଭିଯୁକ୍ତକୁ ଗୋପାଳପୁର ପୁଲିସ ଗିରଫ କରି କୋର୍ଟଚାଲାଣ କରିଛି । ଅଭିଯୁକ୍ତ ଜଣକ ହେଲେ ଚମାଖଣ୍ଡି ଥାନା ଜଗନ୍ନାଥପୁର ଅଂଚଳର ଦେବରାଜ ନାୟକ (୩୯) । ପୂର୍ବରୁ ଏହି ମାମଲାରେ ସାନକୁଶସ୍ଥଳୀର ସୁନୀଲ ସେଠୀ ଗିରଫ ହୋଇଥିଲେ । ସୂଚନାଯୋଗ୍ୟ ଯେ, ପଲ୍ଲୀଗୁମୁଳା ନିକଟସ୍ଥ ଏକ ନିର୍ମାଣଧିନ ଘରର ଅଜୟ କୁମାର ପଣ୍ଡା ଛାତ ପକାଇବା ପାଇଁ ଅକ୍ଟୋବର ୨୬ ତାରିଖରେ ଲୁହା ଖଡ଼ି ଆଣି ରଖିଥିଲେ । ପରବର୍ତ୍ତୀ ସମୟରେ ଲୁହା ଖାଡ଼ି ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା । ଅଭିଯୋଗ ପରେ ପୁଲିସ ଏକ ମାମଲା ରୁଜୁ କରି ସିସିଟିଭି ଫୁଟେଜ ଯାଞ୍ଚ କରି ଅଭିଯୁକ୍ତ ସୁନୀଲକୁ ବିବେକ ବିହାର ଅଂଚଳରୁ କାବୁ କରିବା ସହ ଜଗନ୍ନାଥପୁର ଏକ ସ୍ଥାନରୁ ୨୩ବଣ୍ଡଲ ଲୁହା ଖଡ଼ି ଜବତ କରିଥିଲା । ଘଟଣା ପରଠାରୁ ଫେରାର ଥିବା ଅଭିଯୁକ୍ତ ଦେବରାଜକୁ ପୁଲିସ କାବୁ କରିବା କୋର୍ଟଚାଲାଣ କରିଥିବା ଜଣାପଡ଼ିଛି ।

# 'ଷ୍ଟ୍ରୋକ୍‌କୁ ଜାଣନ୍ତୁ - ଜୀବନ ବଞ୍ଚାନ୍ତୁ' ସଚେତନତା କର୍ମଶାଳା

ବ୍ରହ୍ମପୁର,୧୦ ।୧୧(ସମିସ): ସମ୍ପ୍ରତି 'ବ୍ରେନ୍ ଷ୍ଟ୍ରୋକ୍' ବା 'ମସ୍ତିଷ୍କାଘାତ' ସମଗ୍ର ବିଶ୍ୱରେ ଚିନ୍ତାର କାରଣ ସାଜିଛି । ଏ ନେଇ ଯୁବପିଢ଼ିଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ପାଇଁ ବ୍ରହ୍ମପୁର ବିଶ୍ୱ ବିଦ୍ୟାଳୟରେ ସୋମବାର "ଷ୍ଟ୍ରୋକ୍‌କୁ ଜାଣନ୍ତୁ - ଜୀବନ ବଞ୍ଚାନ୍ତୁ' ଶୀର୍ଷକ ଏକ ବିଶେଷ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଏଥିରେ ଜନସ୍ୱାସ୍ଥ୍ୟ ଓ ସୂଚନା ବିଶେଷଜ୍ଞ ଏବଂ ଶିକ୍ଷାବିତ୍ ଯୋଗଦେଇ ଷ୍ଟ୍ରୋକର କିପରି ମୁକାବିଲା କରାଯାଇପାରିବ ସଚେତନତା କାର୍ଯ୍ୟକ୍ରମ ହାତକୁ ନିଆଯାଉଛି । ଛାତ୍ରଛାତ୍ରୀ ଓ ଯୁବପିଢ଼ିଙ୍କୁ ଷ୍ଟ୍ରୋକ ସମ୍ପର୍କିତ ସଚେତନ କରିବା ପାଇଁ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା । ଷ୍ଟ୍ରୋକର ଲକ୍ଷଣକୁ ଚିହ୍ନି ଠିକଣା ସମୟରେ ଉଚିତ ପଦକ୍ଷେପ ନେଇପାରିଲେ ଆଗାମୀ ଦିନରେ ସେମାନେ ବାସ୍ତବରେ ଷ୍ଟ୍ରୋକ୍ ଯୋଦ୍ଧା ହୋଇପାରିବେ ବୋଲି କହିଛନ୍ତି "ଷ୍ଟ୍ରୋକ୍-ମୁକ୍ତ ଜୀବନ ଅଭିଯାନ'ର ଅଧ୍ୟକ୍ଷ ନୀଳାମ୍ବର ରଥ । କାର୍ଯ୍ୟକ୍ରମରେ




**ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ**

ସେ ସମ୍ପର୍କରେ ଯୁବପିଢ଼ିଙ୍କୁ ପରାମର୍ଶ ଦେଇଥିଲେ । ବିଶ୍ୱବିଦ୍ୟାଳୟର ସହଭାଗିତାରେ ଆଇଏଫଆଇ ଫାଉଣ୍ଡେସନ, ସ୍ୱାସ୍ଥ୍ୟପ୍ଲସ ଏବଂ ଓଡ଼ିଶାଲାଇଭ୍ ପକ୍ଷରୁ ଏହି ଜନସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା । ଏଥିରେ ବିଭିନ୍ନ ବିଭାଗର ଶତାଧିକ ଛାତ୍ରଛାତ୍ରୀଙ୍କ ସହ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀମାନେ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ ମୁଖ୍ୟଅତିଥି ଭାବେ ଯୋଗଦେଇ ବ୍ରେନ୍ ଷ୍ଟ୍ରୋକ ଭଳି ଜଟିଳ ସମସ୍ୟାର ମୁକାବିଲା ପାଇଁ ସମସ୍ତେ ଏକାଠି ହେବା ଜରୁରୀ ବୋଲି କହିଥିଲେ । ଦେଶର ଆର୍ଥିକ ବିକାଶ ପାଇଁ ଶିକ୍ଷା ଏବଂ ଜନସ୍ୱାସ୍ଥ୍ୟ ଦୁଇଟି ଗୁରୁତ୍ୱପୂର୍ଣ୍ଣ ବିଷୟ । ତେଣୁ ଯୁବଗୋଷ୍ଠୀକୁ ସଚେତନ କରିବା ସହ ଷ୍ଟ୍ରୋକର ଲକ୍ଷଣକୁ ଚିହ୍ନିବା ଏବଂ ଏହାର ନିରାକରଣ କରିପାରିଲେ ଏକ ଷ୍ଟ୍ରୋକ-ମୁକ୍ତ ସମାଜ ଗଠନ ହୋଇପାରିବ । ଏଥିରେ ଯୁବଗୋଷ୍ଠୀ ଏକ ପ୍ରମୁଖ ଭୂମିକା ଗ୍ରହଣ କରିବେ ବୋଲି ମତ ପ୍ରକାଶ ପାଇଥିଲା । କାର୍ଯ୍ୟକ୍ରମରେ ସାମ୍ବାଦିକତା ଓ ଗଣଯୋଗାଯୋଗ ବିଭାଗୀୟ ମୁଖ୍ୟ ଡକ୍ଟର ବନ୍ଦିତା କୁମାରୀ ପଣ୍ଡା ସ୍ୱାଗତ ଅଭିଭାଷଣ ଦେଇ ଆଇଏଫଆଇ ଫାଉଣ୍ଡେସନ, ସ୍ୱାସ୍ଥ୍ୟପ୍ଲସ ଏବଂ ଓଡ଼ିଶାଲାଇଭ୍ ପକ୍ଷରୁ ଆୟୋଜିତ ଏଭଳି ଜନସ୍ୱାସ୍ଥ୍ୟ କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ । ଆଇଏଫଆଇ ଫାଉଣ୍ଡେସନ 'ୱାର୍ଲ୍ଡ ଷ୍ଟ୍ରୋକ୍ ଅର୍ଗାନାଇଜେସନ'ର ସଦସ୍ୟ ରହିଛି । ଫାଉଣ୍ଡେସନ ପକ୍ଷରୁ ବିଗତ ୩ବର୍ଷ ଧରି ଷ୍ଟ୍ରୋକ ସମ୍ପର୍କିତ ବିଭିନ୍ନ ବିଶିଷ୍ଟ ଜନସ୍ୱାସ୍ଥ୍ୟ ବିଶେଷଜ୍ଞ ଡାକ୍ତର ସରୋଜ କୁମାର ମିଶ୍ର ଯୋଗଦେଇ ଷ୍ଟ୍ରୋକ୍ ମୁକାବିଲାର ବିଭିନ୍ନ ଦିଗ ବିଷୟରେ ଆଲୋକପାତ କରିଥିଲେ । ସେହିପରି ଷ୍ଟ୍ରୋକ ମୁକାବିଲାରେ ଛାତ୍ରଛାତ୍ରୀ ଓ ଯୁବପିଢ଼ିଙ୍କୁ ସଶକ୍ତ କରିବା ଉପରେ ବିଶ୍ୱବିଦ୍ୟାଳୟର ପିଜି କାଉନସିଲ ଅଧ୍ୟକ୍ଷ ପ୍ରଫେସର ସୁକାନ୍ତ କୁମାର ତ୍ରିପାଠୀ ମଧ୍ୟ ଗୁରୁତ୍ୱାରୋପ କରିଥିଲେ । ଏହି ଅବସରରେ "ଷ୍ଟ୍ରୋକ୍‌ମୁକ୍ତ ଜୀବନ' ଶୀର୍ଷକରେ ଏକ ସୂଚନା ପୁସ୍ତିକା ଲୋକାର୍ପଣ କରାଯିବା ସହ ବ୍ରେନ ଷ୍ଟ୍ରୋକର କାରଣ, ଲକ୍ଷଣ, ଚିକିତ୍ସା ଏବଂ ଷ୍ଟ୍ରୋକ ପରବର୍ତ୍ତୀ ଅବସ୍ଥାରେ ରୋଗୀଙ୍କ ସେବା ଯତ୍ନ ଉପରେ ଆଧାରିତ ଏକ ସ୍ୱତନ୍ତ୍ର ଭିଡିଓ ପ୍ରଦର୍ଶିତ ହୋଇଥିଲା ।

ଛାତ୍ରଛାତ୍ରୀଙ୍କୁ ନେଇ ଆୟୋଜିତ 'ଡିଜିଟାଲ ପୋଷ୍ଟର ମେକିଙ୍ଗ୍' ପ୍ରତିଯୋଗିତାରେ ସାମିଲ ହୋଇଥିବା ଛାତ୍ରଛାତ୍ରୀଙ୍କ ପୋଷ୍ଟରକୁ ପ୍ରଦର୍ଶନ କରାଯିବା ସହ ଅଂଶଗ୍ରହଣକାରୀଙ୍କୁ ସାର୍ଟିଫିକେଟ୍ ପ୍ରଦାନ କରାଯାଇଥିଲା । ଉପସ୍ଥିତ ସମସ୍ତ ଅତିଥି, ଛାତ୍ରଛାତ୍ରୀ ଏକ ସ୍ୱରରେ ଷ୍ଟ୍ରୋକ୍ ସଚେତନତା ଉପରେ ଶପଥ ନେଇଥିଲେ । କାର୍ଯ୍ୟକ୍ରମରେ ଆଇଏଫଆଇ ଫାଉଣ୍ଡେସନର ସହ-ଅଧ୍ୟକ୍ଷା ପ୍ରଣତି ପରିଡ଼ା ଯୋଗ ଦେଇଥିଲେ । ଶେଷରେ ଓଡ଼ିଶାଲାଇଭ୍ ପକ୍ଷରୁ ଅମିତ କୁମାର ମହାନ୍ତି ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ । ସେହିପରି ସ୍ୱାସ୍ଥ୍ୟପ୍ଲସ ପକ୍ଷରୁ ସୁଶ୍ରୀ ସ୍ମିତା ବେହେରା କାର୍ଯ୍ୟକ୍ରମ ସଂଚାଳନ କରିଥିବା ବେଳେ ସୀତାଂଶୁ ଶେଖର ସୂତାର, ପ୍ରିୟଙ୍କା ସୁଚରିତା, ସ୍ମୃତିରେଖା ପାଣିଗ୍ରାହୀ ପ୍ରମୁଖ ସହଯୋଗ କରିଥଲେ ।


**Government of India**
**Ministry of Environment, Forest & Climate Change**
**Regional Office, Bhubaneswar, Odisha**

**Online Proposal No.: FP/OR/RAIL/438606/2023** **Dated: 24/01/2025**

**To,**
**The Addl. Chief Secretary,**
**Forest, Environment & CC Deptt.,**
**Government of Odisha,**
**Bhubaneswar – 751 001**

Subject: Diversion of 4.519 ha of forest land for construction of proposed Rail Corridor in village Kadei under Tangi Choudwar Tahasil of Cuttack District in Cuttack Forest Division by M/s My Home Industries Pvt. Ltd.

Sir/Madam,

I am directed to refer to State Govt. letter No.FE-DIV-FLD-0106-2023-25213/FE&CC dated 05.12.2023, No.26151/FE&CC dated 30.12.2024, No.2072/FE&CC dated 21.01.2025 and Online Proposal No.FP/OR/RAIL/438606/2023 on the above mentioned subject seeking prior approval of the Ministry of Environment, Forest & Climate Change under Section 2 of Van (Sanrakshan Evam Samvardhan) Adhiniyam, 1980.

2. After due consideration of the proposal of the State Government, the Ministry of Environment, Forest & Climate Change hereby conveys 'Stage-I/in-principle' approval for diversion of 4.519 ha of forest land for construction of proposed Rail Corridor in village Kadei under Tangi Choudwar Tahasilof Cuttack District in Cuttack Forest Division by M/s My Home Industries Pvt. Ltd., subject to the fulfillment of the following conditions.

**1. General Conditions**

| S. No | Conditions |
|---|---|
| 1.1 | The legal status of forest land proposed for diversion shall remain unchanged. |
| 1.2 | The user agency shall transfer online, the Net Present Value (NPV) of 4.519 ha forest land being diverted under this proposal, as per the Orders of Hon'ble Supreme Court of India dated 28.03.2008, 24.04.2008 and 09.05.2008 in Writ Petition (Civil) No.202/1995 and the guidelines issued by this Ministry vide its letter No.5-3/2011-FC (Vol-I) dated 06.01.2022, and 22.03.2022. The requisite funds shall be transferred through online portal in CAMPA account of the State concerned. |
| 1.3 | The non forest land of 4.654 ha identified in village Chhotapadagon under Tangi Choudwar Tahasil of Cuttack District under Cuttack Forest Division for raising compensatory afforestation shall be transferred and mutated in the name of Forest Department and notified as RF/PF prior to Stage-II approval. |
| 1.4 | The user agency shall transfer the cost of raising and maintaining the CA/Addl. CA at the current wage rate in consultation with State Forest Department in the account of CAMPA of the concerned State through online portal. The Scheme may include appropriate provision for anticipated cost increase for works scheduled for subsequent years. |
| 1.5 | Compensatory afforestation shall be raised over 4.654 ha identified in village Chhotapadagon under Tangi Choudwar Tahasil of Cuttack District under Cuttack Forest Division within two years from the date of Stage-II Clearance and maintained thereafter by the State Forest Department as per approved plan/scheme and maintained thereafter, at the cost of user agency. |
| 1.6 | Addl. Compensatory afforestation shall be raised over 5.2 ha of degraded forest land identified in Kaliamba PRF of Dalijoda Range under Cuttack Forest Division within two years from the date of Stage-II Clearance and maintained thereafter by the State Forest Department as per approved plan/scheme and maintained thereafter, at the cost of user agency. |
| 1.7 | The species to be planted in the CA scheme shall be of native species of the area. At least 18 month old seedlings should be planted. Intensive monitoring of the plantation needs to be done and documented using Geo tagging so that the increase of canopy density and survival and growth of plantation can be evaluated at regular intervals. |
| 1.8 | A Site Specific Wildlife Conservation Plan shall be prepared and duly approved by Chief Wildlife Warden, Odisha shall be implemented at project cost. The fund for implementation of Site Specific Wildlife Conservation shall be deposited by the user agency after duly vetted by Regional Office, MoEF&CC, Bhubaneswar. |
| 1.9 | At the time of payment of Net Present Value (NPV) at the then prevailing rate, the user agency shall furnish an undertaking to pay the additional amount of NPV, if so determined, as per the final decision of the Hon'ble Supreme Court of India. |
| 1.10 | The KML files of the area to be diverted and the CA areas shall be uploaded on the e-Green watch portal with all requisite details before issuing working permission towards linear projects or submitting compliance report for seeking Stage-II approval, as the case may be. |
| 1.11 | All the funds received from the user agency under the project shall be transferred/ deposited in CAMPA account only through e-portal (https://parivesh.nic.in/). Amount deposited through other mode will not be accepted as compliance of the Stage-I clearance. |
| 1.12 | The compliance report of the Stage-I approval shall be uploaded on e-portal (https://parivesh.nic.in/). |
| 1.13 | The complete compliance of the FRA, 2006 shall be ensured by way of prescribed certificate from the concerned District Collector. |
| 1.14 | The boundary of the proposed forest land for diversion, shall be demarcated on ground at the project cost, by erecting four feet high reinforced cement concrete pillars, each inscribed with its serial number, distance from pillar to pillar and GPS co-ordinates. |
| 1.15 | The user agency shall obtain Environment Clearance as per the provisions of the Environmental (Protection) Act, 1986, if applicable. |
| 1.16 | Speed regulating signage will be erected along the railway line at regular intervals in Protected Areas/Forest Areas. |

| S. No | Conditions |
|---|---|
| 1.17 | The State Govt. shall ensure controlled speed limit of 20 Km/Hr, if the trains passing through the forest portion to enable the trains drivers to react to the sudden appearance of the wild animals on the track. As and when required speed of train shall be regulated in consultation with CWLWL of the State Govt. There should be regular communication with the local forest department to know the presence/movement of elephant near the track. |
| 1.18 | The designing of culverts/bridges, if any over the natural streams/rivers/canals should be done in such a manner that it does not hamper the natural course of water, does not give rise to water logging, and also does not hamper movement of wild animals including elephant. |
| 1.19 | The reclamation of quarry, if any, should be done under the supervision of the State Forest Department. The quarry shall be reclaimed and afforested completely before the project is closed |
| 1.20 | The user agency shall take up Avenue Plantation on either side of alignment of the track at its own cost in consultation with the DFO. |
| 1.21 | The user agency shall explore the possibility of successful transplantation of maximum number of trees identified to be felled and shall ensure that any tree felling shall be done only when it is unavoidable and that too under strict supervision of the State Forest Department. |
| 1.22 | No labour camp shall be established on the forest land and the user agency shall provide fuels preferably alternate fuels to the labourers and the staff working at the site so as to avoid any damage and pressure on the nearby forest areas. |
| 1.23 | No additional or new path will be constructed inside the forest area for any activity related to the project work. |
| 1.24 | The user agency while executing works, shall not fell any tree or damage forest growth in the surrounding forest area in any manner. |
| 1.25 | The layout plan of the proposed forest land shall not be changed without the prior approval of Ministry of Environment, Forest & Climate Change. |
| 1.26 | The forest land shall not be used for any purpose other than that specified in the proposal. |
| 1.27 | The forest land proposed to be diverted shall under no circumstances be transferred to any other user agency, department or person without the prior approval of Ministry of Environment, Forest & Climate Change. |
| 1.28 | No damage to the flora and fauna of the adjoining area shall be caused. |
| 1.29 | The concerned Divisional Forest Officer, will monitor and take necessary mitigative measures to ensure that there is no adverse impact on the forests in the surrounding area. |
| 1.30 | The user agency shall submit annual self monitoring report on compliance of stipulated conditions to the Nodal Officer (FCA) of the State and concerned Regional Office of this Ministry by the end of March every year. |
| 1.31 | Any other conditions that the Ministry of Environment, Forests & Climate Change may impose from time to time in the interest of afforestation, conservation and management of flora and fauna in the area, shall be complied by the user agency. |
| 1.32 | The State Govt. and user agency shall ensure compliance to provisions of the all Acts, Rules, Regulations, Guidelines, NGT Order (s) & Hon'ble Court Order (s) pertaining to this project, if any, for the time being in force, as applicable to the project. |
| 1.33 | Violation of any of these conditions will amount to violation of Van (Sanrakshan Evam Samvardhan) Adhiniyam, 1980 and action would be taken as prescribed in Para 1.16 of Consolidated Guidelines and Clarification issued under Van (Sanrakshan Evam Samvardhan) Adhiniyam, 1980 and Van (Sanrakshan Evam Samvardhan) Rules, 2023 vide Ministry's letter dated 29.12.2023. |

**2. Standard conditions**
**3. Specific Conditions**

3. After receipt of the report on compliance to the conditions stipulated above, from the State Government of Odisha, final/Stage-II approval for diversion of the said forest land under Section 2 of Van (Sanrakshan Evam Samvardhan) Adhiniyam, 1980 will be issued by this Ministry. Transfer of forest land to user agency should not be effected by the State Government of Odisha till final/Stage-II approval for its diversion is issued by the Ministry of Environment, Forest & Climate Change.

4. "The State Govt. or a Senior Office not below the Rank of a Divisional Forest Officer, having jurisdiction over the forest land proposed to be diverted, duly authorized in this behalf by the State Govt. can pass an order for tree cutting and commencement of work of a linear project in forest land for a period of one year ("working permission" means permission granted to linear project before final approval to mobilize the resources to commence the preliminary project work other than black topping, concretization, laying of railway tracks, charging of transmission lines, etc.). Such order shall be passed only after full realization of funds for compensatory afforestation, Net Present Value (NPV), Wildlife conservation Plan, plantation of dwarf species of medicinal plants, and all other compensatory levies, specified in the Stage-I (in-principle) approval from the User Agency, and where ever applicable, transfer and mutation of nonforest/ revenue forest land in favour of State Forest Department, declaration of PF/RF and compliance of other statues including ST&OTFD (Recognition of Forest Rights) Act, 2006" as stipulated in Para 11.1 of Chapter-11 of Consolidated Guidelines and Clarification issued under Van (Sanrakshan Evam Samvardhan) Adhiniyam, 1980 and Van (Sanrakshan Evam Samvardhan) Rules, 2023 vide Ministry's letter dated 29.12.2023.

**Copy To**

1. The Inspector General of Forests (ROHQ), Ministry of Environment, Forest & Climate Change, Indira Paryavaran Bhawan, Jor Bagh Road, Aliganj, New Delhi – 110003.
2. The PCCF & Nodal Officer (FCA), Forest Department, Govt. of Odisha, Aranya Bhawan, Chandrasekharpur, Bhubaneswar-751023.
3. The Deputy General Manager (Projects), M/s My Home Industries Pvt. Ltd., 9th Floor, Block-3, My Home Hub, Madhapur, Hyderbad-500081, Telangana.

**Your's faithfully**
**(Dr. Padma Mahanti)**
**Dy. Inspector General of Forests (C)**

ସକାଳ
THE SAKALA



# ପରିମଳ ଠିକା ସଂସ୍ଥା ବିରୋଧରେ ସଫେଇ କର୍ମଚାରୀ ଥାନାର ଦ୍ୱାରସ୍ଥ

ଦେବଗଡ଼,୧୦।୧୧(ସମିସ):



ଦେବଗଡ଼ ପୌର ପରିଷଦ ସଫେଇ କର୍ମଚାରୀଙ୍କ ପାଉଣା ସମସ୍ୟାକୁ ନେଇ ଦୀର୍ଘ ଦିନରୁ ଦେଖା ଦେଇଥିବା ବିବାଦ ସମାଧାନ ହେବା ପରିବର୍ତ୍ତେ ଦିନକୁ ଦିନ ସମସ୍ୟା ଜଟିଳ ହେବାରେ ଲାଗିଛି। ଏହି କ୍ରମରେ ଆଜି ପୁଣି ଥରେ ପୌର ସଫେଇ କର୍ମଚାରୀ ମାନେ ସେମାନଙ୍କ ୧୧ ମାସର ଇପିଏଫ ଟଙ୍କା ସେମାନଙ୍କ ଖାତାରେ ଜମା ହେଉନଥିବା ଦର୍ଶାଇ ପୌର ପରିଷଦରେ ପରିମଳ ବ୍ୟବସ୍ଥା ପାଇଁ ନିୟୋଜିତ ଠିକା ସଂସ୍ଥା ମାଲିକ ବିରୁଦ୍ଧରେ ଦେବଗଡ଼ ଥାନରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ଦେବଗଡ଼ ଥାନା ପୁଲିସ ବିଭିନ୍ନ ଦଫାରେ ମାମଲା ରୁଜୁକରି ଘଟଣାର ତଦନ୍ତ ଆରମ୍ଭ କରିଛି। ଦେବଗଡ଼ ପୌର ପରିଷଦରେ ସଫେଇ କର୍ମଚାରୀ ଭାବେ କାର୍ଯ୍ୟରତ ଆରସିଏମଏସ ସାହିର ସଞ୍ଜୟ ମହାନନ୍ଦିଆଙ୍କ ଅଭିଯୋଗ ଅନୁଯାୟୀ ଦେବଗଡ଼ ପୌରପରିଷଦରେ ପରିମଳ ବ୍ୟବସ୍ଥାକୁ ସୂଚାରୁ ରୂପେ ପରିଚାଳନା ପାଇଁ ବୌଦ୍ଧ ଜିଲ୍ଲାର ରଜୁନୁ ଖପରଧୁଆ ନାମକ ଜନୈକ ବ୍ୟକ୍ତିଙ୍କୁ ପୌର ପରିଷଦ ପକ୍ଷରୁ ଆଉଟସୋରସିଂ ଭାବେ ନିୟୋଜିତ କରାଯାଇଛି। ଆଉଟସୋରସିଂ ଅଧୀନରେ ପୌର ସଫେଇ କର୍ମଚାରୀ ମାନେ କାର୍ଯ୍ୟ କରୁଥିବା ବେଳେ ସେମାନଙ୍କ ଦରମା ଠିକ ଭାବେ ପାଇ ପାରୁନଥିବା ଏବଂ ଇପିଏଫ ବାବଦ ଅର୍ଥ ସେମାନଙ୍କ ଦରମାରୁ କଟାଯାଇଥିବା ବେଳେ ଦୀର୍ଘ ୧୧ ମାସ ଧରି ସେମାନଙ୍କ ଇପିଏଫ ଆକାଉଣ୍ଟରେ ଜମା କରାଯାଉନାହିଁ ବୋଲି ଲିଖିତ ଅଭିଯୋଗ କରାଯାଇଛି। ସେହିପରି ଏ ସମ୍ପର୍କରେ ପୌର ସଫେଇ କର୍ମଚାରୀ ମାନେ ବହୁବାର ପୌର ନିର୍ବାହୀ ଅଧିକାରୀଙ୍କ ଠାରୁ ଜିଲ୍ଲାପାଳଙ୍କ ପର୍ଯ୍ୟନ୍ତ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ କୌଣସି ସୁଫଳ ନ ମିଳିବାରୁ ସେମାନେ ଆଜି ଦେବଗଡ଼ ଥାନାର ଦ୍ୱାରସ୍ତ ହେବାସହ ଘଟଣାର ତଦନ୍ତ କରି ଆଇନ ଅନୁଯାୟୀ ଦୋଷୀ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ସହ ସେମାନଙ୍କୁ ନ୍ୟାୟ ପ୍ରଦାନ ପାଇଁ ଗୁହାରି କରିଥିବା ଜଣା ପଡିଛି।

## ଚାଷୀଙ୍କୁ ବିହନ ଓ ସାର ସହାୟତା

ଦେବଗଡ଼,୧୦।୧୧(ସମିସ): ତିଳେଇବଣି ବ୍ଲକ୍ ବଡଛାପଲ ପଞ୍ଚାୟତ ବାବୁରିକାନୀ ଗାଁରେ ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ କାର୍ଯ୍ୟକ୍ରମ ଅଧୀନରେ ରବି ଋତୁ ଚାଷ ନିମନ୍ତେ ଉନ୍ନତ ଧରଣର ବିହନ, ଜୈବିକ ସାର, ଅଣୁସାର ଏବଂ କୀଟନାଶକ ଔଷଧ ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ତିଳେଇବଣି ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସିକା ସନ୍ଧ୍ୟା ମାଝୀ ଯୋଗ ଦେଇଥିଲେ।



ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ କାର୍ଯ୍ୟକ୍ରମରେ ଅନ୍ତର୍ଭୁକ୍ତ କୃଷି ଭିତ୍ତିକ କାର୍ଯ୍ୟକ୍ରମ ସମ୍ପର୍କରେ ସବିଶେଷ ସୂଚନା ପ୍ରଦାନ କରିଥିଲେ। ସଭାରେ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପରିଚାଳକ ପ୍ରତାପ ପଣ୍ଡା ରବି ଚାଷ ପାଇଁ ସୋରିଷ ଚାଷ ବିହନ ଏବଂ ସାର ପ୍ରୟୋଗ ଉପରେ ଚାଷୀଙ୍କୁ ସୂଚନା ପ୍ରଦାନ କରିଥିଲେ। ବଡଛାପଲ ପଞ୍ଚାୟତର ସରପଞ୍ଚ ଏବଂ ବାବୁରିକାନି ଗାଁର ୱାର୍ଡ ସଭ୍ୟ ସ୍ୱପ୍ନେଶ୍ୱର କିଶାନ ଉପସ୍ଥିତ ଥିଲେ। ବଡ଼ଛାପଲ ଜନଜାତି ଜୀବିକା ପରିଷଦରୁ ଆସିଥିବା ୭୫ ଜଣ ଚାଷୀଙ୍କୁ ସୋରିଷ ଚାଷ ପାଇଁ ଉନ୍ନତ ଧରଣର ବିହନ, ଜୈବିକ ସାର, ଅଣୁସାର ଏବଂ କୀଟନାଶକ ଔଷଧ ବିତରଣ କରାଯାଇଥିଲା। କାର୍ଯ୍ୟକ୍ରମକୁ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ବିଷୟ ବସ୍ତୁ ବିଶେଷଜ୍ଞ ଶରତ ଚନ୍ଦ୍ର ସାହୁ ପରିଚାଳନା କରିଥିଲେ। ଶେଷରେ ଦଶରଥ ବାଘ ଧନ୍ୟବାଦ ଅର୍ପଣ କରିଥିଲେ।

## ଦୁର୍ଘଟଣାରେ ଜଣେ ମୃତ, ଜଣେ ଆହତ

ଇବଥର୍ମାଲ,୧୦।୧୧(ସମିସ): ବନହରପାଲି ଥାନା ବନ୍ଧବାହାଲ ଫାଣ୍ଡି ଅଧୀନ ଇବଥର୍ମାଲ ବନ୍ଧବାହାଲ ରାସ୍ତାରେ ରବିବାର ରାତି ୧୦ଟାରେ ବାଇକ୍ ଦୁର୍ଘଟଣାରେ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଆଉ ଜଣେ ଗୁରୁତର ଆହତ ହୋଇଛନ୍ତି। ଆହତ ଜଣକ ବୁର୍ଲା ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ଜଣାପଡିଛି। ମୃତ ବ୍ୟକ୍ତି ଜଣକ ପ୍ରଦୀପ ପ୍ରଜାପତି (୩୭) ଏବଂ ଆହତ ଜଣକ ମନବୋଧ ତଣ୍ଡକାର (୬୦) ବୋଲି ସୂଚନା ରହିଛି। ପ୍ରଦୀପ ମୂଳତଃ ବିହାର ରାଜ୍ୟର ହୋଇଥିବା ବେଳେ ଖଡାମ ଗାଁରେ ରହି ଟ୍ରକ୍ ଡ୍ରାଇଭର କାମ କରୁଥିଲେ। ଆହତ ମନବୋଧ ସରଣ୍ଡାମାଲ ପଞ୍ଚାୟତ ଫଟା ଗାଁ ବାସିନ୍ଦା। ଗତକାଲି ତେଲେନପାଲି ବଜାର ପଡିଆରେ ବାବା ପଶ୍ଚିମେଶ୍ୱର ଯୁବକ ସଂଘ ପକ୍ଷରୁ ନୂଆଁଖାଇ ଭେଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିଲା। ଅଞ୍ଚଳର କଳାକାର ହିସାବରେ ମନବୋଧଙ୍କୁ ସମ୍ବର୍ଦ୍ଧିତ କରିବାକୁ ସେଠାକୁ ଡକା ହୋଇଥିଲା। କାର୍ଯ୍ୟକ୍ରମରୁ ବାଇକରେ ଫେରିବା ବାଟରେ ଅପରପକ୍ଷରୁ ପ୍ରଦୀପଙ୍କ ବାଇକ ସହ ଲାଲଧାରୀ କମ୍ପ୍ଲେକ୍ସ ନିକଟରେ ଧକ୍କା ହୋଇଥିଲା। ଏଥିରେ ଉଭୟେ ଛିଟିକି ପଡିଥିଲେ। ଖବରପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ମନବୋଧଙ୍କୁ ବୁର୍ଲା ସ୍ଥାନନ୍ତର କରିବା ସହ ଅତି ଗୁରୁତର ଥିବା ପ୍ରଦୀପଙ୍କୁ ଟିଆରଏଲ ଡାକ୍ତରଖାନା ନେଇଥିଲା। ହେଲେ ସେଠାରେ ଡାକ୍ତର ପ୍ରଦୀପଙ୍କୁ ମୃତ ଘୋଷଣା କରିଥିଲେ। ଅଭିଲେଖ ତ୍ରିପାଠୀଙ୍କ ଲିଖିତ ଅଭିଯୋଗ ପରେ ବନହରପାଲି ପୁଲିସ ଏ ସଂମ୍ପର୍କରେ ଆଜି ଏକ ମାମଲା ରୁଜୁକରି ବାଇକ ଦୁଇଟିକୁ ଜବତ କରିଛି। ପ୍ରଦୀପଙ୍କ ମୃତ ଶରୀରର ବ୍ୟବଚ୍ଛେଦ କରାଯିବା ପରେ ତାଙ୍କ ଘର ବିହାରକୁ ପଠା ଯାଇଥିବା ବନ୍ଧବାହାଲ ଫାଣ୍ଡି ଅଧିକାରୀ ଗଣେଶ କଲେତ କହିଛନ୍ତି।

## ମହିଳାଙ୍କୁ ଘରେ ପଶି ହତ୍ୟା, ସୁନା ଚେନ ଲୁଟ୍

ଝାରସୁଗୁଡ଼ା,୧୦।୧୧(ସମିସ): ଝାରସୁଗୁଡ଼ା ଜିଲ୍ଲା ରେଙ୍ଗାଲି ଥାନା ଅଧୀନ ଅତାବିରା ସାହୁ ପଡାରେ ଦୁର୍ବୃତ୍ତମାନେ ଘରେ ପଶି ଜଣେ ବୃଦ୍ଧ ମହିଳାଙ୍କୁ ହତ୍ୟା କରିବା ସହ ସୁନା ଚେନ, ଗହଣା ଲୁଟି ନେଇଛନ୍ତି। ମୃତ ବୃଦ୍ଧା ଜଣକ ଲୋପାମୁଦ୍ରା ସାହୁ(୭୬) ବୋଲି ଜଣାପଡିଛି। ଖବର ପାଇ ଝାରସୁଗୁଡ଼ା ଏସ୍‌ପି, ବ୍ରଜରାଜନଗର ଏସଡିପିଓ, ରେଙ୍ଗାଲୀ ଥାନାଧିକାରୀ, ସାଇଣ୍ଟିଫିକ ଟିମ, ଡଗ୍ ସ୍କ୍ୱାଡ଼ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଘରେ କେହି ନଥିବା ସୁଯୋଗ ନେଇ ଦୁର୍ବୃତ୍ତ ମାନେ ଘରେ ପଶିଥିଲେ। ବୃଦ୍ଧାଙ୍କୁ ତଣ୍ଟି ଚିପି ହତ୍ୟା କରିବା ସହ ସେ ପିନ୍ଧିଥିବା ସୁନା ଅଳଙ୍କାର ଓ ଟଙ୍କା ନେଇ ଫେରାର ହୋଇଛନ୍ତି।

## ଜଙ୍ଗଲ ରାସ୍ତାକଡ଼ରୁ ଶିଶୁକନ୍ୟା ଉଦ୍ଧାର

ଝାରସୁଗୁଡ଼ା,୧୦।୧୧(ସମିସ): ଝାରସୁଗୁଡ଼ା ଜିଲ୍ଲା ଲଇକେରା ଥାନା ଅଧୀନ କାଦୋବାହାଲ ଜଙ୍ଗଲ ରାସ୍ତାରୁ ଜଣେ ଛଅ ଦିନର ଶିଶୁ କନ୍ୟାକୁ ରବିବାର ସନ୍ଧ୍ୟାରେ ଉଦ୍ଧାର କରାଯାଇଛି। ଜଙ୍ଗଲ ରାସ୍ତା ଦେଇ ଆସୁଥିବା ବେଳେ ଜଣେ ମହିଳା ଜଙ୍ଗଲରେ ଶିଶୁଟିଏ କାନ୍ଦୁଥିବା ଶୁଣିବାକୁ ପାଇଥିଲେ। ପାଖକୁ ଯିବା ପରେ ସଫା, ନୂଆ ପୋଷାକ ପିନ୍ଧିଥିବା ଗୋଟିଏ ଶିଶୁ କନ୍ୟା ଜଙ୍ଗଲରେ ପଡ଼ିଥିବା ଦେଖିଥିଲେ। ତୁରନ୍ତ ସେ ଶିଶୁକୁ ଆଣି ଲଇକେରା ଥାନା ଅଧୀନ ବାଗଡିହି ଫାଣ୍ଡି ପୁଲିସ ଠାରେ ସୂଚନା ଦେଇଥିଲେ। ପୁଲିସ ଉଦ୍ଧାର ହୋଇଥିବା ସ୍ଥାନକୁ ଯାଇ ତଦନ୍ତ କରିବା ସହିତ ଘଟଣା ସମ୍ପର୍କରେ ସିଡବ୍ଲ୍ୟୁସିକୁ ଅବଗତ କରିଥିଲା। ଝାରସୁଗୁଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଉଦ୍ଧାର ଶିଶୁକନ୍ୟାର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି। ଡାକ୍ତରଙ୍କ କହିବାନୁସାରେ ଶିଶୁକନ୍ୟାଟି ୬ ଦିନର ବୋଲି ଜଣାପଡିଛି। ଜନ୍ମର ପଞ୍ଚମ ଦିନରେ ଶିଶୁଟିକୁ ସଜାଇ ନୂଆ ପୋଷାକ ପିନ୍ଧାଇ ଜଙ୍ଗଲରେ ଛାଡ଼ିଦିଆ ଯାଇଥିବା ଜଣାପଡ଼ିଛି। ଅନ୍ୟପଟେ ଝାରସୁଗୁଡ଼ା ସିଡବ୍ଲ୍ୟୁସି ଅଧ୍ୟକ୍ଷ ଆଶିଷ ପଣ୍ଡା ଘଟଣାକୁ ଅତି ଗୁରୁତର ଭାବେ ନେଇଛନ୍ତି। ନିଜ ତଦାରଖରେ ଶିଶୁକନ୍ୟାର ଚିକିତ୍ସା କଥା ବୁଝୁଛନ୍ତି। ଲଇକେରା ପୁଲିସକୁ ଘଟଣାର ପୁଙ୍ଖାନୁପୁଙ୍ଖ ଯାଞ୍ଚ ପାଇଁ କହିଛନ୍ତି। ଏହା ସହିତ ଉଦ୍ଧାର ପରେ ଶିଶୁକନ୍ୟାର ପୋଷ୍ୟ ସନ୍ତାନ ଗ୍ରହଣ ପ୍ରକ୍ରିୟା ଉପରେ ଆଲୋଚନା କରାଯାଉଥିବା ସିଡବ୍ଲ୍ୟୁସି ଅଧ୍ୟକ୍ଷ ଆଶିଷ ପଣ୍ଡା ସୂଚନା ଦେଇଛନ୍ତି। ମାତ୍ର ୬ ଦିନର ଶିଶୁକନ୍ୟାକୁ ଜଙ୍ଗଲ ମଝିରେ ଫିଙ୍ଗିଦେବା ଏକ ବିରଳ ଘଟଣା। କାଦୋବାହଲ ଜଙ୍ଗଲକୁ ଯାଇଥିବା ରାସ୍ତାର ବିଭିନ୍ନ ସ୍ଥାନରେ ଥିବା ସିସିଟିଭି ତଦନ୍ତ କରାଯାଉଛି। ଉଦ୍ଧାର କରିଥିବା ମହିଳା ଜଣଙ୍କ ବୟାନ ରେକର୍ଡ କରି ତଦନ୍ତ କରାଯିବ ବୋଲି ଲଇକେରା ଥାନା ଅଧିକାରୀ ଦିଲ୍ଲୀପ ବେହେରା ସୂଚନା ଦେଇଛନ୍ତି।



## ବୈଦିକ ଆର୍ଯ୍ୟ ସମାଜର ନୂତନ କର୍ମକର୍ତ୍ତା ଚୟନ

ଝାରସୁଗୁଡ଼ା,୧୦।୧୧(ସମିସ): ବୈଦିକ ଆର୍ଯ୍ୟ ସମାଜର ଝାରସୁଗୁଡ଼ା ଶାଖାର ଭଞ୍ଜା ସ୍ଥିତ ମନୁର୍ଭବ ଆଶ୍ରମ ଠାରେ କର୍ମ କର୍ତ୍ତା ଚୟନ ନିମନ୍ତେ ବୈଠକ ହୋଇଯାଇଛି। ସଭାପତି ତଥା ନବ ପ୍ରଭାତ ଆଶ୍ରମର ମୁଖ୍ୟ ଆଚାର୍ଯ୍ୟ ବୃହସ୍ପତି ଶାସ୍ତ୍ରୀ, ସହ ସମ୍ପାଦକ ରାଜ ବରାଡ, ମହାମନ୍ତ୍ରୀ ପଣ୍ଡିତ ଧନୁର୍ଦ୍ଧର ମହାପାତ୍ରଙ୍କ ତତ୍ତ୍ୱାବଧାନରେ ସଭା ପରିଚାଳିତ ହୋଇଥିଲା। କମିଟି ତରଫରୁ ସଭାପତି ଭାବେ ଡୋଲାମଣି ପଟେଲ, ସାଧାରଣ ସମ୍ପାଦକ ଇଂ.ପ୍ରକାଶ ସାହୁ, ସହସମ୍ପାଦକ ପୁରୁଷୋତ୍ତମ ଭୋଇ, କୋଷାଧ୍ୟକ୍ଷ ତରୁଣ ଲାଲ ସାହୁଙ୍କୁ ବିଧିବଦ୍ଧ ଭାବେ ଘୋଷଣା କରାଗଲା। ସୁନ୍ଦରଗଡ ଜିଲ୍ଲାର ବୈଦିକ ଆର୍ଯ୍ୟ ସମାଜର ସଭାପତି ପଣ୍ଡିତ ବାସୁଦେବ ହୋତା, ମନୁର୍ଭବ ଆଶ୍ରମର ସଞ୍ଚାଳକ ଡ.କୁମେନ୍ଦୁ ପଟେଲ, ଗୁରୁକୁଳ ବେଦବ୍ୟାସ ରାଉରକେଲାର ଅଧ୍ୟକ୍ଷ ଆଚାର୍ଯ୍ୟ ଯୋଗେନ୍ଦ୍ର ଉପାଧ୍ୟାୟ, ଚନ୍ଦନ ନିଖୁଣ୍ଟିଆ, ଉମାକାନ୍ତ ମେହେର, ଯୋଗେଶ୍ୱର ସାହୁ ଏବଂ ଅନ୍ୟାନ୍ୟ ଶତାଧିକ ଆର୍ଯ୍ୟ ସମାଜ ସଦସ୍ୟ ତଥା ସନାତନ ପ୍ରେମୀ ବନ୍ଧୁ ବାନ୍ଧବଙ୍କର ସମାଗମ ହୋଇଥିଲା। ଏଥିରେ ସନାତନ ହିନ୍ଦୁ ଧର୍ମକୁ ରକ୍ଷା କରାଯାଇ ବୈଦିକ ଯଜ୍ଞ କିଭଳି ଭାବେ ଆୟୋଜନ କରାଯାଇପାରିବ ସେ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା।

## ୱିନର୍ ବ୍ରାଇଟ୍ ଫ୍ୟୁଚର୍ ସ୍କୁଲର ଦଶମ ବାର୍ଷିକ ଉତ୍ସବ



ପଦ୍ମପୁର,୧୦।୧୧(ସମିସ): ୱିନର୍ ବ୍ରାଇଟ୍ ଫ୍ୟୁଚର୍ ସ୍କୁଲର ବାର୍ଷିକ ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ଉତ୍ସବ ନାରୀ ସଶକ୍ତିକରଣ ଉପରେ ଆଧାରିତ ହୋଇଥିଲା। ବିଦ୍ୟାଳୟର ଅଧ୍ୟକ୍ଷା ଅପାଲି ଅପରାଜିତା ଦାଶ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପ୍ରଥମ ଦିବସରେ ପଦ୍ମପୁର ଥାନାର ଭାରପ୍ରାପ୍ତ ଥାନା ଅଧିକାରୀ ମମତା ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଦ୍ୱିତୀୟ ଦିବସରେ ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଦିଲ୍ଲୀରୁ ଆସିଥିବା ଅବସରପ୍ରାପ୍ତ ଭାରତୀୟ ବାୟୁସେନା ଅଧିକାରୀ ସଞ୍ଜୟ ମିଶ୍ର ମଞ୍ଚାସୀନ ଥିଲେ। ତାଙ୍କ ସହ ବିଦ୍ୟାଳୟର ଚେୟାରମ୍ୟାନ ଶ୍ରୀକାନ୍ତ ମିଶ୍ର, ଟ୍ରଷ୍ଟି ସଂଯୁକ୍ତା ମିଶ୍ର, ଉପାଧ୍ୟକ୍ଷ ପଦ୍ମନାଭ ପଣ୍ଡା ଏବଂ ସଂଯୋଜିକା ନିବେଦିତା ଦାସ ଉପସ୍ଥିତ ଥିଲେ। ଦୁଇ ଦିନ ଧରି ଚାଲିଥିବା ବାର୍ଷିକ ଉତ୍ସବରେ କୁନିକୁନି ଛାତ୍ରଛାତ୍ରୀଙ୍କ ଦ୍ୱାରା ନୃତ୍ୟ, ଗୀତ, ନାଟକ ପରିବେଷିତ ହୋଇଥିଲା।

## ନିଷ୍ଠା ପରିବାର ଦ୍ୱାରା ଅସହାୟ ବୃଦ୍ଧାଙ୍କ ଥଇଥାନ

ବରଗଡ଼,୧୦।୧୧(ସମିସ): ବରଗଡ଼ ୱାର୍ଡ ନମ୍ବର ୩ରେ ଅସହାୟ ଅବସ୍ଥାରେ ଥିବା ଜଣେ ବୃଦ୍ଧ ମହିଳାଙ୍କୁ ନିଷ୍ଠା ପରିବାର ତରଫରୁ ଥଇଥାନ କରାଯାଇଛି। ଗତ ୨୨ ତାରିଖ ବୃଦ୍ଧ ମହିଳା ଜଣକ ଉଲଗ୍ନ ଅବସ୍ଥାରେ ନିଜ ଝାଡା ପରିସ୍ରାରେ ଘାଣ୍ଟି ହୋଇ ଅତ୍ୟନ୍ତ ଶୋଚନୀୟ ଭାବେ ପଡ଼ି ରହିଥିବା ଦେଖା ଦେଇଥିଲା। ପଡାର ରାଜୁ ପ୍ରଧାନ ୧୦୮ ଆମ୍ବୁଲାନ୍ସ ଯୋଗେ ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚାଇଥିଲେ। ନିଷ୍ଠା ପରିବାର ଓ ଡାକ୍ତରଖାନାର କର୍ମଚାରୀଙ୍କ ଦୀର୍ଘ ଦିନର ଚିକିତ୍ସା ଓ ସେବା ପରେ ବର୍ତ୍ତମାନ ସେ ସମ୍ପୂର୍ଣ୍ଣ ସୁସ୍ଥ ହୋଇଛନ୍ତି। ତାଙ୍କର କେହି ନିଜ ଲୋକ ନାହାନ୍ତି। ଭେଡେନ ବଡ ପିପିଲିପାଲି ଠାରେ ଥିବା ଆନନ୍ଦସେବା ସଦନରେ ନିଷ୍ଠା ପରିବାର ସଦସ୍ୟ ତାଙ୍କୁ ଥଇଥାନ କରିଛନ୍ତି। ନିଷ୍ଠା ପରିବାର ତରଫରୁ ଆନନ୍ଦ ଭାଇ ଓ ମମତା ଭଉଣୀ ଏହି ମହତ କାର୍ଯ୍ୟରେ ସହଯୋଗ କରିଆସିଛନ୍ତି।



## ବେଲପାହାଡ଼ରେ ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ



ଝାରସୁଗୁଡ଼ା,୧୦।୧୧(ସମିସ): ଝାରସୁଗୁଡ଼ା ଜିଲ୍ଲା ବେଲପାହାଡ ପୁଲିସ ପକ୍ଷରୁ ଗୁମାଡେରା ଜୁବୁଲି ହଲଠାରେ ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ବେଲପାହାଡ ଥାନାଧିକାରୀ କୃଷ୍ଣଚନ୍ଦ୍ର ମେହେର ଏଥିରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ଝାରସୁଗୁଡ଼ା ଏସପି ଜି.ରାଘବେନ୍ଦ୍ରେ ରେଡ୍ଡୀ ସାଇବର କ୍ରାଇମ ଠକେଇ ଓ ଏଥିରୁ ସୁରକ୍ଷିତ ରହିବା ଉପାୟ ନେଇ ଅବଗତ କରାଇଥିଲେ। ଅସୁରକ୍ଷିତ ଲିଙ୍କକୁ ନ ଖୋଲିବା ତଥା ଇଣ୍ଟରନେଟର ସୁରକ୍ଷିତ ବ୍ୟବହାର ଉପରେ ମାର୍ଗଦର୍ଶନ କରିଥିଲେ। ସମ୍ମାନିତ ଅତିଥି ଭାବେ ଟିଆରଏଲ କ୍ରୋସାକି କମ୍ପାନୀର ବରିଷ୍ଠ ଅଧିକାରୀ ସୁଶାନ୍ତ ଦାଶ, ହେରମ୍ବ ନାୟକ, ପୁଲିସ ଇନ୍ସପେକ୍ଟର ବନ୍ଦନା ନାଏକ ପ୍ରମୁଖ ସାମିଲ ଥିଲେ। ‘ଷ୍ଟପ, ଭେରିଫାଏ, ବି ସିକ୍ୟୋର’ ପନ୍ଥା ଅବଲମ୍ବନ କରି ସାଇବର ଠକେଇରୁ ବର୍ତ୍ତି ହେବ ବୋଲି କହିଥିଲେ। ଏହି ଅବସରରେ ବେଲପାହାଡ ମିରର ଥିଏଟରର ନିର୍ଦ୍ଦେଶକ ଡ.ସୁବାସ ଚନ୍ଦ୍ର ପ୍ରଧାନଙ୍କ ନିର୍ଦ୍ଦେଶନାରେ କଳାକାରମାନେ ସାଇବର ସଚେତନତା ଉପରେ ଆଧାରିତ ନାଟକ ‘ସାପୁଆ କେଳା’ ପ୍ରଦର୍ଶନ କରିଥିଲେ। ଏହାସହ ନୃତ୍ୟ ମାଧ୍ୟମରେ ସଚେତନତାର ବାର୍ତ୍ତା ମଧ୍ୟ ଦେଇଥିଲେ।

## ଆଦାନୀ ଫାଉଣ୍ଡେସନ୍ ପକ୍ଷରୁ ଯକ୍ଷ୍ମାରୋଗୀଙ୍କୁ ଖାଦ୍ୟ ବଣ୍ଟନ

ବରଗଡ଼,୧୦।୧୧(ସମିସ): ବରଗଡ଼ ଜିଲ୍ଲା ଆଦାନୀ ଫାଉଣ୍ଡେସନ୍ ପକ୍ଷରୁ ଯକ୍ଷ୍ମାରୋଗୀଙ୍କୁ ସ୍ୱାସ୍ଥ୍ୟ ସଚେତନ କରାଯିବା ସହିତ ପୁଷ୍ଟିକର ଖାଦ୍ୟ ପୁଡ଼ିଆ ବଣ୍ଟନ କରାଯାଇଛି। କାର୍ଯ୍ୟକ୍ରମରେ ଯକ୍ଷ୍ମାରୋଗରେ ଆକ୍ରାନ୍ତ ଥିବା କଟାପାଲି, ବରଡୋଲ, ବରଗାଁ, ଖଲିଆପାଲି ପଞ୍ଚାୟତ ଅଧୀନ ୩୦ ଜଣ ରୋଗୀଙ୍କୁ ୬ ମାସ ପାଇଁ ପୁଷ୍ଟିକର ଖାଦ୍ୟ ଯୋଗାଇବା ପାଇଁ ଆଦାନୀ ଫାଉଣ୍ଡେସନ୍ ପୌଷ୍ୟ ଭାବେ ଗ୍ରହଣ କରିଛନ୍ତି। କେନ୍ଦ୍ର ସରକାରଙ୍କ ‘ପ୍ରଧାନମନ୍ତ୍ରୀ ଟିବି ମୁକ୍ତ ଭାରତ ଅଭିଯାନ’ ଯୋଜନା ଅନୁଯାୟୀ ଯକ୍ଷ୍ମାରୋଗୀଙ୍କୁ ପୌଷ୍ୟ ଭାବେ ଗ୍ରହଣ କରି ପୁଷ୍ଟିକର ଖାଦ୍ୟ ତଥା ଆବଶ୍ୟକ ଖର୍ଚ୍ଚ ବହନ କରୁଥିବା ସ୍ୱେଚ୍ଛାସେବୀଙ୍କୁ ‘ନିକ୍ଷୟ ମିତ୍ର’ ମାନ୍ୟତା ଦିଆଯାଇଛି। ଆଜିର କାର୍ଯ୍ୟକ୍ରମରେ ଆଦାନୀ ଫାଉଣ୍ଡେସନ୍ ସିଏମ୍‌ଓ ସୁଦୀପ ଦାସ ଗୁପ୍ତା, ପ୍ଲାଣ୍ଟ ମ୍ୟାନେଜର ସୁକାନ୍ତ ସାମନ୍ତ, ସିନିୟର ମ୍ୟାନେଜର ଡ.ସୁଜିତ ନାୟକ, ଜିଲ୍ଲା ଯକ୍ଷ୍ମା ଅଧିକାରୀ ଡ.ବିନୟ ବେହେରା ଓ ବରିଷ୍ଠ ଟିବି ସୁପରଭାଇଜର୍ ନୟନୀ ବାଗ ପ୍ରମୁଖ ଉପସ୍ଥିତ ଥିଲେ।



## ଜଳଖିଆ ଦୋକାନ ମାଲିକଙ୍କୁ ଜାତିଆଣ ଆକ୍ଷେପ, ଥାନାରେ ମାମଲା

ଝାରସୁଗୁଡ଼ା,୧୦।୧୧(ସମିସ): ଝାରସୁଗୁଡ଼ା ବଡ଼ମାଳ ଥାନା ଅଧୀନ କୁରେବଗା ଗାଁରେ ଜଳଖିଆ ଦୋକାନୀଙ୍କୁ ଜାତିଆଣ ଆକ୍ଷେପ ଓ ଭଙ୍ଗାରୁଜା ନେଇ ଅଭିଯୋଗ ପରେ ମାମଲା ରୁଜୁ ହୋଇଛି। ବଡ଼ମାଳ ଷ୍ଟାରଲାଇଟ କମ୍ପାନୀ ରାସ୍ତାରେ କୁରେବଗା ଗାଁର ରୋହିତ ନାଇକ (୪୩)ଙ୍କର ଜଳଖିଆ ଦୋକାନ ରହିଛି। ସେହି ଗାଁର କିଷାନ ପଡାର ବଳରାମ କିଷାନ, ବୁଡାପଡା ଅଞ୍ଚଳର ଗୌତମ ସିଂ ଦେଓଙ୍କ ସହିତ ଆଉ ୪ ଯୁବକ ଶନିବାର ରୋହିତଙ୍କୁ ଜାତିଆଣ ଆକ୍ଷେପ ସହିତ ହୁଡ଼ାକୁଡା କରି ଦୋକାନର ବାସନକୁସନ ଭାଙ୍ଗିଥିଲେ। ଏହାସହ ରୋହିତଙ୍କ ଭଉଣୀଙ୍କୁ ଧକ୍କା ଦେଇ ଚାଲିଯାଇଥିଲେ। ଏହାପରେ ରୋହିତ ବଡମାଳ ଥାନାରେ ଅଭିଯୋଗ କରିଥିଲେ। ରୋହିତଙ୍କ ଅଭିଯୋଗ ମୁତାବକ ବଡମାଳ ଥାନାରେ ଏକ ଜାତିଆଣ ମାମଲା ରୁଜୁ କରା ଯାଇଥିବା ବେଳେ ବଡମାଳ ପୁଲିସ ଘଟଣାର ତଦନ୍ତ କରୁଛି।

## ଶୁଣ୍ଢୀ ସମାଜର ପାରିବାରିକ ବନ୍ଧୁ ମିଳନ



ବରଗଡ଼,୧୦।୧୧(ସମିସ): ବରଗଡ଼ ନିକଟସ୍ଥ ବରଗାଁ ଶିଶୁ ବଣରେ ଶୁଣ୍ଢୀ ସମାଜର ପାରିବାରିକ ବନ୍ଧୁ ମିଳନ ହୋଇଯାଇଛି। ନାରୀମାନଙ୍କ ସଂଯୋଜନାରେ ହୋଇଥିବା ଏହି ବନ୍ଧୁ ମିଳନରେ ୨୦ଟି ପରିବାର ଯୋଗ ଦେଇଥିଲେ। ପାଣ୍ଡବ ବେହେରା ଏହି ବନ୍ଧୁ ମିଳନର ଉଦ୍ଦେଶ୍ୟ ତଥା ସମାଜର ଅନ୍ୟାନ୍ୟ କାର୍ଯ୍ୟକଳାପ ସମ୍ପର୍କରେ ଆଲୋକପାତ କରିଥିଲେ। ସଭାପତି ଉଦ୍ଧବ ଚରଣ ବେହେରା ନୂଆଁଖାଇ ଭେଟଘାଟ, ନାରୀ ସମ୍ମିଳନୀ, ରକ୍ତଦାନ ଶିବିର ଓ ଏହି ବନ୍ଧୁ ମିଳନର ଆୟ ବ୍ୟୟ ଉପସ୍ଥାପନ କରିଥିଲେ। ସଭାରେ ସମସ୍ତେ ସମାଜର ଉନ୍ନତି ସକାଶେ ନିଜ ନିଜର ପ୍ରସ୍ତାବ ଓ ମତାମତ ରଖିଥିଲେ। କାର୍ଯ୍ୟକ୍ରମରେ ରବୀନ୍ଦ୍ର ସାହୁ, ବୁଦ୍ଧଦେବ ବେହେରା, ଗିରିଶ ବେହେରା, ଶରତ ବେହେରା, ଅଶୋକ ବେହେରା, ଶ୍ରିବନ୍ତ ସାହୁ, ଅଶୋକ ପରିଡା, ନିରଞ୍ଜନ ବେହେରା, ସୁଧାଂଶୁ ବେହେରା, କୌସ୍ତୁଭ ବେହେରା, ଅମୃତଲାଲ୍ ବେହେରା, ଉମେଶ ଚନ୍ଦ୍ର ସାହୁ, ରୀନା ବେହେରା, ବବିତା ବେହେରା ଓ ମନିଶ ବେହେରା ସପରିବାର ଯୋଗ ଦେଇଥିଲେ। ଶେଷରେ ଅଧ୍ୟାପିକା ଅନୁପମା ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ଦେବଗଡ଼ରେ ଯୁଗ୍ମ ଅଭିଯୋଗ ଶୁଣାଣି

ଦେବଗଡ଼,୧୦।୧୧(ସମିସ): ତିଳେଇବଣି ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷଠାରେ ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଜିଲ୍ଲାପାଳ କବିନ୍ଦ୍ର ସାହୁ ୨୦ଟି ଅଭିଯୋଗ ଗ୍ରହଣ କରିବା ସହ ଆବଶ୍ୟକ ପଦକ୍ଷେପ ନେବା ପାଇଁ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅଭିଯୋଗ ମଧ୍ୟରେ ୧୪ଟି ବ୍ୟକ୍ତିଗତ ଏବଂ ୬ଟି ସାମୂହିକ ଅଭିଯୋଗ ରହିଥିବା ଜଣାପଡିଛି। ବିଶେଷ କରି ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ବିଦ୍ୟୁତ୍ ସଂଯୋଗୀ କରଣ, କଙ୍କ୍ରିଟ ରାସ୍ତା ନିର୍ମାଣ, ଛେଳି ଗୁହାଳ ଓ ଆଦର୍ଶ ଖେଳପଡିଆ ନିର୍ମାଣ ପ୍ରମୁଖ ସମାଧାନ ପାଇଁ ଅଭିଯୋଗ ହୋଇଥିଲା। ଶିବିରରେ ଅନ୍ୟ ମାନଙ୍କ ମଧ୍ୟରେ ଆରକ୍ଷୀ ଅଧୀକ୍ଷକ ଅନିଲ ମିଶ୍ର, ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ରାଜେନ୍ଦ୍ର ମିଞ୍ଜ, ଉପଜିଲ୍ଲାପାଳ ପରକ୍ଷିତ ସାହୁ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରିୟଦର୍ଶିନୀ ମିର୍ଦ୍ଧା, ଡେପୁଟି କଲେକ୍ଟର ଅଞ୍ଜନି କୁଜୁର, ସହକାରୀ ଜିଲ୍ଲାପାଳ ହେମନ୍ତ ସିଂ ସମେତ ସମସ୍ତ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ।

## ବ୍ଲକ୍‌ସ୍ତରୀୟ ଜନଅଭିଯୋଗ ଶୁଣାଣି ଶିବିର

ଇବଥର୍ମାଲ/ଝାରସୁଗୁଡ଼ା,୧୦।୧୧(ସମିସ):

ଝାରସୁଗୁଡ଼ା ଜିଲ୍ଲା ଲଖନପୁର ବ୍ଲକ୍ ବନ୍ଧବାହାଲ ପଞ୍ଚାୟତ ଠାରେ ବ୍ଲକ୍‌ସ୍ତରୀୟ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ କୁନାଲ ମୋତିରାମ ଚହ୍ୱାଣ ଏଥିରେ ଅଧ୍ୟକ୍ଷତା କରିଥିଲେ। ଶିବିରରେ ଆରକ୍ଷୀ ଅଧୀକ୍ଷକ ଗୁଣ୍ଡାଲା ରାଘବେନ୍ଦ୍ର ରେଡ୍ଡୀ, ଏଡିଏମ୍ ବ୍ରଜବନ୍ଧୁ ଭୋଇ, ବିଡିଓ ଲଖନପୁର ପ୍ରଜ୍ଞାନନ୍ଦ ଗିରି, ଆଡିସିନାଲ ସବକଲେକ୍ଟର ଭିକ୍ଟୋରିଆ ଏକ୍କା, ଜିଲ୍ଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଗଡାଣିଆ, ଲଖନପୁର ତହସିଲଦାର ପ୍ରସନ୍ନ ପଟେଲଙ୍କ ସମେତ ଜିଲ୍ଲାସ୍ତରୀୟ ଓ ବ୍ଲକ୍‌ସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଶିବିରରେ ମୋଟ ୪୯ଟି ଅଭିଯୋଗ ଆଗତ ହୋଇଥିଲା। ତନ୍ମଧ୍ୟରୁ ୨୫ଟି ବ୍ୟକ୍ତିଗତ ଓ ୨୪ଟି ସାମୂହିକ ଅଭିଯୋଗ ରହିଥିଲା। ଶିବିରରେ ବନ୍ଧବାହାଲ ମୁଖ୍ୟ ରାସ୍ତାରେ ଟ୍ରାଫିକ ସମସ୍ୟା ପାଇଁ ଜବରଦଖଲ ଉଚ୍ଛେଦ ସହ ରାସ୍ତା ପାଇଁ ଜମି ଚିହ୍ନଟ, ରାସ୍ତାରେ ଚାଲୁଥିବା ଡ୍ରେନ ପାଣିର ନିରାକରଣ, ଜମି ବିବାଦ, ୧୦ ଡିସିମିଲ ଘରଡିହ ଜମି ପ୍ରଦାନ, ବନ୍ଧବାହାଲ ପଞ୍ଚାୟତ ଇସି ମାନଙ୍କ ପ୍ରାପ୍ୟ ପ୍ରଦାନ, ଚାଷଜମି ପୁନଃରୁଦ୍ଧାର ଓ କ୍ଷତିପୂରଣ ପ୍ରଦାନ, ପିଏମଜିଏସୱାଇରେ ଅଧିକୃତ ଚାଷ ଜମିରେ କ୍ଷତିପୂରଣ, ପାନୀୟ ଜଳ ଯୋଗାଣ, କଣ୍ଡେଇଖେଲାକୁ ଲକ୍ଷ୍ମୀ ବସ ଚଳାଚଳ କରାଯିବା, ନିଯୁକ୍ତି ସମ୍ବନ୍ଧରେ ସାମୂହିକ ଅଭିଯୋଗ ଗୁଡ଼ିକର ଶୁଣାଣି କରାଯାଇଥିଲା। ବିଶେଷ କରି ରାଜସ୍ୱ ବିଭାଗରେ ଲୋକ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ ହୋଇଥିଲା। ଏହାସହ ଇଏମସିଏଲ୍ କୋଲ୍ ୱାସେରୀ ବିରୋଧରେ ବାରମ୍ବାର ଅଭିଯୋଗ ପରେବି କୌଣସି କାର୍ଯ୍ୟାନୁଷ୍ଠାନ ହେଉ ନଥିବା ଅଭିଯୋଗ ହୋଇଥିଲା। ଏହାସହ ବ୍ୟକ୍ତିଗତ ଅଭିଯୋଗ ସମ୍ପର୍କରେ ଶୁଣାଣି କରା ଯାଇଥିଲା। ସମ୍ପୃକ୍ତ ଅଧିକାରୀ ମାନଙ୍କୁ ତର୍ଜମା ପୂର୍ବକ ଅଭିଯୋଗ ସମାଧାନ ଦିଗରେ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ଅବସରରେ ପଞ୍ଚାୟତ ପକ୍ଷରୁ ସମିତି ସଭ୍ୟା ପଦ୍ମିନୀ ସିଂ ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କୁ ଉତ୍ତରୀୟ ପ୍ରଦାନକରି ସ୍ୱାଗତ କରିଥିଲେ।





# ଏଆର୍‌ସିରେ ତାଲା; ଫେରୁଛନ୍ତି ଦିବ୍ୟାଙ୍ଗ

ଭୁବନେଶ୍ୱର, ୧୦ା୧୧(ସମିସ): ପରିଚାଳନାଗତ ତ୍ରୁଟି ପାଇଁ ଦେଢ଼ବର୍ଷ ହେଲା ବନ୍ଦ ହୋଇପଡ଼ିଛି ରାଜ୍ୟର ଅତ୍ୟାଧୁନିକ ପୁନର୍ବାସ କେନ୍ଦ୍ର(ଆଡଭାନ୍ସ ରିହାବିଲିଟେସନ୍ ସେଣ୍ଟର-ଏଆର୍‌ସି)। ଫଳରେ ବିଭିନ୍ନ ଜିଲ୍ଲାରୁ ଏଠାକୁ ଚିକିତ୍ସା ଆଶାରେ ଆସି ନିରାଶ ହୋଇ ଫେରୁଛନ୍ତି ଦିବ୍ୟାଙ୍ଗ ବ୍ୟକ୍ତି।




## ଦେଢ଼ବର୍ଷ ହେଲା ସେବା ପାଉନାହାନ୍ତି ଭିନ୍ନକ୍ଷମ

ସୂଚନା ଅନୁସାରେ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ୨୦୧୯ ମସିହା ମାର୍ଚ୍ଚ ମାସରେ କ୍ୟାପିଟାଲ ହସ୍ପିଟାଲ ପରିସରରେ ଆରମ୍ଭ କରାଯାଇଥିଲା ଅତ୍ୟାଧୁନିକ ପୁର୍ନବାସ କେନ୍ଦ୍ର ବା ଏଆରସି। ପ୍ରାୟ ୨୦ କୋଟି ଟଙ୍କା ବ୍ୟୟରେ ନିର୍ମିତ ଏହି ଅତ୍ୟାଧୁନିକ ପୁନର୍ବାସ କେନ୍ଦ୍ରରେ ରୋବଟିକ୍ ମେସିନ୍‌ର ମାଧ୍ୟମରେ ରୋଗୀଙ୍କ ଚିକିତ୍ସା କରାଯାଉଥିଲା। ଏହି ଅତ୍ୟାଧୁନିକ ମେସିନ୍ ଦ୍ୱାରା ଚାଲି ପାରୁ ନ ଥିବା ରୋଗୀର ଶରୀର ଓଜନକୁ ନିଜେ ଉଠାଇବା ସହ ଗାଇଡାନ୍ସ ଫୋର୍ସ ଦେଇଥାଏ। କିନ୍ତୁ ବର୍ତ୍ତମାନ ଏଠାରେ ଫିଜିଓଥେରାପି ସେଣ୍ଟର ଖୋଲାଯାଉଥିବା ବେଳେ ଗତ ୨୦୨୪ ମସିହା ଜୁନ୍ ମାସ ୧୮ ତାରିଖରୁ ଏଆରସିରେ ତାଲା ଝୁଲୁଛି। ଏପଟେ ଦୂରଦୂରାନ୍ତରୁ ଚିକିତ୍ସା ପାଇଁ ଆସୁଥିବା ଭିନ୍ନକ୍ଷମ ବ୍ୟକ୍ତିଙ୍କ ନିମନ୍ତେ ଏସଆଇଡିଆରରେ ରହିଥିବା ବେଡ୍ ଗୁଡ଼ିକ ମଧ୍ୟ ଫାଙ୍କା ପଡ଼ିଛି। ଏଠାରେ ଶରୀରର ବିଭିନ୍ନ ଅଙ୍ଗପ୍ରତ୍ୟେଙ୍ଗ ହରାଇଥିବା ବ୍ୟକ୍ତିଙ୍କୁ ଏଠାରେ କୃତ୍ରିମ ଅଙ୍ଗ ଯୋଗାଇ ଦିଆଯାଉଥିବାରୁ ରାଜ୍ୟର ବିଭିନ୍ନ ଜିଲ୍ଲାରୁ କୃତ୍ରିମ ଅଙ୍ଗ ଲଗାଇବା ସହ ଏହାକୁ ବଦଳାଇବା, ଯଦି କିଛି ସମସ୍ୟା ଉପୁଜିଥାଏ ତାହାର ଚିକିତ୍ସା କରିବା ଏବଂ ଆବଶ୍ୟକୀୟ ଉପକରଣ ନେବାକୁ ଆସିଥାନ୍ତି। ତେବେ ରାଉରକେଲା ଠାରେ ଯଦିଓ ରାଜ୍ୟର ଦ୍ୱିତୀୟ ଏଆର୍‌ସି ରହିଛି, କିନ୍ତୁ ଉକ୍ତ ଏଆରସି ଉପରେ ସେଠାକାର ୫ଟି ଜିଲ୍ଲାର ଲୋକ ନିର୍ଭର କରୁଥିବା ବେଳେ ଭୁବନେଶ୍ୱର ଏଆର୍‌ସି ଉପରେ ଅଧିକାଂଶ ଜିଲ୍ଲାର ଲୋକ ନିର୍ଭର କରିଥାନ୍ତି। ମାଗଣା ସେବା ସହ ରୋଗୀ ଏବଂ ସେମାନଙ୍କ ଆଟେଣ୍ଡାଣ୍ଟଙ୍କ ରହିବା ସୁବିଧା ମଧ୍ୟ ହସ୍ପିଟାଲ ପରିସରସ୍ଥିତ ଏସଆଇଡିଆର (ଷ୍ଟେଟ ଇନଷ୍ଟିଚ୍ୟୁଟ୍ ଅଫ୍ ଡିଜାବିଲିଟି ରିହାବିଲିଟେସନ୍)ରେ ରହିଛି। ଯେଉଁଠାରେ ରୋଗୀମାନେ ରହି ଉକ୍ତ ଏଆର୍‌ସିରେ ଚିକିତ୍ସିତ ହୋଇଥାନ୍ତି। ଏନେଇ ବିଭାଗୀୟ ବରିଷ୍ଠ ଅଧିକାରୀ କହିଛନ୍ତି ଯେ ଏଠାରେ ରହିଥିବା ମେସିନଗୁଡ଼ିକ ପୁରୁଣା ହୋଇଥିବାରୁ ତାହାକୁ ମରାମତି କରାଯିବା ପରେ ଏହା ଖୋଲାଯିବ। ବର୍ତ୍ତମାନ ଏହାର କାମ ଚାଲିଛି ଚଳିତ ବର୍ଷ ଶେଷ ସୁଦ୍ଧା କାମ ଶେଷ କରାଯାଇ ଏଆରସି କାର୍ଯ୍ୟକାରୀ କରାଯିବାର ଯୋଜନା ରହିଛି।

ସୂଚନା ଅନୁସାରେ, ଏହି ଏଆର୍‌ସି ଏକ ଘରୋଇ ସଂସ୍ଥା ସହ ୫ବର୍ଷିଆ ଚୁକ୍ତିନାମ ହୋଇଥିବା ବେଳେ କାର୍ଯ୍ୟକାଳ ଶେଷ ହେବା ପରେ ସରକାର ସିଧାସଳଖ ପଦବୀ ପୂରଣ ପାଇଁ ବିଜ୍ଞପ୍ତି ଜାରି କରାଯିବ ବୋଲି ବିଭାଗ ପକ୍ଷରୁ କୁହାଯାଇଥିଲା। ପୁଣି ଥରେ ଏଥିପାଇଁ ଟେଣ୍ଡର କରାଯାଇ ଷ୍ଟାଫ୍ ନିଯୁକ୍ତି ହୋଇଥିବା ଜଣାପଡ଼ିଛି।

# ଚେନ୍ ଛିନ୍‌ତାଇ କରି ଯୁବକ ଗିରଫ



ଭୁବନେଶ୍ୱର, ୧୦ା୧୧(ସମିସ): ଚେନ୍ ଛିନ୍‌ତାଇ ଅଭିଯୋଗରେ ଲକ୍ଷ୍ମୀସାଗର ଥାନା ପୁଲିସ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ଜଣଙ୍କ ହେଲେ ମହମ୍ମଦ ସୋହାଲି। ଅଭିଯୋଗକାରୀ ବିଶ୍ୱରଞ୍ଜନ ବେହେରାଙ୍କ ଏନେଇ ଲିଖିତ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ ହୋଇ ତଦନ୍ତ ଆରମ୍ଭ କରିଥିଲା। ସୂଚନାଯୋଗ୍ୟ ଝାରପଡ଼ା ଅଞ୍ଚଳରେ ରହୁଥିବା ବିଶ୍ୱରଞ୍ଜନ ବେହେରା ଗତ ୭ ତାରିଖରେ ଘର ସମ୍ମୁଖରେ ଛିଡା ହୋଇଥିଲେ। ଏହି ସମୟରେ ଅଭିଯୁକ୍ତ ଏମଡି ସୋହେଲ ଏବଂ ତାଙ୍କର ଜଣେ ସହଯୋଗୀ ଏକ ମୋଟରସାଇକେଲରେ ଆସି ବେକରୁ ସୁନା ଚେନ ଛିଣ୍ଡାଇ ନେଇଯାଇଥିଲେ। ଅଭିଯୋଗକାରୀ ଲକ୍ଷ୍ମୀସାଗର ମେଳଣ ପଡ଼ିଆ ପର୍ଯ୍ୟନ୍ତ ଦୁଇ ଅଭିଯୁକ୍ତଙ୍କର ପିଛା କରିଥିଲେ। କିନ୍ତୁ ମେଳଣ ପଡ଼ିଆ ନିକଟରେ ପୂର୍ବରୁ ଉପସ୍ଥିତ ଥିବା ଦୁଇ ଅଭିଯୁକ୍ତଙ୍କର ଅନ୍ୟ କିଛି ସହଯୋଗୀ ତାଙ୍କୁ ଟେକା, ପଥର ମାଡ଼ କରିଥିଲେ। ଫଳରେ ଅଭିଯୋଗକାରୀ ଆହତ ହୋଇ ସେଠାରୁ ଫେରି ଆସିଥିଲେ। ପୁଲିସ ଏକ ବିଶ୍ୱସ୍ତ ସୂଚନା ଆଧାରରେ ଚଢଉ କରି ସୋମବାର ଅଭିଯୁକ୍ତ ଏମଡି ସୋହେଲଙ୍କୁ ତାଙ୍କ ଘରୁ କାବୁ କରିବାରେ ସକ୍ଷମ ହୋଇଛି।

# ରାସ୍ତାକଡ଼ରେ ହଳଦୀପତ୍ର ପସରା



## ଦିନକ ପରେ ପ୍ରଥମାଷ୍ଟମୀ

ଭୁବନେଶ୍ୱର, ୧୦ା୧୧(ସମିସ): ଦିନକ ପରେ ପ୍ରଥମାଷ୍ଟମୀ। ଏଥିପାଇଁ ରାଜଧାନୀର ବିଭିନ୍ନ ସ୍ଥାନରେ ଦେଖାଯାଇଛି ହଳଦୀ ପତ୍ରର ପସରା। ପ୍ରତ୍ୟେକ ଗ୍ରାହକ ପରିବା ସାଙ୍ଗକୁ ହଳଦୀ ପତ୍ର ବିଡା ମଧ୍ୟ କିଣୁଥିବା ଦେଖାଯାଇଛି। ବଜାରରେ ହଳଦୀ ପତ୍ର ବିଡ଼ା ୨୦ଟଙ୍କାରେ ବିକ୍ରି ହେଉଥିବା ବେଳେ ଆଜି ଏହାର ଦର ୨୫ରୁ ୩୦ଟଙ୍କା ରହିଥିଲା। ପରମ୍ପରା ଅନୁସାରେ ଏଥିରେ ପିଠା ତିଆରି କରାଯାଇଥାଏ ବୋଲି ଦରକୁ ଖାତିର ନକରି ବୋହି ନେଉଛନ୍ତି ଲୋକେ। ତେବେ ରାଜଧାନୀକୁ ଆସୁଥିବା ହଳଦୀପତ୍ର ଗୁଡ଼ିକ କନ୍ଧମାଳ ଜିଲ୍ଲାର ରାଇକିଆ ଓ ନୟାଗଡ଼, ନିଆଳି, ପିପିଲି ଆଦି ଅଞ୍ଚଳରୁ ଅଣାଯାଉଥିବା ବ୍ୟବସାୟୀମାନେ କହିଛନ୍ତି।

# ଗୋଷ୍ଠୀସ୍ତରୀୟ କ୍ରୀଡ଼ା ପ୍ରତିଭା ଚୟନ କାର୍ଯ୍ୟକ୍ରମ ଉଦ୍‌ଯାପିତ

ବାଲିପାଟଣା, ୧୦ା୧୧(ସମିସ): ବ୍ଲକସ୍ତରରେ କ୍ରୀଡା ପ୍ରତିଭାର ଚୟନ ପାଇଁ ଆରମ୍ଭ ହୋଇଥିବା ପ୍ରତିଯୋଗିତା ନରିଶୋ ସରକାରୀ ଉଚ୍ଚବିଦ୍ୟାଳୟ ପରିସରରେ ଉଦଯାପିତ ହୋଇଯାଇଛି। ୧୮ଟି ବିଭାଗରେ ବିଭିନ୍ନ କ୍ରୀଡା କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀମାନେ ଯୋଗ ଦେଇଥିଲେ। ସେମାନଙ୍କ ମଧ୍ୟରୁ ୨୧ ଜଣଙ୍କୁ ରାଜ୍ୟସ୍ତରକୁ ମନୋନୀତ ହୋଇଛନ୍ତି। ବ୍ୟାଡମିଣ୍ଟନରେ ମକୁନ୍ଦଦାସପୁର ବିଦ୍ୟାଳୟର ୨ଜଣ, ଭଲିବଲରେ ରାଜସ ହାଇସ୍କୁଲ୍‌ରୁ ଦୁଇଜଣ, ଖୋଖାରେ ଚଣାହଟ୍ଟା ହାଇସ୍କୁଲ୍‌ରୁ ଜଣେ, ଅଥେଲଟିକ୍ସରେ ବାଗଲପୁର ହାଇସ୍କୁଲରୁ ଜଣେ ଓ ବେସ ବଲ୍‌ରେ କୁରୁଞ୍ଜୀପୁର୍ ହାଇସ୍କୁଲରୁ ୧୫ ଜଣ ରାଜ୍ୟସ୍ତରୀୟ ଖେଳ ପାଇଁ ମନୋନୀତ ହୋଇଛନ୍ତି। ଏହି ଉପଲକ୍ଷେ ଆୟୋଜିତ ଉଦଯାପନୀ ଉତ୍ସବରେ ବ୍ଲକ ଶିକ୍ଷାଧିକାରୀ ଡ଼୍ ପ୍ରଭାତ କୁମାର ରଥ ମୁଖ୍ୟ ଅତିଥିଙ୍କ ସହ ଶିକ୍ଷା ଅଧିକାରୀ ବିଜୟ କୁମାର ବେହେରା, ପ୍ରଧାନ ଶିକ୍ଷକ ଅର୍ଣ୍ଣବ୍ କୁମାର ବେହୁରା, ବିଜୟ ବେହେରା, ପୂର୍ବତନ ପ୍ରଧାନ ଶିକ୍ଷକ ମହେନ୍ଦ୍ର ମହାନ୍ତି ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ସସ୍ମିତା ବେହେରାଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମ ପ୍ରାରମ୍ଭରେ ଆୟୋଜକ ସମ୍ପାଦକ ମହେଶ୍ୱର ପ୍ରଧାନ ସ୍ୱାଗତ ଭାଷଣ ଓ ପୂର୍ବତନ ଖେଳ ଶିକ୍ଷକ ଶିବ ନାରାୟଣ ବେହେରା ଧନ୍ୟବାଦ୍ ଅର୍ପଣ କରିଥିଲେ। ଖେଳ ଶିକ୍ଷକ ତ୍ରିଲୋଚନ ବିଶ୍ୱାଳ, ସ୍ମିତା ଦାସ, ମହେଶ ଦତ୍ତ, ସୁନିଲ ମହାନ୍ତି, ପ୍ରଜ୍ଞା ପାରମିତା ଦାସ, ସରୋଜ ଜାଲି, ରାମ ମିଶ୍ର, ବର୍ଣ୍ଣାରାନି ଦଳାଇ, ସୌଦାମିନୀ ଭୋଇ, ସତ୍ୟଭାମା ବାରିକ ପ୍ରମୁଖ ଖେଳ ପରିଚାଳନା କରିଥିଲେ।

# ମିଶନ ରକ୍ତଦାନ ପକ୍ଷରୁ ରକ୍ତଦାନ ଶିବିର




ଭୁବନେଶ୍ୱର, ୧୦ା୧୧(ସମିସ): ବର୍ତ୍ତମାନ ସମୟରେ ବିଭିନ୍ନ ରକ୍ତ ଭଣ୍ଡାରରେ ରକ୍ତର ଅଭାବ ଦେଖାଯାଉଛି। ସେଥିପାଇଁ ନାଳନ୍ଦା ଇନଷ୍ଟିଚ୍ୟୁଟ ଅଫ ଟେକ୍ନୋଲୋଜି ଏବଂ ମିଶନ ରକ୍ତଦାନ ଓ ଏଚଡିଏଫ୍‌ସି ମିଳିତ ଆନୁକୂଲ୍ୟରେ ଏନ୍‌ଆଇଟି ପରିସରରେ ଏକ ବିଶାଳ ରକ୍ତଦାନ ଶିବିର ଆୟୋଜିତ ହୋଇଛି। ଏହି ଶିବିରକୁ ଏନଆଇଟି ର ଅଧ୍ୟକ୍ଷ ଗୋପାଳ ରାଓ, ଉପାଧ୍ୟକ୍ଷ ମଳୟ କୁମାର ପାଢ଼ୀ ଉଦ୍‌ଘାଟନ କରିଥିଲେ। ରାଜ୍ୟ ରକ୍ତ ନିରାପତ୍ତା ସହ ନିର୍ଦ୍ଦେଶକ ଡ. ଦେବାଶିଷ ମିଶ୍ର ଯୋଗଦେଇ ରକ୍ତଦାନର ଉପକାରିତା ସମ୍ପର୍କରେ ଆଲୋଚନା କରିଥିଲେ। ଏନ୍‌ଆଇଟି ର ପ୍ରିନ୍ସିପାଲ ଡ. ପ୍ରଭାତ କୁମାର ସୁବୁଦ୍ଧି, ପ୍ରଶାସନିକ ଅଧିକାରୀ ଧିରେନ୍ ଚନ୍ଦ୍ର ରାଉତ, ଡ. ଅର୍ଜୁନ କୁମାର ପାଲ୍, ବିପିନ ବିହାରୀ ଭୋଇ ଉପସ୍ଥିତ ରହି ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଶିବିରରୁ ୧୬୦ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ମିଶନ ରକ୍ତଦାନ ତରଫରୁ ଶିବିର ପରିଚାଳନାରେ ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

# ୨ରେ ପ୍ରତିଭା ସମ୍ମାନ ଉତ୍ସବ ଓ ନାଟକ ମହୋତ୍ସବ

ଭୁବନେଶ୍ୱର, ୧୦ା୧୧(ସମିସ): ପ୍ରତିଭା ସମ୍ମାନ ଓଡ଼ିଶା, ପ୍ରତିଭା ନାଟ୍ୟ ପରିଷଦ ଏବଂ ଉତ୍କଳ ନାଟ୍ୟମ୍‌ର ମିଳିତ ଆନୁକୂଲ୍ୟରେ ନାଟକ ଉତ୍ସବ ଆୟୋଜିତ ହେବାକୁ ଯାଉଛି। ଏହି ଅବସରରେ ଆସନ୍ତା ୧୨, ୧୩, ୧୪ ତାରିଖରେ ନାଟକ ମହୋତ୍ସବ ପାଳିତ ହେବ। ଏଥି ସହିତ ଓଡ଼ିଶାର ସାହିତ୍ୟ, ଶିକ୍ଷା, ସ୍ୱାସ୍ଥ୍ୟ ଓ ପରିବେଶରେ କାର୍ଯ୍ୟରତ ବ୍ୟକ୍ତିବିଶେଷଙ୍କୁ ସମ୍ମାନିତ କରାଯିବ। ଯେଉଁଥିରେ ପ୍ରଥମ ଦିନରେ ନାଟକ 'ଗୋଟିଏ କାହାଣୀ', ଦ୍ୱିତୀୟ ଦିନରେ 'ମଞ୍ଚମାୟା', ତୃତୀୟ ଦିନରେ 'ସ୍ମୃତିର ଶେଷ ଫର୍ଦ୍ଦ' ମଞ୍ଚସ୍ଥ ହେବ ବୋଲି ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି। ଏହି ସମ୍ମିଳନୀରେ ପ୍ରତିଭା ନାଟ୍ୟ ପରିଷଦର ଦିପ୍ତି ରଞ୍ଜନ ଦାସ, ପ୍ରତିଭା ସମ୍ମାନ ଓଡ଼ିଶାର ଡ. କୁମାରବର ଦାସ, ପ୍ରମୋଦ କୁମାର ଦେବ, କାହ୍ନୁ ଚରଣ ବେହୁର, ଉତ୍କଳ ନାଟ୍ୟମର ସୁବାସ ଚନ୍ଦ୍ର ପଣ୍ଡା ପ୍ରମୁଖ ମିଳିତ ବକ୍ତବ୍ୟ ରଖିଥିଲେ।

# ରବି ରାୟ ଜନ୍ମ ଶତବାର୍ଷିକୀ ସମିତି ପକ୍ଷରୁ ସମଗ୍ର ଦେଶରେ ବର୍ଷବ୍ୟାପୀ କାର୍ଯ୍ୟକ୍ରମ



ଭୁବନେଶ୍ୱର, ୧୦ା୧୧(ସମିସ): ସମାଜବାଦୀ ଜନନେତା, ଲୋକସଭାର ପ୍ରାକ୍ତନ ବାଚସ୍ପତି ଦିବଙ୍ଗତ ରବି ରାୟଙ୍କ ଜନ୍ମ ଶତବାର୍ଷିକୀ ଅବସରରେ, ଲୋହିଆ ଏକାଡେମୀରେ ରବି ରାୟ ଜନ୍ମ ଶତବାର୍ଷିକୀ ସମିତି ପକ୍ଷରୁ ଆସନ୍ତା ୨୬ ରୁ ୨୬ ନଭେମ୍ବର ୨୦୨୬ ପର୍ଯ୍ୟନ୍ତ ବର୍ଷବ୍ୟାପୀ କାର୍ଯ୍ୟକ୍ରମ ଓଡ଼ିଶା ସମେତ ଦେଶର ବିଭିନ୍ନ ରାଜ୍ୟରେ ଆୟୋଜନ ହେବ। ଏହି ପରିପ୍ରେକ୍ଷୀରେ ପ୍ରଫେସର ଆନନ୍ଦ କୁମାରଙ୍କ ଅଧ୍ୟକ୍ଷତାରେ ରାଷ୍ଟ୍ରୀୟ ସମିତି ଗଠନ କରାଯାଇଥିବା ବେଳେ ଗାନ୍ଧୀବାଦୀ କ୍ରିଷ୍ଣା ମହାନ୍ତିଙ୍କ ଅଧ୍ୟକ୍ଷତାରେ ରାଜ୍ୟ ସମିତି ଗଠନ କରାଯାଇଛି। ରବି ରାୟଙ୍କ ଆଦର୍ଶ ଓ ଗଣତାନ୍ତ୍ରିକ ମୂଲ୍ୟବୋଧକୁ ପାଥେୟ କରି ଆସନ୍ତା ୨୫ ନଭେମ୍ବରରେ 'ଭାରତରେ ଗଣତନ୍ତ୍ରର ଭବିଷ୍ୟତ' ବିଷୟରେ ରାଷ୍ଟ୍ରୀୟ ଆଲୋଚନାଚକ୍ର ଅନୁଷ୍ଠିତ ହେବ। ଏଥିରେ ରବି ରାୟ ଜନ୍ମ ଶତବାର୍ଷିକୀ ସ୍ମାରକୀ ବକ୍ତୃତା ପ୍ରଦାନ କରିବେ ହାଇଦ୍ରାବାଦ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ଶିକ୍ଷାବିତ୍ ତଥା ବିଶିଷ୍ଟ ମାନବାଧିକାର କର୍ମୀ ପ୍ରଫେସର ଜି. ହରଗୋପାଳ। ଏନେଇ ଲୋହିଆ ଏକାଡେମୀଠାରେ ରବି ରାୟ ଜନ୍ମ ଶତବାର୍ଷିକୀ ରାଜ୍ୟ ସମିତି ପକ୍ଷରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସମିତିର ସମ୍ପାଦକ ଡ. ବିଶ୍ୱଜିତ୍, ଆବାହକ ପ୍ରଫୁଲ୍ଲ ସାମନ୍ତରା, ସମଦୃଷ୍ଟିର ସମ୍ପାଦକ ସୁଧୀର ପଟ୍ଟନାୟକ, ପ୍ରଫେସର ଅମୀୟ ମହାନ୍ତି, ଲୋହିଆ ଏକାଡେମୀର ସମ୍ପାଦକ ଦେବପ୍ରସାଦ ରାୟ ଓ କଲ୍ୟାଣ ଆନନ୍ଦ ପ୍ରମୁଖ ଉପସ୍ଥିତ ରହି ସୂଚନା ଦେଇଛନ୍ତି।

# ଆଦର୍ଶ ବିଦ୍ୟାଳୟ ଗ୍ରନ୍ଥାଗାରିକ ପଦ ପୂରଣ ଦାବି

## ୩୨୦ ପଦରୁ ୩୧୯ ଫାଙ୍କା

ଭୁବନେଶ୍ୱର, ୧୦ା୧୧(ସମିସ): ଓଡ଼ିଶା ଆଦର୍ଶ ବିଦ୍ୟାଳୟ (ଓଏଭି) ରେ ଖାଲି ପଡ଼ିଛି ଗ୍ରନ୍ଥାଗାରିକ ପଦ। କେବଳ ଗୋଟିଏ ଆଇକନିକ୍ ଆଦର୍ଶ ବିଦ୍ୟାଳୟକୁ ଛାଡ଼ିଦେଲେ ଅନ୍ୟ କୌଣସିଟିରେ ଗ୍ରନ୍ଥାଗାରିକ ନାହାଁନ୍ତି। ସେହିପରି ସମସ୍ତ ଓଡ଼ିଶା ମାଇନିଂ ଆଦର୍ଶ ବିଦ୍ୟାଳୟରେ ମଧ୍ୟ ସମସ୍ତ ଗ୍ରନ୍ଥାଗାରିକ ପଦ ଖାଲି ପଡ଼ିଛି। ପିଲାଙ୍କ ପଢ଼ିବା ପାଇଁ ପ୍ରତିବନ୍ଧକ ସୃଷ୍ଟି ହେଉଛି। ଏଣୁ ସମସ୍ତ ଗ୍ରନ୍ଥାଗାରିକ ପଦ ପୂରଣ କରିବା ଦାବିରେ ସୋମବାର ଭୁବନେଶ୍ୱର ସ୍ଥିତ ଓଏଭି ରାଜ୍ୟ କାର୍ଯ୍ୟାଳୟ ସମ୍ମୁଖରେ ଆଶାୟୀମାନେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି।

ଲାଇବ୍ରେରୀ ମୁଭମେଣ୍ଟ ପକ୍ଷରୁ ଅନୁଷ୍ଠିତ ଏହି ବିକ୍ଷୋଭରେ ଗ୍ରନ୍ଥାଗାରିକ ପଦ ଖାଲି ପଡ଼ିଥିବାରୁ ଆଶାୟୀମାନେ ଉଦବେଗ ପ୍ରକାଶ କରିଛନ୍ତି। ସେମାନଙ୍କ କହିବା କଥା, ବିଦ୍ୟାଳୟରେ ଗ୍ରନ୍ଥାଗାର ଅଛି, ହେଲେ ଗ୍ରନ୍ଥାଗାରିକ ପଦ ଫାଙ୍କା ପଡ଼ିଥିବାରୁ ଛାତ୍ରଛାତ୍ରୀମାନେ ଲାଇବ୍ରେରୀକୁ ସଠିକ ଭାବେ ଉପଯୋଗ କରିପାରୁ ନାହାନ୍ତି। ସିବିଏସଇ ନିୟମାନୁସାରେ ପ୍ରତ୍ୟେକ ସଂଲଗ୍ନ ବିଦ୍ୟାଳୟରେ ପ୍ରଶିକ୍ଷିତ ଗ୍ରନ୍ଥାଗାରିକ ନିଯୁକ୍ତି ଅନିବାର୍ଯ୍ୟ। କିନ୍ତୁ ମୋଟ୍ ୩୧୪ ଟି ଓଏଭିରେ କେହି ଲାଇବ୍ରେରୀଆନ୍ ନାହାଁନ୍ତି। ସେହିପରି ସମସ୍ତ ୫ଟି ଓଡ଼ିଶା ମାଇନିଂ ଆଦର୍ଶ ବିଦ୍ୟାଳୟରେ ସମସ୍ତ ପଦ ଫାଙ୍କା ରହିଛି। କେବଳ ଭୁବେନଶ୍ୱର ସ୍ଥିତ ଆଇକନିକ୍ ଓଏଭିରେ ଜଣେ ଲାଇବ୍ରେରୀଆନ୍‌ଙ୍କୁ ଠିକା ନିଯୁକ୍ତି ଦିଆଯାଇଛି। ଅର୍ଥାତ୍ ମୋଟ ୩୨୦ ଟି ପଦରୁ ୩୧୯ ଟି ପଦ ଫାଙ୍କା ପଡ଼ିଛି। ଯାହା ଛାତ୍ରଛାତ୍ରୀଙ୍କ ଶିକ୍ଷା ଓ ଗବେଷଣାକୁ ସିଧାସଳଖ ପ୍ରଭାବିତ କରୁଛି। ଏଣୁ ସମସ୍ତ ପଦ ପୂରଣ କରିବାକୁ ଲାଇବ୍ରେରି ମୁଭମେଣ୍ଟର ସଦସ୍ୟ ସୁନିଲ କୁମାର ମିଶ୍ର, ଡା.ବେଦରତା ଦାଶ, ପ୍ରଦୀପ କୁମାର ଚିନାରା, ଦୀପକ ସାହୁ ଓ ରମାକାନ୍ତ ଭୁୟାଁଙ୍କ ସମେତ ବହୁ ଆଶାୟୀ ଦାବି କରିଛନ୍ତି।




# ପ୍ରଥମ ସନ୍ଧ୍ୟାରେ 'ଦାରିଦ୍ର ମୋଚନ' ଏବଂ 'ଏକ ନଷ୍ଟ ନାଟକର ନାଟ୍ୟକାର'

## ନାରାୟଣ ନାଟ୍ୟ ମହୋତ୍ସବ ଉଦ୍‌ଘାଟିତ

ଭୁବନେଶ୍ୱର, ୧୦ା୧୧(ସମିସ): ସୃଜନୀ ଅନୁଷ୍ଠାନ ଓ ସଂସ୍କୃତି ବିଭାଗର ସହଯୋଗରେ ଭଞ୍ଜକଳା ମଣ୍ଡପରେ ନାରାୟଣ ନାଟ୍ୟ ମହୋତ୍ସବ ଉଦ୍‌ଘାଟିତ ହୋଇଛି। ପ୍ରଥମ ସନ୍ଧ୍ୟାରେ ସୃଜନୀ ଅନୁଷ୍ଠାନ ପକ୍ଷରୁ ମଞ୍ଚସ୍ଥ ହୋଇଥିଲା ନାଟକ 'ଦାରିଦ୍ର ମୋଚନ'। ଏହାକୁ ରଚନା କରିଥିଲେ ନାରାୟଣ ଚନ୍ଦ୍ର ରାୟମହାପାତ୍ର ଓ ନିର୍ଦ୍ଦେଶନା ଦେଇଥିଲେ ଡ. ବନବିହାରୀ ମହାପାତ୍ର। ପ୍ରଥମ ଦିନରେ ଦ୍ୱିତୀୟ ନାଟକ ଭାବେ ବାଲେଶ୍ୱରର ସ୍ରଷ୍ଟା ଅନୁଷ୍ଠାନ ପକ୍ଷରୁ ନାଟକ 'ଏକ ନଷ୍ଟ ନାଟକର ନାଟ୍ୟକାର' ପରିବେଷଣ କରାଯାଇଥିଲା। ଯାହାର ରଚନା ଓ ନିର୍ଦ୍ଦେଶକ ହେମେନ୍ଦ୍ର ମହାପାତ୍ର ଦେଇଛନ୍ତି। ସନ୍ଧ୍ୟାରେ ଅତିଥି ଭାବେ ନାଟ୍ୟକାର ମିହିର ମେହେର, ବିନାୟକ ମିଶ୍ର, ଅବିନାଶ ଦଣ୍ଡପାଟ୍, ଶୁଭକାନ୍ତ ପାଢ଼ୀ, ଅଭିବକ୍ତା ସୂର୍ଯ୍ୟନାରାୟଣ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ସୃଜନର ସଭାପତି ଶରତ ରାଉତଙ୍କ ସଭାପତିତ୍ୱରେ ସମ୍ପାଦକ ଚିତରଞ୍ଜନ ରାୟ ମହାପାତ୍ରଙ୍କ ପରିଚାଳନା କରିଥିଲେ।

## ଶବର କପ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ

# ସେମିରେ ଶବର କ୍ରୀଡ଼ା ସଂଘ

ଯାଁଳା, ୧୦ା୧୧ (ସମିସ): ରାଧାଚରଣପୁର ଖେଳ ପଡ଼ିଆରେ ଶବର କ୍ରୀଡା ସଂଘ ଆନୁକୂଲ୍ୟରେ ଚାଲିଥିବା ୨୭ ତମ ଫୁଟବଲ ଟୁର୍ଣ୍ଣାମେଣ୍ଟରେ ଆଜିର ମ୍ୟାଚରେ ଆୟୋଜକ ଖୋର୍ଦ୍ଧା ଜିଲ୍ଲା ଶବର କ୍ରୀଡା ସଂଘ, ଭଦ୍ରକ-୧୧ କୁ ୧-୦ ଗୋଲରେ ପରାସ୍ତ କରି ସେମିଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛି।ଖେଳର ପ୍ରଥମାର୍ଦ୍ଧରେ ଶବର କ୍ରୀଡା ସଂଘ ଭଲ ଖେଳ ପ୍ରଦର୍ଶନ କରିଥିଲେ।ଖେଳର ୧୯ ତମ ମିନିଟ୍ ସମୟରେ ଶବର କ୍ରୀଡା ସଂଘର ୧୦ ନମ୍ବର ଖେଳାଳି ଯାନଙ୍କ ସୁନ୍ଦର ପାସ ବଳରେ ୯ ନମ୍ବର ଖେଳାଳି ଏରିଅଲ ସୁନ୍ଦର ଗୋଲ ଦେଇ ଦଳକୁ ୧-୦ ଗୋଲରେ ଅଗ୍ରଣୀ ସ୍ଥିତିରେ ରଖିଥିଲେ। ଖେଳର ଦ୍ୱିତୀୟାର୍ଦ୍ଧରେ ଦୁଇ ଦଳ ମଧ୍ୟରେ କଡା ଟକ୍କର ହୋଇଥିଲା।କିନ୍ତୁ ଭଦ୍ରକ ଦଳ ଆକ୍ରମଣାତ୍ମକ ଢଙ୍ଗରେ ଖେଳିଥିଲେ ମଧ୍ୟ ଗୋଲ ପରିଷଦ କରିପାରି ନଥିଲେ। ସୋମବାର ମ୍ୟାଚରେ ଛତାବର ସରପଞ୍ଚ ବିଷ୍ଣୁ ପ୍ରସାଦ ଡେଙ୍ଗ ଅତିଥି ଭାବେ ଯୋଗ ଦେଇଥିଲେ। ମ୍ୟାଚ ପରିଚାଳନା କରିଥିଲେ ରାଜୁ ମହାନ୍ତି, ବିଦେଶୀ ନାଏକ, ସେଖାବତ ଖାନ ଓ ସୁଶାନ୍ତ ନାଏକ। ଆସନ୍ତା କାଲି ପପୁଲାର କ୍ଲବ୍ ଢେଙ୍କାନାଳ ଓ ୟୁନାଇଟେଡ କ୍ଲବ ଗଣ୍ଡରପୁର, କଟକ ପରସ୍ପରକୁ ଭେଟିବେ।

# ପଲ୍ଲୀରେ ପ୍ରଶାସନ ସେବା-ସମାଧାନ-ସଚେତନତା

ଯାଁଳା, ୧୦ା୧୧(ସମିସ): ଜଟଣୀ ବ୍ଲକ ପଞ୍ଚୁପଲ୍ଲୀ ଗ୍ରାମ ପଞ୍ଚାୟତ ପରିସରରେ ପଲ୍ଲୀରେ ପ୍ରଶାସନ, ସେବା - ସମାଧାନ - ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ବନଜା ଜେନାଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ବିଡିଓ ବସନ୍ତ କୁମାର ହାତୀ, ଏବିଡିଓ ସଲୀଳ କୁମାର ଦାସ, ପଞ୍ଚାୟତ ଉନ୍ନୟନ ଅଧିକାରୀ ସସ୍ମିତା ଜେନା, ଏଡିଇଓ ନିରଞ୍ଜନ ସିଂ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ପାନୀୟ ଜଳ ବିଭାଗ, ସାମାଜିକ ସୁରକ୍ଷା, ଶକ୍ତି ବିଭାଗ, ପରିମଳ ଯୋଜନା, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ମତ୍ସ୍ୟ ବିଭାଗ, ସୁଭଦ୍ରା ଯୋଜନା ବିଭାଗ, ଉଦ୍ୟାନ ଓ କୃଷି ବିଭାଗ, ମିଶନ ଶକ୍ତି ବିଭାଗ, ଖାଦ୍ୟ ଯୋଗାଣ ଓ ଖାଉଟି, କଲ୍ୟାଣ ବିଭାଗ, ମହିଳା ଓ ଶିଶୁ ବିକାଶ ବିଭାଗର ସିଡିପିଓ ସଞ୍ଜୁଲତା ନାୟକ, ଇତ୍ୟାଦି ବିଭାଗର ଉଚ୍ଚ ପଦାଧିକାରୀମାନେ ଯୋଗ ଦେଇ ଲୋକମାନଙ୍କର ସମସ୍ୟା ସମାଧାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଶରତ ଭୁଜବଳ, ଶୁଭକାନ୍ତ ଜେନା, ଛବିନ୍ଦ୍ର ଜୟସିଂହ, ସୁମନ୍ତ ଭାରିମଲ ଓ ସତ୍ୟରଞ୍ଜନ ସାହୁ ସହଯୋଗ କରିଥିଲେ।

● ରେଡ ବସ୍-ଓଏସ୍‌ଆରଟିସି ସହଭାଗିତା

# ରେଡବସ୍ ପ୍ଲାଟଫର୍ମ ମାଧ୍ୟମରେ ଓଏସ୍‌ଆର୍‌ଟିସିରେ ବୁକିଂ କରିବେ ଯାତ୍ରୀ

ଭୁବନେଶ୍ୱର, ୧୦ା୧୧(ସମିସ): ବିଶ୍ୱର ସର୍ବବୃହତ ଅନଲାଇନ ବସ ଟିକେଟିଂ ପ୍ଲାଟଫର୍ମ ରେଡବସ୍ ପୂର୍ବଭାରତର ବୃହତ ଏବଂ ସବୁଠାରୁ ଦକ୍ଷ ରାଜ୍ୟ ମାଲିକାନା ଆନ୍ତଃନଗରୀ ବସ ପରିବହନ ନିଗମ ମଧ୍ୟରୁ ଅନ୍ୟତମ ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ ସହ ଏହାର ସହଭାଗିତା ଘୋଷଣା କରିଛି। ଏହି ସହଯୋଗ ରେଡବସ ବ୍ୟବହାରକାରୀଙ୍କୁ ରେଡବସ ପ୍ଲାଟଫର୍ମ ମାଧ୍ୟମରେ ଓଏସଆରଟିସିରେ ବୁକିଂ କରିବାକୁ ଅନୁମତି ଦେବ, ଯେଉଁଥିରେ ହାର ସହଯୋଗୀ ସେବା ଯେପରିକି ଶ୍ରୀ ଜଗନ୍ନାଥ ଏକ୍ସପ୍ରେସ, ସିଏମ ବସ ସେବା ଓ ମୁଖ୍ୟମନ୍ତ୍ରୀଙ୍କ ବସସେବା ଅନ୍ତର୍ଭୁକ୍ତ। ଏହାର ବ୍ୟବହାରକାରୀମାନେ ଅନୁକୂଳ ଇଣ୍ଟରଫେସ ଏବଂ ବସ ଅପରେଟରଙ୍କ ବ୍ୟାପକ ନେଟୱର୍କ ପାଇଁ ଜଣାଶୁଣା, ରେଡବସ ଏବେ ରାଜ୍ୟ ମାଲିକାନାରେ ଥିବା ବସ ପରିବହନ ନିଗମର ୩.୫ ଲକ୍ଷ ଦୈନିକ ଯାତ୍ରୀଙ୍କୁ ରେଡବସ ଆପ ମାଧ୍ୟମରେ ସହଜରେ ସେମାନଙ୍କ ସିଟ୍ ବୁକ୍ କରିବାକୁ ସକ୍ଷମ କରିବ। ଏହି ସହଭାଗିତା ଓଏସଆରଟିସିକୁ ଦେଶର ସବୁଠାରୁ ବିଶ୍ୱସ୍ତ ଏବଂ ନିର୍ଭରଯୋଗ୍ୟ ଅନଲାଇନ ବସ ବୁକିଂ ପ୍ଲାଟଫର୍ମ ମଧ୍ୟରୁ ଗୋଟିଏ ରେଡବସରେ ୧୪ ହଜାର ସିଟ (ପ୍ରତିଦିନ)ର ଇନଭେଣ୍ଟୋରୀ ରଖିବାକୁ ସକ୍ଷମ କରିଥାଏ , ଯାହା ସମଗ୍ର ଓଡ଼ିଶା, ଆନ୍ଧ୍ରପ୍ରଦେଶ, ତେଲେଙ୍ଗାନା ଏବଂ ମଧ୍ୟପ୍ରଦେଶରୁ ନିଗମ ପାଇଁ ଅନ୍‌ଲାଇନ୍ ଟିକଟ ବିକ୍ରିକୁ ବୃଦ୍ଧି କରିଥାଏ।

## ଆମ ରାଜଧାନୀ ଆମ ଐତିହ୍ୟ

# କପାଳୀ ମଠରେ ପୂଜା ପାଉଛନ୍ତି ବ୍ୟାଘ୍ରବାହିନୀ

ଭୁବନେଶ୍ୱର, ୧୦ା୧୧ (ସମିସ): ଲିଙ୍ଗରାଜ ମନ୍ଦିର ଚାରିପାଖରେ ଘେରି ରହିଛି ଏପରି ଅନେକ ଶତାବ୍ଦୀ ଶତାବ୍ଦୀର ପୁରାତନ ମନ୍ଦିର, ମଠ, ପୁଷ୍କରିଣୀ ଆଦି ଅନେକ ପୁରାତନ କୀର୍ତ୍ତିରାଜି। ଏହା କେବଳ ଐତିହ୍ୟ କୀର୍ତ୍ତିରାଜିର ମୂକ ସାକ୍ଷୀ ନୁହେଁ ବରଂ ଲୋକଙ୍କ ଆଧ୍ୟାତ୍ମିକ ଭାବନା ସହ ମଧ୍ୟ ଜଡ଼ିତ। ଓଡ଼ିଶା ଇତିହାସର ଏପରି ଅନେକ ଗୌରବମୟ ଅତୀତକୁ ଛାତିରେ ଧରି ରଖିଛି ଏହି ସହର।



ସେହିଭଳି ଐତିହ୍ୟ ସମ୍ପନ୍ନ ପୁରାତନ ମନ୍ଦିର ଓ ମଠ ମଧ୍ୟରୁ ଅନ୍ୟତମ ହେଉଛି କପାଳୀ ମଠ। କୁହାଯାଏ ଏହାକୁ ରାଜା କପିଳେନ୍ଦ୍ର ଦେବଙ୍କ ସମୟରେ ନିର୍ମାଣ କରିଯାଇଥିଲା। କପାଳୀ ମଠରେ ପୂଜା ପାଉଛନ୍ତି ବ୍ୟାଘ୍ରବାହିନୀ ଦେବୀ 'କପାଳୀ'। ଲିଙ୍ଗରାଜଙ୍କ ପଶ୍ଚିମ ଦିଗରେ ଅବସ୍ଥିତ ଚିତ୍ରକାରିଣୀ ମନ୍ଦିର ସମୂହ। କର୍ଜନ ସ୍ତମ୍ଭ ରାସ୍ତାଦେଇ ପଶ୍ଚିମକୁ ଆସିବେ ସେଇ ନିକଟରେ ରହିଛି ଏହି ପୁରାତନ ମଠ। ହେଲେ ଏହା ସହିତ ଯୋଡିହୋଇ ରହିଛି ଇତିହାସ ଏବଂ ପରମ୍ପରା। କୁହାଯାଏ ଲିଙ୍ଗରାଜଙ୍କ ୧୪ଟି ଯାତ ମଧ୍ୟରୁ ସେହି ସ୍ଥାନ ପ୍ରଥମ। କପାଳୀ ମଠରେ ପୂଜା ପାଉଥିବା ମା କପାଳୀ ହିସାବରେ ଲିଙ୍ଗରାଜଙ୍କ ମାଇଁ। ଯେଉଁଠି ତାଙ୍କ ଯାତ ଆରମ୍ଭ ହୁଏ ପଢୁଆଁ ପୂର୍ବରୁ। ଏହାର ଇତିହାସ ସମ୍ପର୍କରେ ୩୦ ବର୍ଷ ଧରି ସେଠାରେ ପୂଜା କରୁଥିବା ଲିଙ୍ଗରାଜଙ୍କ ସେବକ ସମରେନ୍ଦ୍ର ବଡୁ କୁହନ୍ତି, ପ୍ରଥମା ଅଷ୍ଟମୀ ଦିନ ଲିଙ୍ଗରାଜଙ୍କ ଚଳନ୍ତି ପ୍ରତିମା ବର୍ଷକୁ ଦୁଇ ଥର ଅର୍ଥାତ୍ ଲିଙ୍ଗରାଜଙ୍କ ରଥଯାତ୍ରା ଏବଂ ପ୍ରଥମା ଅଷ୍ଟମୀ ଦିନ କପାଳୀ ମଠକୁ ଆସିଥାନ୍ତି। ଏଠାରେ ଦିଅଁଙ୍କୁ ଭୋଗ ଲାଗି ହୁଏ। ପ୍ରଥମେ ଦିଅଁ ମଠ ଦେଇ ଯାନ୍ତି, ଯେଉଁଠି ତାଙ୍କ ଯାତ ଆରମ୍ଭ ହୋଇଥାଏ। ମୈତ୍ରେଶ୍ୱର ମନ୍ଦିର ନିକଟ ପାପନାଶିନୀ ପୁଷ୍କରିଣୀରେ ସ୍ନାନକରି ଲିଙ୍ଗରାଜ ସେଠାରେ ନୂଆ ବସ୍ତ୍ର ପରିଧାନକରି ପଢୁଆଁ ହୋଇ ପୁଣି ମଠ ଦେଇ ଫେରିଥାନ୍ତି। ଲିଙ୍ଗରାଜଙ୍କ ଅଷ୍ଟଚଣ୍ଡୀରୁ କପାଳୀ ହେଉଛନ୍ତି ପ୍ରମୁଖ ଚଣ୍ଡୀ ବୋଲି ମାନ୍ୟତା ରହିଛି। କୁହାଯାଏ ଏହି ମଠରେ ହିଁ ରାଜା କପିଳେନ୍ଦ୍ର ଦେବଙ୍କ ରାଜ୍ୟ ଅଭିଷେକ ସମ୍ପନ୍ନ ହୋଇଥିଲା। ସେଥିପାଇଁ କପାଳୀ ମଠର ଦକ୍ଷିଣ ପାର୍ଶ୍ୱ କାନ୍ଥରେ ଗଜପତିଙ୍କ ଗଜବାହିନୀ ଅଭିଯାନର ଏକ ମୂର୍ତ୍ତି ଖୋଦିତ ହୋଇ ରହିଛି।

## ଏବେ କେମିତି ରହିଛି

ମଠଟି କିଛି ବର୍ଷ ତଳେ ପୁନଃରୁଦ୍ଧାର ହୋଇଛି। କିନ୍ତୁ ଦ୍ୱାରବନ୍ଧର ଅବସ୍ଥା ନଷ୍ଟ ହେବାକୁ ବସିଲାଣି। ଅନ୍ୟୁନ ସାତରୁ ଆଠ ଶହ ବର୍ଷ ପୁରୁଣା ବୋଲି ସ୍ଥାନୀୟ ଲୋକଙ୍କ ବିଶ୍ୱାସ। ବାହାରପଟୁ ଏହି ସ୍ଥାନକୁ ଦେଖିଲେ ଏହାର ଭଗ୍ନ ଅବଶେଷ ହିଁ ଦେଖିବାକୁ ମିଳୁଛି। ଭିତରକୁ ଗଲେ ଚାରିପଟେ ଅନାବନା ଗଛ ମାଡ଼ି ଗଲାଣି। କେବଳ ମା କପାଳୀଙ୍କ ଛୋଟ ମନ୍ଦିରକୁ ଛାଡିଦେଲେ, ଭିତରର ଅବସ୍ଥା ଆହୁରି ସଙ୍ଗୀନ ଅବସ୍ଥାରେ ରହିଛି। ମଠ ଦେଇ ଲିଙ୍ଗରାଜ ମୈତ୍ରେଶ୍ୱରକୁ ଯିବା ବାଟ ଅନାବନା ଗଛରେ ଭର୍ତ୍ତି ହୋଇ ରହିଛି। ଏ ନେଇ ସେଠାକାର ପୂଜକ କୁହନ୍ତି, ସେମାନଙ୍କ ପ୍ରୟାସରେ କେବଳ ମା'ଙ୍କ ଆସ୍ଥାନ ଓ ମନ୍ଦିର ଏଯାଏଁ ସୁରକ୍ଷିତ ଅଛି। ନଚେତ୍ ମଠଟି ବର୍ତ୍ତମାନ ଧୀରେ ଧୀରେ ଭାଙ୍ଗିବାକୁ ବସିଲାଣି। ଅନ୍ୟପଟେ ପ୍ରତ୍ନତତ୍ତ୍ୱ ବିଭାଗର ଏଥି ପ୍ରତି ନିଘା ନାହିଁ। ବର୍ତ୍ତମାନ ଯଦି ଏଥିପ୍ରତି ପଦକ୍ଷେପ ନନିଆଯାଏ ତେବେ ଆଗକୁ ମଠଟି ଭାଙ୍ଗି ଯିବ। ଏହା ପରମ୍ପରା ସହ ଜଡିତ, ତେଣୁ ଏହାର ସୁରକ୍ଷା ଆବଶ୍ୟକ।



# କମଗାଁ ମହାବିଦ୍ୟାଳୟରେ ୧୦୧ କୁଣ୍ଡୀୟ ବୈଦିକ ଯଜ୍ଞ



ଭଟଲି,୧୦।୧୧(ସମିସ): ଭଟଲି ବ୍ଲକ୍ ଅଧୀନ କମଗାଁ ମହାବିଦ୍ୟାଳୟରେ ୧୦୧ କୁଣ୍ଡିୟ ବୈଦିକ ଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ବେଦ ପ୍ରଚାର ସମିତି ବରଗଡ଼ ଓ କମଗାଁ ମହାବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ବୈଦିକ ଯଜ୍ଞ ହୋଇଥିଲା। ବେଦ ପ୍ରଚାରକ ତଥା ସତ୍ୟାର୍ଥ ପ୍ରକାଶନର ଧାରାବାହିକ ପ୍ରବକ୍ତା ପୂଜ୍ୟ ସ୍ୱାମୀ ସୁଧାନନ୍ଦ ସରସ୍ୱତୀ ବେଦ ଉପରେ ଆଲୋଚନା କରିଥିଲେ। ବେଦ ପ୍ରଚାର ସମିତିର ସମସ୍ତ ସଭ୍ୟ ସଭ୍ୟା ଓ କମଗାଁ ମହାବିଦ୍ୟାଳୟ ଓ ଶକୁନ୍ତଳା ବିଦ୍ୟାଧର ସ୍ନାତକ ମହିଳା ମହାବିଦ୍ୟାଳୟର ଛାତ୍ରୀ ମାନେ ଯଜ୍ଞରେ ଯୋଗ ଦେଇଥିଲେ। ସନାତନ ପରମ୍ପରାର ରୀତିନୀତିକୁ ଉଜ୍ଜୀବିତ କରିବା ପାଇଁ ବେଦ ପ୍ରଚାର ଓ ବୈଦିକ ଯଜ୍ଞର ଆବଶ୍ୟକତା ରହିଛି ବୋଲି ମତ ପ୍ରକାଶ ପାଇଥିଲା। ପ୍ରାରମ୍ଭରେ ସ୍ୱାମୀ ସୁଧାନନ୍ଦ ସରସ୍ୱତୀଙ୍କୁ ମହାବିଦ୍ୟାଳର ଅଧ୍ୟକ୍ଷ ପ୍ରେମାନନ୍ଦ ପଟେଲ ଓ ପ୍ରାଧ୍ୟାପକ ରବିନାରାୟଣ ସାହୁ, ଅଧ୍ୟାପକ ଶ୍ୟାମ ସୁନ୍ଦର ସାହୁ ଉପଢୌକନ ସହିତ ସ୍ୱାମୀଜୀଙ୍କୁ ଫୁଲ ଚନ୍ଦନ ଦେଇ ସମ୍ମାନିତ କରିଥିଲେ। ଏହି ବୈଦିକ ଯଜ୍ଞରେ ଡ.ଯଦୁମଣି ନାୟକ, ରଶ୍ମିରେଖା ନାଏକ, ସ୍ୱରୂପ ଭୋଇ, ସୁନିତା ଭୋଇ, ସୁରଭି ସାହୁ, ସୋମଦତ୍ତ ଶାସ୍ତ୍ରୀ, କ୍ଷୀରୋଦ୍ର ନାଥ, ଶିବ ପ୍ରସାଦ ଭୋଇ, ଅଶୋକ ମେହେର, ଗୀତା ଭୋଇ ଓ ଜୀବର୍ଧନ ପ୍ରଧାନ ପ୍ରମୁଖ ସହାୟତା କରିଥିଲେ।

## ଜିଲ୍ଲାସ୍ତରୀୟ ଧାନ କ୍ରୟ କମିଟି ବୈଠକ ବାତିଲ

# ଧାରଣାରେ ବସିଲେ ଚାଷୀ

ବରଗଡ଼,୧୦।୧୧(ସମିସ):

- ବରଗଡ଼ ବିଧାୟକ ହାତ ଯୋଡି କହିଲେ ମୁଁ ସବୁବେଳେ ଚାଷୀଙ୍କ ସହ
- ଦାବି ପୂରଣ ନ ହେବା ଯାଏଁ ଆନ୍ଦୋଳନ ଜାରି ରହିବ: ରମେଶ ମହାପାତ୍ର



ଜିଲ୍ଲା ସ୍ତରୀୟ ଧାନ କ୍ରୟ କମିଟିର ବୈଠକ ସୋମବାର ଜିଲ୍ଲାପାଳ ବାତିଲ କରିଛନ୍ତି। ପୂର୍ବରୁ ସୋମବାର ୧୧ ଟାରେ ଧାନ କିଣାବିକା ସୂଚାରୁ ରୂପେ କରିବା ପାଇଁ ଜିଲ୍ଲାପାଳ ଅଫିସରେ ବୈଠକ ବସିବାକୁ ନିର୍ଦ୍ଧାରିତ ହୋଇଥିଲା। ଧାନ ପଞ୍ଜୀକରଣରୁ ବାଦ ପଡ଼ିଥିବା ରେମଣ୍ଡା, ଝିଲିମିଣ୍ଡା, ଆଗଲପୁର, ଜାମସେଟ ସମେତ ବିଭିନ୍ନ ସୋସାଇଟିର ହଜାର ହଜାର ଚାଷୀ ଜିଲ୍ଲାପାଳ ଅଫିସକୁ ଆସିଥିଲେ। ହେଲେ ସେମାନଙ୍କୁ ଦେଖି ପୁଲିସ ଗେଟ ବନ୍ଦ କରିଥିଲା। ଏପରି ବ୍ୟବହାରରେ ଚାଷୀ ଅସନ୍ତୋଷ ବ୍ୟକ୍ତ କରିବା ସହ ଜିଲ୍ଲାପାଳ କାର୍ଯ୍ୟାଳୟ ଗେଟ ସମ୍ମୁଖରେ ଧାରଣାରେ ବସିଥିଲେ। ପରେ ଜିଲ୍ଲାପାଳ ଆଦିତ୍ୟ ଗୋୟଲ ବୈଠକ ବାତିଲ ହେବା ସୂଚନା ଦେଇଥିଲେ। ଏହାପରେ ଚାଷୀଙ୍କ ଆକ୍ରୋଶ ଆହୁରି ବଢ଼ିଥିଲା। ବିଧାୟକ ଅଶ୍ୱିନୀ ଷଡଙ୍ଗୀ ଆନ୍ଦୋଳନ ସ୍ଥଳକୁ ଆସି ସମସ୍ତଙ୍କୁ ହାତ ଯୋଡି ଚାଷୀଙ୍କୁ ବୁଝାସୁଝା କରିଥିଲେ। ପୂର୍ବରୁ ସମସ୍ତ ଚାଷୀଙ୍କ ସହ ଥିଲି ଆଉ ସବୁଦିନ ପାଇଁ ରହିଥିବି ବୋଲି କହିଥିଲେ। ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ସମସ୍ୟା ସମାଧାନ ପାଇଁ ସମୟ ମାଗିଥିଲେ। ହେଲେ ଚାଷୀ ବିଧାୟକଙ୍କ ଆଶ୍ୱାସନାରେ ସନ୍ତୁଷ୍ଟ ନହୋଇ ଧାରଣା ବଳବତ୍ତର ରଖିଥିଲେ। ପରେ ସଂଯୁକ୍ତ କୃଷକ ସଂଗଠନ ଉପଦେଷ୍ଟା ରମେଶ ମହାପାତ୍ର, ଉତ୍ପନ୍ନ ଭୋଇ, ଆଇନଜୀବୀ ଅଜୀତ ଶତପଥୀ ଆସିଥିଲେ। କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ଚାଷୀ ମାରଣ ନୀତି ଏବଂ ଚଳିତ ବର୍ଷ ଧାନ କିଣା ସଙ୍କଟ ଆଲୋଚନା କରିଥିଲେ। ତୁରନ୍ତ ବଞ୍ଚିତ ଚାଷୀଙ୍କ ଧାନ କାର୍ଡ ପଞ୍ଜୀକରଣ କରାଯାଉ ଏବଂ ୧୫ ନଭେମ୍ବରରୁ ଧାନ କିଣା ଆରମ୍ଭ କରା ନ ଗଲେ ୧୫ ତାରିଖରୁ ରାସ୍ତା, ସରକାରୀ ଅଫିସ ମାନଙ୍କରେ ଧାନ ପକାଇ ବିଶାଳ ଆନ୍ଦୋଳନ କରିବା ପାଇଁ ଚେତାବନୀ ଦେଇଥିଲେ। ପରେ ସନ୍ଧ୍ୟା ୭ରେ ଏସଡିପିଓଙ୍କ ତତ୍ତ୍ୱବଧାନରେ ଜିଲ୍ଲାପାଳ ଆଦିତ୍ୟ ଗୋୟଲ ୧୦ ଜଣ ପ୍ରତିନିଧିଙ୍କ ସହିତ ଆଲୋଚନା କରିବା ପାଇଁ ଡାକିଥିଲେ। ହେଲେ ଜିଲ୍ଲାପାଳ କୌଣସି ସନ୍ତୋଷଜନକ ଉତ୍ତର ଦେଇ ନଥିଲେ। ତେଣୁ ଆନ୍ଦୋଳନରତ ଚାଷୀ ପୁଣି ଧାରଣାରେ ବସି ରହିଛନ୍ତି। ଏହି ଆନ୍ଦୋଳନରେ ସୁବାସ ସାମନ୍ତରାୟ, ତପନ ମିଶ୍ର, ରବିଶଙ୍କର ପଧାନ, ସୁରେଶ ନିକେଣ୍ଟି, ନିରଞ୍ଜନ ପଧାନ, ଜୟପ୍ରକାଶ ବେହେରା, ସୁଦାମ ପାତ୍ର, ବୀରବଳ ମହାକୁଡ, ବିଶ୍ୱନାଥ ନୟାକ, ଗିରିଶ ଡନସନା, ବୃନ୍ଦାବନ ସାହୁଙ୍କ ସମେତ ହଜାର ହଜାର ଚାଷୀ ଯୋଗ ଦେଇଥିଲେ। ଧାନ କାର୍ଡ ପଞ୍ଜୀକରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଧାରଣା ଜାରି ରହିବ ବୋଲି ଚେତାବନୀ ଦେଇଛନ୍ତି। ଯଦି ଜିଲ୍ଲା ପ୍ରଶାସନ ତଥା ରାଜ୍ୟ ସରକାର ତୁରନ୍ତ ସମାଧାନ ନ କରିବେ ଚାଷୀ ଆନ୍ଦୋଳନ ଆଗକୁ ଜୋରଦାର ହେବ ବୋଲି ରମେଶ ମହାପାତ୍ର କହିଛନ୍ତି।

## ● ଚାଷୀଙ୍କ ମୁହଁରେ ହସ ଫୁଟାଇଲେ ଦୀପା

# ପୋଡ଼ା ବଦଳରେ ଲାଗିଲା ନୂଆଁ ଟ୍ରାନ୍ସଫୋର୍ମର

ବରଗଡ଼,୧୦।୧୧(ସମିସ): ବରଗଡ଼ ଜିଲ୍ଲା ପାଇକମାଲ ବ୍ଲକ୍ ଟେମରି ଗାଁର ସ୍ୱେଚ୍ଛାସେବୀ ଦୀପା ବାରିକ ନିଜ ଅଞ୍ଚଳ ତଥା ନିଜ ଆଖପାଖ ଅଞ୍ଚଳର ପ୍ରତ୍ୟେକ ଛୋଟ ବଡ ସମସ୍ୟା ଗୁଡିକୁ ସମାଧାନ କରିବାକୁ ସ୍ୱର ଉତ୍ତୋଳନ କରି ସବୁବେଳେ ଚର୍ଚ୍ଚାର କେନ୍ଦ୍ରରେ ରହିଥାନ୍ତି। ବରଗଡ଼ ଜିଲ୍ଲା ଝାରବନ୍ଧ ବ୍ଲକ୍ ଅଧୀନ ସଲଡିହି ଜୁନ୍‌ହାଟାଣ୍ଡ ଗାଁର ଚାଷୀଙ୍କ ଟ୍ରାନ୍ସଫର୍ମର ପୋଡି ଯାଇଥିଲା। ଏହାପରେ ମାସାଧିକ ସମୟ ବିତି ଯାଇଥିଲେ ସୁଦ୍ଧା ବିଦ୍ୟୁତ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନଥିଲା। ଫଳରେ ଚାଷୀ ବହୁତ ହଇରାଣ ହେଉଥିଲେ। ଘଟଣା ସମ୍ପର୍କରେ ସ୍ୱେଚ୍ଛାସେବୀ ଦୀପା ଜାଣିବା ପରେ ଏକ ଭିଡିଓ ପ୍ରସ୍ତୁତ କରି ପଠାଇବା ପାଇଁ ଚାଷୀଙ୍କୁ କହିଥିଲେ। ସେମାନେ ଦୀପାଙ୍କୁ ଉକ୍ତ ସମସ୍ୟା ସମ୍ପର୍କିତ ଭିଡ଼ିଓ ପଠେଇବା ପରେ ସାମାଜିକ ଗଣମାଧ୍ୟମ ଏକ୍ସରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ଉଦ୍ଦେଶ୍ୟରେ ଦୀପା ଗତ ଅଗଷ୍ଟ ୨୯ ତାରିଖରେ ଅଭିଯୋଗ କରିଥିଲେ। ସମସ୍ୟାର ସମାଧାନ ପାଇଁ ଟାଟା ପାୱାର ପଶ୍ଚିମ ଓଡ଼ିଶା ପକ୍ଷରୁ ସେହିଦିନ ଉତ୍ତର ରଖାଯାଇଥିଲା। ଏହାପରେ ବିଦ୍ୟୁତ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିଲା। ପୋଡି ଯାଇଥିବା ଟ୍ରାନ୍ସଫର୍ମରକୁ ନେଇ ବିଦ୍ୟୁତ ବିଭାଗ ପକ୍ଷରୁ ନୂତନ ଟ୍ରାନ୍ସଫର୍ମର ଲଗାଯାଇଛି। ଦୀପାଙ୍କ ପ୍ରୟାସ ପରେ ଚାଷୀଙ୍କ ମୁହଁରେ ହସ ଫୁଟି ପାରିଥିବାରୁ ବୁଦ୍ଧିଜୀବୀ ମହଲରେ ତାଙ୍କୁ ଉଚ୍ଚ ପ୍ରଶଂସା କରାଯାଇଛି।

# ପଦ୍ମପୁରରେ ସମ୍ବଲପୁରୀ-କୋଶଳୀ ଭାଷା ସମ୍ମିଳନୀ



ପଦ୍ମପୁର,୧୦।୧୧(ସମିସ): ପଦ୍ମପୁର ରାଜାଜୀ ଟାଉନ୍‌ହଲ୍ ଠାରେ ପଶ୍ଚିମ ଓଡ଼ିଶା ଭାଷା ସମ୍ମିଳନୀ ମଞ୍ଚ, ପଦ୍ମପୁର ଆନୁକୂଲ୍ୟରେ ଆବାହକ ସଞ୍ଜୟ ବହିଦାରଙ୍କ ସଭାପତିତ୍ୱରେ ଆଞ୍ଚଳିକ ସ୍ତରର ପ୍ରଥମ ସମ୍ବଲପୁରୀ (କୋଶଳୀ ପ୍ରାକୃତ) ଭାଷା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଧ୍ୟାପକ ସନ୍ତୋଷ ସିଂ ଠାକୁର, ଅଧ୍ୟାପକ ସୁଶାନ୍ତ ମିଶ୍ର, ଡ.ଅବନିକାନ୍ତ ସାହୁ, ରାଜ ସେଠ, ପ୍ରଶାନ୍ତ ମାଝୀ ପ୍ରମୁଖ ଆଲୋଚକ ଭାବେ ନିଜ ନିଜ ବକ୍ତବ୍ୟ ପ୍ରଦାନ କରିଥିଲେ। ମୁଖ୍ୟ ଆଲୋଚକ ସଞ୍ଜୟ ବହିଦାର ସମ୍ବଲପୁରୀ (କୋଶଳୀ ପ୍ରାକୃତ) ଭାଷାର ଉତ୍ପତ୍ତି ଓ ବିକାଶ ଉପରେ ତଥ୍ୟ ପ୍ରଦାନ କରିଥିଲେ। ଅଧ୍ୟାପକ ପୌଲସ୍ତ୍ୟ ସାହା, କୃଷ୍ଣଚନ୍ଦ୍ର ଦାଶ, ବିଦ୍ୟାଧର ଦାଶ, ଆନନ୍ଦ ବେହେରା, ମିନାକ୍ଷୀ ଭୋଇ ପ୍ରମୁଖ କାର୍ଯ୍ୟକ୍ରମରେ ସହାୟତା କରିଥିଲେ। ଦ୍ୱିତୀୟ ଅଧିବେଶନରେ ୨୫ ଜଣ କବି ନିଜ ଲିଖିତ କବିତା ପାଠ କରିଥିଲେ। ଆସନ୍ତା ଜାନୁୟାରୀ ମାସରେ ମଞ୍ଚ ତରଫରୁ ପଶ୍ଚିମ ଓଡ଼ିଶା ସ୍ତରୀୟ ବିରାଟ ଭାଷା ସମ୍ମିଳନୀ ଆୟୋଜନ କରାଯିବା ନିମନ୍ତେ ପ୍ରସ୍ତାବ ଗୃହିତ ହୋଇଥିଲା। ସାହିତ୍ୟିକ ହଳ୍ଦ କିଶୋର ପାଣିଗ୍ରାହୀଙ୍କ ସ୍ମୃତିଚାରଣ କରାଯାଇଥିଲା। ସଭା ମଞ୍ଚରେ ସଫଳ ବୈଦ୍ୟ ନନ୍ଦଲାଲ ପଟେଲଙ୍କୁ ସମ୍ମାନିତ କରାଯାଇଥିଲା। ଶେଷରେ ସଂଯୋଜକ ରାଜେନ୍ଦ୍ର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

# ପାଇକମାଳରେ ବ୍ଲକ୍‌ସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା



ପାଇକମାଳ,୧୦।୧୧(ସମିସ): ପାଇକମାଳ ବ୍ଲକ୍‌ସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ସୋମବାର ହାଇସ୍କୁଲ ପଡିଆରେ ଅନୁଷ୍ଠିତ ହୋଇଯାଇଛି। ଏନେଇ ଅନୁଷ୍ଠିତ ସଭାରେ ପାଇକମାଳ ବିଡିଓ ପ୍ରଫୁଲ୍ଲ ଓଡୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ୍ ଚେୟାରମ୍ୟାନ ଭାବନା ସିଂ, ଏଡିଭିଓ ଅକ୍ଷୟ ମହାଲିଙ୍ଗ, ବିରୂପାକ୍ଷ ନାୟକ, ଡିଏଫ ନୀଳାମ୍ବର କଳାକାର, ମତ୍ସ୍ୟ ଅଧିକାରୀ ବରଗଡ଼ ଶୁଭସ୍ମିତା ଘଡେଇ, ଏସ ପାତ୍ର, ବିଇଓ ଅଦନ ସୁନା, ସମାଜସେବୀ ବଡ ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ। ସମସ୍ତ ଅତିଥି ମାନଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା। ମେଳାରେ ସଗୁପ୍ତା ହସନ, ମୋହିତରାମ ଝଗରା, ବିରଜାମହିଳା ସ୍ୱୟଂ ସାହାୟିକା ଗୋଷ୍ଠୀ, ଉମାକାନ୍ତ ଶତପଥୀ, ଗୌରାଙ୍ଗ ସାହୁ, ଅନ୍ନପୂର୍ଣ୍ଣା ମହିଳା ସ୍ୱୟଂ ସାହାୟିକା ଗୋଷ୍ଠୀ, ପୁଷ୍ପଲତା ସାହୁ ଓ ଶତାବ୍ଦୀ ମେହେର ପ୍ରମୁଖଙ୍କୁ କୁକୁଡା ପାଳନ, ମାଛ ଚାଷ, ପୋଖରୀ ଖନନ, ଦୁଗ୍ଧ ଉତ୍ପାଦନ, ମାଛ ଯାଆଁଳା, ଛେଳି ଚାଷ, ଗାଇ ପାଳନ ଆଦି ବିଭିନ୍ନ କ୍ଷେତ୍ରରେ ଆତ୍ମନିର୍ଭରଶୀଳ ହୋଇଥିବାରୁ ସାଂସଦ ଶ୍ରୀ ପୁରୋହିତ ପୁରସ୍କୃତ କରିଥିଲେ। ଶେଷରେ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଶେଷରେ ଏବିଏଫ ମଧୁସ୍ମିତା ବେହେରା ଧନ୍ୟବାଦ ଦେଇଥିଲେ।

# ଶିକ୍ଷକଙ୍କ ପରଲୋକ



ଭଟଲି,୧୦।୧୧(ସମିସ): ବରଗଡ଼ ଜିଲ୍ଲା ଭଟଲି ଥାନା ଅନ୍ତର୍ଗତ ଝାଙ୍କରପାଲି ଗାଁର ଅବସରପ୍ରାପ୍ତ ଶିକ୍ଷକ ତେଜରାଜ ମାଝୀଙ୍କ ୮୩ ବର୍ଷ ବୟସରେ ପରଲୋକ ଘଟିଛି। ମୃତ୍ୟୁଶଯ୍ୟା ନିକଟରେ ପତ୍ନୀ ପ୍ରେମାବତୀ ମାଝୀ, ପୁତ୍ର ଓ ପୁତ୍ରବଧୂ ପ୍ରମୋଦ-ମଞ୍ଜୁ ଓ ଦିଲିପ୍-ଅନୀତା ତଥା, ପୁତୁରା ମନବୋଧ, ଶ୍ରୀବସ୍ତ ଓ ନାତି ନାତୁଣୀ ଜ୍ଞାତି କୁଟୁମ୍ବ ଉପସ୍ଥିତ ଥିଲେ। ସେ ଏକାଧାରରେ ଶିକ୍ଷକ, ନାଟ୍ୟକାର, ହାରମୋନିଅମ ବାଦକ ତଥା ମେଳାପୀ ବ୍ୟକ୍ତି ଥିଲେ। ତାଙ୍କ ମୃତ୍ୟୁ ଖବର ପାଇ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ବାସଭବନକୁ ଯାଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ବଡପୁଅ ପ୍ରମୋଦ ମୁଖାଗ୍ନି ଦେଇଥିଲେ। ତାଙ୍କ ବିୟୋଗରେ ଝାଙ୍କରପାଲି ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ବିଭିନ୍ନ ସମସ୍ୟା ନେଇ ଚାଷୀଙ୍କୁ ଆପ୍‌ର ସମର୍ଥନ




ବରଗଡ଼,୧୦।୧୧(ସମିସ): ଜିଲ୍ଲାସ୍ତରୀୟଧାନ ସଂଗ୍ରହ ବୈଠକକୁ ଆସିଥିବା ଚାଷୀଙ୍କୁ ଆମ୍ ଆଦମୀ ପାର୍ଟି ସମର୍ଥନ ଜଣାଇଛି। ଜିଲ୍ଲାରେ ୫ ହଜାର ଚାଷୀ ପଞ୍ଜୀକରଣରୁ ବାଦ ପଡିଥିବା ବେଳେ ନୂଆପଡା ନିର୍ବାଚନରେ ବିଜେପି ପ୍ରଚାର କରୁଛି। ସରକାର ଆଜି ପର୍ଯ୍ୟନ୍ତ ଦିନ ଗଡେଇ ଚାଲିଥିବା ବେଳେ ଡିଏଲପିସି ବୈଠକ ଅନୁଷ୍ଠିତ ହେଉନାହିଁ ବୋଲି ଆପ୍ ଅଭିଯୋଗ କରିଛି। ଏପଟେ ଧାନ ଅମଳ ହୋଇ ବିଲ ଓ ଖଳାରେ ପଡି ରହିଥିବା ବେଳେ ମଣ୍ଡି କେବେ ଖୋଲିବ ବୋଲି ଚାଷୀ ପ୍ରଶ୍ନ କରୁଛି। ଚାଷୀଙ୍କ ଏହି ଦାବିକୁ ଆପ୍ ସମର୍ଥନ କରିବା ସହ ସରକାର ତୁରନ୍ତ ସମସ୍ତ ଚାଷୀଙ୍କ ଧାନ କିଣନ୍ତୁ ବୋଲି ରାଜ୍ୟ ସମ୍ପାଦକ ଭବାନୀ ସାହୁ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଅତାବିରା ବିଧାୟକ ପ୍ରାର୍ଥୀ ଜୟକ୍ରିଷ୍ଣା ଛୁରିଆ, ଅସିତ ସାହୁ, ମିଲୁ ନାଗ, ଧର୍ମରାଜ ମେହେର ପ୍ରମୁଖ ଉପସ୍ଥିତ ଥିଲେ।

# ରାଜବୋଡାସମ୍ବର୍ ଉଚ୍ଚ ବିଦ୍ୟାଳୟରେ ବିଜ୍ଞାନ ଓ ଗଣିତ ମେଳା




ପଦ୍ମପୁର,୧୦।୧୧(ସମିସ): ରାଜବୋଡାସମ୍ବର ଉଚ୍ଚ ବିଦ୍ୟାଳୟରେ ପଦ୍ମପୁର ଠାରେ ବିଜ୍ଞାନ ଓ ଗଣିତ ମେଳା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ନିରାଳମ୍ବ ପ୍ରସାଦ ପଟେଲ ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ରାଜବବୋଡାସମ୍ବର ବ୍ଲକ୍ ଶିକ୍ଷାଧିକାରୀ ଲୋକନାଥ ଭୋଇ ଏବଂ ମୁଖ୍ୟ ବକ୍ତା ଭାବେ ଅଞ୍ଚଳ ମହାବିଦ୍ୟାଳୟର ଉଦ୍ଭିଦ ବିଜ୍ଞାନ ଅଧ୍ୟାପିକା ମୋନାଲିସା ସ୍ୱାଇଁ, ବିଚାରକ ଭାବେ ବାଳିକା ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ମାନସ ଶତପଥୀ ଏବଂ ଟାଉନ ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ସୁଶାନ୍ତ ଯୋଶୀ ଯୋଗ ଦେଇଥିଲେ। ଶିକ୍ଷୟିତ୍ରୀ ପ୍ରୀତିରଶ୍ମୀ ସେଠ୍ ଅତିଥି ପରିଚୟ ପ୍ରଦାନ ସହ ସଭାର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ବିଦ୍ୟାଳୟର ଛାତ୍ରମାନେ ବିଜ୍ଞାନ ଆଧାରିତ ଏକ ଗୀତଗାନ କରିଥିଲେ। ଅତିଥି ମାନଙ୍କ ଦ୍ୱାରା ୱାଲ୍ ମାଗାଜିନ୍ (ସିଜଇନ୍) ଅନାବରଣ କରାଯାଇଥିଲା। ଏହି ମେଳାରେ ଅଭିନବ ଏବଂ ସୃଜନାତ୍ମକ ୪୦ଟି ପ୍ରକଳ୍ପ ପ୍ରଦର୍ଶନ କରାଯାଇଥିଲା। ଜୁନିୟର ବିଭାଗ ଏବଂ ସିନିୟର୍ ବିଭାଗରୁ ୩ଟି ଲେଖାଏଁ ପ୍ରକଳ୍ପ ବିଚାରକଙ୍କ ଦ୍ୱାରା ମନୋନୀତ କରାଯାଇ ପୁରସ୍କୃତ କରାଯାଇଥିଲା। ଭାଗ ନେଇଥିବା ଛାତ୍ର ମାନଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା। ଶେଷରେ ବିଜ୍ଞାନ ଇନ୍‌ଚାର୍ଜ ଶିକ୍ଷକ ସଂଗ୍ରାମ କେଶରୀ ଦୀପ ଧନ୍ୟବାଦ ଅର୍ପଣ କରିଥିଲେ।

# ଆଞ୍ଚଳିକ ଉଚ୍ଚ ବିଦ୍ୟାଳୟରେ ପ୍ଲାଷ୍ଟିକ ବର୍ଜନ ସଚେତନତା

ପଦ୍ମପୁର,୧୦।୧୧(ସମିସ): ପଦ୍ମପୁର ଉପଖଣ୍ଡ ଅଧୀନ ଆଞ୍ଚଳିକ ଉଚ୍ଚ ବିଦ୍ୟାଳୟ ଘନାମାଲ ବିଦ୍ୟାଳୟରେ ଜଙ୍ଗଲ ପରିବେଶ ସୁରକ୍ଷାର ଓ ଜଳବାୟୁ ପରିବର୍ତ୍ତନ ନିର୍ଦ୍ଦେଶାଳୟ ଭୁବନେଶ୍ୱର କାର୍ଯ୍ୟାଳୟ ତରଫରୁ ପ୍ଲାଷ୍ଟିକ ବର୍ଜନ ଉପରେ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଭାବେ ସହସଂଯୋଜକ ସୁଶାନ୍ତ ବେହେରା, ସତ୍ୟରଞ୍ଜନ ଦାସ ପ୍ରମୁଖ ଯୋଗ ଦେଇଥିଲେ। ଛାତ୍ରଛାତ୍ରୀଙ୍କୁ ପ୍ଲାଷ୍ଟିକ ବର୍ଜନ ଉପରେ ଶପଥ ପାଠ କରାଇ ଗାଁରେ ଜନ ସଚେତନତା ପଦଯାତ୍ରା କରାଯାଇ ଥିଲା। ପରେ ବିଦ୍ୟାଳୟରେ ପ୍ଲାଷ୍ଟିକ ବର୍ଜନ ଉପରେ ଚିତ୍ରାଙ୍କନ ଓ ପ୍ରବନ୍ଧ ଲେଖନ




କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଛାତ୍ରଛାତ୍ରୀ ଓ ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ଭାବେ ଜଙ୍ଗଲ ପରିବେଶ ସୁରକ୍ଷାର ଓ ଜଳବାୟୁ ପରିବର୍ତ୍ତନ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ଡ.ରାଜେଶ ମହାନ୍ତ, ସମ୍ମାନିତ ଅତିଥି ହୋଇଥିଲା। ଛାତ୍ରଛାତ୍ରୀଙ୍କ ତରଫରୁ ପ୍ଲାଷ୍ଟିକ ବର୍ଜନ ଉପରେ ସଚେତନତା ନାଟକ ପରିବେଷଣ କରାଯାଇଥିଲା। ପରେ କୃତୀ ପ୍ରତିଯୋଗୀଙ୍କୁ ଜଙ୍ଗଲ ଓ ପରିବେଶ ବିଭାଗ ଓଡ଼ିଶା ତରଫରୁ ମାନପତ୍ର ଓ ଷ୍ଟିଲ ପାଣି ବୋତଲ ପୁରସ୍କାର ପ୍ରଦାନ କରାଯାଇଥିଲା

# ଅବ୍ୟବସ୍ଥା ଘେରରେ କୁମୀର ଉଚ୍ଚ ବିଦ୍ୟାଳୟ

ବରଗଡ଼,୧୦।୧୧(ସମିସ):

ବରଗଡ଼ ଜିଲ୍ଲା ଝାରବନ୍ଧ ବ୍ଲକ୍ ଅଧୀନ କୁମୀର ପଞ୍ଚାୟତ ଉଚ୍ଚ ବିଦ୍ୟାଳୟରେ ଦୁଇଟି ସ୍ମାର୍ଟ କ୍ଲାସ ହେବା ବଦଳରେ କେବଳ ଗୋଟିଏ ସ୍ମାର୍ଟ କ୍ଲାସ ରହିଛି। ଫଳରେ ଅନେକ ଛାତ୍ରଛାତ୍ରୀ ସ୍ମାର୍ଟ କ୍ଲାସ ପାଇବାରୁ ବଞ୍ଚିତ ହେଉଛନ୍ତି।

## ଗୋଟିଏ ସ୍ମାର୍ଟ କ୍ଲାସ ଉଭାନ, ପାଚେରୀ ନାହିଁ

ବିଦ୍ୟାଳୟରେ ନବମ ଏବଂ ଦଶମ ଶ୍ରେଣୀ ପାଇଁ ୫ଟି ରୂପାନ୍ତରଣ ସମୟରେ ୨ଟି ସ୍ମାର୍ଟ ବୋର୍ଡ ପ୍ରଦାନ କରିବା କଥା। କିନ୍ତୁ ଆଜି ପର୍ଯ୍ୟନ୍ତ କେବଳ ଗୋଟିଏ ସ୍ମାର୍ଟ କ୍ଲାସରୁମ ହୋଇଥିବାରୁ ଛାତ୍ରଛାତ୍ରୀ ଏବଂ ଶିକ୍ଷକ




ଶିକ୍ଷୟିତ୍ରୀ ବହୁତ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏନେଇ ଅଭିଭାବକ ମାନେ ତଥା ଛାତ୍ରଛାତ୍ରୀ ଅନେକ ଥର ଦୃଷ୍ଟି ଆକର୍ଷଣ କରିକଛନ୍ତି। ତଥାପି ବ୍ଲକ୍ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନାହିଁ। ଝାରବନ୍ଧ ବ୍ଲକର ଉପାନ୍ତ ଅଞ୍ଚଳରେ ଅବସ୍ଥିତ ଏହି ବିଦ୍ୟାଳୟକୁ ଅଣଦେଖା କରାଯାଉଛି, ଯାହା ଫଳରେ ପିଲାମାନଙ୍କ ଭବିଷ୍ୟତ ନଷ୍ଟ ହେଉଛି ବୋଲି ଅଭିଯୋଗ ହୋଇଛି। ଏହା ବ୍ୟତୀତ ବିଦ୍ୟାଳୟରେ କୌଣସି ପାଚେରୀ ନାହିଁ। ଯାହାଦ୍ୱାରା ପଶୁପକ୍ଷୀ ଜଙ୍ଗଲୀ ଜୀବଜନ୍ତୁ ପାଠପଢ଼ା ସମୟରେ ପଶି ଆସିବା ଭୟ ରହୁଛି। ଛାତ୍ରଛାତ୍ରୀ ଏସବୁ ସମସ୍ୟାର ସମାଧାନ ପାଇଁ ରାଜ୍ୟ ସରକାରଙ୍କୁ ଅନୁରୋଧ କରିଛନ୍ତି।

# ବ୍ଲକ୍‌ସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା

ଖଜୁରିଆକଟା,୧୦ ।୧୧(ସମିସ):




ହିନ୍ଦୋଳ ବ୍ଲକ ଖଜୁରିଆକଟା ପ୍ରାଣୀ ଚିକିତ୍ସାଳୟ ପରିସରରେ ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା ଅନୁଷ୍ଠିତ ହୋଇଛି । ମୁଖ୍ୟଅତିଥି ଭାବେ ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବେ ଢେଙ୍କାନାଳ ସାଂସଦଙ୍କ ପ୍ରତିନିଧି ସୁଶାନ୍ତ ପତି, ହିନ୍ଦୋଳ ଉପଜିଲ୍ଲାପାଳ ପ୍ରଭାସ କୁମାର ବେଉରା, ଜିଲ୍ଲା ମତ୍ସ୍ୟ ଅଧିକାରୀ ଶୁଭଶ୍ରୀ ମିଶ୍ର, ତହସିଲଦାର ଦିଲୀପ ସେଠୀ, ବିଡିଓ ଡ. କଲ୍ୟାଣ ସୌରଭ ଦାସ, ବ୍ଲକ ଉପାଧ୍ୟକ୍ଷ ବରୁଣ ସର, ଉପଖଣ୍ଡ ପ୍ରାଣୀ ଚିକିତ୍ସା ଅଧିକାରୀ ଶୁଭବିକାଶ ମଲ୍ଲିକ, ଅବସରପ୍ରାପ୍ତ ଜିଲ୍ଲା ପ୍ରାଣୀ ଚିକିତ୍ସା ଅଧିକାରୀ ତପନ କୁମାର ବେଉରା, ଅବସରପ୍ରାପ୍ତ ପ୍ରାଣୀ ଚିକିତ୍ସା ଅଧିକାରୀ ପ୍ରଶାନ୍ତ କୁମାର ଖଟୁଆ ପ୍ରମୁଖ ଯୋଗଦେଇଥିଲେ । ହିନ୍ଦୋଳ ବ୍ଲକର ୩୫ ପଞ୍ଚାୟତରୁ ଶତାଧିକ ଚାଷୀ ମେଳାରେ ଅଂଶଗ୍ରହଣ କରିଥିଲେ । ମେଳାରେ ମୋଟ ୧୨ ଷ୍ଟଲ ଲାଗିଥିଲା । ଚାଷୀମାନଙ୍କୁ ପ୍ରାଣୀ ଓ ମତ୍ସ୍ୟ ସମ୍ପଦ କ୍ଷେତ୍ରରେ ଆତ୍ମନିର୍ଭରଶୀଳ ହେବା ପାଇଁ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଅବଗତ କରାଯାଇଥିଲା । ଗୋପାଳନରେ ହାତୁରାର ରଶ୍ମିତା ନାଥ, ଛେଳି ପାଳନରେ କୁମୁରିସିଙ୍ଗାର ଦମୟନ୍ତୀ ମହାଳିକ, କୁକୁଡ଼ା ପାଳନରେ ଶୁଭେନ୍ଦୁ ବେହେରା, ଦୁଦୁରକୋଟ ମା' ସନ୍ତୋଷୀ ସ୍ୱୟଂ ସହାୟକ ଗୋଷ୍ଠୀ, ମତ୍ସ୍ୟ ପୋଖରୀ ଯୋଜନାରେ ପଟାଲୁର ପ୍ରଭାକର ସ୍ୱାଇଁ, ମାଛ ଜାଆଁଳରେ ବେଡ଼ାପଡ଼ାର ନନ୍ଦିତା ସାହୁ, ବାୟୋଫ୍ଲକ ମାଛଚାଷରେ ଦୁଦୁରକୋଟର ଶୁଭଶ୍ରୀ ପଟ୍ଟନାୟକ, ମାଛଚାଷ ପାଇଁ ନନ୍ଦପୁର ଜେନାମଣି ସ୍ୱୟଂ ସହାୟକ ଗୋଷ୍ଠୀ, ବ୍ରଏଲର କୁକୁଡ଼ା ଚାଷ ପାଇଁ ବାଙ୍କିଡ଼ିର ରେବତୀ ବେହେରା, ମାଛ ଜାଲ ପାଇଁ ମାଧବଚନ୍ଦ୍ର ପାଲ ପ୍ରମୁଖ ସଫଳ ଚାଷୀଙ୍କୁ ପୁରସ୍କୃତ କରାଯାଇଥିଲା । ହିନ୍ଦୋଳ ବ୍ଲକ କଳାସଂସ୍କୃତି ପରିଷଦ ଉପସଭାପତି ବିମଳ ବିଶ୍ୱାଳଙ୍କ ଆବାହକତ୍ୱରେ ପାଲା ଗାୟକ ଧ୍ରୁବଚରଣ ବିଶ୍ୱାଳ ଓ ସାଥୀ, ପାଇକ ସମର କଳାରେ ଦୁଦୁରକୋଟର ବିମଳା ସାମଲ ଓ ସାଥୀ, କାରନ୍ଦା ଗ୍ରାମର ମହିଳା ସଂକୀର୍ତ୍ତନ ମଣ୍ଡଳୀ ସରକାରଙ୍କ ବିଭିନ୍ନ ଯୋଜନାକୁ ନିଜ କଳା ମାଧ୍ୟମରେ ପ୍ରଦର୍ଶନ କରିଥିଲେ । ବ୍ଲକ ପ୍ରାଣୀ ଚିକିତ୍ସା ଅଧିକାରୀ ଦେବାଶିଷ ତ୍ରିପାଠୀ ଅତିଥି ପରିଚୟ ପ୍ରଦାନ କରିଥିଲେ । ବିମଳ ବିଶ୍ୱାଳ ମଞ୍ଚ ପରିଚାଳନା କରିଥିଲେ । ଉପଖଣ୍ଡ ପ୍ରାଣୀ ଚିକିତ୍ସା ଅଧିକାରୀ ଶୁଭବିକାଶ ମଲ୍ଲିକ ଧନ୍ୟବାଦ୍ ଅର୍ପଣ କରିଥିଲେ । ଖଜୁରିଆକଟା ପ୍ରାଣୀ ଚିକିତ୍ସା ଅଧିକାରୀ ପ୍ରଜ୍ଞାସ୍ମିତା ସାହୁଙ୍କ ସମେତ ଉପଖଣ୍ଡର ସମସ୍ତ ପ୍ରାଣୀ ଚିକିତ୍ସାଳୟର କର୍ମଚାରୀ ସହଯୋଗ କରିଥିଲେ ।

## ସାଇବର ଠକେଇ ସମ୍ପର୍କିତ ସଚେତନତା



ଗଁଦିଆ,୧୦ ।୧୧(ସମିସ): ଢେଙ୍କାନାଳ ଜିଲ୍ଲା ଖଙ୍କିରା ଗ୍ରାମରେ ସାଇବର ଠକେଇ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଭୁବନେଶ୍ୱର ରିଜର୍ଭ ବ୍ୟାଙ୍କ ଅଫ ଇଣ୍ଡିଆ ତରଫରୁ ଏକ ସଂସ୍ଥା ଦ୍ୱାରା ଆରମ୍ଭ କରାଯାଇଛି । ୫ ଜଣିଆ ଦଳ ୧୦ ପ୍ରତିଶତ ଘରକୁ ଯାଇ ଲୋକେ ବ୍ୟାଙ୍କିଂ ତଥା ସାଇବର ଠକେଇ ଉପରେ କେତେ ସଚେତନ ତାହା ପଚାରି ବୁଝିବା ସହ ଇ-କେୱାଇସି, ବ୍ୟାଙ୍କ ଠକେଇ, ଡିଜିଟାଲ ଆରେଷ୍ଟ, ମୁକ୍ତ ୱାଇଫାଇ, ଏଟିଏମ କାର୍ଡ ଠକେଇ, ସାଇବର ଠକେଇ, ମୋବାଇଲ ହ୍ୟାକିଂ, ଓଟିପି ସେୟାର ଠକେଇ ସହ ଧନଜୀବନ କିପରି ସୁରକ୍ଷିତ ରହିପାରିବ ସେ ଉପରେ ତଥ୍ୟ ଗ୍ରହଣ ସହ ବୁଝାଇଥିଲେ । ମହିଳା ସ୍ୱୟଂ ସହାୟକ ଗୋଷ୍ଠୀରେ କିଭଳି ସାଇବର ଠକେଇ ନ ହେବ ସେ ନେଇ ସଚେତନ କରିଥିଲେ ।

## ସନାତନ ଧର୍ମ ସମ୍ମିଳନୀ ଉଦଯାପିତ




ଢେଙ୍କାନାଳ,୧୦ ।୧୧(ସମିସ): ଠାକୁର ଶ୍ରୀ ଶ୍ରୀ ଅଭିରାମ ପରମହଂସ ଦେବଙ୍କ ଢେଙ୍କାନାଳ ଜିଲ୍ଲା ଭକ୍ତଗୋଷ୍ଠୀ ତରଫରୁ ସ୍ଥାନୀୟ ମ୍ୟୁନିସିପାଲିଟି କଲ୍ୟାଣ ମଣ୍ଡପରେ ଆୟୋଜିତ ଠାକୁରଙ୍କ ତିନିଦିନିଆ ଦ୍ୱାବିଂଶ ବାର୍ଷିକ ଉତ୍ସବ ଓ ସନାତନ ଧର୍ମ ସମ୍ମିଳନୀ ରବିବାର ଉଦଯାପିତ ହୋଇଛି । ଶାନ୍ତିଧାମ କରମଳା ଆଶ୍ରମରୁ ସାଧୁ ବାବାଜୀ ଶେଷଦେବ ଦାସ, ବୁଦ୍ଧଦେବ ଦାସ, ତ୍ରିଲୋଚନ ଦାସ, ରତ୍ନାକର ଦାସ, ଅଯୋଧ୍ୟା ଦାସ ପ୍ରମୁଖଙ୍କ ସହ କଲ୍ୟାଣ କଳ୍ପତରୁ ଆଶ୍ରମର ସନ୍ତୋଷ ଚୈତନ୍ୟ ବ୍ରହ୍ମଚାରୀ ଯୋଗଦେଇ ପ୍ରବଚନ ପ୍ରଦାନ କରିଥିଲେ । ତିନିଦିନ ବ୍ୟାପୀ ଘୃତଯଜ୍ଞ, ଅନ୍ନଯଜ୍ଞ ଓ ନାମଯଜ୍ଞ ଅନୁଷ୍ଠିତ ହୋଇଥିଲା । ଦୈନିକ ଶ୍ରଦ୍ଧାଳୁଙ୍କୁ ପ୍ରସାଦ ବିତରଣ କରାଯାଇଥିଲା । ପ୍ରଥମ ଦିବସରେ ଠାକୁରଙ୍କ ବିଗ୍ରହକୁ ୯ଟି ସଂକୀର୍ତ୍ତନ ମଣ୍ଡଳୀ ଦ୍ୱାରା ସହର ପରିକ୍ରମଣ କରାଯାଇଥିଲା । ଜିଲ୍ଲା ଭକ୍ତ ଗୋଷ୍ଠୀର ସଭାପତି ସୁଧାକର ଜେନାଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ହୋଇଥିବା ବେଳେ ସମ୍ପାଦକ ହୃଦାନନ୍ଦ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

## ଜିଲ୍ଲା ଓକିଲ ସଂଘ ଓ ଏସ୍‌ପିଙ୍କ ମିଳିତ ବୈଠକ

ଢେଙ୍କାନାଳ,୧୦ ।୧୧(ସମିସ): ସ୍ଥାନୀୟ ଓକିଲ ସଂଘ ସଭାଗୃହରେ ସଂଘ ସଭାପତି ଗୋପାଳ ଚନ୍ଦ୍ର ପାତ୍ରଙ୍କ ଅଧ୍ୟକ୍ଷତାରେ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଛି । ଓକିଲ ସଂଘ ପକ୍ଷରୁ ସୋମବାର କଲମଛାଡ଼ ଆନ୍ଦୋଳନ ଓ ଜିଲ୍ଲା ପୁଲିସ କାର୍ଯ୍ୟାଳୟ ଘେରାଉ କରିବା ପାଇଁ ନିଷ୍ପତ୍ତି ହୋଇଥିଲା । ସଂଘ ଉପସଭାପତି ଟଙ୍କଧର ବେହେରାଙ୍କ ନାମରେ ପୁଲିସ ପକ୍ଷରୁ କରାଯାଇଥିବା ମିଥ୍ୟା ଏସସି-ଏସଟି ମାମଲା ଓ ପୁଲିସର ମାତ୍ରାଧିକ କାର୍ଯ୍ୟାନୁଷ୍ଠାନକୁ ବିରୋଧ କରି ଶୁକ୍ରବାର ଏହି ନିଷ୍ପତ୍ତି ନିଆଯାଇଥିଲା । ମାତ୍ର ଶନିବାର କେନ୍ଦ୍ରାଞ୍ଚଳ ଆଇଜି ସତ୍ୟବ୍ରତ ଭୋଇ ଏବଂ ଓକିଲ ସଂଘ ସଭାପତି ଗୋପାଳ ଚନ୍ଦ୍ର ପାତ୍ରଙ୍କ ମଧ୍ୟରେ ଟେଲିଫୋନ ମାଧ୍ୟମରେ ଏହି ବିବାଦର ସମାଧାନ ପନ୍ଥା ସମ୍ପର୍କରେ ଆଲୋଚନା ହୋଇଥିଲା । ଏସ୍‌ପି ଓ ଜିଲ୍ଲା ଓକିଲ ସଂଘ ମଧ୍ୟରେ ମିଳିତ ବୈଠକ କରି ବିବାଦର ସମାଧାନ କରିବାକୁ ଆଇଜି ପ୍ରସ୍ତାବ ଦେଇଥିଲେ । ଏହି ପ୍ରସ୍ତାବ ଅନୁଯାୟୀ ସୋମବାର ବୈଠକ ଅନୁଷ୍ଠିତ ହୋଇ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା । ପୁଲିସ ନିଜ ତରଫରୁ ସମାଧାନର ହାତ ବଢ଼ାଇଥିବାରୁ ବୈଠକରେ ଉପସ୍ଥିତ ଓକିଲ ସଂଘର ସମସ୍ତ ସଦସ୍ୟ ଏହାକୁ ସ୍ୱୀକାର କରିବା ପାଇଁ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ହୋଇଛି । ଏହି ପରିପ୍ରେକ୍ଷୀରେ ଓକିଲ ସଂଘ ସଭାପତିଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଏସ୍‌ପିଙ୍କ ଦ୍ୱାରା ଗଠିତ ପୁଲିସ ପ୍ରତିନିଧି ଦଳ ସହ ଆଲୋଚନା କରିଥିଲେ । ଆଲୋଚନାରେ ଉଭୟ ପକ୍ଷ ନିଜ ମତ ଉପସ୍ଥାପନ କରିଥିଲେ । ଆପୋସ ସମାଧାନ ପ୍ରସ୍ତାବ ଗ୍ରହଣ କରିଥିଲେ । ଏହି ପ୍ରତିନିଧି ଦଳରେ ସଂଘ ସମ୍ପାଦକ ତାପସ କୁମାର କବିଶତପଥୀ, ସହସମ୍ପାଦକ ଉତ୍ତମ ଦାସ, କାର୍ଯ୍ୟକାରୀ ସଦସ୍ୟ ପ୍ରେମାନନ୍ଦ ବିହାରୀ, କମଳା ସାହୁ, ପୂର୍ବତନ ସଭାପତି ସୁରେନ୍ଦ୍ର ମିଶ୍ର, ଦୀପକ ପ୍ରସାଦ ପଟ୍ଟନାୟକ, ପଙ୍କଜ ଲୋଚନ ସାହୁ, ଶିବସାଇ ମହାପାତ୍ର, ବରିଷ୍ଠ ସଭ୍ୟ ସୁବୋଧ ମହାନ୍ତି, ଭାବଗ୍ରାହୀ ପଣ୍ଡା, ନିର୍ମଳ ମିଶ୍ର, କିଶାନ ବିଶ୍ୱାଳ, ରାଜେନ୍ଦ୍ର ନାରାୟଣ ରାଉତ ପ୍ରମୁଖ ସାମିଲ ହୋଇଥିଲେ ।

## ବରିଷ୍ଠ ନାଗରିକ ମଞ୍ଚ ବୈଠକ



ଯୋରନ୍ଦା,୧୦ ।୧୧(ସମିସ): ଢେଙ୍କାନାଳ ଜିଲ୍ଲା ଗଁଦିଆ ବ୍ଲକ ଯୋରନ୍ଦା ଶିବମନ୍ଦିରରେ ଜିଲ୍ଲା ବରିଷ୍ଠ ନାଗରିକ ମଞ୍ଚ ଯୋରନ୍ଦା ଶାଖାର ବାର୍ଷିକ ବୈଠକ ଅନୁଷ୍ଠିତ ହୋଇଛି । ଜିଲ୍ଲା ସଂଘ ସଭାପତି ଦୁର୍ଗାମାଧବ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଜିଲ୍ଲା ସହସମ୍ପାଦକ ବିନାୟକ ଶତପଥୀ, କାର୍ଯ୍ୟକାରୀ ସଭାପତି ଅକ୍ଷୟ କୁମାର ସାହୁ, ଯୋଗୀନାଥ ମହାନ୍ତି, ସଂଯୋଜକ ଅମ୍ବିକା ପ୍ରସାଦ ବରାଳ, ଗଁଦିଆ ସଂଘର ବିପିନ ବିହାରୀ ସିଂ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ । ଯୋରନ୍ଦା ସଂଘ ସଭାପତି ରବିନାରାୟଣ ରାଉଳ ଅତିଥିଙ୍କୁ ସ୍ୱାଗତ କରିବା ସହ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ । ଅତିଥିମାନେ ବରିଷ୍ଠ ନାଗରିକମାନଙ୍କ ସମସ୍ୟା ଓ ସମାଧାନ ସମ୍ପର୍କରେ ଆଲୋଚନା କରିଥିଲେ । ଉପସଭାପତି ପୀତବାସ ରାଉତ ବରିଷ୍ଠ ନାଗରିକ ଭବନ ନିର୍ମାଣ ପାଇଁ ପ୍ରସ୍ତାବ ଦେଇଥିଲେ । ସମ୍ପାଦକ ନେତ୍ରାନନ୍ଦ ରାଉତ ବରିଷ୍ଠ ନାଗରିକଙ୍କୁ ବ୍ୟାଙ୍କ, ପୋଷ୍ଟାଲ ତଥା ମେଡିକାଲ କାଉଣ୍ଟରରେ ସ୍ୱତନ୍ତ୍ର ସୁବିଧା ଯୋଗାଇଦେବାକୁ ପ୍ରସ୍ତାବ ଦେଇଥିଲେ । ସଭ୍ୟ ପଞ୍ଚାନନ ସ୍ୱାଇଁ ଗ୍ରାମାଞ୍ଚଳରୁ ଅଧିକ ସଂଖ୍ୟକ ବରିଷ୍ଠ ନାଗରିକଙ୍କୁ ସଂଗଠନରେ ସାମିଲ କରିବା ପାଇଁ ପରାମର୍ଶ ଦେଇଥିଲେ । ସଭ୍ୟ ବିପିନ ନାୟକ ଇପିଏଫ ପେନସନଧାରୀଙ୍କ ଲାଇଫ ସାର୍ଟିଫିକେଟ ବ୍ୟାଙ୍କରେ କରାଯିବା ପାଇଁ ଦାବି କରିଥିଲେ । କୋଷାଧ୍ୟକ୍ଷ ଶରତ କୁମାର ରାଉତ, ସଭ୍ୟ ଭୀମସେନ ନାୟକ, ଯୁଧିଷ୍ଠିର ମହାନ୍ତି, ବିଚିତ୍ରାନନ୍ଦ ସାମଲ, ଅରୁଣ ସାହୁ, ଗନ୍ଧର୍ବ ଚରଣ ଲେଙ୍କା, ଅଦ୍ୱୈତ ଚରଣ ରାଉତ, ମଙ୍ଗୁଳି ଚରଣ ବିଶ୍ୱାଳ, ପଙ୍କଜ ଚରଣ ଶତପଥୀ, ଶରତ କୁମାର ପ୍ରଧାନ, ତ୍ରିଲୋଚନ ସାହୁ, ବିଦ୍ୟାଧର ବେହେରା, ବିରଞ୍ଚି ନାରାୟଣ ପଣ୍ଡା, ଶରତ ରାଉତ, ବସନ୍ତ କୁମାର ପାତ୍ର, ବାସୁଦେବ ରାଉତ ପ୍ରମୁଖ ସହଯୋଗ କରିଥିଲେ । ବୈଠକରେ ବିଶ୍ୱପ୍ରସିଦ୍ଧ ପର୍ଯ୍ୟଟନସ୍ଥଳୀ ମହିମାଗାଦିକୁ ବ୍ଲକ ଭାବେ ଘୋଷଣା କରିବାକୁ ଦାବି ଉପସ୍ଥାପନ ସମ୍ପର୍କରେ ଆଲୋଚନା ହୋଇଥିଲା ।

## ଓଡ଼ିଆ ଭାଗବତ ଆବୃତ୍ତି ପ୍ରତିଯୋଗିତା



ଭୁବନ,୧୦ ।୧୧(ସମିସ): ଶ୍ରୀଜଗନ୍ନାଥ ଦାସ କୃତ ବିଦ୍ୟାଳୟସ୍ତରୀୟ ଓଡ଼ିଆ ଭାଗବତ ଆବୃତ୍ତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି । ଶ୍ରୀରାମ ମନ୍ଦିରରେ ଅନୁଷ୍ଠିତ ଏହି ପ୍ରତଯୋଗିତାରେ ନର୍ମଦାସ୍ଥିତ ଆଶ୍ରମର ପୀଠାଧୀଶ ସ୍ୱାମୀ ରମଣାନନ୍ଦ ପୁରୀ ଅଧ୍ୟକ୍ଷତା କରିଥିଲେ । ପ୍ରାକ୍ତନ ପ୍ରଧାନଶିକ୍ଷକ ଡମ୍ବରୁଧର ସାହୁ, ସୁରେନ୍ଦ୍ର ପୃଷ୍ଟି ଓ ସମାଜସେବୀ ଛାୟକାନ୍ତ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ସେଣ୍ଟ ଜାଭିୟର୍ସ ସ୍କୁଲର ଅଷ୍ଟମ ଶ୍ରେଣୀ ଛାତ୍ର ସାହଲ ସାମନ୍ତ ପ୍ରଥମ, ସରକାରୀ ବାଳିକା ବିଦ୍ୟାଳୟର ୯ମ ଶ୍ରେଣୀ ଛାତ୍ରୀ ପ୍ରୀତିମୟୀ ବେହେରା ଦ୍ୱିତୀୟ ଓ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ଅଷ୍ଟମ ଶ୍ରେଣୀ ଛାତ୍ରୀ ରାଧା ମହାପାତ୍ର ତୃତୀୟ ସ୍ଥାନ ଅଧିକାରୀ କରିଛନ୍ତି ।

## ଜିଲ୍ଲା କ୍ରୀଡ଼ା ବିଭାଗ ପକ୍ଷରୁ ବନ୍ଧୁତ୍ୱପୂର୍ଣ୍ଣ ହକି ମ୍ୟାଚ୍




ଢେଙ୍କାନାଳ,୧୦ ।୧୧(ସମିସ): ଜିଲ୍ଲା କ୍ରୀଡ଼ା ବିଭାଗ ପକ୍ଷରୁ ଢେଙ୍କାନାଳ ମୁଖ୍ୟ ଷ୍ଟାଡିୟମରେ ସହିଦ ବାଜି ରାଉତ ବନ୍ଧୁତ୍ୱପୂର୍ଣ୍ଣ ହକି ମ୍ୟାଚ ଅନୁଷ୍ଠିତ ହୋଇଛି । ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଦୀପ୍ତିରଞ୍ଜନ ସେଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ । ଢେଙ୍କାନାଳରେ ହକିର ଇତିହାସ ବେଶ୍ ପୁରୁଣା । ଏବେର ହକି ଖେଳାଳି ରାଜ୍ୟ ସ୍ତରରେ ଭଲ ଖେଳୁଛନ୍ତି ବୋଲି ସେ କହିଥିଲେ । ଦୁଇ ଦଳ ମଧ୍ୟରେ ବନ୍ଧୁତ୍ୱପୂର୍ଣ୍ଣ ଖେଳ ହୋଇଥିଲା । ବିଜେତା ଦଳ ଓ ଉତ୍କୃଷ୍ଟ ଖେଳ ପ୍ରଦର୍ଶନ କରିଥିବା ଖେଳାଳିଙ୍କୁ ପୁରସ୍କୃତ କରାଯାଇଥିଲା । ଭାରପ୍ରାପ୍ତ ଜିଲ୍ଲା କ୍ରୀଡ଼ା ଅଧିକାରୀ ସୁଦୀପ୍ତ କୁମାର ସାହୁ ଉପସ୍ଥିତ ଥିଲେ । କୋଚ୍ ସାଇ ପ୍ରସାଦ ଦଳେଇ ଖେଳ ପରିଚାଳନା କରିଥିଲେ ।

## କାବେରା ଗ୍ରାମ ପରିଚାଳନା କମିଟି ଗଠିତ



ଗଁଦିଆ,୧୦ ।୧୧(ସମିସ): ଗଁଦିଆ ବ୍ଲକ କାବେରା ଗ୍ରାମର ନୂତନ ପରିଚାଳନା କମିଟି ଗଠନ କରାଯାଇଛି । ବ୍ରହ୍ମାନନ୍ଦ ନାୟକ ସଭାପତି, ଜ୍ଞାନରଞ୍ଜନ ରାଉତ କାର୍ଯ୍ୟକାରୀ ସଭାପତି, ଲକ୍ଷ୍ମୀଧର ପାତ୍ର ଉପସଭାପତି, ଚନ୍ଦନ କୁମାର ରାଉଳ ସମ୍ପାଦକ, ସରୋଜ ନାୟକ ସହସମ୍ପାଦକ, ବସୁଦେବ ମହାନ୍ତି କୋଷାଧ୍ୟକ୍ଷ ଭାବେ ମନୋନୀତ ହୋଇଛନ୍ତି । ସେହିପରି ଉପଦେଷ୍ଟା ଭାବେ ହେମନ୍ତ କୁମାର ରାଉଳ, ନୀରଦଚନ୍ଦ୍ର ମହାରଣା, ମନୋଜ କୁମାର ସେଠୀ, ମଙ୍ଗରାଜ ମହାନ୍ତି, ଅଭୟ ମହାନ୍ତି, ପ୍ରଭାକର ନାୟକ, ଅମିନ ରାଉଳ, ସତ୍ୟାନନ୍ଦ ବାରିକ, ରାଧାନାଥ ସାହୁ, ବିରଞ୍ଚି ନାୟକ, କୁଳମଣି ବାରିକ, ଦିଲୀପ ମହାନ୍ତି, ବିଶ୍ୱନାଥ ରାଉଳ, ପ୍ରଦୀପ ପାତ୍ର, ଝୁଲିଆ ମଲିକ, ବୀରେନ ନାୟକ, ବିଶ୍ୱଜିତ ମହାନ୍ତି ପ୍ରମୁଖ ମନୋନୀତ ହୋଇଛନ୍ତି । ସମସ୍ତ କର୍ମକର୍ତ୍ତା ଗ୍ରାମର ଉତ୍ତରୋତ୍ତର ଉନ୍ନତି ନିମନ୍ତେ ଏକ ହୋଇ କାର୍ଯ୍ୟ କରିବା ନିମନ୍ତେ ଯୁବ ସଦସ୍ୟ ମନୋଜ କୁମାର ମହାନ୍ତି ଆହ୍ୱାନ ଦେବା ସହ ଧନ୍ୟବାଦ ଅର୍ପଣ କରିଥିଲେ ।

## ପଞ୍ଚାୟତ ଅଫିସରୁ ଲକ୍ଷାଧିକ ଟଙ୍କା ଲୁଟ୍

ହିନ୍ଦୋଳ/ଖଜୁରିଆକଟା,୧୦ ।୧୧(ସମିସ): ହିନ୍ଦୋଳ ଥାନା ମାଧପୁର ପଞ୍ଚାୟତ କାର୍ଯ୍ୟାଳୟ ତାଲା ଭାଙ୍ଗି ରବିବାର ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ଲକ୍ଷାଧିକ ଟଙ୍କା ସହ ବିଭିନ୍ନ ସାମଗ୍ରୀ ଲୁଟି ନେଇଥିବା ଅଭିଯୋଗ ହୋଇଛି । ପଞ୍ଚାୟତ ସଭାଘରେ ଲାଗିଥିବା ଏଲଇଡି ଟିଭି, ଇନଭର୍ଟର, ବ୍ୟାଟେରୀ ସହ ଆମ ବ୍ୟାଙ୍କ ଖୋଲାଯାଇଥିବା ଘରୁ ଇନଭର୍ଟର, ବ୍ୟାଟେରୀ ଓ ଡ୍ରୟାର ଏବଂ ଆଲମିରାରେ ଥିବା ୧ ଲକ୍ଷ ୧୬ ହଜାର ୫୦୦ ଟଙ୍କା ମଧ୍ୟ ଲୁଟ୍ ହୋଇଥିବା ଅଭିଯୋଗରେ ଦର୍ଶାଯାଇଛି । ସକାଳେ ଚୋରି ସମ୍ପର୍କରେ ଜଣାପଡ଼ିବା ପରେ ସରପଞ୍ଚ ବୀଣାପାଣି ନାଏକ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ସେହିପରି ଲୁଟେରାମାନେ ନିକଟରେ ଥିବା ପ୍ରାଥମିକ ବିଦ୍ୟାଳୟରୁ ଟିଭି ଏବଂ ଅନ୍ୟାନ୍ୟ ସାମଗ୍ରୀ ମଧ୍ୟ ଲୁଟି ନେଇଛନ୍ତି । ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି ।

## ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା




ଗଁଦିଆ,୧୦ ।୧୧(ସମିସ): ଗଁଦିଆ ବ୍ଲକ ବେଗା ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ପ୍ରାଙ୍ଗଣରେ ମାଇଁ ଯୁବା ଭାରତ, ଢେଙ୍କାନାଳ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପ୍ରିୟ ମିଳିତ ଆନୁକୂଲ୍ୟରେ ବ୍ଲକ୍‌ସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଉଦଘାଟିତ ହୋଇଛି । ବେଗା ସରପଞ୍ଚ ରାହୁଲରାୟ ମହାଳିକ ଏହାକୁ ଉଦଘାଟନ କରିଥିଲେ । ଫୁଟବଲ୍ ଟୁର୍ଣ୍ଣାମେଣ୍ଟରେ ଅଜୟ କୁମାର ପୂର୍ତ୍ତି ଓ ଟିମ ୧-୦ ଗୋଲରେ ଅନିଲ ସାହୁଙ୍କୁ ପରାସ୍ତ କରିଥିଲେ । ଖୋଖୋରେ କାହ୍ନୁ ସାହୁ ଓ ସାଥୀ ଅଜୟ କୁମାର ପୂର୍ତ୍ତି ଓ ସାଥୀଙ୍କୁ ପରାସ୍ତ କରି ପୁରସ୍କୃତ ହୋଇଥିଲେ । ବାଳିକାମାନଙ୍କ ମଧ୍ୟରେ ପୁଚି, ସ୍ଲୋ ସାଇକଲ, ମ୍ୟୁଜିକ ଚେୟାର ପ୍ରତିଯୋଗିତା ହୋଇଥିଲା । ଯୁବକମାନଙ୍କ ମଧ୍ୟରେ କ୍ରିକେଟ ମ୍ୟାଚ କରାଯାଇଥିଲା । କ୍ରୀଡ଼ା ଶିକ୍ଷକ ଅକ୍ଷୟ କୁମାର ଲେଙ୍କା ପ୍ରତିଯୋଗିତା ପରିଚାଳନା କରିଥିଲେ । ପ୍ରିୟର ନିର୍ଦ୍ଦେଶକ ଟଙ୍କଧର ବାରିକ ଗ୍ରାମାଞ୍ଚଳରେ କିପରି କ୍ରୀଡ଼ାର ବିକାଶ ହେବ ସେ ସମ୍ପର୍କରେ ସୂଚନା ଦେଇଥିଲେ । ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ପ୍ରଧାନଶିକ୍ଷକ ନାରାୟଣ ସ୍ୱାଇଁ, ସହକାରୀ ଶିକ୍ଷକ ସୁକାନ୍ତ କୁମାର ସାହୁ, ଭ୍ରମରବର ପ୍ରଧାନ, ବିକ୍ରମ ବାରିକ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରିଥିଲେ । ପ୍ରିୟର କର୍ମଚାରୀ ରବୀନ୍ଦ୍ର କୁମାର ସାମଲ, ସୋନାଲି ଧଳ, ଅନ୍ନପୂର୍ଣ୍ଣା ଧଳ, ସୌଭାଗ୍ୟଲକ୍ଷ୍ମୀ ତରାଇ ସହଯୋଗ କରିଥିଲେ ।

## ସତ୍ୟସାଇ ସେବା ସମିତିରେ ଅଖଣ୍ଡ ଭଜନ

କାମାକ୍ଷାନଗର,୧୦ ।୧୧(ସମିସ): କାମାକ୍ଷାନଗର ସତ୍ୟସାଇ ସେବା ସମିତି ପକ୍ଷରୁ ସ୍ଥାନୀୟ ସାଇବିହାରଠାରେ ବିଶ୍ୱ ଅଖଣ୍ଡ ଭଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ସତ୍ୟସାଇ ବାବାଙ୍କ ୧୦୦ତମ ଜନ୍ମ ମହୋତ୍ସବ ଅବସରରେ ଦେଶର ବିଭିନ୍ନ ସତ୍ୟସାଇ ସେବା ସମିତିରେ ଏହି କାର୍ଯ୍ୟକ୍ରମ ହୋଇଥିବା ବେଳେ କାମାକ୍ଷାନଗର ସତ୍ୟସାଇ ସେବା ସମିତି ପକ୍ଷରୁ ଆବାହକ ବିମଳ କୁମାର ପରିଡ଼ାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହାର ଆୟୋଜନ କରାଯାଇଥିଲା । ଶନିବାର ସନ୍ଧ୍ୟାରୁ ୨୪ ଘଣ୍ଟିଆ ବିଶ୍ୱ ଅଖଣ୍ଡ ଭଜନ ଆରମ୍ଭ ହୋଇ ରବିବାର ସନ୍ଧ୍ୟାରେ ଉଦଯାପିତ ହୋଇଛି । ନଭେମ୍ବର ୨୩ ତାରିଖ ସତ୍ୟସାଇ ବାବାଙ୍କ ୧୦୦ତମ ଜନ୍ମ ମହୋତ୍ସବ ଭବ୍ୟ ଆକାରରେ ପାଳନ ହେବ ବୋଲି ସତ୍ୟସାଇ ସେବା ସମିତି ପକ୍ଷରୁ ସୂଚନା ଦିଆଯାଇଛି ।

## ଗଁଦିଆ ଥାନା ପକ୍ଷରୁ ସାଇବର ସୁରକ୍ଷା ସଚେତନତା






ଗଁଦିଆ,୧୦ ।୧୧(ସମିସ): ଗଁଦିଆ ଥାନା ପକ୍ଷରୁ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଓ ଯୋରନ୍ଦା ମହିମା ମହାବିଦ୍ୟାଳୟ ପରିସରରେ ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏହି ଅବସରରେ ପଥପ୍ରାନ୍ତ ନାଟକ ମାଧ୍ୟମରେ ଲୋକଙ୍କୁ ସଚେତନ କରାଯାଇଛି । ମୁଖ୍ୟଅତିଥି ଭାବେ ଢେଙ୍କାନାଳ ଡିଏସ୍‌ପି ରମେଶ ଚନ୍ଦ୍ର ଦୋରା, ସମ୍ମାନିତ ଅତିଥି ଭାବେ ଗଁଦିଆ ଥାନା ଅଧିକାରୀ ଶାନ୍ତନୁ କୁମାର ପ୍ରଧାନ, ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମନସ୍ୱିନୀ ସାହୁ, ଯୋରନ୍ଦା ଫାଣ୍ଡି ଅଧିକାରୀ ମାଗୁଣି ଗଡ଼ନାୟକ, ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରହ୍ଲାଦ ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ ।

## ଚିତ୍ରଶିଳ୍ପୀ ଅମୂଲ୍ୟ ମହାପାତ୍ରଙ୍କ ଦେହାନ୍ତ



ଢେଙ୍କାନାଳ,୧୦ ।୧୧(ସମିସ): ବିଶିଷ୍ଟ ଚିତ୍ରଶିଳ୍ପୀ ତଥା ସମାଜସେବୀ ଅମୂଲ୍ୟ ମହାପାତ୍ରଙ୍କ ୭୪ ବର୍ଷ ବୟସରେ ହାଟରୋଡ୍ ସ୍ଥିତ ବାସଭବନରେ ପରଲୋକ ଘଟିଛି । ଚିତ୍ରଶିଳ୍ପୀ ଭାବେ ସାରା ଓଡ଼ିଶାରେ ତାଙ୍କ ସୁନାମ ରହିଥିଲା । ରାଜ୍ୟର ବିଭିନ୍ନ ଜିଲ୍ଲାରେ ସେ ସମ୍ମାନିତ ହୋଇଛନ୍ତି । ସମାଜସେବା ତାଙ୍କ ବ୍ରତ ଥିଲା । ଜଣେ ପରୋପକାରୀ ତଥା ଧର୍ମପରାୟଣ ବ୍ୟକ୍ତି ଭାବେ ସେ ପରିଚିତ ଥିଲେ । ସାନ୍ଧ୍ୟ ମହାବିଦ୍ୟାଳୟ, ହାଟରୋଡ୍ ଲକ୍ଷ୍ମୀପୂଜା ଓ ହନୁମାନ ମନ୍ଦିର ଆଦି କରିବାରେ ତାଙ୍କର ଯଥେଷ୍ଟ ଭୂମିକା ରହିଥିଲା । ତାଙ୍କ ଦେହାନ୍ତରେ ଅଞ୍ଚଳରେ ଶୋକରେ ଛାୟା ଖେଳିଯାଇଛି । ସମାଜସେବୀ ଗଙ୍ଗାଧର ସାମଲ, ପୂର୍ବତନ ବିଧାୟକ ସୁଧୀର କୁମାର ସାମଲ, ସମାଜସେବୀ ଡାକ୍ତର ଅବିନାଶ ସାମଲ ପ୍ରମୁଖ ଗଭୀର ଶୋକ ପ୍ରକାଶ କରିଛନ୍ତି । ସୂଚନାଯୋଗ୍ୟ, ସ୍ୱର୍ଗତ ମହାପାତ୍ର ଜିଲ୍ଲା ବିଜେଡି ମହିଳା ଉପସଭାନେତ୍ରୀ ଟିନା ମହାପାତ୍ରଙ୍କ ବାପା ଅଟନ୍ତି ।

## ବାଟଗାଁରେ ଓଡ଼ିଶା କୃଷକ ସଭାର ବୈଠକ

ଢେଙ୍କାନାଳ,୧୦ ।୧୧(ସମିସ):



ଢେଙ୍କାନାଳ ଜିଲ୍ଲା କଙ୍କଡ଼ାହାଡ଼ ବ୍ଲକ ବାଟଗାଁ ସୁକୁମାର ବରାଳ ସ୍ମୃତି ପରିଷଦ ସଭାଗୃହରେ ଓଡ଼ିଶା କୃଷକ ସଭାର ଗୁରୁତ୍ୱପୂର୍ଣ୍ଣ ବୈଠକ ବରିଷ୍ଠ ଆଇନଜ୍ଞ ଦିଲୀପ କୁମାର ବରାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଛି । ଏଥିରେ ଅଞ୍ଚଳର ୫୦ରୁ ଅଧିକ ଚାଷୀ ଯୋଗଦେଇଥିଲେ । ବୈଠକରେ କୃଷକଙ୍କ ମୌଳିକ ସମସ୍ୟା ସମ୍ପର୍କରେ ବିସ୍ତୃତ ଆଲୋଚନା ହେବା ସହ ତା'ର ପ୍ରତିକାର ପାଇଁ କୃଷକ ସଭା ତରଫରୁ ଚାଷୀ ସଂଗଠନ ଗଢ଼ିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ଓଡ଼ିଶା କୃଷକ ସଭାର ରାଜ୍ୟ ସଭ୍ୟ ବଦ୍ରିନାରାୟଣ ଦାସ, ଢେଙ୍କାନାଳ ଜିଲ୍ଲା କୃଷକ ସଭାର ସଭାପତି ବିନୟ ସାହୁ, ସମ୍ପାଦକ ସରୋଜ ଶତପଥୀ ପ୍ରମୁଖ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ । ମୁଖ୍ୟବକ୍ତା ଭାବେ ପୂର୍ବତନ ସହକାରୀ ଉଦ୍ୟାନ କୃଷି ନିର୍ଦ୍ଦେଶକ ବିଜୟକୁମାର ସ୍ୱାଇଁ, ସର୍ବୋଦୟ ନେତା ପ୍ରଦୀପ କୁମାର ସାହୁ ଯୋଗଦେଇଥିଲେ । ଓଡ଼ିଶା କୃଷକ ସଭାର ଏକ ଅସ୍ଥାୟୀ କମିଟି ଗଢ଼ାଯାଇ ଆବାହକ ଭାବେ ଅକ୍ଷୟ କୁମାର ବରାଳଙ୍କୁ ଦାୟିତ୍ୱ ଦିଆଯାଇଛି । ପ୍ରାଣବନ୍ଧୁ ସିଂ, ଅରୁଣ କୁମାର ପରିଡ଼ା ଓ ପ୍ରଦ୍ୟୁମ୍ନ କୁମାର ବରାଳ ସଭ୍ୟ ଭାବେ ମନୋନୀତ ହୋଇଛନ୍ତି । ବୈଠକରେ ସ୍ଥାନୀୟ ଚାଷୀ ତ୍ରିଲୋଚନ ସାହୁ, ଯୁଗଳ କିଶୋର ସିଂ, ଗଦାଧର ନାୟକ, ତ୍ରିଲୋଚନ ସାହୁ, ପ୍ରାଣବନ୍ଧୁ ସିଂ, ବିପ୍ରବର ଦେହୁରୀ, ପ୍ରମୋଦ କୁମାର ସାହୁ, ଦିଲୀପ ସିଂ, ଶାନ୍ତନୁ ସିଂ, ଅରୁଣ ପରିଡ଼ା, ପ୍ରଦୀପ କୁମାର ବରାଳ ପ୍ରମୁଖ ଯୋଗଦେଇ କୃଷକ ସଭାର ସଦସ୍ୟତା ଗ୍ରହଣ କରିଥିଲେ ।

ଦିଲ୍ଲୀରେ ବିସ୍ଫୋରଣ

ସମ୍ବଲପୁରରେ ହାଇଆଲର୍ଟ

# ସମଲେଇ ମନ୍ଦିର, ହୀରାକୁଦ ବନ୍ଧର ସୁରକ୍ଷା ବଢ଼ିଲା





ଭୁବନେଶ୍ୱର, ୧୦।୧୧(ସମିସ)

ନୂଆଦିଲ୍ଲୀର ଲାଲକିଲାରେ କାର୍ ବିସ୍ଫୋରଣରେ ୮ ଜଣଙ୍କ ମୃତ୍ୟୁ ହେବାପରେ ଓଡ଼ିଶାର ବିଭିନ୍ନ ସ୍ଥାନରେ ହାଇଆଲର୍ଟ ଜାରି ହୋଇଛି। ବିଶେଷକରି ପୁରୀ ଓ ସମ୍ବଲପୁରକୁ ହାଇଆଲର୍ଟରେ ରଖାଯାଇଛି। ସେହିପରି ରାଜଧାନୀ ଭୁବନେଶ୍ୱର ସମେତ ପ୍ରାୟ ସବୁ ସହରରେ ସୁରକ୍ଷା ବ୍ୟବସ୍ଥାକୁ ବଢ଼ାଇ ଦିଆଯାଇଛି। ବନ୍ଦର ସହର ଗୋପାଳପୁର ଏବଂ ପାରାଦୀପରେ ମଧ୍ୟ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ସେହିପରି ରାଉରକେଲା, ସୁନ୍ଦରଗଡ଼, ବ୍ରହ୍ମପୁର ସମେତ ବିଭିନ୍ନ ଜିଲ୍ଲାରେ ସୁରକ୍ଷା ବ୍ୟବସ୍ଥାକୁ ବଢ଼ାଇ ଦିଆଯାଇଛି। ଜନଗହଳିପୂର୍ଣ୍ଣ ସ୍ଥାନଗୁଡ଼ିକରେ ସୁରକ୍ଷା ବ୍ୟବସ୍ଥା ବଢ଼ାଇବାକୁ ସମସ୍ତ ଜିଲ୍ଲାର ଏସ୍‌ପିମାନେ ଥାନା ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ସଂଧାରେ କମିସନରେଟ୍ ପୁଲିସ କାର୍ଯ୍ୟାଳୟରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବରିଷ୍ଠ ପୁଲିସ ଅଧିକାରୀମାନେ ସାମିଲ ହୋଇ ଆଲୋଚନା କରିଛନ୍ତି। ଗୁଇନ୍ଦା ବ୍ୟବସ୍ଥାକୁ ବଢ଼ାଇବା ସହ ଗୁରୁତ୍ୱପୂର୍ଣ୍ଣ ଛକଗୁଡ଼ିକରେ ଚେକିଂ, ବ୍ଲକିଂ କରିବାକୁ ନିଷ୍ପତ୍ତି ନିଆଯାଇଛି। ତଦନୁଯାୟୀ, ଭୁବନେଶ୍ୱରର ବିଭିନ୍ନ ଛକରେ ପୁଲିସ ପକ୍ଷରୁ କଡ଼ାକଡ଼ି ଚେକିଂ କରାଯାଉଛି। ଗା?ଗୁଡ଼ିକୁ ତନ୍ନତନ୍ନ କରି ଯାଞ୍ଚ କରାଯାଉଛି। ସେହିପରି ଭୁବନେଶ୍ୱର ବିମାନବନ୍ଦର, ରେଳଷ୍ଟେସନ୍, ପ୍ରବେଶପଥ ଓ ଜନଗହଳିପୂର୍ଣ୍ଣ ସ୍ଥାନରେ ସୁରକ୍ଷା ବ୍ୟବସ୍ଥାକୁ ବ?ାଯାଇଛି। ଥାନାସ୍ତରରେ ଏଥିପାଇଁ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଛି। ଏହି ଟିମ୍ ଗୋଟିଏ ହୋଟେଲରୁ ଅନ୍ୟ ହୋଟେଲକୁ ବୁଲିବୁଲି ଅତିଥିଙ୍କ ସମ୍ପର୍କରେ ତଥ୍ୟ ସଂଗ୍ରହ କରିବା ସହିତ ରୁମ୍ ଯାଞ୍ଚ କରୁଛି। ସମ୍ବଲପୁରର ସମଲେଇ ମନ୍ଦିର ଏବଂ ହୀରାକୁଦ ଡ୍ୟାମ୍‌ର ସୁରକ୍ଷା ବ୍ୟବସ୍ଥାକୁ ବଢ଼ାଇ ଦିଆଯାଇଛି। ଏହାସହ ରାଉରକେଲାର ବିଭିନ୍ନ ହୋଟେଲରେ ଯାଞ୍ଚ ପ୍ରକ୍ରିୟାକୁ କଡ଼ାକଡ଼ି କରାଯାଇଛି। ବର୍ଦ୍ଧିତ ସୁରକ୍ଷା ବ୍ୟବସ୍ଥା ଆଗାମୀ କିଛି ଦିନ ପର୍ଯ୍ୟନ୍ତ ଚାଲିବ ବୋଲି ଜଣେ ଅଧିକାରୀ ସୂଚନା ଦେଇଛନ୍ତି।

**ବଢ଼ିଲା ଚେକିଂ, ବ୍ଲକିଂ; ହୋଟେଲ ଯାଞ୍ଚକୁ ଗୁରୁତ୍ୱ**



ଧୁରୁରାପଡ଼ା ଛକ-କଚେରି ଛକ ଫ୍ଲାଏଓଭର ଉପରେ କାର୍ ଓ ମାଲବାହୀ ଅଟୋ ଧକ୍କା।

## ପ୍ରଭାବଶାଳୀ ଲୋକଙ୍କ ପାଇଁ ପାଇପ ଦିଗ ବଦଳିଥିବା ଅଭିଯୋଗ



**ସମ୍ବଲପୁର, ୧୦।୧୧(ସମିସ):** ପୂର୍ବରୁ ପାଣି ପାଇପ ଯିବ ବୋଲି ସମ୍ବଲପୁର ମହାନଗର ନିଗମ ପକ୍ଷରୁ ଚିହ୍ନ ଦିଆଯାଇଥିଲା। ସେହି ରାସ୍ତାରେ ଅନେକଙ୍କ ଘର ଭଙ୍ଗା ମଧ୍ୟ ଗଲା। କିନ୍ତୁ ପ୍ରଭାବଶାଳୀ ବ୍ୟକ୍ତିଙ୍କ ପାଇପର ଦିଗ ପରିବର୍ତ୍ତନ କରିଦିଆଗଲା। ଏପରି ବୁର୍ଲା ସହରରେ ଘଟିଯାଇଥିବା ଅଭିଯୋଗ ହୋଇଛି। ସୂଚନା ଅନୁସାରେ, ବୁର୍ଲା ସହରରେ ପାଣି ପାଇପ ମାଟିତଳେ ଯିବା ପାଇଁ କାର୍ଯ୍ୟ ଚାଲୁଛି। ପୂର୍ବରୁ ସର୍ଭେ କରି ଖନନ କାର୍ଯ୍ୟ ଲାଗି ଚିହ୍ନ ମଧ୍ୟ ଯାଇଥିଲା। ଏଥିରେ ଅନେକଙ୍କ ଘର ଦୋକାନର ସମ୍ମୁଖ ମଧ୍ୟ ଭଙ୍ଗା ଯାଇଥିଲା। ହେଲେ ବର୍ତ୍ତମାନ ଛକ ସମ୍ମୁଖରେ ଥିବା ଜଣକ ଜାଗାରେ ଏହି ପାଇପର ଦିଗ ପରିବର୍ତ୍ତନ କରାଯାଇଛି। ଯାହାକୁ ନେଇ ବୁର୍ଲା ସହରରେ ଚର୍ଚ୍ଚାର ବିଷୟ ସାଜିଛି। ପ୍ରଭାବଶାଳୀ ଲୋକଙ୍କ ପାଇଁ ପାଇପର ଦିଗ ପରିବର୍ତ୍ତନ କରାଗଲା ବୋଲି ଚର୍ଚ୍ଚା ହେଉଛି।

■ କାଲୁ ବାହାଦୂର ହତ୍ୟା ଘଟଣା

# ଆଉ ୩ ଗିରଫ, ୧୦ରେ ପହଞ୍ଚିଲା ଗିରଫଦାରୀ

**ସମ୍ବଲପୁର, ୧୦।୧୧ (ସମିସ) :** ଗତ ୩ ତାରିଖ ହୀରାକୁଦର କାଲୁ ଓରଫ୍ ଚିଣ୍ଟୁ ବାହାଦୂର ଦୁର୍ଗାମନ୍ଦିର ଛକ ପଟକୁ ଯାଉଥିବାବେଳେ ରାତି ପ୍ରାୟ ୧୦ଟା ସମୟରେ କେତେଜଣ ଦୁର୍ବୃତ୍ତ ବିଭିନ୍ନ ମାରଣାସ୍ତ୍ରରେ ଆକ୍ରମଣ କରି ତାଙ୍କୁ ହତ୍ୟା କରିଥିଲେ। ଏନେଇ ହୀରାକୁଦ ଥାନାରେ ମାମଲା ରୁଜୁ କରି ପୁଲିସ ତଦନ୍ତ କରିବାସହ ୫ ତାରିଖ ୭ ଜଣଙ୍କୁ ଗିରଫ କରିଥିଲା। ଏହି ମାମଲାରେ ଆଜି ପୁଲିସ ଆଉ ୩ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ପୁଲିସର ସୂଚନା ଅନୁଯାୟୀ, ଗତ ୩ ତାରିଖ ଘଟଣା ଘଟିବା ସମୟରେ ଅଭିଯୁକ୍ତ ସମୀର ବେହେରା ଆଉ ୩ ଜଣ ଅଭିଯୁକ୍ତଙ୍କ ସହ ବାରମ୍ବାର କଥାବାର୍ତ୍ତା କରି ମୃତକଙ୍କ ଗତିବିଧି ଉପରେ ଖବର ଦେଉଥିଲା। ଏନେଇ ପୁଲିସ ବୈଷୟିକ ତଦନ୍ତ କରିବାପରେ ହୀରାକୁଦ ଥାନା ଅନ୍ତର୍ଗତ ସବ୍‌ଷ୍ଟେସନ ପଡ଼ାର କ୍ରିସ୍ ବେହେରା (୨୦) ଓ ଓମ୍ ବେହେରା (୨୨) ଏବଂ ବନ୍ଧପଡ଼ାର ବିଶାଳ ମହାନନ୍ଦ (୨୦)କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନଙ୍କଠାରୁ ୩ଟି ମୋବାଇଲ ଜବତ କରାଯାଇଛି। ଗତ ୫ ତାରିଖ ହୀରକୁଦ ସବଷ୍ଟେସନ ପଡ଼ାରେ କାଲୁ ବାହାଦୂର ହତ୍ୟାକାଣ୍ଡ ଘଟଣାରେ



ପୁଲିସ ୭ ଜଣଙ୍କୁ ଗିରଫ କରିଥିଲା। ସେମାନେ ହେଲେ ହୀରାକୁଦ ଥାନା ଅନ୍ତର୍ଗତ ଝୁପଡ଼ିପଡ଼ାର ସନି ବେହେରା (୩୩), ପ୍ରତାପ ବେହେରା (୨୪), ସମୀର ବେହେରା (୨୧), କଦମପଡ଼ାର ଜୟନାରାୟଣ ମିଶ୍ର (୨୨), ରାଜ ବାରିକ ଓରଫ ଗୁଡ୍ଡୁ (୨୨), ବନ୍ଧପଡ଼ାର ଶ୍ରୀଧର ପ୍ରସାଦ (୨୫) ଓ ସାହିଲ ବେହେରା(୨୩)। ହତ୍ୟାରେ ବ୍ୟବହୃତ ଛୁରୀ, ଭୁଜାଲି, ଲୁହା ଭାଲା, ବେଟେନ, ପଥର, ଇଟା ଇତ୍ୟାଦି ମଧ୍ୟ ଜବତ କରିଥିଲା। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଏହି ହତ୍ୟାକାଣ୍ଡ ଘଟିଥିବା ପୁଲିସ କହିଛି। ହୀରାକୁଦରେ ଗତ ୨୦୧୯ ମସିହା ଅଗଷ୍ଟ ୧୫ ତାରିଖରେ ସନିର ଭାଇ ବଣ୍ଟି ବେହେରାକୁ ମୃତ କାଲୁ ହତ୍ୟା କରି ଜେଲ ଯାଇଥିଲା। କେସ ରଫାଦଫା କରିବା ପାଇଁ ଅଭିଯୋଗକାରୀ ସନିକୁ ବାରମ୍ବାର ଚାପ ମଧ୍ୟ ପକାଉଥିଲା। ତେଣୁ କାଲୁକୁ ରାସ୍ତାରୁ ହଟାଇବା ପାଇଁ ସନି ତା' ସହଯୋଗୀଙ୍କ ସହ ମିଶି ଯୋଜନାକରି ସଂଘବଦ୍ଧ ଭାବେ ଆକ୍ରମଣ କରିଥିବା ପୁଲିସ ସୂଚନା ଦେଇଛି। ମୃତକ କାଲୁ ବାହାଦୂର ନାମରେ ହତ୍ୟା, ହତ୍ୟା ଧମକ, ହତ୍ୟା ଉଦ୍ୟମ, ଅପହରଣ ଭଳି ପ୍ରାୟ ୨୫ଟି ମାମଲା ରହିଥିବାବେଳେ ଅଭିଯୁକ୍ତ ସନି, ଶ୍ରୀଧର, ସମୀର, ପ୍ରତାପ, ଜୟନାରାୟଣଙ୍କ ନାମରେ ଅପରାଧିକ ମାମଲା ରହିଛି।

## ବ୍ରହ୍ମାକୁମାରୀଜ୍ ପକ୍ଷରୁ ରାଷ୍ଟ୍ରୀୟ ଶିକ୍ଷା ସମ୍ମିଳନୀ

**ସମ୍ବଲପୁର, ୧୦।୧୧ (ସମିସ) :** ଶାସନସ୍ଥିତ ପାବନ ସରୋବରଠାରେ ରବିବାର ଶିକ୍ଷା ପ୍ରଭାଗ, ରାଜଯୋଗ ଏଜୁକେଶନ ଏଣ୍ଡ ରିସର୍ଚ୍ଚ ଫାଉଣ୍ଡେସନ, ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ, ସମ୍ବଲପୁର ଦ୍ୱାରା ରାଷ୍ଟ୍ରୀୟ ଶିକ୍ଷା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀରେ ବ୍ରହ୍ମାକୁମାରୀଜ୍ ସମ୍ବଲପୁର ସବ୍‌ଜୋନ୍ ଡାଇରେକ୍ଟର ପାର୍ବତୀ ଦିଦି, ଜାତୀୟ ସଂଯୋଜିକା, ଶିକ୍ଷା ପ୍ରଭାଗ, ମାଉଣ୍ଟଆବୁର ସୁମନ୍ ଦିଦି, ଯୋଜନା ସଂଯୋଜକ, ରାଜଯୋଗ, ଥଟ୍ ଲାବ୍, ଜୟପୁର ପ୍ରଫେସର ବି.କେ ମୁକେଶ ଯୋଗ ଦେଇଥିଲେ। ବିଶିଷ୍ଟ ଅତିଥି ଭାବେ ଆଇଆଇଏମ୍ ସମ୍ବଲପୁରର ଚିଫ୍ ଏଡମିନିଷ୍ଟ୍ରେଟିଭ ଅଫିସର୍ ଅମୃତ ଫାଲଗୁନି ମହାନ୍ତି ଏବଂ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର୍ ସୁଶାନ୍ତ କୁମାର ଦାସ ମଞ୍ଚାସୀନ ଥିଲେ। ବ୍ରହ୍ମାକୁମାରୀ ଜ୍ୟୋତି ଭଉଣୀ ପଶ୍ଚିମ ଓଡ଼ିଶାରୁ ଆସିଥିବା ଅଧକ୍ଷ, ଅଧାପକ, ଡିଇଓ, ବିଇଓ ଏବଂ ଶିକ୍ଷକ ସମୂହଙ୍କୁ ସ୍ୱାଗତ ଜଣାଇ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ସମ୍ବନ୍ଧରେ ସଂକ୍ଷିପ୍ତ ସୂଚନା ପ୍ରଦାନ କରିଥିଲେ। ଜ୍ୟୋତି ଭଉଣୀ ସମସ୍ତଙ୍କୁ ରାଜଯୋଗ କରାଇଥିଲେ। ଦୀପା ଭଉଣୀ କାର୍ଯ୍ୟକ୍ରମ ପରିଚାଳନା କରିଥଲେ। କୁମାରୀ ପ୍ରକୃତି ଇଂରାଜୀରେ ଶିକ୍ଷା ସମ୍ବନ୍ଧିତ ଏକ ସୁନ୍ଦର ବକ୍ତବ୍ୟ ପ୍ରଦାନ କଲେ। ଶିକ୍ଷା ସମ୍ମିଳନୀରେ ପ୍ରାୟ ୨୫୦ ଜଣ ଶିକ୍ଷକ ଶିକ୍ଷୟିତ୍ରୀ, ଅଧାପିକା ଅଧାପକ, ଶିକ୍ଷା ଅଧିକାରୀ ଯୋଗ ଦେଇଥିଲେ।

## ବାମରା ବ୍ଲକ ଜନଶୁଣାଣିରେ ୮୨ ଅଭିଯୋଗ

**ସମ୍ବଲପୁର, ୧୦।୧୧ (ସମିସ) :** ବାମରା ବ୍ଲକ କାର୍ଯ୍ୟାଳୟରେ ଆଜି ସମ୍ବଲପୁର ଜିଲ୍ଲାପାଳ ଏବଂ ସମ୍ବଲପୁର ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏଥିରେ ୬୮ଟି ବ୍ୟକ୍ତିଗତ, ୧୦ଟି ଗୋଷ୍ଠୀଗତ



ସମେତ ମୋଟ ୮୨ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ତନ୍ମଧ୍ୟରୁ ୩ଟି ଅଭିଯୋଗ ତୁରନ୍ତ ସେହିଠାରେ ସମାଧାନ କରାଯାଇଥିଲା। ଏହାସହ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠି (ସିଏମ୍‌ଆର୍‌ଏଫ୍)ର ୩ଟି ଆବେଦନ ଗ୍ରହଣ କରି ସମୁଦାୟ ୬୫ ହଜାର ଟଙ୍କା ଏବଂ ଗୋଟିଏ ରେଡକ୍ରସ ଆବେଦନ ଗ୍ରହଣ କରି ୧୦ ହଜାର ଟଙ୍କା ରାଶି ସହାୟତା ପ୍ରଦାନ କରାଯାଇଥିଲା। ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଓ ଆରକ୍ଷୀ ଅଧୀକ୍ଷକ ମୁକେଶ କୁମାର ଭାମୁଙ୍କ ସହ ଡେପୁଟି କଲେକ୍ଟର (ଅଭିଯୋଗ ପ୍ରକୋଷ୍ଠ) ରୋଜଲୀନା ତିର୍କୀ, କୁଚିଣ୍ଡା ଉପଜିଲ୍ଲାପାଳ ସର୍ବାନନ୍ଦ ସଏ, ପିଏ ଆଇଟିଡିଏ ହେମସାଗର ଭୋଇ, କୁଚିଣ୍ଡା ଏସଡିପିଓ ପ୍ରଦୀପ କୁମାର ଦାଶ, ବାମରା ବିଡିଓ ପୁଷ୍ପକ ପ୍ରଧାନ, ତହସିଲଦାର ସୁଜୟ ପଣ୍ଡା, ବ୍ଲକ ଅଧକ୍ଷା ପିଙ୍କି ଧୁରୁଆ, ଏସିଏଫ ବାମରା ରେଶମା ଲାକ୍ରାଙ୍କ ସମେତ ଜିଲ୍ଲାସ୍ତରୀୟ ଅଧିକାରୀ ଓ କର୍ମଚାରୀ ମାନେ ସାମିଲ ହୋଇଥିଲେ। ଦକ୍ଷିଣପୂର୍ବ ରେଳପଥ ଅନ୍ତର୍ଗତ ବାମରାରେ ଯାତାୟାତ ସୁବିଧା ପାଇଁ ଅଣ୍ଡରପାସ୍ ନିର୍ମାଣ, ବରିଷ୍ଠ ନାଗରିକଙ୍କ ପାଇଁ ବୃଦ୍ଧାଶ୍ରମ ପ୍ରତିଷ୍ଠା, ଧୁରୁଆପଡ଼ା ରାସ୍ତା ନିର୍ମାଣ, ବିଭିନ୍ନ ରାସ୍ତା ମରାମତି, ଜବରଦଖଲ ଜମି ଉଚ୍ଛେଦ, ଭତ୍ତା ଆଦି ଅଭିଯୋଗ ଆସିଥିଲା। ଏହାସହ ଗୋବିନ୍ଦପୁର ଆମ୍ବ ବଗିଚା, ମକର ମେଳଣ ପଡ଼ିଆ ଓ ଭୋଗରା ଜମିକୁ ହଡ଼ପ ଉଦ୍ୟମ ବିରୋଧରେ ଅଞ୍ଚଳବାସୀ ଜିଲ୍ଲାପାଳଙ୍କୁ ଅଭିଯୋଗ କରିଥିଲେ। ଏହି ଅବସରରେ ଜିଲ୍ଲାପାଳ ଓ ଏସ୍‌ପି ଦୁଇଜଣ ହିତାଧିକାରୀଙ୍କୁ ହ୍ୱିଲଚେୟାର ଓ ଦୁଇଜଣଙ୍କୁ ଟ୍ରାଇ-ସାଇକେଲ ପ୍ରଦାନ କରିଥିଲେ।

## ମିଳୁନି ଗ୍ୟାସ୍ ଚୁଲା ଓ ଟାଙ୍କି



**ସମ୍ବଲପୁର, ୧୦।୧୧ (ସମିସ) :** ପ୍ରାୟ ୬ ବର୍ଷ ହେଲାଣି ଭାରତ ସରକାରଙ୍କ ଉଜ୍ୱଳା ଯୋଜନାରେ ଅନ୍ତର୍ଭୁକ୍ତ ହୋଇଥିବାବେଳେ ଏଯାଏ ଗ୍ୟାସ୍ ଚୁଲା ଓ ଟାଙ୍କି ମିଳିନଥିବା ଆଜି ଜିଲ୍ଲାପାଳଙ୍କୁ ଅଭିଯୋଗ କରିଛନ୍ତି। ସମ୍ବଲପୁର ଜିଲ୍ଲା ଯୁଯୋମୁରା ବ୍ଲକ ଅନ୍ତର୍ଗତ ଗୁଡ଼େସିଂହା, ଖଲିଆପାଲି, ବଡ଼ସାହିର ଆଦି ଗ୍ରାମର ୫୦ରୁ ଅଧିକ ହିତାଧିକାରୀ ରହିଛନ୍ତି। ମହିଳାମାନଙ୍କ ଅଭିଯୋଗ ଅନୁଯାୟୀ, ୨୦୧୯ ମସିହାରୁ ସେମାନେ ଉଜ୍ୱଳା ଗ୍ୟାସ ଯୋଜନାରେ ଗ୍ୟାସ ପାଇବା ପାଇଁ ଫର୍ମ ପୂରଣ କରିଥିଲେ। ସେମାନଙ୍କୁ ଉଜ୍ୱଳା ଗ୍ୟାସ ଖାତା ମିଳିଛି। ହେଲେ, ସେମାନଙ୍କୁ ଗ୍ୟାସ ଚୁଲା ଓ ଟାଙ୍କି ଦେଉନାହାନ୍ତି। ସେମାନେ ବାରମ୍ବାର ବିତରକ ପାଖକୁ ଦୌଡ଼ିଦୌଡ଼ି ନୟାନ୍ତ ହେଲେଣି। ଏନେଇ ତଦନ୍ତ କରି ସେମାନଙ୍କୁ ଗ୍ୟାସ ଚୁଲା ଓ ଟାଙ୍କି ଯୋଗାଇଦେବାକୁ ସେମାନେ ଦାବି ଜଣାଇଛନ୍ତି। ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳ ଦାବିପତ୍ର ଗ୍ରହଣ କରିଥିଲେ।

ଟିପିଡବ୍ଲୁଓଡିଏଲ୍ ପକ୍ଷରୁ ବିଶେଷ ଅଭିଯୋଗ ପ୍ରତିବିଧାନ ପୀଠ

## ସମ୍ବଲପୁର, ଝାରସୁଗୁଡ଼ା ଓ ଦେବଗଡ଼ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଜିଆର୍‌ଏଫ୍ କ୍ୟାମ୍ପ

**ସମ୍ବଲପୁର, ୧୦।୧୧ (ସମିସ) :** ପଶ୍ଚିମ ଓଡ଼ିଶାର ବିଦ୍ୟୁତ୍ ବିତରଣ କମ୍ପାନୀ ଟିପି ୱେଷ୍ଟର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ (ଟିପିଡବ୍ଲୁଓଡିଏଲ୍) ପକ୍ଷରୁ ବିଦ୍ୟୁତ୍ ଉପଭୋକ୍ତାଙ୍କ ବିବାଦୀୟ ବିଦ୍ୟୁତ୍ ବିଲର ସଂଶୋଧନ ଲାଗି ସମ୍ବଲପୁର, ଝାରସୁଗୁଡ଼ା ଏବଂ ଦେବଗଡ଼ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଚଳିତ ନଭେମ୍ବର ମାସ ପାଇଁ ବିଶେଷ ଅଭିଯୋଗ ପ୍ରତିବିଧାନ ପୀଠ (ଜିଆର୍‌ଏଫ୍ କ୍ୟାମ୍ପ)ର ଆୟୋଜନ କରାଯାଉଛି। ଏହି ତିନି ଜିଲ୍ଲାର ବିଦ୍ୟୁତ୍ ଉପଭୋକ୍ତାମାନଙ୍କୁ ଧାର୍ଯ୍ୟ ତାରିଖ ଅନୁଯାୟୀ ନିଜ ନିଜ ଅଞ୍ଚଳରେ ଉପସ୍ଥିତ ରହି ବାକିଥିବା ନିଜର ବିବାଦୀୟ ବିଦ୍ୟୁତ୍ ବିଲକୁ ନେଇ ଅଭିଯୋଗ ପଞ୍ଜିକୃତ ତଥା ସମାଧାନ କରିପାରିବେ। ଏହି ବିଶେଷ ଅଭିଯୋଗ ପ୍ରତିବିଧାନ ପୀଠ ଟିପିଡବ୍ଲୁଡିଏଲର ବିଭିନ୍ନ ସେକ୍ସନ ଏବଂ ସବ୍-ଡିଭିଜନ୍ ଅଫିସ୍ ମାନଙ୍କରେ ଅନୁଷ୍ଠିତ ହେବ। ସମ୍ବଲପୁର ଜିଲ୍ଲାରେ ଆସନ୍ତାକାଲି ଜମନକିରାସ୍ଥିତ ସେକ୍ସନ କାର୍ଯ୍ୟାଳୟ ଏବଂ କୁଚିଣ୍ଡାସ୍ଥିତ ସବ-ଡିଭିଜନ୍ ଅଫିସଠାରେ ଏହି ଅଭିଯୋଗ ପ୍ରତିବିଧାନ ପୀଠର ହେବାକୁ ଯାଉଛି। ସେହିପରି ନଭେମ୍ବର ୧୮ ତାରିଖ ପରମାଣପୁର ଏବଂ ଲଇଡ଼ାସ୍ଥିତ ସେକ୍ସନ କାର୍ଯ୍ୟାଳୟରେ, ନଭେମ୍ବର ୧୯ ତାରିଖ ଧାମା ଏବଂ ସାହାସପୁରସ୍ଥିତ ସେକ୍ସନ କାର୍ଯ୍ୟାଳୟ, ନଭେମ୍ବର ୨୧ ତାରିଖ ଗୋଶାଳାସ୍ଥିତ ସେକ୍ସନ କାର୍ଯ୍ୟାଳୟ ଏବଂ କ୍ଷେତ୍ରରାଜପୁରସ୍ଥିତ ସବ-ଡିଭିଜନ୍ ଅଫିସଠାରେ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଉଛି। ସେହିପରି ଝାରସୁଗୁଡ଼ା ଜିଲ୍ଲା ପାଇଁ ଆସନ୍ତା ନଭେମ୍ବର ୨୦ ତାରିଖ ବ୍ରଜରାଜନଗର ଓ ବେଲପାହାଡ଼ସ୍ଥିତ ସବ-ଡିଭିଜନ୍ ଅଫିସଠାରେ ଏବଂ ନଭେମ୍ବର ୨୫ ତାରିଖ ଲଇକେରା ଓ ଆର.ଏନ୍ ପାଲି ସ୍ଥିତ ସେକ୍ସନ କାର୍ଯ୍ୟାଳୟଠାରେ ଏହି ବିଶେଷ ଅଭିଯୋଗ ପ୍ରତିବିଧାନ ପୀଠର ଆୟୋଜନ କରାଯାଉଛି। ସେହିପରି ଦେବଗଡ଼ ଜିଲ୍ଲା ପାଇଁ ନଭେମ୍ବର ୧୪ ଏବଂ ୧୫ ତାରିଖ ଯଥାକ୍ରମେ ତିଲେଇବଣିସ୍ଥିତ ସେକ୍ସନ କାର୍ଯ୍ୟାଳୟ ଏବଂ ଦେବଗଡ଼ ସହରସ୍ଥିତ ସବ-ଡିଭିଜନ ଅଫିସଠାରେ ଏହି ଅଭିଯୋଗ ପ୍ରତିବିଧାନ ପୀଠର ଆୟୋଜନ କରାଯାଉଛି। ତେଣୁ ଏହି ତିନି ଜିଲ୍ଲାର ସମସ୍ତ ବିଦ୍ୟୁତ୍ ଉପଭୋକ୍ତାମାନଙ୍କୁ ଧାର୍ଯ୍ୟ ତାରିଖରେ ନିଜ ନିଜ ଅଞ୍ଚଳରେ ଉପସ୍ଥିତ ରହି ବାକିଥିବା ନିଜର ବିବାଦୀୟ ବିଦ୍ୟୁତ୍ ବିଲକୁ ନେଇ ଅଭିଯୋଗ ପଞ୍ଜିକୃତ ତଥା ସମାଧାନ କରିପାରିବେ ବୋଲି ଟିପିଡବ୍ଲ୍ୟୁଓଡିଏଲ୍ ପକ୍ଷରୁ ଅନୁରୋଧ କରାଯାଇଛି।

## ରବୀନ୍ଦ୍ର ମଣ୍ଡପରେ ସମ୍ବଲପୁରୀ ନାଟକ 'ଶୁଆଶାରୀ କଥା'

**ସମ୍ବଲପୁର, ୧୦।୧୧ (ସମିସ) :** ସମ୍ବଲପୁରର ସାଂସ୍କୃତିକ ଅନୁଷ୍ଠାନ 'ଅଦୃଶ୍ୟ ନାଟ୍ୟ ଆଶ୍ରମ' ଦ୍ୱାରା ସମ୍ବଲପୁରୀ ନାଟକ 'ଶୁଆ ଶାରୀ କଥା' ରବିବାର ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଏବଂ ଓଡ଼ିଶା ନାଟ୍ୟ ସଂଘ ସଂଯୁକ୍ତ ଆୟୋଜନରେ ଭୁବନେଶ୍ୱରର ରବୀନ୍ଦ୍ର ମଣ୍ଡପରେ ପ୍ରଦର୍ଶିତ ହୋଇଯାଇଛି। ନାଟକର ରଚନା ଓ ନିର୍ଦ୍ଦେଶନା ଦେଇଥିଲେ ଡଃ ଅତୀଶ କୁମାର ଶତପଥୀ। ଦାମ୍ପତ୍ୟ ସମ୍ପର୍କର ସୂକ୍ଷ୍ମ ଦ୍ୱନ୍ଦ, ସମ୍ପର୍କରେ ପରସ୍ପର ବୁଝାବୁଝି, ପୁରୁଷ ପୁରୁଷାର୍ଥ ଓ ମହିଳା ସ୍ୱାଭିମାନ (ନାରୀବାଦ) ମଧ୍ୟରେ ଜନ୍ମ ନେଉଥିବା ବିରୋଧ ଓ ପରବର୍ତ୍ତୀ ସମୟରେ ସଚେତନତା ଦ୍ୱାରା ତାହାର ସମାଧାନ ଏହି ନାଟକର ମୁଖ୍ୟ ଆଧାର। ନାଟକରେ ଅଭିନୟ କରିଥିଲେ ନରେନ୍ଦ୍ର ବେହେରା, ପଙ୍କଜିନୀ ମେହେର, ସୁମିତ୍ରା ମହାକୁଡ଼, ସଂକେତ ପୁରୋହିତ, ରାହୁଲ ଗୁପ୍ତା ଓ ଅତୀଶ ଶତପଥୀ। ସଙ୍ଗୀତ ଦେଇଥିଲେ ଗିରିଜା ଶଙ୍କର ମିଶ୍ର। ଆଲୋକ ପରିକଳ୍ପନା କରିଥିଲେ ପ୍ଲାବନ ମିଶ୍ର, ମଞ୍ଚ-ସଜ୍ଜା କରିଥିଲେ ସାହିଲ ନାୟକ ଏବଂ ନାଟକ ପରିବେଷଣ ପାଇଁ ସହାୟତା କରିଥଲେ ଘନଶ୍ୟାମ ମେହେର, ପ୍ରୟାଗରାଜ ବେହେରା ଓ କାର୍ତ୍ତିକ ମେହେର। ମଞ୍ଚ ଉପସ୍ଥାପନ, ଗଭୀର ସନ୍ଦେଶ ଓ ସଂବେଦନଶୀଳ ଅଭିନୟ ପାଇଁ ଦର୍ଶକମାନେ ଏହି ନାଟକକୁ ପ୍ରଶଂସା କରିଛନ୍ତି।

BEST OFFER
SALE
Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.
9437015112

ଜାତୀୟସ୍ତରର ଫର୍ମୁଲା ଇମ୍ପେରିଆଲ୍ ପ୍ରତିଯୋଗିତା

## ଦ୍ୱିତୀୟ ସ୍ଥାନ ହାସଲ କଲା ଭିସୁଟ୍

**ସମ୍ବଲପୁର, ୧୦।୧୧ (ସମିସ) :** ବୁର୍ଲାସ୍ଥିତ ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ (ଭିସୁଟ୍)ର ସୋସାଇଟି ଅଫ୍ ଅଟୋମୋଟିଭ ଇଞ୍ଜିନିୟର୍ସ କ୍ଲବ ଅନ୍ତର୍ଗତ 'ଭିର୍‌ରେସେସ୍‌ର୍' ଇଲେକ୍ଟ୍ରିକ୍ ଟିମ୍ 'ଫର୍ମୁଲା ଇମ୍ପେରିଆଲ୍ ୨୦୨୫' ପ୍ରତିଯୋଗିତାରେ ଜାତୀୟସ୍ତରରେ ଦ୍ୱିତୀୟ ସ୍ଥାନ ଅଧିକାର କରିଆଉ ଏକ ମାଇଲଖୁଣ୍ଟ ସ୍ଥାପନ କରିଛି। ଏହି ପ୍ରତିଯୋଗିତା କୋଏମ୍ବାଟୁର୍‌ର ସିଓଏସ୍‌ପିଟି ହାଇ ପାରଫର୍ମେନ୍ସ ସେଣ୍ଟରଠାରେ ଅକ୍ଟୋବର ୩୦ ତାରିଖରୁ ନଭେମ୍ବର ୩ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହୋଇଥିଲା। ଏଥିରେ ଓଡ଼ିଶାରୁ ଏକମାତ୍ର ଦଳ ଭାବେ ଭିସୁଟ୍ ଅଂଶଗ୍ରହଣ କରିଥିଲା। ଅନ୍ୟ ସମସ୍ତ ଦଳ ବିଭିନ୍ନ ରାଜ୍ୟର ଶୀର୍ଷ ଇଞ୍ଜିନିୟରିଂ ମହାବିଦ୍ୟାଳୟରୁ ଆସିଥିଲେ। ତେଣୁ ଏଠାରେ ରେଙ୍କ ମିଳିବା କେବଳ ଗୋଟେ ସ୍ଥାନ ନୁହେଁ ବରଂ ପ୍ରତିଯୋଗିତାର ମାନଦଣ୍ଡରେ ଅସଲି ଦକ୍ଷତାର ପ୍ରମାଣ। ଭିସୁଟ୍ ଟିମ୍ ସଦସ୍ୟ ସଂଖ୍ୟା ୨୭ ଥିବାବେଳେ ଟିମ୍ ଦ୍ୱାରା ନିଜେ ଡିଜାଇନ୍ ଓ ତିଆରି କାର୍‌ର ନାଁ ଥିଲା 'ଏରେସ୍'। ଷ୍ଟାଟିକ୍ ଓ ଡାଏନାମିକ୍ ଡିଜାଇନ୍ ପ୍ରସ୍ତୁତି, କଷ୍ଟ ରିପୋର୍ଟ, ପ୍ରକଳ୍ପ ବ୍ୟବସ୍ଥାପନ, ମୂଲ୍ୟାଙ୍କନରେ ସ୍ପଷ୍ଟ ଓ ଯୁକ୍ତିସଂଗତ ପ୍ରଦର୍ଶନ କରାଯାଇଥିଲା। ଏକ୍ସେଲେରେସନ୍, ଅଟୋକ୍ରସ୍, ଏଣ୍ଡ୍ୟୁରାନ୍ସ ଓ ସ୍କିଡ୍ ପ୍ୟାଡ୍ ଭଳି ଚାଳନା ଆଧାରିତ ପରୀକ୍ଷାରେ କାର୍‌ର ସ୍ଥିରତା, ନିୟନ୍ତ୍ରଣ ଓ ଭାର ସମନ୍ୱୟ ସ୍ପଷ୍ଟ ହୋଇଥିଲା। ଏହି କାର୍ ଇଲେକ୍ଟ୍ରିକ୍ ବିଭାଗରେ ଅଲ୍‌ଇଣ୍ଡିଆ ଦ୍ୱିତୀୟ ସ୍ଥାନ ହାସଲ କରିବାସହ



ବିଜିନେସ୍ ପ୍ଲାନ୍ ପ୍ରସ୍ତୁତିରେ ରନର୍ସଅପ୍, ସବୁଠୁ ହାଲୁକା ଗାଡ଼ି ବର୍ଗରେ ବିଜେତା ଏବଂ ସର୍ବୋତ୍ତମ ମହିଳା ଅଂଶଗ୍ରହଣ ପାଇଁ ସମ୍ମାନ ହାସଲ କରିଥିଲା। ଏଥିରେ ଭିସୁଟ୍ ତୃତୀୟ ବର୍ଷ ଓ ଚତୁର୍ଥ ବର୍ଷର ମୁଖ୍ୟ ଅବଦାନ ରହିଥିଲା। ଆଦ୍ୟାଶା ଦେବ ଓ ଆମ୍ରିତାଂଶୁ ତ୍ରିପାଠୀ (ପ୍ରି-ଫାଇନାଲ୍ ଯାନ୍ତ୍ରିକ ବିଭାଗ) ବିଜିନେସ୍ ପ୍ରସ୍ତୁତି ଉପସ୍ଥାପନ କରି ଟିମ୍‌କୁ ରନର୍ସଅପ୍ ସ୍ଥାନ ଦେଇଥିଲେ। ଦର୍ଶନା ପୁହାଣ ସର୍ବୋତ୍ତମ ମହିଳା ଅଂଶଗ୍ରହଣ ସମ୍ମାନ ପାଇଥିଲେ। ଡଃ ଦେବାଶିଷ ତ୍ରିପାଠୀ (ଫ୍ୟାକଲ୍ଟି ଆଡ୍‌ଭାଇଜର୍), ଡଃ ତୃପ୍ତିରଞ୍ଜନ ମହାପାତ୍ର (ଭିପି), ଡଃ ପୁଣ୍ୟପ୍ରିୟା (ଅସିଷ୍ଟାଣ୍ଟ ଡିଏସ୍‌ଡବ୍ଲ୍ୟୁ), ପ୍ରଫେସର୍ ଆର୍.ଆର୍ ଦାଶ (ଡିଏସ୍‌ଡବ୍ଲ୍ୟୁ) ପ୍ରମୁଖ ଅଧ୍ୟାପକମାନେ ଟିମ୍‌କୁ ସଠିକ୍ ଦିଗଦର୍ଶନ କରି ଉତ୍ସାହିତ କରିଥିଲେ। ଟିମ୍ କ୍ୟାପଟେନ୍ ସାଇଶଙ୍କର ପଟ୍ଟନାୟକ କହିଥିଲେ, 'ଏରେସ୍' ଗାଡ଼ି ତିଆରି ସମସ୍ତଙ୍କ ମିଳିତ ଉଦ୍ୟମର ଫଳ। ଆମେ ଦିନକୁଦିନ ପରୀକ୍ଷା କରି ତ୍ରୁଟି କମାଇବା ସହ ପରିଣାମ ସ୍ପଷ୍ଟ ହେବା ପର୍ଯ୍ୟନ୍ତ କାର୍ଯ୍ୟ କରୁଥିଲୁ। ଏବେ ପରବର୍ତ୍ତୀ ବର୍ଷ ପାଇଁ ଲକ୍ଷ୍ୟ ସିଧା ପ୍ରଥମ ସ୍ଥାନ ବୋଲି ସେ କହିଛନ୍ତି।

କୁଞ୍ଜଲ ସିଂ ସ୍ମାରକୀ କବାଡ଼ି ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

# 'ୟଙ୍ଗ୍ ବଏଜ୍' ଆସୋସିଏସନ୍ ଦଳ ଚାମ୍ପିଅନ

ସମ୍ବଲପୁର, ୧୦।୧୧ (ସମିସ)

ୟଙ୍ଗ ବଏଜ୍ ଆସୋସିଏସନ୍ ଆନୁକୂଲ୍ୟରେ ତିନିଦିନିଆ ତୃତୀୟ କୁଞ୍ଜଲ ସିଂ ସ୍ମାରକୀ ଆନ୍ତଃ କ୍ଲବ କବାଡ଼ି ଟୁର୍ଣ୍ଣାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଶୁକ୍ରବାର ଆୟୋଜିତ ପଶ୍ଚିମ ଓଡ଼ିଶା ବାଳିକା କବାଡ଼ି ଟୁର୍ଣ୍ଣାମେଣ୍ଟରେ ୭ଟି ଦଳ ଭାଗ ନେଇଥିବାବେଳେ ୟଙ୍ଗ ବଏଜ୍ ଆସୋସିଏସନ୍ ବାଳିକା ଦଳ ଚଳିତବର୍ଷର ଚାମ୍ପିଅନ ହୋଇଥିଲା। ଏହାପରେ ଆନ୍ତଃ-କ୍ଲବ ବାଳକ କବାଡ଼ି ଟୁର୍ଣ୍ଣାମେଣ୍ଟର ଲିଗ୍ ମ୍ୟାଚ୍ ଆୟୋଜନ କରାଯାଇଥିଲା। ପ୍ରଥମ ସେମିଫାଇନାଲରେ ପାଟମେଶ୍ୱରୀ କ୍ଲବ ୫୫-୨୮ ପଏଣ୍ଟରେ ଅନାମିକା କ୍ଲବଠାରୁ ବିଜୟ ଲାଭ କରି ପ୍ରଥମଦଳ ଭାବେ ଫାଇନାଲରେ ପ୍ରବେଶ କରିଥିଲା। ସଂଘର୍ଷପୂର୍ଣ୍ଣ ଦ୍ୱିତୀୟ ସେମିଫାଇନାଲରେ



ୟଙ୍ଗ ବଏଜ୍ ଆସୋସିଏସନ୍ ବାଳକ ଦଳ ୩୭-୩୫ ପଏଣ୍ଟରେ ବିଜୟ ଲାଭ କରିଥିଲା। ଫାଇନାଲ ଖେଳ ପାଟମେଶ୍ୱରୀ କ୍ଲବ୍ ଏବଂ ୟଙ୍ଗ ବଏଜ୍ ଆସୋସିଏସନ୍ ବାଳକ ଦଳ ମଧ୍ୟରେ ହୋଇଥିଲା। ଏହି ସଂଘର୍ଷପୂର୍ଣ୍ଣ ମ୍ୟାଚ୍‌ରେ ୟଙ୍ଗ ବଏଜ୍ ଆସୋସିଏସନ୍ ବାଳକ ଦଳ ୩୫-୩୩ ପଏଣ୍ଟରେ ବିଜୟୀ ହୋଇ ଚଳିତବର୍ଷର ଚମ୍ପିଆନ ହୋଇଛି। ବେଷ୍ଟ ରେଡର୍ ସମୀର ପୁଟା, ବେଷ୍ଟ କ୍ୟାଚର୍ ଶୁଭମ ବାଗ, ମେନ୍ ଅଫ୍ ଦ ଟୁର୍ଣ୍ଣାମେଣ୍ଟ ଓମ୍ କାଲୋ ଓ ସୁପର୍ ରେଡର୍ ଭାବେ ଅମନ ସ୍ୱାଇଁ ପୁରସ୍କୃତ ହୋଇଛନ୍ତି। ଆୟୋଜକ ୟଙ୍ଗ ବଏଜ୍ ଆସୋସିଏସନ୍ ସଭାପତି ପ୍ରେମ ରଞ୍ଜନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଯାପନୀ ତଥା ପୁରସ୍କାର ବିତରଣୀ ସଭାରେ ଡା. ଶଙ୍କର ରାମଚନ୍ଦାନୀ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଜେତା ଓ ଉପବିଜେତା ଦଳକୁ ଟ୍ରଫି ଓ ନଗଦ ରାଶି ସହ ପୁରସ୍କୃତ କରିଥିଲେ। ରେଫରୀ ଭାବେ ଜଗବନ୍ଧୁ ବେହେରା, ଉମାପତି ତ୍ରିପାଠୀ, ରାଜେଶ ସେଠ, ଦିଲୀପ ସାହୁ, କାର୍ତ୍ତିକ ବାରିକ, ପ୍ରଶାନ୍ତ ସେଠ, ଭଜନ ତରିଆ, ଆନନ୍ଦ ପତି, ଗୀତା କଂସାରୀ, ସନ୍ତୋଷିନୀ ଭୂୟାଁ, ଇନ୍ଦ୍ରଜିତ ବାଗ, ଅବିନାଶ ମିତ୍ର, ରାସେଶ୍ୱରୀ ବାଗ, ସଙ୍ଗିତା ଓରାମ, ସୁବୀର ରାୟ ପ୍ରମୁଖ ଖେଳ ପରିଚାଳନାରେ ସହଯୋଗ କରିଥିଲେ।